# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ଅକ୍ଟୋବର ୧୧/୨୦୧୮ (୨୦ ପୃଷ୍ଠା+ ମନ୍‌ମିଜାଜ୍) Sambalpur, Thursday, October 11/ 2018 ★★

୧୪ଶ ଭାଗ ୨୯୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-




**ହରବିନ୍ଦର ଜିତିଲେ ସ୍ୱର୍ଣ୍ଣ**

ଜାକର୍ତ୍ତାଠାରେ ଚାଲିଥିବା ଏସିଆନ ପାରା ଗେମ୍ସରେ ଭାରତୀୟ ତୀରନ୍ଦାଜ ହରବିନ୍ଦର ସିଂ ବ୍ୟକ୍ତିଗତ ରିକର୍ଭ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି । ୧୬

୦୮ **ମୁଡ୍ ଅଫ୍ କରିଦେଉଛି ଗୋଟିଏ ପ୍ରଶ୍ନ**

ବଲିଉଡ୍ ଅଭିନେତ୍ରୀ କ୍ୟାଟ୍ରିନାଙ୍କ ମୁଡ୍ ଅଫ୍ କରିଦେଉଛି ଗୋଟିଏ ପ୍ରଶ୍ନ। ତାହା ହେଉଛି ତାଙ୍କ ମ୍ୟାରେଜ୍ ବିଷୟ।



# ଆଜି ସ୍ଥଳଭାଗ ଛୁଇଁବ ତିତ୍‌ଲି

ଭୁବନେଶ୍ୱର, ୧୦।୧୦(ବ୍ୟୁରୋ)

ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ଝଡ଼ 'ତିତ୍‌ଲି' ଅତି ଭୟଙ୍କର ହେବାରେ ଲାଗିଛି। ଘଣ୍ଟାକୁ ୧୮ କି.ମି. ବେଗରେ ସ୍ଥଳଭାଗ ଆଡ଼କୁ ମାଡିଆସୁଛି। ଆସନ୍ତା ୧୨ ଘଣ୍ଟା ମଧ୍ୟରେ ଏହା ଅତି ଭୟଙ୍କର ରୂପ ଧାରଣ କରିବ। ବୁଧବାର ରାତି ୯ଟା ସୁଦ୍ଧା ଝଡ଼ ଗୋପାଳପୁରଠାରୁ ଦକ୍ଷିଣ-ଦକ୍ଷିଣ ପୂର୍ବ ଦିଗରେ ୧୬୦ କିଲୋମିଟର ଦୂରରେ କେନ୍ଦ୍ରୀଭୂତ ହୋଇଥିଲା। ଏହା ଉତ୍ତର-ଉତ୍ତର ପଶ୍ଚିମ ଦିଗ ଦେଇ ଗତିକରୁଛି। ଗୁରୁବାର ସକାଳ ୫ଟାରୁ ୮ଟା ମଧ୍ୟରେ ଏହା ଗୋପାଳପୁର ଓ କଳିଙ୍ଗପଟନମ୍ ମଧ୍ୟଦେଇ ସ୍ଥଳଭାଗ ଅତିକ୍ରମ କରିବ। ଏହି ସମୟରେ ଝଡ଼ର ବେଗ ଘଣ୍ଟାପ୍ରତି ୧୫୦ରୁ ୧୬୫ କି.ମି. ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଝଡ଼ ପ୍ରଭାବରେ ଗଞ୍ଜାମ, ଗଜପତି, ପୁରୀ, ଖୋର୍ଦ୍ଧା, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଭଦ୍ରକ, ବାଲେଶ୍ୱର ଜିଲା ଅତିମାତ୍ରାରେ ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଏହିସବୁ ଜିଲାରେ ୨୦୦ ମିଲିମିଟରରୁ ଅଧିକ ବର୍ଷା ହେବ ବୋଲି ସତର୍କ କରାଯାଇଛି। ଏହାଛଡା ୧୧ ତାରିଖରେ ଗଜପତି, ଗଞ୍ଜାମ, ପୁରୀ, ରାୟଗଡା, ☞ପୃଷ୍ଠା-୪



- ଘଣ୍ଟାକୁ ବହିବ ୧୬୫ କି.ମି.
- ୧ ମିଟର ଲହଡି ଉଠିବ
- ସଚିବାଳୟରେ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା
- ଖାଲୁଆ ଅଞ୍ଚଳରୁ ଲୋକଙ୍କୁ ସ୍ଥାନାନ୍ତର
- ୫ ଜିଲାରେ ୧୮ ଓଡ୍ରାଫ,ଏନ୍‌ଡିଆର୍‌ଏଫ୍ ଟିମ୍ ମୁତୟନ
- ଉଦ୍ଧାର ପାଇଁ ସେନାର ସହାୟତା ନିଆଯିବ
- ଋଷିକୁଲ୍ୟା ଓ ବଂଶଧାରାରେ ବନ୍ୟା ଆଶଙ୍କା

## ଟ୍ରେନ ସମୟରେ ପରିବର୍ତ୍ତନ

ତିତ୍‌ଲିକୁ ନଜରରେ ରଖି ପୂର୍ବତଟ ରେଳପଥ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ପଦକ୍ଷେପ ଅନ୍ତର୍ଗତ କେତେକ ଟ୍ରେନକୁ ବାତିଲ କରାଯାଇଥିବା ବେଳେ କେତେକର ସମୟ ପରିବର୍ତ୍ତନ, ଆଉ କିଛିକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଥିବା ପୂର୍ବତଟ ରେଳପଥ ପକ୍ଷରୁ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ବୁଧବାର ସନ୍ଧ୍ୟା ୧୦ଟା ପରଠାରୁ ଖୋର୍ଦ୍ଧାରୋଡ ଏବଂ ବିଜୟନଗରମ ମଧ୍ୟରେ ଟ୍ରେନ ଚଳାଚଳକୁ ବାତିଲ୍ କରାଯାଇଛି। ୨୪ ଘଣ୍ଟା ମଧ୍ୟରେ ସ୍ଥିତି ଅନୁଧ୍ୟାନ କଲା ପରେ ପରବର୍ତ୍ତୀ ପଦକ୍ଷେପ କ'ଣ ହେବ ସେ ନେଇ କର୍ତ୍ତୃପକ୍ଷ ନିଷ୍ପତ୍ତି ନେବେ ବୋଲି ରେଲୱେ ପକ୍ଷରୁ ସୂଚନା ରହିଛି। ହାଓଡା ଏବଂ ଖଡଗପୁର ଆଡୁ ଦକ୍ଷିଣ ଭାଗକୁ ☞ପୃଷ୍ଠା-୪



**ଆପଣଙ୍କ ଏହି କପି ସହିତ ପାଇବେ ମନ ମିଜାଜ**

**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**

**ଆଜିର ସମ୍ପାଦକୀୟ**

ହର୍ମୋନ୍ -ପ୍ରଯୁକ୍ତ ମାଂସ

**ଆଜିର ମନ୍ତବ୍ୟ**

ମୁଁ ରାଜନୀତିରେ ଯୋଗଦେଲେ ତୃତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଯିବ ।

-ଇନ୍ଦ୍ରା ନୁୟି, ପୂର୍ବତନ ସିଇଓ, ପେପ୍‌ସିକୋ

**କିଛି ତଥ୍ୟ**

ଗତ ବର୍ଷ ତୁଳନାରେ ଚଳିତ ବର୍ଷର ୯ ମାସ ମଧ୍ୟରେ ସୁନା ଆମଦାନୀ ୧୫% ହ୍ରାସ ଘଟି ୫୫୨.୮ ଟନ୍ ରହିଛି।

**- ସର୍ବଭାରତୀୟ ସୁନା ଏବଂ ରତ୍ନପଥର ବାଣିଜ୍ୟ ମହାସଂଘ**

# ୨ଜି ଇଥାନଲ ଜୈବ ବିଶୋଧନାଗାର ଶିଳାନ୍ୟାସ

**ଚାଷୀଙ୍କ ପାଇଁ ଇଥାନଲ ପ୍ରକଳ୍ପ ସମର୍ପିତ: ରାଜ୍ୟପାଳ**



ରାଜ୍ୟପାଳ ଗଣେଶୀ ଲାଲ୍ ୨ଜି ଇଥାନଲ ଜୈବ ବିଶୋଧନାଗାରର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି । ପାଖରେ ଅଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ ।

ବରଗଡ଼ ଅଫିସ,୧୦।୧୦

୨ଜି ଇଥାନଲ ଜୈବ ବିଶୋଧନାଗାର ପ୍ରକଳ୍ପ ଚାଷୀଙ୍କ ପାଇଁ ସମର୍ପିତ। ଏହି ପ୍ରକଳ୍ପ ଅଞ୍ଚଳବାସୀଙ୍କ ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେବ। ବୁଧବାର ବରଗଡ଼ ଜିଲା ଭଟଲି ତହସିଲ ଅନ୍ତର୍ଗତ ବାଉଲସିଂହାଠାରେ ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍ (ବିପିସିଏଲ)ର ୨ଜି ଇଥାନଲ ଜୈବ ବିଶୋଧନାଗାର ଭିତ୍ତିପ୍ରସ୍ତର ସ୍ଥାପନ କରି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଏହା କହିଛନ୍ତି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେଇ କହିଲେ, ଉକ୍ତ ପ୍ରକଳ୍ପ ପାଇଁ ୧ହଜାର କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଚାଷରୁ ବାହାରୁଥିବା ନଡ଼ା, ବର୍ଜ୍ୟବସ୍ତୁରୁ ଇଥାନଲ ପ୍ରସ୍ତୁତ ହେବ। ଦେଶରେ ହେବାକୁ ଥିବା ଏଭଳି ୧୨ଟି ପ୍ରକଳ୍ପ ମଧ୍ୟରୁ ଏହା ଗୋଟିଏ। ବରଗଡ଼ ଜିଲାରେ ଏପରି ଆଉ ୫ଟି ପ୍ରକଳ୍ପ ହେବାର ଅଛି ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଥିଲେ। ବରଗଡ଼ ଏମ୍‌ପି ଡ. ପ୍ରଭାସ ସିଂ ଉକ୍ତ ପ୍ରକଳ୍ପରେ ସ୍ଥାନୀୟ ନିଯୁକ୍ତି, ପାରିପାର୍ଶ୍ୱିକ ଉନ୍ନତି ଉପରେ ଗୁରୁତ୍ୱାରୋପ କରିଥିଲେ। ବରଗଡ଼-ନୂଆପଡ଼ା ରେଳପଥ ନିର୍ମାଣ କରିବାକୁ ସେ ଦାବି ଉପସ୍ଥାପନ କରିଥିଲେ। ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ଇଥାନଲ ପ୍ରକଳ୍ପ ଏଠାକାର ଅର୍ଥନୀତିକୁ ସୁଦୃଢ଼ କରିବ ବୋଲି ମତପ୍ରକାଶ କରି ରାଜନୈତିକ ଚଷମା ହଟାଇ ବିକାଶ ☞ପୃଷ୍ଠା-୭

## ଛାତ୍ର ସଂସଦ ନିର୍ବାଚନ ବାତିଲ

- ୨ ଦିନ ସମସ୍ତ ସ୍କୁଲ, କଲେଜ ବନ୍ଦ

'ତିତ୍‌ଲି' ଯୋଗୁ ରାଜ୍ୟରେ ଗୁରୁବାର ହେବାକୁ ଥିବା ଛାତ୍ର ସଂସଦ ନିର୍ବାଚନକୁ ବାତିଲ କରାଯାଇଛି। ତିତ୍‌ଲିକୁ କିପରି ମୁକାବିଲା କରାଯିବ ସେନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବୁଧବାର ପୂର୍ବାହ୍ନ ୧୧ଟା ୪୫ରେ ସଚିବାଳୟରେ ଏକ ସମୀକ୍ଷା ବୈଠକ ବସିଥିଲା। ବାତ୍ୟା ପ୍ରଭାବରୁ ଛାତ୍ରୀଛାତ୍ରଙ୍କୁ ସୁରକ୍ଷିତ ରଖିବା ପାଇଁ ସରକାର ୧୧ ଏବଂ ୧୨ ତାରିଖରେ ରାଜ୍ୟର ସମସ୍ତ ଅଙ୍ଗନୱାଡି କେନ୍ଦ୍ର, ସ୍କୁଲ ଏବଂ କଲେଜକୁ ଛୁଟି ଘୋଷଣା କରିଛନ୍ତି। ☞ପୃଷ୍ଠା-୪

## ୫ ବିମାନ ବାତିଲ କଲା ଇଣ୍ଡିଗୋ

ଭୁବନେଶ୍ୱର ଓ ବିଶାଖାପାଟଣାରେ ଖରାପ ପାଗକୁ ଦୃଷ୍ଟିରେ ରଖି ଆସନ୍ତା ଗୁରୁବାର ଇଣ୍ଡିଗୋ ଏୟାରଲାଇନ୍ସ ଏହାର ୫ଟି ବିମାନର ଉଡ଼ାଣକୁ ବାତିଲ କରିଛି। ସେଗୁଡ଼ିକ ହେଲା ଭୁବନେଶ୍ୱର-ଦିଲ୍ଲୀ ୬ଇ୨୧୨୭, ଭୁବନେଶ୍ୱର-ଦିଲ୍ଲୀ ୬ଇ୨୪୮୯(ସମୟ ସକାଳ ୫ଟା ୧୫), ଭୁବନେଶ୍ୱର-କୋଲକାତା ୬ଇ୭୦୭ (ସକାଳ ୫ଟା ୨୫), ଭୁବନେଶ୍ୱର-ବେଙ୍ଗାଲୁରୁ ୬ଇ୧୫୭(ସକାଳ ୬ଟା ୪୦) ଓ ଭୁବନେଶ୍ୱର-ମୁମ୍ବାଇ ☞ପୃଷ୍ଠା-୪






## ପରିବାରର ୪ ସଦସ୍ୟଙ୍କୁ ଏସିଡ୍ ମାଡ଼

- ରାତିରେ ଶୋଇଥିବା ବେଳେ ଏସିଡ୍ ପକାଇଲେ ଦୁର୍ବୃତ୍ତ
- ବାପା ଗୁରୁତର, ମା' ଓ ୨ଝିଅ ଆହତ

ମହାକାଳପଡ଼ା/ମାର୍ଶାଘାଇ, ୧୦।୧୦ (ଡି.ଏନ୍.ଏ.)

ମହାକାଳପଡ଼ା ବ୍ଲକ ପାଟଳିପଙ୍କ ଗ୍ରାମର ହିମାଂଶୁ ବାରିକ(୩୦)ଙ୍କ ପରିବାରର ୪ ସଦସ୍ୟଙ୍କ ଉପରେ ମଙ୍ଗଳବାର ରାତିରେ ଏସିଡ୍ ମାଡ଼ କରାଯାଇଛି। ଏଥିରେ ହିମାଂଶୁ ଗୁରୁତର ହୋଇଥିବା ବେଳେ ତାଙ୍କ ଗର୍ଭବତୀ ସ୍ତ୍ରୀ ମିନତି(୨୮), ୨ ଝିଅ ଶାଳିନୀ(୭) ଓ ସୋନାଲି(୨) ଆହତ ହୋଇଛନ୍ତି। ସେମାନଙ୍କୁ କଟକସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପ୍ରକାଶ ଯେ, ମଙ୍ଗଳବାର ରାତିରେ ହିମାଂଶୁ, ତାଙ୍କ ସ୍ତ୍ରୀ ଓ ୨ ଝିଅ ଘରେ ଶୋଇଥିବା ବେଳେ କେହି ଦୁର୍ବୃତ୍ତ ଏକ ମଦ ବୋତଲରେ ଝରକା ☞ପୃଷ୍ଠା-୪


NECC NATIONAL EGG CO-ORDINATION COMMITTEE 10.10.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 59 | 105 | 115 |
| CTC | 60 | 106 | 116 |
| DKL | 60 | 106 | 116 |
| BDK | 62 | 109 | 119 |
| BLS | 64 | 111 | 121 |
| ANG | 62 | 109 | 119 |

*Conditions Apply

Eggs Retail Price- 45/-Dozen
Issued in the Interest of Consumers







ସବୁ ଧର୍ମ ସମାନ। ଯେ ଯାହା ଧର୍ମରେ ଥାଇ ବ୍ୟାକୁଳ ଭାବେ ଈଶ୍ୱରଙ୍କୁ ଡାକିଲେ ସେ ନିଶ୍ଚୟ ମନୋବାଞ୍ଛା ପୂର୍ଣ୍ଣ କରିବେ। ଭଗବାନ ଶିଶୁ ପରି ସରଳ, କୌଣସି କପଟ ମନରେ ଥିଲେ ତାଙ୍କୁ ପାଇବା ଅସମ୍ଭବ।

- ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ଭିଜିଲାନ୍ସ ଜାଲରେ ଫାଣ୍ଡି ଅଧିକାରୀ



**ବାରିପଦା ଅଫିସ,୧୦।୧୦:** ଲାଞ୍ଚ ନେବା ଅଭିଯୋଗରେ ୫ ଦିନ ପୂର୍ବରୁ ମୟୂରଭଞ୍ଜ ଜିଲାର ୨ ପୋଲିସ ଅଧିକାରୀ ଗିରଫ ହୋଇଥିବା ବେଳେ ବୁଧବାର ପୁଣି ଜଣେ ଫାଣ୍ଡି ଅଧିକାରୀ ଗିରଫ ହୋଇଛନ୍ତି। ଜଣେ ପୋଖରୀ ଲିଜ୍‌ଧାରୀଙ୍କଠାରୁ ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ବେତନଟୀ ଥାନା ଅନ୍ତର୍ଗତ ବଡ଼ଜାମବଣି ଫାଣ୍ଡି ଏଏସଆଇ ସନ୍ତୋଷ କୁମାର ବାରିକ ଭିଜିଲାନ୍ସ ଜାଲରେ ପଡିଛନ୍ତି। ମୋରଡ଼ା ବ୍ଲକର ଡାକୋଇ ଅମରନାମା ଗ୍ରାମର କାନ୍ଦ୍ରା ମୁର୍ମୁ ଭାଲିଆଡ଼ିହା ଗ୍ରାମପଞ୍ଚାୟତର ଛାଡ଼କୋଟା ପୋଖରୀକୁ ଲିଜ୍ ସୂତ୍ରରେ ନେଇ ମାଛ ଚାଷ କରିଥିଲେ। କାନ୍ଦ୍ରାଙ୍କୁ ଉକ୍ତ ପୋଖରୀରେ ମାଛ ଚାଷ କରାଇ ନ ଦେବା ଉଦ୍ଦେଶ୍ୟରେ ସ୍ଥାନୀୟ କେତେକ ବ୍ୟକ୍ତି ତାଙ୍କୁ ଆକ୍ରମଣ କରିଥିଲେ। ଏନେଇ କାନ୍ଦ୍ରା ବଡ଼ଜାମବଣି ଫାଣ୍ଡିରେ ଅଭିଯୋଗ କରିଥିଲେ। ଏହି ମାମଲାକୁ ଫାଣ୍ଡି ଅଧିକାରୀ ଏଏସଆଇ ସନ୍ତୋଷ ବାରିକ ରଫାଦଫା କରାଇଦେବା ସହ କାନ୍ଦ୍ରାଙ୍କୁ ସୁରକ୍ଷା ଦେବାକୁ ୫ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ କାନ୍ଦ୍ରା ଭିଜିଲାନ୍ସ ଦ୍ୱାରସ୍ଥ ହୋଇଥିଲେ। ଭିଜିଲାନ୍ସ ବିଭାଗ ବୁଧବାର ଅପରାହ୍ନରେ ଚଢାଉ କରି ଲାଞ୍ଚ ନେଉଥିବା ବେଳେ ସନ୍ତୋଷଙ୍କୁ ଗିରଫ କରିଥିଲା। ଭିଜିଲାନ୍ସ ଡିଏସପି ଶରତ କୁମାର ମହାନ୍ତଙ୍କ ନିର୍ଦ୍ଦେଶରେ ଏହି ଚଢାଉ ହୋଇଥିବା ବେଳେ ଏକ ମାମଲା (ନଂ ୪୪/୧୮) ରୁଜୁ ହୋଇଛି।

# ଏକ୍ସପ୍ରେସ୍ ଲାଇନଚ୍ୟୁତ: ୭ ମୃତ

**ଲକ୍ଷ୍ମୌ/ନୂଆଦିଲ୍ଲୀ,୧୦।୧୦(ପି.ଟି.)**



### ୟୁପିରେ ପୁଣି ଟ୍ରେନ୍ ଦୁର୍ଘଟଣା

- ଆହତ ଯାତ୍ରୀଙ୍କ ମଧ୍ୟରୁ ୯ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ
- ଶୋକବ୍ୟକ୍ତ କଲେ ପ୍ରଧାନମନ୍ତ୍ରୀ
- କ୍ଷତିପୂରଣ ରାଶି ଘୋଷଣା କଲେ ପୀୟୂଷ, ଯୋଗୀ

ଉତ୍ତରପ୍ରଦେଶ (ୟୁପି)ରେ ପୁଣି ଏକ ଯାତ୍ରୀବାହୀ ଟ୍ରେନ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ବୁଧବାର ନୂଆଦିଲ୍ଲୀ ଅଭିମୁଖେ ଯାତ୍ରା କରୁଥିବା ନ୍ୟୁ ଫରାକ୍କା ଏକ୍ସପ୍ରେସ୍‌ର ୯ ବଗି ଓ ଇଞ୍ଜିନ ରାଏବରେଲୀ ନିକଟରେ ଲାଇନ୍‌ଚ୍ୟୁତ ହୋଇଯାଇଛି। ଏହିଘଟଣାରେ ୭ ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୯ ଜଣ ଗୁରୁତର ଆହତ ହୋଇଛନ୍ତି। ୩୦ରୁ ୩୫ ଜଣ ମଧ୍ୟ ସାମାନ୍ୟ ଆହତ ହୋଇଥିବା ପୋଲିସ ସୂଚନା ଦେଇଛି।

ପଶ୍ଚିମବଙ୍ଗର ମାଲ୍‌ଦାରୁ ନୂଆଦିଲ୍ଲୀ ମୁହାଁ ଯାତ୍ରା କରୁଥିଲା ନ୍ୟୁ ଫରାକ୍କା ଏକ୍ସପ୍ରେସ୍ (୧୪୦୦୩)। ରାଏବରେଲୀ ଜିଲାର ହରଚାନ୍ଦପୁର ଦେଇ ଏହା ଅତିକ୍ରମ କରୁଥିବାବେଳେ ସକାଳ ୬ଟାରେ ଦୁର୍ଘଟଣା ଘଟିଥିଲା ବୋଲି ଉତ୍ତରପ୍ରଦେଶ ଏଡିଜି (ଆଇନଶୃଙ୍ଖଳା) ଆନନ୍ଦ କୁମାର ସୂଚନା ଦେଇଛନ୍ତି। ଆହତଙ୍କ ମଧ୍ୟରେ ଅଧିକାଂଶ ମହିଳା ଓ ଶିଶୁ ଅଛନ୍ତି। ଲକ୍ଷ୍ମୌର ହସ୍ପିଟାଲଗୁଡ଼ିକରେ ଗୁରୁତର ଆହତ ହୋଇଥିବା ବ୍ୟକ୍ତିଙ୍କୁ ଭର୍ତ୍ତି କରାଯାଇଛି। ଅନ୍ୟ ଆହତଙ୍କୁ ରାଏବରେଲୀ ହସ୍ପିଟାଲ ନିଆଯାଇଛି। ଦୁର୍ଘଟଣା ପରେ ଫସିରହିଥିବା ଯାତ୍ରୀଙ୍କୁ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଇବା ଲାଗି ସ୍ୱତନ୍ତ୍ର ଟ୍ରେନର ବ୍ୟବସ୍ଥା କରାଯାଇଥିଲା। ୧,୩୬୯ ଯାତ୍ରୀଙ୍କୁ ନେଇ ଅପରାହ୍ନ ୨ଟା ୪୫ରେ ତାହା ନୂଆଦିଲ୍ଲୀ ଅଭିମୁଖେ ଯାତ୍ରା କରିଥିଲା। ତେବେ ରେଳ ସୁରକ୍ଷା ବିଭାଗର ମୁଖ୍ୟ କମିଶନର ଶୈଳେଶ ପାଠକ ଦୁର୍ଘଟଣା ସମ୍ପର୍କରେ ତଦନ୍ତ କରିବେ ବୋଲି ଜଣାପଡ଼ିଛି। ତେବେ ମୃତାହତଙ୍କ ସଂଖ୍ୟା ବିଷୟରେ ରେଳୱେ ବିଭାଗ ପକ୍ଷରୁ ପୃଥକ୍ ସୂଚନ ମିଳିଛି। ଏହି ଦୁର୍ଘଟଣାରେ ୫ ଜଣଙ୍କ ମୃତ୍ୟୁ ହେବା ସହ ୧୯ ଜଣ ଆହତ ହୋଇଥିବା ରେଲୱେ ଅଧିକାର କହିଛନ୍ତି।

ସଦ୍ୟ ଟ୍ରେନ୍ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରିଛନ୍ତି। ୟୁପି ସରକାର, ରେଲୱେ ଅଧିକାରୀ ଓ ଏନ୍‌ଡିଆର୍‌ଏଫ୍ ଟିମ୍ ଦୁର୍ଘଟଣାସ୍ଥଳରେ ପହଞ୍ଚି ସମସ୍ତ ସହାୟତା ଯୋଗାଇଦେଇଥିବା ମୋଦି ଟୁଇଟ୍ କରିଛନ୍ତି। ସେହିପରି ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ରେଳମନ୍ତ୍ରୀ ପୀୟୂଷ ଗୋଏଲ କହିଛନ୍ତି। ଆହତଙ୍କୁ ୧ ଲକ୍ଷ ଏବଂ ସାମାନ୍ୟ ଆହତଙ୍କୁ ୫୦ ହଜାର ଟଙ୍କା ଲେଖାଏ ଅନୁକମ୍ପା ରାଶି ଦିଆଯିବ। ଅନ୍ୟପଟେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ ମୃତକଙ୍କ ଆତ୍ମୀସ୍ୱଜନଙ୍କୁ ୨ ଲକ୍ଷ ଏବଂ ଆହତଙ୍କୁ ୫୦,୦୦୦ ଟଙ୍କା ଲେଖାଏ ପ୍ରଦାନ କରିବେ ବୋଲି ଘୋଷଣା କରିଛନ୍ତି। କ୍ୟାବିନେଟ ବୈଠକରେ ମୁଖ୍ୟମନ୍ତ୍ରୀ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି।

### ପୁରୀ ଷ୍ଟେଶନରେ ଦୁର୍ଘଟଣା

## ଗରିବ ରଥର ୪ ବଗି ଲାଇନଚ୍ୟୁତ

**ପୁରୀ ଅଫିସ,୧୦।୧୦:** ପୁରୀ ରେଳ ଷ୍ଟେଶନ ୱାଶିଂ ଲାଇନ୍‌ରେ ବୁଧବାର ଦୁର୍ଘଟଣା ଘଟିଛି। ପୁରୀ–ହାଓଡା ଗରିବ ରଥ ଧୁଆ ହେବା ପାଇଁ ପ୍ଲାଟଫର୍ମରୁ ୱାଶିଂ ଲାଇନକୁ ଯାଇଥିଲା। ମଧ୍ୟାହ୍ନ ପ୍ରାୟ ୧୨ଟା ବେଳେ ଏହି ଟ୍ରେନର ୪ଟି ଏସି ବଗି ଲାଇନଚ୍ୟୁତ ହୋଇଛି। ଏହି ବଗିଗୁଡ଼ିକ ହେଲା ଜି–୧୨, ଜି–୧୩, ଜି–୧୪ ଓ ଜି–୧୫। ଟ୍ରାକ୍ ବାହାରକୁ ଦୁଇଟି ବଗି ପଳାଇଯାଇ ଅଣେଇ ହୋଇ ରହିଛି। ଏହି ସମୟରେ ଟ୍ରେନରେ ଯାତ୍ରୀ ନଥିଲେ। ବୁଧବାର ଉତ୍ତରପ୍ରଦେଶ ରାଏବରେଲିର ହରଚନ୍ଦପୁରଠାରେ ନ୍ୟୁ ଫରକା ଏକ୍ସପ୍ରେସ୍ ଲାଇନଚ୍ୟୁତ ହୋଇଥିବା ବେଳେ ମଧ୍ୟାହ୍ନରେ ପୁରୀରେ ଗରିବ ରଥ ଲାଇନ୍‌ଚ୍ୟୁତ ହୋଇଛି।

# ସଶସ୍ତ୍ର ପୋଲିସଙ୍କୁ ଶ୍ରୀମନ୍ଦିର ମନା

### ସୁପ୍ରିମକୋର୍ଟଙ୍କ କଟକଣା



- ମନ୍ଦିର ପରିସରକୁ ଜୋତା ପିନ୍ଧି ଯାଇପାରିବେନି ପୋଲିସ କର୍ମଚାରୀ
- ୨ ସପ୍ତାହରେ ଜବାବ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ
- ୩୧ରେ ପରବର୍ତ୍ତୀ ଶୁଣାଣି

**ନୂଆଦିଲ୍ଲୀ,୧୦।୧୦**

ପୁରୀ ଶ୍ରୀମନ୍ଦିରକୁ ଏଣିକି କୌଣସି ସଶସ୍ତ୍ର ପୋଲିସ ଯାଇପାରିବେ ନାହିଁ। କାରଣ ବନ୍ଧୁକଧାରୀ ପୋଲିସ କର୍ମଚାରୀଙ୍କ ଶ୍ରୀମନ୍ଦିରକୁ ପ୍ରବେଶ ଉପରେ ବୁଧବାର କଟକଣା ଲଗାଇଛନ୍ତି ସୁପ୍ରିମକୋର୍ଟ। ଏହାସହ ଶ୍ରୀମନ୍ଦିର ପରିସରରେ ପୋଲିସ କର୍ମଚାରୀମାନେ ଜୋତା ମଧ ପିନ୍ଧିପାରିବେ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

ତୃତୀୟ ପକ୍ଷ ଆବେଦନକାରୀ ଦେବାଶିଷ ମିଶ୍ରଙ୍କ ପକ୍ଷରୁ ଦାଏର ପିଟିଶନର ଶୁଣାଣି କରି ଜଷ୍ଟିସ୍ ମଦନ ବି. ଲୋକୁର ଏବଂ ଦୀପକ ଗୁପ୍ତାଙ୍କୁ ନେଇ ଗଠିତ ଦୁଇଜଣିଆ ଖଣ୍ଡପୀଠ ରାଜ୍ୟ ସରକାର, ଶ୍ରୀମନ୍ଦିର ପ୍ରଶାସନ ଓ ମୂଳ ଆବେଦନକାରୀ ମୃଣାଳିନୀ ପାଢ଼ୀଙ୍କୁ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଦୁଇ ସପ୍ତାହ ମଧ୍ୟରେ ନିଜ ନିଜ ଜବାବ ଦାଖଲ କରିବାକୁ ଏଥିରେ ସେମାନଙ୍କୁ ସମୟ ଦିଆଯାଇଛି।

ପୋଲିସ କର୍ମଚାରୀମାନେ ଅସ୍ତ୍ରଶସ୍ତ୍ର ଧରି ଓ ଜୋତା ପିନ୍ଧି ଶ୍ରୀମନ୍ଦିରକୁ ପ୍ରବେଶ କରୁଥିବା ଦେବାଶିଷ ତାଙ୍କ ପିଟିଶନରେ ଅଭିଯୋଗ କରିଥିଲେ। ଶ୍ରୀମନ୍ଦିରକୁ ନେଇ ସୁପ୍ରିମକୋର୍ଟଙ୍କ ରାୟ ପୁରୀରେ ଅସ୍ଥିର ସ୍ଥିତି ସୃଷ୍ଟିକରୁଛି ବୋଲି ସେ ଯୁକ୍ତି ବାଢ଼ିଥିଲେ। ସେହିପରି ମୂଳ ପିଟିଶନକୁ ସେ ଭିତ୍ତିହୀନ ଦର୍ଶାଇ ଉକ୍ତ ଆବେଦନ ସହ ଅଦାଲତ ଜୁଲାଇ ୫ରେ ଦେଇଥିବା ରାୟକୁ ରଦ୍ଦକରିବାକୁ ଏଥିରେ ଅନୁରୋଧ କରିଥିଲେ। ତେବେ ରାଜ୍ୟ ସରକାର ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମାମଲା ପରିଚାଳନା କରୁଥିବା ଓକିଲ ଦେବାଶିଷଙ୍କ ଯୁକ୍ତିକୁ ଖଣ୍ଡନ କରିଥିଲେ। ଶ୍ରୀମନ୍ଦିର ପ୍ରଶାସନର ଓକିଲ ଶ୍ୱେତକେତୁ ମିଶ୍ର କହିଥିଲେ, ଆବେଦନକାରୀଙ୍କ ଅଭିଯୋଗ ଅମୂଳକ। ଏହି ଅବସରରେ ସେ ହିଂସା ବେଳେ ମନ୍ଦିରର ହୋଇଥିବା କ୍ଷୟକ୍ଷତି ନେଇ ଅଦାଲତଙ୍କୁ ଅବଗତ କରାଇଥିଲେ। ବିକ୍ଷୋଭକାରୀମାନେ ମନ୍ଦିର ପରିସରକୁ ପ୍ରବେଶ କରି ସମ୍ପତ୍ତି ଲୁଟ୍ କରିଛନ୍ତି। ସେମାନେ ମନ୍ଦିରର ବ୍ୟାରିକେଡ୍, କମ୍ପ୍ୟୁଟର ଓ ଅନ୍ୟାନ୍ୟ ସାମଗ୍ରୀ ଭଙ୍ଗାରୁଜା କରିଥିଲେ ବୋଲି ଶ୍ୱେତକେତୁ ଯୁକ୍ତି ବାଢ଼ିଥିଲେ। ଖଣ୍ଡପୀଠ ସମସ୍ତ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ପିଟିଶନ ଏବଂ ନିଜର ପୂର୍ବ ରାୟକୁ ଖାରଜ କରିବାକୁ ମନା କରିଦେଇଛନ୍ତି। ଏଥିସହ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୩୧ରେ କରିବାକୁ ଖଣ୍ଡପୀଠ ଧାର୍ଯ୍ୟ କରିଛନ୍ତି। ପ୍ରକାଶ ଯେ, ଶ୍ରୀମନ୍ଦିରର ସଂସ୍କାର ଉପରେ ପୁରୀ ଜିଲା ଜଜ୍‌ଙ୍କ ସୁପାରିସଗୁଡ଼ିକୁ କାର୍ଯ୍ୟକାରୀ କରାଇବା ପାଇଁ ଜୁଲାଇ ୫ରେ ସୁପ୍ରିମକୋର୍ଟ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ଶ୍ରୀଜୀଉଙ୍କ ଦର୍ଶନ ବେଳେ ଧାଡ଼ି ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ମଧ ଏଥିରେ ଆଦେଶ ରହିଥିଲା, ଯାହାକୁ ପୁରୀରେ ଆନ୍ଦୋଳନକାରୀମାନେ ବିରୋଧ କରିଥିଲେ।

### କେନ୍ଦ୍ର କ୍ୟାବିନେଟର ଅନୁମୋଦନ

# ପ୍ରତିଷ୍ଠା ହେବ ଜାତୀୟ ଧନ୍ଦାମୂଳକ ଶିକ୍ଷା ତାଲିମ ପ୍ରତିଷ୍ଠାନ

- ଏନ୍‌ସିଭିଇଟି, ଏନ୍‌ଏସ୍‌ଡିଏ ମିଶ୍ରଣକୁ କ୍ୟାବିନେଟ ମଞ୍ଜୁରୀ

**ଭୁବନେଶ୍ୱର, ୧୦।୧୦(ବ୍ୟୁରୋ)**

ଦକ୍ଷତା ବିକାଶକୁ ସର୍ବାଧିକ ଗୁରୁତ୍ୱ ଦେଇ କେନ୍ଦ୍ର ସରକାର ଜାତୀୟ ଧନ୍ଦାମୂଳକ ଶିକ୍ଷା ଏବଂ ତାଲିମ୍ ପ୍ରତିଷ୍ଠାନ (ଏନ୍‌ସିଭିଇଟି) ପ୍ରତିଷ୍ଠା କରିବାର ପ୍ରସ୍ତାବକୁ ଗ୍ରହଣ କରିଛନ୍ତି। ଏ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଜାତୀୟ ଧନ୍ଦାମୂଳକ ତାଲିମ ପରିଷଦ(ଏନ୍‌ସିଭିଟି) ଏବଂ ରାଷ୍ଟ୍ରୀୟ ଦକ୍ଷତା ବିକାଶ ଏଜେନ୍ସି(ଏନ୍‌ଏସ୍‌ଡିଏ)କୁ ମିଶ୍ରଣ କରାଯାଇ ଏନ୍‌ସିଭିଇଟି ନାମକ ଏହି ନୂଆ ପ୍ରତିଷ୍ଠାନ କରାଯିବ। ଦୀର୍ଘକାଳୀନ ଓ ସ୍ୱଳ୍ପକାଳୀନ ଧନ୍ଦାମୂଳକ ଶିକ୍ଷା ଏବଂ ତାଲିମ୍ କାର୍ଯ୍ୟରେ ନିୟୋଜିତ ସଂସ୍ଥାନଗୁଡ଼ିକର କାର୍ଯ୍ୟକୁ ନିୟମିତ କରିବା ସହିତ ସେଗୁଡ଼ିକର ସର୍ବନିମ୍ନ ମାନଙ୍କ ପ୍ରସ୍ତୁତ କରିବା ପାଇଁ ଏନ୍‌ସିଭିଇଟି କାର୍ଯ୍ୟ କରିବ। ନିୟାମକ ସଂସ୍ଥା, ମୂଲ୍ୟାଙ୍କନ ସଂସ୍ଥା ଏବଂ ଦକ୍ଷତା ବିକାଶ ସମ୍ବନ୍ଧୀୟ ସୂଚନା ପ୍ରଦାନକାରୀମାନଙ୍କୁ ମାନ୍ୟତା ପ୍ରଦାନ ଏନ୍‌ସିଭିଇଟିର କାର୍ଯ୍ୟ ହେବ। ଏନ୍‌ସିଭିଇଟି ପାଇଁ ଜଣେ ଅଧ୍ୟକ୍ଷ ନିଯୁକ୍ତ ହେବେ। ଏଥିସହ ଜଣେ କାର୍ଯ୍ୟକାରୀ ଏବଂ ଅଣକାର୍ଯ୍ୟକାରୀ ସଦସ୍ୟ ରହିବେ। ଭିତ୍ତିଭୂମି ଏବଂ ସମ୍ବଳର ସର୍ବାଧିକ ବିକାଶ କରାଯିବ। ଏହି ସଂସ୍ଥାନ ପ୍ରତିଷ୍ଠା କରାଯିବା ଦ୍ୱାରା ଧନ୍ଦାମୂଳକ ଶିକ୍ଷା ଏବଂ ତାଲିମ୍ କାର୍ଯ୍ୟକ୍ରମରେ ଉନ୍ନତି ଆସିବ। ଦକ୍ଷତା ବିକାଶ କ୍ଷେତ୍ରରେ ଘରୋଇ ନିବେଶକୁ ପ୍ରୋତ୍ସାହନ ମିଳିବ।

DSPL-196

# ବିଶ୍ୱ ଦୃଷ୍ଟି ଦିବସ



୧୧ ଅକ୍ଟୋବର, ୨୦୧୮

ପ୍ରତିବର୍ଷ ଅକ୍ଟୋବର ମାସ ଦ୍ୱିତୀୟ ଗୁରୁବାର ବିଶ୍ୱ ଦୃଷ୍ଟି ଦିବସ ପାଳନ କରାଯାଇଥାଏ । ଚକ୍ଷୁରୋଗ ଓ ଦୃଷ୍ଟିଶକ୍ତିଜନିତ ସମସ୍ୟାର ପ୍ରତିରୋଧ ତଥା ପ୍ରତିକାର ପାଇଁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ହେଉଛି ଏହି ଦିବସର ଉଦ୍ଦେଶ୍ୟ ।

## ଧ୍ୟାନ ଦିଅନ୍ତୁ :

- ଛାତ୍ରଛାତ୍ରୀ,ବୟସ୍କ ଓ ମଧୁମେହରେ ଆକ୍ରାନ୍ତ ବ୍ୟକ୍ତିମାନେ ଦୃଷ୍ଟିଶକ୍ତି ଜନିତ ସମସ୍ୟାରେ ଆକ୍ରାନ୍ତ ହେବାର ସମ୍ଭାବନା ଅଧିକ ।
- ନିୟମିତ ଚକ୍ଷୁ ପରୀକ୍ଷା ଓ ଉପଯୁକ୍ତ ଯତ୍ନ ଦୃଷ୍ଟିଶକ୍ତିଜନିତ ଜଟିଳ ସମସ୍ୟାକୁ ପ୍ରତିରୋଧ କରିବାରେ ସହାୟକ ହୋଇଥାଏ ।
- ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ଅତ୍ୟାଧୁନିକ ଉପାୟରେ ବିନାମୂଲ୍ୟରେ ଚକ୍ଷୁ ଚିକିତ୍ସା ଯୋଗାଇ ଦିଆଯାଉଛି ।
- ସ୍କୁଲ ଛାତ୍ରଛାତ୍ରୀ ମାନଙ୍କର ଚକ୍ଷୁ ପରୀକ୍ଷା କରାଯାଇ ମାଗଣାରେ ଚଷମା ଯୋଗାଇ ଦିଆଯାଉଛି ।
- ଗ୍ଲୁକୋମା ରୋଗୀଙ୍କ ପାଇଁ ଆଜୀବନ ମାଗଣା ଚିକିତ୍ସାର ବ୍ୟବସ୍ଥା କରାଯାଇଛି ।
- ଚକ୍ଷୁ ଚିକିତ୍ସାକୁ ବ୍ୟାପକ ଓ ଫଳପ୍ରଦ କରିବାପାଇଁ ରାଜ୍ୟ ସରକାରଙ୍କ ତରଫରୁ ନିଜସ୍ୱ ପାଣ୍ଠିରେ **ସାର୍ବଜନୀନ ଚକ୍ଷୁସେବା କାର୍ଯ୍ୟକ୍ରମ** (ସୁନେତ୍ର) କାର୍ଯ୍ୟକାରୀ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଚକ୍ଷୁର ଆବଶ୍ୟକୀୟ ପରୀକ୍ଷା, ଚିକିତ୍ସା ସହିତ ଔଷଧ ବିନାମୂଲ୍ୟରେ ଉପଲବ୍ଧ କରାଯାଉଛି ।

**ଆସନ୍ତୁ, ଚକ୍ଷୁରୋଗ ଓ ଦୃଷ୍ଟିଶକ୍ତିଜନିତ ସମସ୍ୟାର ପ୍ରତିରୋଧ ତଥା ନିୟନ୍ତ୍ରଣ ସମ୍ପର୍କରେ ସଚେତନ ହୋଇ ଅନ୍ଧତ୍ୱ ଦୂରୀକରଣ କାର୍ଯ୍ୟକ୍ରମକୁ ସଫଳ କରାଇବା ।**

ଅଧିକ ସୂଚନା ପାଇଁ ନିକଟସ୍ଥ ଆଶା,ସ୍ୱାସ୍ଥ୍ୟକର୍ମୀ,ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବା ଚକ୍ଷୁ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ ।

facebook.com/HFWOdisha http://www.health.odisha.gov.in/ @HFWOdisha

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

10003/13/0086/1819

DADLS-137





## ରାଜ୍ୟସ୍ତରୀୟ
## ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ ଓ ଶହୀଦ ବାଜି ରାଉତଙ୍କ ଶ୍ରାଦ୍ଧ ଦିବସ

୧୧ ଅକ୍ଟୋବର, ୨୦୧୮

ସମୟ ସକାଳ ୯ ଘଟିକା
ମାଷ୍ଟରକ୍ୟାଣ୍ଟିନ ଛକସ୍ଥିତ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ।

ଅପରାହ୍ନ ୩ ଘଟିକା ସ୍ଥାନ – ଜୟଦେବ ଭବନ
ଜୟପ୍ରକାଶ ନାରାୟଣ ଅର୍ଥନୀତି ଓ ସାମାଜିକ ଅଧ୍ୟୟନ ପ୍ରତିଷ୍ଠାନ ଦ୍ୱାରା 'ଭାରତରେ ସମାଜବାଦୀ ପ୍ରଗତି' ଶୀର୍ଷକ ଆଲୋଚନାଚକ୍ର ।

### ସାଧାରଣ ସଭା

ସମୟ – ସନ୍ଧ୍ୟା ୬ ଘଟିକା ସ୍ଥାନ – ଜୟଦେବ ଭବନ

ମୁଖ୍ୟଅତିଥି : ଶ୍ରୀଯୁକ୍ତ ଶଶିଭୂଷଣ ବେହେରା
ମାନ୍ୟବର ଅର୍ଥ ଓ ଅବକାରୀ ମନ୍ତ୍ରୀ

ସମ୍ମାନିତ ବକ୍ତା : ପ୍ରଫେସର ବାସୁଦେବ ସାହୁ
ନିର୍ଦ୍ଦେଶକ, ଜୟପ୍ରକାଶ ନାରାୟଣ ଅର୍ଥନୀତି ଓ ସାମାଜିକ ଅଧ୍ୟୟନ ପ୍ରତିଷ୍ଠାନ

: ଡଃ. ଉଦ୍ଧବ ଚରଣ ନାୟକ
ବିଶିଷ୍ଟ ଲେଖକ

ସଭାପତି : ଶ୍ରୀଯୁକ୍ତ ଅମର ପ୍ରସାଦ ଶତପଥୀ
ମାନ୍ୟବର ସରକାରୀ ମୁଖ୍ୟ ସଚେତକ

ନାଦବ୍ରହ୍ମ ଅନୁଷ୍ଠାନର ବିଶିଷ୍ଟ କଣ୍ଠଶିଳ୍ପୀ ମହାପାତ୍ର ମିନତି ଭଞ୍ଜ, ପ୍ରଭୁ ପ୍ରସାଦ ନନ୍ଦ, ପ୍ରିୟଙ୍କା ସ୍ୱାଇଁ, ଯଶ୍ ମହାନ୍ତି, ପ୍ରେମ୍ କୁମାର, ତପସ୍ୱିନୀ ଡଗରାଙ୍କ ଦ୍ୱାରା ଭଜନ ଓ ଦେଶାତ୍ମବୋଧକ ସଂଗୀତ କାର୍ଯ୍ୟକ୍ରମ ଅଲିଭା ମୁକତି ସଳିତା ... ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଜୟପ୍ରକାଶ ନାରାୟଣ ଅର୍ଥନୀତି ଓ ସାମାଜିକ ଅଧ୍ୟୟନ ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସ୍ମୃତି ସଭାରେ ଯୋଗଦେବା ପାଇଁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0300/1819

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ଅକ୍ଟୋବର ୧୧/୨୦୧୮



କାମ, କ୍ରୋଧ, ଲୋଭ ଏହି ତିନୋଟି ନରକର ଦ୍ୱାର ସ୍ୱରୂପ ଅଟେ। ଅତଏବ ଏହି ତିନୋଟିକୁ ତ୍ୟାଗ କରିବା ଉଚିତ।

- ଭଗବାନ ଶ୍ରୀକୃଷ୍ଣ



## ସଚିବାଳୟ ସେବା ଅଧିକାରୀଙ୍କ ପଦୋନ୍ନତି

**ଭୁବନେଶ୍ୱର,୧୦।୧୦(ବ୍ୟୁରୋ):** ଓଡ଼ିଶା ସଚିବାଳୟ ସେବା(ଓଏସ୍ଏସ୍) କ୍ୟାଡର ୭ ଅଧିକାରୀ ପଦୋନ୍ନତି ପାଇ ନୂଆ ବିଭାଗରେ ଡେସ୍କ ଅଫିସର ଭାବେ ବୁଧବାର ନିଯୁକ୍ତି ପାଇଛନ୍ତି। ସେମାନେ ହେଉଛନ୍ତି- ବିଜୟ ଷଡ଼ଙ୍ଗୀ(ସମବାୟ), କିଶୋର ଚନ୍ଦ୍ର ସ୍ୱାଇଁ(ସୂଚନା ଓ ଲୋକସମ୍ପର୍କ), ଦିଲୀପ ସ୍ୱାଇଁ(ଅର୍ଥ), କେଦାରନାଥ ଜେନା(କୃଷି), କରୁଣାକର ବେହେରା(ଏସ୍ସି)(ଗ୍ରାମ ଉନ୍ନୟନ), ବନ୍ଦିତା ଦାସ(ଶିଳ୍ପ) ଏବଂ ନମିତା ମିଶ୍ର(ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା)। ସେହିପରି ବ୍ରହ୍ମପୁରସ୍ଥିତ ଆଇଏଏଚ୍ଟିୟୁର ପୂର୍ବତନ ଡିଏସ୍ପି ଦିବାକର ସିଂଙ୍କୁ ଅବସର ନେବା ପାଇଁ ଅନୁମତି ଦିଆଯାଇଛି। ସେହିପରି ଓଏଏସ୍ କ୍ୟାଡର-ଗ୍ରୁପ୍-ବି ଶ୍ରେଣୀୟ ୪୮ ଅଧିକାରୀ ସମାନ କ୍ୟାଡରରେ ଡେସ୍କ ଅଫିସର ଭାବେ ପଦୋନ୍ନତି ପାଇଛନ୍ତି। ଅପରପକ୍ଷରେ ରାଜ୍ୟର ବିଭିନ୍ନ ଜିଲାରେ କାର୍ଯ୍ୟରତ ୧୭ ଜଣ ସରକାରୀ ଓକିଲ, ଅତିରିକ୍ତ ସରକାରୀ ଓକିଲମାନେ ସ୍ୱତନ୍ତ୍ର ସରକାରୀ ଓକିଲ ଭାବେ ନିଯୁକ୍ତ ହୋଇଛନ୍ତି।

**ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମୀକ୍ଷା ବୈଠକ**

# ଜବରଦଖଲମୁକ୍ତ ହେବ ଭିମସାର ଜମି

ଭୁବନେଶ୍ୱର, ୧୦।୧୦(ବ୍ୟୁରୋ)

ଭିମ୍ସାର୍ ଅଧୀନରେ ଥିବା ଜମିରୁ କିଛି ଅଂଶ ଜବରଦଖଲ ହୋଇଛି। ଉକ୍ତ ଜାଗାକୁ ଜବରଦଖଲମୁକ୍ତ କରିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ ଜେନା ଭିମସାର୍ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଭିମ୍ସାରର ବିଭିନ୍ନ ସମସ୍ୟା ନେଇ ମନ୍ତ୍ରୀ ଜେନା ବୁଧବାର ସଚିବାଳୟରେ ଏକ ସମୀକ୍ଷା ବୈଠକ କରିଛନ୍ତି। ଅନୁଷ୍ଠାନର ଜମିଜମା, ମାନବସମ୍ବଳ, ଜବରଦଖଲ ଏବଂ ବିଦ୍ୟୁତ ଭଳି ସମସ୍ୟାଗୁଡିକୁ କିପରି ସମାଧାନ କରାଯିବ ସେନେଇ ଆଲୋଚନା ହୋଇଥିଲା।

ଭିମ୍ସାର୍ରେ ଖାଲି ପଡିଥିବା ପ୍ରଫେସର, ଆସୋସିଏଟ ପ୍ରଫେସର, ସହକାରୀ ପ୍ରଫେସର ଏବଂ ପାରାମେଡିକାଲ ପଦବୀଗୁଡିକୁ ତୁରନ୍ତ ପୂରଣ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ମନ୍ତ୍ରୀ ବିଭାଗୀୟ ସଚିବ ଏବଂ ଭିମ୍ସାର୍ ନିର୍ଦ୍ଦେଶକଙ୍କୁ ପରାମର୍ଶ ଦେଇଛନ୍ତି। ପୂର୍ବରୁ ଭିମ୍ସାର ପାଇଁ ଗ୍ରହଣ କରାଯାଇଥିବା ଅନ୍ୟାନ୍ୟ ପଦକ୍ଷେପଗୁଡିକୁ ତ୍ୱରାନ୍ୱିତ କରିବାକୁ ମନ୍ତ୍ରୀ କହିଛନ୍ତି। ସେହିପରି କ୍ୟାମ୍ପସ୍ରେ ନିର୍ମିତ ଗୃହଗୁଡିକୁ ଭିମ୍ସାର ବ୍ୟବହାର କରିବା ଏବଂ ଆବଶ୍ୟକ ଅନୁଯାୟୀ ବିଭିନ୍ନ ପଦବୀ ସୃଷ୍ଟି କରିବା ସହିତ ରୋଗୀଙ୍କ ସୁବିଧା ନିମନ୍ତେ ଆବଶ୍ୟକ ବ୍ୟବସ୍ଥା କରିବାକୁ ମନ୍ତ୍ରୀ ଭିମ୍ସାର୍ ନିର୍ଦ୍ଦେଶକଙ୍କୁ କହିଛନ୍ତି। ଭିମସାର୍ରେ ଯାହାକିଛି ସମସ୍ୟା ରହିଛି ତାହାକୁ ଉତ୍ତମ ବୁଝାମଣା ଏବଂ ସହଯୋଗ ଦ୍ୱାରା ସମାଧାନ କରାଯିବ ବୋଲି ମନ୍ତ୍ରୀ ଜେନା ସୂଚନା ଦେଇଛନ୍ତି।

ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ପ୍ରମୋଦ କୁମାର ମେହେର୍ଦ୍ଦା, ଭିମ୍ସାର ନିର୍ଦ୍ଦେଶକ ପ୍ରଫେସର ଅଶ୍ୱିନୀ ପୂଜାହାରୀ, ଶକ୍ତି ବିଭାଗ ସ୍ୱତନ୍ତ୍ର ସଚିବ ସୁରଜିତ ଦାଶ ଏବଂ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ସଚିବ ହରିବଲ୍ଲଭ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବାତ୍ୟା ଭୟ: ନନ୍ଦନକାନନ ସଫାରି ୩ ଦିନ ପାଇଁ ବନ୍ଦ

**ବାରଙ୍ଗ,୧୦।୧୦(ଡି.ଏନ୍.ଏ.)**

ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ସତର୍କତା ଅବଲମ୍ବନ କରାଯାଇଛି। ନନ୍ଦନକାନନ କର୍ତ୍ତୃପକ୍ଷ କର୍ମଚାରୀମାନଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ଏ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ ହୋଇଛି। ଜୀବଜନ୍ତୁ ଏବଂ ପର୍ଯ୍ୟଟକମାନଙ୍କ ସୁରକ୍ଷା ଦୃଷ୍ଟିରୁ ବୁଧବାରଠାରୁ ଆସନ୍ତା ଶୁକ୍ରବାର ପର୍ଯ୍ୟନ୍ତ ୩ ଦିନ ପାଇଁ ବାଘ, ସିଂହ, ଭାଲୁ ଓ ତୃଣଭୋଜି ସଫାରିକୁ ବନ୍ଦ କରିଦିଆଯାଇଛି। ଏପରିକି, ବୋଟଘାଟ ମଧ ଏହି ୩ ଦିନ ବନ୍ଦ ରହିବ ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ଜୟନ୍ତ କୁମାର ଦାସ କହିଛନ୍ତି। ଅନ୍ୟପକ୍ଷରେ ପଶୁପକ୍ଷୀମାନଙ୍କୁ ଫିଡିଂଚାମ୍ବର ମଧରେ ପୂରାଯାଇଥିବା ବେଳେ ସେମାନଙ୍କ ଲାଗି ଅଧିକ ୩ ଦିନର ଖାଦ୍ୟ ମହଜୁଦ ରଖାଯାଇଛି। ସେହିଭଳି ଆବଶ୍ୟକ ପରିମାଣର ଡିଜେଲ ଓ ପେଟ୍ରୋଲ ଗଚ୍ଛିତ ରହିଛି। ବାତ୍ୟା ସମୟରେ ଟିମ୍ ସମ୍ପୂର୍ଣ୍ଣ ଭାବେ ସଜାଗ ରହି ରାସ୍ତାଘାଟ ସହ ଏନ୍କ୍ଲୋଜର ସଫା କରିବା, ଜୀବଜନ୍ତୁଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ଦେବା, ଏନ୍କ୍ଲୋଜର ମରାମତି, ଜଳଯୋଗାଣ, ବିଦ୍ୟୁତ୍ ଆଦି କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ କରିବାକୁ ନନ୍ଦନକାନନ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଇଛନ୍ତି।








ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ............................



ଡୁଗୁ
ପରିବାରବର୍ଗ



ଲିଲୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଆସିମ୍ ମୁନିର ଆଇଏସ୍ଆଇ ମୁଖ୍ୟ

ଇସ୍ଲାମାବାଦ,୧୦।୧୦(ପି.ଟି.)- ପାକିସ୍ତାନର ପ୍ରଭାବଶାଳୀ ଗୋଇନ୍ଦା ସଂସ୍ଥା ଇଣ୍ଟର ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍ଆଇ) ମୁଖ୍ୟ ଭାବେ ବୁଧବାର ଲ୍ୟୁଟ୍‌ନାଣ୍ଟ ଜେନେରାଲ ଆସିମ୍ ମୁନିରଙ୍କୁ ନିଯୁକ୍ତ କରାଯାଇଛି। ସେ ଲୁଟ୍‌ନାଣ୍ଟ ଜେନେରାଲ ନଭିଦ୍ ମୁଖ୍‌ତାରଙ୍କ ସ୍ଥାନରେ ଅବସ୍ଥାପିତ ହେବେ। ପାକିସ୍ତାନୀ ସେନାର ମିଡିଆ ଶାଖା ପକ୍ଷରୁ ଏହା ଘୋଷଣା କରାଯାଇଛି। ପୂର୍ବରୁ ମିଲିଟାରୀ ଇଣ୍ଟେଲିଜେନ୍ସ (ଏମ୍ଆଇ) ମୁଖ୍ୟ ଭାବେ କାର୍ଯ୍ୟ କରିଥିବା ମୁନିରଙ୍କୁ ନିକଟରେ ଲ୍ୟୁଟ୍‌ନାଣ୍ଟ ଜେନେରାଲ ପାହ୍ୟାକୁ ଉନ୍ନିତ କରାଯାଇଥିଲା।


# classified





## SALE

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 7008390130. D-64337

ଭୁବନେଶ୍ୱର ପିତାପଲି NH-5 ଠାରୁ 100' ଦୂରତାରେ BDA yellowzone ପ୍ଲଟ ମିଳୁଅଛି। 8338932027. D-64324

ଭୁବନେଶ୍ୱର ରଙ୍ଗବଜାର ପାଖରୁ 4 km. ଦୂରତ୍ୱରେ Gayatri College ନିକଟରେ 30' road ଥାଇ Demarcated gharabari plot ପଟ୍ଟାସହିତ 390/-ରେ ବିକ୍ରି ହେଉଅଛି। 9437114429, 9938214443. D-64342

Premium 3BHK Vaastu based North/ South facing duplex at Benupur, near Hanspal Chhaka, Bhubaneswar. 9040106942, 9777617166. D-8776

Litigation free plots near Xavier University backside BDA Zone, Bhubaneswar. Sqft.- 250/-, 160/-. 9337259012, 9937746907. D-64343

Gharabari flats studio, 1BHK, 2BHK at Puri with all facilities. 9124289585. D-8837

1BHK, 2BHK, 3BHK approved flats at Hitech Heaven near Gudiapokhari Chowk, Bhubaneswar. 9437192512, 9437040045. D-8823

Core house completed 2BHK/ 3BHK flat at Kalinga Vihar, Bhubaneswar. Price: 37/ 47 lakh onwards. Contact: 7381087905. D-65108





All type certified precious and semi-precious Gemstones, Rudraksha, Yantras, Malas, Idols & other astrology products wholesaler retailer Bhubaneswar. Call: 91+8093050401. D-8828

## GENERAL

## SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-64336





800 sqft. 3rd floor at plot-44, Kharavel Nagar, final rate- 15000/-. Contact: 9437033691. D-63855

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


### କେନ୍ଦ୍ର କ୍ୟାବିନେଟର ମଞ୍ଜୁରୀ

# ବ୍ରହ୍ମପୁର ଆଇଜର ପାଇଁ ନିର୍ମାଣ ହେବ ସ୍ଥାୟୀ କ୍ୟାମ୍ପସ୍

ଭୁବନେଶ୍ୱର, ୧୦।୧୦(ବ୍ୟୁରୋ) ଓଡ଼ିଶାର ବ୍ରହ୍ମପୁର ଏବଂ ଆନ୍ଧ୍ରପ୍ରଦେଶର ତିରୁପତିଠାରେ ଥିବା ଭାରତୀୟ ବିଜ୍ଞାନ ଶିକ୍ଷା ଏବଂ ଗବେଷଣା ସଂସ୍ଥାନ (ଆଇଜର) ପାଇଁ ନୂତନ ସ୍ଥାୟୀ କ୍ୟାମ୍ପସ୍ ନିର୍ମାଣ କରାଯିବ। ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ଏହି ଦୁଇ ଆଇଜର କ୍ୟାମ୍ପସ୍ ପ୍ରତିଷ୍ଠା ଏବଂ ପରିଚାଳନା ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏଥିପାଇଁ ମୋଟ ୩୦୭୪.୧୨ କୋଟି ଟଙ୍କା ଖର୍ଚ୍ଚ ହେବ। ପ୍ରତ୍ୟେକ ଆଇଜରରେ ଦୁଇଟି ରେଜିଷ୍ଟ୍ରାର ପଦବୀ ସୃଷ୍ଟି କରାଯିବ। ବ୍ରହ୍ମପୁର ଆଇଜର ପାଇଁ ୧୫୮୨.୭୮ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ତିରୁପତିସ୍ଥିତ ଆଇଜର ଲାଗି ୧୪୯୧.୩୪ କୋଟି ଖର୍ଚ୍ଚ କରାଯିବ। ଉଭୟ ଆଇଜର ୧,୧୭,୦୦୦ ବର୍ଗମିଟର ଜାଗାରେ ନିର୍ମାଣ ହେବ। ପ୍ରତି ଆଇଜରରେ ୧୮୫୫ ଛାତ୍ରୀଛାତ୍ରଙ୍କ ପାଇଁ ସମ୍ପୂର୍ଣ୍ଣ ଭିତ୍ତିଭୂମିର ସୁବିଧା ରହିବ। ୨୦୨୧ ଡିସେମ୍ବର ସୁଦ୍ଧା ସ୍ଥାୟୀ କ୍ୟାମ୍ପସ୍ ନିର୍ମାଣ ସରିବ। ଏହି ଦୁଇଟି ଆଇଜରରେ ସ୍ନାତକ, ସ୍ନାତକୋତ୍ତର ସହିତ ପିଏଚ୍‌ଡି, ଇଣ୍ଟିଗ୍ରେଟେଡ୍ ପିଏଚ୍‌ଡି ଏବଂ ଉଚ୍ଚମାନର ବିଜ୍ଞାନ ଶିକ୍ଷା ପ୍ରଦାନ କରାଯିବ। ଏହି ସଂସ୍ଥାନ ଦୁଇଟି ଦେଶରେ ବୈଜ୍ଞାନିକମାନଙ୍କ ଶକ୍ତିର ଦୃଢ ଭିତ୍ତିଭୂମି ପ୍ରସ୍ତୁତ କରିବ। ସୂଚନାଯୋଗ୍ୟ, ୨୦୧୪ରେ ତିରୁପତିଠାରେ ଏବଂ ୨୦୧୬ରେ ବ୍ରହ୍ମପୁରଠାରେ ଆଇଜର ପ୍ରତିଷ୍ଠା ହୋଇଥିଲା।


## ମନେ ପଡ଼ନ୍ତି

### ୧୨ତମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା ଶ୍ରୀମତୀ ନିର୍ମଳା ମହାପାତ୍ର**
ପ୍ଲଟ ନଂ- ୧୫୫୨, ମହାନଦୀ ବିହାର, କଟକ
ଆବିର୍ଭାବ: ୧୪।୦୨।୧୯୪୭
ତିରୋଧାନ: ୨୫।୦୯।୨୦୦୬
ଆଶ୍ୱିନ ଶୁକ୍ଳତୃତୀୟା

ଅର୍ଘ୍ୟ ଢୁଙ୍ଗୁରା ବଜାଇ ସଜାଡି କୋକେଇ
ତୁମେ ଚାଲିଗଲ କନ୍ଦାଇ କନ୍ଦାଇ
ତେଜିମର୍ତ୍ତ୍ୟ ଧାମ ଅମର ମଣ୍ଡଳେ
ରହିଅଛ ସ୍ୱର୍ଗେ ତବ ପୁଣ୍ୟଫଳେ

ଶ୍ରାଦ୍ଧଦିବସରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ: ସ୍ୱାମୀ- ଇଂ ଯଦୁନାଥ ମହାପାତ୍ର, ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ପରିବାର ଓ ଆତ୍ମୀୟସ୍ୱଜନ। ଧ-୮୮୬୪


## ପ୍ରଥମ ପୃଷ୍ଠାରୁ...

### ଆଜି ସ୍ଥଳଭାଗ ...

କୋରାପୁଟ, କନ୍ଧମାଳ, କଳାହାଣ୍ଡି, ବୌଦ୍ଧ, ବଲାଙ୍ଗୀର, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ନୟାଗଡ଼, କଟକ, ଯାଜପୁର, ଢେଙ୍କାନାଳ, ଅନୁଗୋଳ, ଭଦ୍ରକ, ବାଲେଶ୍ୱର ଜିଲାର କେତେକ ସ୍ଥାନରେ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏଥିଯୋଗୁ ଋଷିକୂଲ୍ୟା, ବଂଶଧାରା ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ବାତ୍ୟାର ଗତିବିଧି ଉପରେ ପାଣିପାଗ ବିଭାଗ କଡ଼ା ନଜର ରଖିଛି। ପ୍ରତି ୧ ଘଣ୍ଟାରେ ଥରେ ଝଡ଼ର ଗତିବିଧି ଉପରେ ସମୀକ୍ଷା କରାଯାଉଛି। ସ୍ଥଳଭାଗ ଅତିକ୍ରମ କରିବା ପରେ ଏହା ଉତ୍ତରପୂର୍ବ ଗାଙ୍ଗେୟ ଉପତ୍ୟକା ଦେଇ ଯିବା ସହ ଦୁର୍ବଳ ହୋଇଯିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସମ୍ଭାବ୍ୟ ବାତ୍ୟାକୁ ମୁକାବିଲା କରିବା ପାଇଁ ରାଜ୍ୟ ସରକାର ଜୋର୍‌ଦାର ପ୍ରସ୍ତୁତି ଚଳାଇଛନ୍ତି। ବିଭିନ୍ନ ବିଭାଗକୁ ନେଇ ସଚିବାଳୟରେ ଘନ ଘନ ବୈଠକ ମଧ୍ୟ ଚାଲିଛି। ବୁଧବାର ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ କହିଛନ୍ତି ଯେ, ଝଡ଼ର ବେଗ ବେଳକୁ ବେଳ ବୃଦ୍ଧି ପାଇବାରେ ଲାଗିଛି। ପାଣିପାଗ ବିଭାଗ ସୂଚନା ଅନୁଯାୟୀ, ସମୁଦ୍ରରେ ୧ ମିଟର ଉଚ୍ଚର ଲହଡ଼ି ଉଠିବ। ଗଞ୍ଜାମ, ପୁରୀ, ଖୋର୍ଦ୍ଧା, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଆଦି ଜିଲାର ସମ୍ବେଦନଶୀଳ ଅଞ୍ଚଳରେ ଥିବା ଲୋକମାନଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ମୁଖ୍ୟମନ୍ତ୍ରୀ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବାତ୍ୟା ଯୋଗୁ ଯେପରି ଜଣେ ବ୍ୟକ୍ତିଙ୍କର ଜୀବନ ହାନି ନ ହୁଏ ସେଥିପ୍ରତି ସମସ୍ତ ଜରୁରୀ ପଦକ୍ଷେପ ନେବା ସକାଶେ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା ଦୁର୍ବଳ ହୋଇଯିବା ପରେ ଜରୁରିକାଳୀନ ଭିତ୍ତିରେ ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟାକୁ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଉପକୂଳରେ ପବନର ବେଗ ଅଧିକ ରହିବ ବୋଲି ଅନୁମାନ କରାଯାଇଥିବାବେଳେ ଅନ୍ୟ ଜିଲାଗୁଡ଼ିକରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ। ଏପରିକି କେତେକ ସ୍ଥାନରେ ୨୦୦ରୁ ୩୦୦ ମିଲିମିଟର ପର୍ଯ୍ୟନ୍ତ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ପ୍ରବଳ ବର୍ଷା ଯୋଗୁ ଋଷିକୁଲ୍ୟା ଓ ବଂଶଧାରା ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍ ଓ ଅଗ୍ନିଶମ କର୍ମଚାରୀମାନଙ୍କୁ ନିୟୋଜିତ କରାଯାଇଛି। ଆବଶ୍ୟକ ହେଲେ ସେନାର ସହାୟତା ନିଆଯିବ ବୋଲି ମୁଖ୍ୟଶାସନ ସଚିବ କହିଛନ୍ତି। ଗଞ୍ଜାମ, ଗଜପତି, କେନ୍ଦ୍ରାପଡ଼ା, ନୟାଗଡ଼, ଭଦ୍ରକ ଓ ଯାଜପୁର ଜିଲାରେ ୧୦ଟି ଏନ୍‌ଡିଆରଏଫ୍ ଟିମ୍ ମୁତୟନ କରାଯାଇଥିବା ବେଳେ ୮ଟି ଓଡ୍ରାଫ୍ ଟିମ୍ ପରିସ୍ଥିତି ଉପରେ କଡା ନଜର ରଖିଛି। ଏଥିସହିତ କୋଷ୍ଟଗାର୍ଡ, ନୌସେନା ଓ ବାୟୁସେନା ସହିତ ରାଜ୍ୟ ସରକାର ଯୋଗାଯୋଗରେ ରହିଛନ୍ତି। ବାତ୍ୟା ଅତିକ୍ରମ କରିବା ବେଳେ ଗଛ, କଚ୍ଚାଘର, ବିଦ୍ୟୁତ୍ ଖୁଣ୍ଟ, ରାସ୍ତାଘାଟ ଆଦି କ୍ଷତିଗ୍ରସ୍ତ ହେବାର ସମ୍ଭାବନା ରହିଛି। ଗଞ୍ଜାମ ଜିଲାର ୭୫୩ ଜଣଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି। ରାଜ୍ୟରେ ୮୩୬ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ରହିଛି। ଏଥିରେ ପ୍ରାୟ ୧ ନିୟୁତ ଲୋକଙ୍କୁ ରଖାଯିବାର ସୁବିଧା ରହିଛି। ବାତ୍ୟା ଆଶ୍ରୟସ୍ଥଳୀରେ ଥିବା ଲୋକମାନଙ୍କୁ ମାଗଣାରେ ରନ୍ଧାଖାଦ୍ୟ, ପାନୀୟ ଜଳ ଓ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଲୋକମାନେ ଭୟଭୀତ ନ ହେବା ପାଇଁ ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି। ଆବାସିକ ସ୍କୁଲଗୁଡ଼ିକରେ ପର୍ଯ୍ୟାପ୍ତ ଖାଦ୍ୟସାମଗ୍ରୀ ମହଜୁଦ ରଖିବାକୁ ଏସ୍‌ସି/ଏସ୍‌ଟି ଉନ୍ନୟନ ବିଭାଗକୁ କୁହାଯାଇଛି। ସମସ୍ତ ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକରେ ଟାୱାର ଲାଇଟ ସହ ଜେନେରେଟର, ମେକାନିକାଲ କଟର ଆଦି ରଖିବାକୁ କୁହାଯାଇଛି। ଜିଲା ଜରୁରୀକାଳୀନ କେନ୍ଦ୍ର ଏବଂ ନିୟନ୍ତ୍ରଣ କକ୍ଷକୁ ୨୪ ଘଣ୍ଟିଆ ଖୋଲା ରଖିବା ସହ ୩୦୦ ପାୱାର ବୋଟ ପ୍ରଭାବିତ ଜିଲାଗୁଡ଼ିକରେ ମୁତୟନ କରିବାକୁ ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆର୍‌ସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ମଙ୍ଗଳବାର ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏସ୍‌ଆର୍‌ସି ଏବଂ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ(ଓସ୍‌ଡମା) କାର୍ଯ୍ୟାଳୟ ଏବଂ ପ୍ରଭାବିତ ଆଶଙ୍କା ଥିବା ଜିଲାଗୁଡ଼ିକର ସମସ୍ତ କର୍ମଚାରୀଙ୍କ ଛୁଟି ମଧ୍ୟ ବାତିଲ କରାଯାଇଛି। ଯେଉଁ ଅଧିକାରୀମାନେ ଛୁଟିରେ ଅଛନ୍ତି ସେମାନଙ୍କୁ ତୁରନ୍ତ କାର୍ଯ୍ୟରେ ଯୋଗଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା ଆସନ୍ନ ହେଉଥିବା ବେଳେ ବୁଧବାର ସକାଳୁ ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ତୁହାକୁ ତୁହା ବର୍ଷା ସାଙ୍ଗକୁ କୋହଲା ପାଗ ଲାଗି ରହିଛି। ଏହା ଦ୍ୱାରା ଜନଜୀବନ ପ୍ରଭାବିତ ହୋଇଛି। ଉପକୂଳ ମୁହାଁ ହେଉଥିବା ସାମୁଦ୍ରିକ ଝଡର ପ୍ରସ୍ତୁତି ନେଇ କେନ୍ଦ୍ର କ୍ୟାବିନେଟ ସଚିବ ପ୍ରଦୀପ କୁମାର ସିହ୍ନା ମୁଖ୍ୟ ଶାସନ ସଚିବ ଆଦିତ୍ୟ ପାଢୀଙ୍କ ସହ ବୁଧବାର ସନ୍ଧ୍ୟାରେ ଭିଡିଓ କନଫରେନ୍ସିଂ ଜରିଆରେ ଆଲୋଚନା କରିଛନ୍ତି। ବୈଠକ ଶେଷରେ ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ ତିତ୍‌ଲିର ମୁକାବିଲା ନେଇ କ୍ୟାବିନେଟ ସଚିବ ସିହ୍ନା ଓଡିଶା, ଆନ୍ଧ୍ର ଓ ପଶ୍ଚିମବଙ୍ଗ ମୁଖ୍ୟ ଶାସନ ସଚିବଙ୍କ ସହ ଆଲୋଚନା କରିଛନ୍ତି। ଆମେ ଓଡିଶାର ପ୍ରସ୍ତୁତି, ବର୍ତ୍ତମାନ ସ୍ଥିତି, ଉଦ୍ଧାର ଓ ରିଲିଫ ପ୍ରସ୍ତୁତି ବିଷୟରେ ତାଙ୍କୁ ଅବଗତ କରାଇଛୁ। ରାଜ୍ୟରେ ପରିସ୍ଥିତିର ମୁକାବିଲା ପାଇଁ ୧୮ଟି ଏନଡିଆରଏଫ ଟି ପ୍ରସ୍ତୁତ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୧୩ଟି ଟିମକୁ ବିଭିନ୍ନ ଜିଲାରେ ମୁତୟନ କରାଯାଇଛି ବୋଲି ମୁଖ୍ୟ ଶାସନ ସଚିବ ସୂଚନା ଦେଇଛନ୍ତି। ଏହାଛଡା ବାତ୍ୟା ମୁକାବିଲା ନେଇ ଓଡିଶା ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ(ଓସଡମା) ଓ ଏସଆରସି କିଭଳି ପ୍ରସ୍ତୁତି ହୋଇଛନ୍ତି ସେ ନେଇ ମୁଖ୍ୟମନ୍ତ୍ରୀ ସନ୍ଧ୍ୟାରେ ଏସଆରସି କାର୍ଯ୍ୟାଳୟକୁ ଯାଇ ସମୀକ୍ଷା କରିଛନ୍ତି।

### ଛାତ୍ର ସଂସଦ ...

କିନ୍ତୁ ଶିକ୍ଷୟିତ୍ରୀ-ଶିକ୍ଷକମାନଙ୍କୁ ବିଦ୍ୟାଳୟରେ ଉପସ୍ଥିତ ରହିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। କଲେଜ ଛୁଟି ରହୁଥିବାରୁ ଛାତ୍ର ସଂସଦ ନିର୍ବାଚନକୁ ମଧ୍ୟ ବାତିଲ କରି ଦିଆଯାଇଥିବା ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସମୀକ୍ଷା ବୈଠକ ପରେ ଉଚ୍ଚଶିକ୍ଷା ବିଭାଗ ସଚିବ ବିଷ୍ଣୁପଦ ସେଠୀ କହିଛନ୍ତି, ତିତ୍‌ଲି ପ୍ରଭାବରେ ରାଜ୍ୟରେ ଅତି ପ୍ରବଳ ବର୍ଷା ସହିତ ଘଣ୍ଟାପ୍ରତି ପାଖାପାଖି ୧୬୫ କି.ମି. ବେଗରେ ପବନ ବହିବ। ଏହାକୁ ଦୃଷ୍ଟିରେ ରଖି କଲେଜଗୁଡ଼ିକୁ ଦୁଇଦିନ ପାଇଁ ଛୁଟି କରି ଦିଆଯିବା ସହ ନିର୍ବାଚନ ବାତିଲ କରାଯାଇଛି। ସୂଚନାଯୋଗ୍ୟ, ମଙ୍ଗଳବାର ମୁଖ୍ୟ ଶାସନ ସଚିବ ପାଢ଼ୀଙ୍କ ଅଧ୍ୟକ୍ଷତାରେ ସମସ୍ତ ବିଭାଗୀୟ ସଚିବମାନଙ୍କୁ ନେଇ ତିତ୍‌ଲି ମୁକାବିଲା ଲାଗି ସମୀକ୍ଷା ବୈଠକ ବସିଥିଲା। ବାତ୍ୟାରେ ଅଧିକ ପ୍ରଭାବିତ ହେବାକୁ ଥିବା ଗଜପତି, ଗଞ୍ଜାମ, ପୁରୀ, ଜଗତ୍‌ସିଂହପୁର ଏବଂ କେନ୍ଦ୍ରାପଡା ଜିଲାର କଲେଜଗୁଡ଼ିକୁ ଛୁଟି ଘୋଷଣା କରାଯାଇଥିଲା। ଏହି ୫ ଜିଲାରେ ଛାତ୍ର ସଂସଦ ନିର୍ବାଚନକୁ ବାତିଲ କରାଯାଇଥିଲା। କିନ୍ତୁ ବୁଧବାର ଅନୁଷ୍ଠିତ ସମୀକ୍ଷା ବୈଠକରେ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରଖିବାକୁ ନିଷ୍ପତ୍ତି ହୋଇଥିବାବେଳେ କଲେଜଗୁଡ଼ିକରେ ଛାତ୍ର ସଂସଦ ନିର୍ବାଚନ ବାତିଲ କରାଯାଇଛି।

### ୫ ବିମାନ ବାତିଲ...

୬ଇ୩୭୫(ସକାଳ ୮ଟା ୫୦)। ଏଥି ସହିତ ସେହି ରୁଟ୍‌ରେ ଆସିବାକୁ ଥିବା ବିମାନଗୁଡ଼ିକ ମଧ୍ୟ ବାତିଲ ହୋଇଥିବା ଜଣାପଡ଼ିଛି। ବୁଧବାର ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ରାତିରେ ଇଣ୍ଡିଗୋର କୌଣସି ବିମାନ ପାର୍କିଂ କରିବ ନାହିଁ ବୋଲି ଇଣ୍ଡିଗୋ ପକ୍ଷରୁ କୁହାଯାଇଛି।

### ପରିବାରର ୪ ସଦସ୍ୟଙ୍କୁ ...

ପଟେ ଘର ଭିତରକୁ ଏସିଡ୍ ଫୋପାଡ଼ିଥିଲେ। ଗୁରୁତର ଅବସ୍ଥାରେ ସେମାନଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ୪ଜଣଙ୍କୁ କଟକସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ହିମାଂଶୁଙ୍କ ଆଖି, ମୁହଁ, ବେକ ଓ ଛାତିରେ ଏସିଡ୍ ପଡ଼ିଥିବାରୁ ତାଙ୍କ ଅବସ୍ଥା ଅଧିକ ଗୁରୁତର ରହିଛି। ସୂଚନାଥାଉ କି, ହିମାଂଶୁ ପାରାଦୀପରେ ଏକ ଠିକା ସଂସ୍ଥାରେ ଶ୍ରମିକ ଭାବେ କାର୍ଯ୍ୟ କରନ୍ତି। କେହି ଦୁର୍ବୃତ୍ତ ପୂର୍ବ ଶତ୍ରୁତାରୁ ଏଭଳି କାଣ୍ଡ ଘଟାଇ ଥାଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଏ ନେଇ ହିମାଂଶୁଙ୍କ ସମ୍ପର୍କୀୟ ଭାଇ ବିନୋଦ କୁମାର ବାରିକ ମାର୍ଶଘାଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ୧୬୪/୧୮ନଂ.ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ବୋଲି ମାର୍ଶାଘାଇ ଥାନାଧିକାରୀ କାଳନ୍ଦୀ ବେହେରା ସୂଚନା ଦେଇଛନ୍ତି।

### ଟ୍ରେନ ସମୟରେ...

ଯାଉଥିବା ଟ୍ରେନଗୁଡ଼ିକୁ ପୂର୍ବତଟ ସୀମା ମଧ୍ୟକୁ ନ ଆସିବାକୁ ନିର୍ଦ୍ଦେଶ ରହିଛି। ବୁଧବାର ଅପରାହ୍ନ ୫.୧୫ ପରଠାରୁ ଭଦ୍ରକ ପଟୁ ପ୍ରବେଶ ନ କରିବାକୁ ନିର୍ଦ୍ଦେଶ ରହିଛି। ଆଗାମୀ ସୂଚନା ନ ମିଳିବା ପର୍ଯ୍ୟନ୍ତ ଏହି ଟ୍ରେନଗୁଡ଼ିକ ଦକ୍ଷିଣ ଭାଗକୁ ଯାତ୍ରା କରିବେ ନାହିଁ। ସେହିଭଳି ହାଇଦ୍ରାବାଦ, ବିଶାଖାପାଟଣା ଆଡୁ ଉତ୍ତରଭାଗକୁ ଯାଉଥିବା ଟ୍ରେନଗୁଡ଼ିକ ବିଶାଖାପାଟଣାର ଦୁଭଦାଠାରେ ସଂନ୍ଧ୍ୟା ୬.୪୦ ପରେ ଅତିକ୍ରମ ନ କରିବାକୁ କୁହାଯାଇଛି।

ହାଓଡା ଚେନ୍ନାଇ ମେନ୍ ଲାଇନ୍‌କୁ ଭାୟା ନାଗପୁର-ବାଲହରଶାହା-ବିଜୟୱାଡା ଦେଇ ଚଳାଚଳ ବ୍ୟବସ୍ଥା ହୋଇପାରେ ବୋଲି ସୂଚନା ରହିଛି। କେତେକ ଟ୍ରେନ୍‌କୁ ବାତିଲ କିମ୍ବା ସାମୟିକ ସମୟ ଲାଗି ବାତିଲ କରାଯାଇପାରେ ବୋଲି ରେଲୱେ ପ୍ରକାଶ କରିଛି। ବୁଧବାର ସଂନ୍ଧ୍ୟା ୧୦ ପରଠାରୁ ଖୋର୍ଦ୍ଧାରୋଡ୍ ଏବଂ ବିଜୟନଗରମ ମଧ୍ୟରେ ଯାତ୍ରୀବାହୀ ଟ୍ରେନଗୁଡ଼ିକ ଚଳାଚଳ କରିବ ନାହିଁ। ବୁଧବାର ସକାଳୁ ପୁରୀରେ ଲଗାଣ ବର୍ଷା ଯୋଗୁ ଟ୍ରେନ ଚଳାଚଳରେ ବାଧା ଉପୁଜିଛି। ଏହାକୁ ଧ୍ୟାନରେ ରଖି କେତେକ ଟ୍ରେନ୍‌ର ସମୟ ସୀମାରେ ପରିବର୍ତ୍ତନ ହୋଇଛି। ବୁଧବାର ପୁରୀରୁ ଛାଡିବାକୁ ଥିବା ପୁରୀ-ଯୋଧପୁର ଏକ୍ସପ୍ରେସ ଅପରାହ୍ନ ୩.୫୫ ପରିବର୍ତ୍ତେ ୭.୪୫ରେ ଛାଡିବ। ସେହିଭଳି ପୁରୀ-ଅହମ୍ମଦାବାଦ ଏକ୍ସପ୍ରେସ ସଂନ୍ଧ୍ୟା ୬.୨୦ ପରିବର୍ତ୍ତେ ରାତି ୯.୨୫ରେ ଛାଡିବାକୁ ନିଷ୍ପତ୍ତି ହୋଇଛି। ଅପରପକ୍ଷରେ ସଂନ୍ଧ୍ୟା ୬.୩୦ରେ ଛାଡିବାକୁ ଥିବା ପୁରୀ-ଦୁର୍ଗ ଏକ୍ସପ୍ରେସ ରାତି ୧୧.୩୦, ବୁଧବାର ପୁରୀ-ହାଓଡା ଗରିବ ରଥ ଏକ୍ସପ୍ରେସ ସଂଧ୍ୟା ୧୦.୧୦ ପରିବର୍ତ୍ତେ ଗୁରୁବାର ସକାଳ ୫ଟାରେ ଛାଡିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି।

## ଝଟିରେ ଝଟିରେ...

# କବାଟ କିଳା

ଆଜ୍ଞା, ଆପଣଙ୍କ ଟିକଟ ଖଣ୍ଡକ ତ ଏଥର ପକ୍କା ହେଇକି ଅଛି, ପୁଣି କାହିଁକି ଏତେ ଚିନ୍ତା କରୁଛନ୍ତି। ଆମ ଛେନାଝିଲ୍ଲୀ ଏରିଆ ମାନ୍ୟବର କ'ଣ ଗୋଟେ ଭାବନା ଭିତରେ ବୁଡିକି ଥିଲେ। ସେତେବେଳେ ତାଙ୍କର ଜଣେ କର୍ମୀ ଭାଇ ଯେମିତି ଟିକଟ କଥା କହିଛନ୍ତି, ମାନ୍ୟବର ରାଗିକି କହିଲେ, କାହିଁକି ଖାଲି ସବୁବେଳେ ଏମିତି ରାଉରାଉ ହଉଚୁ। ଇରେ ହେ ତୋର କ'ଣ କିଛି କାମ ନାହିଁ। ଯେତେବେଳେ ଦେଖିଲେ ଗୋଟେ ମହାଜ୍ଞାନୀଙ୍କ ଭଳିଆ ଗପିବା ଅଭ୍ୟାସ ହେଇଗଲାଣି। ଯେମିତି ମୋ ଟିକଟ କଟିଗଲେ ତୁ ପକେଟରୁ କାଢ଼ି ଦେଇ ପକେଇବୁ। ଏତିକି ଗାଳି ଶୁଣିଲା ପରେ ପୁଣିଥରେ କର୍ମୀ ଜଣକ କହିଲେ, ଆପଣଙ୍କର ତ ବହୁ ବୟସ ଅଛି, ଟିକଟ କଥାଟା କହିଦେଲି ବୋଲି ସେ ପାରାଦୀପର ବରିଷ୍ଠ ମହାଶୟଙ୍କ ଭଳିଆ କାହିଁକି ଚେହିଁକି ପଡୁଛନ୍ତି କହିଲେ। ଆପଣଙ୍କ ବିରୋଧରେ ମୁଖିଆଙ୍କୁ କିଏ କ'ଣ ଫୋଡୁଚି ନା କ'ଣ, ଏତେ ରାଗୁଛନ୍ତି ଯେ। ଏଥର କିନ୍ତୁ ମାନ୍ୟବରଙ୍କ ସ୍ୱରଟା ପରିବର୍ତ୍ତନ ହେଇଗଲା, ଆଉ କହିବାକୁ ଲାଗିଲେ, ଇରେ ବାପା ଆଉ ସେ ସମୟ ନାହିଁ। ଭୋଟ ଯାଏଁ ମୁଖିଆଙ୍କୁ ଭେଟିବା ମନା। ଏବେ କବାଟ କିଳା ଅଭିଯାନ ଆରମ୍ଭ ହେଇଯାଇଛି।

# ଧୋଇଗଲା

କି ତିତ୍‌ଲି ଆସିଲା ଯେ ସମସ୍ତେ ସେଇ ଚିନ୍ତାରେ ବ୍ୟସ୍ତ। ଟିଭି ଖୋଲିଲେ ତିତ୍‌ଲି, ଖବରକାଗଜ ପୃଷ୍ଠା ଓଲଟାଇଲେ ତିତ୍‌ଲି। ଚା' ଦୋକାନ ଖଟି ମଧ୍ୟ ଭଲ ଜମୁଛି। ମାଷ୍ଟରକ୍ୟାଣ୍ଟିନ ଚା' ଦୋକାନରେ ସେମିତି ଖଟି ଜମିଥିଲା। ତିତ୍‌ଲି ଯୋଗୁ କାହାର ଲାଭ କ୍ଷତି ସବୁ ହିସାବ ନିକାଶ ଚାଲିଥିଲା। କଲେଜ ପଢୁଆ ଟୋକା କହିଲା, ଲକ୍ଷାଧିକ ଟଙ୍କାର ବିରିୟାନୀ ବାଣ୍ଟିଥିଲି। କଲେଜରେ ୱେଲକମ୍ ଦିନ କେତେ ଗୋଲାପ ବାଣ୍ଟିଥିଲି। ଭାବିଥିଲି ଛାତ୍ର ସଂସଦ ନିର୍ବାଚନ ଜିତିବି, ହେଲେ ତିତ୍‌ଲି ସବୁ ଧୋଇଦେଲା। ସେହିଭଳି ରାଜନୀତି କଥା ବି ଆଲୋଚନା ହେଲା। ଜଣେ ରାଜନୀତିଆ ବନ୍ଧୁ କହିଲେ, ତିତ୍‌ଲି ଆସି ସରକାରଙ୍କୁ ବଞ୍ଚାଇ ଦେଲା। ଉପସ୍ଥିତ ଥିବା ମଉସା ପଚାରିଲେ, କିରେ ଭଗିଆ କେମିତି ବଞ୍ଚାଇଲା। ସେ କହିଲା, ଦେଖିନାହାନ୍ତି ପୁରୀରେ କେଡେବଡ କାଣ୍ଡ ହୋଇଥିଲା। ରାଜସ୍ୱ ମାନ୍ୟବରଙ୍କଠାରୁ ଆରମ୍ଭ କରି ଏସ୍‌ପି ପର୍ଯ୍ୟନ୍ତ ସମସ୍ତେ ଅକଳରେ ପଡିଥିଲେ। ତିତ୍‌ଲି ଆସିବାରୁ ସେ ପ୍ରସଙ୍ଗ ମଳିନ ପଡ଼ିଗଲା। ତେଣୁ ବିରୋଧୀ ଆଶା ଧୋଇଗଲା, ଠିକ୍ ଛାତ୍ର ସଂସଦ ନିର୍ବାଚନ ପରି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**



ଆଜି କେନ୍ଦ୍ରସ୍ଥାନରେ ଚନ୍ଦ୍ର ଅବସ୍ଥାନ କରିଥିବାରୁ ପାରିବାରିକ ଓ କର୍ମ କ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବ। ଅର୍ଥ ଲାଭ ସାଙ୍ଗକୁ ଶାରିରିକ ସୁସ୍ଥତା ଅନୁଭବ କରିବାରୁ ମନ ଖୁସି ରହିବ। ବିବାଦୀୟ କ୍ଷେତ୍ରରେ ମନ ବୁଝିଲା ଭଳି କଥା କହି ପରିସ୍ଥିତିକୁ ସୁଧାରି ନେବେ। ଯାତ୍ରା, ବାଣିଜ୍ୟ, କ୍ରୟ ବିକ୍ରୟ କ୍ଷେତ୍ରରେ ସୁଫଳ ପାଇବେ।

**ବୃଷ**



ଧନାଧିପତି ଶୁଭଭାବରେ ରହିଥିବା କାରଣରୁ ଆଶା କରୁଥିବା ଦିଗରୁ ଅର୍ଥ ପାଇ ଖୁସି ହେବେ। ବୁଧ ପ୍ରଭାବରେ ବନ୍ଧୁଙ୍କ ଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରିପାରନ୍ତି। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ମନ୍ଦ ହେବ ନାହିଁ। ମହିଳାମାନେ ଆଗାମୀ ମାଙ୍ଗଳିକ କାମ ସକାଶେ ଘର ସାଜସଜ୍ଜାରେ ବ୍ୟସ୍ତ ରହିପାରନ୍ତି।

**ମିଥୁନ**



ପାପଗ୍ରହ ମଧ୍ୟସ୍ଥ ଚନ୍ଦ୍ର ହେତୁ ଭାବୁଥିବେ ଗୋଟିଏ କଥା କିନ୍ତୁ କଲା ବେଳକୁ ଆଉ ଗୋଟିଏ କାମ କରିବାକୁ ବାଧ ହେବେ। ଏହାର କୁପରିଣାମ ସ୍ୱରୂପ ପରିବାର ମଧ୍ୟରୁ ନିଜ ଲୋକମାନଙ୍କ ଦ୍ୱାରା ସମାଲୋଚିତ ହେବାକୁ ପଡିବ। ଅବଶ୍ୟ କର୍ମକ୍ଷେତ୍ରରେ ଅଗ୍ରଗତି ବେଶ୍ ଦ୍ରୁତ ହେବ। ଅନ୍ୟମନସ୍କ ନ ରହି ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ।

**କର୍କଟ**



ଶନିଙ୍କ ସ୍ଥିତି ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି କିମ୍ବା ମନାନ୍ତର ସୃଷ୍ଟି କରିବ। ମାତ୍ର ଶିଳ୍ପ, ବ୍ୟବସାୟ ପାଇଁ ଦିନଟି ଭଲ ରହିବ। କେତେକ କ୍ଷେତ୍ରରେ ଏମିତି ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡିବ, ଯାହାଦ୍ୱାରା ଦ୍ୱନ୍ଦ୍ୱରେ ପଡି ପ୍ରତ୍ୟେକ କଥାକୁ ଠିକ୍ ଭାବେ ବୁଝି ପାରିବେନି। ବନ୍ଧୁମିଳନରୁ ଉତ୍ସାହିତ ହେବେ। ମହିଳାମାନଙ୍କ ସକାଶେ ଆଜିର ପ୍ରତ୍ୟୁଷ ଯାତ୍ରା ପ୍ରୀତିପଦ ରହିବ।

**ସିଂହ**



ସ୍ୱଗୃହୀ ଶୁକ୍ର ଚତୁଃଗ୍ରହ ମଧ୍ୟସ୍ଥ ଯୋଗୁ ପ୍ରତ୍ୟେକ ପ୍ରକାରର ସମସ୍ୟା ମଧ୍ୟରେ ନିଜକୁ ସମ୍ଭାଳି ନେଇ କାମ କରିବା ଦୁଷ୍କର ହୋଇପଡିବ। ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସହଯୋଗ ପାଇ ପାରିବେ। ବହୁତ ଦିନରୁ ଖୋଜୁଥିବା ଜିନିଷ ହଠାତ୍ ଅତି ନିକଟରୁ ପାଇଯିବେ। ମହିଳାମାନେ ସ୍ୱାସ୍ଥ୍ୟ ସମସ୍ୟା ନେଇ ଚିନ୍ତା ପ୍ରକଟ କରିପାରନ୍ତି।

**କନ୍ୟା**



ଶୁକ୍ର ଦ୍ୱିତୀୟରେ କ୍ଷେତ୍ର ସିଂହାସନ ଯୋଗ ସୃଷ୍ଟି ହେଉଥିବାରୁ ଅନ୍ୟମାନଙ୍କ ସମସ୍ୟାମୂଳକ ଅଭିଶାପ ଆଶୀର୍ବାଦରେ ପରିଣତ ହୋଇଯିବ। ଫଳରେ ପାରିବାରିକ ଜୀବନରେ ବିଲୁପ୍ତ ସ୍ନେହ,ଶ୍ରଦ୍ଧା ଓ ଆଦରର ସଦ୍‌ଭାବ ଆକସ୍ମିକ ଅନୁଭବ କରିବେ। ତଥାପି ଚିତ୍ରା ନକ୍ଷତ୍ରର କର୍ମକ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି।

**ତୁଳା**



ଶନିଙ୍କ ପ୍ରଭାବରେ ପୂର୍ବରୁ ମନେ ମନେ ଚିନ୍ତା କରିଥିବା କଥା ବନ୍ଧୁଙ୍କ ସମ୍ମୁଖରେ ପ୍ରକାଶ କରିବାରେ ପଛେଇ ଯିବେ। ବିବାଦୀୟ ଘଟଣାର ଆପୋସ ସମାଧାନ ହୋଇଯିବ। ନିର୍ମାଣ ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗିରହିବ। ମହିଳାଙ୍କ ପାଇଁ କାର୍ଯ୍ୟବ୍ୟସ୍ତତାର ସମୟ କହିଲେ ଅତ୍ୟୁକ୍ତି ହେବନାହିଁ।

**ବିଛା**



ମନ ଅନୁଯାୟୀ କାମ ହାସଲ ନ ହେବା ସାଙ୍ଗକୁ ବିଭିନ୍ନ ପ୍ରକାରର ସମସ୍ୟା ଚିନ୍ତାକରି ମନ ଭାରାକ୍ରାନ୍ତ ରହିବ। ନୀଚସ୍ଥ ଚନ୍ଦ୍ର ପ୍ରଭାବରୁ ମାନସିକ ସ୍ଥିତି ଦୁର୍ବଳ ରହିବା ସାଙ୍ଗକୁ ସଂସର୍ଗତା ଦୋଷ ଲାଗିପାରେ। କଳା,ସଙ୍ଗୀତ,ଚଳଚ୍ଚିତ୍ର କ୍ରୀଡା, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିପାରେ। ମହିଳାମାନେ କଳା, ସାହିତ୍ୟରେ ଉନ୍ନତି କରିବେ।

**ଧନୁ**



ପରିସ୍ଥିତି କେତେକାଂଶରେ ବଦଳି ଯିବାରୁ ମନ ହାଲୁକା ହୋଇଯିବ। ପାରିବାରିକ କ୍ଷେତ୍ର, ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। କଠୋର କଥା କହିବା କାରଣରୁ ପରିବାରରେ ନିଜ ନିଜ ମଧ୍ୟରେ ସାମୟିକ କଳହ ଦେଖାଦେଇପାରେ। ମହିଳାମାନେ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ।

**ମକର**



ଏକାଧିକ ଗ୍ରହ କର୍ମସ୍ଥ ଯୋଗୁ କର୍ମକ୍ଷେତ୍ରରେ ସମସ୍ୟା ହଠାତ୍ ଦେଖା ଦେଇଥିବା କାରଣରୁ ମନ ବିଚଳିତ ଅବଶ୍ୟ ରହିବ। ସାମାଜିକ ସ୍ତରରେ ତଥା ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ ଏବଂ ଦୂରଯାତ୍ରାର ସୁଯୋଗ ମଧ୍ୟ ପାଇବେ। ବୃତ୍ତି, ବାଣିଜ୍ୟ, ଯାତ୍ରା ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ। ପରିବାରରେ ଛୋଟ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ।

**କୁମ୍ଭ**



ଗୁରୁଚାନ୍ଦ୍ରୀ ଯୋଗ ପ୍ରଭାବରେ ଆଜିର ପ୍ରତ୍ୟେକ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇଯିବ। ବନ୍ଧୁମାନଙ୍କ ସାହାଯ୍ୟରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ କିଛି ଅସୁବିଧା ହେବ ନାହିଁ। ଅନ୍ୟ ଦ୍ୱାରା ପ୍ରଭାବିତ ମହିଳାମାନେ ବାନ୍ଧବୀଙ୍କ କାର୍ଯ୍ୟରେ ଅପମାନିତ ବୋଧ କରିପାରନ୍ତି।

**ମୀନ**



ନିଜର ଲୋକମାନଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇପାରନ୍ତି। ବାଣିଜ୍ୟ, ବ୍ୟବସାୟ, ପରିବହନ, ଯାତ୍ରା, ଆନୁଷ୍ଠାନିକ କାମରେ ସଫଳତା ହାସଲ କରିବେ। ପରିବାରରେ କାହା କଥା ସହ ଅନ୍ୟ କାହାର କଥା ମିଶିବ ନାହିଁ ଫଳରେ ଅଶାନ୍ତିର ଆଶଙ୍କା ରହିଛି। ଆଲୋଚନା କାଳରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡା ଲାଗିପାରେ।

ଆଜି ଆଶ୍ୱିନ ଶୁକ୍ଳ ତୃତୀୟା ଗୁରୁବାର, ଅକ୍ଟୋବର ୧୧ ତାରିଖ, ବିଶ୍ୱ କନ୍ୟାସନ୍ତାନ ଦିବସ, ବାଜି ରାଉତ ଶହୀଦ ଦିବସ, ରାଶି ନକ୍ଷତ୍ର-ଦିବା ଘ୧୧।୦୫ମି. ଗତେ ବିଶାଖା/ତୁଳା, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଆଜି ବିଶାଖା ନକ୍ଷତ୍ର ବିଛା ରାଶିକୁ ବୃହସ୍ପତି ଚଳନ ହେବ। ମେଷ, ମିଥୁନ, ସିଂହ, କନ୍ୟା, ଧନୁ ଓ କୁମ୍ଭ ରାଶିପାଇଁ ଶୁଭଫଳ କିନ୍ତୁ ତୁଳା ଓ ମକର ରାଶିକୁ ଅତିଶୁଭ ଫଳ ପ୍ରାପ୍ତ ହେବ। ଦିବା ଘ୧୦।୨୦ମି. ଗତେ ଘ୧୧।୫୩ମି. ମଧ୍ୟେ ଅମୃତ ବେଳା। ସକାଳ ଘ୭।୧୨ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୧।୦୦ମି. ଗତେ ଘ୨।୨୮ମି. ମଧ୍ୟେ ରାହୁକାଳ।




## ସଂକ୍ଷେପରେ

### ତିତ୍‌ଲି ପାଇଁ କଂଗ୍ରେସର ଜରୁରିକାଳୀନ ପ୍ରକୋଷ୍ଠ

**ଭୁବନେଶ୍ୱର ୧୦।୧୦(ବ୍ୟୁରୋ):** ଭୟଙ୍କର ରୂପ ନେଉଥିବା ବାତ୍ୟା ତିତ୍‌ଲିକୁ ଦୃଷ୍ଟିରେ ରଖି ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ଜରୁରୀକାଳୀନ ପ୍ରକୋଷ୍ଠ ଖୋଲାଯାଇଛି। ବୁଧବାର ସନ୍ଧ୍ୟା ୭ଟାରୁ ଆସନ୍ତା ୭ଦିନ ପର୍ଯ୍ୟନ୍ତ ୨୪ଘଣ୍ଟିଆ ଏହି ପ୍ରକୋଷ୍ଠ ଖୋଲା ରହିବ। ପ୍ରକୋଷ୍ଠ ଦାୟିତ୍ୱରେ ପିସିସି ସାଧାରଣ ସମ୍ପାଦକ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ସଂଯୋଜକ ଭାବେ ଅବସ୍ଥାପିତ କରାଯାଇଛି। ଏହାସହ ଦୁଇଜଣ ସମ୍ପାଦକ ପଦ୍ମାକର ଗୁରୁ, ରସିକ ପଟ୍ଟନାୟକଙ୍କ ସମେତ ରବିନ୍ଦ୍ର ଆଚାର୍ଯ୍ୟ, ଅଲେଖ ସାମଲ, ମାନସ ଆଚାର୍ଯ୍ୟ ଓ ଲିଙ୍ଗରାଜ ସାହୁ ସହ ସଂଯୋଜକ ଭାବେ ଦାୟିତ୍ୱ ନିର୍ବାହ କରିବେ। ତିତ୍‌ଲି ଦ୍ୱାରା ପ୍ରଭାବିତ ଲୋକମାନେ ଜରୁରୀକାଳୀନ ପ୍ରକୋଷ୍ଠ ପକ୍ଷରୁ ଜାରି କରାଯାଇଥିବା ଫୋନ୍ ନମ୍ବର ୭୬୦୯୮୫୨୧୩୧, ୮୮୯୫୨୦୩୦୦୧, ୯୮୬୧୦୧୧୯୬୨, ୭୦୦୮୭୯୯୩୬୪, ୯୩୪୮୧୬୧୬୩୩, ୮୮୪୭୮୫୮୦୨୦, ୯୯୩୭୯୪୮୮୬୮, ୯୨୩୭୦୧୦୯୩୯ରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

### ଏସ୍‌ସିବିରେ ସ୍ୱାଇନ୍ ଫ୍ଲୁ ରୋଗୀ

**କଟକ ଅଫିସ, ୧୦।୧୦:** ଏସ୍‌ସିବି ମେଡିକାଲରେ ଭର୍ତ୍ତି ହୋଇଛନ୍ତି ଜଣେ ସ୍ୱାଇନ୍ ଫ୍ଲୁ ରୋଗୀ। ଏହି ରୋଗୀ ୪ ଦିନ ତଳେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରୁ ଏସ୍‌ସିବିକୁ ସ୍ଥାନାନ୍ତର ହୋଇଥିଲେ। ତାଙ୍କୁ ମେଡିକାଲର ଚର୍ମରୋଗ ବିଭାଗ ନିକଟରେ ଥିବା ଆଇସୋଲେଶନ ୱାର୍ଡରେ ରଖି ଚିକିତ୍ସା କରାଯାଉଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ପଲ୍‌ମନାରୀ ମେଡିସିନ ବିଭାଗର ବରିଷ୍ଠ ପ୍ରଫେସର ଡା. ମନୋରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି।




# ତିତ୍‌ଲି ପାଇଁ ଆଳୁ, ପିଆଜ ଦର ବଢୁଛି

**ଭୁବନେଶ୍ୱର, ୧୦।୧୦(ବ୍ୟୁରୋ)**

ବାତ୍ୟା 'ତିତ୍‌ଲି' ଆସୁଥିବାରୁ ଖାଉଟିମାନେ ବିଭିନ୍ନ ସାମଗ୍ରୀ ମହଜୁଦ୍ କରିବାରେ ଲାଗି ପଡିଛନ୍ତି। ଏମିତିକି ଆବଶ୍ୟକତାଠାରୁ ଅଧିକ ଆଳୁ, ପିଆଜ କ୍ରୟ କରି ଚଢ଼ା ଦରରେ ବିକ୍ରି କରିବା ପାଇଁ ସେମାନେ ଯୋଜନା ପ୍ରସ୍ତୁତ କରିଛନ୍ତି। ଫଳରେ ଉପକୂଳବର୍ତ୍ତୀ ବିଭିନ୍ନ ଜିଲାରେ ଥିବା ଖୁଚୁରା ଦୋକାନରେ ଆଳୁ, ପିଆଜର ସଙ୍କଟ ଲାଗି ରହିଥିବା ଅଭିଯୋଗ ହୋଇଛି। ସେହିପରି ବାତ୍ୟା ଆସିବାର ସୁଯୋଗ ନେଇ ଅସାଧୁ ବ୍ୟବସାୟୀମାନେ ଯେପରି ବେଆଇନ ମହଜୁଦ୍ ନ କରନ୍ତି ସେଥିପ୍ରତି ଖାଉଟି କଲ୍ୟାଣ ଓ ଯୋଗାଣ ବିଭାଗ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର କହିଛନ୍ତି, କୌଣସି ପରିସ୍ଥିତିରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯଥା-ଆଳୁ, ପିଆଜର ଅଭାବ ଦେଖାଯିବ ନାହିଁ। ଜନସାଧାରଣ ଅଯଥା ବ୍ୟସ୍ତ ହୋଇ ଅଧିକ କିଣନ୍ତୁ ନାହିଁ। କୌଣସି ବ୍ୟବସାୟୀ ଯଦି ବେଆଇନ ମହଜୁଦ କରନ୍ତି କିମ୍ବା ଆଳୁ ପିଆଜ ପରି ଅନ୍ୟାନ୍ୟ ସାମଗ୍ରୀ ଉଚ୍ଚଦରରେ ବିକ୍ରୟ କରୁଥାନ୍ତି ପ୍ରଶାସନକୁ ଜଣାଇବା ପାଇଁ ମନ୍ତ୍ରୀ ପାତ୍ର ଅନୁରୋଧ କରିଛନ୍ତି। କୌଣସି ଅସାଧୁ ବ୍ୟବସାୟୀ ଆଳୁ, ପିଆଜ ପରି ସାମଗ୍ରୀ ମହଜୁଦ୍ କରି ରଖିବା ଜଣାପଡିଲେ ତୁରନ୍ତ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଆଳୁ, ପିଆଜ ବ୍ୟତୀତ ଚୁଡା,ଚିନି,ଗୁଡ, ଖାଇବା ତେଲ, କିରୋସିନ ସହ ଅନ୍ୟାନ୍ୟ ରନ୍ଧନ ସାମଗ୍ରୀ ଯୋଗାଣ ଓ ଦର ନିୟନ୍ତ୍ରଣ ଇତ୍ୟାଦି ଉପରେ ମଧ୍ୟ ପ୍ରଶାସନ ନଜର ରଖିଛି। ସୂଚନାଯୋଗ୍ୟ, ବୁଧବାର ଭୁବନେଶ୍ୱରରେ ଆଳୁ କେଜି ୧୮ ଟଙ୍କାରେ ବିକ୍ରି ହେଉଥିବା ବେଳେ ପିଆଜ ୨୦ ଟଙ୍କାରେ ବିକ୍ରି ହେଉଛି।

ଅନ୍ୟପକ୍ଷେ ତିତ୍‌ଲି ଯୋଗୁ ମାଛ ବ୍ୟବସାୟୀ କ୍ଷତିଗ୍ରସ୍ତ ହୋଇଛନ୍ତି। ବାତ୍ୟା କାରଣରୁ ସମୁଦ୍ରକୁ ଯିବା ପାଇଁ ମତ୍ସ୍ୟଜୀବୀମାନଙ୍କୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ଲୋକେ ବି ଏବେ ମାଛ କିଣୁ ନାହାନ୍ତି । ଫଳରେ ଯେଉଁ ଦରରେ ମାଛ ବିକ୍ରି ହେବା କଥା, ତା' ଠାରୁ ୫୦ ପ୍ରତିଶତ କମ୍ ଦରରେ ବିକ୍ରୟ ହେଉଛି। ରାଜଧାନୀ ଭୁବନେଶ୍ୱର ଏବଂ ଏହାର ଆଖପାଖ ଅଞ୍ଚଳରେ ମାଛ କମ୍ ଦରରେ ବିକ୍ରି ହେଉଥିବା ଖବର ମିଳିଛି ।

■ ବେଆଇନ ମହଜୁଦକାରୀଙ୍କ ଉପରେ ପ୍ରଶାସନର ନଜର


ପରିବା କିଣିବା ପାଇଁ କଟକ ଛତ୍ରବଜାରରେ ଗ୍ରାହକଙ୍କ ଭିଡ଼।

■ ଫସଲ କ୍ଷତିପୂରଣ ରାଶି ପ୍ରଦାନରେ ଦୁର୍ନୀତି

# ୭ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ଉପଜିଲାପାଳଙ୍କ ନିର୍ଦ୍ଦେଶ

**ସୋନପୁର,୧୦।୧୦(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ବିନିକା ତହସିଲଦାର ଅଲେଖ କୁମାର ଘୁଟା ହରଡଘଣାରେ ପଡିଛନ୍ତି। ମେଘଲା ରାଜସ୍ୱ ସର୍କଲରେ ଫସଲ କ୍ଷତିପୂରଣ ରାଶି ପ୍ରଦାନରେ ବ୍ୟାପକ ହେରଫେର ହୋଇଛି। କ୍ଷତିଗ୍ରସ୍ତ ଚାଷୀ, ଭାଗଚାଷୀଙ୍କୁ ବାଦ୍ ଦିଆଯାଇ ନକଲି ଚାଷୀଙ୍କୁ ଲକ୍ଷାଧିକ ଟଙ୍କାର ଫାଇଦା ଦିଆଯାଇଛି। ଏଥିରେ ତହସିଲଦାର ଘୁଟାଙ୍କ ସମ୍ପୃକ୍ତିର ପ୍ରମାଣ ମିଳିଛି। ସୋନପୁର ଉପଜିଲାପାଳ ବଳରାମ ମଲ୍ଲିକ ବିନିକା ତହସିଲଦାର ଘୁଟାଙ୍କୁ କୈଫିୟତ ତଲବ କରିଛନ୍ତି। ଉପଜିଲାପାଳ ମଲ୍ଲିକ ଚିଠିରେ ଲେଖିଛନ୍ତି ଯେ, ଠିକ୍ ତଦନ୍ତ ନ କରି କ୍ଷତିଗ୍ରସ୍ତ ଚାଷୀଙ୍କ ତାଲିକା ଓ ବ୍ୟାଙ୍କ ଆକାଉଣ୍ଟ ନମ୍ବର ପ୍ରଦାନ କରିଥିଲେ। ସ୍ଥାନୀୟ ରାଜସ୍ୱ ସୁପରଭାଇଜରଙ୍କ ପ୍ରସ୍ତୁତ ହିତାଧିକାରୀ ତାଲିକାରେ ଦସ୍ତଖତ ନ ଥିଲା। ଏନେଇ ସରକାରୀ ଅର୍ଥର ଦୁରୁପଯୋଗ ହୋଇଛି। ଚାଷ କାର୍ଯ୍ୟରେ କ୍ଷତି ସହି ନ ଥିବା ଲୋକେ ଲକ୍ଷାଧିକ ଟଙ୍କାର ଫସଲ କ୍ଷତି ସହାୟତା ପାଇଛନ୍ତି। ଦାୟିତ୍ୱହୀନତା, ଠିକ୍ ଭାବେ ଅନୁଧ୍ୟାନ ନ କରିବା ଓ କର୍ତ୍ତବ୍ୟରେ ଅବହେଳା ଯୋଗୁ ଏଭଳି ହେରଫେର ହୋଇଥିବା ଉଲ୍ଲେଖ ରହିଛି। ୭ ଦିନ ଭିତରେ କାରଣ ଦର୍ଶାଇବାକୁ ଉପଜିଲାପାଳଙ୍କ ଚିଠି ନଂ ୫୧୩୨/୯।୧୦।୧୮ରେ ତହସିଲଦାରଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି।

ପ୍ରକାଶ ଯେ, ୨୦୧୮ ରବି ଋତୁରେ ଅଦିନିଆ ବର୍ଷା ଓ କୁଆପଥର ମାଡରେ ଜିଲାରେ ବ୍ୟାପକ ଫସଲ ନଷ୍ଟ ହୋଇଥିଲା। କ୍ଷେତ୍ରୀୟ ତଦନ୍ତ ପରେ ଜିଲା ପ୍ରଶାସନ ଫସଲ କ୍ଷତି ରିପୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଦାନ କରିଥିଲେ। ତଦନୁଯାୟୀ ସରକାର ସହାୟତା ରାଶି ମଞ୍ଜୁର କରିଥିଲେ। ତେବେ ଏହି ସହାୟତା ରାଶି ବିନିକାରେ ପ୍ରକୃତ କ୍ଷତିଗ୍ରସ୍ତ ଚାଷୀଙ୍କୁ ମିଳି ନ ଥିଲା। ଭାଗଚାଷୀଙ୍କ ନାମରେ ନକଲି ଚାଷୀଙ୍କ ଆକାଉଣ୍ଟରେ ଲକ୍ଷାଧିକ ଟଙ୍କା ପ୍ରଦାନ କରା ଯାଇଥିବା ଅଭିଯୋଗ ହୋଇଥିଲା। ସ୍ଥାନୀୟ ଅମାମୁଣ୍ଡା ଗ୍ରାମରେ ଚାଷୀଙ୍କ ନାମରେ ୧୯ ଲକ୍ଷ ୨୨ ହଜାର ୮୦୬ ଟଙ୍କା ପ୍ରଦାନ କରାଯାଇଥିଲା। ତେବେ ପ୍ରକୃତ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ରାଶି ନ ମିଳିବାରୁ ସେମାନେ ତହସିଲଦାର ଓ ଜିଲାପାଳଙ୍କ ନିକଟରେ ପୂର୍ବରୁ ଅଭିଯୋଗ କରିଥିଲେ। ସୂଚନା ଅଧିକାର ଆଇନ ବଳରେ ହିତାଧିକାରୀଙ୍କ ତାଲିକା ମିଳିବା ପରେ ଅନିୟମିତତା ଜଣା ପଡିଥିଲା। ଏ ସମ୍ପର୍କରେ ସୋନପୁର ଉପଜିଲାପାଳ ବଳରାମ ମଲ୍ଲିକଙ୍କଠାରୁ ରିପୋର୍ଟ ମିଳିବା ପରେ ଜିଲାପାଳ ମଧୁସୂଦନ ମିଶ୍ର ଭାରପ୍ରାପ୍ତ ରାଜସ୍ୱ ନିରୀକ୍ଷକ(ଆର.ଆଇ) ପ୍ରେମାଞ୍ଜଳି ଦଣ୍ଡସେନାଙ୍କୁ ଗତ ୩ ତାରିଖରେ ନିଲମ୍ବନ କରିଛନ୍ତି ।

# ଶୁକ୍ରବାର ପର୍ଯ୍ୟନ୍ତ ଆଇନଜୀବୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**କଟକ ଅଫିସ, ୧୦।୧୦**

ମାଡ଼ ଘଟଣାକୁ ନେଇ ଆଇନଜୀବୀଙ୍କ ଆନ୍ଦୋଳନ ୪୩ ଦିନରେ ପହଞ୍ଚିଛି। ଏହି ଆନ୍ଦୋଳନ ଆସନ୍ତା ଶୁକ୍ରବାର ପର୍ଯ୍ୟନ୍ତ ବଳବତ୍ତର ରହିବ। ଉକ୍ତଦିନ ହାଇକୋର୍ଟ ବାର୍ ଆସୋସିଏଶନ ପକ୍ଷରୁ ବୈଠକ ବସି ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ। ଏଥିସହ ନବୀନ ନିବାସ ଘେରାଉ ପାଇଁ ଆଇନଜୀବୀମାନେ ଯେଉଁ ନିଷ୍ପତ୍ତି ନେଇଥିଲେ ସେ ସମ୍ପର୍କରେ ଆଲୋଚନା ହେବ। ବୁଧବାର ହାଇକୋର୍ଟ ବାର୍ ଆସୋସିଏଶନ ସାଧାରଣ ପରିଷଦ ବୈଠକ ବସି ଏହି ନିଷ୍ପତ୍ତି ନିଆଯାଇଛି। ହାଇକୋର୍ଟ ବାର୍ ସଭାପତି ତଥା ବରିଷ୍ଠ ଆଇନଜୀବୀ ଶ୍ରୀକାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉପସଭାପତି ବଂଶୀଧର ଶତପଥୀ, ସମ୍ପାଦକ ସତ୍ୟବ୍ରତ ମହାନ୍ତିଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ରହି ଆଲୋଚନା କରିଥିଲେ।

ଅନ୍ୟପକ୍ଷରେ ଉକ୍ତ ଘଟଣାକୁ ନେଇ ବୁଧବାର ହାଇକୋର୍ଟରେ ରୁଜୁ ହୋଇଥିବା ମାମଲାର ଶୁଣାଣି ହୋଇଥିଲା। କ୍ରାଇମବ୍ରାଞ୍ଚ ଆଇଜି ଅରୁଣ ବୋଥ୍ରା ବ୍ୟକ୍ତିଗତ ଭାବେ ହାଜର ହୋଇ ମାମଲାର ତଦନ୍ତ ପାଇଁ ହାଇକୋର୍ଟଙ୍କୁ ଆଉ କିଛିଦିନ ସମୟ ମାଗିଥିଲେ। ତେବେ ଆସନ୍ତା ଶୁକ୍ରବାର ତଦନ୍ତ ରିପୋର୍ଟ ହାଇକୋର୍ଟରେ ଦାଖଲ କରିବା ପାଇଁ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଓ ବିଚାରପତି ଜଷ୍ଟିସ କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।












> ସ୍ୱାର୍ଥପରତା ହିଁ ଏକମାତ୍ର ପାପ। ନୀଚତା ହିଁ ଏକମାତ୍ର କୁବୃତ୍ତି। ଘୃଣା ହିଁ ଏକମାତ୍ର ଅପକର୍ମ। ଆଉ ସବୁକୁ ସତ୍‌ରୂପରେ ପରିବର୍ତ୍ତନ କରାଯାଇପାରେ। କିନ୍ତୁ ଏଇ କେତୋଟି ହେଲା ଭଗବାନଙ୍କର ଚିରଶତ୍ରୁ। –ଶ୍ରୀଅରବିନ୍ଦ

# ହର୍ମୋନ୍–ପ୍ରଯୁକ୍ତ ମାଂସ

ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

ସାରା ପୃଥିବୀରେ ମାଂସାହାର ବ୍ୟାପକ ଭାବେ ଚାଲିଛି, ଯେଉଁଥିପାଇଁ ପ୍ରତିବର୍ଷ ଶହ ଶହ କୋଟି ପ୍ରାଣୀଙ୍କୁ ହତ୍ୟା କରାଯାଉଛି। ଭାରତ ଏ ଦିଗରେ କିଛି ପଛରେ ନାହିଁ। ପ୍ରକୃତରେ ୨୦୧୫–୧୬ରେ ଭାରତ ୭ ନିୟୁତ ଟନ୍ ମାଂସ ଉତ୍ପାଦନ କରି ପୃଥିବୀରେ ପଞ୍ଚମ ସ୍ଥାନରେ ରହିଥିଲା। ଏ ସରକାର ଅମଳରେ ମାଂସ ରପ୍ତାନି ୨୫% ବୃଦ୍ଧି ପାଇଛି, ତେଣୁ ସମ୍ଭବତଃ ମାଂସ ଉତ୍ପାଦନରେ ଆମେ ଏବେ ଚତୁର୍ଥ ସ୍ଥାନରେ ଥିବୁ। କ୍ଷୀର ଉତ୍ପାଦନ ଦୃଷ୍ଟିରୁ ବିଚାର କଲେ ଆମେ ପୃଥିବୀରେ ଏକ ନମ୍ବର ଏବଂ ୨୦୧୫–୧୬ରେ ପୃଥିବୀର ୧୮.୫% କ୍ଷୀର ଆମେ ଉତ୍ପାଦନ କରିଛୁ।

ଭାରତ ବିପୁଳ ପରିମାଣର କ୍ଷୀର ଓ ମାଂସ ଉତ୍ପାଦନ କରୁଥିବାରୁ ଏ ସମ୍ପର୍କିତ ଉତ୍ପାଦ ଯଥା ଛେନା, ଦହି, ସସେଜ୍ (କଟା ମାଂସରେ ତିଆରି ଖାଦ୍ୟ ବିଶେଷ), ନଗେଟ୍ (ମାଂସ ପକଡ଼ା) ଇତ୍ୟାଦି ପାଇଁ ବିଶ୍ୱ କେନ୍ଦ୍ରରେ ପରିଣତ ହୋଇଛି। ସରକାର ଏହାକୁ ବିରାଟ ଅର୍ଥନୈତିକ ସଫଳତା ବୋଲି ବିଚାର କରୁଥିବା ବେଳେ ପରିବେଶ ଓ ଜନସ୍ୱାସ୍ଥ୍ୟ ଉପରେ ଏହାର ଘୋର ପ୍ରତିକୂଳ ପ୍ରଭାବ ପଡୁଛି। ମାଂସ ଓ କ୍ଷୀରର ଉତ୍ପାଦନ ଯୋଗୁ ବିଶ୍ୱ ତାପମାତ୍ରା ବୃଦ୍ଧି ପାଉଛି, ଯାହା ଜଳବାୟୁ ପରିବର୍ତ୍ତନ ପାଇଁ ଦାୟୀ। ଦୁର୍ଭିକ୍ଷ, ବାତ୍ୟା, ଟର୍ନାଡୋ, ସୁନାମି, ଜଳାଭାବ ଇତ୍ୟାଦି ଏହାର ପରିଣାମ।

ଯେତେବେଳେ ମାଂସ ଓ କ୍ଷୀର କମ୍ ବ୍ୟବହାର ହେଉଥିଲା, ସେତେବେଳେ ଏହା ଥିଲା କୁଟୀରଶିଳ୍ପ। ଗାଁର ପଶୁପାଳକମାନେ ଗାଈ, ଛେଳି ପ୍ରଭୃତି ଅଳ୍ପ କିଛି ପ୍ରାଣୀ ରଖୁଥିଲେ। ସେମାନଙ୍କୁ ଚରାଇବାକୁ ବଣ, ଦଣ୍ଡାକୁ ନେଉଥିଲେ। ତା'ପରେ ସେମାନଙ୍କୁ ମାରି ମାଂସ ବିକ୍ରି କରୁଥିଲେ। ବର୍ତ୍ତମାନ ସେ କୁଟୀରଶିଳ୍ପଟା ବୃହତ୍ ଶିଳ୍ପରେ ପରିଣତ ହୋଇଯାଇଛି। ଫାର୍ମମାନଙ୍କରେ ପଶୁପାଳନ କରାଯାଉଛି। ଏହି ଫାର୍ମ ମାଲିକମାନେ ପାରମ୍ପରିକ କୃଷକ ନୁହନ୍ତି। ବଡ଼ ବଡ଼ କର୍ପୋରେଶନ ଏଥିରେ ସମ୍ପୃକ୍ତ, ଯେଉଁମାନେ ଦେଶର ପ୍ରତ୍ୟେକ ସ୍ଥାନରେ ଦୋକାନ ଖୋଲିଛନ୍ତି। ସେମାନଙ୍କ ପ୍ରଭାବରେ ସାଧାରଣ କୃଷକମାନେ ପାଶ୍ଚାତ୍ୟ ପଶୁପାଳନ ପଦ୍ଧତି ଅବଲମ୍ବନ କରିବାକୁ ବାଧ୍ୟ ହେଉଛନ୍ତି। ଅଧିକାଂଶ ମାଂସ ରପ୍ତାନିକାରୀ ମଧ୍ୟପ୍ରାଚ୍ୟ ବା ଚାଇନାର କର୍ପୋରେଶନଗୁଡ଼ିକ ସହିତ ଖୋଲାରେ ବା ଲୁଚାରେ ସହଭାଗିତା ଆପଣାଇଛନ୍ତି।

ବର୍ତ୍ତମାନ ମାଂସ ଉତ୍ପାଦନ ପ୍ରତିବର୍ଷ ବୃଦ୍ଧିପାଇବାରେ ଲାଗିଛି। କେବଳ ଗୋମାଂସ ରପ୍ତାନି, ଯାହା ୧୯୯୯–୨୦୦୧ରେ ୦.୩୧ ନିୟୁତ ଟନ୍ ଥିଲା, ତାହା ୨୦୧୬ରେ ୧.୫୬ ନିୟୁତ ଟନ୍‌ରେ ପହଞ୍ଚିଛି। ଭାରତରେ ଏହି ହାର ଆହୁରି ବୃଦ୍ଧି ପାଇପାରେ, କାରଣ ଏହା ଚତୁର୍ଥରୁ ତୃତୀୟ ବୃହତ୍ତମ ମାଂସ ରପ୍ତାନିକାରୀ ଦେଶଭାବେ ପରିଗଣିତ ହେବାକୁ ବସିଛି। ସରକାରୀ ତଥ୍ୟରୁ ଜଣାପଡ଼ିଛି ଯେ, ଘୁଷୁରି ମାଂସ ରପ୍ତାନି ମଧ୍ୟ ୨୦୧୫–୧୬ ତୁଳନାରେ ୨୦୧୬–୧୭ରେ ୨୧% ବୃଦ୍ଧି ପାଇଛି। ଗୋରୁ ଫାର୍ମ ଶିଳ୍ପ ପ୍ରତିବର୍ଷ ବୃଦ୍ଧି ପାଉଥିବା ବେଳେ ସେଥିରୁ କେମିତି ଅଧିକ କରିହେବ, ତା'ର ନୂଆ ନୂଆ ଉପାୟ ମଧ୍ୟ ବାହାରୁଛି। ଅଳ୍ପ ଜାଗାରେ କେମିତି ଅଧିକ ପଶୁ ପାଳନ କରିହେବ, ସେମାନେ କିପରି ଶୀଘ୍ର ଶୀଘ୍ର ବଢ଼ିବେ ଏବଂ ମାଂସକୁ ବଜାରରେ ନେଇ କେମିତି କମ୍ ସମୟରେ ପହଞ୍ଚାଇ ହେବ, ସେ ଦିଗରେ ନୂଆ ନୂଆ ଉପାୟ ବାହାରୁଛି। ସେଥିପାଇଁ ନିର୍ଦ୍ଦିଷ୍ଟ ପରିସରରେ ଅଧିକ ସଂଖ୍ୟକ ପଶୁ ପାଳନ କରାଯାଉଛି। ସେମାନଙ୍କୁ ଶୀଘ୍ର ବଢ଼ିବା ପାଇଁ ଖାଦ୍ୟ, ଔଷଧ ଓ ହର୍ମୋନ ଇତ୍ୟାଦି ଦିଆଯାଉଛି। ଏଇଥିରୁ 'ଫିଡ୍ କନ୍‌ଭର୍ଜନ ଏଫିସିଏନ୍ସି' (ଏଫ୍‌ସିଇ)ର ଚିନ୍ତାଧାରା ଜନ୍ମ ନେଇଛି। ଏକ ୟୁନିଟ୍ ମାଂସ ଉତ୍ପାଦନ ପାଇଁ ଯେତିକି ଖାଦ୍ୟ, ପାନୀୟ ଆଦି ଇନ୍‌ପୁଟ୍ ଦିଆଯାଏ ତାହା ହିଁ ଏଫ୍‌ସିଇ। ଏହା ହେଉଛି ଇନ୍‌ପୁଟ୍ ଓ ଆଉଟ୍‌ପୁଟ୍‌ର ସରଳ ଅର୍ଥନୈତିକ ତର୍କ, ଯେଉଁଥିରେ ପ୍ରାଣୀ ବା ଖାଉଟିଙ୍କ କଥା ବିଚାର କରାଯାଇ ନ ଥାଏ। ଏହି ତର୍କ ଆଧାରରେ ଗୋରୁ ଫାର୍ମଗୁଡ଼ିକ ଗୋରୁମାନଙ୍କୁ ବିଭିନ୍ନ ପ୍ରକାର ହର୍ମୋନ ଦିଅନ୍ତି, ଯାହାଦ୍ୱାରା ସେମାନେ ଶୀଘ୍ର ଶୀଘ୍ର ବଢ଼ିବେ ଓ ମୋଟା ହୋଇଯିବେ। କମ୍ ସମୟରେ ସେମାନଙ୍କ ମାଂସ ବିକି ଅଧିକ ଲାଭ ଅର୍ଜନ କରିହେବ। ଏହି ହର୍ମୋନ୍‌ଗୁଡ଼ିକ ମୁଖ୍ୟତଃ ଦୁଇପ୍ରକାର– 'କ୍ଲାସିକ୍' ଷ୍ଟେରଏଡ୍ ସେକ୍ସ ହର୍ମୋନ୍ ଯଥା ଇଷ୍ଟ୍ରାଡାୟୋଲ୍–୧୭ବିଟା, ଟେଷ୍ଟୋଷ୍ଟେରୋନ୍ ଏବଂ ପ୍ରୋଜେଷ୍ଟେରୋନ୍ ବା ସିନ୍ଥେଟିକ୍ ହର୍ମୋନ୍। ଏହି ହର୍ମୋନ୍‌ଗୁଡ଼ିକ ଗୋରୁମାନଙ୍କୁ ଖାଦ୍ୟରେ ମିଶାଇ ବା ଇଞ୍ଜେକ୍ସନ ଆକାରରେ ଦିଆଯାଏ। କିନ୍ତୁ ଏଭଳି ହର୍ମୋନ୍ ଦିଆ ଗୋରୁ ମାଂସ ଖାଇଲେ ଖାଉଟିମାନଙ୍କ ଅବସ୍ଥା କ'ଣ ହେବ, ସେ ବିଷୟରେ କେହି ଚିନ୍ତା କରନ୍ତି ନାହିଁ।

୧୯୫୦ ଦଶକରେ ଆମେରିକା ଓ ଇଂଲଣ୍ଡରେ ଗୋରୁ ଫାର୍ମରେ ହର୍ମୋନ୍‌ର ବ୍ୟବହାର ଲୋକପ୍ରିୟତା ଅର୍ଜନ କଲା। ସେତେବେଳେ ଗୋରୁମାନଙ୍କୁ ଡିଇଏସ୍ (ଡାଇଇଥାଇଲ୍‌ଷ୍ଟିଲ୍‌ବୋଇଷ୍ଟ୍ରୋଲ୍) ଏବଂ ହେକ୍ସୋଇଷ୍ଟ୍ରୋଲ୍ ଦିଆଯାଉଥିଲା। ଏହାଦ୍ୱାରା ଫାର୍ମ ମାଲିକମାନେ ଦେଖିଲେ ଯେ, ଗୋରୁମାନଙ୍କ ଓଜନ ୧୦–୧୫% ବୃଦ୍ଧିପାଇଲା। ତେଣୁ ଏଫ୍‌ସିଇ ବଢ଼ିଲା, ଅର୍ଥାତ୍ କମ୍ ଖାଦ୍ୟ ଦେଲେ ମଧ୍ୟ ଓଜନ ବଢ଼ିଲା। ଏହାଦ୍ୱାରା ହର୍ମୋନ୍‌ର ବ୍ୟବହାର ବୃଦ୍ଧି ପାଇବାକୁ ଲାଗିଲା। ଭାରତ ମଧ୍ୟ ଲୋକଙ୍କ ସ୍ୱାସ୍ଥ୍ୟ କଥା ଚିନ୍ତା ନ କରି ହର୍ମୋନ୍ ବ୍ୟବହାର ଆପଣେଇବାକୁ ଲାଗିଲା।

ଆଜିକାଲି ଗୋରୁମାନଙ୍କୁ ଦିଆଯାଉଥିବା ଏକ ସାଧାରଣ ହର୍ମୋନ୍ ହେଉଛି ମେଲେଞ୍ଜେଷ୍ଟ୍ରୋଲ୍ ଏସିଟେଟ୍ (ଏମ୍‌ଜିଏ)। ଏହା ଏକ ପ୍ରକାର ପ୍ରୋଜେଷ୍ଟେରୋନ୍ ଯାହା ଏଫ୍‌ସିଇ ବଢ଼ାଇବା ପାଇଁ ପ୍ରାଣୀମାନଙ୍କୁ ଖାଦ୍ୟରେ ଦିଆଯାଏ। ଏହା ଓଜନ ବଢ଼ାଏ ଏବଂ ଗାଈମାନଙ୍କ ଋତୁସ୍ରାବ ବନ୍ଦ କରିଦିଏ। ଆମେରିକାର ଜନ୍ ହପ୍‌କିନ୍ସ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ଜନ୍ ହପ୍‌କିନ୍ସ ସେଣ୍ଟର ଫର୍ ଏ ଲିଭେବ୍ଲ ଫ୍ୟୁଚରରେ ଟି.ଜେ. ସ୍ମିଥ୍ ଓ କେ.ଇ. ନାଚମାନଙ୍କ ଦ୍ୱାରା ପରିଚାଳିତ ଏକ ଅନୁଧ୍ୟାନରେ ମୂଷାମାନଙ୍କୁ ଏହି ହର୍ମୋନ୍ ଖାଇବାକୁ ଦିଆଯିବାରୁ ତାଙ୍କଠାରେ କ୍ୟାନ୍‌ସରର ଲକ୍ଷଣ ପ୍ରକାଶ ପାଇଲା। ବର୍ତ୍ତମାନ ଭାରତର ହଜାର ହଜାର ଯୁବତୀ ଝିଅଙ୍କ ଗର୍ଭାଶୟରେ ଏଣ୍ଡୋମେଟ୍ରିଓସିସ୍ (ଯାହା କଷ୍ଟାର୍ତ୍ତବର କାରଣ) ଓ ସିଷ୍ଟ (ପୂଯକୋଷ) ହେବାର ଦେଖାଯାଉଛି। ତେବେ ଏହାର କାରଣ କ'ଣ? ବନ୍ୟବିଡ଼ାଲଠାରେ ଏମ୍‌ଜିଏ ପ୍ରୟୋଗ କରି ତା'ଠାରେ ଅନୁରୂପ ସମସ୍ୟା ଦେଖାଯାଇଛି। ତଥାପି ଏମ୍‌ଜିଏର ବ୍ୟବହାର ଅବ୍ୟାହତ ରହିଛି। ଗୋରୁ ଶିଳ୍ପରେ ଆଉ ଏକ ହର୍ମୋନ୍ ବ୍ୟବହାର କରାଯାଉଛି, ଯାହା ଜେରାନୋଲ ନାମକ ଏକ ସିନ୍ଥେଟିକ୍ ଅଣଷ୍ଟେରଏଡ୍‌ଯୁକ୍ତ ଇଷ୍ଟ୍ରୋଜେନ୍। ଏହାକୁ ଏକ ଗ୍ରୋଥ୍ ପ୍ରମୋଟର ଭାବେ ଆମେରିକା ଓ କାନାଡ଼ାରେ ଅନୁମତି ମିଳିଥିବା ବେଳେ ୟୁରୋପରେ ନିଷିଦ୍ଧ କରାଯାଇଛି। ଜେରାନୋଲ ସ୍ତନକର୍କଟ ରୋଗର ବୃଦ୍ଧିକାରକ ଭାବେ ଜଣାଶୁଣା। ଡିଇଏସ୍‌କୁ ଗୋରୁଙ୍କୁ ଗ୍ରୋଥ୍ ପ୍ରମୋଟର ଭାବେ ଦିଆଯାଉଥିବାବେଳେ ଏହା ମଧ୍ୟ କ୍ୟାନ୍‌ସରକାରକ ବୋଲି ବିଭିନ୍ନ ରିପୋର୍ଟରୁ ଜଣାପଡ଼ିଛି।

ମାଂସ ଶିଳ୍ପ ପାଇଁ ଟଙ୍କା ଓ ଲାଭ ବଡ଼, ମଣିଷର ସ୍ୱାସ୍ଥ୍ୟ ନୁହେଁ। ପ୍ରାଣୀମାନଙ୍କୁ ହର୍ମୋନ୍ ନ ଦେଇ ଉପଯୁକ୍ତ ଖାଦ୍ୟ ଓ ପାନୀୟ ଦେଲେ ବି ସେମାନେ ସୁସ୍ଥ ସବଳ ହୋଇ ବଢ଼ିପାରିବେ। କିନ୍ତୁ ତାହାଦ୍ୱାରା ମାଂସ ଶିଳ୍ପ ମାଲିକମାନଙ୍କ ଲାଭ କମିଯିବ। ଯଦି କମ୍ପାନୀମାନେ ସ୍ୱାସ୍ଥ୍ୟକର ପଦ୍ଧତି ଗ୍ରହଣ କରିବାକୁ ରାଜି ନୁହନ୍ତି, ଆମେ ସେମାନଙ୍କୁ ତାହା ଗ୍ରହଣ କରିବା ପାଇଁ ବାଧ୍ୟ କରିବା ଉଚିତ। ଲୋକମାନେ ଯଦି ହର୍ମୋନ୍ ଦିଆ ମାଂସ ଖାଇବାକୁ ଚାହିଁବେ ନାହିଁ, ତେବେ ତା'ର ଚାହିଦା କମିଯିବ ଏବଂ କମ୍ପାନୀମାନେ ହର୍ମୋନ୍‌ର ବ୍ୟବହାର ବନ୍ଦ କରିବାକୁ ବାଧ୍ୟ ହେବେ। ୟୁରୋପରେ ତାହାହିଁ ଘଟିଛି। ଆମେ ଇତିମଧ୍ୟରେ ସରକାରୀ ନିୟାମକ ସଂସ୍ଥା ଏଫ୍‌ଏସ୍‌ଏସ୍‌ଏଆଇ ଉପରେ ଚାପ ପ୍ରୟୋଗ କରିବା ଦରକାର।

Email: gandhim@nic.in

# ଅଦୃଶ୍ୟ ଆତ୍ମୀୟତା

ଦ୍ୱିତୀ ଚନ୍ଦ୍ର ସାହୁ

ସେଦିନର ବର୍ଷା ଧୋଇଦେଇଥିଲା ଅଞ୍ଚଳର ଭୂଗୋଳକୁ। ଚାରିଆଡ଼ ସଫା ଦେଖାଯାଉଥିଲା। ଅନତିଦୂରରେ ଥିବା ପାହାଡ଼ ଘନ କଳା–ସବୁଜ ମିଶ୍ରିତ ରଙ୍ଗରେ ଯେମିତି ଘୋଡେଇ ହୋଇଯାଇଥିଲା। ରାସ୍ତା ମଝିରେ ଠାଏ ଠାଏ ଗାତରେ ପାଣି ଭର୍ତ୍ତି ହୋଇଥିଲା। ପାଖ ଦେଇ ବହିଯାଉଥିବା ନଦୀରେ ମାଟିଆ ଜଳ ବର୍ଷାର ପ୍ରମାଣ ଦେଉଥିଲା। ଧାନଗଛ ସବୁ ଠିଆ ହୋଇସାରିଥିଲେ ନିଜ ଦମ୍ଭରେ ରୁଆରୋଇର ଢେର ଦିନ ପରେ। ଧାନଗଛରେ ଭରା ଜମି ସବୁ ଦିଶୁଥିଲା ଖୁବ୍ ସୁନ୍ଦର। ଚାରିଆଡେ ସବୁଜିମାର ରାଜୁତି। ମଝିରେ ମଝିରେ ଧାନ ଫସଲରେ ରାସାୟନିକ ସାର ବିଞ୍ଚୁଥିବା ଚାଷୀଟି ଦୂରରୁ ଲାଗୁଥିଲା ଚଳମାନ ପାଳଭୂତ ପରି। ବିକ୍ଷିପ୍ତ ଭାବେ ଖରା ଅଜାଡି ହୋଇପଡିଥିଲା ସବୁଠି। ବର୍ଷାଧୌତ ପରିବେଶ ଆହୁରି କମନୀୟ ଲାଗୁଥିଲା।

ରାସ୍ତାରେ ଡ୍ରାଇଭର ଗାଡି ରଖିଲା। ରାସ୍ତାକଡରେ ଜଣେ ଆଦିବାସୀ ମକା ବିକ୍ରି କରୁଥିଲା। ପାଖରେ ଦେଶୀ କାଙ୍କଡ ଗଦା ହୋଇଥିଲା। ତା' ପାଖକୁ ଲାଗି ଦାଉ ଦାଉ ଜଳୁଥିବା ଅଙ୍ଗାର, ଅନ୍ୟ ଥାଳିରେ ଲେମ୍ବୁ ଖଣ୍ଡ, ଲୁଣ ଓ କଞ୍ଚାଲଙ୍କା। ସେଠାରେ ବସିଛି ଜଣେ ମହିଳା। କୋଳରେ ଛୋଟ ଛୁଆ। ଆଉ ଗୋଟେ ଛୁଆ ଦୂରରେ ବସି ପୋଡ଼ା ମକାର ଆବରଣକୁ ନେଇ ଖେଳୁଛି। ପଲିଥିନ ଛାମୁଣ୍ଡିଆରେ ଚାଲିଛି ତା'ର ଦୋକାନ। ମକା ଦଶ ଟଙ୍କାକୁ ତିନିଟା। ମକା ପୋଡା ନେଲେ ଗୋଟାକୁ ପାଞ୍ଚ ଟଙ୍କା। କାଙ୍କଡ ଭାଗକୁ କୋଡିଏ ଟଙ୍କା। ଯାତାୟାତ କରୁଥିବା ଅନେକ ଗାଡି ଅଟକିଯାଏ। ସଜ ପରିବା ନେବା ଲୋଭରେ କିମ୍ବା ବର୍ଷା ପାଗରେ ଗରମ ଗରମ ମକା ପୋଡା ଖାଇବାର ଲୋଭରେ ଠିକ୍ ଆମ ଗାଡି ଯେମିତି ଅଟକିଛି।

ଆମ ଗାଡିରେ ଥିବା ବନ୍ଧୁମାନେ ମକା ଓ କାଙ୍କଡ କିଣିଲେ। କାଙ୍କଡ ଗୋଟିଏ ଭାଗ ପାଖାପାଖି ୨୫୦ ଗ୍ରାମ୍‌ରୁ ୩୦୦ ଗ୍ରାମ୍ ହେବ। ନେଲାବେଳେ ଗ୍ରାହକଙ୍କୁ ବିନା ଅନୁରୋଧରେ ଗୋଟିଏ ଦୁଇଟା ଅଧିକା ଦେଉଛି ସେ। ତଥାପି ଗ୍ରାହକ ବଳେଇ ବଳେଇ ମାଗିଲେ ଗୋଟାଏ ପକେଇ ଦେଉଛି। ଗ୍ରାହକ ଖୁସି। ବିକୁଥିବା ଆଦିବାସୀ ବି ଖୁସି। ସହରକୁ ନ ଯାଇ ନିଜ ଗୋଡ ତଳେ ବିକ୍ରି କରିଦେଉଛି ତା'ର ଉତ୍ପାଦିତ ସାମଗ୍ରୀ। ମକା ପୋଡା ଲାଗି ମକା ବାଛିବା ଆଳରେ ପଚାରିଲି ଢେର କଥା ମହିଳାଙ୍କୁ। ସାମଗ୍ରିକ କଥାବାର୍ତ୍ତାରୁ ଅନେକ କିଛି ପାଇଲି ଆଦିବାସୀଙ୍କ ସାମ୍ପ୍ରତିକ ଜୀବନଜୀବିକା ସମ୍ପର୍କରେ। ସାମେଲି ଜାକାକାର ଚାରୋଟି ସନ୍ତାନ। ପାଖରେ ଦି' ଜଣ ଅଛନ୍ତି। ଆଉ ଦି' ଜଣରୁ ବଡ ଝିଅ ନବମ ଶ୍ରେଣୀରେ ପଢ଼େ। ତା' ପର ପୁଅଟିର ସପ୍ତମ ଶ୍ରେଣୀ। ଦି'ଜଣ ସାମାନ୍ୟ ଦୂରରେ ଥିବା ଅଲଗା ଅଲଗା ଆବାସିକ ବିଦ୍ୟାଳୟରେ ରହି ପଢୁଛନ୍ତି। ରହିବା, ଖାଇବା, ପଢିବା ଓ ପଢାଇବା ଜଞ୍ଜାଳରୁ ମୁକ୍ତି। ପୋଷାକଠାରୁ ପାଠ୍ୟସାମଗ୍ରୀ ପର୍ଯ୍ୟନ୍ତ ସବୁ ମିଳୁଛି ସେଠି। ଦେହପା' ଖରାପ ହେଲେ ବି ଦାୟିତ୍ୱ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କର। ଯାହା ଖାଲି ପୂଜାପାର୍ବଣରେ ଯାଇ ଭେଟିବା କିମ୍ବା ଛୁଟି ପୂର୍ବରୁ ସେମାନଙ୍କୁ ଘରକୁ ଆଣିବା କାମ କରିଦେଲେ ହେଲା।

ପାଠ ପଢ଼ାପଢ଼ି ସମ୍ପର୍କରେ ତାଙ୍କର ମତ ଅଦ୍ଭୁତ। ସେମାନେ ଦୁହେଁ ପାଠ ପଢି ନାହାନ୍ତି। ତେଣୁ ସେମାନଙ୍କ ପିଲାମାନେ କ'ଣ ପଢୁଛନ୍ତି ଜାଣନ୍ତିନି। କିନ୍ତୁ ପରବର୍ତ୍ତୀ ପିଢ଼ି ଭାବେ ସେମାନଙ୍କ ପିଲା ପାଠ ପଢ଼ି ଚାକିରିବାକିରି କରନ୍ତୁ, ଡଙ୍ଗର ପାହାଡ଼ ଭିତରେ ସେମାନଙ୍କ ଭଳି ଘାଣ୍ଟି ହୁଅନ୍ତୁନି, ଦୁନିଆ ବିଷୟରେ ଜାଣନ୍ତୁ– ଏଇଆ ସେମାନଙ୍କ ଇଚ୍ଛା। ଚାକିରି ନ ମିଳିଲେ ଆଦିବାସୀ ପିଲା ଯେମିତି ହେଲେ ବଞ୍ଚିଯିବ, କିଛି ଚିନ୍ତା ନାହିଁ। ଏହା ତାଙ୍କର ଦୃଢବିଶ୍ୱାସ। ଏଇ ବିଶ୍ୱାସ ହିଁ ସେମାନଙ୍କୁ ଅଧିକ ଶକ୍ତିଶାଳୀ କରୁଛି ମାନସିକ ସ୍ତରରେ। ପରିବାରର ଚାପ ନ ଥିବା ଏମିତି ଅନେକ ସନ୍ତାନ ହିଁ ପଙ୍କରୁ ପଦ୍ମ ପ୍ରାୟ ବହୁ ପ୍ରାଶାସନିକ ଅଧିକାରୀଭାବେ ତଥା ବଡ ବଡ ପଦବୀରେ ନିଯୁକ୍ତି ପାଉଛନ୍ତି। ସେମାନଙ୍କୁ କାଳେ ସରକାରୀ ଯୋଜନାରେ ପକ୍କା ଘର ମଧ୍ୟ ମିଳିଛି। ନିକଟରେ ଥିବା ଗାଁରେ ଅଛି କିଛି ଧାନ ଜମି ଓ ବାଡ଼। ଜମିରୁ ଧାନ ଓ ବାଡ଼ରୁ ମିଳୁଛି କପା। ପାହାଡ଼ରେ ଲାଗିଛି ମକା। ପାହାଡ଼ ତଳ ବାଡ଼ରେ ପନିପରିବା। ନିଜେ ଖାଇବା ସହ ଏମିତି ବସି ନିତି ବିକ୍ରି କରିଦିଅନ୍ତି।

ଦିନକୁ ପାଖାପାଖି ପାଞ୍ଚରୁ ସାତ ଶହ ଟଙ୍କା ଯାଏ ରୋଜଗାର ହୋଇଯାଏ। ଏହି ରୋଜଗାରକୁ ସେମାନେ ସାଇତି ରଖନ୍ତି ଘରେ। ହିନ୍ଦୁ ନୂଆବର୍ଷ ପୂର୍ବରୁ ସ୍ତ୍ରୀ ଲାଗି ସୁନା କିଣନ୍ତି। ନ ହେଲେ ବିଭିନ୍ନ ପର୍ବପର୍ବାଣିରେ ଖର୍ଚ୍ଚ କରନ୍ତି ଏଇ ଅର୍ଥ। ଖାଲି ସେତିକି ନୁହେଁ ଆଦିବାସୀ ଏମିତି ଜମା କରିଥିବା ପୁଞ୍ଜିକୁ ଚିଟ୍‌ଫଣ୍ଡ ଦଲାଲ କିମ୍ବା ଅନାମଧେୟ କୌଣସି ଅର୍ଥଲଗାଣକାରୀ ସଂସ୍ଥା ଅଧିକ ଫେରାଇବା ଲୋଭ ଦେଖାଇ ଲୁଟି ନିଅନ୍ତି ନିମିଷକରେ। ତା'ଛଡା ବହୁ ଠକ କମ୍ପାନୀ ନିଜର ନକଲି ସାମଗ୍ରୀ ବିକ୍ରି ଲାଗି ଆଦିବାସୀବହୁଳ ଅଞ୍ଚଳକୁ ଟାର୍ଗେଟ କରନ୍ତି। ସେମାନଙ୍କ ଅର୍ଜିତ ଅର୍ଥର କିଛି ଅଂଶ ଜମା କରାଇବାରେ ବ୍ୟାଙ୍କଗୁଡିକ ଏବେ ସଫଳ ହୋଇଛନ୍ତି। ସାମେଲିଙ୍କ ପରିବାର ଭଳି ବହୁ ଆଦିବାସୀ ଆଉ ଆଗଭଳି ସହରକୁ ନେଉ ନାହାନ୍ତି ନିଜର ଉତ୍ପାଦିତ ଫସଲ। ଅଧିକାଂଶ ଆଦିବାସୀ ଉତ୍ପାଦିତ ପରିବା, ଋତୁକାଳୀନ ଛତୁ, କାଙ୍କଡ, କରଡି, ପଣସ, କାନ୍ଦୁଲ ଭଳି ଦ୍ରବ୍ୟକୁ ରାସ୍ତା କଡରେ ନିଜର ଦୋକାନ ଖୋଲି ବିକ୍ରି କରନ୍ତି। ଯଦିଓ ଓଜନ ପଦ୍ଧତି ବଦଳରେ ଭାଗ ଜରିଆରେ ବିକ୍ରି ସେମାନଙ୍କୁ ହୁଏତ କିଛି ମାତ୍ରାରେ କ୍ଷତି ପହଞ୍ଚାଉଥାଇପାରେ, କିନ୍ତୁ ସେଥିରେ ଭରି ରହିଛି ସେମାନଙ୍କ ଆନନ୍ଦ। ମିଳିଛି ଶୋଷଣରୁ ମୁକ୍ତି। ଆଉ ହାତମୁଠାରେ ମିଳୁଛି ନଗଦ, ଯାହାକି ବେପାରୀଙ୍କଠାରୁ ମିଳିବାକୁ ଲାଗୁଥିଲା ଅନେକ ସମୟ। ଏହା ହୁଏତ ବଦଳୁଥିବା ଆଦିବାସୀ ଜୀବନଜୀବିକାର ଗୋଟିଏ ପାଖର ଚିତ୍ର। ଗାଡିର ଡାକରାରେ ଉଲ୍ଲସିତ ମନରେ ଗୋଟିଏ ଲେମ୍ବୁଲୁଣଲଙ୍କାଘଷା ପୋଡା ମକାରୁ ପୁଳାଏ ଖାଇ ଗାଡିକୁ ଫେରିବାବେଳେ ସାମେଲି ନିଜ ବସିବା ଜାଗାରୁ ଉଠି ଆସି ଯାଚିଲା ଆଉ ଏକ ପୋଡ଼ା ମକା। ମୁଁ ମନା କରିବାରୁ ହର୍ଷ ଭରେ କହିଲା– 'ଆଜ୍ଞା! ପଇସା ଲୁଡାନି। ଏଇଟା ମୁଁ ଦେଉଛି ତୋତେ ଖୁସିରେ, ନାଇଁ କରୁନା!' ବୋଧହୁଏ ଏମିତି ଅଦୃଶ୍ୟ ଆତ୍ମୀୟତା ହିଁ ଆଦିବାସୀଙ୍କୁ କରିପାରିଛି ମହିମାମଣ୍ଡିତ।

ଇନ୍ଦିରା ନଗର, ରାୟଗଡା, ମୋ–୯୫୫୬୨୮୭୭୭୫

## ଏଇ ଭାରତରେ

ସ୍ୱାର୍ଥଲୋଭୀ ଦୁନିଆରେ ଏବେ ବି ଅନେକ ଲୋକ ଅଛନ୍ତି, ଯେଉଁମାନେ ଅନ୍ୟକୁ ସାହାଯ୍ୟ କରିବାରେ ହିଁ ଆନନ୍ଦ ପାଇଥାନ୍ତି। ଏଇ ଯେପରି ଜଣେ ଅବସରପ୍ରାପ୍ତ ସେନା ଅଧିକାରୀ ତାଙ୍କ ସ୍ତ୍ରୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ବିଦ୍ୟାଳୟକୁ ୧୭ ଲକ୍ଷ ଟଙ୍କା ଦାନ କରିଛନ୍ତି। ଆଉ ଏହି ଟଙ୍କା ଦାନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ଅବସରପ୍ରାପ୍ତ ୱିଙ୍ଗ୍ କମାଣ୍ଡର ଜେ.ପି. ବାଦୁନି। ବାଦୁନିଙ୍କ ସ୍ତ୍ରୀ ବିଧୁ ଗତ ଜାନୁୟାରୀ ମାସରେ ହୃଦ୍‌ଘାତରେ ମୃତ୍ୟୁ ବରଣ କରିଥିଲେ। ବିଧୁଙ୍କ ମୃତ୍ୟୁ ପରେ ତାଙ୍କ ନାମରେ ଥିବା ୧୭ ଲକ୍ଷ ଟଙ୍କାକୁ ଲୋଭ ନ କରି ବାଦୁନି ଦାନ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ। ତେଣୁ ଦୀର୍ଘ ୨୧ ବର୍ଷ ଧରି ସ୍ତ୍ରୀ ବିଧୁ ଚାକିରି କରିଥିବା ନୂଆଦିଲ୍ଲୀସ୍ଥିତ ଏୟାର ଫୋର୍ସ ଗୋଲ୍‌ଡେନ୍ ଜୁବ୍‌ଲୀ ବିଦ୍ୟାଳୟକୁ ଉକ୍ତ ଟଙ୍କା ବାଦୁନି ଦାନ କରିଛନ୍ତି। ଉକ୍ତ ଟଙ୍କା ମଧ୍ୟରୁ ୧୦ ଲକ୍ଷ ଟଙ୍କା ବିଦ୍ୟାଳୟର ମେଧାବୀ ଛାତ୍ରୀଛାତ୍ରଙ୍କୁ ବୃତ୍ତି ଆକାରରେ ପ୍ରଦାନ କରାଯିବାକୁ ସ୍ଥିର କରାଯାଇଥିବାବେଳେ ବାକି ୭ ଲକ୍ଷ ଟଙ୍କା ବିଦ୍ୟାଳୟର ଗୃହ ନିର୍ମାଣରେ ଖର୍ଚ୍ଚ କରାଯିବ ବୋଲି କୁହାଯାଉଛି। ଏହି ଟଙ୍କା ଦାନ ଫଳରେ ବିଦ୍ୟାଳୟର ମେଧାବୀ ଛାତ୍ରୀଛାତ୍ରମାନେ ବେଶ୍ ଉପକୃତ ହୋଇପାରିବେ। ଏହା ପରଲୋକରେ ଥିବା ପତ୍ନୀ ବିଧୁଙ୍କ ପ୍ରତି ସବୁଠାରୁ ବଡ଼ ଶ୍ରଦ୍ଧାଞ୍ଜଳି ହେବ ବୋଲି ବାଦୁନି ପ୍ରକାଶ କରିଛନ୍ତି। ବାଦୁନିଙ୍କ ଏଭଳି ମହତ୍ କାର୍ଯ୍ୟକୁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କଠାରୁ ଅଭିଭାବକ ମହଲ ପର୍ଯ୍ୟନ୍ତ ସମସ୍ତେ ଭୁରି ଭୁରି ପ୍ରଶଂସା କରିଛନ୍ତି।

## ଚିରନ୍ତନୀ

ଚେତନ ହେଲାଣି କେତେ ଜଡ଼
କେତେ ଜୁଇ ହୁଏ କୁଆଁ ରବ!
ଆଲୋକ–ଛାୟାର କେତେ ଛବି
ପଥେ ଆସି ଯାଏ ପୁଣି ଦ୍ରବି
ରଚି ସୁଖ ଦୁଃଖ ନବ ନବ
କେତେ ଜୁଇ ହୁଏ କୁଆଁ ରବ।

(ପୌଷ–ମଳୟ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | 3 | | A | C | | | | 7 | | E | | |
| | A | | | | 9 | | | D | | | | B | | |
| E | 1 | | | 8 | | | | 0 | | | | | | |
| 0 | | 2 | | | 7 | 9 | 3 | | 6 | | A | | | |
| | B | 6 | 5 | | | | 4 | | | E | D | 7 | | |
| | | | A | | | 0 | 2 | 3 | | | 7 | | C | |
| | | | 6 | B | | | C | | | | E | | | 3 |
| | | C | 0 | | | D | 5 | 8 | 9 | A | | 4 | | 1 |
| | | | | | | | | | | | 6 | | | |
| | | | | | | 7 | | | 5 | | 1 | 0 | | |
| | | 5 | | C | 3 | A | | | 2 | 1 | 9 | | | |
| 9 | | | 1 | | 0 | 4 | | | | 6 | | | | |
| D | | | | 7 | | | 1 | 5 | | | 3 | 8 | | |
| C | 8 | | | 6 | | | | | | | | | B | |
| A | 6 | | | | 5 | 8 | | 9 | 4 | C | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 8 | 1 | 6 | E | B | 9 | C | A | D | 4 | 5 | 2 | 0 | 7 |
| D | A | C | 2 | 9 | 5 | B | E | 0 | 3 | 1 | 7 | 4 | 6 | 8 |
| 2 | 0 | 5 | A | 4 | 3 | 8 | D | 7 | 6 | 9 | E | C | 1 | B |
| 9 | E | 6 | 7 | D | C | 2 | 1 | 4 | 8 | 0 | B | 3 | 5 | A |
| B | 7 | 4 | 8 | 0 | 1 | 5 | 3 | 6 | A | C | 2 | E | D | 9 |
| C | 6 | D | 4 | 5 | A | E | 0 | 9 | B | 7 | 8 | 1 | 3 | 2 |
| 4 | 1 | 9 | E | B | 6 | D | 8 | 5 | 2 | 3 | C | 7 | A | 0 |
| 7 | B | 8 | 3 | 2 | 0 | 4 | 6 | C | 1 | A | D | 9 | E | 5 |
| A | 2 | E | 9 | 1 | D | 3 | 7 | B | 0 | 5 | 4 | 6 | 8 | C |
| 0 | 5 | 3 | C | 7 | 8 | 1 | A | 2 | E | 6 | 9 | D | B | 4 |
| 8 | 9 | 2 | 1 | 6 | 7 | 0 | 5 | D | C | B | 3 | A | 4 | E |
| E | C | B | 0 | A | 9 | 6 | 2 | 3 | 4 | 8 | 1 | 5 | 7 | D |
| 1 | D | A | 5 | 3 | E | C | 4 | 8 | 7 | 2 | 0 | B | 9 | 6 |
| 6 | 3 | 0 | B | C | 4 | 7 | 9 | E | 5 | D | A | 8 | 2 | 1 |
| 5 | 4 | 7 | D | 8 | 2 | A | B | 1 | 9 | E | 6 | 0 | C | 3 |

ଗତକାଲିର ଉତ୍ତର

# ବିଛାରାଶିକୁ ବୃହସ୍ପତି ଚଳନ

ଦୋଳଗୋବିନ୍ଦ ପଣ୍ଡା

ସାମନ୍ତ ଚନ୍ଦ୍ରଶେଖର ପଞ୍ଜିକା ଅନୁସାରେ ଦେବଗୁରୁ ବୃହସ୍ପତି ଆଜି ସନ୍ଧ୍ୟା ଘ୭।୧୯।୩୭ଠାରେ ତୁଳାରାଶିରୁ ବିଛାରାଶିକୁ ଚଳୁଛନ୍ତି। ଏହି ଚଳନ ରାଜ୍ୟ ତଥା ଦେଶ ପାଇଁ ତଥା ବ୍ୟକ୍ତିଗତ ରାଶି ପାଇଁ କି ଫଳ ପ୍ରଦାନ କରିବ ସେ ବିଷୟରେ ଜାଣିବା ପାଇଁ ଲୋକମାନଙ୍କର ସ୍ୱାଭାବିକ ଆଗ୍ରହ ରହିଥାଏ। ତେବେ ପତ୍ରପତ୍ରିକା ଏବଂ ବିଭିନ୍ନ ଟିଭି ଚ୍ୟାନେଲରେ ଯେଉଁ ଗୋଚରଫଳ ବା ରାଶିଫଳର ଆଲୋଚନା କରାଯାଉଛି ତାହା ଉପରେ ସମ୍ପୂର୍ଣ୍ଣ ନିର୍ଭର କରିବା ଅନୁଚିତ। କାରଣ ଜ୍ୟୋତିଷଶାସ୍ତ୍ରରେ ଫଳ ବିଚାରର ବିଭିନ୍ନ ଦିଗ ରହିଛି, ଯାହା ଉକ୍ତ ରାଶିଫଳରେ ବିଚାର କରିବା ସମ୍ଭବ ନୁହେଁ। ମନେକର ଜଣକର ବିଛା ରାଶି ଓ କୁମ୍ଭ ଲଗ୍ନ। ବର୍ତ୍ତମାନ ବୃହସ୍ପତି ବିଛାକୁ ଚଳିଲା ପରେ ଏ ପ୍ରକାର ବୃହସ୍ପତିଙ୍କୁ କୁହାଯିବ ବିଛାରାଶି ଲୋକଙ୍କର ଜନ୍ମବୃହସ୍ପତି। ଶାସ୍ତ୍ରରେ ଅଛି 'ଜନ୍ମରାଶୌ ସୁରାଚାର୍ଯ୍ୟେ ରାମୋ ରାଜା ବନଂ ଗତଃ'–ଅର୍ଥାତ୍ ଜନ୍ମରାଶିରେ ବୃହସ୍ପତି ଥିବାବେଳେ ରାଜା ରାମଙ୍କୁ ରାଜ୍ୟ ହରାଇ ବନବାସ ଦୁଃଖ ଭୋଗ କରିବାକୁ ପଡ଼ିଥିଲା। ତେଣୁ ଜନ୍ମବୃହସ୍ପତି ଅର୍ଥ, ସମ୍ପଦ, ରାଜ୍ୟ, ପଦପଦବୀ ନାଶ କରିଥାନ୍ତି। କିନ୍ତୁ ଉପରୋକ୍ତ ବ୍ୟକ୍ତିଙ୍କର ତାହା ନ ହୋଇପାରେ। କାରଣ ବୃହସ୍ପତି ତାଙ୍କର ଜନ୍ମଲଗ୍ନ କୁମ୍ଭରୁ ଦଶମ ଭାବରେ ଅବସ୍ଥାନ କରୁଛନ୍ତି ଏବଂ ତାଙ୍କର ଶୁଭ ଦୃଷ୍ଟି ଦ୍ୱିତୀୟ (ଧନ ଭାବ), ଚତୁର୍ଥ (ସୁଖ, ଜମିବାଡ଼ି, ଗାଡ଼ି) ଓ ଷଷ୍ଠ (ଚାକିରି, ରୋଗ, ଶତ୍ରୁ, ଋଣ) ଭାବକୁ ରହିଥିବାରୁ ଦଶା ଶୁଭ ଥିଲେ (ଦଶା ମୁଖ୍ୟ, ଗୋଚର ଗୌଣ) ସେହିସବୁ ଭାବର ନିଶ୍ଚୟ ଶୁଭଫଳ ମିଳିବ। ତାଙ୍କର ଚାକିରି ଓ କର୍ମକ୍ଷେତ୍ରରେ ଉନ୍ନତି ହେବ। ପଦୋନ୍ନତି ମିଳିବାର ସମୟ ସନ୍ନିକଟ ହୋଇଥିଲେ ତାହା ମିଳିବ। ରୋଗ, ଋଣ ଓ ଶତ୍ରୁ ନାଶ ହେବ। ଧନ, ସୁଖ, ଗାଡ଼ି, ଜମି ଇତ୍ୟାଦି ଲାଭ ହେବ। ଗୃହ ନିର୍ମାଣାଦି ବଡ଼ କାର୍ଯ୍ୟ ପାଇଁ ଋଣସୂତ୍ରରେ ଅର୍ଥଲାଭର ମଧ୍ୟ ସମ୍ଭାବନା ଅଛି। ଜନ୍ମରାଶିଠାରୁ ଜନ୍ମଲଗ୍ନ ଅଧିକ ବଳବାନ ହୋଇଥିଲେ ଏହି ଫଳ ମିଳିବା ନିଶ୍ଚିତ। ବିଶିଷ୍ଟ ଜ୍ୟୋତିର୍ବିଦ୍ କୃଷ୍ଣମୂର୍ତ୍ତି ତ କେବଳ ଲଗ୍ନରୁ ହିଁ ବିଚାର କରିବାକୁ ପରାମର୍ଶ ଦେଇଛନ୍ତି। ତା' ଛଡ଼ା ଜ୍ୟୋତିଷଶାସ୍ତ୍ରରେ ଆଉ ଏକ ପାଠ ଅଛି ଯାହାର ନାମ ଅଷ୍ଟକବର୍ଗ ବିଚାର। ଲଗ୍ନ ଓ ଗ୍ରହଗୁଡ଼ିକର ପାରସ୍ପରିକ ସ୍ଥିତିକୁ ନେଇ ତାହା ବିଚାର କରାଯାଇଥାଏ। ବୃହସ୍ପତିଙ୍କ ଅଷ୍ଟକବର୍ଗରେ ଯଦି ସେ ଚାରୋଟିରୁ ଅଧିକ ଶୁଭ ରେଖା ପାଇଥାନ୍ତି ତେବେ ଜନ୍ମବୃହସ୍ପତି ହେଲେ ବି ସେ ଶୁଭଫଳ ଦେବେ। ଶୁଭ ସ୍ଥାନସ୍ଥ ଗ୍ରହ ବି ଶୁଭଫଳ ଦେଇପାରନ୍ତି ନାହିଁ ଯଦି ସେ ନୀଚସ୍ଥ, ଅସ୍ତଂଗତ ବା ଅନ୍ୟ ପ୍ରକାରେ ଦୁର୍ବଳ ହୋଇଥାନ୍ତି କିମ୍ବା ତାଙ୍କର ବେଧ ସ୍ଥାନରେ ଅନ୍ୟ ଗ୍ରହ ଅବସ୍ଥାନ କରିଥାନ୍ତି। ବଳାବଳ, ଗ୍ରହବେଧ ଏବଂ ଅନ୍ୟ ଗ୍ରହମାନଙ୍କ ସହ ପାରସ୍ପରିକ ସମ୍ପର୍କ ବିଚାର ବିନା ଗୋଚର ବିଚାର ପୂର୍ଣ୍ଣାଙ୍ଗ ହୋଇ ନ ଥାଏ।

ଶାସ୍ତ୍ରରେ ଅଛି– ''ଜୀବେ ଦ୍ୱିତୀୟେ ଧନଧାନ୍ୟଭୋଗୀ, ସୁତାର୍ଥଲାଭୋ ନବପଞ୍ଚକେଷୁ। ଯାମିତ୍ରସଂସ୍ଥେ ବିପୁଳା ଚ ଲକ୍ଷ୍ମୀଶ୍ଚୈକାଦଶେ ସର୍ବ ଫଳଂ ଦଦାତି।।'' ଅର୍ଥାତ୍ ବୃହସ୍ପତି ଜନ୍ମରାଶିରୁ ଦ୍ୱିତୀୟରେ ଥିଲେ ଧନଧାନ୍ୟଭୋଗୀ କରାନ୍ତି, ନବମ ବା ପଞ୍ଚମରେ ଥିଲେ ସୁତ ଓ ଅର୍ଥଲାଭ କରାନ୍ତି, ସପ୍ତମରେ ଥିଲେ ବିପୁଳ ଲକ୍ଷ୍ମୀ (ଧନ ଓ ଐଶ୍ୱର୍ଯ୍ୟ)ର ଅଧିକାରୀ କରାନ୍ତି ଏବଂ ଏକାଦଶରେ ଥିଲେ ଉପରୋକ୍ତ ସବୁ ପ୍ରକାର ସୁଫଳ ଜାତକ ପାଇଥାଏ। କିନ୍ତୁ ଜନ୍ମରାଶିରୁ ବୃହସ୍ପତି ଅନ୍ୟ ସ୍ଥାନଗୁଡ଼ିକ ଅର୍ଥାତ୍ ୧, ୩, ୪, ୬, ୮, ୧୦, ୧୨ରେ ଥିଲେ ଶୁଭଫଳ ମିଳି ନ ଥାଏ। ବୃହସ୍ପତି ବା ଅନ୍ୟ ଗ୍ରହ କେଉଁ ରାଶିର କେଉଁ ନକ୍ଷତ୍ରକୁ ଚଳୁଛନ୍ତି ଏବଂ କର୍ତ୍ତାଙ୍କ ଜନ୍ମନକ୍ଷତ୍ର କ'ଣ ତାହା ଉପରେ ମଧ୍ୟ ସେ କେତେ ପରିମାଣରେ ଶୁଭ ବା ଅଶୁଭ ଫଳ ଦେବେ ତାହା ନିର୍ଭର କରେ। ଏହା ଜାଣିବା ପାଇଁ ଏକ ସୂତ୍ର ଅଛି। ଗ୍ରହର ଚଳନ ନକ୍ଷତ୍ର ସଂଖ୍ୟା (ବର୍ତ୍ତମାନ ବୃହସ୍ପତିଙ୍କ ଚଳନ ନକ୍ଷତ୍ର ସଂଖ୍ୟା ୧୬), କର୍ତ୍ତାଙ୍କ ଜନ୍ମନକ୍ଷତ୍ର ସଂଖ୍ୟା ଓ ରାଶି ସଂଖ୍ୟାକୁ ମିଶାଇ ମିଶାଣଫଳକୁ ୮ ଦ୍ୱାରା ଭାଗ କରନ୍ତୁ। ଭାଗଶେଷ ୧ ରହିଲେ ଧନ ପ୍ରାପ୍ତି, ୨ ରହିଲେ ସୁଖପ୍ରାପ୍ତି, ୩ ରହିଲେ ଲକ୍ଷ୍ମୀପ୍ରାପ୍ତି, ୪ ରହିଲେ ଦ୍ରବ୍ୟହାନି, ୫ ରହିଲେ ଦୁଃଖଲାଭ, ୬ ରହିଲେ ଭୂମି ଓ ଅର୍ଥଲାଭ, ୭ ରହିଲେ କଳହ ଏବଂ ଶୂନ ରହିଲେ ଶସ୍ତ୍ରାଘାତ। ଗ୍ରହ ଚଳନ ସମୟରେ ଚନ୍ଦ୍ର କେଉଁ ରାଶିରେ ଅଛି ତାହା ମଧ୍ୟ ବିଚାର୍ଯ୍ୟ। ଯଦି ଗ୍ରହ ଚଳନ ସମୟରେ କର୍ତ୍ତାଙ୍କ ଜନ୍ମରାଶିକୁ ଚନ୍ଦ୍ର ଶୁଭ ଥିବେ ତେବେ ଗ୍ରହର ଅଶୁଭତ୍ୱ ହ୍ରାସ ପାଇବ। ଉପରେ ବୃହସ୍ପତିଙ୍କ ବିଛାକୁ ଚଳନ ସମୟ ଯାହା ଲେଖା ଅଛି ସେହି ସମୟରେ ଚନ୍ଦ୍ର ତୁଳାରାଶିରେ ଥିବେ। ତେଣୁ ଏହା ଶୁକ୍ଳପକ୍ଷ ହୋଇଥିବାରୁ କର୍ତ୍ତାଙ୍କ ଜନ୍ମରାଶିରୁ ଗଣିଲେ ଚନ୍ଦ୍ର ୧, ୨, ୩, ୫, ୬, ୭, ୯, ୧୦ ବା ୧୧ ହେଉଥିଲେ ଶୁଭ, ଅନ୍ୟଥା ଅଶୁଭ। କର୍ତ୍ତାଙ୍କ ଜନ୍ମରାଶିରୁ ଗଣିଲେ ବୃହସ୍ପତି ୨, ୫, ୭ ବା ୧୧ ହେଉଥିଲେ ଶୁଭ, ଅନ୍ୟଥା ଅଶୁଭ। ଉଭୟ ଚନ୍ଦ୍ର ଓ ବୃହସ୍ପତି ଶୁଭ ହେଉଥିଲେ ପୂର୍ଣ୍ଣ ଶୁଭ, ଉଭୟ ଅଶୁଭ ହେଉଥିଲେ ପୂର୍ଣ୍ଣ ଅଶୁଭ ଏବଂ ଗୋଟିଏ ଶୁଭ ଓ ଅନ୍ୟଟି ଅଶୁଭ ହେଉଥିଲେ ଅଧା ଶୁଭ ଓ ଅଧା ଅଶୁଭ ଫଳ ମିଳିବ।

ହଳଦିଆ ରଙ୍ଗ, ଘିଅ, ହଳଦୀ ଓ ପକ୍ୱଫଳର କାରକ ବୃହସ୍ପତି ମିତ୍ରଗ୍ରହ ମଙ୍ଗଳଙ୍କ କ୍ଷେତ୍ରକୁ ଚଳିବା ହେତୁ ଗୁଡ଼, ଚିନି ଓ ମିଠାଫଳ ଏବଂ ଡାଲିର ବଜାର ଦର ହ୍ରାସ ପାଇବ। ବିଛାର ଅଧିପତି ମଙ୍ଗଳ ହେଉଛନ୍ତି ଗ୍ରହଜଗତର ସେନାପତି। ଏଣୁ ଆମର ପ୍ରତିରକ୍ଷା କ୍ଷେତ୍ର ଆଗ ଅପେକ୍ଷା ଅଧିକ ସୁଦୃଢ଼ ହେବ। ଆତଙ୍କବାଦୀ ଓ ଦେଶଦ୍ରୋହୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଗୁପ୍ତ ଶତ୍ରୁମାନେ ଧରାପଡ଼ିବେ। ବୃହସ୍ପତି ନ୍ୟାୟ, ଧର୍ମ ଓ ଆଧ୍ୟାତ୍ମିକତାର କାରକ ହୋଇଥିବାରୁ ନୀତି–ଆଦର୍ଶକୁ ପାଳନ କରୁଥିବା ନେତାମାନଙ୍କର ସମ୍ମାନ ଓ ପ୍ରତିଷ୍ଠା ବୃଦ୍ଧି ପାଇବ। ନ୍ୟାୟାଳୟ ଓ ନ୍ୟାୟାଧୀଶମାନଙ୍କର କାର୍ଯ୍ୟକଳାପ ଓ ଖ୍ୟାତି ବଢ଼ିବ। ପଡ଼ିରହିଥିବା ଅନେକ ବିବାଦୀୟ ମାମଲାର ବିଚାର କରାଯାଇ ରାୟ ପ୍ରକାଶ ପାଇବ। ଧର୍ମ ଓ ଆଧ୍ୟାତ୍ମିକତାର ପ୍ରସାର ଘଟିବ। ଶିକ୍ଷା, ଅର୍ଥ, ବିଜ୍ଞାନ, ଅଧ୍ୟାପନା, ଆଇନ, ନ୍ୟାୟପାଳିକା, ଗବେଷଣା ଇତ୍ୟାଦି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଲୋକମାନଙ୍କର ଉନ୍ନତି ଘଟିବ।

ପ୍ରକୃତରେ ମଣିଷ ତା'ର କର୍ମ ଅନୁସାରେ ଫଳ ପାଇଥାଏ। ଗ୍ରହମାନେ କେବଳ ଅନୁପ୍ରେରିତ କରନ୍ତି। ଯେଉଁମାନେ ସତ୍‌ନିଷ୍ଠ, ଆଦର୍ଶନିଷ୍ଠ ସେମାନେ ଖରାପ ଅନୁପ୍ରେରଣାର ବଶବର୍ତ୍ତୀ ହୁଅନ୍ତି ନାହିଁ। ସେମାନେ ପରିବେଶରୁ ଖରାପ କିଛି ଗ୍ରହଣ କରନ୍ତି ନାହିଁ। ତେଣୁ ସେମାନେ ଗ୍ରହଦୋଷ (ଗ୍ରହଣ କରିବାର ଦୋଷ)ରେ ପୀଡ଼ିତ ହୁଅନ୍ତି ନାହିଁ। ଆଦର୍ଶନିଷ୍ଠ ହୁଅନ୍ତୁ, ସତ୍‌କର୍ମ କରନ୍ତୁ, ଅଶୁଭ ଗ୍ରହର ପ୍ରଭାବ ଦ୍ୱାରା ଆପଣ କ୍ଷତିଗ୍ରସ୍ତ ହେବେ ନାହିଁ। ଶାସ୍ତ୍ରରେ ଅଛି–'କିଂ କୁର୍ବନ୍ତି ଗ୍ରହାଃ ସର୍ବେ ଯସ୍ୟ କେନ୍ଦ୍ରୀ ବୃହସ୍ପତିଃ?' ଅର୍ଥାତ୍ ବୃହସ୍ପତି କେନ୍ଦ୍ରରେ ଥିଲେ ଦୁଷ୍ଟଗ୍ରହମାନେ କିଛି କ୍ଷତି କରିପାରନ୍ତି ନାହିଁ। ଆପଣଙ୍କ ଜନ୍ମକୋଷ୍ଠୀରେ ଯଦି ବୃହସ୍ପତି କେନ୍ଦ୍ରରେ ନ ଥାନ୍ତି, ତେବେ ଇଚ୍ଛାପୂର୍ବକ ତାଙ୍କୁ (ଗୁରୁଙ୍କୁ) କେନ୍ଦ୍ରରେ ରଖନ୍ତୁ। ଅର୍ଥାତ୍ ଗୁରୁକେନ୍ଦ୍ରିକ ଜୀବନଯାପନ କରନ୍ତୁ। ଗୁରୁ ସବୁବେଳେ ଆମର ମଙ୍ଗଳ ଚାହାନ୍ତି ଓ ଭଲ କାମ କରିବା ପାଇଁ ଅନୁପ୍ରେରିତ କରନ୍ତି। ତେଣୁ ତାଙ୍କ ଇଚ୍ଛା ପୂରଣକୁ ଜୀବନର ବ୍ରତ କଲେ ଗ୍ରହବୈଗୁଣ୍ୟ ଆମର କିଛି କରିପାରିବ ନାହିଁ।

ନିଗମ ବିହାର, ଶ୍ରୀରାମନଗର (୩ୟ ଗଳି), ପୁରୁଣା ଭୁବନେଶ୍ୱର, ମୋ–୭୦୦୮୯୬୦୫୦୨

## ପାଠକ ଶ୍ରେଷ୍ଠ ବିଚାରକ

### ପଲିଥିନ କଟକଣା

ମହାଶୟ,

ବହୁ ପ୍ରତୀକ୍ଷିତ ପ୍ଲାଷ୍ଟିକ୍ ମୁଣା ଓ ପଲିଥିନ ନିଷେଧ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରିବେଶ ସଚେତନ ଲକ୍ଷ ଲକ୍ଷ ରାଜ୍ୟବାସୀଙ୍କୁ ଆଶ୍ୱସ୍ତ କରିଛି। ତେବେ ଏହାର ସଫଳ ରୂପାୟନ ଦିଗରେ ପ୍ରଶାସନ କେତେଦୂର ତତ୍ପର ସେନେଇ ସନ୍ଦେହ ରହିଛି। ପ୍ଲାଷ୍ଟିକ୍ ନିଷିଦ୍ଧ କରିବା ଦିଗରେ ସମସ୍ତ ବିଭାଗ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କଲେ ସରକାରଙ୍କ ଉଦ୍ଦେଶ୍ୟ ପୂର୍ଣ୍ଣ ହୋଇପାରିବ। ତା' ନ ହେଲେ ଗୁଟ୍‌ଖା, ତମାଖୁ ସେବନ ଓ ବିକ୍ରୟ ନିଷେଧ ତଥା ସର୍ବସାଧାରଣ ସ୍ଥାନମାନଙ୍କରେ ଧୂମପାନ ନିଷେଧ ଉପରେ ଲଗାଯାଇଥିବା କଟକଣା ପ୍ରହସନରେ ପରିଣତ ହେବା ପରି ଏହାର ଅବସ୍ଥା ହେବ।

ଅରୁଣ କୁମାର ଦାସ, କାଶୀପୁର, ବଳରାମପୁର, କେନ୍ଦୁଝର

### ନରପିଶାଚଙ୍କୁ ଫାଶୀ ମିଳିବା ଉଚିତ

ଆଜିର ସମାଜରେ ଅନେକ ନରପିଶାଚ ଯୌନ ଶୋଷଣରେ ଲିପ୍ତ ରହୁଛନ୍ତି। ଭିନ୍ନକ୍ଷମ ମହିଳା, ଏପରି କି ନିଷ୍ପାପ ଶିଶୁମାନଙ୍କୁ ଏମାନେ ଯୌନଶୋଷଣ କରିବାକୁ ବି ପଛାଇ ନ ଥାନ୍ତି। ଏମାନେ ଆମ ମଣିଷ ସମାଜର କଳଙ୍କ। ଆଇନ ଅନୁଯାୟୀ ଏମାନଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରିବା ଆବଶ୍ୟକ।

ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

**୧୧ ଅକ୍ଟୋବର ୧୯୯୩**

- ଦକ୍ଷିଣ କୋରିଆର ଏକ ଜାହାଜ ଦୁର୍ଘଟଣାର ସମ୍ମୁଖୀନ ହେବା ଫଳରେ ୧୫୦ ଜଣ ବ୍ୟକ୍ତିଙ୍କ ମୃତ୍ୟୁ।
- ବିହାରର ଗଙ୍ଗାନଦୀ ଉପରେ ନିର୍ମିତ ଏସିଆର ସର୍ବବୃହତ୍ ମହାତ୍ମା ଗାନ୍ଧୀ ସେତୁରେ ଏକ ବସ୍ ଦୁର୍ଘଟଣା ଘଟି ୫୦ ଜଣଙ୍କ ମୃତ୍ୟୁ।

# ୪୨ଟି ୧୦୮ ଆମ୍ବୁଲାନ୍ସ ଲୋକାର୍ପିତ


ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ୧୦୮ ଆମ୍ବୁଲାନ୍ସ ସେବାର ଶୁଭାରମ୍ଭ କରୁଛନ୍ତି।

**ଭୁବନେଶ୍ୱର, ୧୦।୧୦(ବ୍ୟୁରୋ)**

ଲୋକଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ନିମନ୍ତେ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ୯୨ଟି ୧୦୮ ଆମ୍ବୁଲାନ୍ସ ବ୍ୟବସ୍ଥା କରିବାକୁ ୨୦୧୭ରେ ଘୋଷଣା କରିଥିଲେ। ପୂର୍ବରୁ ୫୦ଟି ୧୦୮ ଆମ୍ବୁଲାନ୍ସ ଲୋକାର୍ପିତ ହୋଇଥିବାବେଳେ ବୁଧବାର ଆଉ ୪୨ଟି ଆମ୍ବୁଲାନ୍ସ ଲୋକାର୍ପିତ ହୋଇଛି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ସହିତ ଅନ୍ୟ ଜିଲାଗୁଡିକରେ ରୋଗୀଙ୍କୁ ଡାକ୍ତରଖାନା ନେବା ପାଇଁ ଏହା ସହାୟକ ହେବ ବୋଲି ଆମ୍ବୁଲାନ୍ସ ଲୋକାର୍ପଣ ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି।

ୟୁନିଟ୍-୨ ପୁରୁଣା ବସଷ୍ଟାଣ୍ଡଠାରେ ଏହି ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମନ୍ତ୍ରୀ ଜେନା କହିଥିଲେ, ଆମ୍ବୁଲାନ୍ସ ଲୋକାର୍ପିତ ହେବା ଦ୍ୱାରା ରାଜ୍ୟରେ ୧୦୮ ଆମ୍ବୁଲାନ୍ସ ସଂଖ୍ୟା ୫୧୨ରେ ପହଞ୍ଚିଛି। ୧୦୨ ଆମ୍ବୁଲାନ୍ସ ୫୦୦ଟି ଗଡୁଛି। ଯେଉଁ ଅଞ୍ଚଳରେ ଆମ୍ବୁଲାନ୍ସ ପହଞ୍ଚି ନ ପାରୁଛି ସେହି ଅଞ୍ଚଳର ଗର୍ଭବତୀ ମା' ଏବଂ ଅସୁସ୍ଥ ଶିଶୁଙ୍କୁ କିପରି ଆମ୍ବୁଲାନ୍ସ ପହଞ୍ଚି ପାରୁଥିବା ଅଞ୍ଚଳ ପର୍ଯ୍ୟନ୍ତ ଅଣାଯିବ ସେଥିପାଇଁ ଆଶା କର୍ମୀମାନେ ବ୍ୟବସ୍ଥା କରୁଛନ୍ତି। ଆମ୍ବୁଲାନ୍ସ ପହଞ୍ଚିପାରୁ ନ ଥିବା ଅଞ୍ଚଳର ଗର୍ଭବତୀ ମା' ଏବଂ ଅସୁସ୍ଥ ଶିଶୁଙ୍କୁ ଡାକ୍ତରଖାନା ଆଣିବା ପାଇଁ ପରିବହନ ଖର୍ଚ୍ଚ ଦିଆଯାଉଛି ବୋଲି ମନ୍ତ୍ରୀ କହିଛନ୍ତି। ଉତ୍ସବରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ପ୍ରମୋଦ କୁମାର ମେହେର୍ଦ୍ଦା, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ଏବଂ ରାଜ୍ୟ ମେଡିକାଲ ନିଗମ ପରିଚାଳନା ନିର୍ଦ୍ଦେଶିକା ଅର୍ଚ୍ଚନା ପଟ୍ଟନାୟକଙ୍କ ସହିତ ୧୦୮ ଆମ୍ବୁଲାନ୍ସ ପରିଚାଳନା କରୁଥିବା ସଂସ୍ଥାର କର୍ମକର୍ତ୍ତା ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ରାଜ୍ୟରେ ୨୦୧୩ ମାର୍ଚ୍ଚରୁ ୧୦୮ ଆମ୍ବୁଲାନ୍ସ ସେବା ଆରମ୍ଭ ହୋଇଛି। ଏପର୍ଯ୍ୟନ୍ତ ୩୮ ଲକ୍ଷରୁ ଅଧିକ ଲୋକ ଏହି ସେବା ଦ୍ୱାରା ଉପକୃତ ହୋଇଛନ୍ତି। ମାତୃ ଏବଂ ଶିଶୁ ମୃତ୍ୟୁହାର କମିବା କ୍ଷେତ୍ରରେ ଏହି ଆମ୍ବୁଲାନ୍ସ ସେବା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।

### ପ୍ରଥମ ଭବାନୀପାଟଣା ଟାଉନ ଫୁଟବଲ୍ ଲିଗ୍ ୯ମ ଦିବସ

## ସୋନା କ୍ଲବକୁ ହରାଇ ଏ ହଟ୍ ବିଜୟୀ


ଅତିଥିଙ୍କ ସହ ଖେଳାଳିମାନେ।

**ଭବାନୀପାଟଣା, ୧୦।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା କ୍ରିଡା ସଂସ୍ଥା ପକ୍ଷରୁ ସ୍ଥାନୀୟ ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମ୍‌ଠାରେ ଚାଲିଥିବା ପ୍ରଥମ ଭବାନୀପାଟଣା ଟାଉନ ଫୁଟବଲ୍ ଲିଗ୍‌ର ବୁଧବାର ୯ମ ମ୍ୟାଚ ସୋନା ଫୁଟବଲ କ୍ଲବ ବନାମ ଏ ହଟ୍ ଫୁଟବଲ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏ ହଟ୍ ଫୁଟବଲ ଟିମ ୫ ଗୋଲ ଦେଇଥିବା ବେଳେ ସୋନା ଫୁଟବଲ କ୍ଲବ ଗୋଟିଏ ଗୋଲ ଦେଇଥିଲା । ଫଳରେ ଏ ହଟ ଫୁଟବଲ ଟିମ୍ ୪ ଗୋଲରେ ବିଜୟୀ ହୋଇଥିଲା । ସଂଘର୍ଷପୂର୍ଣ୍ଣ ମ୍ୟାଚରେ ବର୍ଷିଆନ ଫୁଟବଲ ଖେଳାଳି ବଦ୍ରିନାରାୟଣ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ଜିଲା କ୍ରିଡା ସଂସ୍ଥା ସମ୍ପାଦକ ତଥା ଓଡିଶା ଆଥେଲେଟିକ ଆସୋସିଏଶନ ସଭାପତି ଜଗମୋହନ ପଟ୍ଟନାୟକ, କ୍ରିଡା ସଂସ୍ଥା ଉପସଭାପତି ସୁରେନ୍ଦ୍ର କୁମାର ତ୍ରୀପାଠୀ, ସଂସ୍ଥା ଯୁଗ୍ମ ସମ୍ପାଦକ ସୁନୀଲ କୁମାର ବେହେରା, ଭିକାରୀ ଚରଣ ମିଶ୍ର, କାଳିପ୍ରସାଦ ପଟ୍ଟନାୟକ, ଫୁଟବଲ୍ ସମ୍ପାଦକ ଅବଦୁଲ କାଦର, କ୍ରୀଡା ସମ୍ପାଦକ ଶମ୍ଭୁପ୍ରସାଦ ରାଉତ, ଚକ୍ରଧର ସେଠୀ, ଆଲୋକ ପଟ୍ଟନାୟକ, ଅଜୟ ପଟ୍ଟନାୟକ, ରବି କାନୁନ୍‌ଗୋ ପ୍ରମୁଖ ଉପସ୍ଥିତ ଥିଲେ । ୯ମ ଦିବସରେ ଜିତେନ୍ଦ୍ର ରଥ, ମନୋଜ ବିଶ୍ୱାଳ, ହର ପ୍ରସାଦ ପଟେଲ, ଅଶୋକ କୁମାର ବାଗ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ ।

## କୈଳାସ ଖେରଙ୍କ ବିରୋଧରେ ମୁହଁ ଖୋଲିଲେ ସୋନା ମହାପାତ୍ର ଆଦିତି ବନାମ୍ କନିଜ୍

**ନୂଆଦିଲ୍ଲୀ, ୧୦।୧୦(ପି.ଟି.):** '#ମିଟୂ' ଅଭିଯାନ ଭାରତୀୟ ମନୋରଞ୍ଜନ ଦୁନିଆର କଳଙ୍କିତ ରହସ୍ୟ ଉନ୍ମୋଚନ କରିଛି। ଅନେକ ନାମୀଦାମୀ କଳାକାରଙ୍କ ପରେ ଏବେ ଆଉ କିଛି ନୂଆ ନାମ ଏହି କେଲେଙ୍କାରୀ ସହ ଯୋଡ଼ିହୋଇଛି। ତନ୍ମଧ୍ୟରେ ଅଛନ୍ତି କୈଳାସ ଖେର, ରଘୁ ଦୀକ୍ଷିତ, କମେଣ୍ଟେଟର ସୁହେଲ ସେଠ୍ ଓ ମହିଳା କମେଡି ଷ୍ଟାର ଆଦିତି ମିତ୍ତଲ। ଲୋକପ୍ରିୟ ଗାୟକ କୈଳାସ ଖେର୍‌ଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିଛନ୍ତି ଗାୟିକା ତଥା ଓଡ଼ିଆ ଝିଅ ସୋନା ମହାପାତ୍ର। ଏକ କଫି ଶପ୍‌ରେ ମ୍ୟୁଜିକ୍ କନ୍‌ସର୍ଟ ବିଷୟରେ ଆଲୋଚନା କରୁଥିବାବେଳେ କୈଳାସ ତାଙ୍କ ଜଙ୍ଘରେ ହାତ ରଖି ଅଶାଳୀନ ମନ୍ତବ୍ୟ ଦେଇଥିଲେ। ପରେ ମଧ ତାଙ୍କୁ ଗାୟକ ଜଣକ ଅନେକ ଥର ହଇରାଣ କରିଥିବା ସେ କହିଛନ୍ତି। ଆଦିତିଙ୍କ ବିରୋଧରେ ମୁହଁ ଖୋଲିଛନ୍ତି ଆଉ ଜଣେ ମହିଳା କମେଡି ଷ୍ଟାର କନିଜ୍ ସୁର୍କା। ଏକ କମେଡି ଶୋ'ରେ ଆଦିତି ତାଙ୍କୁ ଜବରଦସ୍ତି ଚୁମ୍ବନ ଦେଇଥିଲେ। ଦର୍ଶକଙ୍କ ସାମ୍ନାରେ ଏହି ଘଟଣା ଘଟିଥିଲା ବୋଲି ସୁର୍କା ଟୁଇଟ୍ କରିଛନ୍ତି। ଦକ୍ଷିଣ ଫିଲ୍ମ ଜଗତର କେତେକ କଳଙ୍କିତ ଅଧ୍ୟାୟ ସାମ୍ନାକୁ ଆସିଛି। ଗୀତିକାର ଭୈରାମୁଥୁ ଓ ରଘୁ ଦୀକ୍ଷିତ '#ମିଟୂ' ଝଡ଼ର ଶିକାର ହୋଇଛନ୍ତି। କିନ୍ତୁ ଭୈରାମୁଥୁ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସମୟ ଆସିଲେ ସବୁ ସତ ଜଣାପଡ଼ିବ ବୋଲି ସେ କହିଛନ୍ତି।

### ପଞ୍ଚମ ଶ୍ରେଣୀ ଛାତ୍ରୀଙ୍କୁ ଶିକ୍ଷକଙ୍କ ଅସଦାଚରଣ କରିବା ଘଟଣା

# ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନିଲମ୍ବିତ

**ଜୁନାଗଡ, ୧୦।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ମଥୁରା ରାଧାକୃଷ୍ଣ ପ୍ରାଥମିକ ବିଦ୍ୟାଳୟର ଜଣେ ପଞ୍ଚମ ଶ୍ରେଣୀର ଛାତ୍ରୀଙ୍କୁ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅସଦାଚରଣ କରିଥିବା ନେଇ ଗତ ୫ ତାରିଖ ଅପରାହ୍ନରେ ଜୁନାଗଡ ଥାନାରେ ଅଭିଯୋଗ ହୋଇଥିଲା। ଏହାପରେ ଜୁନାଗଡ ପୋଲିସ ସମ୍ପୃକ୍ତ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସଞ୍ଜୀବ କୁମାର ପଣ୍ଡାକୁ ଗିରଫ କରିଥିଲା। ଶନିବାର ଏ ନେଇ ଜୁନାଗଡ ଥାନାରେ ଧର୍ମଗଡ ଏସଡିପିଓ ସୁରେନ୍ଦ୍ର ନାଥ ଶଥପଥିଙ୍କ ଅଧ୍ୟକ୍ଷତାରେ ଏକ ଖବରଦାତା ସମ୍ମିଳନୀରେ ସମ୍ପୃକ୍ତ ପ୍ରଧାନ ଶିକ୍ଷକ ପଣ୍ଡାଙ୍କ ବୟାନ ରେକର୍ଡ କରାଯାଇଥିଲା। ସମ୍ପୃକ୍ତ ପ୍ରଧାନଶିକ୍ଷକ ଏହା ତାଙ୍କ ବିରୋଧରେ ଷଡଜନ୍ତ୍ର ଓ ସେ ନିର୍ଦ୍ଦୋଶ ବୋଲି ସଫେଇ ଦେଇଥିଲେ। ତେବେ ଅସଦାଚରଣ ନାବାଳିକାଙ୍କ ବୟାନ ଓ ତାଙ୍କ ମା'ଙ୍କ ଅଭିଯୋଗକୁ ଭିତ୍ତିକରି ଜୁନାଗଡ ଥାନାରେ ଏକ ମାମଲ (ନଂ.୨୭୭/୧୮) ରୁଜୁ ହୋଇଥିଲା। ସେହିପରି ପୋକ୍ସୋ ଆକ୍ଟରେ ଅଭିଯୁକ୍ତ ପ୍ରଧାନଶିକ୍ଷକଙ୍କ ଉପରେ ୩୭୬, ୩୨୩, ୨୯୪, ୫୦୬ ଆଦି ଦଫା ଲଗାଯାଇ ଉକ୍ତ ଦିନ ଭବାନୀପାଟଣା କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ଖାରଜ ହେବାରୁ ସେ ଭବାନୀପାଟଣା ଜେଲ ଯାଇଥିଲେ। ଏପଟେ ଧର୍ମଗଡ ଏସଡିପିଓ ସୁରେନ୍ଦ୍ର ନାଥ ଶତପଥୀ ମଙ୍ଗଳବାର ଅଭିଯୁକ୍ତ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ନାମରେ ଜୁନାଗଡ ବ୍ଲକ ଶିକ୍ଷାଧିକାରୀ ସଂଧାଂଶୁ ବାଳା ଦେବୀଙ୍କୁ ରିପୋର୍ଟ ଦେଇଥିଲେ। ଦିନକ ପରେ ଅର୍ଥାତ୍ ବୁଧବାର ଜିଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗଙ୍କ ପରାମର୍ଶକ୍ରମେ ଜୁନାଗଡ ବ୍ଲକ ଶିକ୍ଷାଧିକାରୀ ସୁଧାଂଶୁବାଳା ଦେବୀ ଅଭିଯୁକ୍ତ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସଞ୍ଜୀବ କୁମାର ପଣ୍ଡାଙ୍କୁ ତାରିଖ ୧୦।୧୦।୧୮ ପତ୍ରସଂଖ୍ୟା ୧୪୨୫ ଅନୁଯାୟୀ ଗତ ୫ ତାରିଖଠାରୁ ନିଲମ୍ବିତ କରିଛନ୍ତି।


ନିଲମ୍ବିତ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ।

ଉଲ୍ଲେଖନୀୟ ଯେ, ଶୁକ୍ରବାର ରାଧାକୃଷ୍ଣ ପ୍ରାଥମିକ ବିଦ୍ୟାଳୟର ଜଣେ ପଞ୍ଚମ ଶ୍ରେଣୀ ଛାତ୍ରୀଙ୍କୁ ଉକ୍ତ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସଞ୍ଜୀବ କୁମାର ପଣ୍ଡା ମଧ୍ୟାହ୍ନ ଭୋଜନ ବିରତୀ ପୁର୍ବରୁ ଅଫିସକୁ ଡାକିଥିଲେ। ଏହାପରେ ଛାତ୍ରୀ ଜଣକ ଏକାକୀ ଅଫିସକୁ ଆସିବା ପରେ ସମ୍ପୃକ୍ତ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ତାଙ୍କୁ ଅସଦାଚରଣ କରିଥିଲେ। ଏହି ଘଟଣାକୁ କାହାରି ଆଗରେ ପ୍ରକାଶ କଲେ ଜୀବନରେ ମଧ୍ୟ ମାରିଦେବାକୁ ଧମକ ଦେଇଥିଲେ। ଛାତ୍ରୀ ଜଣକ ଘରକୁ ଆସି କାନ୍ଦି କାନ୍ଦି ଏହ ଘଟଣା ସମ୍ପର୍କରେ ତାଙ୍କ ମା'ଙ୍କୁ କହିଥିଲେ। ପରେ ତାଙ୍କ ମା' ୫ ତାରିଖ ଶୁକ୍ରବାର ଅପରାହ୍ନରେ ଜୁନାଗଡ ଥାନାରେ ସମ୍ପୃକ୍ତ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ।

## ପ୍ରଥମ ପୃଷ୍ଠାରୁ...

### ୨ଜି ଇଥାନଲ ଜୈବ...

ପାଇଁ ଦଳମତ ନିର୍ବିଶେଷରେ ଏକଜୁଟ୍ ହେବାକୁ ଆହ୍ୱାନ ଦେଇଥିଲେ। ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଚାଷୀମାନେ ବରଗଡ଼ର ଅର୍ଥନୀତିକୁ ସୁଦୃଢ଼ କରିଛନ୍ତି ବୋଲି ମତବ୍ୟକ୍ତ କରି ଇଥାନଲ ପ୍ରକଳ୍ପରେ ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ଦେବାକୁ ଦାବି କରିଥିଲେ। ପ୍ରକଳ୍ପ କାର୍ଯ୍ୟକ୍ଷମ ହେବାକୁ ୨ବର୍ଷ ବାକି ରହିଛି । ଫଳରେ ପ୍ରକଳ୍ପରେ ନିଯୁକ୍ତି ପାଇଁ ଯେଉଁ ସବୁ ଦକ୍ଷତାର ଆବଶ୍ୟକତା ରହିଛି, ସେହି ୨ବର୍ଷ ଅବଧି ମଧ୍ୟରେ ସ୍ଥାନୀୟ ଯୁବକଙ୍କୁ ସେଭଳି ଦକ୍ଷତା ଉପରେ ପ୍ରଶିକ୍ଷଣ ଦେଇ ନିଯୁକ୍ତି ଦେବାକୁ ମନ୍ତ୍ରୀ ଛୁରିଆ କହିଥିଲେ। ପୂର୍ତ୍ତ ଓ ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ମଧ୍ୟ ସ୍ଥାନୀୟ ନିଯୁକ୍ତି ଉପରେ ଗୁରୁତ୍ୱାରୋପ କରିଥିଲେ। ପେଟ୍ରୋଲର ଦର ଯେଭଳି ବଢ଼ି ଚାଲିଛି, ଏଥିପାଇଁ ଏହାର ବିକଳ୍ପ ଲୋଡ଼ା। ଇଥାନଲ ପ୍ରକଳ୍ପ ସେଥିରେ କିଛି ସହାୟକ ହେବ ବୋଲି ସେ ଆଶା ପ୍ରକଟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ, ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ, ଉପାଧ୍ୟକ୍ଷ ମଦନ ଦୀପ ପ୍ରମୁଖ ମଞ୍ଚାସୀନ ଥିଲେ। ବିପିସିଏଲ୍‌ର ଚେୟାରମ୍ୟାନ ବି. ରାଜକୁମାର, ସିଜିଏମ (ବାୟୋ ଫୁଏଲ୍ସ) ସଞ୍ଜୀବ ପଲ, ଓଡ଼ିଶା ଓ ଝାଡ଼ଖଣ୍ଡ ଷ୍ଟେଟ ହେଡ୍ (ରିଟେଲ୍) ଦେବାଶିଷ ପାଲିତ ଏବଂ ଡିଜିଏମ୍ (ବ୍ରାଣ୍ଡ ଓ ଲୋକସମ୍ପର୍କ) ଏସ୍.ଏସ୍. ସୁନ୍ଦରରାଜନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଦିବ୍ୟାଙ୍ଗ ପିଲାଙ୍କୁ ସେମାନଙ୍କ ବ୍ୟବହାର ଉପକରଣ ବଣ୍ଟନ କରାଯାଇଥିଲା।

**IN THE DEBTS RECOVERY TRIBUNAL AT CUTTACK**
**C-71, Sector-7, CDA, Cuttack- 753014 (Odisha)**
**O.A.No. 52/2018**

**Utkal Grameen Bank**
Stressed Asset Recovery Branch Sambalpur.... Applicant
-Versus-
**Krushna Chandra Panda** & Others .... Defendants

To,
Defendant No.1: **Krushna Chandra Panda**, S/o: Late Jatindra @ Jatindrananth Panda, At/Po- Kuchipali, P.s: Melchhamunda, Dist- Bargarh, Pin- 768034
Defendant No.2: **Lalita Panda**, W/o: Late Jatindra @ Jatindrananth Panda, At/Po- Kuchipali, P.s: Melchhamunda, Dist.- Bargarh, Pin- 768034
Defendant No.3: **Sadhu Venkatrao,** S/o: Jaldu Naidu, At/Po/P.s: Melchhamunda, Dist.- Bargarh, Pin- 768035

**Summons by Paper Publication for Showing Cause as to Why the Relief Prayed for should not be granted**

Take notice that the Applicant has instituted the aforesaid Original Application before this Tribunal for recovery of **Rs. 15,54,474.00** only together with current and future interest, cost and other reliefs.

You are therefore hereby directed to appear before this Tribunal in person or through authorised agent, in support of your defence to show cause within 30 days from the date of publication or on 29th day of October, 2018 at 10.30 a.m. as to why the reliefs prayed for should not be granted.

Take notice that in case of default the Application will be heard and determined in your absence.

Given under my hand and seal of this Tribunal, on this 12th day of September, 2018

**Sd./- Registrar**
**Debts Recovery Tribunal, Cuttack**

**IN THE DEBTS RECOVERY TRIBUNAL AT CUTTACK**
**C-71, Sector-7, CDA, Cuttack- 753014 (Odisha)**
**O.A.No. 53/2018**

**Utkal Grameen Bank**
Stressed Asset Recovery Branch Sambalpur.... Applicant
-Versus-
**M/s. Trinity Engineering Works** & Others .... Defendants

To,
Defendant No.1: **M/s. Trinity Engineering Works**, At: J/5, 2nd Floor, Civil Township, Rourkela, Dist- Sundargarh, Pin- 769004, Represented by its Partner, Manoj Kumar Sahu.
Defendant No.2: **Manoj Kumar Sahu**, S/o: Chaturbhuja Sahu, Partner, M/s. Trinity Engineering Works, At: J/5, 2nd Floor, Civil Township, Rourkela, Dist- Sundargarh, Pin- 769004
Defendant No.3: **Sunita Sahu,** W/o: Manoj Kumar Sahu Partner, M/s. Trinity Engineering Works, At: J/5, 2nd Floor, Civil Township, Rourkela, Dist.- Sundargarh, Pin- 769004
Defendant No.4: **Kusha Pradhan,** S/o: Brundaban Pradhan At: Quarter No. L/2/240, Chhend Colony Rourkela, Dist.- Sundargarh, Pin- 769015.

**Summons by Paper Publication for Showing Cause as to Why the Relief Prayed for should not be granted**

Take notice that the Applicant has instituted the aforesaid Original Application before this Tribunal for recovery of **Rs. 23,24,617.00** only together with current and future interest, cost and other reliefs.

You are therefore hereby directed to appear before this Tribunal in person or through authorised agent, in support of your defence to show cause within 30 days from the date of publication or on 29th day of October, 2018 at 10.30 a.m. as to why the reliefs prayed for should not be granted.

Take notice that in case of default the Application will be heard and determined in your absence.

Given under my hand and seal of this Tribunal, on this 12th day of September, 2018

**Sd./- Registrar**
**Debts Recovery Tribunal, Cuttack**

**ଉତ୍କଳ ଗ୍ରାମୀଣ ବ୍ୟାଙ୍କ**
(ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଦ୍ୱାରା ପ୍ରଯୋଜିତ)
ଆଞ୍ଚଳିକ କାର୍ଯ୍ୟାଳୟ : ସମ୍ବଲପୁର, କଟକ ରୋଡ଼, ସା/ପୋ : ଧନୁପାଲି, ଜିଲ୍ଲା : ସମ୍ବଲପୁର

**ସୁନା ନିଲାମ ବିଜ୍ଞପ୍ତି**

ଏହି ନୋଟିସ୍ ଦ୍ୱାରା ନିମ୍ନଲିଖିତ ସ୍ୱର୍ଣ୍ଣଋଣଗ୍ରହୀତା, ସେମାନଙ୍କର ଆଇନ ସମ୍ମତ ଉତ୍ତରାଧିକାରୀ, ସ୍ୱର୍ଣ୍ଣ ବ୍ୟବସାୟୀ ତଥା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବ୍ୟାଙ୍କ ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ ଋଣ ଗ୍ରହୀତାମାନେ ଯଥା ସମୟରେ ସେମାନଙ୍କର ଋଣ ପରିଶୋଧ କରୁନାହାନ୍ତି । ଯଦି ସେମାନେ ଆସନ୍ତା **ତା.୦୯.୧୧.୨୦୧୮ ରିଖ ଶୁକ୍ରବାର** ସୁଦ୍ଧା ସେମାନଙ୍କର ସମସ୍ତ ବକେୟା ଋଣ (ଋଣ ଖାତାରେ ପୈଠ ହେବା ପର୍ଯ୍ୟନ୍ତ ସମୂଳସୁଧ ଓ ଆନୁସଙ୍ଗିକ ଖର୍ଚ୍ଚ) ପରିଶୋଧ ନକରନ୍ତି, ତାହା ହେଲେ ଆସନ୍ତା **ତା.୧୨.୧୧.୨୦୧୮ ରିଖ ସୋମବାର ଦିବା ୧୧ ଘଣ୍ଟା** ସମୟଠାରୁ ଆମର ନିମ୍ନୋକ୍ତ ଶାଖା ଗୁଡ଼ିକର ବ୍ୟାଙ୍କ ଗୃହ ମଧ୍ୟରେ ସେମାନେ ରଖିଥିବା ସ୍ୱର୍ଣ୍ଣ ଅଳଙ୍କାର ଗୁଡିକ ପ୍ରକାଶ୍ୟ ନିଲାମ କରାଯିବ । ଋଣ ଗ୍ରହୀତାମାନଙ୍କର ଏ ସମ୍ପର୍କରେ କୌଣସି ଅସୁବିଧା, ଆପତ୍ତି, ଅଭିଯୋଗ ବା କ୍ଷତି ପାଇଁ ବ୍ୟାଙ୍କ ଦାୟୀ ରହିବ ନାହିଁ । ନିଲାମ ଡାକିବାକୁ ଇଚ୍ଛୁକ ବ୍ୟକ୍ତିମାନେ ନିର୍ଦ୍ଧାରିତ ସମୟ ପୂର୍ବରୁ ଏଥିପାଇଁ **ଟ.୫,୦୦୦/- (ପାଞ୍ଚ ହଜାର ଟଙ୍କା ମାତ୍ର)** ଅମାନତ ରୂପେ ଶାଖା ପରିଚାଳକଙ୍କ ନିକଟରେ ଜମା ରଖିବେ । ନିଲାମ ଡାକି କୌଣସି ବ୍ୟକ୍ତି ଯଦି ନିଲାମ ମୂଲ୍ୟ ବାବଦକୁ ସମସ୍ତ ଟଙ୍କା ନିର୍ଦ୍ଧାରିତ ସମୟ ମଧ୍ୟରେ ଦେବାକୁ ଅକ୍ଷମ ହୁଅନ୍ତି, ତା ହେଲେ ତାଙ୍କର ଅମାନତ ସ୍ୱରୂପ ଜମା ରଖିଥିବା ଟଙ୍କା ବାଜ୍ୟାପ୍ତ କରାଯିବ । ନିଲାମ ଡାକିଥିବା ମୂଲ୍ୟ ଯଦି ଉପଯୁକ୍ତ ବିବେଚିତ ନହୁଏ, ତାହାହେଲେ କୌଣସି କାରଣ ନଦର୍ଶାଇ ସେହି ନିଲାମକୁ ନାକଚ କରିବାର କ୍ଷମତା ବ୍ୟାଙ୍କର ରହିଛି । ପ୍ରକାଶ ଥାଉକି, ଆବଶ୍ୟକ ହେଲେ ବ୍ୟାଙ୍କ କର୍ତ୍ତୃପକ୍ଷ କୌଣସି କାରଣ ନ ଦର୍ଶାଇ ଧାର୍ଯ୍ୟ ନିଲାମ ତାରିଖକୁ ରଦ୍ଦ, ସ୍ଥଗିତ ବା ପରିବର୍ତ୍ତନ କରିପାରିବେ ।

| କ୍ର.ନଂ. | ଋଣଗ୍ରହିତା (ମାନ)ଙ୍କ ନାମ | ସ୍ୱର୍ଣ୍ଣ ଋଣ ଖାତା ନଂ. | ଋଣଗ୍ରହୀତା (ମାନ)ଙ୍କ ଠିକଣା | ମୋଟ ସୁନାର ଓଜନ (ଗ୍ରାମରେ) |
|---|---|---|---|---|
| **ଶାଖା - ଗରପୋଷ, ନିଲାମ ସ୍ଥାନ : ଗରପୋଷ** | | | | |
| 1. | Patel Bagh | 84018175874 | At : Sandumermunda, P.O.: Garposh | 23.66 |
| **ଶାଖା - କୁସୁମି, ନିଲାମ ସ୍ଥାନ : କୁସୁମି** | | | | |
| 1. | Surekha Sahu | 84028837180 | At/P.O.: Kusumi | 14.10 |
| 2. | Ujal Patel | 84012021002 | At : Rengali | 15.16 |
| 3. | Haresh Ku. Patel | 84012305618 | At : Junani | 32.88 |
| 4. | Achutananda Patel | 84015542181 | At : Ainlaposi | 13.8 |
| 5. | Prakash Patel | 84008223242 | At/P.O.: K. Jamankira | 11.1 |
| 6. | Prakash Patel | 84008767135 | At/P.O.: K. Jamankira | 12.00 |
| 7. | Dillip Ku. Sandh | 84010172393 | At : Bagdihi | 6.16 |
| 8. | Nakul Ch. Naik | 84010172031 | At : Dumermal | 3.92 |
| 9. | Kumari Kisan | 84012874607 | At : Kardakhaman | 5.5 |
| **ଶାଖା - ଶାସନ, ନିଲାମ ସ୍ଥାନ : ଶାସନ** | | | | |
| 1. | Subas Behera | 84025417170 | At : Balbaspur | 26.2 |
| 2. | Sumitra Gahir | 84022273536 | At : Dunguripada | 9.00 |
| 3. | Jagyanseni Thela | 84022303017 | At/P.O.: Sason | 5.2 |
| 4. | Sukanti Tandia | 84018586363 | At/P.O.: Badtitheipali | 1.6 |
| 5. | Santi Bhengraj | 84022882403 | At : Debeipali | 13.4 |
| 6. | Trilochan Dansena | 84018758787 | At : Bisipali | 4.37 |
| 7. | Srikant Gardia | 84021432498 | At : Bisal Kinda | 9.88 |
| 8. | Anjali Pradhan | 84026456107 | At : Kankinda | 44.2 |
| **ଶାଖା - ଦେଓଗଡ଼, ନିଲାମ ସ୍ଥାନ : ଦେଓଗଡ଼** | | | | |
| 1. | Santosh Sahu | 84010944850 | At : Baniasahi, Deogarh | 44.4 |
| **ଶାଖା - କଲ୍ଲା, ନିଲାମ ସ୍ଥାନ : ଦେଓଗଡ଼** | | | | |
| 1. | Gokulanand Biswal | 84003179591 | At : Manoharpur, Kalla | 12.80 |
| **ଶାଖା - ଭିକାମପାଲି, ନିଲାମ ସ୍ଥାନ : ଭିକାମପାଲି** | | | | |
| 1. | Janmajaya Sahu | 12061001754 | At : Deopali | 18.65 |
| 2. | Sadhu Barik | 12061001743 | At : Bijapali | 5.5 |
| 3. | Dillip Ku. Jaiswal | 12061001812 | At : M. Katapali | 18.00 |
| **ଶାଖା - ରେଙ୍ଗାଲବେଡା, ନିଲାମ ସ୍ଥାନ : ଦେଓଗଡ଼** | | | | |
| 1. | Anjan Ku. Behera | 84012217176 | At/P.O.: Rengalbeda | 17.20 |
| 2. | Anjan Ku. Behera | 84017542677 | At/P.O.: Rengalbeda | 27.80 |
| 3. | Uttam Majhi | 84018747888 | At/P.O.: Tentalabahal | 11.00 |
| 4. | Sisir Ku. Patra | 84020329707 | At : Rengalinali, P.O.: Tentalabahal | 10.70 |
| **ଶାଖା - ବାସନ୍ତୀ କଲୋନୀ, ନିଲାମ ସ୍ଥାନ : ବାସନ୍ତୀ କଲୋନୀ** | | | | |
| 1. | Pravakar Nayak | 84022979878 | At : Bartoli, Bisram Colony, Jabaghat, RKL | 27.76 |
| 2. | Ms. Runia Mahapatra | 84024056949 | At : LCR/117, Chhend Colony, RKL | 55.57 |
| 3. | Ramachandra Jena | 84024941989 | At : FL/293, B. Colony, RKL | 44.84 |
| 4. | Usharani Gayan | 84027959631 | At : L/82, PH-II, RKL | 28.70 |
| 5. | Babita Ojha | 84028411244 | At : L/69, PH-I, B. Colony, RKL | 17.10 |
| 6. | Shyamal Pal | 84028470470 | At : CL-8, B. Colony, RKL | 14.97 |
| 7. | Pradeep Biswal | 84028692857 | At : Kishor Nagar, Panposh, RKL | 17.25 |
| 8. | Chandan Ku Maharana | 84029249290 | At : M/86, PH-II, Chhend Colony, RKL | 41.40 |
| 9. | Chandan Ku Maharana | 84029371003 | At : M/86, PH - II, Chhend Colony, RKL | 45.80 |
| 10. | Pradipta Mahapatra | 84007211862 | At : LCR-117, Chhend Colony, RKL | 122.47 |
| 11. | Manoranjan Mishra | 84008653184 | At : L-68, PH - I, B.Colony, RKL | 36.62 |
| 12. | Keuta Sahu | 84021849692 | At : DAV Farm, B. Colony, RKL | 5.09 |
| **ଶାଖା - କୋଏଲନଗର, ନିଲାମ ସ୍ଥାନ : ବାସନ୍ତି କଲୋନୀ** | | | | |
| 1. | Kamala Kanta Parida | 84019329439 | At : F/61, Sector-8, RKL | 53.98 |
| 2. | Uttam Prasad Verma | 84020387045 | Panposh Basti, RKL | 13.44 |
| 3. | Ajay Ku Rout | 84025299507 | Qtr. No. C/114, RKL | 8.85 |
| 4. | Malati Mohapatra | 84027328935 | Qtr. No. A/233, Koelnagar | 40.12 |
| 5. | Malati Mohapatra | 84028022440 | Qtr. No. A/233, Koelnagar | 29.5 |
| 6. | Mamata Bhuyan | 84031199446 | Bartoli, RKL | 17.78 |
| **ଶାଖା - ରାଜଗାଙ୍ଗପୁର, ନିଲାମ ସ୍ଥାନ : ରାଜଗାଙ୍ଗପୁର** | | | | |
| 1. | Ashish Ku. Maharana | 84027183034 | At : Liploi, Rajgangpur | 26.30 |
| **ଶାଖା - ସୁନ୍ଦରଗଡ଼, ନିଲାମ ସ୍ଥାନ : ସୁନ୍ଦରଗଡ଼** | | | | |
| 1. | Bijay Ku. Patel | 12144006363 | At/P.O.: Tasladihi | 88.25 |
| 2. | Bijay Ku. Patel | 12144006374 | At/P.O.: Tasladihi | 73.90 |
| 3. | Bijay Ku. Patel | 12144006512 | At/P.O.: Tasladihi | 44.52 |

ସ୍ଥାନ : ସମ୍ବଲପୁର
ତାରିଖ : ୧୦.୧୦.୨୦୧୮

ଆଞ୍ଚଳିକ ପ୍ରବନ୍ଧକ / କ୍ଷମତାପ୍ରାପ୍ତ ଅଧିକାରୀ
ଉତ୍କଳ ଗ୍ରାମୀଣ ବ୍ୟାଙ୍କ

SBI **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା,
ପ୍ଲଟ୍ ନଂ.୭୭୮, ପ୍ରଥମ ମହଲା, ସହିଦ ନଗର, ଭୁବନେଶ୍ୱର-୭୫୧୦୦୭,
ଫୋନ୍:୦୬୭୪-୨୫୪୯୬୬୩, ୨୫୪୯୬୧୨

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

**ସରଫେଶୀ ଆକ୍ଟ ୨୦୦୨ ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତିର ଦଖଲ ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨)ର ରୁଲ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ)ରୁଲ୍ସ ୨୦୦୨ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟକୁ ନିମ୍ନଲିଖିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଯେହେତୁ ଋଣଗ୍ରହୀତା ସେମାନଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ସେହେତୁ ଋଣଗ୍ରହୀତା, ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୯ ଅନୁସାରେ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି । ତେଣୁ ବିଶେଷତଃ ଋଣଗ୍ରହୀତା, ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ପାଇଁ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।

ଋଣଗ୍ରହୀତାଙ୍କୁ ଅବଗତ କରାଇ ଦିଆଯାଉଛି ଯେ, ଧାରା ୧୩, ଉପଧାରା (୮)ରେ ଦିଆଯାଇଥିବା ସମୟ ମଧ୍ୟରେ ସୁରକ୍ଷିତ ସମ୍ପତ୍ତି ଉପରେ ଥିବା ପ୍ରାପ୍ୟ ଜମା କରି ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକ ମୁକ୍ତ କରନ୍ତୁ ।

| ଋଣଗ୍ରହୀତାଙ୍କ ନାମ ଓ ଠିକଣା | ଜାମିନ୍‌ଦାର / ସମ୍ପତ୍ତି ମାଲିକମାନଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|---|---|
| ଋଣଗ୍ରହୀତା: ମେସର୍ସ ସ୍ୱସ୍ତିକ ଟ୍ରେଡ଼ିଂ କର୍ପୋରେସନ୍, ଅଂଶିଦାରମାନେ: (୧) ଶ୍ରୀ ରୋହିତ କୁମାର କାନ୍ଦୋଇ, ସା : ୩୧, ଗଣେଶ ଚନ୍ଦ୍ର ଆଭିନ୍ୟୁ, ଘର ନଂ. ୫ବି ଏବଂ ୫ସି, ୫ମ ମହଲା, କୋଲକାତା, ପିନ୍ - ୭୦୦୦୧୩, ପଶ୍ଚିମବଙ୍ଗ, (୨) ଶ୍ରୀ ପ୍ରଦୀପ କୁମାର କାନ୍ଦୋଇ, ପ୍ଲଟ ନଂ. - ୨୦, ଆଚାର୍ଯ୍ୟ ବିହାର, ୟୁନିଟ୍-୯, ଭୁବନେଶ୍ୱର, ଜିଲ୍ଲା - ଖୋର୍ଦ୍ଧା-୭୫୧୦୨୨ | ସମ୍ପତ୍ତିର ମାଲିକ: ଶ୍ରୀ ରୋହିତ କୁମାର କାନ୍ଦୋଇ | ଜମିର ସମସ୍ତ ଅଂଶବିଶେଷ ଯାହାର ମୌଜା: କଣ୍ଟିଲୋ, ଥାନା : ଏୟାରଫିଲ୍ଡ, ତହସିଲ : ଜଟଣୀ, ଜିଲ୍ଲା : ଖୋର୍ଦ୍ଧା, ଭୁବନେଶ୍ୱର, ଖାତା ନଂ.: ୩୧୧/୭୬୨, ପ୍ଲଟ୍ ନଂ.: ୫୧୬, କ୍ଷେତ୍ର : ଏକର ୦.୦୩୮.୫ ଡିସିମିଲି, କିସମ : ଘରବାଡି । | ୦୭.୦୫.୨୦୧୮ | ୦୮.୧୦.୨୦୧୮ | ୦୭.୦୫.୨୦୧୮ ସୁଦ୍ଧା ଟ.୫୧,୮୬,୩୨୧.୩୫ + ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ |
| ଋଣଗ୍ରହୀତା: ମେସର୍ସ ବୃକସନ୍ ଏନର୍ଜି ପ୍ରା.ଲିଃ., ପରିଚାଳନା ନିର୍ଦ୍ଦେଶକ : ଶ୍ରୀ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ପ୍ଲଟ ନଂ. - ୨୭, ୨ୟ ମହଲା, ଡ଼ିଷ୍ଟ୍ରିକ୍ଟ ସେଣ୍ଟର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର - ୭୫୧୦୨୦ । | ଜାମିନଦାରମାନେ : (୧) ଶ୍ରୀ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ପ୍ଲଟ ନଂ. - ୨୭, ୨ୟ ମହଲା, ଡ଼ିଷ୍ଟ୍ରିକ୍ଟ ସେଣ୍ଟର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର - ୭୫୧୦୨୦, (୨) ଶ୍ରୀମତୀ ଭଗବତୀ ପଣ୍ଡା, (୨) ଶ୍ରୀମତୀ ସ୍ୱର୍ଣ୍ଣାଞ୍ଜଳୀ ପତି, ଉଭୟଙ୍କ ବାସସ୍ଥାନ : ଏଚଆଇଜି-୧୧୧, ଲୁମ୍ବିନୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର - ୭୫୧୦୨୧ / ସମ୍ପତ୍ତିର ମାଲିକ: ଶ୍ରୀମତୀ ସ୍ୱର୍ଣ୍ଣାଞ୍ଜଳୀ ପତି | ଜମିର ସମସ୍ତ ଅଂଶବିଶେଷ ଯାହାର ମୌଜା: ମୁଣ୍ଡଲା, ତହସିଲ : ଜଟଣୀ, ଜିଲ୍ଲା : ଖୋର୍ଦ୍ଧା, ଖାତା ନଂ.: ୪୨, ପ୍ଲଟ୍ ନଂ.: ୭୬୮, କ୍ଷେତ୍ର : ଏକର ୦.୨୬୪ ଡିସିମିଲି, କିସମ : ଘରବାଡି । | ୧୧.୦୫.୨୦୧୮ | ୦୮.୧୦.୨୦୧୮ | ୦୭.୦୫.୨୦୧୮ ସୁଦ୍ଧା ଟ.୪୦,୬୩,୩୦୯.୩୦ + ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ |

ତାରିଖ : ୧୦.୧୦.୨୦୧୮
ସ୍ଥାନ : ଭୁବନେଶ୍ୱର

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

# ପୂରଣ ହେଲା ଆଶା

କୁହାଯାଏ ଆଶା ଅସୁମାରି। ଦେଖୁନାହାନ୍ତି ନିଜର ଆଶା ପୂରଣ ହେବା ପରେ ଅଭିନେତା ଦୀପକ କେମିତି ଖୁସିରେ ଉଚ୍ଛୁଳୁଛନ୍ତି। କଥା କ'ଣ କି ଖୁବ୍‌ଶୀଘ୍ର ଶୁଟିଂ ଆରମ୍ଭ ହେବାକୁ ଯାଉଥିବା ଓଡ଼ିଆ ସିନେମା 'ଜୋର୍ କା ଝଟ୍‌କା'ରେ ତାଙ୍କୁ ମିଳିଛି ତାଙ୍କର ମନଲାଖି ଭୂମିକା। ଲଭ୍, ଇମୋଶନ ଏବଂ କମେଡିଭିତ୍ତିକ କାହାଣୀକୁ ନେଇ ଏହି ଫିଲ୍ମଟି ପ୍ରସ୍ତୁତ ହେବ। ଏଥିରେ ଜଣେ ବିନ୍‌ଦାସ ଯୁବକ ଭୂମିକାରେ ଦେଖାଦେବେ ଦୀପକ। ହଠାତ୍ ତାଙ୍କର ଜଣେ ସୁନ୍ଦରୀ ସହ ଭେଟ ହେଉଛି ଏବଂ ସେହି ପ୍ରଥମ ଦେଖାରେ ହିଁ ଦୁହିଁଙ୍କ ଭିତରେ ପ୍ରେମ ଆରମ୍ଭ ହୋଇଯାଉଛି। ବାସ୍ ତା'ପରେ କ'ଣ ହେଉଛି ତାହା ସିନେମାରେ ଦେଖିବାକୁ ମିଳିବ। ଏପରି ଭୂମିକା ବିଷୟରେ ଦୀପକ କହନ୍ତି, 'ସବୁ ଦୃଷ୍ଟିରୁ ଏହି ଭୂମିକା ମୋତେ ପ୍ରଭାବିତ କରିଛି। ଏହା ହେଉଛି ମୋର ଡ୍ରିମ୍ ରୋଲ୍, ଯେଉଁଥିରେ ସବୁ ପ୍ରକାର ମସଲା ରହିଛି।' ରବୀନ୍ଦ୍ର ପଣ୍ଡାଙ୍କ ଦିଗ୍‌ଦର୍ଶନରେ ତଥା ଏକ୍ସସେଲ ମୁଭିଜ ଏବଂ ଶିବାନୀ ଫିଲ୍ମସ ବ୍ୟାନରରେ ଏହି ଫିଲ୍ମକୁ ପ୍ରଯୋଜନା କରିଛନ୍ତି ଅଶୋକ ବେହେରା। ନିର୍ଦ୍ଦେଶନା ଦାୟିତ୍ୱ ସମ୍ଭାଳୁଛନ୍ତି ପିନୁ ନାୟକ। ଦୀପକଙ୍କ ଅପୋଜିଟ୍‌ରେ ପିଙ୍କି ପ୍ରିୟଦର୍ଶିନୀ ନାୟିକା ସାଜିଥିବା ବେଳେ ଶ୍ରୀତମ୍ ଦାସ, ମିହିର ଦାସ, ପ୍ରତିଭା ପଣ୍ଡା, ହରିହର ମହାପାତ୍ର, ପ୍ରଜ୍ଞା ପ୍ରମୁଖ କଳାକାରଙ୍କୁ ଏଥିରେ ଦେଖିବାକୁ ମିଳିବ। ଡ. ନିର୍ମଳ ନାୟକ ସଂଳାପ ରଚନା କରିଛନ୍ତି ଏବଂ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର।


ପିଙ୍କି-ଦୀପକ

## ସ୍ପେଶାଲ ବାର୍ଥ ଡେ


ସବ୍ୟସାଚୀ

ଓଡ଼ିଆ ସିନେମା ଇଣ୍ଡଷ୍ଟ୍ରିର ଲଭରବୟ ସବ୍ୟସାଚୀ ତାଙ୍କର ପ୍ରାୟ ସମସ୍ତ କାମକୁ ସ୍ପେଶାଲ କରିବାକୁ ଚାହିଁଥାଆନ୍ତି। କୌଣସି ସିନେମାର ଯେଉଁ ଭୂମିକା ମିଳୁ ନା କାହିଁକି ତାହାର ସଫଳତା ପାଇଁ ସେ ପୂରାଦମ୍‌ରେ ଅଣ୍ଟା ଭିଡିଦିଅନ୍ତି। ଏବେ ତ ସେ ଏକ ବଙ୍ଗଳା ଚଳଚ୍ଚିତ୍ରର ଶୁଟିଂରେ ବ୍ୟସ୍ତ ଅଛନ୍ତି। ତଥାପି ନିକଟରେ ନିଜ ଜନ୍ମଦିନକୁ ପାଳିବାକୁ ଭୁଲିନାହାନ୍ତି ସେ। ଏପଟେ ଓଡିଶାରେ ତାଙ୍କର ସବ୍ୟସାଚୀ ଫ୍ୟାନ୍ କ୍ଲବର ସଦସ୍ୟମାନେ ଏକତ୍ର ହୋଇ ଏହି ବାର୍ଥ ଡେ'କୁ ପାଳନ କରିଥିଲେ। ଏହି ଅବସରରେ ସେମାନେ ଏକ ମନ୍ଦିର ପରିସରରେ ଶତାଧିକ ଅସହାୟ ପିଲାଙ୍କୁ ଖାଦ୍ୟପେୟରେ ଆପ୍ୟାୟିତ କରିବା ସହ କେକ୍ କାଟି ନିରାଡମ୍ବର ଭାବରେ ଜନ୍ମଦିନକୁ ସେଲିବ୍ରେଟ୍ କରିଥିଲେ। ଏ ବିଷୟରେ ସବ୍ୟସାଚୀ କହନ୍ତି, 'ଯେତେବେଳେ ମୋର କେତେଜଣ ପ୍ରଶଂସକ ଏ ବିଷୟରେ ମୋତେ କହିଲେ ସେତେବେଳେ ମୁଁ ସେମାନଙ୍କ ଏପରି ଉଦ୍ୟମକୁ କିପରି ପ୍ରଶଂସା କରିବି ଭାଷା ଖୋଜି ପାଇ ନ ଥିଲି। ସେମାନଙ୍କ ପାଖରେ ମୁଁ ନ ଥିଲେ ମଧ୍ୟ ସେମାନଙ୍କୁ ମୋର ଆନ୍ତରିକ ଧନ୍ୟବାଦ ଜଣାଉଛି।'

# ନଭେମ୍ବରରେ ପ୍ରେମ ପାଇଁ ମହାଭାରତ

ସମ୍ବିତ-ରିୟା ଯୋଡିକୁ ନେଇ ପ୍ରସ୍ତୁତ ନୂଆ ଓଡ଼ିଆ ସିନେମା ଆସନ୍ତା ମାସ ଅର୍ଥାତ ନଭେମ୍ବରରେ ପରଦା ଉପରକୁ ଆସିବ। ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ଆଧାର କରି ଚିତ୍ରଟି ନିର୍ମିତ ହୋଇଛି। ଏ ସମ୍ପର୍କରେ ସୂଚନା ଦେଇ ଫିଲ୍ମ ନିର୍ଦ୍ଦେଶକ ନିରଞ୍ଜନ ବେହେରା କୁହନ୍ତି, 'ଏହି ସିନେମାରୁ ସବୁ ବର୍ଗର ଦର୍ଶକ ଭରପୂର ଏଣ୍ଟରଟେନ୍‌ମେଣ୍ଟ ପାଇବେ। ପ୍ରେମକୁ ଏକ ଭିନ୍ନ ଢଙ୍ଗରେ ଏଥିରେ ଦୃଶ୍ୟାୟନ କରାଯାଇଛି। କେବଳ କାହାଣୀ ନୁହେଁ, ଅଭିଜିତ ମଜୁମଦାରଙ୍କ ସ୍ୱର ସଂଯୋଜନାରେ ଏହାର ଗୀତ ଏବଂ ଅମିତ ନାୟକ ଓ ଗିରିଶ ମହାନ୍ତିଙ୍କ କୋରିଓଗ୍ରାଫି ଏହି ଫିଲ୍ମର ଅନ୍ୟତମ ଆକର୍ଷଣ ହେବ।' ନାୟକ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ତଥା ନବାଗତ ପ୍ରଦୀପ୍ତ ପ୍ରକାଶ ଆଚାର୍ଯ୍ୟ ଏହାର ପ୍ରଯୋଜନା କରିଛନ୍ତି। ଅପରପକ୍ଷରେ ଏହି ବ୍ୟାନରରେ ନୂଆ ସିନେମା 'ୱାଇଫ ମୋ ଲାଇଫ'ର ପ୍ରାରମ୍ଭିକ କାମ ଚାଲୁରହିଛି, ଯାହାର ନିର୍ଦ୍ଦେଶନା ଦେବେ ନିରଞ୍ଜନ ବେହେରା।


ସମ୍ବିତ୍

# ଅଲିଶାଙ୍କୁ ମହେଶ ଭରସା

ନବାଗତା ଅଲିଶା ଖାଁ ଯେତେବେଳେ ବଲିଉଡ୍‌ରେ ଏଣ୍ଟ୍ରି କଲେ ସେତେବେଳେ ତାଙ୍କ ଆଖିରେ ଥିଲା ଆଖିଏ ସ୍ୱପ୍ନ। ପ୍ରଥମ ଅଭିନୀତ ହିନ୍ଦୀ ଫିଲ୍ମ 'ମାତୃ' ଫ୍ଲପ୍ ହେଲା। ତା'ପରେ ଭଲ ଅଫରଟିଏ ମିଳିବ ବୋଲି ଚାହିଁ ବସିଥିଲେ। ଶେଷରେ ତାଙ୍କ ପ୍ରତୀକ୍ଷାର ଅନ୍ତ ଘଟିଛି। ମହେଶ ଭଟ୍ଟଙ୍କ ଆଗାମୀ ଫିଲ୍ମରେ ସେ ଅଭିନୟ କରିବାକୁ ଚୁକ୍ତିବଦ୍ଧ ହୋଇଛନ୍ତି। କେବଳ ସେତିକି ନୁହେଁ, ହିନ୍ଦୀ ସିନେମା 'ଦ ଡାର୍କ ସାଇଡ୍ ଅଫ ଲାଇଫ : ମୁମ୍ବାଇ ସିଟି'ରେ ମହେଶ ଅତିଥି କଳାକାର ଭାବରେ ଅଭିନୟ କରିଛନ୍ତି। ପୁଣି ଏଭଳି ସଂଯୋଗ ଯେ କେତୋଟି ସିନ୍‌ରେ ଅଲିଶାଙ୍କ ସହ ମହେଶଙ୍କୁ ଦେଖିବାକୁ ମିଳିଛି। ଏହି ଫିଲ୍ମର ଶୁଟିଂ ସେଟ୍‌ରେ ଆକ୍ଟିଂ ବିଷୟରେ ଜାଣିବାକୁ ମହେଶଙ୍କ ପଛରେ ଛାଇ ପରି ବୁଲିଥିଲେ ଅଲିଶା। ଶେଷରେ ତାଙ୍କର ଦୁଇଟି ଲାଭ ହୋଇଛି। ମହେଶଙ୍କଠାରୁ ଆକ୍ଟିଂ ଟିପ୍ସ ପାଇଁ ସେ ଖୁସ୍, ତା'ସହ ତାଙ୍କର ଆଗାମୀ ଫିଲ୍ମରେ ଅଭିନୟ କରିବାକୁ ଯାଉଛନ୍ତି। 'ମୁଁ ଏବେ ବଲିଉଡ୍‌ରେ ନୂଆ। ତେଣୁ ମାପିଚୁପି ପାଦ ପକାଇବି। ମହେଶଙ୍କ ପରି ପ୍ରଯୋଜକଙ୍କ ଫିଲ୍ମରେ କାମ କରିବାକୁ ଯାଉଛି–ଏହାକୁ ସହଜରେ ବିଶ୍ୱାସ କରିପାରୁନାହିଁ ବୋଲି କହିଛନ୍ତି ଅଲିଶା।' ତାଙ୍କର ଅଭିନୟ ଜୀବନ ଆରମ୍ଭ ହୋଇଥିଲା ଦକ୍ଷିଣ ଭାରତୀୟ ଫିଲ୍ମ 'ଥାକିଡୁଥାଥମ୍'ରୁ। ତେବେ ବଲିଉଡ୍‌ରେ ଅଲିଶା କେତେଦିନ ଟିକ୍ସି ରହୁଛନ୍ତି ତାହା ଦେଖିବାକୁ ବାକି ରହିଲା।


ଦୀପିକା

# ଠାକୁର ଘରେ କିଏ ନା...

ଠାକୁର ଘରେ କିଏ ନା ମୁଁ କଦଳୀ ଖାଇନି। ଯେତେବୁଲେଇ ବଙ୍କେଇ ପଚାରିଲେ ସେ କଥାଟିକୁ ସ୍ୱୀକାର କରିବାକୁ ନାରାଜ। କଥା କ'ଣ କି ନିକଟରେ ଆମୀର ଖାଁଙ୍କ ବାସଭବନ ନିକଟରେ ଦୀପିକା ପାଦୁକୋନଙ୍କୁ ଦେଖିବାକୁ ମିଳିଥିଲା। ବିଲେଇ କପାଳକୁ ସିକା ଛିଣ୍ଡିଲା ପରି ଗେଟ୍ ବାହାରକୁ ବାହାରିବା ସମୟରେ କେତେଜଣ ସାମ୍ବାଦିକଙ୍କ ସହ ସାମନା ସାମନି ହୋଇଯାଇଥିଲା। ତେବେ ସେ କ'ଣ ପାଇଁ ଆମୀରଙ୍କ ଘରକୁ ଆସିଥିଲେ ପ୍ରଶ୍ନକୁ ଯଥାସମ୍ଭବ ଏଡାଇ ଦେବାକୁ ଚେଷ୍ଟା କରିଥିଲେ ଦୀପିକା। ସେ କହିଥିଲେ, 'ମୁଁ ଏମିତି ସାକ୍ଷାତ କରିବାକୁ ଆସିଥିଲି। ଏହାପଛରେ ଆଉ କିଛି କାରଣ ନାହିଁ।' ହେଲେ ଶୁଣିବାକୁ ମିଳୁଛି ଯେ ଆମୀରଙ୍କ ପରବର୍ତ୍ତୀ ସିନେମାରେ ସେ କୁଆଡେ ନାୟିକା ଭୂମିକାରେ ଅଭିନୟ କରିବେ। ତେବେ ଏକଥା କେତେ ସତ କେତେ ମିଛ ତାହା ଜାଣିବାକୁ କେବଳ ଅପେକ୍ଷା କରିବା ହିଁ ସାର।

## ଖ ବ ର ଟ ବ ର


ଅର୍ଚ୍ଚିତା

- ସଞ୍ଜୟ ନାୟକଙ୍କ ନିର୍ଦ୍ଦେଶନାରେ ନୂଆ ଓଡ଼ିଆ ସିନେମା 'ପ୍ରେମରେ ରଖିଛି ଶହେରୁ ଶହେ'ରେ ଉଭୟ ଜ୍ୟୋତି ନାୟକ ଏବଂ ରିୟାଙ୍କୁ ଡବଲ ରୋଲ୍‌ରେ ଦେଖିବାକୁ ମିଳିବ।
- 'ତୁ ମୋ ସୁନା ଚଢ଼େଇ'ର ପୋଷ୍ଟ ପ୍ରଡକ୍ସନ କାମ ଚାଲୁରହିଛି। ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ଏସ. ଦିଲୀପ ପଣ୍ଡା।
- 'ସାଥୀ ତୁ ଫେରିଆ'ପରେ ବିନି ସାମଲ ଏବଂ ନିହାର ସାମଲଙ୍କ ପ୍ରଯୋଜନାରେ ଆଉ ଏକ ଅନଟାଇଟଲଡ୍ ଫିଲ୍ମର ପ୍ରାରମ୍ଭିକ କାମ ଆରମ୍ଭ ହୋଇଛି। ଏହାର ସଂଳାପ ଦାୟିତ୍ୱରେ ଡ. ରଜନୀ ରଞ୍ଜନ ଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେବେ ମଳୟ ମିଶ୍ର।
- ଏସ. ମୁରଲୀକ୍ରିଷ୍ଣାଙ୍କ ନିର୍ଦ୍ଦେଶନାରେ 'ଚାମ୍ପିୟନ'ର ପୋଷ୍ଟ ପ୍ରଡକ୍ସନ କାମ ଶେଷ ହୋଇଛି। ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ଅର୍ଚ୍ଚିତା । ଚିତ୍ରଟି ଖୁବ୍‌ଶୀଘ୍ର ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।


ଜଗବନ୍ଧୁ

## ଅପେରା ହାଲଚାଲ

# ନିଆରା ପ୍ରୟାସ

ମନୋରଞ୍ଜନର ଅନ୍ୟତମ ପ୍ରମୁଖ ମାଧ୍ୟମ ହେଲା ଅପେରା ନାଟକ। ହଜିଯାଉଥିବା ପୌରାଣିକ, ଐତିହାସିକ ତଥା କାଳ୍ପନିକ ନାଟକଗୁଡିକୁ ପୁଣି ଥରେ ମଞ୍ଚସ୍ଥ କରି ଦର୍ଶକଙ୍କୁ ଭରପୂର ମନୋରଞ୍ଜନର ଖୋରାକ ଯୋଗାଇବାକୁ ଏକ ନିଆରା ପ୍ରୟାସ କରାଯାଇଛି ନବଗଠିତ ଆଦର୍ଶ ଅପେରା ପାର୍ଟି ମାଧ୍ୟମରେ। ଏହାର ପ୍ରତିଷ୍ଠାତା ସାଜିଛନ୍ତି ଓଡିଆ ଅପେରା ଜଗତର ବର୍ଷୀୟାନ ତଥା ଖ୍ୟାତିସମ୍ପନ୍ନ ଅଭିନେତା ଦୈତାରି ପଣ୍ଡା ଓରଫ ଦଇ ଭାଇନା। ଜଗନ୍ନାଥ ସଂସ୍କୃତି, ଓଡ଼ିଶାର ବୀରପୁରୁଷଙ୍କ ଜୀବନଗାଥାକୁ ନାଟକ ଆକାରରେ ପରିବେଷଣ କରିବା ଏହି ପାର୍ଟିର ମୁଖ୍ୟ ଲକ୍ଷ୍ୟ। ଜଗବନ୍ଧୁ ପଣ୍ଡା, ସମୀର ତ୍ରିପାଠୀ, ବୁଲୁ ପଣ୍ଡା, ଚୌଧୁରୀ ବିକାଶ ଦାସ, ରବି ମିଶ୍ର, ଦାମ ପଣ୍ଡାଙ୍କ ପରି ଅଭିଜ୍ଞ କଳାକାରଙ୍କୁ ନେଇ ଏହି ପାର୍ଟିର ରିହର୍ସାଲ ଭୁବନେଶ୍ୱରରେ ଚାଲୁ ରହିଛି। ବିଶେଷଭାବରେ ମଧ୍ୟରାତ୍ରି ପରିବର୍ତ୍ତେ ସନ୍ଧ୍ୟା ସମୟରେ ନାଟକ ପରିବେଷଣ କରିବାକୁ ଯୋଜନା ରଖାଯାଇଛି। ନାଟକ ପୂର୍ବରୁ ଆମ ରାଜ୍ୟର ଲୋକନୃତ୍ୟ ପରିବେଷଣ କରାଯିବ। ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଲୀଳାକୁ ନେଇ ପ୍ରସ୍ତୁତ ହୋଇଛି ଆଧ୍ୟାତ୍ମିକ ନାଟକ 'ଜଗା ଆସୁଛି' (ରଚନା-ନିର୍ଦ୍ଦେଶନା : ବାପୁ ଓଝା)। ଏବର୍ଷ ପ୍ରସ୍ତୁତ ହେଉଥିବା ନାଟକଗୁଡିକ ମଧ୍ୟରେ ରହିଛି ପିତା-ପୁତ୍ରର ଭାବ, ଆବେଗ ଓ ବନ୍ଧନକୁ ନେଇ କୈଳାସ ମଲ୍ଲିକଙ୍କ ରଚିତ ତଥା ହରି ସାମନ୍ତଙ୍କ ନିର୍ଦ୍ଦେଶିତ ନାଟକ 'ପୂଜ୍ୟ ପୂଜା', ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ଜୀବନୀକୁ ନେଇ ଆଧାରିତ ନାଟକ 'ନାହିଂ ତିଷ୍ଠାମି ବୈକୁଣ୍ଠେ' (ରଚନା-ମହାଦେବ ମହାନ୍ତି, ନିର୍ଦ୍ଦେଶନା-ବିଜୟ ପଟ୍ଟନାୟକ), ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୀବନାଦର୍ଶକୁ ନେଇ ପଞ୍ଚାନନ ଦାସଙ୍କ ରଚିତ ଏବଂ ଲିଟିଲ ମାଷ୍ଟର ବିନୋଦ ରାଉତଙ୍କ ନିର୍ଦ୍ଦେଶିତ 'ମିଶୁ ମୋର ଦେହ ଏ ଦେଶ ମାଟିରେ' ଏବଂ ଜଗନ୍ନାଥଙ୍କ ପରମ ଭକ୍ତ ତଥା ଛତିଆବଟ ମହନ୍ତ ହାଡି ଦାସଙ୍କ ଜୀବନୀକୁ ନେଇ ପ୍ରସ୍ତୁତ ନାଟକ 'ଭକ୍ତାଧୀନ ଭଗବାନ' (ରଚନା-ସାବିତ୍ରୀ ମହାରଣା, ନିର୍ଦ୍ଦେଶନା-ବିଜୟ ପଟ୍ଟନାୟକ)। ଚଳିତ ବର୍ଷ ଦଶହରାରେ ଆଦର୍ଶ ଅପେରା ତାହାର ଯାତ୍ରା ସିଜନ ଆରମ୍ଭ କରିବ ବୋଲି ସୂଚନା ଦେଇଛନ୍ତି ଜଗବନ୍ଧୁ।

# ମ୍ୟାରେଜ ଟେନଶନ

କ୍ୟାଟ୍ରିନାଙ୍କ ଟେନଶନ ଟିକେ ବଢ଼ିଯାଇଛି। କାରଣ ଅଧିକାଂଶ ଜାଗାରେ ଗୋଟିଏ ପ୍ରଶ୍ନ ତାଙ୍କର ମୁଡ୍ ଅଫ କରିଦେଉଛି। ଆକ୍ଟିଂ କଥା ପଚାରୁ ପଚାରୁ ମ୍ୟାରେଜ ବିଷୟରେ ପଚାରି ଦେଉଛନ୍ତି। ଆଉ ସେକଥା ଶୁଣିଲା ବେଳକୁ ତାଙ୍କର ମୁହଁ ଶୁଖି ଯାଉଛି। ପୁଣି ଶୁଣିବାକୁ ମିଳୁଛି ଯେ ସଲ୍ଲୁ ମିଆଁଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ କୁଆଡେ ପୁଣି ଥରେ ରି ଓପନିଂ ହୋଇଛି। ହେଲେ ଏସବୁ ପ୍ରଶ୍ନର ସେ କିଛି ଉତ୍ତର ନ ଦେଇ ନୀରବ ରହୁଛନ୍ତି। ତେବେ ଆମେ କ'ଣ ବୁଝିବା ଯେ 'ମୌନେ ସମ୍ମତି ଲକ୍ଷଣମ !'


କ୍ୟାଟ୍ରିନା



ଜଓ୍ୱାନ ଓ କିଷାନ୍‌ର ଜୟ୍ ହିଁ ଦେଶ ଏବଂ ଜାତିର ଜୟ୍।

- ଲାଲ୍ ବାହାଦୁର ଶାସ୍ତ୍ରୀ



## ସଂକ୍ଷେପରେ

### ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଉଦ୍‌ଯାପିତ

ସମ୍ବଲପୁର,୧୦।୧୦(ବ୍ୟୁରୋ) : ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଫୁଲଝରନସ୍ଥିତ କସ୍ତୁରବା ଗାନ୍ଧୀ ମାତୃନିକେତନ ହାଇସ୍କୁଲ ପରିସରରେ ଆୟୋଜିତ କାର୍ଯ୍ୟକ୍ରମକୁ ଯୁଯୁମୁରା ବିଡିଓ ଆଶୀଷ ପାଟିଲ ଉଦ୍‌ଘାଟନ କରିଥିଲେ। ବ୍ଲକର ବିଭିନ୍ନ ସ୍କୁଲରୁ ଆସିଥିବା ଛାତ୍ରୀଛାତ୍ରମାନଙ୍କୁ ନେଇ ପ୍ରତିଯୋଗିତା ହୋଇଥିଲା। ପ୍ରଧାନ ଶିକ୍ଷକ କୁଳଧର ପ୍ରଧାନଙ୍କ ଅଧକ୍ଷତାରେ ହୋଇଥିବା ପୁରସ୍କାର ବିତରଣ ସଭାରେ ବ୍ଲକ ଅଧକ୍ଷା ସନ୍ତୋଷିନୀ ନାଏକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ପଣ୍ଡା, ଏବିଓ ରବିନାରାୟଣ ବିଶ୍ୱାଳ ଯୋଗ ଦେଇଥିଲେ। ଶିକ୍ଷକ ଚିନ୍ତାମଣୀ ଭୋଇ ଅତିଥି ପରିଚୟ ପ୍ରଦାନ କରିଥିଲେ। କୃତି ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଧାପକ ତୁଷାର ରଞ୍ଜନ ବାରିକ, ଅଧାପକ ଗୋବିନ୍ଦ ମହାରଣା, ମହେନ୍ଦ ବେହେରା, ମହେନ୍ଦ୍ର ନାଏକ ପ୍ରମୁଖ ସହଯୋଗ କରିଥିଲେ।

### ବିଜୟାଦଶମୀରେ ଶସ୍ତ୍ର ପୂଜା, ବଜରଙ୍ଗ ଦଳର ବୈଠକ

ସମ୍ବଲପୁର,୧୦।୧୦(ବ୍ୟୁରୋ) ଓଡିଶା ପଶ୍ଚିମ ପ୍ରାନ୍ତ ବଜରଙ୍ଗ ଦଳର ପ୍ରାନ୍ତୀୟ ବୈଠକ କୁମ୍ଭାରପଡ଼ାସ୍ଥିତ ଭିଏଚ୍‌ପି କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାନ୍ତ ସହସଂଯୋଜକ ସୁନୀଲ କୁମାର ସେଠଙ୍କ ଅଧକ୍ଷତାରେ ବୈଠକ ହୋଇଥିଲା। ପ୍ରାରମ୍ଭରେ ସାମୂହିକ ହନୁମାନ ଚାଳିଶା ପାଠ କରାଯାଇଥିଲା। ଏହାପରେ ପଶ୍ଚିମ ପ୍ରାନ୍ତ ସଂଯୋଜକ ସୁଧୀର ରଞ୍ଜନ ବହିଦାର ଦୀପ ପ୍ରଜ୍ଜଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଶ୍ୱ ହିନ୍ଦୁ ପରିଷଦ ପ୍ରାନ୍ତ ସଙ୍ଗଠନ ମନ୍ତ୍ରୀ ଶରତ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଜୟା ଦଶମୀ ତିଥିରେ ପଶ୍ଚିମ ପ୍ରାନ୍ତର ସମସ୍ତ ଜିଲାରେ ଶସ୍ତ୍ର ପୂଜା, ଅକ୍ଟୋବର ୨୮ରୁ ନଭେମ୍ବର ୨ ତାରିଖ ରକ୍ତଦାନ ଶିବିର, ନଭେମ୍ବର ୧୩ ଟିଟିଲାଗଡରେ ପ୍ରାନ୍ତ ବୈଠକ କରାଯିବାକୁ ବୈଠକରେ ସ୍ଥିର କରାଯାଇଛି । ଅଯୋଧାରେ ରାମ ମନ୍ଦିର ନିର୍ମାଣ ସମ୍ପର୍କରେ ସନ୍ଥ ଉଚ୍ଚା ଅଧିକାର ସମିତିର ନୂଆଦିଲ୍ଲୀଠାରେ ହୋଇଥିବା ବୈଠକ ଉପରେ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ପ୍ରତି ଜିଲାରେ ପଞ୍ଚାୟତ ସ୍ତରରୁ ଜିଲାସ୍ତର ପର୍ଯ୍ୟନ୍ତ ସମସ୍ତ କମିଟିକୁ ପୁର୍ନଗଠନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସେହିପରି ଡିସେମ୍ବର ୬ରେ ପଶ୍ଚିମପ୍ରାନ୍ତରେ ୫ହଜାର ଯୁବକମାନଙ୍କ ତ୍ରିଶୁଳ ଦିକ୍ଷା କାର୍ଯ୍ୟକ୍ରମ କରାଯିବାକୁ ମତପ୍ରକାଶ ପାଇଛି। ଅଶ୍ୱିନୀ ମେହେର, ତପନ ପଟ୍ଟନାୟକ, ସହଦେବ ରାଉତ, ଅମିତ ପୌଦାର, ଅଭିଜିତ କରଣ, ଟିଙ୍କୁ କୁମାର ଆଲୋଚନାରେ ଭାଗ ନେଇଥିଲେ । ଏଥିରେ ୧୫ ଜିଲାର ଜିଲା ସଂଯୋଜକ, ଜିଲା ସହସଂଯୋଜକ, ପ୍ରାନ୍ତସ୍ତରୀୟ ସଦସ୍ୟମାନେ ସାମିଲ ଥିଲେ । ଶେଷରେ ଟୁକୁ ମହାନ୍ତି ଶାନ୍ତିପାଠ କରିଥିଲେ।

# ମା'ଙ୍କ ଆଗମନରେ ଭାବବିହ୍ୱଳ ଭକ୍ତ

## ଚଳଚଞ୍ଚଳ ଶକ୍ତିପୀଠ, ରଙ୍ଗିନ ଆଲୋକମାଳାରେ ଝଟକୁଛି ସହର






ଆଲୋକମାଳାରେ ସଜେଇ ହୋଇଥିବା ସମ୍ବଲପୁର ସହର ।

ସମ୍ବଲପୁର,୧୦।୧୦(ବ୍ୟୁରୋ)

ଆଶ୍ୱିନ ଶୁକ୍ଳପକ୍ଷ ଧାର୍ଯ୍ୟ ତିଥିରେ ନବଦିନାତ୍ମକ ପୂଜାକୁ ମା'ଙ୍କ ଆଗମନ ହୋଇଛି। ଭକ୍ତମାନେ ଭାବବିହ୍ୱଳ ହୋଇଉଠିଛନ୍ତି। ବିଶ୍ୱାସ, ଭକ୍ତି, ସାହସ, ଆତ୍ମପ୍ରତ୍ୟୟ ଜାଗି ଉଠିଛି। ମନ୍ଦିର ଓ ଶକ୍ତିପୀଠଗୁଡ଼ିକରେ ମଙ୍ଗଳବାରରୁ ଆରମ୍ଭ ହୋଇଥିବା ଜଗତ୍‌ଜନନୀ ମା' ଦେବୀ ଦୁର୍ଗାଙ୍କ ସ୍ୱତନ୍ତ୍ର ଶାରଦୀୟ ପୂଜା ଉତ୍ସବ ଧରାପୃଷ୍ଠରେ ନୂଆ ଆଶା ଓ ଉଦ୍ଦୀପନା ସଞ୍ଚାର କରିଛି। ଗାଁଠାରୁ ନେଇ ସହର ଚଳଚଞ୍ଚଳ ପାଲଟିଛି। ଧୂପ, ଦୀପ, ନୈବେଦ୍ୟରେ ଶକ୍ତି ପ୍ରଦାୟିନୀ ମା'ଙ୍କୁ ଆବାହନ କରାଯାଉଛି। ଆନନ୍ଦ, ଉତ୍ସାହ, ଉତ୍କଣ୍ଠାରେ ପ୍ରତିଟି ମନ ପ୍ରାଣ ଆନ୍ଦୋଳିତ ହୋଇଉଠିଛି। ଭକ୍ତିର ଭବସାଗରରେ ସତେ ଯେପରି ସମସ୍ତେ ଏକୀଭୂତ ଦୃଶ୍ୟମାନ ହେଉଛି। ଏଭଳି ଏକ ଆଧ୍ୟାତ୍ମିକ ପରିବେଶକୁ ସମ୍ବଲପୁର ସହରବାସୀ ଆଲୋକମାଳାର ଚାକଚକ୍ୟରେ ସ୍ୱାଗତ କରିଛନ୍ତି। ରଙ୍ଗୀନ ଆଲୋକମାଳାରେ ସହର ଝଟକି ଉଠିଛି। ସହରର ତମାମ୍ ବଜାର, ଛକ ରାସ୍ତା ଆଲୋକିତ ହୋଇଛି। ଶାରଦୀୟ ଅଭିନନ୍ଦନର ହର୍ଷଉଲ୍ଲାସ ସହରବାସୀଙ୍କୁ ନିଆରା କରି ତୋଳିଛି। ସୌକିନ ସାମଗ୍ରୀରେ ଦୋକାନ, ବଜାର ସଜେଇ ହୋଇଛି। ଶକ୍ତି ଉପାସନା ସାଙ୍ଗକୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସତେଜତା ଭରି ଦେଇଛି।

ଶୈବ, ବୈଷ୍ଣବ ଓ ଶାକ୍ତ ମାର୍ଗର ଅପୂର୍ବ ସମନ୍ୱୟରେ ସନ୍ନିବେଶିତ ସମ୍ବଲପୁର ଅଞ୍ଚଳର ଧର୍ମ ଧାରାରେ ଶକ୍ତି ଉପାସନାର ପରମ୍ପରା କେଉଁ ଆବାହନ କାଳରୁ ଚାଲି ଆସୁଛି। ପ୍ରାୟ ଗାଁ ଓ ସହରରେ ଜଗନ୍ନାଥ, ଶିବଙ୍କ ସହିତ ଶକ୍ତିପୀଠ ରହିଛି। ଏମାନଙ୍କୁ ବିଭିନ୍ନ ନାମରେ ପୂଜା କରାଯାଇଥାଏ। ଅନେକ ସ୍ଥାନରେ ପୁରାତନ ଦେବୀ ମନ୍ଦିର ରହିଛି। ଏଥିରେ ମୂର୍ତ୍ତି ସହ ପ୍ରତୀକ ରୂପେ ଶକ୍ତି ପୂଜିତା ହେଉଛନ୍ତି। ସମ୍ବଲପୁର ସହରର ଶତାଧିକ ପୁରାତନ ଦିଗ ବର୍ଣ୍ଣନାରେ ସମଲେଶ୍ୱରୀ, ଦୁର୍ଗାପାଲିର ବନଦୁର୍ଗା, ମହାନଦୀ କୂଳର ବାଟମଙ୍ଗଳା, ବୁଢ଼ାରଜା ଓ ଗୋଟିଏ ଦିଗରେ ଚିତ୍ରୋତ୍ପଳା ମହାନଦୀର ଉଲ୍ଲେଖ ରହିଛି। ପାଟଣେଶ୍ୱରୀ, ମହାମାୟା, ଭୈରବୀ, ବୁଢ଼ୀ ମା', ଭୁବନେଶ୍ୱରୀ, ଦୁର୍ଗା, ବନଦୁର୍ଗା, ପୀତାବଳୀ, ସୁରେଶ୍ୱରୀ, ମାହେଶ୍ୱରୀ, ମେଟାକାନୀ, ଲିମ୍‌ସରିଆନ୍, ମାଉଳୀ, ବୈଷ୍ଣୋଦେବୀ, ବାଉତୀ, ଦଶମତୀ, ଝାଡ଼େଶ୍ୱରୀ, ପାଞ୍ଚଖଣ୍ଡା, ଦ୍ୱାରସେନୀ, ଘଣ୍ଟେଶ୍ୱରୀ, ମଙ୍ଗଳା ଆଦି ନାମରେ ଜିଲାର ବିଭିନ୍ନ ସ୍ଥାନରେ ଆଦିଶକ୍ତିଙ୍କୁ ଆରାଧନା କରାଯାଉଛି। ଏପରି କି ବହୁ ଶିବ ମନ୍ଦିର ବେଢ଼ାରେ ଶକ୍ତି ପୂଜା ପାଇ ଆସୁଛନ୍ତି। ସେହିପରି ସମ୍ବଲପୁରର ପୁରାତନ ଗୋପାଳଜୀ ମଠ ବେଢ଼ାରେ ଦୁର୍ଗାଙ୍କ ମୂର୍ତ୍ତି ରହିଛି । ଧମା ନିକଟସ୍ଥ ମହାନଦୀ କୂଳ ଅର୍ଡ଼ାଠାରେ ଏକ ମନ୍ଦିରରେ ଦଧିବାମନ ଓ ଦୁର୍ଗା ପୂଜା ପାଆନ୍ତି। ଆଶ୍ୱିନ ମାସର ଶୁକ୍ଳ ପକ୍ଷରେ ପୂର୍ଣ୍ଣିମା ପର୍ଯ୍ୟନ୍ତ ଦେବୀ ପୂଜା ପାଇଁ ମନ୍ଦିର ଓ ଗ୍ରାମଦେବୀ ପୀଠଗୁଡ଼ିକ ଚଳଚଞ୍ଚଳ ହୋଇଉଠିଛି। ଏହି ସ୍ଥାନଗୁଡ଼ିକରେ ଆକର୍ଷଣୀୟ ସାଜସଜ୍ଜା, ରଙ୍ଗୀନ ଆଲୋକମାଳା, ଦେବୀ ବନ୍ଦନାର ଭାବଗମ୍ଭୀର ଆବୃତ୍ତି, ଚଣ୍ଡୀପାଠ ସହ ଘଣ୍ଟ, ଶଙ୍ଖ ଓ ପଞ୍ଚବାଦ୍ୟର ସ୍ୱର ପରିବେଶକୁ କରିଛି ଅଧିକ ଆକର୍ଷଣୀୟ। ଦେଶର ଅନ୍ୟ ଅଞ୍ଚଳ ଭଳି ପଶ୍ଚିମ ଓଡ଼ିଶାରେ ମଧ୍ୟ ପୂର୍ବକାଳର ସେହି ପଥର ଓ କାନ୍ଥରେ ଚିତ୍ର ଏବଂ କୋଠୀ ଅଙ୍କନ କରାଯାଇ ଦେବୀପୂଜା କରିବାର ପରମ୍ପରା ଆଜି ମଧ୍ୟ ବଜାୟ ରହିଛି। ୧୮୮୪ ମସିହା ବେଳକୁ ସହରର ମହାନଦୀ କୂଳ ବାଲିବନ୍ଧା ସୋମେଶ୍ୱର ମହାଦେବଙ୍କ ମନ୍ଦିର(ସାମିଆ ଗୁଡି) ବେଢ଼ାରେ ଦେବୀ ଦୁର୍ଗାଙ୍କ ମୂର୍ତ୍ତି ପୂଜା ଆରମ୍ଭ ହୋଇଥିବା ଐତିହାସିକ ତଥ୍ୟ ରହିଛି ।

## ସିନିୟର ଜାତୀୟ ଉଷୁ ପ୍ରତିଯୋଗିତା

### - ଭାଗ ନେଲେ ପ୍ରିୟଙ୍କା, ସୋନୁ

ସମ୍ବଲପୁର,୧୦।୧୦(ବ୍ୟୁରୋ)

ମେଘାଳୟ ରାଜ୍ୟର ସିଲଙ୍ଗଠାରେ ୨୭ ତମ ସିନିୟର ଜାତୀୟ ଉଷୁ ପ୍ରତିଯୋଗିତାରେ ଭାଗ ନେବାକୁ ସମ୍ବଲପୁରର ପ୍ରିୟଙ୍କା ମିତ୍ତଲ ଓ ସୋନୁପ୍ରସାଦ ସୋନାର ମନୋନୀତ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ବୁଧବାର ସମ୍ବଲପୁର ବିନାଖଣ୍ଡି ସାଓଲିନ୍ କୁମ୍ଫୁ ଉଷୁ ଆସୋସିଏଶନ ପକ୍ଷରୁ ଉଭୟ କ୍ରୀଡାବିତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ପାଦକ ତଥା ମୁଖ୍ୟ ପ୍ରଶିକ୍ଷକ ସୁବାଷ ଚନ୍ଦ୍ର ବେହେରାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା ।

ସୂଚନାଯୋଗ୍ୟ ଯେ, ପ୍ରତିଯୋଗିତାରେ ନାମ ପଞ୍ଜୀକରଣ କରିବାକୁ ପ୍ରାୟ ୧୦ ହଜାର ଟଙ୍କା ଲାଗିଥାଏ । ଏଣୁ ରାଜ୍ୟ ତଥା ପଶ୍ଚିମ ଓଡ଼ିଶାର ବହୁ ଗରିବ ମେଧାବୀ ପ୍ରତିଯୋଗୀମାନେ ଏହି ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାକୁ ବଞ୍ଚିତ ହେଉଛନ୍ତି। ସରକାରୀ ଓ ବେସରକାରୀ ସ୍ତରରେ ଖେଳାଳୀମାନଙ୍କୁ ଆର୍ଥିକ ସହାୟତା ଦିଆଗଲେ, ଅଧିକରୁ ଅଧିକ ପ୍ରତିଭା ଭାଗନେଇ ସଫଳତା ହାସଲ କରିପାରିବେ ବୋଲି ମତ ପ୍ରକାଶ ପାଇଛି ।



ପ୍ରିୟଙ୍କା ମିତ୍ତଲ ।



ସୋନୁ ପ୍ରସାଦ ସୋନାର ।

## କାବ୍ୟାଞ୍ଜଳୀ ଭାଗ-୨ ଉନ୍ମୋଚିତ

ସମ୍ବଲପୁର,୧୦।୧୦(ବ୍ୟୁରୋ) ଅନ୍ୟା ପକ୍ଷରୁ କାବ୍ୟାଞ୍ଜଳୀ ଭାଗ-୨ ବୁଧବାର ତପସ୍ୱିନୀ ପ୍ରେକ୍ଷାଳୟଠାରେ ଉନ୍ମୋଚିତ ହୋଇଯାଇଛି। ଏହି କାବ୍ୟାଞ୍ଜଳୀରେ ପଦ୍ମଶ୍ରୀ ହଳଧର ନାଗଙ୍କ ମନୋନୀତ କାବ୍ୟର ଇଂରାଜୀ ଅନୁବାଦ କରାଯାଇଛି। ଏହା ଅଧିକରୁ ଅଧିକ ପାଠକଙ୍କ ପାଖରେ ଆଦୃତ ହୋଇପାରିବ। ସେହିପରି ଦେଶ ଓ ବିଦେଶରେ ମଧ ସାହିତ୍ୟ ପ୍ରେମୀମାନେ ହଳଧରଙ୍କ କବିତା ବିଷୟରେ ଜାଣି ପାରିବେ ବୋଲି ଉତ୍ସବରେ ମତପ୍ରକାଶ ପାଇଛି । ଅନ୍ୟା ଉପଦେଷ୍ଟା ପ୍ରଫେସର କାଳିଦାଶ ମିଶ୍ରଙ୍କ ଅଧକ୍ଷତା ଓ ଡ. ଗୌରିଦାଶ ପ୍ରଧାନଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା ମୁଖ୍ୟ ଅତିଥି, ଇଂରାଜୀ ଅଧାପକ ପ୍ରଫେସର ଅଶୋକ କୁମାର ମହାପାତ୍ର ମୁଖ୍ୟବକ୍ତା ଭାବେ ଉତ୍ସବ ମଞ୍ଚରେ ଉପସ୍ଥିତ ରହିଥିଲେ। କାବ୍ୟାଞ୍ଜଳୀ ଭାଗ-୨ର ଅନୁବାଦକ ସୁରେନ୍ଦ୍ର ନାଥ ସୂଚନା ପ୍ରଦାନ କରିଥିଲେ। କବି ପ୍ରଦୀପ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଉତ୍ସବରେ ଜିଲା ତଥା ପଶ୍ଚିମ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ସାହିତ୍ୟିକ, କବି, ଲେଖକ, ଅଧାପିକା ଅଧାପକମାନେ ଯୋଗ ଦେଇଥିଲେ।

## ୧୨ରେ ରାଜ୍ୟପାଳଙ୍କ ସମ୍ବଲପୁର ଗସ୍ତ

ସମ୍ବଲପୁର,୧୦।୧୦(ବ୍ୟୁରୋ)

ରାଜ୍ୟପାଳ ପ୍ରଫେସର ଗଣେଷଲାଲ ଚଳିତ ମାସ ୧୨ ତାରିଖ ସମ୍ବଲପୁର ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ପୂର୍ବାହ୍ନ ସାଢ଼େ ୯ଟାରେ ବୁର୍ଲା ଅଶୋକ ନିବାସଠାରେ ଜିଲାସ୍ତରୀୟ ଅଧିକାରୀଙ୍କ ସହ ସେ ଆଲୋଚନା କରିବେ। ଏହାପରେ ସାଢ଼େ ୧୦ଟାରେ ଅଶୋକ ନିବାସରୁ ଧନକଉଡ଼ା ଅଭିମୁଖେ ଯାତ୍ରା କରି ବିଭିନ୍ନ ଅଞ୍ଚଳ ବୁଲି ସମୀକ୍ଷା କରିବାର କାର୍ଯ୍ୟକ୍ରମ ରହିଛି। ସାଢ଼େ ୧ଟାରେ ସମୀକ୍ଷା କାର୍ଯ୍ୟ ଶେଷ କରି ଧନକଉଡ଼ା ବ୍ଲକ ସର୍କିଟ ହାଉସକୁ ଆସିବେ। ଅପରାହ୍ନ ୩ଟାରେ ସେଠାରୁ କାଳୀବାଡିକୁ ଯିବେ। ସେଠାରେ କାଳୀବାଡି ଦୁର୍ଗାପୂଜା ଶତବାର୍ଷିକୀ କମିଟି ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅପରାହ୍ନ ୪ଟା ୧୫ରେ ଗୋଶାଳ ନବୋଦୟ ବିଦ୍ୟାଳୟରେ ପହଞ୍ଚି ଛାତ୍ର ଓ ଶିକ୍ଷକଙ୍କ ସହ ଆଲୋଚନା କରିବେ। ୫ଟାରେ ନବୋଦୟ ସ୍କୁଲରୁ ବାହାରି ବୁର୍ଲା ଅଶୋକ ନିବାସରେ ପହଞ୍ଚିବେ। ସାଢ଼େ ୫ଟାରେ ସମ୍ବଲପୁର, ବିଶ୍ୱବିଦ୍ୟାଳୟ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ଏବଂ ବୁର୍ଲା ଭୀମସାର ନିର୍ଦ୍ଦେଶକଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ରାତି ୧୦ଟାରେ ଅଶୋକ ନିବାସରୁ ବାହାରି ସମ୍ବଲପୁର ରେଳ ଷ୍ଟେଶନରେ ପହଞ୍ଚିବେ। ଏହାପରେ ଟ୍ରେନ ଯୋଗେ ଭୁବନେଶ୍ୱର ଗସ୍ତ କରିବେ ବୋଲି ବୁଧବାର ସମ୍ବଲପୁର ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦିଲୀପ ଚନ୍ଦ୍ର ସାମନ୍ତରାୟ ଏକ ଖବରଦାତା ସମ୍ମିଳନୀରେ ସୂଚୀତ କରିଛନ୍ତି ।

## ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ

ସମ୍ବଲପୁର,୧୦।୧୦(ବ୍ୟୁରୋ)

ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ବୁଧବାର ସମ୍ବଲପୁର ଜିଲା ସଦର ଡାକ୍ତରଖାନା ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ସଚେତନତା ରଥ ଓ ରାଲିକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. କଲ୍ୟାଣ କୁମାର ଗୁପ୍ତା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପଞ୍ଚାନନ ନାୟକ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥ ସମ୍ବଲପୁର ଜିଲାର ସମସ୍ତ ବ୍ଲକ, ସିଏଚସି, ପିଏଚସି ଅଞ୍ଚଳରେ ପରିକ୍ରମା କରି ଜନସାଧାରଣଙ୍କୁ ସଚେତନ କରାଇବ। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହା ସୂଚିତ କରାଯାଇଛି। ଡା. ଚିତ୍ତରଞ୍ଜନ ମହାପାତ୍ର, ସ୍ୱେତା ମିଶ୍ର ଆଲୋଚକ ଭାବେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଜ୍ଞାନଜିତ ଶତପଥି ଓ ବିକାଶ ରଞ୍ଜନ ସ୍ୱାଇଁଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା।

# ଚେକିଙ୍ଗ୍ ନାଁରେ ଜୁଲମ, ପୋଲିସର ଦୁର୍ବ୍ୟବହାର ଅଭିଯୋଗ

ସମ୍ବଲପୁର,୧୦।୧୦(ବ୍ୟୁରୋ)

ସମ୍ବଲପୁର ଜିଲା ପୋଲିସ ଲୋକଙ୍କ ସହ ସମ୍ପର୍କ ନିବିଡ଼ କରିବା ପାଇଁ ଅନେକ ସାମାଜିକ କାମ କରୁଛି। ହେଲେ ହେଲମେଟ ଚେକିଙ୍ଗ୍ ନାଁରେ ଜୁଲମ ଚଳାଇଥିବା ଅଭିଯୋଗ ହେଉଛି। ବୁଧବାର ସନ୍ଧ୍ୟାରେ ଟାଉନଥାନା ଅନ୍ତର୍ଗତ ଫାଟକ-କ୍ଷେତରାଜପୁର ରାସ୍ତାରେ ପୋଲିସ ଚେକିଙ୍ଗ୍ ସମୟରେ ଏଭଳି ଅଭିଯୋଗର ଦୃଷ୍ଟାନ୍ତ ଦେଖିବାକୁ ମିଳିଥିଲା। ପୋଲିସ ଦଳଙ୍କ ଉପସ୍ଥିତିରେ ଦୁଇଚକିଆ ଗାଡ଼ିଗୁଡ଼ିକୁ ଅଟକାଇ ଜଣେ ଥାନା ଅଧିକାରୀ କାଗଜପତ୍ର ଯାଞ୍ଚ୍ କରୁଥିଲେ। ଏଥିରେ ଟ୍ରାଫିକ ଜାମ୍ ହୋଇଥିଲା। ଗାଡି ଚାଳକମାନେ କାଗଜପତ୍ର ଦେଖାଉଥିଲେ ମଧ୍ୟ ସେମାନଙ୍କୁ ଛଡ଼ା ନଯାଇ ହଇରାଣ କରାଯାଉଥିଲା। ଏହି ସମୟରେ ଭାରତୀୟ ସେନାରେ କାର୍ଯ୍ୟରତ ଜଣେ ଅଧିକାରୀଙ୍କ ଗାଡ଼ିକୁ ପୋଲିସ ଅଟକାଇଥିଲା। ସେ ଗାଡ଼ିର ଆବଶ୍ୟକ କାଗଜପତ୍ର ଥାନା ଅଧିକାରୀଙ୍କୁ ଦେଖାଇଥିଲେ। ମେଡ଼ିକାଲ୍‌ରେ କାମ ଅଛି କହି ତୁରନ୍ତ ଯାଞ୍ଚ୍ କରି ତାଙ୍କୁ ଯିବାକୁ ଦେବାକୁ ସେ ବାରମ୍ବାର ଅନୁରୋଧ କରୁଥିଲେ। ଏଥିରେ ପୋଲିସ କର୍ମଚାରୀମାନେ ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ଅନେକ ଲୋକ ପୋଲିସର ଏଭଳି ଆଚରଣରେ କ୍ଷୁବ୍ଧ ହୋଇ ପ୍ରତିକ୍ରିୟା ରଖିଛନ୍ତି। ଏହି ଯାଞ୍ଚ୍ ବେଳେ ଜଣେ କାର୍ଯ୍ୟରତ ପୋଲିସ ଅଧିକାରୀ ନିଶା ଦ୍ରବ୍ୟ ସେବନ କରିଥିବା ମଧ୍ୟ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଏସ୍‌ପି ସଞ୍ଜୀବ ଆରୋରାଙ୍କୁ ପଚାରିବାରେ ନିଶା ଦ୍ରବ୍ୟ ସେବନ ଓ ଦୁର୍ବ୍ୟବ୍ୟହାର ଉପରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ କହିଛନ୍ତି।

## ସମ୍ବଲପୁରୀ ଡିଜିଟାଲ ଆର୍ଟସ ଉଦ୍‌ଘାଟିତ

ସମ୍ବଲପୁର,୧୦।୧୦(ବ୍ୟୁରୋ)

ଗ୍ରାଫିକ ସୂତ୍ର ପକ୍ଷରୁ ସମ୍ବଲପୁରୀ ଡିଜିଟାଲ ଆର୍ଟସ କାର୍ଯ୍ୟକ୍ରମ ବୁଧବାର ସ୍ୱାଧୀନତା ସଂଗ୍ରାମୀ ସ୍ମୃତିଭବନଠାରେ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ସାଂସ୍କୃତିକ ସମାଜ ସାଧାରଣ ସମ୍ପାଦକ ବୋଧରାମ ଦାଶଙ୍କ ସଂଯୋଜନାରେ ସଭା ହୋଇଥିଲା। ସମ୍ବଲପୁରୀ ଗୀତିକାର ବିନୋଦ ପଶାୟତ, ବରଗଡ଼ର ଡା. ସସ୍ମିତା ଦାଶ, ଖବରଦାତା ଗାର୍ଗୀ ଶତପଥି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦ ସଭାପତି ନରେନ୍ଦ୍ର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଗ୍ରାଫିକ ସୂତ୍ରର ସମ୍ପିତ କର ସୂଚନା ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସମ୍ବଲପୁର ସଂସ୍କୃତି, ପରମ୍ପରା, ନୃତ୍ୟ, ଗୀତ, ଜୀବନ ଶୈଳୀ, ମହାପୁରୁଷ, ସଂଗ୍ରାମୀଙ୍କ ବିଷୟରେ ଗ୍ରାଫିକ ମାଧ୍ୟମରେ ପ୍ରଚାରପ୍ରସାର ସହ ସମ୍ବଲପୁରୀ ବସ୍ତ୍ର ବିଶ୍ୱରେ ଅଧିକ ଆଦୃତ ହୋଇପାରିବ ବୋଲି ବକ୍ତାମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରୋଜ କୁମାର ଦାଶ, ଗୁଣରଞ୍ଜନ ସାଲିମା, ପ୍ରଫୁଲ୍ଲ କୁମାର ହୋତା ବକ୍ତବ୍ୟ ରଖିଥିଲେ। ଦେବେନ୍ଦ୍ର ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ବିସ୍ଫୋରକ ସାମଗ୍ରୀ ଜବତ

ଜମନକିରା,୧୦।୧୦(ଡି.ଏନ୍.ଏ.)

ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ଟିକିଲିପଡ଼ା ପଞ୍ଚାୟତ ବଡ଼ଭାଲୁଟୁଆଁ ଜଙ୍ଗଲ ମଧ୍ୟରେ ଥିବା ଏକ ପଥର ଖୋଲରୁ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି। ଜମନକିରା ସଦର ମହକୁମାରେ ଅବସ୍ଥାପିତ ସିଆର୍‌ପିଏଫ୍ ୧୨ ବିଏନ୍ କ୍ୟାମ୍ପ୍ ପକ୍ଷରୁ କମାଣ୍ଡାଣ୍ଟ ପ୍ରମୋଦ କୁମାର ସାହୁ ବୁଧବାର ଅପରାହ୍ନ ସାଢ଼େ ୪ଟାରେ ଏକ ଖବରଦାତା ସମ୍ମିଳନୀ ଜରିଆରେ ଏହା ଜଣାଇଛନ୍ତି।

ଘଟଣା ସମ୍ପର୍କରେ ସେ ଅଧିକ ସୂଚନା ଦେଇ କହିଛନ୍ତି ଯେ, ଗତ ଅକ୍ଟୋବର ୯ ତାରିଖରୁ କ୍ୟାମ୍ପ୍ ପକ୍ଷରୁ କୋମ୍ବିଂ ଅପରେଶନ ଆରମ୍ଭ ହୋଇଥିବାବେଳେ ବୁଧବାର ଯବାନମାନେ ବଡ଼ଭାଲୁଟୁଆଁ ଜଙ୍ଗଲକୁ ସର୍ଚ୍ଚରେ ଯାଇଥିଲେ। ସେଠାରେ ଛାନ୍‌ଭିନ୍ ସମୟରେ ଏକ ବଡ଼ ପଥର ଖୋଲ ମଧ୍ୟରେ ଏକ ବଡ଼ ପ୍ଲାଷ୍ଟିକ ଡବା ଦେଖିବାକୁ ପାଇଥିଲେ। ଅତି ସନ୍ତର୍ପଣରେ ଉକ୍ତ ଡ଼ବା ଖୋଲିବାରେ ସେଥିରେ ୪୯ ଜିଲୋଟିନ୍ ଷ୍ଟିକ୍, ୪୫ କମର୍ସିଆଲ ଇଲେକ୍ଟ୍ରିକ୍ ଡିଟୋନେଟର ଆଦି ବିସ୍ଫୋରକ ସାମଗ୍ରୀ ସହ ୧୨ ଭୋଲ୍ଟର ଗୋଟିଏ ବ୍ୟାଟେରି, ୨ ଟର୍ଚ୍ଚ ଲାଇଟ୍, ୫ ଏଏ ସାଇଜ୍‌ର ପେନ୍‌ସିଲ ବ୍ୟାଟେରି, ୧୦ ସାରିଡ଼ନ, ୨୫ ପାରାସିଟାମଲ୍ ଟାବ୍‌ଲେଟ୍, ୬ ବ୍ୟାଣ୍ଡେଜ୍ କଟନ, ୫ ମିଟର ପତଳା କପର ୱେର, ୫୦ ମିଟର ଇଲେକ୍‌ଟ୍ରିକ ଫ୍ଲେକ୍ସି ୱେ, ନୋକିଆ ଚାର୍ଜର, ୧୩ ଲିଟରର ପ୍ଲାଷ୍ଟିକ କଣ୍ଟେନର, ୩ ମିଟରର ବ୍ଲାକ୍ ପଲିଥିନ ସିଟ୍, ୨ ଫୁଟ ଆଇରନ୍ ୱାର୍ ମିଳିଥିଲା। ଇନ୍ସପେକ୍ଟର ହୀରା ରାମଙ୍କ ନେତୃତ୍ୱରେ ଏସ୍‌ବିଏଫ୍ ଡିଭିଜନ୍‌ର ଅନ୍‌ମୋଲ ଓ ମିଶିର ବେତ୍ରାଙ୍କ ତତ୍ତ୍ୱାବଧାନରେ ସେଗୁଡ଼ିକୁ ଜବତ କରାଯାଇଥିଲା। ମାଓବାଦୀମାନେ କୌଣସି ଏକ ବଡ଼ଧରଣର ଷଡ଼ଯନ୍ତ୍ର ରଚିବାକୁ ଯୋଜନା କରି ଏହିସବୁ ବିସ୍ଫୋରକ ସାମଗ୍ରୀ ଉକ୍ତ ପଥର ଖୋଲ ମଧ୍ୟରେ ଲୁଚାଇ ରଖିଥିବା ସନ୍ଦେହ କରାଯାଉଛି। ଖବରଦାତା ସମ୍ମଳନୀରେ ଅନ୍ୟମାନଙ୍କ ମଧ୍ୟରେ କ୍ୟାମ୍ପ୍‌ର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଅଶୋକ କୁମାର ମହାନ୍ତି, ସେକେଣ୍ଡ କମାଣ୍ଡାଣ୍ଟ ଆଲୋକ ଅବସ୍ଥି, ଡେପୁଟି କମାଣ୍ଡାଣ୍ଟ ବୁଦ୍ଧ ତମାଙ୍ଗ, ଜମନକିରା ଥାନା ଅଧିକାରୀ ଫକୀର ମୋହନ ବେହେରା, ସୁଦର୍ଶନ ଦୋରା, ସୁଧୀର ମହାକୁଳ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଜବତ ବିସ୍ଫୋରକ ସାମଗ୍ରୀ ସହ ସିଆର୍‌ପିଏଫ୍ ୧୨ ବିଏନ୍ କ୍ୟାମ୍ପ୍‌ର ଯବାନମାନେ।



ମୃତ୍ୟୁ ସମୟରେ ଯଦି ଆମର ମନ ଇଷ୍ଟ ବା ଗୁରୁଙ୍କଠାରେ ଯୋଗ ହୋଇଥାଏ ତେବେ ମୁକ୍ତି ମିଳିଥାଏ।
- ଶିରିଡ଼ି ସାଇବାବା

## ସଂକ୍ଷେପରେ

### ଜିଲାପାଳଙ୍କ ଅଭିଯୋଗ ଶୁଣାଣି

**ପାଇକମାଳ,୧୦।୧୦(ଡି.ଏନ.ଏ):** ପାଇକମାଳ ବ୍ଲକ ପରିସରରେ ବରଗଡ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ, ଏସ୍‌ପି ମୁକେଶ କୁମାର ଭାମୁ, ଜିଲା ପରିଷଦ ଅଧକ୍ଷା ମୁକ୍ତା ସାହୁ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ କୃତ୍ତିବାସ ରାଉତ, ପଦ୍ମପୁର ଉପଜିଲାପାଳ ଦୌଲତ ଚନ୍ଦ୍ରକାର, ପାଇକମାଳ ବିଡିଓ ସଦାଶିବ ନାଏକ, ଏସ୍‌ଡିପିଓ ଲକ୍ଷ୍ମୀନାରାୟଣ ପଣ୍ଡା ପ୍ରମୁଖ ଅଭିଯୋଗ ଶୁଣାଣିରେ ଉପସ୍ଥିତ ଥିଲେ। ମୋଟ ୧୨ଟି ଅଭିଯୋଗ ଆସିଥିବା ବେଳେ ୭ଟି ବ୍ୟକ୍ତିଗତ ଓ ୫ଟି ସାମୂହିକ ଥିଲା । ଡଃ ବି ବି ମହନ୍ତ, ଅବକାରୀ ଅଧିକାରୀ ହେମକାନ୍ତ ସୁନା, ସିଡିପିଓ କାନ୍ତିଲତା ସାହୁ, ଅଶୋକ ପଣ୍ଡା, ଆରଡବ୍ଲ୍ୟୁଏସ୍‌ଏସ ଜେଇ ସତ୍ୟବ୍ରତ ମାଝୀ ଯୋଗ ଦେଇଥିଲେ ।

### ନବରାତ୍ର ଦୁର୍ଗାପୂଜା ଆରମ୍ଭ

**ପାଇକମାଳ,୧୦।୧୦(ଡି.ଏନ.ଏ):** ପାଇକମାଳ ଦୁର୍ଗା ମନ୍ଦିରରେ ନବରାତ୍ର ଦୁର୍ଗାପୂଜା ଆରମ୍ଭ ହୋଇଛି । ଏଥିପାଇଁ ମଙ୍ଗଳବାର କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା । ଗ୍ରାମର ଶତାଧିକ ମହିଳା ପୁରୁଷ ଶିବ ମନ୍ଦିର ଘାଟ ଝରଣାରୁ ୨୫୧ କଳସ ପାଣି ଆଣି ଏକ ଶୋଭାଯାତ୍ରାରେ ଆସି ଦୁର୍ଗାମଣ୍ଡପ ଠାରେ ସ୍ଥାପନ କରିଥିଲେ । ଚଳିତବର୍ଷ ପୂଜା କର୍ତ୍ତା ଭାବେ ପୁରନ୍ଦର ସାହୁ ଓ ତାଙ୍କ ସ୍ତ୍ରୀ ଜୋତ୍ସ୍ନାରାଣୀ ସାହୁ ଦାୟିତ୍ୱ ତୁଲାଇଥିବା ବେଳେ ମନ୍ଦିର ପୂଜକ ଦିଗମ୍ବର ଦେବତା, ପଣ୍ଡିତ ଡିଗ୍ରୀଧର ଦେବତା, ଝସକେତନ ନନ୍ଦ ପ୍ରମୁଖ ପୂଜା କାର୍ଯ୍ୟ ତୁଲାଉଛନ୍ତି । ଆସନ୍ତା ୧୯ତାରିଖ ଯାଏଁ ଏହି ପୂଜା ଚାଲିବ । ଏଥିସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି ସଭାପତି ଧବଳେଶ୍ୱର ସାହୁ ଜଣାଇଛନ୍ତି ।

### ଭାଜପାର ନୂଆଁଖାଇ ଭେଟ୍‌ଘାଟ୍

**ପାଇକମାଳ,୧୦।୧୦(ଡି.ଏନ.ଏ):** ପଦ୍ମପୁର ନିର୍ବାଚନ ମଣ୍ଡଳୀ ଭାଜପା ପକ୍ଷରୁ ପାଇକମାଳ ବିନ୍ଧ୍ୟବାସିନୀ ମହାବିଦ୍ୟାଳୟ ନିକଟସ୍ଥ ହନୁମାନ ମନ୍ଦିର ପଡିଆଠାରେ ନୂଆଁଖାଇ ଭେଟଘାଟ ମଙ୍ଗଳବାର ଅନୁଷ୍ଠିତ ହୋଇଛି । ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସିନେ ତାରକା ମିହିର ଦାସ ଓ ପିଙ୍କି ପଧାନ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧରେ ଜିଲାପରିଷଦ ଅଧକ୍ଷ ମୁକ୍ତା ସାହୁ, ଡାଃ ରାମକୃଷ୍ଣ ପୁରୋହିତ, ଭାଜପା ଜିଲା ସାଧାରଣ ସମ୍ପାଦକ ଗୋବର୍ଦ୍ଧନ ଅଗ୍ରୱାଲ, ରାଜ୍ୟ ଆଦିବାସୀ ମୋର୍ଚ୍ଚା ଅଧକ୍ଷ ଗୋବର୍ଦ୍ଧନ ଭୋଇ, ପଦ୍ମପୁର ବ୍ଲକ ଅଧ୍ୟକ୍ଷ କୁମରମଣି ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ପଦ୍ମପୁର ନିର୍ବାଚନ ମଣ୍ଡଳୀର ପୁରୁଖା ୧୦୦ ଜଣ ଭାଜପା କର୍ମୀଙ୍କୁ ଅଟଳ ସମ୍ମାନରେ ସମ୍ମାନିତ କରାଯାଇଥିଲା ।



### ବିଜେପୁରରେ ସାର୍ବଜନୀନ ଦୁର୍ଗାପୂଜା

**ବିଜେପୁର, ୧୦।୧୦ (ଡି.ଏନ.ଏ):** ବରଗଡ ଜିଲା ବିଜେପୁର ଏନଏସି ସଦର ମହକୁମାର ବସ୍‌ଷ୍ଟାଣ୍ଡ ମଣ୍ଡପରେ ସାର୍ବଜନୀନ ନବଦୁର୍ଗା ପୂଜା ବୁଧବାର ଆରମ୍ଭ ହୋଇଛି । ମଙ୍ଗଳବାର ସନ୍ଧ୍ୟାରେ ଖଣ୍ଡାଧୁଆ, ବିଲ୍ୱବରଣ, କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ବୁଧବାର ରୀତିନୀତି ସହକାରେ ନବଦିନାତ୍ମକ ପୂଜା ଆରମ୍ଭ ହୋଇଛି। ଷଷ୍ଠୀରୁ ରାବଣରାଜ କାର୍ଯ୍ୟକ୍ରମ ଆରମ୍ଭ ହେବା ସହ ବିଜୟା ଦଶମୀ ଦିନ ହାଇସ୍କୁଲ ପଡିଆରେ ରାବଣପୋଡି ମୁଖ୍ୟଆକର୍ଷଣ ହେବ ବୋଲି ପୂଜା କମିଟି ସୂତ୍ରରୁ ଜଣାପଡିଛି। ସନତ କୁମାର ଗଡତିଆ କର୍ତ୍ତା, କିଶୋର ପୂଜାରୀ, ସୁରେନ୍ଦ୍ର ମହାପାତ୍ର, ସୁରେନ୍ଦ୍ର ଦାଶ, ପ୍ରଫୁଲ୍ଲ ଦାଶ ପୁରୋହିତ କାର୍ଯ୍ୟ ସମ୍ପାଦନ କରୁଛନ୍ତି । ପୁଷ୍ପରଞ୍ଜନ ଗଡତିଆ, ଜନାର୍ଦ୍ଦନ ପାଣିଗ୍ରାହୀ, ଯୁଗଳ କିଶୋର ପ୍ରଧାନ, ଯୋଗୀନ୍ଦ୍ର ମେହେର, ନବୀନ ସାହୁ, ମନୋଜ ପଣ୍ଡା, ପାଣ୍ଡବ ପଧାନ ପ୍ରମୁଖ ଖଣ୍ଡାଧୁଆ ସମାରୋହରେ ଯୋଗ ଦେଇଥିଲେ ।

## ଚିଚିଣ୍ଡାରେ ଦୁର୍ଗାପୂଜା ପ୍ରସ୍ତୁତି

# ରଣଜିତା ଶୋଭାଯାତ୍ରା ମୁଖ୍ୟ ଆକର୍ଷଣ

**ଭେଡ଼େନ,୧୦।୧୦(ଡ଼ି.ଏନ.ଏ)**

ଦୁର୍ଗା ଆରାଧନା ପାଇ ଁବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ଚିଚିଣ୍ଡା ଗ୍ରାମବାସୀ ଚଳଚଞ୍ଚଳ ହୋଇ ପଡ଼ିଛନ୍ତି । ଗ୍ରାମ ମଧ୍ୟସ୍ଥଳରେ ଥିବା ଦୁର୍ଗାମଣ୍ଡପରେ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଜାରି ରଖିଛନ୍ତି ଗ୍ରାମର ଯୁବ ଶିଳ୍ପୀ ସର୍ବାନନ୍ଦ ରାଉତ । ମଞ୍ଚସଜ୍ଜା ତଥା ତୋରଣ ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲିଛି । ପାରମ୍ପରିକ ପୂଜା ସହ ମନୋରଞ୍ଜନ କାର୍ଯ୍ୟକ୍ରମ ପାଇଁ ପୂଜା କମିଟି ପ୍ରସ୍ତୁତି ଚଳାଇଛନ୍ତି । ଆସନ୍ତା ୧୫ ତାରିଖରେ କଳସ ଆବହନ, ୧୬ରେ ମହାସପ୍ତମୀ ପୂଜା, ୧୭ରେ ସନ୍ଧି ପୂଜା, ୧୮ରେ ମହାନବମୀ ପୂଜା ହୋଇ ୧୯ରେ ରଣଜିତା ଶୋଭାଯାତ୍ରା ସହ ଦଶହରା ପୂଜା କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି। ଦୁଲଦୁଲି ବାଜା ସହ ପାରମ୍ପରିକ ଡ଼ାଲଖାଇ ନାଚ, ରଣଜିତା ଶୋଭାଯାତ୍ରା ତଥା କସରତ ପ୍ରଦର୍ଶନ ଅନ୍ୟତମ ଆକର୍ଷଣ ହେବ । ଏହାସହ ମନୋରଞ୍ଜନ ପାଇଁ ବିଭିନ୍ନ ରାତିରେ ମେଲଛାମୁଣ୍ଡାର ମହିଳା ଦଣ୍ଡନୃତ୍ୟ, ନାଟକ ପରିବେଷଣ କରାଯିବ ବୋଲି ପୂଜା କମିଟି ସୂତ୍ରରୁ ପ୍ରକାଶ । ଚଳିତ ପୂଜା ସୁପରିଚାଳନା ପାଇଁ ଗଠିତ କମିଟିରେ ସଭାପତି ଭାବେ ହରିଶ୍ଚନ୍ଦ୍ର ରାଉତିଆ, ଉପସଭାପତି ରବି ମେହେର, ସମ୍ପାଦକ ତ୍ରିଲୋଚନ ଭୋଇ, ସହ ସମ୍ପାଦକ ମନବୋଧ ମେହେର ଏବଂ କୋଷାଧ୍ୟକ୍ଷ ଭାବେ ଆନନ୍ଦ ରାଉତ ରହିଛନ୍ତି। ପୂଜାରେ ଗ୍ରାମର ଗୌନ୍ତିଆ ପରିବାରର ମଳୟ ବାବୁ ଏବଂ ରାଜକିଶୋର ମେହେର ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ତୁଲାଇବେ ବୋଲି ଜଣାପଡିଛି ।



ଚିଚିଣ୍ଡାରେ ଦୁର୍ଗା ମୂର୍ତ୍ତି ନିର୍ମାଣ ଚାଲିଛି ।

### ଏମାନେ ଯାହା କୁହନ୍ତି...



“ କ୍ରମାଗତ ପଞ୍ଚମ ବର୍ଷରେ ମୋ ନିଜ ଗାଁ ଦୁର୍ଗା ମଣ୍ଡପରେ ମାଁଙ୍କ ମୂର୍ତ୍ତି ତିଆରି କରିବାର ସୌଭାଗ୍ୟ ମିଳିଛି । ମୁଁ ଏବଂ ମୋର ସହଯୋଗୀମାନେ ମାଁଙ୍କ ପ୍ରତିମାକୁ ଆକର୍ଷଣୀୟ ଭାବେ ତିଆରି କରିବାକୁ ଚେଷ୍ଟା କରୁଛୁ । - **ସର୍ବାନନ୍ଦ ରାଉତ, ମୂର୍ତ୍ତି ଶିଳ୍ପୀ**



“ ଚଳିତ ବର୍ଷ ଆମେ ସମସ୍ତ ଗ୍ରାମବାସୀଙ୍କ ସହଯୋଗରେ ସୁଚାରୁ ଭାବେ ଦୁର୍ଗାପୂଜା ପାଳନ କରିବାକୁ ଯାଉଛୁ । ପାଣିପାଗ ତଥା ବାତ୍ୟା ପରିସ୍ଥିତି ଉପରେ ନଜର ରଖାଯାଇ ପରବର୍ତ୍ତୀ କାର୍ଯ୍ୟକ୍ରମ ସ୍ଥିର କରାଯିବ ।- **ଆନନ୍ଦ ରାଉତ, ପୂଜା କମିଟି କୋଷାଧକ୍ଷ**



“ ଆମେ ପାରମ୍ପରିକ ପୂଜାକୁ ଅଧିକ ଗୁରୁତ୍ୱ ଦେଉଛୁ । ଯେପରି ଠିକ୍ ସମୟରେ ମାଁଙ୍କ ପୂଜାବିଧି ହେବ ତାହା ଉପରେ ଦୃଷ୍ଟି ଦେଉଛୁ । ଏହାସହ ରଣଜିତା ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିବ । - **ବସୁଦେବ ଭୋଇ, ଗ୍ରାମବାସୀ**



“ ପ୍ରତିବର୍ଷ ଦୁର୍ଗା ପୂଜାକୁ ସମସ୍ତ ଗ୍ରାମବାସୀ ଆଗ୍ରହର ସହ ଅପେକ୍ଷା କରିଥାନ୍ତି। ଗ୍ରାମର ଝିଅ ଭଉଣୀମାନେ ଆସି ଠିକ୍ ଭାବେ ଯାତ୍ରା ଦେଖିପାରିବେ ସେ ନେଇ ସମସ୍ତେ ଯତ୍ନବାନ ହେବୁ ।-**ଭୀମସେନ ମହାନନ୍ଦ, ଗ୍ରାମବାସୀ**

## ଦଶମ ଦିବସରେ ଚାଷୀଙ୍କ ତାଲାବନ୍ଦ ଆନ୍ଦୋଳନ

**ଭେଡ଼େନ,୧୦।୧୦(ଡ଼ି.ଏନ.ଏ)**

କ୍ଷତିଗ୍ରସ୍ତ ସମସ୍ତ ଚାଷୀଙ୍କୁ ସମ୍ପୂର୍ଣ୍ଣ ଭାବେ ନିର୍ଦ୍ଧାରିତ ବୀମା ରାଶି ପ୍ରଦାନ ଦାବିକୁ ନେଇ ବରଗଡ଼ ଜିଲା ଭେଡ଼େନରେ ଚାଲିଥିବା ଦ୍ୱିତୀୟ ପର୍ଯ୍ୟାୟ ଚାଷୀ ଆନ୍ଦୋଳନ ବୁଧବାର ଦଶମ ଦିନରେ ପହଞ୍ଚିଛି । ଚାଷୀମାନେ ଆଗରୁ ବନ୍ଦ କରିଥିବା ସମବାୟ ବ୍ୟାଙ୍କ କୃଷି ସମବାୟ ସମିତି, କୃଷି କାର୍ଯ୍ୟାଳୟ, ଆତ୍ମା ଅଫିସ, ଷ୍ଟେଟ ବ୍ୟାଙ୍କ, ଉତ୍କଳ ଗ୍ରାମୀଣ ବ୍ୟାଙ୍କ, ଉପଡ଼ାକଘର, ବ୍ଲକ ଅଫିସ ଓ ତହସିଲ ଅଫିସ ସହ ମଙ୍ଗଳବାର ଜାଣ୍ଡୋଲରେ ଥିବା ବିଇଓ ଅଫିସ୍‌କୁ ମଧ ପିକେଟିଂ କରି ବନ୍ଦ କରିଦେଇଥିଲେ । ଏହି ଆନ୍ଦୋଳନ ଫଳରେ ଭେଡ଼େନରେ ସମସ୍ତ ବ୍ୟାଙ୍କରେ ଆର୍ଥିକ କାରବାର ଓ ସରକାରୀ କାମ ବନ୍ଦ ରହିଛି । ସମବାୟ ନିବନ୍ଧକ କିମ୍ବା ଜିଲାପାଳ ନିଜେ ଆସି ଲିଖିତ ପ୍ରତିଶ୍ରୁତି ନ ଦେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲଇବ ବୋଲି ଚାଷୀମାନେ ନିଷ୍ପତ୍ତି ନେଇଛନ୍ତି । ଅନିରୁଦ୍ଧ ସାହୁ, ଅଶୋକ ବାଗ, ଉତ୍ପନ୍ନ ଭୋଇ, ମଧୁସୁଦନ ଭୁଏ, ରାଜ କୁମାର ପଧାନ, ବିଜୟ ଲହରିଆ, ସୌକିଲାଲ ସାହୁ, ହେମନ୍ତ ନାଇକ, କନିଷ୍ଠ ସାହୁ, ତ୍ରିବିକ୍ରମ ହୋତା, ମହାଜନ ସେଠ ପ୍ରମୁଖ ଚାଷୀ ମଙ୍ଗଳବାର ଆନ୍ଦୋଳନକୁ ନେତୃତ୍ୱ ନେଇଥିଲେ ।

## ବୁଗବୁଗା କ୍ଲଷ୍ଟରସ୍ତରୀୟ ସୁରଭି



ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

**ସରଣ୍ଡା, ୧୦।୧୦ (ଡି.ଏନ.ଏ)**

ଅତାବିରା ବ୍ଲକ ବୁଗବୁଗା କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଗରିଆଟିକ୍ରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୁଧବାର ଅନୁଷ୍ଠିତ ହୋଇଛି । ଏଥିରେ ସରପଞ୍ଚ ପୁଷ୍ପକାନ୍ତି ସେଠ ମୁଖ୍ୟଅତିଥି ଓ ନରେଶ କୁମାର ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବାଲା ପଧାନଙ୍କ ସଭାପତିତ୍ୱ ଓ ସିଆରସିସି କଂସମଣି ଶତପଥିଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ପ୍ରଧାନଶିକ୍ଷକ ମଧୁସୁଦନ ନାଏକ ଶିଶୁ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ । ସହକାରୀ ଶିକ୍ଷକ ନନ୍ଦିଘୋଷ ଭୁଏ ସହଯୋଗ କରିଥିଲେ ଓ ଦିନେଶ ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ ।

## ଆମ ଗାଁ ଆମ ବିକାଶ
## ୧୫୨ ପ୍ରକଳ୍ପ ପାଇଁ ୪.୩୫ କୋଟି ମଞ୍ଜୁର

**ପାଇକମାଳ,୧୦।୧୦(ଡି.ଏନ.ଏ)**

ପାଇକମାଳ ହାଇସ୍କୁଲ ଖେଳ ପଡିଆଠାରେ ବୁଧବାର ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସିଂ ଯୋଗେ ପାଇକମାଳ ବ୍ଲକ ୨୨ଟି ପଞ୍ଚାୟତର ୧୫୨ଟି ପ୍ରକଳ୍ପ ବାବଦକୁ ମୋଟ୍ ୪କୋଟି ୩୫ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ । ଏ ନେଇ ଅନୁଷ୍ଠିତ ସଭାରେ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ ପୂର୍ବତନ ମନ୍ତ୍ରୀ ବିଜୟ ରଞ୍ଜନ ସିଂ ବରିହା, ବ୍ଲକ ଅଧକ୍ଷ ଅଲତାପ ମହମ୍ମଦ, ଝାରବନ୍ଧ ବ୍ଲକ ଅଧକ୍ଷ ବିଜୟ କେତନ ପ୍ରଧାନ, ଡିଆର୍‌ଡିଏ ପିଡି କୃତିବାସ ରାଉତ, ପଦ୍ମପୁର ଉପଜିଲାପାଳ ଦୌଲତ ଚନ୍ଦ୍ରକାର, ବିଡିଓ ସଦାଶିବ ନାୟକ, ପଦ୍ମପୁର ତହସିଲଦାର ସରୋଜିନୀ ପ୍ରସନ କୁଲୁ, ଜିଲା ପରିଷଦ ସଭ୍ୟ ବିଶ୍ୱନାଥ ବାଗ, ସରପଞ୍ଚ ଧବଳେଶ୍ୱର ସାହୁଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ। ସମିତି ସଭ୍ୟା ନିରୂପମା ନାଗ ଧନ୍ୟବାଦ ଅର୍ପଣ କରିଥିଲେ ।

## ସେବା ଦିବସରେ ସଫେଇ କାର୍ଯ୍ୟକ୍ରମ



ତେନ୍ତୁଲିଟିକ୍ରାରେ ସଂଘ ତରଫରୁ ସଫେଇ କାର୍ଯ୍ୟକ୍ରମ ଚାଲିଛି ।

**ଭେଡ଼େନ,୧୦।୧୦(ଡ଼ି.ଏନ.ଏ)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅଏଁଲାପାଲି ଗ୍ରାମପଞ୍ଚାୟତର ତେନ୍ତୁଲିଟିକ୍ରାଠାରେ ପଣ୍ଡିତ ଗୋପବନ୍ଧୁ ଦାଶଙ୍କ ଜୟନ୍ତୀ ପାଳନ ଅବସରରେ ମଙ୍ଗଳବାର ସେବା ଦିବସ ପାଳିତ ହୋଇଛି। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସ୍ଥାନୀୟ ଶାଖା ଆନୁକୂଲ୍ୟରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଅମିତାଭ ଦେହେରୀ, ସୁରେନ୍ଦ୍ର ଦେହେରୀ, ରାଜୁ ଦନ୍ତା, ସୁରେନ୍ଦ୍ର ମହାକୁର, ସଞ୍ଜୀବ କରନ, କିଶୋର ଭୋଇ, ସୁଦାମ ବିଶ୍ୱାଳ, କୃଷ୍ଣଚନ୍ଦ୍ର ବିଶ୍ୱାଳ, ମହାଦେବ ଦେହେରୀଙ୍କ ସମେତ ବହୁ ସଦସ୍ୟ ଯୋଗଦେଇ ମୁଖ୍ୟଛକରୁ ଆର୍‌ଆଇ ଅଫିସ ପରିସର ତଥା ଶିଶୁମନ୍ଦିର ରାସ୍ତା ସଫେଇ କରିଥିଲେ ।



ବିଜେପୁରରେ ମୁଁ ହିରୋ, ମୁଁ ଓଡିଶା କାର୍ଯ୍ୟକ୍ରମରେ କୃତୀ ପ୍ରତିଭାଧାରୀଙ୍କୁ ପୁରସ୍କୃତ କରାଯାଉଛି ।

## ବେଲମତି, ସ୍ମୃତିସୁଧା ସମ୍ବର୍ଦ୍ଧିତ

**ବିଜେପୁର, ୧୦।୧୦ (ଡି.ଏନ.ଏ)**

ବରଗଡ଼ ଜିଲା ବିଜେପୁର କଲେଜ ପଡିଆରେ ମୁଁ ହିରୋ, ମୁଁ ଓଡିଶା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଛି। ବିଡିଓ ପଦ୍ମନାଭ ସାମନ୍ତରାୟଙ୍କ ଅଧକ୍ଷତାରେ ଏମ୍‌ପି ପ୍ରଭାସ କୁମାର ସିଂହ ମୁଖ୍ୟଅତିଥି, ବିଧାୟିକା ରୀତା ସାହୁ, ବରପାଲି ଏନଏସି ଅଧକ୍ଷା ମୀନା ସେଠ, ବିଜେଡି ଜିଲା ଉପସଭାପତି ଜନାର୍ଦ୍ଦନ ପାଣିଗ୍ରାହୀ, ବ୍ଲକ ଅଧକ୍ଷା ମାନିନୀ ଭୋଇ, କଲେଜ ଅଧକ୍ଷ ଅକ୍ଷୟ କୁମାର ଯୋଶୀ ଓ ପ୍ରଦୀପ କୁମାର ମିଶ୍ର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ସମାଜସେବୀ ବେଲମତି କୁମୁରା, କ୍ରିକେଟ ଖେଳାଳି ସ୍ମୃତିସୁଧା ବାରିକଙ୍କୁ ଟ୍ରଫି ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପ୍ରାରମ୍ଭରୁ ବ୍ଲକ ପରିସରରୁ ବିଜୁ ଯୁବ ବାହିନୀ ପକ୍ଷରୁ ନିଶାମୁକ୍ତ ଓଡିଶା ଗଠନ ପାଇଁ ଏକ ବିଶାଳ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ଜନସଚେତନତା ସୃଷ୍ଟି କରାଯାଇଥିଲା ।

## ୫୨ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ

**ବିଜେପୁର, ୧୦।୧୦ (ଡି.ଏନ.ଏ)**

ବିଜେପୁର ବ୍ଲକ ପଥର୍ଲା ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡତିଆ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନଶିକ୍ଷକ ଘନଶ୍ୟାମ ମହାନନ୍ଦଙ୍କ ଅଧକ୍ଷତାରେ ବିଜ୍ଞାନ ଶିକ୍ଷୟିତ୍ରୀ ଦୀପାଳି ମେହେର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ୪ର୍ଥ ଓ ୫ମ ଶ୍ରେଣୀରେ ଅଧ୍ୟୟନରତ ୯୨ ଜଣ ଶିକ୍ଷାର୍ଥୀଙ୍କ ୫୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଯଯାତି ମିଶ୍ର ଓ ଅନୀଲ କଲେଜ ବିଚାରକ ଦାୟିତ୍ୱ ତୁଲାଇଥିଲେ। ବାବୁଲାଲ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

# ଫୁଟବଲ ଟୁର୍ନାମେଣ୍ଟ: ଫୁଲାପାଲି ଚାମ୍ପିୟନ

**ବିଜେପୁର, ୧୦।୧୦ (ଡି.ଏନ.ଏ)**

ବିଜେପୁର ବ୍ଲକ ତାଳପଦର ହାଇସ୍କୁଲ ପଡିଆରେ ତିନି ଦିନ ଧରି ଚାଲିଥିବା ରନିଂ ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି । କନାପାଲି ବନାମ ଫୁଲାପାଲି ମଧ୍ୟରେ ସଂଘର୍ଷପୂର୍ଣ୍ଣ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା । ଶେଷ ପର୍ଯ୍ୟନ୍ତ କେହି କାହାକୁ ଗୋଲ ଦେଇ ନ ପାରିବାରୁ ଟାଇବ୍ରେକର ମାଧ୍ୟମରେ ୫-୩ ଗୋଲରେ କନାପାଲିକୁ ହରାଇ ଫୁଲାପାଲି ଦଳ ଚାମ୍ପିୟନ ଘୋଷିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅଧ୍ୟାପକ ସୁଶାନ୍ତ କୁମାର ମିଶ୍ର, ସମିତି ସଭ୍ୟ ପ୍ରସାଦ ସେଠ, ପ୍ରାଣବନ୍ଧୁ ସାହୁ, ପୂର୍ବତନ ଖେଳାଳି ରସିକ ଦାଶ, ବିବେକାନନ୍ଦ ପଧାନ, ହୃଦମଣି ସାହୁ, ଅଧ୍ୟାପକ ଦେବାଶିଷ ପଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ମନୋଜ ସାହୁ ଉଦ୍‌ଯାପନୀ ସଭାକୁ ସଂଯୋଜନା କରିଥିଲେ । ଖେଳ ଶିକ୍ଷକ ହୃଦମଣି ସାହୁ, ଲାଲୁ ବିଶ୍ୱାଳ, ପ୍ରଶାନ୍ତ ପଧାନ ପ୍ରମୁଖ ଖେଳ ଗୁଡିକୁ ପରିଚାଳନା କରିଥିଲେ । ଉମେଶ ଭୋଇ, ଭୋଜରାଜ ପଧାନ, ସୁଶୀଲ ନେପାକ ଧାରା ବିବରଣୀ ପ୍ରଦାନ କରିଥିଲେ । କ୍ଷୀରୋଦ୍ର ପଧାନ, ଆଲୋକ ସାହୁ, ଗାଙ୍ଗୁଲି ବିଶ୍ୱାଳ, ଫିରୋଜ ସାହୁ, ସଞ୍ଜୟ ଭୋଇ, ମହେନ୍ଦ୍ର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ ।



ଉଦ୍‌ଯାପନୀ ସମାରୋହରେ ଅତିଥିଙ୍କ ଗହଣରେ ଖେଳାଳିବୃନ୍ଦ ।

## ବିଦ୍ୟୁତ୍ କାଟ ଅସହ୍ୟ

**ବରପାଲି, ୧୦।୧୦ (ଡି.ଏନ.ଏ)**

ବରପାଲି ସହରରେ ବିଦ୍ୟୁତ କାଟ ଅସହ୍ୟ ହେଲାଣି । ପୂର୍ବରୁ ସକାଳ ସାଢ଼େ ୭ଟାରୁ ୮ଟା ପର୍ଯ୍ୟନ୍ତ ମାତ୍ର ଅଧ ଘଣ୍ଟା ବିଦ୍ୟୁତ କାଟ ହେଉଥିଲା । ବର୍ତ୍ତମାନ ସକାଳ ୬ଟାରୁ ୭ଟା ପର୍ଯ୍ୟନ୍ତ ୧ଘଣ୍ଟା ବିଦ୍ୟୁତ କାଟ୍ କରାଯାଉଛି । ସେହିପରି ଅପରାହ୍ନରେ ବି ଅଘୋଷିତ ବିଦ୍ୟୁତ କାଟ ସହ ବାରମ୍ବାର ଲାଇନ ଯାଉଛି । ଏହାକୁ ନେଇ ସହରବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ଦଶହରାରୁ ପାର୍ବଣ ଋତୁ ଆରମ୍ଭ ହୋଇଯାଇଥିବାରୁ ଝିଅ, ବୋହୁଙ୍କ ଯିବା ଆସିବା ଲାଗିଗଲାଣି। ଏପରି ସ୍ଥଳେ ବିଦ୍ୟୁତ କାଟ ଅସହ୍ୟ ହେବାରୁ ଲୋକେ ଏହାକୁ ତାଚ୍ଛଲ୍ୟ କରି ୱେସ୍କୋର ଦଶହରା ଭେଟି ବୋଲି କହୁଛନ୍ତି । ଏ ସମ୍ପର୍କରେ ବିଭାଗୀୟ ଅଧିକାରୀ କୈଳାଶ ଚନ୍ଦ୍ର ବଳଙ୍କୁ ପଚାରିବାରୁ ଏହା ଆମ୍ଭେ କରୁନାହୁଁ, ଓପିଟିସିଏଲ କରୁଛି ବୋଲି କହିଛନ୍ତି ।



ନିଜର ଦୁର୍ବଳତା କେଉଁଠି ଅଛି, ତାହା ଜାଣି ନ ପାରିବା ହେଉଛି ସବୁଠାରୁ ବଳି ଦୁର୍ଭାଗ୍ୟ।

- କାର୍ଲାଇଲ

# ବେଳାଭୂମିରେ ଲାଗିଲା ରେଡ୍ ଫ୍ଲାଗ

ପୁରୀ ଅଫିସ,୧୦।୧୦

- ସମୁଦ୍ରରେ ଅସୁଛି ଉଚ୍ଚ ଲହଡ଼ି
- ସ୍ଥାନାନ୍ତର ଆରମ୍ଭ କଲା ପ୍ରଶାସନ
- ପ୍ରତି ବ୍ଲକ ପାଇଁ ନୋଡାଲ ଅଫିସର ନିଯୁକ୍ତ
- ଖୋଲିଛି ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍

ସମ୍ଭାବ୍ୟ ବାତ୍ୟାକୁ ନେଇ ଭୟଭୀତ ପୁରୀ ଉପକୂଳବାସୀ। ବାତ୍ୟା ତିତ୍ଲି ଯେତେ ସ୍ଥଳଭାଗ ଆଡ଼କୁ ମୁହାଁଉଛି ତାହା ଅଧିକ ଭୟଙ୍କର ରୂପ ଧାରଣ କରୁଥିବାରୁ ଲୋକେ ଛାନିଆଁ ହୋଇପଡିଛନ୍ତି। ୧୯୯୯ ମହାବାତ୍ୟା, ଫାଇଲିନ୍ ଏବଂ ହୁଡ୍‌ହୁଡ୍‌କୁ ଦେଖିଥିବା ପୁରୀବାସିନ୍ଦା ଏବେ ତିତ୍ଲିକୁ ନେଇ ଆଶଙ୍କାରେ ରହିଛନ୍ତି। ଅନ୍ୟପକ୍ଷରେ ସମ୍ଭାବ୍ୟ ବାତ୍ୟାର ମୁକାବିଲା କରିବା ଲାଗି ନିଜକୁ ପ୍ରସ୍ତୁତ କରିଛି ଜିଲା ପ୍ରଶାସନ। ରାଜ୍ୟ ସରକାରଙ୍କ ଜିରୋ କାଜୁଆଲିଟି ଅର୍ଥାତ୍ ବାତ୍ୟାରେ ଜଣେ କେହି ହେଲେ ବି ମୃତାହତ ନ ହୁଅନ୍ତୁ ତାହାକୁ ଆଖି ଆଗରେ ରଖି ସଜାଗ ରହିଛି। ପୁରୀ ଓ ଅସ୍ତରଙ୍ଗରେ ଏନ୍‌ଡିଆରଏଫ୍ ଟିମ୍ ସଜାଗ ରହିଥିବା ବେଳେ କୃଷ୍ଣପ୍ରସାଦ ବ୍ଲକରେ ଓଡ୍ରାଫ ଟିମ୍ ରହିଛନ୍ତି।

ମଙ୍ଗଳବାରଠାରୁ ପାଗ ମେଘୁଆ ରହିଥିଲା। ରାତିରୁ ବର୍ଷା ଆରମ୍ଭ ହୋଇଥିଲା। ବୁଧବାର ସକାଳୁ କୋହଲା ପବନ ସାଙ୍ଗକୁ ମଧ୍ୟମ ଧରଣର ବର୍ଷା ଜାରି ରହିଛି। ମଙ୍ଗଳବାର ସକାଳ ୮ଟାଠାରୁ ବୁଧବାର ସକାଳ ୮ଟା ପର୍ଯ୍ୟନ୍ତ ଅର୍ଥାତ୍ ୨୪ ଘଣ୍ଟାରେ ପୁରୀ ସହରରେ ୧୪ ମିଲିମିଟର ବର୍ଷା ହୋଇଛି। ଏହି ସମୟ ମଧ୍ୟରେ କାକଟପୁରରେ ସର୍ବାଧିକ ୩୮ ମିଲିମିଟର, ଅସ୍ତରଙ୍ଗରେ ୩୦, ଗୋପ ୨୫, ସତ୍ୟବାଦୀ ୨୨, ବ୍ରହ୍ମଗିରି ୬, ପିପିଲି ୮, ନିମାପଡ଼ାରେ ୩ ମିଲିମିଟର ବର୍ଷା ହୋଇଛି। କଣାସ, ଡେଲାଙ୍ଗ ଓ କୃଷ୍ଣପ୍ରସାଦରେ ଆଦୌ ବର୍ଷା ହୋଇନାହିଁ।

ଅନ୍ୟପକ୍ଷରେ ଲଘୁଚାପ ଓ ବାତ୍ୟାର ପ୍ରକୋପରେ ପୁରୀ ସମୁଦ୍ର ଉଗ୍ର ହେବାରେ ଲାଗିଛି। ଅତି ଉଚ୍ଚରେ ଲହଡ଼ି ଆସି କୂଳରେ ବାଡେଇ ହେଉଛି। ପ୍ରତି ୭ ସେକେଣ୍ଡରେ ଦେଢ ମିଟରରୁ ୨ ମିଟର ଉଚ୍ଚରେ ଜୁଆର ଆସୁଛି। ତିତ୍ଲି ସ୍ଥଳଭାଗକୁ ଛୁଇଁବା ବେଳେ ଏହା ବୃଦ୍ଧି ପାଇ ୪ରୁ ୫ ମିଟର ହେବ ବୋଲି କୁହାଯାଉଛି। ଅର୍ଥାତ୍ ସମୁଦ୍ର କୂଳ ଲଂଘିବାର ସମ୍ଭାବନା ରହିଛି। ସମୁଦ୍ର ଅଶାନ୍ତ ଥିବାରୁ ସମୁଦ୍ର ସ୍ନାନକୁ ବିପଦପୂର୍ଣ୍ଣ ଘୋଷଣା କରାଯାଇ ବେଳାଭୂମିରେ ରେଡ୍ ଫ୍ଲାଗ (ନାଲି ପତାକା) ଲଗାଯାଇଛି। ଜିଲା ମତ୍ସ୍ୟ ବିଭାଗ ପକ୍ଷରୁ ପେଣ୍ଟକଟା ଏବଂ ଚନ୍ଦ୍ରଭାଗାର ମତ୍ସ୍ୟଜୀବୀ ରହୁଥିବା ଅଞ୍ଚଳରେ ସମୁଦ୍ର ଭିତରକୁ ନ ଯିବା ଲାଗି ମାଇକ୍ ଜରିଆରେ ସଚେତନ କରାଯାଉଛି। ଜିଲାପାଳ, ଅତିରିକ୍ତ ଜିଲାପାଳ, ଉପଜିଲାପାଳ ପ୍ରମୁଖ ପ୍ରଶାସନିକ ଅଧିକାରୀ ବେଳାଭୂମିରେ ବୁଲି ପର୍ଯ୍ୟଟକଙ୍କୁ ସମୁଦ୍ରରେ ନ ଗାଧୋଇବା ପାଇଁ କହିଥିବା ଦେଖିବାକୁ ମିଳିଛି। ଅସ୍ତରଙ୍ଗ ଉପକୂଳ ସମୁଦ୍ର ବୁଧବାର ମଧ୍ୟାହ୍ନରୁ ଅଶାନ୍ତ ହୋଇପଡିଛି। ବଡ଼ ବଡ଼ ଜୁଆର ଆସି ବେଳାଭୂମିରେ ମାଡ଼ ହେଉଛି। ଜାହାନିଆଁ, ନୂଆଗଡ଼, ଡାଲୁଅକଣି, କେଉଟଜଙ୍ଗା ପ୍ରଭୃତି ସ୍ଥାନରେ ସମୁଦ୍ର ଜନବସତିମୁହାଁ ହେଉଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ସେହିପରି ଚିଲିକା ଉପକୂଳବର୍ତ୍ତୀ ଅଞ୍ଚଳ ଅରଖକୁଦା, ସାନପାଟଣା, ଗବକୁଣ୍ଡ, ମିର୍ଜାପୁର, ବ୍ରହ୍ମଗିରିର ମୋଟ ପ୍ରଭୃତି ଗ୍ରାମ ପ୍ରତି ବିପଦ ଦେଖାଦେଇଛି। ମଙ୍ଗଳବାର ଅମାବାସ୍ୟା ଯୋଗୁ ଚିଲିକା ପାଣି ଅରଖକୁଦାରେ ପଶି ଛାଡିଥିଲେ ମଧ୍ୟ ସମ୍ଭାବ୍ୟ ବାତ୍ୟାକୁ ନେଇ ଏହି ଅଞ୍ଚଳବାସୀ ପୁଣି ଭୟଭୀତ ହୋଇପଡିଛନ୍ତି।

ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ୧୧ ଓ ୧୨ ତାରିଖ ଦୁଇଦିନ ଶିକ୍ଷାନୁଷ୍ଠାନଗୁଡ଼ିକୁ ବନ୍ଦ ଘୋଷଣା କରାଯାଇଛି। ଗୁରୁବାର ହେବାକୁ ଥିବା ଛାତ୍ର ସଂସଦ ନିର୍ବାଚନକୁ ମଧ୍ୟ ବାତିଲ କରାଯାଇଛି। ଜିଲାସ୍ତରରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ଏହି କଣ୍ଟ୍ରୋଲରୁମ୍ ଦାୟିତ୍ୱରେ ଶିଫ୍ଟ ଅନୁଯାୟୀ ବରିଷ୍ଠ ଅଧିକାରୀଙ୍କୁ ନିଯୁକ୍ତ କରାଯାଇଛି। ସେହିପରି ବ୍ଲକସ୍ତରରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲିଛି। ପ୍ରତି ବ୍ଲକରେ ଚୁଡ଼ା, ଚିନି ସାଙ୍ଗକୁ ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ୍ ରଖିବା ଲାଗି ଜିଲା ଯୋଗାଣ ବିଭାଗକୁ ଜିଲାପାଳ ଜ୍ୟୋତିପ୍ରକାଶ ଦାସ ନିର୍ଦ୍ଦେଶ ଦେଇଛନ୍ତି।

ପୁରୀ ଜିଲାରେ ଥିବା ୧୮୨ଟି ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳକୁ ପ୍ରସ୍ତୁତ ରଖାଯାଇଛି। ଏହାସହିତ ଆବଶ୍ୟକ ପଡିଲେ ସ୍କୁଲଗୁଡ଼ିକରେ ଲୋକଙ୍କୁ ରଖିବା ପାଇଁ ନିଷ୍ପତ୍ତି ହୋଇଛି। ସମୁଦ୍ର ଏବଂ ଚିଲିକା କୂଳରେ ରହୁଥିବା ଲୋକଙ୍କୁ ସ୍ଥାନାନ୍ତର ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ପୁରୀ ଜିଲାର ଉପକୂଳିଆ ୬ଟି ବ୍ଲକ ବ୍ରହ୍ମଗିରି, କୃଷ୍ଣପ୍ରସାଦ, କାକଟପୁର, ଅସ୍ତରଙ୍ଗ, ପୁରୀ ସଦର ଓ ଗୋପକୁ ଫୋକସରେ ରଖିଛି ପ୍ରଶାସନ। ପ୍ରତି ବ୍ଲକ ପାଇଁ ଜଣେ ଲେଖାଏ ନୋଡାଲ ଅଫିସରଙ୍କୁ ନିଯୁକ୍ତ କରାଯାଇଛି।

## ତିତ୍ଲି: ଲୋକେ ଭୟଭୀତ



ପର୍ଯ୍ୟଟକଙ୍କୁ ସତର୍କ କରିବା ପାଇଁ ବେଳାଭୂମିରେ ଲାଗିଥିବା ରେଡ୍ ଫ୍ଲାଗ୍।

## ସଂକ୍ଷେପରେ

### କଂଗ୍ରେସ କଳାମାଟି ଗ୍ରାମ ପଞ୍ଚାୟତ କମିଟି ଗଠିତ

ବୁର୍ଲା,୧୦।୧୦ (ଡି.ଏନ.ଏ.)- ଧନକଉଡା ଜୋନ-୨ କଳାମାଟି ଗ୍ରାମ ପଞ୍ଚାୟତସ୍ତରୀୟ କମିଟି ଗଠିତ ହୋଇଛି। ଜୋନ-୨ ସଭାପତି ଉପେନ୍ଦ୍ର ଦେବତାଙ୍କ ଅଧ୍ୟକ୍ଷତାରେ ଏ ନେଇ ଅନୁଷ୍ଠିତ ସଭାରେ ଜିଲା କାର୍ଯ୍ୟକାରୀ ସଭାପତି ଦେବେନ ପତି, ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗର୍ଡିଆ, ଆଦିବାସୀ ହରିଜନ ସେଲ୍ ସଭାପତି ମୋତିଲାଲ ତନ୍ତି ଯୋଗଦେଇ ଆଗାମୀ ୨୦୧୯ ନିର୍ବାଚିତ ସଦସ୍ୟମାନେ କଂଗ୍ରେସକୁ ମଜଭୁତ କରିବାକୁ ଯତ୍ନବାନ ହେବାକୁ କହିଥିଲେ। ପ୍ରକାଶ ପ୍ରଧାନ କମିଟି ସଭାପତି, କମଳାକାନ୍ତ ସଟେ ଓ ଭୀଷ୍ମ ଛତ୍ରିଆ ଉପସଭାପତି, ଦିଲୀପ ରାୟ, ପାର୍ବତୀ ନନ୍ଦ ସାଧାରଣ ସମ୍ପାଦକ, ଜିତୁ ବେହେରା, ଚକ୍ର ନନ୍ଦ, ଗୋପାଳ କୁମ୍ଭାର ଓ ଅମୃତ ସୁନା ସମ୍ପାଦକ ମନୋନୀତ ହୋଇଛନ୍ତି। କାର୍ଯ୍ୟକାରୀ ସଭାପତି ବାଞ୍ଛାନିଧି ମିଶ୍ର ଧନ୍ୟବାଦ ଦେଇଥିଲେ। ସଭାରେ ମହମ୍ମଦ ରୁସ୍ତମ, ବାଲ୍ମିକି କୁମ୍ଭାର, ଭଜ ମହାନନ୍ଦ, ସୁବାସ ଛନ୍ଦ ଉପସ୍ଥିତ ଥିଲେ।

### ମହାନଗର ନିଗମରେ ବିଜେଡିର ପଦଯାତ୍ରା

ସମ୍ବଲପୁର,୧୦।୧୦ (ବ୍ୟୁରୋ)- ସମ୍ବଲପୁର ମହାନଗର ନିଗମ ୱାର୍ଡ ନଂ. ୩୧ରେ ବୁଧବାର ବିଜୁ ଜନତା ଦଳ (ବିଜେଡି)ର ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶତାଧିକ ସଂଖ୍ୟାରେ ଅଞ୍ଚଳବାସୀ ଯୋଗ ଦେଇଥିଲେ। ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଜିଲା ସ୍କୁଲ ଛକ ପେନସନପଡ଼ା, କାଳୀବାଡି, ସାଲିଆବଗିଚା ଆଦି ଅଞ୍ଚଳରେ କର୍ମୀ ଓ ନେତାମାନେ ଜନସାଧାରଣଙ୍କୁ ଭେଟି ଆଲୋଚନା କରିଥିଲେ। ପଦଯାତ୍ରା ଶେଷରେ ଲାୟନ୍ସ କ୍ଲବଠାରେ ଏକ ସଭା ହୋଇଥିଲା। ଜିଲା ମହିଳା ସଭାନେତ୍ରୀ ରାଜଲକ୍ଷ୍ମୀ ପ୍ରଧାନ, ଟାଉନ ସଭାପତି ପ୍ରଫୁଲ୍ଲ ଦାସ, ବିହାରୀଲାଲ ପଂସାରୀ, ସୁରଜ ବିଶ୍ୱାଳ, କୃଷ୍ଣ ଚନ୍ଦ୍ର ବାଗ, ବିଭୁତି ପଟ୍ଟନାୟକ, ମନୋଜ ସିଂଘାନିଆ, ଟିମା କସଫ୍, ସଞ୍ଜୟ ସ୍ୱାଇଁ, ଆଇ ଖାନ୍, ସତେନ୍ଦ୍ର ଦାଶ, ଅଶ୍ୱିନୀ ପାଢ଼ୀ, ମହମ୍ମଦ ୟାସିମ, ମହମ୍ମଦ ଜାଫର, ମହମ୍ମଦ ସବୀର ନିଜସ୍ୱ ମତ ରଖିଥିଲେ।

# ଆରଡିସିଙ୍କୁ ଯୁବ କଂଗ୍ରେସର ସ୍ମାରକପତ୍ର

ସମ୍ବଲପୁର, ୧୦।୧୦ (ବ୍ୟୁରୋ)

ବୁର୍ଲା ଭୀମସାରରେ ସହକାରୀ ପ୍ରଫେସର ନିଯୁକ୍ତିରେ ଦୁର୍ନୀତି ହୋଇଛି । ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ସତ ପଦାକୁ ଆସିବ । ଏ ନେଇ ସମ୍ବଲପୁର ଲୋକ ସଭା କ୍ଷେତ୍ର ଯୁବ କଂଗ୍ରେସ ପକ୍ଷରୁ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଓ ଦୁର୍ନୀତି ନିବାରଣ ଆରକ୍ଷୀ ଅଧୀକ୍ଷକଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପ୍ରତିନିଧି ଦଳରେ ସମ୍ବଲପୁର ଲୋକ ସଭା କ୍ଷେତ୍ର ସଭାପତି ଆଶୁତୋଷ ସ୍ୱାଇଁ, ପ୍ଲାବନ ବହିଦାର, ହରି ମେହେର, ଶେଖ୍ ହସିମ, ଶୁଭାଶୀଷ ବେହେରା, ପିଙ୍କୁ ସିଂ, ମୁକେଶ ଶର୍ମା, ସୁରଜ ବିଶ୍ୱାଳ, ସୋନୁ ପୁରୋହିତ, ଆଲୋକ ନାୟକ, ପ୍ରମୁଖ ସାମିଲ ଥିଲେ।

## ପାୱାରଟିଲର୍‌ରେ ଚାପି ହୋଇ ମହିଳା ମୃତ

ବାମରା,୧୦।୧୦(ସ୍ୱ.ପ୍ର.)

ସମ୍ବଲପୁର ବାମରା ବ୍ଲକ ବାବୁ ନିକ୍ରିମାଲ ପଞ୍ଚାୟତ ବାରଖଣ୍ଡିଆ ଗାଁରେ ଦୁର୍ଘଟଣା ଘଟିଛି। ବୁଧବାର ସକାଳ ୭ଟାରେ ସୁରଜାନ କିରୋ ଧାନ କ୍ଷେତରେ ପାୱାରଟିଲର୍ ମଡ଼ାଉଥିଲେ। ଏହି କାମରେ ସହାୟତା କରୁଥିବା ତାଙ୍କ ସ୍ତ୍ରୀ ମେରୀ ମୁକ୍ତା (୪୩)ଙ୍କ କପଡା ପାୱାରଟିଲର୍ ସମ୍ମୁଖ ଫ୍ୟାନରେ ପଶିଯାଇଥିଲା। ଫଳରେ ସେ ତା' ମଧ୍ୟକୁ ଟାଣି ହୋଇଯାଇଥିଲେ। ଏଥିରେ ମୁଣ୍ଡ ଓ ବେକ କଟିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ମହୁଲପାଲି ପୋଲିସ ମୃତଦେହ ଉଦ୍ଧାର କରି କୁଚିଣ୍ଡା ଥାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୩/୧୮) ରୁଜୁ ହୋଇଛି।

## ରେଙ୍ଗାଲିରେ ହେବ ଇକୋ ଟ୍ୟୁରିଜିମ ସେଣ୍ଟର

ରେଢ଼ାଖୋଲ,୧୦।୧୦(ଡି.ଏନ.ଏ.)

ରେଢ଼ାଖୋଲ ବ୍ଲକ ରେଙ୍ଗାଲି ପଞ୍ଚାୟତ ହେବ ଇକୋ ଟୁରିଜିମ ସେଣ୍ଟର। ଏ ନେଇ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟର ଉପସଚିବ ଚିତ୍ତରଞ୍ଜନ ପ୍ରଧାନ ଡିଏଫଓ ରେଢ଼ାଖୋଲଙ୍କୁ ଚିଠି ଲେଖି ଉକ୍ତ ଅଞ୍ଚଳ ପରିଦର୍ଶନ କରି ଏକ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଚିଠି ନଂ ୨୧୩୦୭/ଏଫ୍ଏଣ୍ଡ ଇ ତା ୩.୧୦.୧୮ରିଖରେ ରେଢ଼ାଖୋଲ ଡିଏଫଓ ସଂଗ୍ରାମ କେଶରୀ ବେହେରାଙ୍କୁ ରେଙ୍ଗାଲିରେ ଇକୋ ଟୁରିଜିମ ସେଣ୍ଟର ନିର୍ମାଣ ପାଇଁ ଆବଶ୍ୟକ ଭିତ୍ତିଭୂମି ସମ୍ପର୍କରେ ରିପୋର୍ଟ ଦେବାକୁ କୁହାଯାଇଛି। ରେଙ୍ଗାଲିରେ ଇକୋଟୁରିଜିମ ପାଇଁ ବିଧାୟକ ଇଂ.ରୋହିତ ପୁଜାରୀ ଜଙ୍ଗଲ ଓ ପରିବେଶ ସଚିବଙ୍କୁ ଚିଠି ଲେଖିଥିଲେ। ଜଙ୍ଗଲ ପରିବେଷ୍ଟିତ ରେଙ୍ଗାଲିରେ ଇକୋଟୁରିଜିମ ନିର୍ମାଣ କରାଯିବା ପାଇଁ ଆବଶ୍ୟକ ଭିତ୍ତିଭୂମି ରହିଛି। ରେଙ୍ଗାଲି ଅଞ୍ଚଳକୁ ଲାଗି ହରିହର ଯୋର (ଠେଙ୍ଗ) ଜଳସେଚନ ପ୍ରକଳ୍ପ ରହିଥିବାରୁ ଏହା ଇକୋଟୁରିଜିମ ପାଇଁ ପ୍ରକୃଷ୍ଟ ସ୍ଥାନ ହୋଇପାରିବ। ସମ୍ବଲପୁର ଜିଲାର ହୁମା ମନ୍ଦିର, ଦେଓଝରଣ ଜଳପ୍ରପାତ, କନ୍ଧରାସ୍ଥିତ ସନ୍ଥକବି ଭିମଭୋଇଙ୍କ ସ୍ମୃତି ପୀଠ, ନାକଟୀଦେଉଳ ବ୍ଲକର ଭୀମ ମଣ୍ଡଳୀ ର ବିକାଶ ପରେ ରେଙ୍ଗାଲିରେ ଇକୋ ଟୁରିଜିମ ନିର୍ମାଣ କରାଗଲେ ରେଢ଼ାଖୋଲ ଅଞ୍ଚଳ ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀରେ ପରିଣତ ହୋଇପାରିବ ଓ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିପାରିବ ବୋଲି ବିଧାୟକ ଇଂ ରୋହିତ ପୁଜାରୀ କହିଛନ୍ତି।

# ଆଇନ ସଚେତନତା ଶିବିର

ସମ୍ବଲପୁର,୧୦।୧୦ (ବ୍ୟୁରୋ)

ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ ଆଇନ ସଚେତନତା ଶିବିର ବୁଧବାର ଧନକଉଡା ଶିବିର ବୀରସୁରେନ୍ଦ୍ର ସାଏ ମାନସିକ ଅନଗ୍ରସର ସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଜଜ୍ ମଳୟ ରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ସନ୍ତୋଷ କୁମାର ଜେନା, ସିଭିଲକୋର୍ଟ ରେଜିଷ୍ଟ୍ରାର ବିବସ୍ୱତ ଗୌତମ, ସ୍କୁଲ ପ୍ରଧାନ ଶିକ୍ଷକ ବ୍ରଜବନ୍ଧୁ ସାହୁ ବକ୍ତବ୍ୟ ପ୍ରଦାନ କରିଥିଲେ । ସ୍କୁଲ ଛାତ୍ରୀଛାତ୍ର ସଙ୍ଗୀତ, କ୍ଷୁଦ୍ର ନାଟକ ପରିବେଷଣ କରିଥିଲେ । ପ୍ରାଧିକରଣ ସଚିବ ଲିଲି ସେନାପତି କାର୍ଯ୍ୟକ୍ରମ ପରିଚାଳନା ଓ ଧନ୍ୟବାଦ ଦେଇଥିଲେ।




ବୁଧବାର ସମ୍ବଲପୁର ଧନକଉଡାରେ ଆଇନ ସଚେତନତା ଶିବିରରେ ବକ୍ତା ଓ ଅତିଥିମାନେ ।

# ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ

ରେଢ଼ାଖୋଲ,୧୦।୧୦ (ଡିଏନଏ)

ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ତାଲୁକ ଆଇନ ସେବା ପ୍ରାଧିକରଣ ସମିତି ପକ୍ଷରୁ ବୁଧବାର ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଛି। ଏଅବସରରେ ଉପଖଣ୍ଡ ଚିକିତ୍ସାଳୟରେ ଅନୁଷ୍ଠିତ ସଭାରେ ତାଲୁକ ଆଇନସେବା ପ୍ରାଧିକରଣ ସମିତିର ଅଧ୍ୟକ୍ଷ ତଥା ସବଜଜ ବାସୁ ଦେବ ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ। ଉପଜିଲାପାଳ ବିଶିକେସନ ଦେହୁରୀ , ଏସଡିଏମଓ ଡା. ବିପିନ ବିହାରୀ ସାହୁ , ଆଇନଜୀବି ହାରୁନ ଖାଁ ଯୋଗ ଦେଇଥିଲେ। ସବଜଜ୍ ଆଚାର୍ଯ୍ୟ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନର ତାତ୍ପର୍ଯ୍ୟକୁ ଦର୍ଶାଇଥିଲେ। ପରେ ଉପଜିଲ୍ଲାପାଳ ଓ ସବଜଜ୍ ଉପଖଣ୍ଡ ଚିକିତ୍ସାଳୟର ବିଭିନ୍ନ ୱାର୍ଡ ପରିଦର୍ଶନ କରି ଚିକିତ୍ସାଧୀନ ରୋଗୀମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ରୋଗୀମାନଙ୍କୁ ସମିତି ପକ୍ଷରୁ ବିସ୍କୁଟ ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସ୍ତ୍ରୀ ଓ ପ୍ରସୁତି ବିଭାଗ ଡା.ସୁନିତା ବ୍ରହ୍ମା, ଆଇନଜୀବୀ ନୀଳମାଧବ ମହାକୁଡ ଯୋଗ ଦେଇଥିଲେ।

# ଗୋବିନ୍ଦତୋଲା ସାର୍ବଜନୀନ ଦୁର୍ଗାପୂଜା ସୁବର୍ଣ୍ଣ ଜୟନ୍ତୀ

ସମ୍ବଲପୁର,୧୦।୧୦(ବ୍ୟୁରୋ)

ସମ୍ବଲପୁର ଗୋବିନ୍ଦତୋଲା ଦୁର୍ଗାପୂଜା କମିଟି ଚଳିତ ବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ କରୁଛି। ଏ ନେଇ ବିବିଧ କାର୍ଯ୍ୟକ୍ରମ ସହ ନବରାତ୍ର ପୂଜା ବୁଧବାର ହୋଇଛି। ୬ ବ୍ରାହ୍ମଣ ଓ ପଣ୍ଡିତ ପୂଜାର୍ଚ୍ଚନା କରିଥିଲେ। ଦୀପକ କୁମାର ପଣ୍ଡା କର୍ତ୍ତା ଦାୟୀତ୍ୱ ସମ୍ପାଦନା କରିଥିଲେ। ଏଥିସହ ୯ ବ୍ରାହ୍ମଣ ପୂଜା କାର୍ଯ୍ୟ କରିଥିଲେ। ରବିନାରାୟଣ ନାୟକ, ବସନ୍ତ ଦାଶ, ସୂର୍ଯ୍ୟ ପାଣିଗ୍ରାହୀ, ଗୌରି ପଣ୍ଡା, ରଞ୍ଜିତ ରଥ, ପ୍ରଦୀପ ମିଶ୍ର, ଭବାନୀ ଶଙ୍କର ପାଣି, ଅନୀଲ ନାୟକ, ଚକ୍ରଧର ବଡପଣ୍ଡା, ଦେବଦତ୍ତ ଆଚାଯର୍ୟ, ଅଭିଲାଷ ହୋତା, ଜଗନ୍ନାଥ ଆଚାର୍ଯ୍ୟ, ବ୍ରହ୍ମାନନ୍ଦ ମିଶ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଅଶୋକ ପଣ୍ଡା ଚଣ୍ଡୀପାଠ କରି ମା' ଦୁର୍ଗାଙ୍କୁ ଆବାହନ କରିଥିଲେ। ମା' ଭୁବନେଶ୍ୱରୀଙ୍କୁ ବ୍ରହ୍ମଚାରିଣୀ ବେଶରେ ପୂଜାର୍ଚ୍ଚନା କରାଯାଇଥିଲା। ଏଥିସହ ରାଜଧିରାଜ ଉପଚାର ପୂଜା, ଗଣେଷ, ଲକ୍ଷ୍ମୀ, କାର୍ତ୍ତିକ ଓ ସରସ୍ୱତୀଙ୍କ ଉପଚାର ପୂଜା, ସପ୍ତସତୀ ଚଣ୍ଡିପାଠ ହୋମ କରାଯାଇଥିଲା।



ବୁଧବାର ସମ୍ବଲପୁର ଗୋବିନ୍ଦତୋଲା ଦୁର୍ଗାପୂଜା ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ଆକର୍ଷଣୀୟ ତୋରଣ ।



ବୁଧବାର ସମ୍ବଲପୁର କାଳୀବାଡି ଦୁର୍ଗାପୂଜା ଶତବାର୍ଷିକୀ ଆୟୋଜିତ ସିନିୟର ବର୍ଗ ନୃତ୍ୟ ପ୍ରତିଯୋଗିତା ।

## ସଂରକ୍ଷିତ ଜଙ୍ଗଲରୁ କାଠ ଚୋରି ଘଟଣା

# ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ବାମରା,୧୦।୧୦ (ସ୍ୱ.ପ୍ର.)

ସମ୍ବଲପୁର ଜିଲା ବାମରା ବନ୍ୟପ୍ରାଣୀ ଡିଭିଜନ ଅନ୍ତର୍ଗତ ଗଡ଼ପୋଷ (ସିମିଲିବାହାଲ) ସଂରକ୍ଷିତ ଜଙ୍ଗଲରୁ ଗତ ୪ ତାରିଖ ଦିନ ବେଆଇନ ଭାବେ କାଠ ଚୋରି ଘଟଣା ସାମ୍ନାକୁ ଆସିଥିଲା । ଏହି ଘଟଣାକୁ ଇତି ମଧ୍ୟରେ ୭ ଦିନ ଅତିବାହିତ ହୋଇଥିଲେ ମଧ୍ୟ ବନ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଘଟଣା ଅନୁସାରେ ଚଳିତ ମାସ ୪ ତାରିଖ ସେମିଲିବାହାଲ ସଂରକ୍ଷିତ ଜଙ୍ଗଲରୁ ବେଆଇନ ଭାବେ ଗଛ କଟା ଯାଇ ଏକ ନମ୍ବର ବିହୀନ ଟ୍ରାକ୍ଟରରେ ବୋଝେଇ କରାଯାଇଥିଲା। ଖବର ପାଇ ସ୍ଥାନୀୟ ଗ୍ରାମ୍ୟ ଜଙ୍ଗଲ ଅଧିକାରୀ କମିଟିର ସଭ୍ୟମାନେ ଟ୍ରାକ୍ଟରକୁ ଅଟକ ରଖିଥିଲେ। ଏହାର କିଛି ସମୟ ପରେ ଗୋବିନ୍ଦପୁର ଥାନା ଅନ୍ତର୍ଗତ ଗଡପୋଷ ଫାଣ୍ଡି ଅଧିକାରୀ ଦେବରାଜ ପ୍ରଧାନଙ୍କ ସମେତ ଅନ୍ୟ ୨ଜଣ କର୍ମଚାରୀ ସେଠାରେ ପହଞ୍ଚି ଦଶହରା ପୂଜା ପାଇଁ ଏହି କାଠ ଟ୍ରାକ୍ଟରରେ ଲୋଡ଼ କରାଯାଇଥିବା କହି ଗାଳିଗୁଳଜ ଓ ଧମକ ଦେଇଥିଲେ। ଏହା ପରେ ଚୋରା କାଠ ବୋଝେଇ ଟ୍ରାକ୍ଟରକୁ ଜୋରଜବରଦସ୍ତ ଫାଣ୍ଡିକୁ ନେଇଥିଲେ । ବ୍ୟବହୃତ ଟ୍ରାକ୍ଟରଟି ପୋଲିସ ବିଭାଗର ଗ୍ରାମରକ୍ଷୀ ବନମାଳୀ ନିଖଣ୍ଡିଆଙ୍କ ବୋଲି ଜଣାପଡ଼ିଥିଲା। ଏ ଦିଗରେ ବନ ବିଭାଗ କୌଣସି ପଦକ୍ଷେପ ନ ନେବାରୁ ବାଧ୍ୟ ହୋଇ କମିଟିର ସଦସ୍ୟ ସଦସ୍ୟା ବାମରା ଡିଏଫଓ ଅଫିସକୁ ଯାଇଥିଲେ। କମିଟି ସଭାପତି ଫ୍ରାନସିନ୍ କୁଲୁ ଓ ସମ୍ପାଦକ ପାତ୍ର ବାଘଙ୍କ ନେତୃତ୍ୱରେ ମିନକୁ ଲାକରା, କାର୍ତ୍ତିକ ନାଏକ ହାରା ବାଘ, ତିଲୋତ୍ତମା କାଲୋ, ସପ୍ତାବତୀ ଚନ୍ଦନ, କୈକେୟୀ କିଣ୍ଡୋ, ସଉଳି ମାଝୀ ଓ କାରମାଲ କୁଲୁ ଡିଏଫଓଙ୍କ ଅନୁପସ୍ଥିତିରେ ଡିସି ଜିତ (ଅଫିସ)କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଆସନ୍ତା ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଡିଏଫଓ ଅଫିସ ଘେରାଉ କରାଯିବ ବୋଲି ଚେତାବନୀ ଦେଇଛନ୍ତି।



ଡିଏଫଓଙ୍କ ଅଫିସ୍‌କୁ ଦାବିପତ୍ର ଦେବାକୁ ଆସିଥିବା ଜଙ୍ଗଲ ଅଧିକାର କମିଟିର ସଦସ୍ୟା ଓ ସଦସ୍ୟମାନେ।

## ବାମରା ବନ୍ୟପ୍ରାଣୀ ଡିଭିଜନ

- ଡିଏଫଓ ଅଫିସକୁ ଦାବିପତ୍ର ପ୍ରଦାନ
- କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ ଚେତାବନୀ

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ଅକ୍ଟୋବର ୧୧/୨୦୧୮



“ଯେଉଁ ବ୍ୟକ୍ତି ସର୍ବଦା କର୍ମରତ, ତା’କୁ ନିଜ ଦୁଃଖ ପାଇଁ କାନ୍ଦିବାକୁ ବେଳ ନ ଥାଏ।

- ଟମାସ କାର୍ଲାଇଲ



**ସଂକ୍ଷେପରେ**

## ଯୋଗାଣ ସହାୟକଙ୍କୁ ଗାଳିଗୁଲଜ, ୪ ଗିରଫ

**ଝାରସୁଗୁଡା ଅଫିସ,୧୦।୧୦-** ଝାରସୁଗୁଡା ବଡମାଲ ଥାନା ଶ୍ରୀପୁରା ପଞ୍ଚାୟତର ଯୋଗାଣ ସହାୟକଙ୍କୁ ଗାଳିଗୁଲଜ କରିବା ଏବଂ ଟଙ୍କା ଝାମ୍ପି ନେବା ଅଭିଯୋଗରେ ପୋଲିସ ୪ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଶ୍ରୀପୁରାର ଜିତେନ୍ଦ୍ର ଗଡୁଆଲ, ସାନ ପେଟୁ, ସୁରତ କାଲୋ, ଚୂଡାଘନ ଭୋଇ। ଅନ୍ୟଜଣେ ଅଭିଯୁକ୍ତ ଫେରାର ଅଛନ୍ତି। ପ୍ରକାଶ ଯେ, ବୁଧବାର ଶ୍ରୀପୁରା ପଞ୍ଚାୟତରେ ଯୋଗାଣ ସହାୟକ ଉମେଶ ନାୟକ ସାଧାରଣ ବଣ୍ଟନ ସାମଗ୍ରୀ ବିତରଣ କରୁଥିବାବେଳେ ଅଭିଯୁକ୍ତମାନେ ପହଞ୍ଚି ତାଙ୍କୁ ଗାଳିଗୁଲଜ କରିଥିଲେ। ତାଙ୍କଠାରୁ ୧୦ ହଜାର ଟଙ୍କା ଝାମ୍ପି ନେଇ ଚାଲିଯାଇଥିଲେ। ଏ ନେଇ ଲକ୍ଷ୍ମଣଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରି ୪ଜଣଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ଅମିତାଭ ପଣ୍ଡା ସୂଚନା ଦେଇଛନ୍ତି।

## ଚୋରି ବାଇକ୍ ଉଦ୍ଧାର, ୨ ଗିରଫ

**ଝାରସୁଗୁଡା ଅଫିସ,୧୦।୧୦-** ବେଦାନ୍ତ କାରଖାନା ନିକଟରୁ ଏହାର ଜଣେ କର୍ମଚାରୀଙ୍କ ଚୋରି ହୋଇଥିବା ଗାଡି ବୁଧବାର ପୋଲିସ ଉଦ୍ଧାର କରିଛି। ଏହି ଘଟଣାରେ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ବିସ୍ଥାପନ କଲୋନୀର ପିଙ୍କୁ ଦେହେରିଆ ଏବଂ ଆଶିଷ ସାହୁ। ସୋମବାର ବେଦାନ୍ତ କର୍ମଚାରୀ ଯୁଧିଷ୍ଠିର ବେହେରାଙ୍କ ଗାଡି ଚୋରି ହୋଇଥିବା ବଡମାଲ ଥାନାରେ ଅଭିଯୋଗ ହୋଇଥିଲା।

## ଭାଜପାରେ ମିଶିଲେ ୪୨ ଯୁବକ

**ଝାରସୁଗୁଡା ଅଫିସ,୧୦।୧୦-** ଝାରସୁଗୁଡା ପୌରାଞ୍ଚଳର ୪୨ଜଣ ଯୁବକ ଭାଜପାରେ ଯୋଗଦେଇଛନ୍ତି। ବୁଧବାର ଜିଲା ସଭାପତି ରାଧାରାଣୀ ପଣ୍ଡାଙ୍କ ଉପସ୍ଥିତିରେ ଯୁବକମାନେ ଯୋଗଦେଇଥିଲେ। ଭାଜପା କାର୍ଯ୍ୟକର୍ତ୍ତା ସୁନୀଲ ପଣ୍ଡା ଏବଂ ଉମେଶ ଗୁପ୍ତାଙ୍କ ଉପସ୍ଥିତିରେ ବିଭିନ୍ନ ୱାର୍ଡର ୪୨ଜଣ ଯୁବକ ସାମିଲ ହୋଇଥିବା ଦଳ ତରଫରୁ ସୂଚନା ଦିଆଯାଇଛି।



ଦେବଗଡ଼ କଲେଜ ଛାତ୍ରୀଛାତ୍ର ଦାବିପତ୍ରକୁ କଲେଜ ଅଧକ୍ଷା ସନ୍ତୋଷିନୀ ଶତପଥୀଙ୍କୁ ଦେଉଛନ୍ତି।

# ଛାତ୍ରଙ୍କ ଆମରଣ ଅନଶନ ପ୍ରତ୍ୟାହୃତ

**ଦେବଗଡ଼,୧୦।୧୦(ସ୍ୱ.ପ୍ର)**

ଦେବଗଡ କଲେଜରେ ସାଇନ-ଏ-ଡାଇ ଘୋଷଣାକୁ ନେଇ କଲେଜ ଅଧକ୍ଷା ସନ୍ତୋଷିନୀ ଶତପଥୀ, କଲେଜ ପରିଚାଳନା ସଭାପତି ସୁଧୀର କପରଦାର ଏବଂ ଉଦ୍ଭିଦ ବିଜ୍ଞାନ ମୁଖ୍ୟ ଅମୂଲ୍ୟ ନାୟକଙ୍କ ବହିଷ୍କାର ଦାବିରେ ଛାତ୍ରମାନେ ଗତ ୪ ତାରିଖଠାରୁ ଆମରଣ ଅନଶନରେ ବସିଥିଲେ। ବିଭିନ୍ନ ଦାବିର ସମାଧାନ ପାଇଁ କଲେଜ ଅଧକ୍ଷା ପ୍ରତିଶ୍ରୁତି ଦେବା ପରେ ବୁଧବାର ଛାତ୍ରୀଛାତ୍ର ଆନ୍ଦୋଳନ ପ୍ରତ୍ୟାହୃତ କରିବା ସହ ଅନଶନରୁ ଉଠିଥିବା ଜଣାପଡିଛି। ଏହି ପରିପ୍ରେକ୍ଷୀରେ ସପ୍ତମ ଦିନରେ ଦାବିପତ୍ରରେ ଉଲ୍ଲେଖ ମୁତାବକ କଲେଜରୁ ସାଇନ-ଏ-ଡାଇ ଉଠାଇବା, ଉଦ୍ଭିଦ ବିଜ୍ଞାନ ଖାତା ହଜିଯାଇଥିବା ଉପସ୍ଥାନ ଖାତାର ତୁରନ୍ତ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଏବଂ ରୁଜୁ କରାଯାଇଥିବା ମାମଲାର ଅବିକଳ ନକଲ ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରିବା ଲେଖାଥିବା ଦାବିପତ୍ରକୁ କଲେଜ ଅଧକ୍ଷା ସନ୍ତୋଷିନୀ ଶତପଥୀଙ୍କୁ ଦେଇଥିଲେ । ସେ ପ୍ରତିଶୃତି ଦେବା ସହ ରୁଲ ରେଗୁଲେସନ୍ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇ ଅନଶନକାରୀ ଛାତ୍ରୀଛାତ୍ରଙ୍କୁ ଜୁସ୍ ପିଆଇ ଅନଶନ ଭଙ୍ଗ କରିଥିଲେ। ପରେ ତାଲା ପକାଯାଇଥିବା କଲେଜର ତାଲା ଖୋଲିଥିଲେ । ଦାବିପତ୍ର ଦେବାବେଳେ କଲେଜ ଛାତ୍ର ସଂସଦର ସଭାପତି ବିଜୟ ଦେହୁରୀ, ପୂର୍ବତନ ସଭାପତି ସୁମନ୍ତ ରଣା, ଅସୀମ ପଟ୍ଟନାୟକ, ପ୍ରଶାନ୍ତ ବେହେରା, ରୋହିତ ପ୍ରଧାନ, ଟିକେଶ୍ୱର ବିଶ୍ୱାଳ, ସୌମ୍ୟ ରଞ୍ଜନ ତିୱାରୀ, ଅରବିନ୍ଦ ପ୍ରଧାନ, ରାହୁଲ ରଣା, ବିଜୟ ରଣା, ତନ୍ମୟ ପ୍ରଧାନଙ୍କ ସମେତ ଅନ୍ୟ ଛାତ୍ରୀଛାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




## ବିଜେଡିର ଜନସମ୍ପର୍କ ପଦଯାତ୍ରା

**ଦେବଗଡ,୧୦।୧୦(ସ୍ୱ.ପ୍ର)** -ଜିଲାର ବାରକୋଟ ବ୍ଲକ୍ ଅଧୀନ ଶରଣକୋଟ ଓ ଲାଣ୍ଡିଝରୀ ଗ୍ରାମରେ ଜିଲା ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା କାର୍ଯ୍ୟକ୍ରମ ବୁଧବାର ଆୟୋଜିତ ହୋଇଯାଇଛି। ଜିଲା ସଭାପତି ସୁଧୀର କପରଦାରଙ୍କ ନେତୃତ୍ୱରେ ଉକ୍ତ ଗ୍ରାମରେ ଆୟୋଜିତ ପଦଯାତ୍ରା ସହିତ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଉପସଭାପତି ଦେବେନ୍ଦ୍ର ବେହେରା, ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ତିଲେଇବଣି ବ୍ଲକ ଉପାଧ୍ୟକ୍ଷ ଭୂପେନ୍ଦ୍ର ପ୍ରସାଦ ନାୟକ, ଇଂ ଚିତ୍ତରଞ୍ଜନ ପ୍ରଧାନ, ଟଙ୍କଧର ସାହୁ, ଇଂ. ବିଷ୍ଣୁପ୍ରସାଦ ଅମାତ୍ୟ, ଇଂ ନିରଞ୍ଜନ ମହାପାତ୍ର, ଇସମାଇଲ ହେଣେଜ୍, ଶୁକଦେବ ଭଞ୍ଜ, ଆଲୋକ ଅମାନ୍ତ, ବିକାଶ ମିଶ୍ର, ଲଳିତ ପାଲ, ଦିକ୍ଷୀତ ନାୟକଙ୍କ ସମେତ ଅନ୍ୟ ଦଳୀୟ କର୍ମୀ ଉପସ୍ଥିତ ରହି ଓଡିଶା ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ସଚେତନ କରାଇବା ସହ ଏବଂ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ ।

## ଯୁବତୀଙ୍କୁ ଗଣବଳାତ୍କାର: ୫ ଅଟକ

**ଲହୁଣୀପଡା, ୧୦।୧୦ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବଣାଇ ଉପଖଣ୍ଡ କେ.ବଲାଙ୍ଗ ଥାନା ଅନ୍ତର୍ଗତ କାଲକାଟୁ ଜଙ୍ଗଲରେ ଗତ ସୋମବାର ରାତି ପ୍ରାୟ ସାଢ଼େ ୮ଟାବେଳେ ଅଭାବନୀୟ ଘଟଣା ଘଟିଛି। ମାମୁଁପୁଅ ଭାଇଙ୍କୁ ମାଡମାରି ଭଉଣୀଙ୍କୁ ଜଙ୍ଗଲ ଭିତରକୁ ଟେକିନେଇ ଗଣ ବଳାତ୍କାର କରାଯାଇଥିବା ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ କରି ବୁଧବାର ୫ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି। ଯୁବତୀଙ୍କୁ ବୁଧବାର ଡାକ୍ତରୀ ମାଇନା କରାଯାଇଥିଲା। ପୋଲିସ ଘଟଣାର ତଦନ୍ତ କରୁଛି।

## ଛାତ୍ରୀଙ୍କୁ ଅପହରଣ କରି ଶିକ୍ଷକ ଗିରଫ

**ଝାରସୁଗୁଡା ଅଫିସ,୧୦।୧୦**

ନାବାଳିକା ଛାତ୍ରୀଙ୍କୁ ଅପହରଣ କରିବା ଅଭିଯୋଗରେ ଝାରସୁଗୁଡା ସହରାଞ୍ଚଳର ଏକ ସରକାରୀ ସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ଟାଉନଥାନା ପୋଲିସ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ଶିକ୍ଷକ ଜଣଙ୍କ ହେଲେ ଜୀବନ କୁମାର ବୁଡା(୫୦)। ସୂଚନାଯୋଗ୍ୟ, ରବିବାର ସକାଳେ ନାବାଳିକା ଜଣଙ୍କ ଘରୁ ବାହାରି ଟିଉସନ ଯାଇଥିଲେ। ସେଠାରୁ ନାବାଳିକାଙ୍କୁ ନେଇ ଶିକ୍ଷକ ଜଣଙ୍କ ରାଉରକେଲା ଫେରାର ହୋଇଯାଇଥିଲେ। ଏ ନେଇ ପରିବାର ଲୋକ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା। ସେହି ଦିନ ନାବାଳିକା ଏବଂ ଶିକ୍ଷକଙ୍କୁ ଉଦ୍ଧାର କରିଥିଲା। ନାବାଳିକାଙ୍କ ଡାକ୍ତରୀମାଇନା କରାଯାଇଛି ଏବଂ ଶିକ୍ଷକଙ୍କୁ କୋର୍ଟଚାଲାଣ କରାଯାଇଛି।

## ଜିଲା ଆଇନ୍ ସେବା ପ୍ରାଧିକରଣ ତରଫରୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ

**ଦେବଗଡ଼,୧୦।୧୦(ସ୍ୱ.ପ୍ର)**

ଦେବଗଡ଼ ଜିଲା ଆଇନ୍ ସେବା ପ୍ରାଧିକରଣ ତରଫରୁ ଜିଲା ଜଜ୍ ତଥା ପ୍ରାଧିକରଣର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ତୋଷଙ୍କ ଅଧ୍ୟକ୍ଷତାରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ବୁଧବାର ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରାଧିକରଣ ତରଫରୁ ବହୁ ପାରା ଲିଗାଲ୍ ସ୍ୱେଚ୍ଛାସେବୀମାନଙ୍କୁ ନେଇ ଏକ ବିଶାଳ ପଦଯାତ୍ରା କୋର୍ଟ ପରିସରରୁ ବାହାରି ଦେବଗଡ ସହରର ପରିକ୍ରମଣ କରି ଜନସଚେତନତା ସୃଷ୍ଟି କରାଯାଇଥିଲା । ଉକ୍ତ ପଦଯାତ୍ରାରେ ଅତିରିକ୍ତ ଜିଲା ଜଜ୍ ସରୋଜ କୁମାର ସାହୁ, ଏସ୍.ଡି.ଜେ.ଏମ୍ ସୌଦାମିନି ବିଶ୍ୱାଳ, ପ୍ରାଧିକରଣର ସମ୍ପାଦକ ପ୍ରିୟରଞ୍ଜନ ମିଶ୍ର, ଜିଲା ଓକିଲ ସଂଘର ସଭାପତି ଦିଲୀପ୍ କୁମାର ଗୁରୁ ଏବଂ ସମ୍ପାଦକ ବିକାଶ କୁମାର ପ୍ରଧାନ ଉପସ୍ଥିତ ରହି ପଦଯାତ୍ରାରେ ସାମିଲ ଥିଲେ। ଆରକ୍ଷୀ ଅଧୀକ୍ଷକ ଅନୁପମା ଜେମ୍ସଙ୍କ ଆଦେଶ ମୁତାବକ ପଦଯାତ୍ରା ପାଇଁ ପୋଲିସ୍ ସୁରକ୍ଷା ଦିଆଯାଇଥିଲା।




ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଅବସରରେ ପଦଯାତ୍ରା ସହର ପରିକ୍ରମା କରୁଛି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

SPOT ADMISSION
B.Ed
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
CT(D.El.Ed)
Equivalent to Board of Secondary Education Odisha
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

Jeevanjyoti Finance
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ
(କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538
8901770631

Vasundra Financial Services
(Govt. Registered)
(Regd. No.:- odhCPR0533821)
ଆଧାରକାର୍ଡ, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଗ୍ରୁପ୍ ଋଣ, କୃଷି ଏବଂ ସବୁ ପ୍ରକାର ଋଣ ସହଜ କିସ୍ତିରେ ସରକାରୀ ବ୍ୟାଙ୍କ ଦ୍ୱାରା ଘରେ ବସି ପାଆନ୍ତୁ 2% ସୁଧ 50% Govt. Subsidy. ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ ।
Mahatab Nagar, Bulandshahr, Sikandrabad, U.P.
8295842976
8295842985

TOWER VISION
(GOVT. APPROVED)
ଭାରତର ନଂ.1 କମ୍ପାନୀ
କମ୍ପାନୀ ଦ୍ୱାରା ସବୁ କମ୍ପାନୀର 3G/4G ଉପକରଣ ଲଗାନ୍ତୁ ।
ଅଗ୍ରିମ 60 ଲକ୍ଷ, ଭଡ଼ା 40,000/-, ଅନ୍ୟାନ୍ୟ ଲାଭ 20,000/- ପାଆନ୍ତୁ ନିଜ ଜମି, ଛାତ, ପ୍ଲଟକୁ ଭଡ଼ାରେ ଦେଇ
+ ବାଇକ୍ + ବୀମା (ଏଜେଣ୍ଟ ଆମନ୍ତ୍ରିତ)
08818956614
09753490869
ରାମ ନଗର ନାରନୋର, ହରିୟାଣା

INDIA'S NO.1 Govt. Approved SLT Company
ଦ୍ୱାରା ଖାଲି ଜମି, ଛାତ, ପ୍ଲଟରେ ସବୁ କମ୍ପାନୀର ଡିଜିଟାଲ ଉପକରଣ ଲଗାନ୍ତୁ । ଅଗ୍ରିମ – 55 ଲକ୍ଷ, ଭଡ଼ା – 65000/- + ଅନ୍ୟାନ୍ୟ ସୁବିଧା + 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ + ବୀମା ମାଗଣା।
(ଦ୍ରଷ୍ଟବ୍ୟ- ସରକାରଙ୍କ ଦ୍ୱାରା 780 ଡିଜିଟାଲ ଉପକରଣ ଲଗାଇବାର ଅନୁମତି)
8750226673
9667741675
T-51, Gali No.8, Gautampuri, Delhi-110053

SMS JOB
SEND SMS, EARN MONEY
AITEL - GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାତ୍ର ୧୦୦ କରି SMS ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ !
କମ୍ପାନୀ ଦ୍ୱାରା Mobile + Laptop + Bike SIM + 5000/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
07367075431
07367075342

Dhanlaxmi Finance Services
ସରକାରଙ୍କ ଦ୍ୱାରା ପଞ୍ଜୀକୃତ
(Reg No.- od6789dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ଗ୍ରୁପ୍ ଋଣ 72 ଘଣ୍ଟାରେ ପାଆନ୍ତୁ ।
1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ ମାତ୍ର 1% ସୁଧ, 40% ରିହାତି।
For more details contact:
9193648139
SATAPADA, PURI, ODISHA - 752011

T.C.F. FINANCE
ଋଣ ମାତ୍ର 6 ଘଣ୍ଟାରେ । ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍, ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି।
08418002678
08859668547
39, Patel Nagar, Saharanpur Road, Dehradun - 248001

SAGAR FINANCE
ଋଣ ଟଙ୍କା ଡାଇରେକ୍ଟ ଟ୍ରାନ୍ସଫର୍ ହେବ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ୭୨ ଘଣ୍ଟା ମଧ୍ୟରେ । ପର୍ସନାଲ, ପ୍ରପର୍ଟି, ଏଗ୍ରିକଲଚର୍, ମାର୍କସିଟ ଭଳି ସମସ୍ତ ପ୍ରକାର ଋଣ ବର୍ଷକୁ 3% ସୁଦ୍ଧରେ ଉପଲବ୍ଧ । ( ଏଜେଣ୍ଟ ଆମନ୍ତ୍ରିତ )
34/5, 1st Floor, Palam Vihar, Gurugram, Haryana
8920535530
8826532451

CTL Digital Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - ୨୦ ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ବାଇକ୍ + ମାସିକ 30,000 ର ଅନ୍ୟାନ୍ୟ ସୁବିଧା। ମହିଳାଙ୍କ ପାଇଁ ବିଶେଷ ରିହାତି । ଏଗ୍ରୀମେଣ୍ଟ ଦେୟ 1750/-
ଠିକଣା:- ମୁଖ୍ୟ କାର୍ଯ୍ୟାଳୟ ଜି-7୨, ଆଦର୍ଶ ନଗର, କ୍ରୋଳବାଗ
Contact :- 7894865978, 7894865768

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free
18001214188
8556894339
Office Add.: 102, Dalamal House, 3rd Floor, Nariman Point, Mumbai

Urbasi
Oil & Capsules
ନାରୀର ସୌନ୍ଦର୍ଯ୍ୟତା ପାଇଁ ବ୍ୟବହାର କରନ୍ତୁ ।
Bhaskar's semegra (Oil & Capsules)
ଶକ୍ତି ବଢ଼ାଇ ଉତ୍ତେଜନା ଆଣି ମସ୍ତିରେ ରଖେ
ସବୁଠାରୁ ଉତ୍ତମ ଓ ସବୁଠାରୁ ଶସ୍ତା
60 Capsul only Rs. 270/-
ସମସ୍ତ ଔଷଧ ଦୋକାନରେ ଉପଲବ୍ଧ ।
Stockist-Odisha Drug Distributor
Cell: 7873239883

BHARATI FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Business, Personal, Property, Home, କୃଷି, ଶିକ୍ଷା ଓ Marksheet ସମସ୍ତ ପ୍ରକାର Loan Bharati Finance ଯୋଗାଇ ଦେଉଛି। 2% ସୁଧ।
M : 7750921669
8337956019

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖୋଲା ଚ୍ୟାଲେଞ୍ଜ
ଯେଉଁଠି ଜ୍ଞାନ ସେଠି ହେବ
A to Z ସମସ୍ୟାର 2 ଘଣ୍ଟାରେ ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ହଜରତ ଉସ୍‌ମାନ୍
21 ବୈଦିକ ବିଦ୍ୟାରେ ନିପୁଣ
9873361894, 9654673664

ଶୁଭ ଜନଲକ୍ଷ୍ମୀ ଫାଇନାନ୍ସ
ଆବଶ୍ୟକତା ଅଛି ଶୁଭ ଜନଲକ୍ଷ୍ମୀ ଫାଇନାନ୍ସ କମ୍ପାନୀକୁ ଓଡ଼ିଶାରେ ଏଜେଣ୍ଟ, ଡିଲର ପଏଣ୍ଟ, ମାଇକ୍ରୋ ଫାଇନାନ୍ସ, ଫିଲଡ୍ ଅଫିସରମାନଙ୍କର, Fixed Salary- 25,000 to 35,000 + କମିଶନ, ଲୋନ, ପର୍ସନାଲ ଲୋନ, ଲୋନ୍ ଏଗ୍ରେଷ୍ଟ ପ୍ରପର୍ଟି ସଂପର୍କ କରନ୍ତୁ।
D2/A, Ambedkar Bhawan Near Paribartan Square, Lucknow, Delhi
9958114799
9667313428

କଣ ଆପଣ ଅସୁବିଧାରେ ଅଛନ୍ତି କି?
ଅଲଇଣ୍ଡିଆ ଖୋଲା ଚାଲେଞ୍ଜ
୨ ଘଣ୍ଟାରେ ୧୦୦% ସମାଧାନ
କାମ ନହେଲେ ଟଙ୍କା ଫେରସ୍ତ
ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ
ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା ସଇତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି ରୋଗରେ ଔଷଧ ନ ଲାଗିବ କ୍ୟାରିୟରରେ ଅସଫଳତା।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି ?
କାନ୍ଦିଲେ ନୁହେଁ ଦେଖାକଲେ କଷ୍ଟ ଦୂରହେବ !
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
ମନଚାହିଁ ବିବାହ, ବ୍ୟବସାୟ, ଗୃହକ୍ଲେଶ, କିୟା କରାୟା, ବିବାହରେ ବାଧା, ସଉତୁଣୀ ଓ ଶତ୍ରୁ ମୁକ୍ତି, ରୋଗରେ ଔଷଧ ନ ଧରିବା, କ୍ୟାରିୟରରେ ଅସଫଳତା, ବଶୀକରଣ, ମୁଠକରଣୀ, ଯାଦୁଟୋଣା, ଭୂତପ୍ରେତ ଆଦି ଜଟିଳ ରୁ ଜଟିଳ ସମସ୍ୟାର ସମାଧାନ ।
(ସ୍ପେଶାଲିଷ୍ଟ- ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ )
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଛି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବସରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336

ଧନଲକ୍ଷ୍ମୀ ଫାଇନାନ୍ସ
!! ବିନା ଗ୍ୟାରେଣ୍ଟର !! ସ୍ୱରୋଜଗାର ପାଇଁ
8ମ/ 10ମ ପାସ୍ ମହିଳା/ପୁରୁଷ
ମାର୍କଶିଟ୍, ବ୍ୟବସାୟ, ଦୋକାନୀ, ପ୍ରପର୍ଟି
2,00,000-25,00,000 ପର୍ଯ୍ୟନ୍ତ
1% ସୁଧ 25% ରିହାତି
20 ବର୍ଷରେ ଫେରସ୍ତ
8448812163
8130564846
Add : - 41/14, Sec-1 Pushp Vihar, Delhi

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |



"ଭାଜପା ସୁଖ ବାଣ୍ଟେ ଓ କଂଗ୍ରେସ ଲୋକଙ୍କୁ ବିଭାଜିତ କରେ। ବିଧାନସଭା ନିର୍ବାଚନ ହେବାକୁ ଥିବା ୫ ରାଜ୍ୟରେ ଛୋଟ ଛୋଟ କଥାକୁ ନେଇ ଲୋକଙ୍କୁ ନିଜ ନିଜ ମଧ୍ୟରେ ଲଢ଼ାଇବା ସହ ଉତ୍ତେଜନା ସୃଷ୍ଟି କରିବ କଂଗ୍ରେସ।"
-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ସଂକ୍ଷେପରେ

### ତୁଷାର ମେହଟା ନୂଆ ସଲିସିଟର ଜେନେରାଲ



**ନୂଆଦିଲ୍ଲୀ,୧୦।୧୦:** ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀ ତଥା ଅତିରିକ୍ତ ସଲିସିଟର ଜେନେରାଲ (ଏଏସ୍‌ଜି) ତୁଷାର ମେହଟାଙ୍କୁ ମିଳିଛି ପଦୋନ୍ନତି। ଦେଶର ସଲିସିଟର ଜେନେରାଲ ଭାବେ ତାଙ୍କୁ ବୁଧବାର ନିଯୁକ୍ତ କରାଯାଇଛି। ଗତବର୍ଷ ଅକ୍ଟୋବର ୨୦ରେ ରଣଜିତ୍ କୁମାର ଇସ୍ତଫା ଦେବା ପରେ ସଲିସିଟର ଜେନେରାଲ ପଦବୀ ଖାଲିପଡ଼ିଥିଲା। ମେହଟାଙ୍କୁ ଏହି ପାହ୍ୟା ଦେବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି। ୨୦୧୪ରୁ ମେହଟା ଏଏସ୍‌ଜି ଭାବେ କାର୍ଯ୍ୟରତ ଅଛନ୍ତି। ଅନେକ ଗୁରୁତ୍ୱପୂର୍ଣ୍ଣ ମାମଲାରେ ସେ ସରକାରଙ୍କ ପକ୍ଷ ରଖିଛନ୍ତି। ଏବେ ସଲିସିଟର ଜେନେରାଲ ଭାବେ ତାଙ୍କ କାର୍ଯ୍ୟକାଳ ୨୦୨୦ ଜୁନ୍ ୩୦ ପର୍ଯ୍ୟନ୍ତ ରହିବ। ପ୍ରକାଶ ଯେ, କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ ଆଇନ ଅଧିକାରୀଙ୍କ ମଧ୍ୟରୁ ସଲିସିଟର ଜେନେରାଲ ହେଉଛନ୍ତି ଦ୍ୱିତୀୟ ସର୍ବୋଚ୍ଚ ପଦବୀଧାରୀ।

### ବସ୍ ଓଲଟି ୫୦ ମୃତ

**ନାଇରୋବି,୧୦।୧୦(ପି.ଟି.):** କେନିଆର କେରଚୋ ସହରରେ ବୁଧବାର ବସ୍ ଓଲଟି ୫୦ ଜଣ ପ୍ରାଣ ହରାଇଥିବାବେଳେ ଅନେକ ଆହତ ହୋଇଛନ୍ତି। ବସ୍‌ଟି ଦେଶର ନାଇରୋବି ସହରରୁ କାକାମେଗା ଆଡ଼କୁ ଯାତ୍ରା କରୁଥିବା ବେଳେ ଭୋର ୪ଟା ବେଳେ ସହରର ଏକ ଗଡ଼ାଣିଆ ରାସ୍ତାରେ ଭାରସାମ୍ୟ ହରାଇ ଓଲଟି ଯାଇଥିଲା। ଆହତଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ବୋଲି ରିଫ୍‌ଟ ଭେଲି ପୋଲିସ ମୁଖ୍ୟ ଫ୍ରାନ୍ସିସ୍ ମୁନ୍ୟାମ୍ବୁ ସୂଚନା ଦେଇଛନ୍ତି।

# କେନ୍ଦ୍ରକୁ ରାଫାଲ ତଥ୍ୟ ମାଗିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୧୦।୧୦(ପି.ଟି.):** ଫ୍ରାନ୍ସ ସହିତ କେଉଁ ପରିସ୍ଥିତିରେ ରାଫାଲ ଚୁକ୍ତି ହୋଇଥିଲା। ଚୁକ୍ତିର ନିଷ୍ପତ୍ତି ପ୍ରକ୍ରିୟା କ'ଣ ଥିଲା ସେନେଇ ସବିଶେଷ ବିବରଣୀ ଏକ ବନ୍ଦ ଲଫାପାରେ ଆସନ୍ତା ୨୯ ତାରିଖ ମଧ୍ୟରେ ସୁପ୍ରିମକୋର୍ଟରେ ଦାଖଲ କରିବେ କେନ୍ଦ୍ର ସରକାର। ସର୍ବୋଚ୍ଚ ଅଦାଲତ ବୁଧବାର କେନ୍ଦ୍ରକୁ ଏସମ୍ପର୍କିତ ତଥ୍ୟ ମାଗିଛନ୍ତି। ତେବେ ରାଫାଲ ଯୁଦ୍ଧ ବିମାନର ମୂଲ୍ୟ ଓ ବୈଷୟିକ ଦିଗକୁ ନେଇ ତଥ୍ୟ ଦରକାର ନାହିଁ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ବୁଧବାର ରାଫାଲ ଚୁକ୍ତିକୁ ନେଇ ଦାଏର ଏକାଧିକ ପିଟିଶନର ଶୁଣାଣି କରିଛନ୍ତି। ଜଷ୍ଟିସ୍ ଏସ୍.କେ. କୌଲ ଏବଂ କେ.ଏମ୍. ଯୋସେଫ୍ ସାମିଲ ଥିବା ଖଣ୍ଡପୀଠ କହିଛନ୍ତି, ୨ ଆଇନଜୀବୀଙ୍କ ପକ୍ଷରୁ ଦାଏର ୨ଟି ଜନସ୍ୱାର୍ଥ ମାମଲା (ପିଆଇଏଲ୍)ରେ ଅଣାଯାଇଥିବା ଦୁର୍ନୀତି ଅଭିଯୋଗକୁ ଅଦାଲତ ବିଚାରକୁ ନେଇ ନାହାନ୍ତି। ତେଣୁ ଏହି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରୁନାହାନ୍ତି। ଶୁଣାଣି ବେଳେ କେନ୍ଦ୍ର ପକ୍ଷରୁ ମାମଲା ପରିଚାଳନା କରୁଥିବା ଆର୍ଟର୍ନି ଜେନେରାଲ କେ.କେ. ବେଣୁଗୋପାଳ ଯୁକ୍ତି ବାଢ଼ିଥିଲେ ଯେ, ଚୁକ୍ତି ସମ୍ପର୍କିତ ସବିଶେଷ ତଥ୍ୟ ଅନ୍ୟ କାହାରିକୁ ଦେଖାଯାଇ ପାରିବ ନାହିଁ। କାରଣ ଏହା ଜାତୀୟ ନିରାପତ୍ତା ଏବଂ ପ୍ରତିରକ୍ଷା ସାମଗ୍ରୀ କିଣା ପ୍ରକ୍ରିୟା ଭଳି ପ୍ରସଙ୍ଗ ସହିତ ଜଡ଼ିତ। ଶେଷରେ ଖଣ୍ଡପୀଠ ରାଫାଲ ଚୁକ୍ତିର ନିଷ୍ପତ୍ତି ପ୍ରକ୍ରିୟା ସମ୍ପର୍କରେ ବନ୍ଦ ଲଫାପା ମଧ୍ୟରେ ୨୯ ତାରିଖ ସୁଦ୍ଧା ତଥ୍ୟ ଦାଖଲ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଆସନ୍ତା ୩୧ରେ ଏହାର ପରବର୍ତ୍ତୀ ଶୁଣାଣି କରିବାକୁ ଦିନ ଧାର୍ଯ୍ୟ କରିଛନ୍ତି। ପ୍ରକାଶ ଯେ, କଂଗ୍ରେସ ରାଫାଲ ଚୁକ୍ତିରେ ଦୁର୍ନୀତି ହୋଇଥିବା ଅଭିଯୋଗ ଆଣି କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କୁ ଘେରିବାରେ ଲାଗିଛି। ଅନୁରୂପ ଭାବେ ଉକ୍ତ ଚୁକ୍ତି ଉପରେ ସ୍ଥଗିତାଦେଶ ଜାରି କରିବା ପାଇଁ ଆଇନଜୀବୀ ବିନୀତ ଧାଣ୍ଡା ଏବଂ ଏମ୍.ଏଲ୍. ଶର୍ମାଙ୍କ ସମେତ ଅନେକ ଆବେଦନକାରୀ ଏକାଧିକ ପିଟିଶନ ସୁପ୍ରିମକୋର୍ଟରେ ଦାଏର କରିଛନ୍ତି।

**ଅଦାଲତଙ୍କ ନିର୍ଦ୍ଦେଶ**
- ଫ୍ରାନ୍ସ ସହ ଚୁକ୍ତି ପ୍ରକ୍ରିୟାର ସବିଶେଷ ବିବରଣୀ ଦିଅ
- ୨୯ ସୁଦ୍ଧା ବନ୍ଦ ଲଫାପାରେ ଦାଖଲ କର ତଥ୍ୟ
- ୩୧ରେ ପରବର୍ତ୍ତୀ ଶୁଣାଣି



## ■ '#ମିଟୂ' ଝଡ଼: ଆକବରଙ୍କ ଇସ୍ତଫା ଦାବିକଲା କଂଗ୍ରେସ

# ଜବାବ ଦିଅ, ନଚେତ୍ ଗାଦି ଛାଡ଼

**ନୂଆଦିଲ୍ଲୀ,୧୦।୧୦(ପି.ଟି.)**

ଉଣେଇଶ ନିର୍ବାଚନ ଯେତିକି ପାଖେଇ ଆସୁଛି କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ସେତିକି ବିବାଦ ଘେରରେ ଛନ୍ଦି ହେଉଛନ୍ତି। ଦେଶବ୍ୟାପୀ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଥିବା '#ମିଟୂ' ଅଭିଯାନରେ କେନ୍ଦ୍ରମନ୍ତ୍ରୀ ତଥା ପୂର୍ବତନ ସମ୍ପାଦକ ଏମ୍.ଜେ. ଆକବରଙ୍କ ନାମ ଯୋଡ଼ିହୋଇଥିବାରୁ ଏବେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ହରଡ଼ଘଣାରେ ପଡ଼ିଯାଇଛି। ଦୁଇ ସାମ୍ବାଦିକା ଆକବରଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିବା ପରେ କଂଗ୍ରେସକୁ ଆକ୍ରମଣ କରିବା ଲାଗି ସାନି ଅସ୍ତ୍ର ମିଳିଯାଇଛି। ଅଭିଯୋଗ ଉପରେ ଆକବର ସନ୍ତୋଷଜନକ ଉତ୍ତର ଦିଅନ୍ତୁ, ନଚେତ୍ ମନ୍ତ୍ରୀପଦରୁ ଇସ୍ତଫା ଦିଅନ୍ତୁ ବୋଲି ବୁଧବାର କଂଗ୍ରେସ ଦାବି କରିଛି। ଏଭଳି ଆରୋପ ଯୋଗୁ ନିନ୍ଦିତ ହେବା ସତ୍ତ୍ୱେ ସରକାର ଚୁପ୍ ବସିଛନ୍ତି। ମୋଦିଙ୍କ କ୍ୟାବିନେଟରେ ପ୍ରମୁଖ ପଦବୀରେ ଥିବା ଦୁଇ ମହିଳା ମନ୍ତ୍ରୀ ସୁଷମା ସ୍ୱରାଜ ଏବଂ ନିର୍ମଳା ସୀଥାରାମନ୍ ମଧ୍ୟ ନୀରବତା ଅବଲମ୍ବନ କରୁଛନ୍ତି।

- ହରଡ଼ ଘଣାରେ ମୋଦି ସରକାର
- ସୁଷମାଙ୍କ ପରେ ସୀଥାରାମନ୍ ବି ଚୁପ
- ଲିଖିତ ଅଭିଯୋଗ ଆଣନ୍ତୁ ପୀଡ଼ିତା: ଏନ୍‌ସିଡବ୍ଲ୍ୟୁ



ଆକବରଙ୍କ କେଲେଙ୍କାରୀ ବିଷୟରେ ପ୍ରଘଟ ହେବା ପରେ ମୋଦି ସରକାରଙ୍କୁ ମହିଳା ବିରୋଧୀ କହି ଆକ୍ଷେପ କରାଯାଉଛି। ଏସବୁ ସତ୍ତ୍ୱେ ମନ୍ତ୍ରୀମାନେ ପାଟି ଫିଟାଉ ନାହାନ୍ତି। ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ଖବରଦାତାଙ୍କ ପ୍ରଶ୍ନକୁ ଏଡ଼ାଇଯିବା ପରେ ବୁଧବାର ପ୍ରତିରକ୍ଷା ମନ୍ତ୍ରୀ ସୀଥାରାମନ୍ ମଧ୍ୟ ସମାନ ପଥ ଆପଣାଇଛନ୍ତି। ଏକ ଟେଲିଭିଜନ ସାକ୍ଷାତ୍‌କାରବେଳେ ଆକବରଙ୍କ ବିରୋଧରେ ଆସିଥିବା ସଙ୍ଗିନ ଅଭିଯୋଗ ଉପରେ ତାଙ୍କୁ ପ୍ରଶ୍ନ କରାଯାଇଥିଲା। କିନ୍ତୁ ଏ ବାବଦରେ କିଛି ମନ୍ତବ୍ୟ ଦେବା ଅନୁଚିତ ବୋଲି ସୀଥାରାମନ୍ ରୋକ୍‌ଠୋକ୍ କହିଛନ୍ତି। କ୍ୟାବିନେଟ ନିଷ୍ପତ୍ତି ସମ୍ପର୍କରେ ବିବୃତି ଦେବାବେଳେ ଆଇନମନ୍ତ୍ରୀ ରବିଶଙ୍କର ପ୍ରସାଦଙ୍କୁ ମଧ୍ୟ ଗଣମାଧ୍ୟମ ପ୍ରତିନିଧି ପ୍ରଶ୍ନବାଣରେ ଛନ୍ଦିଦେଇଥିଲେ। କିନ୍ତୁ '#ମିଟୂ' ଅଭିଯାନ ସମ୍ପର୍କରେ କୌଣସି ଜବାବ ଦେବେ ନାହିଁ ବୋଲି ସେ ସ୍ପଷ୍ଟଭାବେ ମନା କରିଦେଲେ।

ମହିଳାଙ୍କ ସୁରକ୍ଷା ଓ ସମ୍ମାନ ପ୍ରସଙ୍ଗରେ ମୋଦି ସରକାର ଅଡୁଆରେ ପଡ଼ିଯାଇଥିବାବେଳେ ଏହାର ସୁଯୋଗ ନେଇ ଗୋଟିଚାଳନା କରୁଛି କଂଗ୍ରେସ। ସାମ୍ବାଦିକ ଭାବେ କାର୍ଯ୍ୟ କରୁଥିବାବେଳେ ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଆକବର ପୂର୍ବତନ ମହିଳା ସହକର୍ମୀଙ୍କୁ ଯୌନ ନିର୍ଯାତନା ଦେବା ଅତି ନିନ୍ଦନୀୟ ଘଟଣା। ଏଥିପାଇଁ ସେ ଇସ୍ତଫା ଦିଅନ୍ତୁ। ତାଙ୍କ ବିରୋଧରେ ତଦନ୍ତ ମଧ୍ୟ ଆରମ୍ଭ ହେଉ ବୋଲି କଂଗ୍ରେସ ଦାବି କରିଛି। କଂଗ୍ରେସ ମୁଖପାତ୍ର ଏସ୍. ଜୟପାଲ ରେଡ୍ଡୀ ମଧ୍ୟ ସୁଷମାଙ୍କ ନୀରବତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ତେବେ ଏଭଳି ଯୌନ ନିର୍ଯାତନା ଅଭିଯୋଗକୁ ଗୁରୁତ୍ୱର ସହ ଗ୍ରହଣ କରିବା ଉଚିତ ବୋଲି ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ମାନେକା ଗାନ୍ଧୀ କହିଛନ୍ତି। କାହିଁକିନା ଅନେକ ମହିଳା ଭୟରେ ପାଟି ଫିଟାଉ ନାହାନ୍ତି। ମନୋରଞ୍ଜନ ଏବଂ ଗଣମାଧ୍ୟମ ଜଗତରେ ମହିଳାଙ୍କ ପ୍ରତି ବ୍ୟଭିଚାର ପଦାରେ ପଡ଼ିବା ପରେ ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ଉଦ୍‌ବେଗ ପ୍ରକାଶ କରିଛନ୍ତି। କେବଳ ମୌଖିକ ନୁହେଁ, ଲିଖିତ ଆକାରରେ ପୀଡ଼ିତା ଅଭିଯୋଗ ଦାଏର କରନ୍ତୁ ବୋଲି ବୁଧବାର କମିଶନ ପକ୍ଷରୁ କୁହାଯାଇଛି। ବଲିଉଡ୍ ଜଗତର 'ବାବୁଜୀ' ଭାବେ ପରିଚିତ ଆଲୋକ ନାଥଙ୍କ ବିରୋଧରେ ବିନ୍ତା ନନ୍ଦଙ୍କ ପରେ ଆଉ ଜଣେ ମହିଳା ଯୌନ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ସେ ହେଉଛନ୍ତି ଅଭିନେତ୍ରୀ ସନ୍ଧ୍ୟା ମୃଦୁଲ।

## ■ ପୁଣି କାଠଗଡ଼ାରେ ଏଏପି ସରକାର

# ଗେହଲଟଙ୍କ ଘରେ ଆଇଟି ଚଢ଼ାଉ

**ନୂଆଦିଲ୍ଲୀ,୧୦।୧୦(ପି.ଟି.)**

ଟିକସ ଫାଙ୍କି ମାମଲାରେ ସମ୍ପୃକ୍ତି ଅଭିଯୋଗ ଆସିବା ପରେ ଦିଲ୍ଲୀ ପରିବହନ ମନ୍ତ୍ରୀ କୈଳାସ ଗେହଲଟଙ୍କ ଅଡୁଆ ବଢ଼ିଯାଇଛି। ଆୟକର ବିଭାଗ (ଆଇଟିଡି) ପକ୍ଷରୁ ବୁଧବାର ବିଭିନ୍ନ ସ୍ଥାନରେ ଚଢ଼ାଉ ହୋଇଛି। ଗେହଲଟଙ୍କ ବାସଭବନ ଓ ସେ ସମ୍ପୃକ୍ତ ଥିବା ବ୍ୟବସାୟିକ ପ୍ରତିଷ୍ଠାନରେ ତଦନ୍ତ ଅଧିକାରୀ ଛାନ୍‌ଭିନ୍ କରିଛନ୍ତି। ଆଇଟିଡିର କାର୍ଯ୍ୟାନୁଷ୍ଠାନ ପରେ ଦିଲ୍ଲୀର ଏଏପି ସରକାର ମଧ୍ୟ କାଠଗଡ଼ାକୁ ଟାଣିହୋଇଛନ୍ତି। ଦିଲ୍ଲୀ ମନ୍ତ୍ରୀମାନଙ୍କୁ ବାରମ୍ବାର ହଇରାଣ କରୁଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲୋକଙ୍କୁ କ୍ଷମା ପ୍ରାର୍ଥନା କରିବା ଉଚିତ ବୋଲି ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ କହିଛନ୍ତି।

ଗେହଲଟଙ୍କ ପରିବାର ସଦସ୍ୟଙ୍କ ମାଲିକାନାରେ ପରିଚାଳିତ ଦୁଇ ଫାର୍ମ ବ୍ରିସ୍କ ଇନ୍‌ଫ୍ରାଷ୍ଟ୍ରକ୍ଚର ଆଣ୍ଡ ଡେଭଲପର୍ସ ପ୍ରାଇଭେଟ ଲିମିଟେଡ ଏବଂ କର୍ପୋରେଟ ଇଣ୍ଟରନ୍ୟାଶନାଲ ଫାଇନାନ୍ସିଆଲ ସର୍ଭିସେସ୍ ଲିମିଟେଡ ଟିକସ ଫାଙ୍କିଥିବା ଅଭିଯୋଗ ହୋଇଛି। ଏହି ମାମଲାର ତଦନ୍ତ ଜୋରଦାର ଚାଲିଛି। ଉକ୍ତ ଫାର୍ମ ସହ ଗେହଲଟ ମଧ୍ୟ ସମ୍ପୃକ୍ତ ଅଛନ୍ତି।



**ଦିଲ୍ଲୀ ମନ୍ତ୍ରୀଙ୍କୁ ଟାର୍ଗେଟ କରୁଥିବାରୁ ମୋଦି କ୍ଷମା ମାଗନ୍ତୁ: କେଜରିୱାଲ**

ତେଣୁ ସେ ମଧ୍ୟ ତଦନ୍ତ ପରିସରଭୁକ୍ତ ହୋଇଛନ୍ତି। ବୁଧବାର ପୂର୍ବାହ୍ନରେ ପୋଲିସ ଅଧିକାରୀଙ୍କ ସହ ମିଶି ଆୟକର ବିଭାଗର ୬୦ ଜଣିଆ ଟିମ୍ ଦିଲ୍ଲୀ ଏବଂ ନିକଟବର୍ତ୍ତୀ ଗୁଡ଼ଗାଓଁର ୧୬ ସ୍ଥାନରେ ଚଢ଼ାଉ କରିଥିଲେ। ତଦନ୍ତ ଅଧିକାରୀ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ତଲାସ କରିଥିଲେ।

ଏହି ଚଢ଼ାଉ ଘଟଣାକୁ ନେଇ ରାଜନୀତି ଜୋର୍ ଧରିବା ପରେ ଏଏପି ସରକାର କେନ୍ଦ୍ରକୁ ତୀବ୍ର ନିନ୍ଦା କରିଛନ୍ତି। କେବଳ ଗେହଲଟ ନୁହନ୍ତି ସତ୍ୟେନ୍ଦ୍ର ଜୈନ ଏବଂ ମନୀଷ୍ ମଧ୍ୟ ଏଭଳି କାର୍ଯ୍ୟାନୁଷ୍ଠାନର ସାମ୍ନା କରିଛନ୍ତି। କିନ୍ତୁ ମୋଦି ସରକାର ଏଯାଏ କୌଣସି ପ୍ରମାଣ ପାଇନାହାନ୍ତି ବୋଲି କେଜରିୱାଲ କହିଛନ୍ତି।

**ଫୁରସତ**

# ମନେରହେ ୫୦୦୦ ଚେହେରା

**ଲଣ୍ଡନ**

ମଣିଷ ହାରାହାରି ୫୦୦୦ ଚେହେରା ମନେରଖିପାରେ ବୋଲି ବୈଜ୍ଞାନିକମାନେ ସଦ୍ୟ ଏକ ଗବେଷଣାରେ ଦାବି କରିଛନ୍ତି। ନିଜ ବ୍ୟକ୍ତିଗତ ଜୀବନ, କର୍ମକ୍ଷେତ୍ର ହେଉ ଅବା ବିଭିନ୍ନ ଗଣମାଧ୍ୟମରେ ନିତିଦିନିଆ ଭାବେ ଦେଖୁଥିବା କେତେ ଚେହେରା ପ୍ରକୃତରେ ମଣିଷ ମନେରଖିପାରେ ତାହା ଜାଣିବା ଲାଗି ବ୍ରିଟେନ୍‌ର ୟୁନିଭର୍ସିଟି ଅଫ୍ ୟର୍କର ଗବେଷକ ଅଧ୍ୟୟନ ଆରମ୍ଭ କରିଥିଲେ। ୟୁନିଭର୍ସିଟି ଅଫ୍ ୟର୍କର ଗବେଷକ ରୋବ୍ ଜେନ୍‌କିନ୍ସଙ୍କ କହିବାନୁଯାୟୀ, ମଣିଷ ସାଧାରଣତଃ ପ୍ରାୟ ୧୦୦ ଜଣ ଲୋକଙ୍କ ଗୋଷ୍ଠୀ ଭିତରେ ରହିଥାଏ। ଏହାସତ୍ତ୍ୱେ ଆଧୁନିକ ଦୁନିଆରେ ଦେଖୁଥିବା ୫୦୦୦ ଚେହେରାକୁ ସ୍ମରଣ କରିପାରେ। ଭିନ୍ନ ଭିନ୍ନ ଚେହେରାକୁ ଚିହ୍ନିପାରିବା ପ୍ରକୃତରେ ଗୁରୁତ୍ୱପୂର୍ଣ୍ଣ ବିଷୟ। ଏହା ମଣିଷକୁ ଅନ୍ୟ ଜଣଙ୍କର ବ୍ୟବହାର ସମ୍ପର୍କିତ ତଥ୍ୟ ମନେରଖିବା ଲାଗି ସହଯୋଗୀ ହୋଇଥାଏ। ଏହା



ଜରିଆରେ ଜଣେ ବ୍ୟକ୍ତି ଅନ୍ୟ ଜଣଙ୍କ ପ୍ରତି ନିଜ ବ୍ୟବହାର ନିର୍ଦ୍ଧାରଣ କରିଥାଏ। ତେବେ ଏହି ଗବେଷଣାରେ ମଣିଷ କେତେ ଚେହେରା ମନେ ରଖିପାରେ ତାହା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ଏହାର ସ୍ପଷ୍ଟ ଚିତ୍ର ତଥ୍ୟ ଏପର୍ଯ୍ୟନ୍ତ ମିଳିପାରି ନ ଥିଲେ ସୁଦ୍ଧା ଗବେଷଣା ଫଳାଫଳ ଆଧାରରେ ମଣିଷ ହାରାହାରି ୫୦୦୦ ଚେହେରା ମନେରଖିପାରେ ବୋଲି ଗ୍ରହଣ କରାଯାଇଥିବା ଜେନ୍‌କିନ୍ସ ପ୍ରକାଶ କରିଛନ୍ତି।

ଗବେଷଣାରେ ଭାଗ ନେଇଥିବା ଲୋକଙ୍କୁ ନିଜ ମନେରଖିଥିବା ଚେହେରା ନାମ ଲେଖିବା ଲାଗି କୁହାଯାଇଥିଲା। ଏଥିଲାଗି ସେମାନଙ୍କୁ ଏକ ଘଣ୍ଟା ସମୟ ଦିଆଯାଇଥିଲା। ବ୍ୟକ୍ତିଗତ ଜୀବନଠୁ ଆରମ୍ଭ କରି ରାଜନେତା, ଅଭିନେତା ଏବଂ ଚର୍ଚ୍ଚିତ ବ୍ୟକ୍ତିଙ୍କ ନାମ ଲେଖିବାକୁ କୁହାଯାଇଥିଲା। ଆତ୍ମୀୟ ସ୍ୱଜନଙ୍କ ସମେତ ସ୍କୁଲ, କଲେଜର ପରିଚିତଙ୍କ ଚେହେରା ମନେପକାଇବାକୁ କୁହାଯାଇଥିଲା। ପ୍ରଥମେ ସେମାନେ ଅନେକ ନା ଲେଖିଥିଲେ। କିନ୍ତୁ ଘଣ୍ଟାଏ ଶେଷ ହେବା ବେଳକୁ ଚେହେରା ସ୍ମରଣ କରିବା ସେମାନଙ୍କ ପକ୍ଷେ ସାମାନ୍ୟ କଷ୍ଟକର ହୋଇପଡ଼ିଥିଲା। ଶେଷରେ ସେମାନଙ୍କୁ କିଛି ଲୋକଙ୍କ ଦୁଇଟି ଲେଖାଏ ପୃଥକ୍ ଫଟୋ ମଧ୍ୟ ଦେଖା ଯାଇଥିଲା। ଇତିମଧ୍ୟରେ ସେମାନେ ୧୦୦୦ରୁ ୫୦୦୦ ଚେହେରା ସ୍ମରଣ କରିପାରେ ସଫଳ ହୋଇଥିଲେ ବୋଲି ଜେନ୍‌କିନ୍ସ କହିଛନ୍ତି।

## ■ ସିଆର୍‌ଆଇ ସୂଚକାଙ୍କ: ୧୪୭ ସ୍ଥାନରେ ଭାରତ

# ଅସମାନତାକୁ ନିଘା ନାହିଁ

**ଲଣ୍ଡନ**

ନିଜ ନାଗରିକଙ୍କ ମଧ୍ୟରେ ଅସମାନତା ହ୍ରାସ କରିବାରେ ବହୁ ପଛରେ ରହିଛି ଭାରତ। ଏହାକୁ ଦୂରକରିବା ଲାଗି ନୂଆଦିଲ୍ଲୀ ଦେଶବାସୀଙ୍କୁ ପ୍ରତିଶ୍ରୁତି ଦେଇପାରୁ ନାହିଁ। ଅସମାନତା ଦୂରୀକରଣ ପାଇଁ ପ୍ରତିଶ୍ରୁତିବଦ୍ଧତା (କମିଟ୍‌ମେଣ୍ଟ ଟୁ ରିଡ୍ୟୁସିଂ ଇନ୍‌ଇକ୍ୱାଲିଟି ବା ସିଆର୍‌ଆଇ) ସୂଚକାଙ୍କରେ ନିମ୍ନରୁ ୧୧ ଦେଶ ମଧ୍ୟରେ ରହିଛି ଭାରତ। ନିଜ ଦେଶର ନାଗରିକଙ୍କ ମଧ୍ୟରେ ଅସମାନତା ଦୂରକରିବା ଲାଗି ବିଶ୍ୱର କେଉଁ ଦେଶ କେତେ ପ୍ରତିଶ୍ରୁତିବଦ୍ଧ ତାହା ଜାଣିବା ଲାଗି ବ୍ରିଟେନ୍‌ର ଜନକଲ୍ୟାଣକାରୀ ସଙ୍ଗଠନ ଅକ୍ସଫାମ୍ ଇଣ୍ଟରନ୍ୟାଶନାଲ ପକ୍ଷରୁ ୧୫୭ ଦେଶରେ ଅଧ୍ୟୟନ କରାଯାଇଥିଲା। ମଙ୍ଗଳବାର ପ୍ରକାଶିତ ଅକ୍ସଫାମ୍‌ର ସିଆର୍‌ଆଇ ରିପୋର୍ଟରେ ଉଲ୍ଲେଖ ରହିଛି ଯେ, ଅସମାନତା ଦୂରକରିବା ଲାଗି ଭାରତର ପ୍ରତିଶ୍ରୁତିବଦ୍ଧତା ଅତ୍ୟନ୍ତ ଚିନ୍ତାଜନକ। ସୂଚକାଙ୍କରେ ୧୫୭ ଦେଶ ମଧ୍ୟରୁ ଭାରତ ୧୪୭ତମ ସ୍ଥାନରେ



ରହିଛି। ୧୩୦ କୋଟି ଜନସାଧାରଣଙ୍କ ବାସସ୍ଥଳୀ ଏହି ଦେଶରେ ଅନେକ ଲୋକ ଚରମ ଦାରିଦ୍ର୍ୟ ପଙ୍କରେ ବୁଡ଼ି ରହିଛନ୍ତି। ଭାରତ ଯଦି ନିଜ ଦେଶରେ ଏକତୃତୀୟାଂଶ ଦରିଦ୍ରତା ଦୂର କରିବ ତା'ହେଲେ ୧୭ କୋଟି ଲୋକ ଗରିବୀରୁ ମୁକ୍ତି ପାଇପାରିବେ। ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ସାମାଜିକ ସୁରକ୍ଷା କ୍ଷେତ୍ରରେ ସରକାରଙ୍କ ଦୂରଦୃଷ୍ଟି କମ ରହୁଛି। ସରକାର କିନ୍ତୁ ଘରୋଇ କ୍ଷେତ୍ରକୁ ଅଧିକ ଛାଡ଼ ଏବଂ ସୁବିଧା ସୁଯୋଗ ଦେଉଛନ୍ତି। ସେପଟେ ଖର୍ଚ୍ଚ ବଢ଼ାଇବା ଲାଗି ନାଗରିକ ସମାଜ ଅନବରତ ଅଭିଯାନ ଚଳାଇଛି ବୋଲି ରିପୋର୍ଟରେ ସ୍ପଷ୍ଟ କରାଯାଇଛି।

ଅସମାନତା ଦୂର କରିବାରେ ପଦକ୍ଷେପ ନେବା ପାଇଁ ଦକ୍ଷିଣ କୋରିଆ, ନାମ୍ବିଆ, ଉରୁଗୁଏ ଭଳି ଦେଶ ବେଶ୍ ଆଗରେ ରହିଛନ୍ତି। କିନ୍ତୁ ଭାରତ ଏବଂ ନାଇଜେରିଆରେ ସ୍ଥିତି ଅତ୍ୟନ୍ତ ନିରାଶାଜନକ। ଧନୀରାଷ୍ଟ୍ର ମଧ୍ୟରେ ଆମେରିକାର ଉଦ୍ୟମର ଅଭାବ ରହିଛି। ସିଆର୍‌ଆଇ ସୂଚକାଙ୍କରେ ସବା ଆଗରେ ରହିଛି ଡେନ୍‌ମାର୍କ। ଏଠାକାର ସର୍ବାଧିକ ଏବଂ ପ୍ରଗତିଶୀଳ ଟିକସ ବ୍ୟବସ୍ଥା, ଲୋକଙ୍କ ଉପରେ ଅଧିକ ଖର୍ଚ୍ଚ ଏବଂ କର୍ମଚାରୀଙ୍କ ସୁରକ୍ଷା ଦିଗରେ ଡେନିଶ୍ ସରକାରଙ୍କ ପଦକ୍ଷେପ ଯୋଗୁ ଏହା ସମ୍ଭବ ହୋଇଛି ବୋଲି ସୂଚକାଙ୍କରେ କୁହାଯାଇଛି। ଏସୀୟ ରାଷ୍ଟ୍ରଗୁଡ଼ିକରେ ଜାପାନ ରହିଛି ସବା ଆଗରେ। ଇଥିଓପିଆ ୧୩ତମ ସ୍ଥାନରେ ଥିବାବେଳେ ଚିଲି ୩୫, ଦକ୍ଷିଣ କୋରିଆ ୫୬, ଇଣ୍ଡୋନେସିଆ ୯୦ତମ ସ୍ଥାନରେ ରହିଛି।

## ଇତିହାସର ଆଇନାରେ

### ଅକ୍ଟୋବର ୧୧ର ପ୍ରମୁଖ ଘଟଣା

୧୯୮୭ ଅକ୍ଟୋବର ୧୧ରେ ଭାରତୀୟ ଶାନ୍ତି ସେନା (ଆଇପିକେଏଫ୍) ଶ୍ରୀଲଙ୍କାରେ ଅପରେଶନ୍ ପୱନ୍ ଆରମ୍ଭ କରିଥିଲା। ବହୁବର୍ଷ ଧରି ଦେଶରେ ହତ୍ୟା ଓ ଅପରାଧ ଘଟାଇ ଚାଲିଥିବା ଲିବରେଶନ୍ ଟାଇଗର୍ସ ଅଫ୍ ତାମିଲ୍ ଇଲମ୍ (ଏଲ୍‌ଟିଟିଇ) କବଳରୁ ଜାଫ୍‌ନାକୁ ମୁକ୍ତକରିବା ଉଦ୍ଦେଶ୍ୟରେ ଭାରତୀୟ ଶାନ୍ତି ସେନା ଯେଉଁ ସାମରିକ ଅଭିଯାନ ଆରମ୍ଭ କରିଥିଲା ତାହାର କୋଡ୍ ନାମ ଥିଲା ଅପରେଶନ୍ ପୱନ୍।

୧୯୬୮ ଅକ୍ଟୋବର ୧୧ରେ ଆମେରିକା ମହାକାଶ ଗବେଷଣା ସଂସ୍ଥା ନାସା ପକ୍ଷରୁ ଆପୋଲୋ-୭ ମହାକାଶ ଯାନ ପଠାଇଥିଲା। ଏହା ଆପୋଲୋ ଅଭିଯାନ ପ୍ରଥମ ସଫଳ ମାନବବାହୀ ମିଶନ୍। ଫ୍ଲୋରିଡାର କେପ୍ କେନେଡି ମହାକାଶ ଉତ୍‌କ୍ଷେପଣ କେନ୍ଦ୍ରରୁ ଏହାକୁ ଛଡ଼ାଯାଇଥିଲା। ୩ ମହାକାଶଚାରୀ ଏଥିରେ ଯାଇଥିଲେ।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଧିକାଂଶ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ–**ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବା ସହ ପ୍ରବଳ ବର୍ଷା ହୋଇପାରେ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୬ ଡିଗ୍ରୀ ଏବଂ ସର୍ବନିମ୍ନ ୨୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୪.୪ | ୨୨.୬ |
| ଚାନ୍ଦବାଲି | ୨୬.୨ | ୨୪.୪ |
| କଟକ | ୨୪.୮ | ୨୧.୮ |
| ପାରାଦ୍ୱୀପ | ୨୭.୩ | ୨୪.୩ |
| ଭୁବନେଶ୍ୱର | ୨୪.୯ | ୨୩.୭ |
| ଗୋପାଳପୁର | ୨୬.୨ | ୨୪.୩ |
| ପୁରୀ | ୨୫.୫ | ୨୩.୬ |
| ଅନୁଗୋଳ | ୩୨.୧ | ୨୧.୦ |
| ବାରିପଦା | ୨୬.୬ | ୨୪.୬ |
| ଝାରସୁଗୁଡ଼ା | ୩୨.୦ | ୧୯.୫ |
| କେନ୍ଦୁଝର | ୨୪.୬ | ୧୯.୭ |
| ସମ୍ବଲପୁର | ୩୨.୭ | ୨୧.୫ |
| ସୁନ୍ଦରଗଡ଼ | --- | --- |
| ହୀରାକୁଦ | ୩୩.୩ | ୨୨.୨ |
| ତାଲଚେର | ୨୯.୫ | ୨୩.୩ |
| ଭବାନୀପାଟଣା | ୨୯.୦ | ୧୯.୦ |
| ବଲାଙ୍ଗୀର | ୩୨.୨ | ୨୦.୦ |
| କୋରାପୁଟ | ୨୭.୨ | ୧୫.୬ |
| ଫୁଲବାଣୀ | ୨୬.୦ | ୧୬.୪ |
| ଟିଟିଲାଗଡ଼ | ୩୧.୦ | ୨୦.୦ |
| ମାଲକାନଗିରି | ୩୨.୦ | --- |
| ସୋନପୁର | ୩୦.୦ | ୨୩.୪ |
| ଦାରିଙ୍ଗିବାଡ଼ି | --- | ୧୮.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ଶ୍ରୀଦେବୀ ଭୂମିକାରେ ରାକୁଲ୍

**ମୁମ୍ବାଇ:**ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଏନ୍.ଟି. ରାମା ରାଓଙ୍କ ଜୀବନ କାହାଣୀକୁ ନେଇ ନିର୍ମାଣ ଚାଲିଛି ଫିଚର୍ ଫିଲ୍ମ। ଏହାର ନାମ ରଖାଯାଇଛି 'କଥାନାୟକୁଡୁ'। ଫିଲ୍ମର ଆଉ ଏକ ଛବି ବୁଧବାର ରିଲିଜ୍ ହୋଇଛି। ବଲିଉଡ୍‌ର ଚାନ୍ଦନୀ ତଥା ଚୁଲ୍‌ବୁଲି ନାୟିକା ଶ୍ରୀଦେବୀଙ୍କ ଫାଷ୍ଟ ଲୁକ୍‌କୁ ଏଥିରେ ଦେଖିବାକୁ ମିଳିଛି। 'କଥାନାୟକୁଡୁ'ରେ ଶ୍ରୀଦେବୀ ଭୂମିକାରେ ଅଭିନୟ କରିବାକୁ ଯାଉଛନ୍ତି ରାକୁଲପ୍ରୀତ୍। ନିଜେ ରାକୁଲ୍ ଏହାକୁ ଟୁଇଟର୍‌ରେ ଶେୟାର୍ କରିଛନ୍ତି। ଦର୍ଶକେ ପସନ୍ଦ କରିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

ବହୁ ପ୍ରତୀକ୍ଷିତ ଏନ୍‌ଟିଆର୍‌ଙ୍କ ବାୟୋପିକ୍‌ରେ ନିଜ ଭୂମିକା ସମ୍ପର୍କରେ ଏକ ସାକ୍ଷାତ୍‌କାରରେ ରାକୁଲ କହିଛନ୍ତି, ଏପର୍ଯ୍ୟନ୍ତ ଯାହାକିଛି ଚରିତ୍ରରେ ଅଭିନୟ କରିଛନ୍ତି ସେ ସବୁଠୁ ଏହି ଚରିତ୍ର ଭିନ୍ନ ଏବଂ ଚ୍ୟାଲେଞ୍ଜ୍ ଭରା। କାରଣ ଶ୍ରୀଦେବୀ ହେଉଛନ୍ତି ଜଣେ କିମ୍ବଦନ୍ତୀ କଳାକାର। ତାଙ୍କୁ କୋଟି କୋଟି ସିନେପ୍ରେମୀ ଭଲ ପାଉଥିଲେ ଏବଂ ପାଉଛନ୍ତି। ସେ ନିଜେ ମଧ୍ୟ ଶ୍ରୀଦେବୀଙ୍କ ବଡ଼ ଫ୍ୟାନ୍ ଏବଂ ବଲିଉଡ୍‌ର ମହାନାୟିକାଙ୍କ ଚରିତ୍ର ପରଦାରେ ରୂପାନ୍ତରିତ କରିବା ତାଙ୍କ ପାଇଁ ଦାୟିତ୍ୱର ବିଷୟ। ନିର୍ମାତା, ନିର୍ଦ୍ଦେଶକ ତାଙ୍କ ଉପରେ ଯେଉଁ ବିଶ୍ୱାସ ପ୍ରକାଶ କରିଛନ୍ତି ଏବଂ ଯେଉଁ ଦାୟିତ୍ୱ ଦେଇଛନ୍ତି ତାହା ପୂର୍ଣ୍ଣ କରିପାରିବେ ବୋଲି ରାକୁଲ୍ ଆଶା ରଖିଛନ୍ତି। କ୍ରିଶ୍‌ଙ୍କ ନିର୍ଦ୍ଦେଶନାରେ ତିଆରି ଚାଲିଥିବା 'କଥାନାୟକୁଡୁ'ରେ ଏନ୍‌ଟିଆର୍ ଭୂମିକାରେ ଅଭିନୟ କରିଛନ୍ତି ନନ୍ଦାମୁରୀ ବାଲକ୍ରିଷ୍ଣା। ଏହି ଫିଲ୍ମ ଜରିଆରେ ଅଭିନେତ୍ରୀ ବିଦ୍ୟା ବାଲାନ୍ ତେଲୁଗୁ ଫିଲ୍ମ ଜଗତରେ ପଦାର୍ପଣ କରିବାକୁ ଯାଉଛନ୍ତି। ରାଣା ଦୁଗ୍ଗୁବତୀ ଏବଂ ସୁମନ୍ତଙ୍କୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ଫିଲ୍ମଟି ୨୦୧୯ ଜାନୁୟାରୀ ୯ରେ ମୁକ୍ତିଲାଭ କରିବ।



# କୂଅରୁ ମିଳିଲା ୪ ଭାଇଙ୍କ ମୃତଦେହ

ଭୋପାଳ,୧୦।୧୦

ମଧ୍ୟପ୍ରଦେଶରେ ବୁଧବାର ସମସ୍ତଙ୍କୁ ଚକିତ କରିଦେବା ଭଳି ଏକ ଘଟଣା ସାମ୍ନାକୁ ଆସିଛି। ବରୱାଣି ଜିଲା ସେନ୍ଧୱା ଗ୍ରାମର ଏକ କୂଅରୁ ୫ ଭାଇଙ୍କ ମୃତଦେହ ଉଦ୍ଧାର କରାଯାଇଛି। ପୋଲିସ ମୃତଦେହଗୁଡ଼ିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ବରୱାଣି ଜିଲାସ୍ଥିତ ଚିଖ୍‌ଲି ଗ୍ରାମର ଭତାର ସିଂ ପଡ଼ୋଶୀ ରାଜ୍ୟ ମହାରାଷ୍ଟ୍ରରେ ଶ୍ରମିକ ଭାବେ କାମ କରନ୍ତି। ତାଙ୍କର ଦୁଇଜଣ ସ୍ତ୍ରୀ। ପ୍ରଥମ ସ୍ତ୍ରୀ ସୁଙ୍ଗିବାଈଙ୍କ ୪ ଓ ଦ୍ୱିତୀୟ ସ୍ତ୍ରୀ ସୁନୀତାଙ୍କ ଜଣେ ପୁଅ। ୫ ଭାଇଙ୍କ ବୟସ ୩ରୁ ୭ ବର୍ଷ ମଧ୍ୟରେ। ଚିଖ୍‌ଲିଠାରୁ ଦେଢ଼ କି.ମି. ଦୂରରେ ଅବସ୍ଥିତ ଏକ ଖୋଲା କୂଅରେ ବୁଧବାର ସକାଳ ୬ଟାରେ ୫ ଭାଇଙ୍କ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖିବା ପରେ ପୋଲିସକୁ ଖବର ଦେଇଥିଲେ। ସେନ୍ଧୱା ରୁରାଲ୍ ପୋଲିସ ସେଠାରେ ପହଞ୍ଚି ମୃତଦେହଗୁଡ଼ିକୁ କୂଅରୁ ବାହାର କରିଛି। ଏହି ଘଟଣା ସାମ୍ନାକୁ ଆସିବା ପରେ

### ହତ୍ୟା ପରେ ଫିଙ୍ଗି ଦିଆଯାଇଥିବା ସନ୍ଦେହ

ଭତାର ଓ ତାଙ୍କର ପ୍ରଥମ ସ୍ତ୍ରୀ ସୁଙ୍ଗିବାଈ ରହସ୍ୟଜନକ ଭାବେ ଉଭାନ ହୋଇଯାଇଛନ୍ତି। ସାନ ସ୍ତ୍ରୀ ସୁନୀତା ଏଥିରେ ମର୍ମାହତ ହୋଇ ପୋଲିସକୁ ନିଜ ବୟାନ ଦେଇପାରି ନାହାନ୍ତି। ଭତାର ସିଂ ଓ ତାଙ୍କ ଦୁଇ ସ୍ତ୍ରୀଙ୍କ ମଧ୍ୟରେ ବିବାଦ ଏହି ହତ୍ୟାକାଣ୍ଡର କାରଣ ବୋଲି ପୋଲିସ ଆଶଙ୍କା କରୁଛି। ଭାଇମାନଙ୍କୁ ତଣ୍ଟିଚିପି କିମ୍ବା ପିଟିପିଟି ହତ୍ୟାକରିବା ପରେ କୂଅକୁ ଫିଙ୍ଗି ଦିଆଯାଇଛି ନା ଅନ୍ୟ କୌଣସି ପ୍ରକାରେ ଏଭଳି କାଣ୍ଡ ଭିଆଯାଇଛି ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ତାହା ସ୍ପଷ୍ଟ ହେବ ବୋଲି ସେନ୍ଧୱା ରୁରାଲ୍ ଥାନା ଅଧିକାରୀ ଦୀନେଶ ଚୌହାନ କହିଛନ୍ତି। ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କ କ୍ୟାବିନେଟରେ ମନ୍ତ୍ରୀ ଥିବା ସ୍ଥାନୀୟ ବିଧାୟକ ଅନ୍ତର ସିଂ ଆର୍ଯ୍ୟ ଉକ୍ତ ଗ୍ରାମକୁ ପରିଦର୍ଶନରେ ଯାଇଥିବା ଜଣାପଡ଼ିଛି।

idco Your power to grow ISO 9001 & 14001 CORPORATION | ODISHA NEW OPPORTUNITIES
**ODISHA INDUSTRIAL INFRASTRUCTURE DEVELOPMENT CORPORATION**
*(A Government of Odisha Undertaking)*
IDCO Towers, Janpath, Bhubaneswar - 751022

OFFICE OF THE CHIEF GENERAL MANAGER (P&C) IDCO, IDCO TOWER, BHUBANESWAR.
Tender Call Notice No. HO/P&C/T&E-E-1347/04/2018/ 20608 DT: 06.10.2018

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**Name of the Work:** Construction of 2x8MVA, 33/11KV e-substation (GIS type) and 500KVA, 11/0.4KV compact substation with 33KV and 11KV Cable laying for power supply to Electronics park at Infocity-II, Janla, Dist: Khordha.

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| CGM (P&C), IDCO, IDCO Towers, Janpath, Bhubaneswar | Bid ID No.P&C/ EST/E-64/2018-19 | 11.00 Hours of dt.12.10.2018 | 17.00 Hours of dt. 29.10.2018 |

Further details can be seen from the e-procurement portal. **www.tendersodisha.gov.in** . Corrigendum or Addendum, if any will not be published in newspapers and can be seen in **e-procurement portal** as well as in **IDCO website**.

Sd/-
**Chief General Manager (P&C)**
**IDCO, Bhubaneswar**

# DISTRICT OFFICE, CUTTACK

## Land Acquisition Officer (NH) and Competent Authority, Cuttack

## PUBLIC NOTICE

In exercise of the powers vested under Section 3D (1) and (2) of National Highways Act 1956 (48 of 1956) the Central Government vide their Gazette Notification No. **S.O. 4132(E), Dated 21st August, 2018** have acquired the lands indicated in the Schedule here under for building (Widening/4 laning etc.) maintenance, management and operation of National Highway No. 55 on the Stretch of land from Km. 0 to Km. 28 in District of CUTTACK in the State of Odisha.

Under the provisions of Section 3G(1), (2), (3) & (4) of the National Highways Act. 1956 (48 of 1956) it is hereby informed to the land owners and other interested persons whose lands are acquired for building (Widening/ 6 laning etc.) maintenance, management and operation of National Highway No. 55 on the Stretch of land from Km. 0 to Km. 28 in District of CUTTACK in the State of Odisha; to appear and to submit their claims along with the copies of the relevant documents VIZ, (1) Sale/Partition/Other Deeds of Title. (2) Mutations orders and Rent Receipt. (3) Conversion Certificate etc. in person or through Agents or through Advocates in the place and on the date as indicated under, to the Land Acquisition Officer and Competent Authority, NH-55 Project, Cuttack and to State their respective interest on such lands.

**Sd/- Land Acquisition Officer (NH-55) &**
**Competent Authority, Cuttack**

| Sl. No. | Name of the District | Name of the Tahasil | Name of the Village | Date & Time | The place where the land owners/ interested persons have to appear and submit their claims |
|---|---|---|---|---|---|
| 01 | Cuttack | Athagad | 1. Bali<br>2. Kuspangi<br>3. Purusottampur<br>4. Radhakrishnapur<br>5. Rampei | 25.10.18 on the working hours | Land Acquisition (NH-55) Cell, Office of the Collector, Cuttack |
| 02 | Cuttack | Tangi | 1. Gopalpur<br>2. Indranipatana Alias Goukhana<br>3. Manguli | 26.10.18 on the working hours | |

**MINISTRY OF ROAD TRANSPORT AND HIGHWAYS**

**NOTIFICATION**

**New Delhi, the 21st August 2018**

**S.O. 4132 (E)** – Whereas by the notification of the Government of India in the Ministry of Road Transport and Highways published in the Gazette of India, Extraordinary, Part II, Section 3, Sub-section (ii) issued under sub-section (1) of section 3A of the National Highways Act, 1956 (48 of 1956) (hereinafter referred to as the said Act), the Central Government declared its intention to acquire the land specified in the Schedule annexed to the said notification for building (widening / 4 laning, etc.), maintenance, management and operation of National Highway No.55 on the stretch of land from Km. 0 to Km 28 in District of CUTTACK in the State of ODISHA;

And whereas, the substance of the said notification has been published in "Prameya" and "Pragativadi" both dated 24th April, 2018, under sub-section (3) of section 3A of the said Act;

And whereas, objections have been received and the same have been considered and disallowed by the competent authority;

And whereas, in pursuance of the sub-section (1) of section 3D of the said Act, the competent authority has submitted its report to the Central Government;

Now, therefore, upon receipt of the said report of the competent authority and in exercise of the powers conferred by sub-section(1) of section 3D of the said Act, the Central Government hereby declares that the land specified in the said Schedule annexed hereto should be acquired for the aforesaid purpose;

And, further, in pursuance of sub-section (2) of section 3D of the said Act, the Central Government hereby declares that on publication of this notification in the Official Gazette, the land specified in the said Schedule shall vest absolutely in the Central Government, free from all encumbrances.

**SCHEDULE**

**Brief description of the land to be acquired with or without structure falling within the stretch of land from Km. 0 to Km.28 of the NH-55 in District of CUTTACK in the State of Odisha.**

| Sl. No. | Survey Number | Type of land | Nature of land | Area in Hectre | Name of the land owner/ interested person / Part Survey No. |
|---|---|---|---|---|---|
| 1 | 2 | 3 | 4 | 5 | 6 |
| TALUK : ATHAGAD VILLAGE : BALI | | | | | |
| 1 | 1452 | Government | Gochar | 1.073 | Rakhita Khata No. 486 1452 |
| VILLAGE : KUSPANGI | | | | | |
| 2 | 1044 | Private | Gharabari | 0.04 | Sri Jagannath Mahaprabhu Bije Nijigaon Sebayat Odisha Hindu Endowment Marfat Jaganath Das, Raghunath Das, Sitaram Das, S/o- Anandi Das of Nigigaon, 1044 |
| 3 | 653 | Private | Sarad-II | 0.04 | Adhikari Behera, S/o Kanhu Behera of Godipatna, 653 |
| 4 | 722 | Private | Sarad dofasal-II | 0.028 | Trailokyanath Pradhan, S/o- Nidhi Pradhan of Kuspangi, 722 |
| 5 | 980 | Private | Gharabari | 0.028 | Sri Jagannath Mahaprabhu Bije Nijigaon Sebayat Odisha Hindu Endowment Marfat Jaganath Das, Raghunath Das, Sitaram Das, S/o- Anandi Das of Nigigaon, 980 |
| VILLAGE : PURUSOTTAMPUR | | | | | |
| 6 | 151/352 | Private | Bari | 0.02 | Khirodini Tripathy, W/o Gopabandhu Tripathy of Nijigaon, 151/352 |
| 7 | 184 | Private | Goda-I | 0.105 | Sanjay Kumar Sahoo, S/o Ganeswar Sahoo of Mansinghpatna hal sakil Purusottampur, 184 |
| VILLAGE : RADHAKRISHNAPUR | | | | | |
| 8 | 17 | Government | Nayanjori | 0.834 | P.W.D. Khata No. 57, 17 |
| 9 | 18 | Government | Sadak | 0.773 | P.W.D. Khata No. 57, - 18 |
| 10 | 19 | Government | Nayanjori | 0.332 | P.W.D. Khata No. 57 - 19 |
| 11 | 43 | Private | Sarad-II | 0.036 | Biswajit Dasgupta S/o Anutosh Dasgupta of Radhakrushnapur-43 |
| 12 | 7/373 | Government | Nayanjori | 0.109 | P.W.D. Khata No. 57 - 7/373 |
| VILLAGE : RAMPEI | | | | | |
| 13 | 1063 | Private | Sarad-II | 0.008 | Pranaya Kumar Pattanaik S/o- Sachidananda Pattanaik of Rampei - 1063 |
| 14 | 1323 | Private | Sarada - III | 0.097 | Bidhubhusan Patra S/o Joginath Patra of Rampei - 1323 |
| 15 | 1326/1825 | Private | Taila | 0.162 | Swami Shree Nigamananda Paramhansa Saraswati Sangha Dev Nilachal Saraswati Sangha Puri Marfat Mulavisikta Sampadaka Umesh Chandra Samantaray- 1326/1825 |
| 16 | 1334 | Government | Nayanjori | 0.008 | P.W.D. Khata No. 554 - 1334 |
| 17 | 1335 | Government | Sadak | 0.016 | P.W.D. Khata No. 554-1335 |
| 18 | 1336 | Government | Nayanjori | 0.012 | P.W.D. Khata No. 544-1336 |
| 19 | 1408 | Private | Bari | 0.016 | Rajkishore Samantray S/o- Nabina Paikaray Srinabash Samantray S/o-Niladri Samantaray of Nijigaon - 1408 |
| 20 | 1418 | Private | Gharabari | 0.044 | Natabar Jena S/o-Jagyansen Jena of Rampei - 1418 |
| 21 | 463 | Private | Gharabari | 0.016 | Binod Kumar, Roul Baishnav Roul, Dhadi Roul S/o- Bhaiga Roul, Kailash Chandra Roul S/o- Anand Roul of Nijigaon - 463 |
| 22 | 465/1732 | Private | Sarad - II | 0.012 | Krushna Chandra Bej S/o Dhoba Bej of Rampei - 465/ 1732 |
| 23 | 679 | Government | Nayanjori | 0.016 | P.W.D. Khata No. 554/ 679 |
| 24 | 680 | Government | Sadak | 0.02 | P.W.D. Khata No. 554 / 680 |
| | Taluk : Tangi | | | | |
| | Village : Gopalpur | | | | |
| 1 | 565 | Government | Patia | 0.012 | Govt. Khata No. 148 / 565 |
| 2 | 568 | Government | Patia | 0.057 | Govt. Khata No. 148 / 568 |
| 3 | 570 | Private | Gharabari | 0.044 | Sarawati Nayak W/o - Anjan Kumar Nayak of Natuadanda PS- Konark Puri - 570 |
| 4 | 642 | Private | Gharabari | 0.028 | Bulu Behera S/o - Harekrishna Behera of Sikharpur Nadikula Sahi PS- Chauliaganja - 642 |
| 5 | 665 | Government | Nayanjori | 0.951 | P.W.D. Khata No. 151 / 665 |
| 6 | 696 | Private | Biaali | 0.016 | Braja Kishore Behera S/o- Abhimanyu Behera of Daulatabad - 696 |
| 7 | 697 | Private | Patia | 0.02 | Rabindra Kumar Bardhan S/o- Nidhi Bardhan of Laxminarayanpur - 697 |
| 8 | 708 | Government | Gochar | 0.04 | Rakhita Khata No. 150 / 708 |
| 9 | 709 | Government | Nayanjori | 0.542 | P.W.D. Khata No. 151/709 |
| 10 | 710 | Government | Road | 1.643 | P.W.D. Khata No. 151 / 710 |
| 11 | 714 | Government | Patia | 0.032 | Govt. Khata No. 148 / 714 |
| 12 | 711 | Government | Nayanjori | 1.498 | P.W.D. Khata No. 151/711 |
| Village : Indranipatana Alias Goukhana | | | | | |
| 13 | 52 | Priavte | Biaali | 0.016 | Baraju Das S/o- Padan Das Bhikari Das S/o- Basu Das of Nijigaon - 52 |
| Village : Manguli | | | | | |
| 14 | 324 | Private | Saradjala II | 0.024 | Mina Sahoo W/o- Shyam Sundar Sahoo of Choudwar - 324 |
| 15 | 328 | Government | Nayanjori | 0.234 | P.W.D. Khata No. 359 / 328 |
| 16 | 321 | Government | Patia | 0.048 | P.W.D. Khata No. 359 / 321 |
| 17 | 326 | Private | Patia | 0.04 | Muralidhar Rout S/o- Sudarsan Rout, Hemalata Rout W/o- Sudarsan Rout Ugresen Rout S/o- Udyanath Rout - 326 |
| 18 | 323 | Priavte | Patia | 0.012 | Gouripriya Sahoo, Ashok Kumar Behera of Nabagrahasahi choudwar - 323 |
| | | | Total | 9.102 | |

**[F. No. NHAI/11013/2018/Odisha/PIU-Dhenkanal/3D]**
**RAJESH GUPTA, Dy. Secy.**

"ଗ୍ୟାରେଥ ବାଲେଙ୍କ ଅନୁପସ୍ଥିତିରେ ୱେଲ୍ସ ଆମ ଦଳକୁ ହରାଇବା ସହଜ ନୁହେଁ ।
–ସାମ୍ ଭୋକ୍ସ, ୱେଲ୍ସ ଷ୍ଟ୍ରାଇକର



"ଏକମାତ୍ର ବିଫଳତା ପାଇଁ ଫାଷ୍ଟ ବୋଲର ଉମେଶ ଯାଦବ ବାରମ୍ବାର ଦଳରୁ ବାଦ୍ ପଡ଼ିବା ଦୁର୍ଭାଗ୍ୟଜନକ ।
–ଭରତ ଅରୁଣ, ଭାରତୀୟ ବୋଲିଂ କୋଚ୍



## ସଂକ୍ଷେପରେ

### ଏସିଆନ୍ ପାରା ଗେମ୍ସ: ତୀରନ୍ଦାଜ ହରବିନ୍ଦରଙ୍କୁ ସ୍ୱର୍ଣ୍ଣ

ଜାକର୍ତ୍ତା,୧୦।୧୦(ପି.ଟି.)- ଏଠାରେ ଚାଲିଥିବା ଏସିଆନ୍ ପାରା ଗେମ୍ସରେ ତୀରନ୍ଦାଜ ହରବିନ୍ଦର ସିଂ ପୁରୁଷ ରିକର୍ଭ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ଟ୍ରାକ ଓ ଫିଲ୍ଡ ଇଭେଣ୍ଟରେ ଭାରତକୁ ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ମିଳିଛି। ମୋନୁ ଘାଙ୍ଗାସ ପୁରୁଷ ଡିସ୍‌କସ୍ ଥ୍ରୋ ଏଫ୍‌୧୧ କାଟେଗୋରିରେ ରୌପ୍ୟ ପଦକ ଜିତିଛନ୍ତି। ସେହିଭଳି ମହମ୍ମଦ ୟାସାର ପୁରୁଷ ଶଟ ପୁଟ ଏଫ୍‌୪୬ କାଟେଗୋରିରେ ବ୍ରୋଞ୍ଜ ପଦକ ପାଇଛନ୍ତି। ହରବିନ୍ଦର ଚାଇନାର ଝାଓ ଲିକ୍ୟୁଙ୍କୁ ୬-୦ ବ୍ୟବଧାନରେ ହରାଇ ଡବ୍ଲ୍ୟୁ୨/ଏସ୍‌ଟି କାଟେଗୋରିରେ ଶୀର୍ଷ ସଫଳତା ହାସଲ କରି ଭାରତର ସ୍ୱର୍ଣ୍ଣ ପଦକ ସଂଖ୍ୟାକୁ ୭କୁ ବୃଦ୍ଧି କରାଇଛନ୍ତି। ଆଣ୍ଠୁର ତଳ ଅଚଳ କିମ୍ବା ଆଣ୍ଠୁ ତଳେ ଗୋଡ଼ର ନିମ୍ନଭାଗ ନ ଥିବା ଆଥ୍‌ଲେଟମାନେ ଡବ୍ଲ୍ୟୁ୨ କାଟେଗୋରିରେ ଆସନ୍ତି। ସେହିଭଳି ଏସ୍‌ଟି ହ୍ୱିଲ ଚେୟାର ଆବଶ୍ୟକ କରୁ ନ ଥିବା ତୀରନ୍ଦାଜମାନେ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ। ଟ୍ରାକ ଓ ଫିଲ୍ଡ ଇଭେଣ୍ଟରେ ଘାଙ୍ଗାସ ୩୫.୮୯ ମିଟର ଡିସ୍‌କସ୍ ଥ୍ରୋ କରି ପୋଡିୟମ୍‌ରେ ୨ୟ ସ୍ଥାନ ଅଧିକାର କରିଥିଲେ। ସେ ଇରାନର ଓଲାଦ ମାହଦି (୪୨.୩୭)ଙ୍କ ପଛରେ ରହିଥିଲେ। ଓଲାଦ ସ୍ୱର୍ଣ୍ଣ ପଦକ ଜିତିବା ସହ ଗେମ୍ସ ରେକର୍ଡ ମଧ୍ୟ କରିଛନ୍ତି। ଏଫ୍‌୧୧ କାଟେଗୋରି ଦୃଷ୍ଟିହୀନ ଆଥ୍‌ଲେଟଙ୍କ ଲାଗି ଉଦ୍ଦିଷ୍ଟ। ଏହାର ଶଟ୍ ପୁଟ ଇଭେଣ୍ଟରେ ୧୪.୨୨ ମି. ଦୂରତା ହାସଲ କରି ୩ୟ ସ୍ଥାନରେ ରହି ସନ୍ତୁଷ୍ଟ ରହିଛନ୍ତି।

### ରନ୍ ପିଛା କରିବାରେ ମାଲେସିଆର ରେକର୍ଡ

ନୂଆଦିଲ୍ଲୀ,୧୦।୧୦- କ୍ରିକେଟ ଇତିହାସରେ ରନ୍ ପିଛା କରିବାରେ ମାଲେସିଆ ରେକର୍ଡ କରିଛି। ଚଳିତ ଆଇସିସି ଟି୨୦ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟରେ ମ୍ୟାନମାର ପକ୍ଷରୁ ଧାର୍ଯ୍ୟଲକ୍ଷ୍ୟକୁ ମାତ୍ର ୧୦ ବଲରେ ହାସଲ କରି ମାଲେସିଆ ଦ୍ରୁତତମ ବିଜୟ ଅର୍ଜନ କରିଛି। ଫଳରେ ମାଲେସିଆର ବାୟୁଏମାସଠାରେ ଚାଲିଥିବା ପ୍ରତିଯୋଗିତାରେ ଆୟୋଜକ ଦଳ ଟି୨୦ ବିଶ୍ୱକପ୍ ଖେଳିବା ଆଶା ଉଜ୍ଜୀବିତ ରଖିଛି। ବର୍ଷା ଓ ଗ୍ରାଉଣ୍ଡସ୍‌ମ୍ୟାନଙ୍କ ଉଦ୍ୟମ ଯୋଗୁ ଏହା ସମ୍ଭବ ହୋଇପାରିଛି। ପ୍ରଥମେ ବୋଲିଂ କରିଥିବା ମାଲେସିଆ ଦଳ ପ୍ରଥମ ଅଧ ଘଣ୍ଟାରେ ମାତ୍ର ୯ ରନ୍ ଦେଇ ୭ ଉଇକେଟ୍ ଅକ୍ତିଆର କରି ନେଇଥିଲେ। ଏଥିରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ବାମହାତୀ ସ୍ପିନର ପବନଦୀପ ସିଂ। ସେ ୪ ଓଭର ବୋଲିଂ କରି ୧ ରନ୍ ବିନିମୟରେ ୫ ଉଇକେଟ ନେଇଥିଲେ। ତାଙ୍କର ଏହି ସ୍ପେଲରେ ୩ ମେଡେନ ଓଭର ମଧ୍ୟ ଥିଲେ। ପ୍ରବଳ ବର୍ଷା କାରଣରୁ ଖେଳ ବାଧାପ୍ରାପ୍ତ ହୋଇଥିଲା। ବର୍ଷା କମିବା ପରେ ଗ୍ରାଉଣ୍ଡସ୍‌ମ୍ୟାନ ଶୀଘ୍ର ପଡ଼ିଆକୁ ଶୁଖାଇ ଥିଲେ। ଏହାପରେ ମାଲେସିଆ ଆଗରେ ବିଜୟ ଲାଗି ୮ ଓଭର ମଧ୍ୟରେ ମାତ୍ର ୬ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଆୟୋଜକ ଦଳ ପ୍ରଥମ ଓଭର୍‌ରେ ୨ ଉଇକେଟ ହରାଇ ୨ ରନ୍ କରିଥିଲା। କିନ୍ତୁ ସୁହାନ ଅଲାଗାରାତନାମଙ୍କ ଛକା ଯୋଗୁ ମାଲେସିଆ ୧.୪ ଓଭରରେ ବିଜୟୀ ହୋଇଯାଇଥିଲା। "ଆମେ ପ୍ରଥମ ଓଭର୍‌ରେ ବିଜୟୀ ହେବୁ ବୋଲି ଆଶା କରିଥିଲୁ। ମାତ୍ର ପିଚ୍ ଅଳ୍ପ ଓଦା ଥିଲା ଓ ବୋଲର ଭଲ ବୋଲିଂ କରିଥିଲେ। ଆମ ଦଳର ମୁଖ୍ୟ ବ୍ୟାଟ୍ସମ୍ୟାନଙ୍କୁ ଆଉଟ୍ କରିଥିବାରୁ ବୋଲରଙ୍କୁ ଶ୍ରେୟ ଦେବି। ମାତ୍ର ୧୦ ବଲରେ ମ୍ୟାଚ୍ ଜିତିବା ଉଲ୍ଲେଖନୀୟ ବିଷୟ" ବୋଲି ମ୍ୟାଚ୍ ଜିତିବା ପରେ ବିଜୟ ଦଳର ଅଧିନାୟକ ଅହମ୍ମଦ ଫେଜ ମହମ୍ମଦ ନୁର କହିଛନ୍ତି।

### କୋଷ୍ଟାରିକା କୋଚ୍ ମାଟୋସାସ

ସାନ ଜୋସ,୧୦।୧୦(ଏଏଫ୍‌ପି): ପୂର୍ବତନ ଉରୁଗୁଏ ଅନ୍ତର୍ଜାତୀୟ ଫୁଟ୍‌ବଲ ଖେଳାଳି ଗୁସ୍ତାଭୋ ମାଟୋସାସ କୋଷ୍ଟାରିକା ଦଳର ନୂତନ କୋଚ୍ ଭାବେ ନିଯୁକ୍ତ ହୋଇଛନ୍ତି। ଏ ନେଇ କୋଷ୍ଟାରିକା ଫୁଟ୍‌ବଲ ଫେଡେରେଶନ ପକ୍ଷରୁ ମଙ୍ଗଳବାର ଘୋଷଣା କରାଯାଇଛି। ୫୧ ବର୍ଷୀୟ ମାଟୋସାସ ପୂର୍ବତନ କୋଚ୍ ଓସ୍କାର ରାମିରେଜଙ୍କ ସ୍ଥାନ ନେଇଛନ୍ତି। ଫିଫା ବିଶ୍ୱକପ୍‌ର ଗ୍ରୁପ ପର୍ଯ୍ୟାୟରେ ନିମ୍ନ ସ୍ଥାନରେ ରହିବା ପରେ ରାମିରେଜଙ୍କ ଚୁକ୍ତିର ସମୟସୀମାକୁ ବୃଦ୍ଧି କରାଯାଇ ନ ଥିଲା। ପୂର୍ବରୁ ମାଟୋସାସ ଲେଓନ କ୍ଲବ ଦାୟିତ୍ୱରେ ଥିଲେ। ତାଙ୍କ ନେତୃତ୍ୱରେ ଦଳ ମେକ୍ସିକାନ ଲିଗ୍ ଦୁଇ ଥର ଜିତିଥିଲା। ଉଲ୍ଲେଖଥାଉ କି, ୨୦୧୪ ବିଶ୍ୱକପ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବା ପରେ ୨୦୧୮ ରୁଷିଆ ଇଭେଣ୍ଟରେ କୋଷ୍ଟାରିକା ଭଲ ପ୍ରଦର୍ଶନ କରିବ ବୋଲି ଆଶା କରାଯାଉଥିଲା। ମାତ୍ର ଦଳ ଏକ ପଏଣ୍ଟ ସହ ଗ୍ରୁପ ପର୍ଯ୍ୟାୟରୁ ବିଦାୟ ନେଇଥିଲା।

# କଳିଙ୍ଗ ଷ୍ଟାଡିୟମ ହକି କମ୍ପ୍ଲେକ୍ସ ଉଦ୍‌ଘାଟିତ

ଭୁବନେଶ୍ୱର, ୧୦।୧୦ (ସ୍ପୋର୍ଟ୍ସ ବ୍ୟୁରୋ)

ହକି ବିଶ୍ୱକପ୍‌ର ୧୪ତମ ସଂସ୍କରଣ ଆରମ୍ଭ ହେବାକୁ ଆଉ ମାତ୍ର କିଛି ସପ୍ତାହ ବାକିଥିବାବେଳେ ରାଜଧାନୀ ଭୁବନେଶ୍ୱର ଏହି ମେଗା ଇଭେଣ୍ଟକୁ ଆୟୋଜନ କରିବା ଲାଗି ପୂରା ପ୍ରସ୍ତୁତ ହୋଇଛି। ଏକ ନୂଆ ତଥା ଉନ୍ନତ କଳିଙ୍ଗ ଷ୍ଟାଡିୟମର ଉଦ୍‌ଘାଟନ ହୋଇଛି। ବୁଧବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁନର୍ଗଠିତ ତଥା ଅତ୍ୟାଧୁନିକ କଳିଙ୍ଗ ଷ୍ଟାଡିୟମ ହକି କମ୍ପ୍ଲେକ୍ସକୁ ଉଦ୍‌ଘାଟନ କରିଛନ୍ତି। ଗତ କେତେମାସ ଧରି ଏହି ଷ୍ଟାଡିୟମର ପୁନଃନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଥିଲା ଓ ଏହି ବିଶ୍ୱସ୍ତରୀୟ ହକି ଷ୍ଟାଡିୟମକୁ ଠିକ୍ ସମୟ ପୂର୍ବରୁ ପ୍ରସ୍ତୁତ୍ କରିବାକୁ ରାଜ୍ୟ ସରକାରଙ୍କ ତରଫରୁ ବେଶ୍ ପ୍ରଯତ୍ନ କରାଯାଇଥିଲା। ଉଦ୍‌ଘାଟନୀ ଅବସରରେ ପୂର୍ବତନ ହକି ତାରକା ଧନରାଜ ପିଲେ ଓ ଦିଲୀପ ତିର୍କୀଙ୍କ ନେତୃତ୍ୱରେ ଭାରତୀୟ ଖେଳାଳିଙ୍କୁ ନେଇ ଗଠିତ ଦୁଇ ଦଳ ମଧ୍ୟରେ ଏକ ପ୍ରଦର୍ଶନୀ ମ୍ୟାଚ୍ ଆୟୋଜନ କରାଯାଇଥିଲା। ଏଥିରେ ଦିଲୀପ ଟିମ୍ ୨–୧ ଗୋଲରେ ବିଜୟୀ ହୋଇଥିଲା। ନିଜର ରୋଲ ମଡେଲଙ୍କ ସହ ଖେଳିବାକୁ ଯୁବ ଖେଳାଳିଙ୍କୁ ଏହି ମ୍ୟାଚ୍ ମାଧ୍ୟମରେ ସୁଯୋଗ ମିଳିଥିଲା। ଖେଳାଳିମାନେ ମଧ୍ୟ ଏହାର ଭରପୂର ଫାଇଦା ଉଠାଇଥିଲେ। ସେହିପରି ହକି ଲିଜେଣ୍ଡ ସନ୍ଦୀପ ସିଂ ମଧ୍ୟ ଏହି ଅବସରରେ ଉପସ୍ଥିତ ରହି ଧାରାବିବରଣୀ ପ୍ରଦାନ କରିଥିଲେ।



କଳିଙ୍ଗ ଷ୍ଟାଡିୟମ ହକି କମ୍ପ୍ଲେକ୍ସ ଉଦ୍‌ଘାଟନ ଅବସରରେ ଆୟୋଜିତ ପ୍ରଦର୍ଶନୀ ମ୍ୟାଚ୍ ପୂର୍ବରୁ ଦିଲୀପ ତିର୍କୀ ଓ ଧନରାଜ ପିଲେଙ୍କ ଦଳର ଖେଳାଳିମାନଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ଏକ ଶ୍ରେଷ୍ଠ ଭିତ୍ତିଭୂମି ଯୋଗାଇ ଦେବା ପାଇଁ ଓଡ଼ିଶା ସରକାର କଳିଙ୍ଗ ଷ୍ଟାଡିୟମ ହକି କମ୍ପ୍ଲେକ୍ସର ପୁନଃ ନିର୍ମାଣ କାର୍ଯ୍ୟ ହାତକୁ ନେଇଥିଲେ। କଳିଙ୍ଗ ଷ୍ଟାଡିୟମ ଏବେ ସବୁ ପ୍ରକାର କ୍ରୀଡ଼ା ପାଇଁ ଉଭୟ ଅଭ୍ୟାସ ଓ ମୁଖ୍ୟ ମ୍ୟାଚ୍ ଲାଗି ଏକ ବିଶ୍ୱସ୍ତରୀୟ ତଥା ଆନ୍ତର୍ଜାତିକ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ପରିଣତ ହୋଇଛି। ଉଭୟ ଅଭ୍ୟାସ ଓ ମୁଖ୍ୟ ମ୍ୟାଚ୍ ପାଇଁ ଏଠାରେ ନୂଆ ବ୍ଲୁ ଟର୍ଫ ବିଛାଯାଇଛି। ଫେଡେରେଶନ ଅଫ ଇଣ୍ଟରନ୍ୟାଶନାଲ ହକି (ଏଫ୍‌ଆଇଏଚ୍) ନିୟମ ଅନୁସାରେ ଏହି କମ୍ପ୍ଲେକ୍ସର ନିର୍ମାଣ କରାଯାଇଛି। ଷ୍ଟାଡିୟମର କ୍ଷମତା ୭,୫୦୦ରୁ ୧୫,୦୦୦କୁ ବୃଦ୍ଧି କରାଯାଇଛି। ଷ୍ଟାଡିୟମର ଉତ୍ତର ଓ ଦକ୍ଷିଣ ପଟେ ଦୁଇଟି ନୂଆ ଗ୍ୟାଲେରି ନିର୍ମାଣ କରାଯାଇଛି।

ଷ୍ଟାଡିୟମର ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ପୁନର୍ଗଠିତ ହକି କମ୍ପ୍ଲେକ୍ସକୁ ବେଶ୍ ତାରିଫ କରିଥିଲେ। ଏକ ବିଶ୍ୱସ୍ତରୀୟ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଦେଶକୁ ଉତ୍ସର୍ଗ କରି ଓଡ଼ିଶାବାସୀ ଗର୍ବିତ। ଆସନ୍ତା ମାସରେ ଏହି ଷ୍ଟାଡିୟମରେ ଆମେ ବିଶ୍ୱକପ୍ ହକି ଆୟୋଜନ କରିବାକୁ ବେଶ୍ ବ୍ୟଗ୍ର ବୋଲି ସେ କହିଥିଲେ। ଏହି ବିଶ୍ୱକପ ସଫଳତାର ସହ ଆୟୋଜନ ହେବ ଓ ସାରା ବିଶ୍ୱ ପାଇଁ ଏକ ଉଦାହରଣ ସୃଷ୍ଟି କରିବ ବୋଲି ସେ କହିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ଗୋଟିଏ ଦଳର ନେତୃତ୍ୱ ନେଇ ମୁଁ ବେଶ୍ ଖୁସ୍ ବୋଲି ପୂର୍ବତନ ଭାରତୀୟ ଅଧିନାୟକ ଦିଲୀପ ତିର୍କୀ କହିଛନ୍ତି। ଏହି ପୁନର୍ଗଠିତ ଷ୍ଟାଡିୟମରେ ପ୍ରଥମ ମ୍ୟାଚ୍ ଖେଳି ମୁଁ ଗର୍ବିତ। ଘରୋଇ ଦର୍ଶକଙ୍କ ସାମ୍ନାରେ ଏକ ରୋମାଞ୍ଚକ ପରିବେଶରେ ମ୍ୟାଚ୍ ଖେଳି ଆମେ ବହୁତ ଖୁସି ବୋଲି ଦିଲୀପ କହିଥିଲେ।

ହକି ଲିଜେଣ୍ଡ ଧନରାଜ ପିଲେ ମଧ୍ୟ ଏହି ମ୍ୟାଚରେ ଏକ ଦଳର ନେତୃତ୍ୱ ନେଇ ଅନୁରୂପ ମନ୍ତବ୍ୟ ଦେଇଥିଲେ। ଓଡ଼ିଶା ଓ କଳିଙ୍ଗ ଷ୍ଟାଡିୟମ ହକିର ପ୍ରାଣକେନ୍ଦ୍ର ବନିଯାଇଛି। ଦିଲୀପଙ୍କ ଦଳ ସହ ଏକ ନୂଆ ଟର୍ଫରେ ମ୍ୟାଚ ଖେଳି ମୁଁ ବେଶ୍ ଆନନ୍ଦିତ ବୋଲି ପିଲେ କହିଥିଲେ। ତେଣୁ ବିଶ୍ୱକପ୍‌ରେ ଭାରତ ଘରୋଇ ପରିବେଶରୁ ଫାଇଦା ଉଠାଇ ବାଜି ମାରିବ ବୋଲି ପିଲେ ଆଶା ପ୍ରକାଶ କରିଛନ୍ତି। କଳିଙ୍ଗ ଷ୍ଟାଡିୟମ ଏବେ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ହକି ଷ୍ଟାଡିୟମରେ ପରିଣତ ହୋଇପାରିଛି। ସିଟ୍ ସଂଖ୍ୟା ବଢ଼ିବା ସଙ୍ଗେ ସଙ୍ଗେ ଆନୁଷଙ୍ଗିକ ସୁବିଧା ସୁଯୋଗରେ ଉନ୍ନତି ଏବେ ଏହି ଷ୍ଟାଡିୟମକୁ ଖାସ କରିପାରିଛି। ବିଶ୍ୱର କୋଣ ଅନୁକୋଣରୁ ହକି ପ୍ରଶଂସକମାନେ ବିଶ୍ୱକପ୍ ଦେଖିବାକୁ ଭୁବନେଶ୍ୱର ଆସିବେ ବୋଲି ହକି ଇଣ୍ଡିଆ ଅଧ୍ୟକ୍ଷ ମହମ୍ମଦ ମୁସ୍ତାକ ଅହମ୍ମଦ କହିଛନ୍ତି। ଟିମ୍ ଧନରାଜର କୋଚ୍ ହିସାବରେ ଦାୟିତ୍ୱ ନେଇଥିଲେ ହରେନ୍ଦ୍ର ସିଂ। ସେହିପରି ଟିମ ଦିଲୀପର କୋଚ୍ ରହିଥିଲେ କ୍ରିସ୍ ସିରିଏଲୋ। ଷ୍ଟାଡିୟମର ଉନ୍ନତି ହେବା ସଙ୍ଗେ ସଙ୍ଗେ ରାସ୍ତା ପ୍ରଶସ୍ତୀକରଣ, ନୂଆ ପାର୍କିଂ ପ୍ଲେସ୍ ମଧ୍ୟ ନିର୍ମାଣ କରାଯାଇଛି। ଡ୍ରେସିଂ ରୁମ୍, ଡାଇନିଂ ହଲ, କନଫରେନ୍ସ ହଲ, ମିଡିଆ ଟ୍ରାଇବ୍ୟୁନ, ବ୍ରୋଡକାଷ୍ଟର ରୁମ ମଧ୍ୟ ନିର୍ମାଣ କରାଯାଇଛି। ବିଶ୍ୱକପ୍‌ରେ ବିଶ୍ୱର ଶ୍ରେଷ୍ଠ ୧୬ଟି ଦଳ ଅଂଶଗ୍ରହଣ କରିବେ। ଲିଗ୍ ପର୍ଯ୍ୟାୟରେ ପ୍ରତ୍ୟେକ ଦଳ ୩ଟି ଲେଖାଏ ମ୍ୟାଚ୍ ଖେଳିବେ ଓ ଏହା ୧୨ ଦିନ ବ୍ୟାପୀ ଚାଲିବ। ଏହାପରେ ୧୦ ଓ ୧୧ ତାରିଖରେ ୪ଟି କ୍ରସ ଓଭର ମ୍ୟାଚ ଖେଳାଯିବ। ୧୨ରୁ ନକ୍‌ଆଉଟ ପର୍ଯ୍ୟାୟ ଆରମ୍ଭ ହେବ।

# ସ୍ମାରକ ରନର୍ସଅପ୍



ରନର୍ସଅପ୍ ଟ୍ରଫି ଗ୍ରହଣ କରୁଛନ୍ତି ସ୍ମାରକ।

ଭୁବନେଶ୍ୱର, ୧୦।୧୦(ସ୍ପୋର୍ଟ୍ସ ବ୍ୟୁରୋ)

ମୁମ୍ବାଇରେ ଗତ ୭ ତାରିଖରେ ଅନୁଷ୍ଠିତ ହୋଇଥିବା ଜାତୀୟ ଯୋଗ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରି କଟକର ସ୍ମାରକ ଦେ ପ୍ରଥମ ରନର୍ସଅପ୍ ଟାଇଟଲ ହାସଲ କରିଛନ୍ତି। ଫଳରେ ସେ ଚାଇନାରେ ଡିସେମ୍ବର ୧ ଓ ୨ ତାରିଖରେ ଆୟୋଜନ ହେବାକୁ ଥିବା ବିଶ୍ୱ ଯୋଗ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ହାସଲ କରିଛନ୍ତି। ଏହି ଜାତୀୟସ୍ତରର ପ୍ରତିଯୋଗିତାରେ ସ୍ମାରକ ଏକମାତ୍ର ଓଡ଼ିଆ ଭାବେ ପ୍ରତିନିଧିତ୍ୱ କରିଥିଲେ। ଏଥିରେ ସବୁ ଦେଶର ସବୁ ରାଜ୍ୟରୁ ୬୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସ୍ମାରକ ଶ୍ରେଷ୍ଠ ୩ ପ୍ରତିଯୋଗୀଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ସେ ଏକମାତ୍ର ଓଡ଼ିଆ ଭାବେ ବିଶ୍ୱ ଚାମ୍ପିୟନଶିପ୍‌ରେ ଯୋଗଦେବାକୁ ଯୋଗ୍ୟତା ହାସଲ କରିଛନ୍ତି। ପୁରସ୍କାର ବିତରଣୀ ଉତ୍ସବରେ ଏକାଧିକ ବଲିଉଡ କଳାକାର ଯୋଗଦେଇଥିଲେ। ସ୍ମାରକ ବଲିଉଡ କଳାକାର ପୂଜା ଭଟ୍ଟ ଓ ଅତୁଲ ଅଗ୍ନିହୋତ୍ରୀଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ।

## ରାଜ୍ୟ ୧୯ ବର୍ଷରୁ କମ୍ ମହିଳା ଟି୨୦ ଦଳ ଘୋଷିତ

କଟକ ଅଫିସ,୧୦।୧୦

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଆନୁକୂଲ୍ୟରେ ଆସନ୍ତା ୧୪ତାରିଖରୁ ୧୯ବର୍ଷରୁ କମ୍ ମହିଳା ଟି–୨୦ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହେବ। ପ୍ରତିଯୋଗିତାର ଗ୍ରୁପ୍–ବି'ର ସମସ୍ତ ମ୍ୟାଚ୍ କଟକର ବିଭିନ୍ନ ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ବେଳେ ଏ ନେଇ ବୁଧବାର ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ ରାଜ୍ୟ ଦଳ ଘୋଷଣା କରାଯାଇଛି। ଇନ୍ଦ୍ରାଣୀ ଛତ୍ରିଆ ଦଳର ଅଧିନାୟିକା ରହିଛନ୍ତି। ରେଭେନ୍ସା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ଓଡ଼ିଶା ପ୍ରଥମ ମ୍ୟାଚ୍‌ରେ ମଣିପୁରକୁ ଭେଟିବ। **ଘୋଷିତ ଦଳ**– ଇନ୍ଦ୍ରାଣୀ ଛତ୍ରିଆ (ଅଧିନାୟିକା), ପୁନମ ନାୟକ (ଉପଅଧିନାୟିକା), କାଜଲ ଜେନା, ରଶ୍ମିତା ଚିନ୍ନାରା, ରାଜେଶ୍ୱରୀ ଜେନା, ତରଣା ପ୍ରଧାନ, କୁସୁମ ତିରିଆ (ଉଇକେଟ କିପର), ଶୁଭ୍ର ନିର୍ଝରିଣୀ ସ୍ୱାଇଁ, ଜି.ଏମ୍. ଅଳକାନନ୍ଦ, ତନ୍ମୟୀ ବେହେରା, କଳ୍ପନା ନାୟକ, ସୋନାଲି ହେମ୍ବ୍ରମ, ବିଏଲଏସ୍ ବୈଷ୍ଣବୀ, ସୁଚିତ୍ରା ରାୟ, ଶ୍ୱେତା ବେଉରା। ଇତିଶ୍ରୀ ପଟ୍ଟନାୟକ–କୋଚ୍, ବିଦ୍ୟୁତ ପ୍ରଭା ଦାସ–ଫିଜିଓ, ଚିଙ୍କିଲତା ପ୍ରଧାନ–ଟ୍ରେନର, ବିଧାନ ଚନ୍ଦ୍ର ରାଉତ–ମ୍ୟାନେଜର।

# ପ୍ରଥମ ଟି୨୦: ଦକ୍ଷିଣ ଆଫ୍ରିକା ବିଜୟୀ

ଇଷ୍ଟ ଲଣ୍ଡନ, ୧୦।୧୦ (ଏ.ଏଫ୍.ପି)

ଲେଗ ସ୍ପିନର ଇମ୍ରାନ ତାହିରଙ୍କ ଦମ୍‌ଦାର ପ୍ରଦର୍ଶନ ବଳରେ ଦକ୍ଷିଣ ଆଫ୍ରିକା ପ୍ରଥମ ଟି୨୦ ମ୍ୟାଚ୍‌ରେ ୩୪ ରନରେ ଜିମ୍ବାୱେକୁ ପରାସ୍ତ କରିଛି। ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୧–୦ରେ ଅଗ୍ରଣୀ ହାସଲ କରିଛି। ମଙ୍ଗଳବାର ସ୍ଥାନୀୟ ବୁଫାଲୋ ପାର୍କଠାରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଟସ୍ ଜିତି ଦକ୍ଷିଣ ଆଫ୍ରିକା ପ୍ରଥମେ ବ୍ୟାଟିଂ କରି ୬ ଉଇକେଟ ହରାଇ ୧୬୦ ରନ ସଂଗ୍ରହ କରିଥିଲା। ଜବାବରେ ବ୍ୟାଟିଂ ଆରମ୍ଭ କରି ଜିମ୍ବାୱେ ୧୭.୨ ଓଭରରେ ୧୨୬ ରନ କରି ଅଲଆଉଟ ହୋଇ ପରାଜୟ ବରଣ କରିଥିଲା। ମାତ୍ର ୨୩ ରନ ବ୍ୟୟ କରି ୫ ଉଇକେଟ ଅକ୍ତିଆର କରିଥିବା ଦକ୍ଷିଣ ଆଫ୍ରିକା ଅଭିଜ୍ଞ ସ୍ପିନର ଇମ୍ରାନ ତାହିର ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

୧୬୧ ରନ ବିଜୟ ଲକ୍ଷ୍ୟର ପିଛା କରି ଜିମ୍ବାୱେ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ଦଳ ତରଫରୁ ଉଇକେଟ କିପର ବ୍ୟାଟ୍ସମ୍ୟାନ ବ୍ରେଣ୍ଡନ ଟେଲର ୧୯, ସିନ ୱିଲିୟମ୍ସ ୨୧, ପିଟର ମୁର ୪୪ ଓ ବ୍ରାଣ୍ଡନ ମାଭୁଟା ୨୮ ରନ କରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ଛୁଇଁପାରି ନ ଥିଲେ। ବୋଲିଂରେ ଦକ୍ଷିଣ ଆଫ୍ରିକା ପକ୍ଷରୁ ତାହିର ସର୍ବାଧିକ ୫, ଜୁନିୟର ଡାଲା ଓ ଆଣ୍ଡିଲ ଫେଲୁକ୍ୱାଓ ଦୁଇଟି ଲେଖାଏ ଓ ଲୁଙ୍ଗି ଏନ୍‌ଗିଡି ଗୋଟିଏ ଉଇକେଟ ହାସଲ କରିଥିଲେ।




୫ ଉଇକେଟ ଅକ୍ତିଆର କରିଥିବା ଇମ୍ରାନ ତାହିର।

ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ତରଫରୁ ରାସି ଭାନ ଡେର ଡୁସେନ ସର୍ବାଧିକ ୫୬, ଡେଭିଡ ମିଲର ୩୯, ଅଧିନାୟକ ଫାଫ୍ ଡୁ ପ୍ଲେସି ୩୪ ରନ ସଂଗ୍ରହ କରିଥିଲେ। ଅନ୍ୟମାନେ ଦୁଇଅଙ୍କ ଛୁଇଁପାରି ନ ଥିଲେ। ବୋଲିଂରେ ଜିମ୍ବାୱେ ତରଫରୁ କାଏଲ ଜାର୍ଭିସ ସର୍ବାଧିକ ୩, କ୍ରିସ ଏମ୍‌ପୋଫୁ ୨, ବ୍ରାଣ୍ଡନ ମାଭୁଟା ଗୋଟିଏ ଉଇକେଟ ହାସଲ କରିଥିଲେ।

**ସଂକ୍ଷିପ୍ତ ସ୍କୋର:**
ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୧୬୦/୬ (ଡୁସେନ- ୫୬, ମିଲର- ୩୯, ଡୁ ପ୍ଲେସି- ୩୪, ଜାର୍ଭିସ- ୩/୩୭, ଏମ୍‌ପୋଫୁ- ୨/୨୪)।
ଜିମ୍ବାୱେ ୧୭.୨ ଓଭରରେ ୧୨୬ ଅଲଆଉଟ୍ (ମୁର- ୪୪, ମାଭୁଟା- ୨୮, ୱିଲିୟମ୍ସ- ୨୧, ଟେଲର- ୧୯, ଇମ୍ରାନ - ୫/୨୩, ଡାଲା- ୨/ ୨୫, ଫେଲୁକ୍ୱାଓ- ୨/୨୫ )।

# ଭାରତୀୟ ମହିଳା ହକି ଦଳର ବୃହତ୍ ବିଜୟ

ବୁଏନ୍ସ ଏରିଜ୍, ୧୦।୧୦(ପି.ଟି.)

ଏଠାରେ ଚାଲିଥିବା ଯୁଥ ଅଲିମ୍ପିକ୍ସର ହକି ଇଭେଣ୍ଟରେ ଭାରତୀୟ ମହିଳା ଦଳ ବୁଧବାର ଏକ ବୃହତ୍ ବିଜୟ ହାସଲ କରିଛି। ୧୮ ବର୍ଷରୁ କମ୍ ଭାରତୀୟ ଦଳ ପ୍ରତିଯୋଗିତାରେ ତା'ର ତୃତୀୟ ମ୍ୟାଚ୍‌ରେ ୧୬–୦ ଗୋଲରେ ଅପେକ୍ଷାକୃତ ଦୁର୍ବଳ ଭାନୁଆଟୁକୁ ପରାସ୍ତ କରିଛି।

ଭାରତ ତରଫରୁ ଫରୱାର୍ଡ ମମତା ଖାଁ ୮, ୧୧, ୧୨ ଓ ୧୫ତମ ମିନିଟ୍‌ରେ ସର୍ବାଧିକ ୪ଟି ଗୋଲ ସ୍କୋର କରିଥିଲେ। ସେହିପରି ଚେତନା ଷଷ୍ଠ, ୧୪ ଓ ୧୭ତମ ମିନିଟରେ ଚତୁରତାର ସହ ୩ଟି ଗୋଲ ଦେଇଥିଲେ। ଇନ୍ ଫର୍ମ ଷ୍ଟ୍ରାଇକର ଲାଲରେମସିଆମି ଭାରତ ପାଇଁ ଖାତା ଖୋଲିଥିଲେ। ସେ ମ୍ୟାଚ୍‌ର ଦ୍ୱିତୀୟ ମିନିଟରେ ଦଳ ପାଇଁ ପ୍ରଥମ ଗୋଲ ସ୍କୋର କରିଥିଲେ। ଏହାର ୩୦ ସେକେଣ୍ଡ ପରେ ରିତ୍ ଦ୍ୱିତୀୟ ଗୋଲ ଦେଇଥିଲେ। ପୁଣି ଏହାର ଠିକ ଗୋଟିଏ ମିନିଟ ପରେ ଅଧିନାୟିକା ସଲିମା ଟେଟେ ଗୋଲ ଦେଇଥିଲେ ଓ ମାତ୍ର ୪ ମିନିଟ୍ ମଧ୍ୟରେ ଭାରତ ୩–୦ରେ ଅଗ୍ରଣୀ ହାସଲ କରିଥିଲା। ପଞ୍ଚମ ମିନିଟ୍‌ରେ ବଲଜିତ କୌର ଗୋଲ ଦେଇଥିଲେ। ଷଷ୍ଠ ମିନିଟ୍‌ରେ ଚେତନା ତାଙ୍କର ବ୍ୟକ୍ତିଗତ ପ୍ରଥମ ଗୋଲ ଦେଇଥିଲେ। ଏହାପରେ ରିତ୍ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରି ଭାରତକୁ ୭–୦ରେ ଅଗ୍ରଣୀ କରାଇଥିଲେ। ମମତାଜ ଅଷ୍ଟମ ଓ ଲାଲରେମସିଆମିକ ଦଶମ ମିନିଟରେ ଗୋଲ ଦେଇଥିଲେ।



ଦ୍ୱିତୀୟ ପିରିୟଡ୍‌ରେ ମଧ୍ୟ ଭାରତ ଗୋଟିଏ ପରେ ଗୋଟିଏ ଗୋଲ ଦେଇ ବୃହତ୍ ବିଜୟ ହାସଲ କରିଥିଲା। ଭାନୁଆଟୁ ଏପର୍ଯ୍ୟନ୍ତ ୨ଟି ମ୍ୟାଚ୍ ଖେଳି ମୋଟ୍ ଉପରେ ୩୨ଟି ଗୋଲ ବରଣ କରିଛି। ଭାରତ ଏହି ମ୍ୟାଚ୍‌ରେ ଆଧିପତ୍ୟ ବିସ୍ତାର କରି ଖେଳିଥିଲା ଓ ଭାନୁଆଟୁକୁ କୌଣସି ସୁଯୋଗ ଦେଇ ନ ଥିଲା।

ଦ୍ୱିତୀୟାର୍ଦ୍ଧର ପ୍ରଥମ ୫ ମିନିଟ୍‌ରେ ଭାରତ ଗୋଟିଏ ଲେଖାଏ ଗୋଲ ଦେଇଥିଲା। ମମତାଜ ୧୧, ୧୨ ଓ ୧୫ତମ ମିନିଟ୍‌ରେ ଗୋଲ ଦେଇଥିବା ବେଳେ ସାଲିମା ୧୩ ଓ ଚେତନା ୧୪ତମ ମିନିଟରେ ଗୋଲ ଦେଇଥିଲେ। ମ୍ୟାଚ୍‌ର ୧୭ତମ ମିନିଟରେ ଚେତନା ବ୍ୟକ୍ତିଗତ ଭାବେ ତୃତୀୟ ଓ ଭାରତ ପାଇଁ ୧୫ତମ ଗୋଲ ସ୍କୋର କରିଥିଲେ। ସେହିପରି ଇଶିକା ଚୌଧୁରୀ ଶେଷ ମିନିଟ୍‌ରେ ଭାରତ ପାଇଁ ଅନ୍ତିମ ଗୋଲ ସ୍କୋର କରିଥିଲେ। କେବଳ ଗୋଲକିପରଙ୍କୁ ବାଦ ଦେଲେ ବାକି ସବୁ ଭାରତୀୟ ଖେଳାଳି ଗୋଲ ସ୍କୋର କରିଥିଲେ।

## ଗାଙ୍ଗୁଲି, ଆଝାରୁଦ୍ଦିନ, ରୋହିତଙ୍କ ସହ ସମକକ୍ଷ ହୋଇପାରନ୍ତି ପୃଥ୍ୱୀ

ହାଇଦ୍ରାବାଦ,୧୦।୧୦

ସ୍ଥାନୀୟ ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମ୍‌ଠାରେ ୱେଷ୍ଟଇଣ୍ଡିଜ୍ ଓ ଭାରତ ମଧ୍ୟରେ ୨ୟ ଟେଷ୍ଟ ମ୍ୟାଚ୍ ଖେଳାଯିବ। ରାଜକୋଟଠାରେ ପଦାର୍ପଣ ମ୍ୟାଚ୍‌ରେ ଶତକ ମାରିଥିବା ପୃଥ୍ୱୀ ଶ'ଙ୍କ ଉପରେ ସଭିଙ୍କ ନଜର ରହିବ। ୧୮ ବର୍ଷୀୟ ଏହି ଖେଳାଳି ଯଦି ହାଇଦ୍ରାବାଦରେ ମଧ୍ୟ ଶତକ ମାରନ୍ତି, ତେବେ ପୂର୍ବତନ ଅଧିନାୟକ ମହମ୍ମଦ ଆଝାରୁଦ୍ଦିନ, ସୌରଭ ଗାଙ୍ଗୁଲି ଓ ରୋହିତ ଶର୍ମାଙ୍କ ଭଳି ବ୍ୟାଟ୍ସମ୍ୟାନଙ୍କ ସହ ସମକକ୍ଷ ହୋଇପାରିବେ। କ୍ୟାରିୟରର ପ୍ରଥମ ଦୁଇ ମ୍ୟାଚ୍‌ରେ ଶତକ ମାରିବାରେ ଆଝାରୁଦ୍ଦିନ ପ୍ରଥମ ଭାରତୀୟ ବ୍ୟାଟ୍ସମ୍ୟାନ ଥିଲେ। ସେ ୧୯୮୪ରେ ଇଂଲଣ୍ଡ ବିପକ୍ଷରେ ଏହି ରେକର୍ଡ ନିଜ ନାମରେ କରିଥିଲେ। ତାଙ୍କ ପରେ ଗାଙ୍ଗୁଲି ୧୯୯୬ରେ ସମାନ ପ୍ରତିପକ୍ଷ ଦଳ ବିପକ୍ଷରେ କ୍ରମାଗତ ଦ୍ୱିତୀୟ ଶତକ ମାରିଥିଲେ। ଅନ୍ତିମ ବ୍ୟାଟ୍ସମ୍ୟାନ ଭାବେ ରୋହିତ ଶର୍ମା ୨୦୧୩ରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଏହି ସଫଳତା ପାଇଥିଲେ।

ବ୍ୟାଙ୍କଗୁଡ଼ିକ ସ୍ୱଚ୍ଛ ଋଣ ପ୍ରଦାନ ବ୍ୟବସ୍ଥା ଉପରେ କାର୍ଯ୍ୟ କରିବା ଆବଶ୍ୟକ।
– ଅରୁଣ ଜେଟଲୀ, ଅର୍ଥମନ୍ତ୍ରୀ



ଆଖୁରୁ ସିଧାସଳଖ ଇଥାନଲ୍ ପ୍ରସ୍ତୁତି ଲାଗି ସରକାର ମଞ୍ଜୁରୀ ପ୍ରଦାନ କରିଛନ୍ତି।
– ନୀତିନ ଗଡକରୀ, କେନ୍ଦ୍ର ସଡ଼କ, ପରିବହନ ମନ୍ତ୍ରୀ



## ସଂକ୍ଷେପରେ

### ରେଳ କର୍ମଚାରୀଙ୍କୁ ୭୮ ଦିନର ବୋନସ

**ନୂଆଦିଲ୍ଲୀ,୧୦-୧୦:** କେନ୍ଦ୍ର ସରକାର ବୁଧବାର ରେଳ କର୍ମଚାରୀଙ୍କୁ ଦୁର୍ଗା ପୂଜା ଭେଟି ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧକ୍ଷତାରେ ବସିଥିବା କେନ୍ଦ୍ର କ୍ୟାବିନେଟ ବୈଠକରେ ସେମାନଙ୍କୁ ୭୮ ଦିନର ବୋନସ ଦେବାକୁ ନିଷ୍ପତ୍ତି ନିଆଯାଇଛି। ଦୁର୍ଗାପୂଜା ଓ ଦଶହରା ପାଇଁ ୧୨.୨୬ ଲକ୍ଷରୁ ଅଧିକ ଅଣ ଗେଜେଟେଡ ରେଳ କର୍ମଚାରୀ ପ୍ରଦର୍ଶନ ଭିତ୍ତିକ ବୋନସ ପାଇବେ। ଅର୍ଥାତ ଜଣେ କର୍ମଚାରୀଙ୍କୁ ମାସକୁ ଏହି ବାବଦରେ ପ୍ରାୟ ୭ ହଜାର ଟଙ୍କା ମିଳିବ। ଏହାକୁ ହିସାବକୁ ନେଲେ ୭୮ ଦିନ ପାଇଁ ଜଣେ କର୍ମଚାରୀ ୧୭,୯୫୧ ଟଙ୍କା ବୋନସ ପାଇବେ। ବୋନସ ଦେବା ଯୋଗୁ ରେଲୱେକୁ ୨୦୪୪.୩୮ କୋଟି ଟଙ୍କାର ଅତିରିକ୍ତ ଆର୍ଥିକ ବୋଝ ବହନ କରିବାକୁ ପଡ଼ିବ।

### ଏୟାର ଇଣ୍ଡିଆ ପୁନରୁଦ୍ଧାର ପ୍ୟାକେଜ
#### ଚଳିତ ମାସରେ ଘୋଷଣା

**ହାଇଦ୍ରାବାଦ,୧୦-୧୦:** ଋଣରେ ବୁଡ଼ି ରହିଥିବା ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀ ଏୟାର ଇଣ୍ଡିଆର ପୁନରୁଦ୍ଧାର ପାଇଁ କେନ୍ଦ୍ର ସରକାର ପ୍ୟାକେଜ ସ୍ଥିର କରିସାରିଛନ୍ତି। ଚଳିତ ମାସରେ ଏହାକୁ ଘୋଷଣା କରାଯିବ ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଆର.ଏନ୍.ଚୌବେ ବୁଧବାର କହିଛନ୍ତି। ଏହି ପ୍ୟାକେଜକୁ ନେଇ କୌଣସି ସମସ୍ୟା ନାହିଁ। ଏଠାରେ ଅନ୍ତଃରାଷ୍ଟ୍ରୀୟ ବିମାନ ବନ୍ଦରର ଅନ୍ତଃରାଷ୍ଟ୍ରୀୟ ଡିପାର୍ଚର ଟର୍ମିନାଲକୁ ଉଦ୍‌ଘାଟନ କରି ସେ କହିଛନ୍ତି ଯେ, କେନ୍ଦ୍ର ସରକାର ବେସାମରିକ ବିମାନ କ୍ଷେତ୍ର ପ୍ରତି ନଜର ରଖିଛନ୍ତି। କାରଣ ଏହି କ୍ଷେତ୍ର ଟଙ୍କାର ମୂଲ୍ୟ ହ୍ରାସ ଓ ଇନ୍ଧନ ମୂଲ୍ୟ ବୃଦ୍ଧି କାରଣରୁ ଗତ ଦୁଇଟି ତ୍ରୈମାସରେ ଉନ୍ନତ ପ୍ରଦର୍ଶନ କରିନି। ବିମାନ କ୍ଷେତ୍ରକୁ ସରକାର ସମସ୍ତ ସହାୟତା ଯୋଗାଇ ଦେବେ।

### ନୋବେଲ ବିଜୟୀ ରୋମର ଆଧାର ଯୋଜନାର ପ୍ରଶଂସକ

**ନୂଆଦିଲ୍ଲୀ,୧୦-୧୦:** ଅର୍ଥନୀତିରେ ନୋବେଲ ପୁରସ୍କାର ବିଜୟୀ ପଲ୍ ମାଇକେଲ ରୋମର ଭାରତରେ ଲାଗୁ ହୋଇଥିବା ଆଧାର ଯୋଜନାର ଜଣେ ଉଚ୍ଚ ପ୍ରଶଂସକ। ଗତ ବର୍ଷ ମାର୍ଚ୍ଚରେ ସେ ବ୍ଲୁମବର୍ଗକୁ ଦେଇଥିବା ଏକ ସାକ୍ଷାତ୍‌କାରରେ ଆଧାର ଯୋଜନାକୁ ଭୂରି ଭୂରି ପ୍ରଶଂସା କରିଥିଲେ। ସେ କହିଥିଲେ ଯେ, ଆଧାରର ବାୟୋମେଟ୍ରିକ ଯୋଜନା ସବୁଠାରୁ ଉନ୍ନତ ବ୍ୟବସ୍ଥା କୁହାଯାଇପାରେ। ଏହାକୁ ସାରା ବିଶ୍ୱରେ ଲାଗୁ କରାଯିବା ଉଚିତ୍ ବୋଲି ସେ ଯୁକ୍ତି ଦର୍ଶାଇଥିଲେ। ବିଶ୍ୱ ବ୍ୟାଙ୍କର ମୁଖ୍ୟ ଅର୍ଥନୀତିଜ୍ଞ ଭାବେ ସେତେବେଳେ ଦାୟିତ୍ୱ ତୁଲାଇଥିବା ରୋମର ଚଳିତ ବର୍ଷ ଜାନୁୟାରୀରେ ଅବସର ନେଇଥିଲେ। ତାଙ୍କ ମତରେ ମାନଦଣ୍ଡ ପୂରଣ କଲାଭଳି ଏକ ବ୍ୟବସ୍ଥା ରହିବା ଆବଶ୍ୟକ। ଏହାଦ୍ୱାରା ବିଶ୍ୱର ଯେକୌଣସି କୋଣରେ ଥିଲେ ମଧ ଜଣକ ନିକଟରେ ଏକ ପରିଚୟପତ୍ର ରହିପାରିବ।

# ଭାରତକୁ ଅତିରିକ୍ତ ତେଲ ଦେବ ସାଉଦି ଆରବ

**ନୂଆଦିଲ୍ଲୀ,୧୦-୧୦**

**ଆମେରିକା ଧମକର ପ୍ରଭାବ**
- ଭାରତ ପାଇବ ଅଧିକ ୪୦ ଲକ୍ଷ ବ୍ୟାରେଲ ଅଶୋଧିତ ତେଲ
- ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦେଇଥିଲେ ଧମକ
- ସାଉଦି ଆରବରୁ ଭାରତ ମାସକୁ ୨୫ ମିଲିୟନ ବ୍ୟାରେଲ ତେଲ କିଣେ



ଇରାନ ବିରୋଧରେ କଟକଣା ଲାଗୁ ହେବାକୁ ଯାଉଥିବା ପରିପ୍ରେକ୍ଷୀରେ ଗତ ସପ୍ତାହରେ ଅଧିକ ଅଶୋଧିତ ତେଲ ଉତ୍ପାଦନ ପାଇଁ ସାଉଦି ଆରବକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଧମକ ଦେଇଥିଲେ। ଏହାର ପ୍ରଭାବ ଏବେ ଦେଖିବାକୁ ମିଳୁଛି। ନଭେମ୍ବରରୁ ସାଉଦି ଆରବ ଭାରତକୁ ଅତିରିକ୍ତ ୪୦ ଲକ୍ଷ ବ୍ୟାରେଲ ତେଲ ଦେବ। ଏ ସମ୍ପର୍କରେ ବୁଧବାର ଜଣେ ଅଧିକାରୀ କହିଛନ୍ତି।

ଗତ ସପ୍ତାହରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସାଉଦି ଆରବକୁ ଧମକ ଦେଇ କହିଥିଲେ ଯେ, ସେ ଦେଶର ରାଜା ଆମେରିକାର ସୈନ୍ୟ ସହଯୋଗ ବିନା ଦୁଇ ସପ୍ତାହ ଗାଦିରେ ରହିପାରିବେ ନାହିଁ। ଏହା କହି ଟ୍ରମ୍ପ ସାଉଦି ଆରବକୁ ଅଧିକ ତେଲ ଉତ୍ପାଦନ ଲାଗି ଏକପ୍ରକାର ଚାପ ପକାଇଥିଲେ। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ଆକାଶଛୁଆଁ ହେବା ପରେ ରାଷ୍ଟ୍ରପତି ଟ୍ରମ୍ପ ତୈଳ ଉତ୍ପାଦନକାରୀ ଦେଶ ଓପେକ୍ ଓ ଅନ୍ୟ ରାଷ୍ଟ୍ରକୁ ଅଧିକ ତେଲ ଉତ୍ପାଦନ କରିବାକୁ ଅନୁରୋଧ କରିଥିଲେ। ତେବେ ତାଙ୍କର ଏହି ଅନୁରୋଧକୁ କେହି ଗ୍ରହଣ ନ କରିବା ଦେଖି ସେ ଶେଷରେ ଧମକ ଦେବା ଆରମ୍ଭ କରିଥିଲେ। ଇରାନ ବିରୋଧରେ କଟକଣା ଲାଗୁ ପରେ ତେଲ ଉତ୍ପାଦନ ପ୍ରଭାବିତ ହେବାକୁ ଯାଉଥିବାରୁ ଏହାର ଭରଣା କରିବାକୁ ଆମେରିକା କହିଆସୁଛି। ମିଳିଥିବା ସୂଚନାରୁ ଜଣାପଡିଛି ଯେ, ନଭେମ୍ବରରେ ଦେଶର ତୈଳ କମ୍ପାନୀଗୁଡିକ ଯଥା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ, ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେଶନ, ଭାରତ ପେଟ୍ରୋଲିୟମ କର୍ପୋରେଶନ ଓ ଏମ୍‌ଆର୍‌ପିଏଲ୍ ସାଉଦି ଆରବରୁ ଅତିରିକ୍ତ ୧୦ ଲକ୍ଷ ବ୍ୟାରେଲ ତେଲ କିଣିବା ପାଇଁ ଆଗ୍ରହ ଦେଖାଇଛନ୍ତି। ଉଲ୍ଲେଖଥାଉ କି, ଇରାନର ତେଲ ଉପରେ ଅତିରିକ୍ତ ନିର୍ଭରଶୀଳତା କାରଣରୁ ଆମେରିକାକୁ କଟକଣା କୋହଳ ପାଇଁ ଚାପ ପକାଉଛି ଭାରତ। ଇତିମଧ୍ୟରେ ଭାରତର ଦୁଇଟି ତୈଳ କମ୍ପାନୀ ଇରାନରୁ ୯୦ ଲକ୍ଷ ବ୍ୟାରେଲ ତେଲ କିଣିବାକୁ ଯାଉଛି ବୋଲି କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିସାରିଛନ୍ତି। ସାଉଦି ଆରବରୁ ଭାରତ ମାସକୁ ୨୫ ମିଲିୟନ ବ୍ୟାରେଲ ତେଲ ଆମଦାନୀ କରିଥାଏ।

# ଆମ୍ରପାଲି ଗ୍ରୁପ୍‌ର ୯ ସମ୍ପତ୍ତି ସିଲ୍

**ନୂଆଦିଲ୍ଲୀ,୧୦-୧୦**

ସୁପ୍ରିମକୋର୍ଟ ଆମ୍ରପାଲି ଗ୍ରୁପ୍‌ର ୩ ଜଣ ନିର୍ଦ୍ଦେଶକଙ୍କୁ ପୋଲିସ ହେପାଜତକୁ ପଠାଇବାର ଦିନକ ପରେ ବୁଧବାର ନୋଇଡା ଏବଂ ଗ୍ରେଟର ନୋଇଡାରେ ଥିବା ଏହାର ୭ଟି ସମ୍ପତ୍ତିକୁ ସିଲ୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଠାରେ ୪୬ଟି ସହଯୋଗୀ କମ୍ପାନୀର ଦସ୍ତାବିଜକୁ ରଖାଯାଇଥିବା କମ୍ପାନୀ ପକ୍ଷରୁ କୁହାଯାଇଥିଲା। ବିଚାରପତି ୟୁ.ୟୁ. ଲଳିତ ଏବଂ ବିଚାରପତି ଡି.ୱାଇ.ଚନ୍ଦ୍ରଚୂଡ଼ଙ୍କୁ ନେଇ ଗଠିତ ଖଣ୍ଡପୀଠ ବିହାରର ରାଜଗୀର ଓ ବକ୍ସରରେ ଥିବା ଦୁଇଟି ସମ୍ପତ୍ତିକୁ ମଧ ସିଲ୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସିଲ୍ ହେବା ପରେ ଏହାର ଚାବିକୁ ସର୍ବୋଚ୍ଚ ଅଦାଲତଙ୍କ ରେଜିଷ୍ଟ୍ରାରଙ୍କ ନିକଟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ୯ଟି ସ୍ଥାନ ଛଡ଼ା ଅନ୍ୟ କୌଣସି ସ୍ଥାନରେ କାଗଜପତ୍ର ଜମା ହୋଇ ରହିନାହିଁ ବୋଲି ଜଣାଇ ପୋଲିସ ହେପାଜତରେ ଥିବା ୩ ନିର୍ଦ୍ଦେଶକଙ୍କୁ ସତ୍ୟପାଠ ଦାଖଲ କରିବାକୁ କହିଛନ୍ତି। ଖଣ୍ଡପୀଠ ଏହାମଧ କହିଛନ୍ତି ଯେ, ସିଲ୍ ହୋଇଥିବା ସ୍ଥାନରେ କେବଳ କୋର୍ଟ ଦ୍ୱାରା ନିଯୁକ୍ତ ଫରେନ୍ସିକ ଅଡିଟର ଅଥବା ସେମାନଙ୍କ ଦ୍ୱାରା ଅଧିକୃତ ଅଧିକାରୀ ହିଁ ଯାଇପାରିବେ। ଉଲ୍ଲେଖଥାଉ କି, ଆମ୍ରପାଲି ଗ୍ରୁପ୍ ଅଦାଲତ ସହ ଲୁଚକାଳି ଖେଳ ବନ୍ଦ କରୁ ବୋଲି ଦର୍ଶାଇ ସୁପ୍ରିମ୍‌କୋର୍ଟ ୩ ଜଣ ନିର୍ଦ୍ଦେଶକଙ୍କୁ ପୋଲିସ ହେପାଜତକୁ ପଠାଇଥିଲେ। ସମ୍ପତ୍ତି ସିଲ୍ ହେବା ପର୍ଯ୍ୟନ୍ତ ସେମାନେ ପୋଲିସ ହେପାଜତରେ ରହିବେ ବୋଲି କହିଥିଲେ।

# ଓଡ଼ିଶାରେ ଟାଟା ମୋଟର୍ସର ୪୬% ଭଲ୍ୟୁମ୍ ଅଭିବୃଦ୍ଧି

**ଭୁବନେଶ୍ୱର,୧୦-୧୦**



ଟାଟା ମୋଟର୍ସର ବାଣିଜ୍ୟିକ ଯାନ ଶୃଙ୍ଖଳା ଓଡିଶାରେ ଏହାର ଅଭିବୃଦ୍ଧି ଧାରାକୁ ବଜାୟ ରଖିଛି। ୨୦୧୮-୧୯ ଆର୍ଥିକ ବର୍ଷର ପ୍ରଥମ ୬ ମାସରେ କମ୍ପାନୀ ରାଜ୍ୟରେ ୪୬% ଭଲ୍ୟୁମ ଅଭିବୃଦ୍ଧି ହାସଲ କରିବାକୁ ସକ୍ଷମ ହୋଇଛି। କମ୍ପାନୀ ଏହାର ଗ୍ରାହକ କୈନ୍ଦ୍ରିକ ପଦକ୍ଷେପ, କଷ୍ଟ ରିଡକଶନ, ନୂଆ ପ୍ରଡକ୍ଟ ଲଞ୍ଚ ଦ୍ୱାରା ଏହାର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବାକୁ ପ୍ରୟାସ ଜାରି ରଖିଥିବା କମ୍ପାନୀର କମର୍ସିଆଲ୍ ଭେଇକିଲ୍ ବିଜନେଶ ୟୁନିଟ୍ ସଭାପତି ଗିରିଶ ୱାଗ୍ ଏଠାରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। କମ୍ପାନୀ ବିଏସ୍-୪ ପ୍ରଡକ୍ଟ ଶୃଙ୍ଖଳା ବଜାରକୁ ଆଣିଥିବା ବେଳେ ଏହା ଭଲ ପ୍ରଦର୍ଶନ କରିବା ସହ ଗ୍ରାହକଙ୍କ ନିକଟରୁ ଭଲ ରେସପନ୍ସ ପାଉଥିବା ସେ କହିଛନ୍ତି। କମ୍ପାନୀ ଅଂଶୀଦାରଙ୍କ ସହ ଉତ୍ତମ ସମ୍ପର୍କ ସ୍ଥାପନା, ସେଲସ୍ ସପୋର୍ଟ ସର୍ଭିସ ଭଳି ବିଭିନ୍ନ ପଦକ୍ଷେପ ନେଉଥିବା ସେ ସୂଚନା ଦେଇଛନ୍ତି।

କମ୍ପାନୀ ବର୍ତ୍ତମାନ ଓଡିଶାରେ ବାଣିଜ୍ୟିକ ଯାନ କ୍ଷେତ୍ରରେ ୪୫% ବଜାର ଅଂଶ ହାସଲ କରିଛି। ପୂର୍ବାଞ୍ଚଳରେ ବାଣିଜ୍ୟିକ ଯାନରେ କମ୍ପାନୀର ବଜାର ଅଂଶ ୫୭% ରହିଛି। ମଧ୍ୟମ ଏବଂ ଉଚ୍ଚ ବର୍ଗର ବାଣିଜ୍ୟିକ ଯାନ ଅଭିବୃଦ୍ଧି ଏଠାରେ ଉନ୍ନତ ରହିଛି। କମ୍ପାନୀ ବାଣିଜ୍ୟିକ ଯାନ ବର୍ଗରେ ଏହାର ମୋଟ ବଜାର ଅଂଶକୁ ୩% ବୃଦ୍ଧି କରିଛି। କ୍ଷୁଦ୍ର ବାଣିଜ୍ୟିକ ଯାନ ବର୍ଗରେ ୬% ଶେୟାର ଅଭିବୃଦ୍ଧି ଏବଂ ଯାତ୍ରୀବାହୀ ବାଣିଜ୍ୟିକ ଯାନ ବର୍ଗରେ କମ୍ପାନୀ ୪% ବଜାର ଅଂଶ ଉନ୍ନତ କରି ପାରିଛି। ଟାଟା ମୋଟର୍ସ ଓଡିଶାରେ ଏହାର ନେଟ୍‌ୱର୍କକୁ ଦୃଢ଼ କରିବା ସହ ୩୦ଟି ୩ ଏସ୍ ଫାସିଲିଟି ସ୍ଥାପନ କରିଛି ଏହା ମଧ୍ୟରେ ୧୨ ଡିଲର ମେନ୍ ସେଟପ୍, ୧୮ ବ୍ରାଞ୍ଚ ସେଟପ୍ ରହିଛି। ଏହା ସହ ୨୨ ୱାନ୍ ଏସ୍ ସେଲ୍‌ସ ଆଉଟଲେଟ, ୩୦ ଟାଟା ଅଧିକୃତ ସର୍ଭିସ ଷ୍ଟେଶନ ସହ ଏହା କାର୍ଯ୍ୟ କରୁଛି। ସେହିଭଳି ଏହା ଭାଲ୍ୟୁ ଆଡେଡ ସେବା ଉପରେ ଧ୍ୟାନ କେନ୍ଦ୍ରିତ କରୁଥିବା ସୂଚନା ଦେଇଛି। ୬ ବର୍ଷରେ ୬ ଲକ୍ଷ କିମିର ୱାରେଣ୍ଟି ଏହା ପ୍ରଦାନ କରୁଛି। ଗ୍ରାହକଙ୍କୁ ପିସ୍ ଅଫ୍ ମାଇଣ୍ଡ ପ୍ରଦାନ ଦିଗରେ ଏହା କାର୍ଯ୍ୟରତ ବୋଲି ପ୍ରକାଶ କରିଛି।

ଭାରତକୁ ଆଇଏମ୍‌ଏଫ୍‌ର ପ୍ରଶଂସା

# ବିକାଶଶୀଳ ଦେଶ ଭିତରେ କମ୍ ଋଣ ନେଇଛି ଭାରତ

**ୱାଶିଂଟନ,୧୦-୧୦**

ଭାରତ ବିଶ୍ୱରେ ଦ୍ରୁତଗତିରେ ଅଭିବୃଦ୍ଧି ହାସଲ କରୁଥିବା ଦେଶ ହୋଇଥିବା ବେଳେ ଅନ୍ୟ ବଡ଼ ତଥା ବିକାଶଶୀଳ ଦେଶ ତୁଳନାରେ କମ୍ ଋଣ ନେଇଛି। ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍‌ଏଫ୍)ର ବିତ୍ତୀୟ ବ୍ୟାପାର ବିଭାଗର ନିର୍ଦ୍ଦେଶକ ଭିଟର ଗାସ୍‌ପର କହିଛନ୍ତି ଯେ, ଭାରତର ଋଣ ଅନ୍ୟ ବୃହତ ତଥା ବିକାଶଶୀଳ ଦେଶ ଠାରୁ କମ୍। ଆଇଏମ୍‌ଏଫର ସଦ୍ୟତମ ରିପୋର୍ଟ ଅନୁଯାୟୀ ୨୦୧୭ରେ ଭାରତରେ ଘରୋଇ ଋଣର ପରିମାଣ ଜିଡିପିର ୫୪.୫% ରହିଥିବା ବେଳେ ସରକାରଙ୍କ ଋଣ ପରିମାଣ ୭୦.୪% ରହିଛି। ମୋଟ ଋଣର ପରିମାଣ ମିଶାଇ ଦେଲେ ଏହା ଜିଡିପିର ପ୍ରାୟ ୧୨୫% ରହିଛି। ସେହି ସମୟରେ ଚାଇନାର ଋଣ ପରିମାଣ ଜିଡିପିର ୨୪୭% ଥିଲା। ସେହି କାରଣରୁ ବିଶ୍ୱର ଋଣ ପରିମାଣକୁ ହିସାବକୁ ନେଲେ ଭାରତର ଋଣ ଯଥେଷ୍ଟ କମ୍ ବୋଲି ଗାସ୍‌ପର କହିଛନ୍ତି।

# ଏୟାର ଏସିଆ ପକ୍ଷରୁ ଭୁବନେଶ୍ୱର-ବ୍ୟାଙ୍କକ୍ ବିମାନ ସେବା




**ନୂଆଦିଲ୍ଲୀ,୧୦-୧୦**

ପ୍ରମୁଖ ବିମାନ ସେବା ପ୍ରଦାନକାରୀ କମ୍ପାନୀ ଏୟାର ଏସିଆ ଇଣ୍ଡିଆ ପକ୍ଷରୁ ଭୁବନେଶ୍ୱରରୁ-ବ୍ୟାଙ୍କକ୍ ସିଧାସଳଖ ବିମାନ ସେବା ସମ୍ପର୍କରେ ଘୋଷଣା ହୋଇଛି। ଏହା ଭୁବନେଶ୍ୱରରୁ ସପ୍ତାହକୁ ୩ ଦିନ ଉଡାଣ ଭରିବ। ଯାତ୍ରୀମାନେ ବୁଧବାର, ଶୁକ୍ରବାର ଏବଂ ରବିବାର ବ୍ୟାଙ୍କକ୍ ଅଭିମୁଖେ ଯାତ୍ର କରି ପାରିବେ। ସେହିଭଳି ବ୍ୟାଙ୍କକ୍ ପଟୁ ମଙ୍ଗଳବାର, ଗୁରୁବାର ଏବଂ ଶନିବାର ଏହା ଭୁବନେଶ୍ୱର ଫେରିବ। ଡିସେମ୍ବର ୭ରୁ ବିମାନ ସେବା ଆରମ୍ଭ ହେବାକୁ ଥିବା ବେଳେ ଏଥି ପାଇଁ ବୁକିଂ ଆରମ୍ଭ ହୋଇଥିବା ଏୟାର ଏସିଆ ଇଣ୍ଡିଆ ମାର୍କେଟିଂ ମୁଖ୍ୟ ରାଜକୁମାର ପରନ୍ଥମନ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗ୍ରାହକମାନେ ପ୍ରମୋଶନାଲ ଦେୟ ୨୯୯୯ ଟଙ୍କା ପ୍ରଦାନ କରି ବ୍ୟାଙ୍କକ୍‌କୁ ଯାତ୍ରା କରିବାକୁ ସକ୍ଷମ ହେବେ। ଚଳିତ ମାସ ୧୦ ତାରିଖ ଠାରୁ ୨୧ ମଧ୍ୟରେ ବୁକିଂ ଉପରେ ଗ୍ରାହକମାନେ ଡିସେମ୍ବର ୭ରୁ ୩୦ ମାର୍ଚ୍ଚ ୨୦୧୯ ମଧ୍ୟରେ ଯାତ୍ରା ସୁବିଧା ଲାଭ କରିପାରିବେ।

ସେହିଭଳି କମ୍ପାନୀ ବିଶାଖାପାଟଣାଠାରୁ ବ୍ୟାଙ୍କକ୍‌କୁ ସପ୍ତାହିକ ୪ ଥର ବିମାନ ସେବା ପ୍ରଦାନ ନେଇ ସୂଚନା ରହିଛି। ଏହା ଡିସେମ୍ବର ୮ରୁ ଆରମ୍ଭ ହେବ। ଓଡିଶା ବଜାର କମ୍ପାନୀ ପାଇଁ ଏକ ପ୍ରମୁଖ ସ୍ଥାନ ହୋଇଥିବା ଅନ୍ୟ ସ୍ଥାନଗୁଡ଼ିକୁ ସିଧାସଳଖ ବିମାନ ସେବା ଯୋଗାଣ ନେଇ ବିଚାର କରାଯାଉଛି ବୋଲି ପରନ୍ଥମନ କହିଛନ୍ତି। ବଜାର ସ୍ଥିତିକୁ ଅନୁଧ୍ୟାନ କରି ଆଗାମୀ ନିଷ୍ପତ୍ତି ହେବ ବୋଲି ସେ କହିଛନ୍ତି। କମ୍ପାନୀ ଦେଶରେ ୨୧ ଡେଷ୍ଟିନେଶନରେ ଏହାର ଉପସ୍ଥିତି ଜାହିର କରିଛି। ଏହା ସହିତ ୧୧ ଅନ୍ତର୍ଜାତୀୟ ରୁଟ୍‌କୁ ଭାରତରୁ ସେବା ସଂଯୋଗ କରିଛି। ପାର୍ବଣ ସହ ପିକ୍ ମାସଗୁଡିକରେ କମ୍ପାନୀର ଅକ୍ୟୁପାନ୍ସି ୯୦% ରହିଥିବା ସେ ସୂଚନା ଦେଇଛନ୍ତି। ଭୁବନେଶ୍ୱରରୁ ଏହି ନୂଆ ରୁଟ୍‌ରେ ବିମାନ ସେବାକୁ ନେଇ ଆଶାବାଦୀ ରହିଛୁ ବୋଲି ସେ କହିଛନ୍ତି।

# ବ୍ରିଟିଶ୍ ଯୁଗର କମ୍ପାନୀ ବନ୍ଦ ହେବ

**ନୂଆଦିଲ୍ଲୀ,୧୦-୧୦**

କେନ୍ଦ୍ର ସରକାର କୋଲକାତାର ଏକ ବ୍ରିଟିଶ ଯୁଗର କମ୍ପାନୀ ବିକୋ ଲରି ଲିମିଟେଡକୁ ବନ୍ଦ କରି ଦେବା ଲାଗି ନିଷ୍ପତ୍ତି ନେଇଛନ୍ତି। କ୍ରମାଗତ କ୍ଷତି ସହିବା ପରେ ଏହାକୁ କିଣିବା ଲାଗି କେହି ଆଗ୍ରହ ପ୍ରକାଶ ନ କରିବାରୁ ବାଧ୍ୟ ହୋଇ ସରକାର ଏହାକୁ ବନ୍ଦ କରିବା ଲାଗି କେନ୍ଦ୍ର କ୍ୟାବିନେଟ ନିଷ୍ପତ୍ତି ନେଇଛନ୍ତି। ଏଥିସହ ସରକାର ଅନ୍ୟତମ ରାଷ୍ଟ୍ରାୟତ୍ତ କମ୍ପାନୀ ନ୍ୟାଶନାଲ ଜୁଟ୍ ମାନୁଫାକଚରର୍ସ କର୍ପୋରେଶନ ଓ ଏହାର ସହାୟକ କମ୍ପାନୀକୁ ବିକ୍ରି କରିବାକୁ ନିଷ୍ପତ୍ତି ନିଆଯାଇଛି। ଏ ସମ୍ପର୍କରେ ଆଇଟିମନ୍ତ୍ରୀ ରବିଶଙ୍କର ପ୍ରସାଦ ବୁଧବାର କହିଛନ୍ତି।

ବ୍ରିଟିଶ ଯୁଗର ଉକ୍ତ କମ୍ପାନୀକୁ କେନ୍ଦ୍ର ସରକାର ମାତ୍ର ୧୫୩ କୋଟି ଟଙ୍କାରେ ବିକି ଦେବାକୁ ପ୍ରସ୍ତୁତ ଥିଲେ। କିନ୍ତୁ ତେଲ ମାର୍କେଟିଂ କମ୍ପାନୀମାନେ ମଧ ଏହାକୁ କିଣିବାକୁ ରାଜି ହେଲେନି। କାରଣ ସେମାନେ ଅଶୋଧିତ ତେଲ ଦର ବୃଦ୍ଧିକୁ ନେଇ ଚିନ୍ତାରେ ପଡ଼ିଯାଇଛନ୍ତି। ଏହାଛଡା ବିକେ ଲରି ବର୍ତ୍ତମାନ ଯେଉଁ ସାମଗ୍ରୀ ଉତ୍ପାଦନ କରୁଛି, ତାହା ତୈଳ କମ୍ପାନୀଙ୍କ କାରବାର ସହ ମେଳ ଖାଉ ନାହିଁ। ଉକ୍ତ କମ୍ପାନୀ କିପରି ଲାଭରେ ପହଞ୍ଚିପାରିବ ସେ ନେଇ ସରକାର କେପିଏମ୍‌ଜିର ଦ୍ୱାରସ୍ଥ ହୋଇଥିଲେ। କମ୍ପାନୀ ବନ୍ଦ କରିବା ସମ୍ପର୍କରେ ଘୋଷଣା କରି ଆଇଟି ପ୍ରସାଦ କହିଛନ୍ତି ଯେ, ୩୦୦ କର୍ମଚାରୀଙ୍କୁ ସ୍ୱେଚ୍ଛା ଅବସର ଘୋଷଣା ମାଧ୍ୟମରେ ବିଦା କରାଯିବ। ସେହିପରି ଜୁଟ କର୍ପୋରେଶନର ସମ୍ପତ୍ତିକୁ ସରକାର ଅନ୍ୟ କାମରେ ଲଗାଇବେ।

# ଶୀଘ୍ର ସଞ୍ଚୟ ଆରମ୍ଭ ହିଁ ଅବସରକାଳୀନ ପାଣ୍ଠି ଗଠନର ମୂଳମନ୍ତ୍ର

## ଅର୍ଥର ଅର୍ଥ



Rupkumar Pradhan
**CERTIFIED FINANCIAL PLANNER[CM]**
“Director, SmartFin Wealth Management Pvt. Ltd.”

‘ଧରିତ୍ରୀ’ ପକ୍ଷରୁ ‘ଅର୍ଥର ଅର୍ଥ’ ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

**ମୁଁ ଧରିତ୍ରୀ ‘‘ଅର୍ଥର ଅର୍ଥ’’ ସ୍ତମ୍ଭର ନିୟମିତ ପାଠକ। ମୋ ବୟସ ୪୨ ବର୍ଷ ଓ ବିବାହିତ। ପୁଅ ଓ ଝିଅ ୨ଟି ପାଠ ପଢୁଛନ୍ତି। ସେମାନଙ୍କ ଭବିଷ୍ୟତ ପାଠପଢା ଓ ବାହାଘର ପାଇଁ କିଛି ସଞ୍ଚୟ କରିଛି। ଯେହେତୁ ବ୍ୟବସାୟ କରୁଛି ତେଣୁ ସେମିତି କିଛି ପେନ୍‌ସନ୍ ପାଇବା ସୁବିଧା ନାହିଁ। ପେନ୍‌ସନ ପାଇବା ପାଇଁ ଏକ ପାଣ୍ଠି ଗଠନ କରିବାକୁ ଚାହୁଁଛି। କେବେଠାରୁ ସଞ୍ଚୟ ଆରମ୍ଭ କରିବା ଉଚିତ ହେବ? ଆଗାମୀ ୨ରୁ୩ ବର୍ଷରେ ବ୍ୟବସାୟ ଟିକେ ଭଲ ଚାଲିଲେ ଭାବୁଛି ସଞ୍ଚୟ କରିବା ଆରମ୍ଭ କରିବି। କେଉଁ ସ୍କିମରେ ନିବେଶ କଲେ ଭଲ ହେବ? ଏ ବିଷୟରେ ଆପଣଙ୍କ ପରାର୍ମଶ ଲେଖିବା ପାଇଁ ଅନୁରୋଧ।**
**– ଅଜୟ ସାହୁ, ଭଞ୍ଜନଗର**

ଅବସରକାଳୀନ ପାଣ୍ଠି ଗଠନ କରିବା ଲାଗି ଯେତେଶୀଘ୍ର ପଦକ୍ଷେପ ନେବେ ସେତେ ଭଲ ହେବ। ଆମେ ପ୍ରାୟତଃ ସମସ୍ତେ ନିଜର ଅବସରକାଳୀନ ଖର୍ଚ୍ଚ ବା ପେନ୍‌ସନ୍ ପାଇଁ ଯୋଜନା କରୁଛୁ ବା ଏ ବିଷୟରେ ଭାବୁଛୁ, କିନ୍ତୁ ସାଧାରଣତଃ ଆମ ଜୀବନରେ ସବୁଠାରୁ ମୁଖ୍ୟ ଆର୍ଥିକ ଲକ୍ଷ୍ୟ ପାଇଁ ସଞ୍ଚୟ ବା ନିବେଶ କରିବା ସମୟରେ ଆଦୌ ଆଗ୍ରହ ପ୍ରକାଶ କରୁନାହୁଁ। କାଳକ୍ଷେପଣ ନୀତି ଅନୁଯାୟୀ ଆସନ୍ତା ମାସରେ କିମ୍ବା ବର୍ଷରେ କରିବା କହି ବିଳମ୍ବ କରୁଛୁ। ଅବସରକାଳୀନ ପାଣ୍ଠି ଗଠନ କରିବା କ୍ଷେତ୍ରରେ ଆଦୌ ବିଳମ୍ବ କରିବା ଉଚିତ ନୁହେଁ। ଶୀଘ୍ର ଆରମ୍ଭ କରିବା କ୍ଷେତ୍ରରେ ଆପଣଙ୍କ ମାସିକ ସଞ୍ଚୟ ରାଶି ଚକ୍ରବୃଦ୍ଧି ସୁଧହାରର ସୁବିଧା ପାଇ ପାରିବେ।

ଅବସରକାଳୀନ ପାଣ୍ଠି ଗଠନ କରିବା କ୍ଷେତ୍ରରେ ପ୍ରାୟତଃ ଅଧିକାଂଶ ଲୋକ ଆଶଙ୍କା ଓ ଆଗ୍ରହ ପ୍ରକାଶ ନ କରିବା କାରଣ ହେଉଛି ବିଳମ୍ବରେ ଆରମ୍ଭ କରିବା। ଏତେ କମ୍ ଏତେ ବର୍ଷ ଭିତରେ ସଞ୍ଚୟ କରି ପାରିବି ତ? ମୋର ଆବଶ୍ୟକତା ଅନୁଯାୟୀ ପାଣ୍ଠି ଗଠନ କରି ପାରିବ କି?

ପ୍ରକୃତ ପଦକ୍ଷେପ ହେଉଛି ଯେତେ ଶୀଘ୍ର ସଞ୍ଚୟ ଆରମ୍ଭ କରିବେ, ଏହା ହିଁ ଅବସରକାଳୀନ ପାଣ୍ଠି ଗଠନର ମୂଳମନ୍ତ୍ର। ଆପଣ ନିମ୍ନଲିଖିତ ଟେବୁଲକୁ ଦୃଷ୍ଟି ଦେଲେ ବୁଝିପାରିବେ ଯେ ଯିଏ ଯେତେ ବିଳମ୍ବରେ ଅବସରକାଳୀନ ପାଣ୍ଠି ଗଠନ ପାଇଁ ସଞ୍ଚୟ ଆରମ୍ଭ କରିବେ ଏହା ତାଙ୍କ ପାଇଁ ସେତେ ବ୍ୟୟସାପେକ୍ଷ ହିଁ ହେବ।

ଆମର ପରାମର୍ଶ ଆପଣ ନିଜର ଅବସରକାଳୀନ ପାଣ୍ଠି ଗଠନ ପାଇଁ ଆଜିଠାରୁ ହିଁ ପଦକ୍ଷେପ ନିଅନ୍ତୁ। ଏ ବିଷୟରେ ଭଲ ଭାବରେ ହିସାବ କରି ନିଜର ଆବଶ୍ୟକତାକୁ ଦୃଷ୍ଟି ଦେଇ ସଞ୍ଚୟ ଆରମ୍ଭ କରନ୍ତୁ। ଏହି ଅବସରକାଳୀନ ପାଣ୍ଠି ଗଠନ ଯୋଜନା ପ୍ରସ୍ତୁତ କରିବା ଓ ଏ ବିଷୟରେ ଅଧିକ ଜାଣିବା ପାଇଁ ଜଣେ ‘ସାର୍ଟିଫାଏଡ୍ ଫାଇନାନ୍‌ସିଆଲ ପ୍ଲାନର’ଙ୍କ ଠାରୁ ପରାମର୍ଶ ନେବା ଭଲ ହେବ।

**ଶୀଘ୍ର ସଞ୍ଚୟ ଆରମ୍ଭ କଲେ ହିଁ ଏହା ଭଲ ଲାଭ ପ୍ରଦାନ କରିବ**

| | ଆକାଶ | ସୁବାସ | ବିକାଶ |
|---|---|---|---|
| ବର୍ତ୍ତମାନ ବୟସ (ବର୍ଷ) | ୨୫ | ୩୦ | ୩୫ |
| ଅବସରଗ୍ରହଣ ବୟସ (ବର୍ଷ) | ୬୦ | ୬୦ | ୬୦ |
| ସଞ୍ଚୟ କରିବା ସମୟସୀମା(ବର୍ଷ) | ୩୫ | ୩୦ | ୨୫ |
| ମାସିକ ସଞ୍ଚୟ (ଟଙ୍କା) | ୫୦୦୦ | ୫୦୦୦ | ୫୦୦୦ |
| ବାର୍ଷିକ ସୁଧହାର | ୧୦% | ୧୦% | ୧୦% |
| ଭବିଷ୍ୟତର ପାଣ୍ଠି (ଟଙ୍କା) | ୧୬,୯୯୩,୯୫୫ | ୧୦,୩୧୪,୨୧୭ | ୬,୧୬୬,୬୨୪ |
| ଆକାଶ ପାଣ୍ଠିର କେତେ ଭାଗ? | | ୬୦.୭% | ୩୬.୩% |

**ମୁଁ ଜଣେ ବରିଷ୍ଠ ନାଗରିକ, ଗତ ଜୁନ ମାସ ଠାରୁ ମାସିକ ପେନ୍‌ସନ୍ ପାଉଛି। ମୋର ବାର୍ଷିକ ପେନସନ ରାଶି କ’ଣ ଆୟକର ଅନ୍ତର୍ଭୁକ୍ତ ହେବ କି?**
**– ମଦନ ମୋହନ ସ୍ୱାଇଁ, କେନ୍ଦ୍ରାପଡ଼ା**

ଉ: ହଁ, ଆପଣଙ୍କ ପେନ୍‌ସନ୍ ରାଶି ଆୟକର ଅନ୍ତର୍ଭୁକ୍ତ ଏବଂ ଏହା ଉପରେ ଆୟକର ଦେବାକୁ ପଡିବ। କେତେ ଆୟକର ଦେବାକୁ ପଡିବ ଏହା ଜଣେ ବ୍ୟକ୍ତିର ବାର୍ଷିକ ଆୟ ଓ ଆୟକର ସ୍ତର ଉପରେ ନିର୍ଭର କରିଥାଏ।

**ପ୍ର: ମୋ ଝିଅକୁ ୨ ବର୍ଷ। ମୋ ଝିଅ ନାମରେ ମ୍ୟୁଚୁଆଲ ଫଣ୍ଡ ଏସ୍‌ଆଇପି କରିପାରିବି କି? ମ୍ୟୁଚୁଆଲ ଫଣ୍ଡରେ ପିଲାମାନଙ୍କ ପାଇଁ କିଛି ସ୍କିମ୍ ଅଛି କି? ମୁଁ ଭାବୁଛି ମାସିକ ୧୩୦୦ ଟଙ୍କା ସଞ୍ଚୟ କରିବି। ଏ ବିଷୟରେ ପରାମର୍ଶ ଦେବା ପାଇଁ ଅନୁରୋଧ।**
**– ସୁଜତା ମିଶ୍ର, ସମ୍ବଲପୁର**

ଉ: ହଁ, ଆପଣଙ୍କ ଝିଅନାମରେ ମ୍ୟୁଚୁଆଲ ଫଣ୍ଡ(ଏସ୍‌ଆଇପି ସିଷ୍ଟମେଟିକ୍ ଇନ୍‌ଭେଷ୍ଟମେଣ୍ଟ ପ୍ଲାନ୍)ରେ ନିବେଶ କରିପାରିବେ। କିଛି ମ୍ୟୁଚୁଆଲ ଫଣ୍ଡ କମ୍ପାନୀ ପିଲାମାନଙ୍କ ଭବିଷ୍ୟତ ପାଠପଢ଼ା ଖର୍ଚ୍ଚ ଓ ବାହାଘର ଖର୍ଚ୍ଚ ପାଣ୍ଠି ଗଠନ ପାଇଁ ସ୍କିମ୍ ପ୍ରଦାନ କରୁଛନ୍ତି। ଆପଣଙ୍କ ଝିଅର ପାଠପଢ଼ା ଖର୍ଚ୍ଚ କିମ୍ବା ବାହାଘର ଖର୍ଚ୍ଚ ପାଇଁ ଏହି ସ୍କିମରେ ମଧ ଏସ୍‌ଆଇପି କରିପାରିବେ।

**ଆମ ଠିକଣା**
ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର - ୧୦

**ପୂର୍ବ ତଟ ରେଳପଥ**

**ସମ୍ବଲପୁର ମଣ୍ଡଳରେ ଦୀର୍ଘ ଦିନ ଧରି ଖାଲିଥିବା ଅନୁକମ୍ପାମୂଳକ ନିଯୁକ୍ତି ମାମଲା-2018 ପାଇଁ ଅଦାଲତ**

ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳ ପକ୍ଷରୁ ଦୀର୍ଘ ଦିନ ଧରି ଖାଲିଥିବା ଅନୁକମ୍ପାମୂଳକ ନିଯୁକ୍ତି ସମ୍ପନ୍ନ କରିବା ପାଇଁ ମଣ୍ଡଳ ସ୍ତରୀୟ ଅଦାଲତ **ତା.26.10.2018**ରିଖ (ଶୁକ୍ରବାର) ପୂର୍ବାହ୍ନ **1100 ଘଟିକା** ସମୟରେ **ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀଙ୍କ କାର୍ଯ୍ୟାଳୟ/ସମ୍ବଲପୁର** ଠାରେ ଅନୁଷ୍ଠିତ ହେବ। ସେଥିପାଇଁ ମୃତ କର୍ମଚାରୀଙ୍କ ପରିବାର/ଶାରୀରିକ ଅକ୍ଷମ/ଶ୍ରେଣୀ ବହିର୍ଭୂତ କର୍ମଚାରୀଙ୍କ(ଯେଉଁମାନେ କେବଳ ସମ୍ବଲପୁର ମଣ୍ଡଳର ଭୌଗୋଳିକ ଅଧିକାର କ୍ଷେତ୍ର ଅଧୀନରେ କାର୍ଯ୍ୟରତ ଥିଲେ)ଦରଖାସ୍ତ ଗୁଡ଼ିକରେ ସେମାନଙ୍କର ଦୀର୍ଘ ଦିନ ଧରି ଖାଲିଥିବା ଅନୁକମ୍ପାମୂଳକ ନିଯୁକ୍ତି ଭିତ୍ତିକ ମାମଲାର ନିମ୍ନବର୍ଣ୍ଣିତ ତଥ୍ୟ (କେବଳ ଦୀର୍ଘ ଦିନଧରି ଖାଲିଥିବା ମାମଲା)ପ୍ରଦାନ କରି **“ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ, ପୂର୍ବ ତଟ ରେଳପଥ, ସମ୍ବଲପୁର, ସା/ପୋଷ୍ଟ : ମୋଦିପଡ଼ା, ପିନ୍-768002,** ଓଡ଼ିଶା”ଙ୍କ ଠିକଣାରେ ଦରଖାସ୍ତଗୁଡ଼ିକ **ତା.22.10.2018**ରିଖ ସୁଦ୍ଧା ଦାଖଲ କରିପାରିବେ ଏବଂ ସମସ୍ତ ପ୍ରାସଙ୍ଗିକ ମୂଳ ନଥିପତ୍ର/ପ୍ରମାଣପତ୍ର ସହିତ **ତା.26.10.2018**ରିଖ ଦିନ ହେବାକୁ ଥିବା ଅଦାଲତରେ ଯୋଗ ଦେଇପାରିବେ।

**(1) ଆବେଦନକାରୀଙ୍କ ନାମ ଓ ଠିକଣା :**
**(2) ମୃତ କର୍ମଚାରୀଙ୍କ ନାମ :**
**(3) ପଦନାମ, ୟୁନିଟ୍ ଏବଂ ଷ୍ଟେସନ :**
**(4) ପ୍ରାର୍ଥୀଙ୍କ ନାମ, ଯାହାଙ୍କ ପାଇଁ ଏହି ନିଯୁକ୍ତି ଉଦ୍ଦିଷ୍ଟ :**
**(5) ମୃତ/ମେଡିକାଲ ଅଣବର୍ଗିକୃତ ହେବାର ତାରିଖ :**
**(6) ଦରଖାସ୍ତ ତାରିଖ :**
**(7) ଆପତ୍ତିର ସଂପୂର୍ଣ୍ଣ ବିବରଣୀ (ରେଳବାଇ ତରଫରୁ କୌଣସି ପୂର୍ବ ପ୍ରସଙ୍ଗ (ଯଦି ଥାଏ) ସହିତ):**

**ଦରଖାସ୍ତ ପଠାଇବା ସମୟରେ ଆବେଦନକାରୀ ନିମ୍ନବର୍ଣ୍ଣିତ ନଥିପତ୍ରଗୁଡ଼ିକ ସଂଲଗ୍ନ କରିବା ଉଚିତ୍ :**

(1) ମୃତ୍ୟୁ ପ୍ରମାଣପତ୍ର / ସ୍ୱାସ୍ଥ୍ୟଗତ ଅକ୍ଷମତା କିମ୍ବା ଶ୍ରେଣୀ ବହିର୍ଭୂତ ପ୍ରମାଣପତ୍ର,
(2) ନିରୁଦ୍ଦିଷ୍ଟ ରେଳ କର୍ମଚାରୀଙ୍କ ବିଷୟରେ ଦର୍ଜ ହୋଇଥିବା ଏଫ୍‌ଆଇଆର(FIR)।
(3) ଆଇନ୍‌ଗତ ଉତ୍ତରାଧିକାରୀ ପ୍ରମାଣପତ୍ର।
(4) ପରିବାର ସଦସ୍ୟଙ୍କ ବିଷଦ ବିବରଣୀ।
(5) ନିଯୁକ୍ତି ସହାୟତା କାମନା ଭିତ୍ତିକ ଦରଖାସ୍ତ।
(6) ଆବେଦନକାରୀଙ୍କ ଜନ୍ମ ତାରିଖ/ଯୋଗ୍ୟତା ସମ୍ପର୍କିତ ପ୍ରମାଣପତ୍ର।
(7) ଉପଲବ୍ଧ ଥିବା ମୀମାଂସା(Settlement) କାଗଜପତ୍ର।
(8) ସତ୍ୟାପିତ ହୋଇଥିବା ଆବେଦନକାରୀଙ୍କ ଫଟୋ।
(9) ପୋଷ୍ୟ ପୁତ୍ର / କନ୍ୟା ଗ୍ରହଣ ମାମଲାରେ ବୈଧ ପୋଷ୍ୟ ଗ୍ରହଣ ଦଲୀଲ।
(10) ଜ୍ୟେଷ୍ଠଙ୍କ ଠାରୁ କନିଷ୍ଠଙ୍କ ସପକ୍ଷରେ ଆପତ୍ତି ବିହୀନ ପ୍ରମାଣପତ୍ର।
(11) ଅନୁକମ୍ପାମୂଳକ ନିଯୁକ୍ତି ସପକ୍ଷରେ ଅନ୍ୟ ପ୍ରାସଙ୍ଗିକ ନଥିପତ୍ର, ଯଦି ଥାଏ।

PR-362/J/18-19 | ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ, ସମ୍ବଲପୁର

# ପୁଓର ଚିକିତ୍ସା ଲାଗି ବାପ୍ ବାରଦୁଆର

**ସିଡିପିଓ ନିଜର୍ ଦରମାରୁ ଦେଲେ ଚିକିତ୍ସା ସାହାଯ୍**

- ଶିଭମ ବ୍ଲକଫୁଟ ରୋଗ୍‌ରେ ପୀଡିତ୍ ଅଛନ୍।
- ମା'ବାପ୍ ୭ ମାସେ ୩୨ ଥର ବୁର୍ଲା ଡାକ୍ତରଖାନା ନେଇଛନ୍।
- ଓଲଟପୁର ଡାକ୍ତରଖାନାରେ ଅପରେସନ୍ ଅସଫଲ ହେଲା।
- ଜିଲାପାଲକଁରନୁ ନିରାଶ ହେଇ ଫିର୍‌ଲେ ସନ୍ତୋଷ।

**ଗଣ୍ଡତୁରୁମ, ୧୦।୧୦ (ଡି.ଏନ.ଏ)**
ବରଗଡ ଜିଲା ଭେଡେନ ବ୍ଲକ୍ ମହୁଲପାଲି ପଁନ୍‌ଚେତ ଟିହିକିପାଲି ଗାଁର ସନ୍ତୋଷ ବାରିକକଁର ପୁଓ ଶିଭମ(୧୦ ମାସ୍)। ସେ ବ୍ଲକଫୁଟ ରୋଗ୍‌ରେ ପୀଡିତ୍ ଅଛନ୍। ତାକର ଚିକିତ୍ସା ଲାଗି ମା'ବାପ୍ ୭ ମାସ୍ ଭିତ୍‌ରେ ୩୨ ଥର ବୁର୍ଲା ବଡ ଡାକ୍ତରଖାନାକେ ନେଇ ଝଲା ହେଇଗଲେ। ଅବସ୍ତା ଏନ୍ତା ହେଲା ଯେ ଟଁକା ପଏସା ଅଭାବେ ଘରେ ଚୁଲି ଜଲବାର ବଂଦ୍ ହେଇଗଲା। ଶେଷେ ସନ୍ତୋଷ ଉପେ ଶୂଇନ୍ ହେଇ କୁଟୁମ୍‌ବସିଆ ଶଶୁର ଘର ବରପାଲି ବ୍ଲକ୍ କୁମ୍ଭାରୀ ଗାଁକେ ପଲାଲେ। ଇ ଘଟ୍‌ନା ବାବ୍‌ଦେ ଖବର ପାଇ ବରପାଲିର ହେଲପିଂ ହାର୍ଟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଟଁକା ପଏସା ସାହାଯ୍ ଦେବାର ସଂଗେ ଶିଭମର ଚିକିତ୍ସା ଲାଗି ଓଲଟପୁର ଡାକ୍ତରଖାନା ନେବାକେ କହିଥିଲେ। ସନ୍ତୋଷ ଓଲଟପୁର ଡାକ୍ତରଖାନାରେ ପୁଓର ଗୋଡ୍ ଅପରେସନ୍ କରାଲେ ସତ୍, ହେଲେ ଅପରେସନ୍


ବ୍ଲକ୍‌ଫୁଟ ରୋଗ୍‌ରେ ପୀଡିତ୍ ଥିବାର ଶିଭମ ।

ସଫଲ ନାଇଁହେଲା। ଡାକ୍ତର ଆରଥରେ ଅପରେସନ୍ କରବାକେ ପଡ଼ବା ବଲି କହେବାର ସଂଗେ ସେଥିରଲାଗି ଲକ୍ଷାଧିକ୍ ଟଁକା ଖରଚ୍ ହେବା ବଲି କହିଥିଲେ। ଇ କଥା ଶୁନି ସନ୍ତୋଷର ମୁଡେ ଅକାଲ ଚଡକ୍ ପଡଲା ଲେଖେନ୍ ଅବସ୍ତା ହେଇଥିଲା, ସେ ଲଥିକରି ତଲେ ବସିପଡ୍‌ଲେ। ଆଗ୍‌ରୁ ଗୁଟେବଲି ପୁଓର ଚିକିତ୍ସା ଲାଗି ଜମିବାଡି, ଘରର ଜିନିସ୍‌ପାତି ସବୁ ବଁଧା ପକେଇଥିଲା ବେଲ ଆହୁରି ଲକ୍ଷାଧିକ୍ ଟଁକା କେନ୍‌ନୁ ଆନ୍‌ବେ ବଲି ଚିନ୍ତାରେ ପଡିଯାଇଥିଲେ। ଇଥିରଲାଗି ସେ ବରଗଡ ଜିଲାପାଲକୁଁ ଲିଖିତ ଆବେଦନ କରି ନିରାଶ ହେଇ ଫିରିଥିଲେ। ମଙ୍ଗଲବାର ଭେଡ଼େନ ବ୍ଲକ୍ ସମନ୍ୱିତ ଶିଶୁ ବିକାଶ ବିଭାଗ୍‌କେ ସରକାରୀ ସାହାଯ୍ ଲାଗି ଯାଇଥିଲେ। ସିଡିପିଓ ଝୁନୁ କୁମାରୀ ପାତ୍ର ତାକଁର ସବୁ କଥା ଶୁନ୍‌ଲା ଉତାରୁ ଇଥିର୍‌ଲାଗି କେହେନ୍‌ସି ପର୍‌କାର ସରକାରୀ ସାହାଯ୍ ନାଇଁଥିବାର କହିଥିଲେ। ସିଡିପିଓ ସନ୍ତୋଷକଁର ଦୁଖ୍ ଦେଖି ନିଜର ଦରମାରୁ ଶିଭମର ଚିକିତ୍ସା ଲାଗି ୧୭ ହଜାର ଟଁକା ଦେଇଥିଲେ। ଇ କଥା ଜନାପଡ଼ଲା ଉତାରୁ ଅଂଚଲ୍‌ବାସୀ ସିଡିପିଓକୁଁ ସାଧୁବାଦ୍ ଜନେଇଛନ୍।

# ନାରାୟଣୀ ମନ୍ଦିରକୁ ବିଜେ ହେଲେ ଦୁର୍ଗାମାଧବ

**ଶ୍ରୀକ୍ଷେତ୍ରରେ ଗୁପ୍ତ ଗୁଣ୍ଡିଚା**

**ପୁରୀ ଅଫିସ,୧୦।୧୦**
ଶ୍ରୀମନ୍ଦିରରେ ଚାଲିଛି ଦୁର୍ଗାମାଧବ ଉପାସନା। ଆଶ୍ୱିନ ମାସ ଶୁକ୍ଳପକ୍ଷ ପ୍ରଥମ ଦିନରେ ମା' ବିମଳାଙ୍କ ପୀଠରୁ ଦୁର୍ଗାମାଧବ ରଥାକୃତି ବିମାନରେ ବିଜେ ହୋଇ ଦୋଳମଣ୍ଡପ ସାହିସ୍ଥିତ ନାରାୟଣୀ ମନ୍ଦିରକୁ ବିଜେ କରିଥିଲେ। ସେଠାରେ ନୀତି ସମ୍ପନ୍ନ ହୋଇଥିଲା। ଶ୍ରୀମନ୍ଦିରରେ ରାତ୍ର ଚନ୍ଦନ ଲାଗି ବଢିବା ପରେ ଦୁର୍ଗାମାଧବ ଶ୍ରୀମନ୍ଦିରକୁ ବାହୁଡା ବିଜେ କରିଥିଲେ।

ବୁଧବାର ସକାଳ ଧୂପ ବଢିବା ପରେ ଦୁର୍ଗାମାଧବ ଜୟବିଜୟ ଦ୍ୱାର ଦେଇ ଝୁଲଣ ମଣ୍ଡପଠାରେ ଥିବା ବିମାନରେ ବିଜେ କରିଥିଲେ। ଘଣ୍ଟ, ଛତା, କାହାଳୀ ଓ ବୈଜୟନ୍ତି ପଟୁଆରରେ ବିମାନକୁ ସିଂହଦ୍ୱାର ଦେଇ ଦୋଳମଣ୍ଡପ ସାହିକୁ ବିଜେ କରାଯାଇଥିଲା। ବିଜେ ସମୟରେ ବିଭିନ୍ନ ସ୍ଥାନରେ ପାରମ୍ପରିକ ପନ୍ତି ଅନୁଷ୍ଠିତ ହୋଇଥିଲା। ବିମାନକୁ ସାହି ମଝିରେ ଥିବା ମା' ନାରାୟଣୀଙ୍କ ମନ୍ଦିର ପରିସରକୁ ବିଜେ କରାଯାଇଥିଲା। ମନ୍ଦିର ଭିତର ଖଟ ଉପରେ ଦୁର୍ଗାମାଧବ ବିଜେ କରିବା ପରେ ଭିତରଚ୍ଛ ମହାପାତ୍ର ରୁପା ପିଙ୍ଗଣରେ କର୍ପୂର ଜଳ ଲାଗି କରାଇଥିଲେ। ଶୀତଳ ଭୋଗ ମଣୋହି ହୋଇ ବନ୍ଦାପନା ହୋଇଥିଲା। ଶ୍ରୀମନ୍ଦିରରେ ରାତ୍ର ଚନ୍ଦନ ଲାଗି ହେବା ପରେ ଦୁର୍ଗାମାଧବ ପାଲିଙ୍କିରେ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ ହୋଇ ଭଣ୍ଡାରକୁ ବିଜେ କରିଥିଲେ। ଏହି ଉପାସନାକୁ ଗୁପ୍ତ ଗୁଣ୍ଡିଚା ବା ଶାକ୍ତ ଗୁଣ୍ଡିଚା କୁହାଯାଏ। ଏହିପରି ଦୁର୍ଗାମାଧବ ନବମୀ ପର୍ଯ୍ୟନ୍ତ ନାରାୟଣୀ ମନ୍ଦିରକୁ ବିଜେ କରିବେ। ସୂଚନାଯୋଗ୍ୟ, ଆଶ୍ୱିନ କୃଷ୍ଣ ଅଷ୍ଟମୀ ତଥା ମୂଳାଷ୍ଟମୀଠାରୁ ଶ୍ରୀମନ୍ଦିରର ଅଧିଷ୍ଠାତ୍ରୀ ଦେବୀ ବିମଳାଙ୍କ ଷୋଳପୂଜା ଆରମ୍ଭ


ଶ୍ରୀମନ୍ଦିରରୁ ଦୁର୍ଗାମାଧବଙ୍କୁ ନାରାୟଣୀ ମନ୍ଦିରକୁ ନିଆଯାଉଛି।

ହୋଇଛି। ସେହିଦିନଠାରୁ ଦୁର୍ଗାମାଧବ ରୁନ୍ଧା ହୋଇ ପୂଜା ପାଉଛନ୍ତି। ଶ୍ରୀଦୁର୍ଗାମାଧବ ଷୋଳପୂଜାରେ ପ୍ରଥମ ୮ ଦିନ ମା' ବିମଳାଙ୍କ ମନ୍ଦିରକୁ ବିଜେ ହୋଇଥିବା ସ୍ଥଳେ ଶୁକ୍ଳ ପ୍ରତିପଦାରେ ଦୋଳମଣ୍ଡପ ସାହିସ୍ଥ ମା' ନାରାୟଣୀଙ୍କ ମନ୍ଦିରକୁ ବିଜେ ହୋଇଥାନ୍ତି।

ପୁରୀ ହିଂସାକୁ ନେଇ ଶଙ୍କରାଚାର୍ଯ୍ୟଙ୍କ ମତ

# ସଫଳତା ପାଇଁ ଭାବନା ଶୁଦ୍ଧ ହେବା ଦରକାର

**ପୁରୀ ଅଫିସ, ୧୦।୧୦:** ଅକ୍ଟୋବର ପହିଲାରୁ ଶ୍ରୀମନ୍ଦିରରେ ଧାଡ଼ିଦର୍ଶନ ବ୍ୟବସ୍ଥା ଆରମ୍ଭ ହୋଇଛି। ପ୍ରଥମ ଦିନରୁ ହିଁ ଏହାକୁ ବିରୋଧ କରାଯାଇଛି। ଧାଡ଼ି ବ୍ୟବସ୍ଥାକୁ ବିରୋଧ କରି ଗତ ୩ ତାରିଖରେ ଶ୍ରୀଜଗନ୍ନାଥ ସେନା ପୁରୀ ବନ୍ଦ ଡାକରା ଦେଇଥିଲା। ଏହି ବନ୍ଦ ବେଳେ ପୁରୀରେ ବ୍ୟାପକ ହିଂସାକାଣ୍ଡ ଓ ଭଙ୍ଗାରୁଜା ହୋଇଛି। ଶ୍ରୀମନ୍ଦିରକୁ ନେଇ ପୁରୀ ଧାମରେ ଘଟିଯାଇଥିବା ବିଶୃଙ୍ଖଳା ସମ୍ବନ୍ଧରେ ଗୋବର୍ଦ୍ଧନ ମଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ତାଙ୍କ ମତ ରଖିଛନ୍ତି। ବର୍ତ୍ତମାନ ପଞ୍ଜାବର ବଟାଲାରେ ଥିବା ଶଙ୍କରାଚାର୍ଯ୍ୟ ଏ ସମ୍ପର୍କରେ ଲିଖିତ ବାର୍ତ୍ତା ପଠାଇଛନ୍ତି। ଏଥିରେ ଶଙ୍କରାଚାର୍ଯ୍ୟ ଉଲ୍ଲେଖ କରିଛନ୍ତି ଯେ, ସମ୍ପୂର୍ଣ୍ଣ ସଫଳତା ପାଇବାକୁ ହେଲେ ଭାବନା, ନୀତି ଓ ନୀତିକୁ କାର୍ଯ୍ୟକାରୀ କରିବାର ଉପାୟ ଶୁଦ୍ଧ ହେବା ଦରକାର। ନିଜ ଇଚ୍ଛାର କୌଣସି ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବାକୁ ଚାହୁଁଥିବା ବ୍ୟକ୍ତି ବିଚାର ବୁଦ୍ଧି ସମ୍ପନ୍ନ ଏବଂ ଅନୁଶାସିତ ହୋଇଥିବା ଆବଶ୍ୟକ। ନଚେତ୍ ବିସ୍ଫୋରଣ ହୋଇଥାଏ। ସେହିପରି ସଦ୍‌ଭାବପୂର୍ଣ୍ଣ କଥାବାର୍ତ୍ତା ମାଧ୍ୟମରେ ସୈଦ୍ଧାନ୍ତିକ ନିଷ୍ପତ୍ତି ନେବା ଓ ତାକୁ କାର୍ଯ୍ୟକାରୀ କରିବାର ଘୋର ଅଭାବ ତଥା ଜନନାୟକ ରୂପରେ ନିଜକୁ ପ୍ରତିଷ୍ଠିତ କରୁଥିବା ବ୍ୟକ୍ତି ଜନଭାବନାକୁ ସମୁଚିତ ଢଙ୍ଗରେ ଉପସ୍ଥାପିତ କରିବାର ଅକ୍ଷମତା ଏହି ବିସ୍ଫୋରଣର କାରଣ ଅଟେ ବୋଲି ଶଙ୍କରାଚାର୍ଯ୍ୟ ତାଙ୍କ ବାର୍ତ୍ତାରେ ଉଲ୍ଲେଖ କରିଛନ୍ତି।









**ସଂକ୍ଷେପରେ**



## ପ୍ରଥମ ମ୍ୟାଚରେ ନିଜକୁ ପରଖିବେ ବୋଲ୍ଟ

ସିଡ୍‌ନୀ, ୧୦।୧୦ (ଏଏଫ୍‌ପି)

ସ୍ପ୍ରିଣ୍ଟ ସୁପର ଷ୍ଟାର ଉସେନ ବୋଲ୍ଟ ଶୁକ୍ରବାର ଜଣେ ପ୍ରଫେସନାଲ ଫୁଟବଲ ଖେଳାଳି ହିସାବରେ ନିଜକୁ ପରଖିବେ। ସିଡ୍‌ନୀ ଠାରେ ମାକାର୍ଥର ସାଉଥ ୱେଷ୍ଟ ୟୁନାଇଟେଡ ବିପକ୍ଷରେ ଖେଳାଯିବାକୁ ଥିବା ଏହି ମ୍ୟାଚରେ ସେଣ୍ଟ୍ରାଲ କୋଷ୍ଟ ମାରିନର୍ସ ତରଫରୁ ପ୍ରତିନିଧିତ୍ୱ କରିବେ ବୋଲ୍ଟ। ସ୍ପ୍ରିଣ୍ଟ ସୁପର ଷ୍ଟାର ଏହି ମ୍ୟାଚର ଷ୍ଟାର୍ଟିଂ ଲାଇନ୍ ଅପ୍‌ରେ ସ୍ଥାନ ପାଇଥିବା କୋଚ୍ ମାଇକ୍ ମଲ୍‌ଭେ ସୂଚନା ଦେଇଛନ୍ତି। ବୋଲ୍ଟ କହିଛନ୍ତି, ମୋ ଫିଟ୍‌ନେସ ଉପରେ କୋଚ୍ ଭରସା ରଖିଥିବାରୁ ମୁଁ ଆନନ୍ଦିତ। ମୁଁ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବି। ୮ଥର ଅଲିମ୍ପିକ ଚାମ୍ପିୟନ ଅଗଷ୍ଟ ମାସ ଶେଷଭାଗରେ ଫୁଟ୍‌ବଲରେ ପ୍ରଥମ ପଦାର୍ପଣ କରିଥିଲେ। ଜଣେ ବଦଳ ଖେଳାଳି ହିସାବରେ ଲେଫ୍ଟ ଉଇଙ୍ଗରେ ୨୦ ମିନିଟ ଖେଳିବାକୁ ପଡ଼ିଥିଲା। ସେ ମ୍ୟାଚରେ ଗୋଲ ସ୍କୋର କରିବା ସୁଯୋଗ ସୃଷ୍ଟି କରିଥିଲେ। ମାତ୍ର ସେ ଶୀଘ୍ର କ୍ଳାନ୍ତ ହୋଇପଡ଼ିଥିଲେ। ବୋଲ୍ଟ କହିଛନ୍ତି, ସେ ତାଙ୍କ ଫିଟ୍‌ନେସରେ ଉନ୍ନତି ଆଣିପାରିଛନ୍ତି। ଫ୍ରଣ୍ଟରେ ଅଧିକ ସମୟ ଖେଳିବାକୁ ଚେଷ୍ଟା କରିବି ବୋଲି ସେ କହିଛନ୍ତି। ମ୍ୟାଚରେ ପ୍ରଦର୍ଶନକୁ ଦେଖି ସେ ଫୁଟ୍‌ବଲରେ ତାଙ୍କ ଭବିଷ୍ୟତ ସମ୍ପର୍କରେ ଚିନ୍ତା କରିବେ।

# ଅଷ୍ଟ୍ରେଲିଆକୁ ହରାଇ ସେମିଫାଇନାଲରେ ଭାରତ

ଜୋହର ବାହରୁ (ମାଲେସିଆ), ୧୦।୧୦ (ପି.ଟି.)

**ସୁଲତାନ ଜୋହର କପ୍ ହକି**



ସୁଲତାନ ଜୋହର କପ୍ ହକି ପ୍ରତିଯୋଗିତାରେ ଭାରତୀୟ ଜୁନିୟର ପୁରୁଷ ଦଳ କ୍ରମାଗତ ଚତୁର୍ଥ ବିଜୟ ହାସଲ କରିଛି। ବୁଧବାର ଅନୁଷ୍ଠିତ ଏକ ମ୍ୟାଚରେ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ବିପକ୍ଷରେ ୫-୪ ଗୋଲରେ ବିଜୟ ହାସଲ କରି ଭାରତ ସେମିଫାଇନାଲରେ ସ୍ଥାନ ପକ୍କା କରିଛି। ଏହି ବିଜୟ ଦ୍ୱାରା ଆହୁରି ମଧ୍ୟ ଭାରତ ପୁଲ୍ ଏ'ର ଶୀର୍ଷ ସ୍ଥାନ ଅଧିକାର କରିଛି। ଭାରତ ଆରମ୍ଭରୁ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ପ୍ରଥମେ ଏକ ପେନାଲ୍ଟି କର୍ନର ମିସ୍ କରିବା ପରେ ୫ମ ମିନିଟ୍‌ରେ ଗୁରସାହିବ ଜିତ୍ ସିଂଙ୍କ ଏକ ଫିଲ୍ଡ ଗୋଲ ବଳରେ ଭାରତ ୧-୦ରେ ଅଗ୍ରଣୀ ଲାଭ କରିଥିଲା। ପରେ ଭାରତ ପଛକୁ ପଛ ଆଉହରି ୩ଟି ଗୋଲ ସ୍କୋର କରି ମ୍ୟାଚରେ ନିଜ ସ୍ଥିତିକୁ ମଜଭୁତ କରିନେଇଥିଲା। ୧୧ତମ, ୧୪ତମ ଓ ୧୫ତମ ମିନିଟ୍‌ରେ ହସପ୍ରୀତ ସିଂ, ମନଦୀପ ମୋର ଏବଂ ବିଷ୍ଣୁକାନ୍ତ ସିଂ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଫଳରେ ପ୍ରଥମାର୍ଦ୍ଧ ସୁଦ୍ଧା ଭାରତ ୪-୦ ଗୋଲରେ ଅଗ୍ରଣୀ ଲାଭ କରିନେଇଥିଲା। ମାତ୍ର ଦ୍ୱିତୀୟାର୍ଦ୍ଧରେ ଭାରତ ଏହି ପ୍ରଦର୍ଶନ ଜାରି ରଖିବାରେ ବିଫଳ ହୋଇଥିଲା। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ପ୍ରଭାବୀ ପ୍ରଦର୍ଶନ କରି ଥିଲା। ଅଷ୍ଟ୍ରେଲିଆ ଏକ ପେନାଲ୍ଟି ଷ୍ଟ୍ରୋକ୍‌କୁ ଗୋଲରେ ପରିଣତ କରିଥିଲା। ଏହି ଗୋଲଟିକୁ ଡାମନ ଷ୍ଟିଫେନ୍ସ ସ୍କୋର କରିଥିଲେ। ସେ ପରେ ଦ୍ୱିତୀୟାର୍ଦ୍ଧ ଖେଳର ୩୫ତମ ମିନିଟ୍‌ରେ ସେ ଏକ ପେନାଲଟି କର୍ନରକୁ ଗୋଲରେ ପରିଣତ କରିବା ଦ୍ୱାରା ଗୋଲ ବ୍ୟବଧାନ ୪-୨କୁ ହ୍ରାସ କରିଥିଲେ। ଯଦିଓ ଶିଳାନନ୍ଦ ଲାକ୍ରା ୪୩ତମ ମିନିଟ୍‌ରେ ଏକ ଗୋଲ ସ୍କୋର କରି ଭାରତକୁ ୫-୩ରେ ଅଗ୍ରଣୀ କରାଇଥିଲେ। ଅଷ୍ଟ୍ରେଲିଆ ୫୯ତମ ମିନିଟ୍‌ରେ ଭାରତୀୟ ଡିଫେନ୍ସ ଉପରେ ଚାପ ସୃଷ୍ଟି କରି ଏକ ପେନାଲ୍ଟି ଷ୍ଟ୍ରୋକ୍ ସୁଯୋଗ ପାଇଥିଲା। ଷ୍ଟିଫାନ୍ସ ଏହାକୁ ସହଜରେ ଗୋଲରେ ପରିଣତ କରିଥିଲେ। ଏହାସତ୍ତ୍ୱେ ଭାରତ ମ୍ୟାଚକୁ ନିଜ ସପକ୍ଷରେ ରଖିପାରିଥିଲା। ଭାରତ ଆସନ୍ତା ୧୨ରେ ଏହାର ପରବର୍ତ୍ତୀ ମ୍ୟାଚ ବ୍ରିଟେନ ବିପକ୍ଷରେ ଖେଳିବ।

## ଚାଇନା ବିପକ୍ଷ ମ୍ୟାଚ୍‌ରୁ ବାଦ୍ ପଡ଼ିଲେ ବଲୱନ୍ତ ସିଂ

ପୁନେ,୧୦।୧୦ : ଭାରତୀୟ ଫୁଟ୍‌ବଲ ଦଳର ଷ୍ଟ୍ରାଇକର ବଲୱନ୍ତ ସିଂ ଶନିବାର ଚାଇନା ବିପକ୍ଷରେ ଖେଳାଯିବାକୁ ଥିବା ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଖେଳିପାରିବେ ନାହିଁ। ପାସ୍‌ପୋର୍ଟ ମିଳିବାରେ ଅସୁବିଧା କାରଣରୁ ସେ ଭାରତୀୟ ଦଳରୁ ବାଦ୍ ପଡ଼ିଛନ୍ତି। ୟୁଏଇଠାରେ ହେବାକୁ ଥିବା ଏଏଫ୍‌ସି ଏସିଆନ୍ କପ୍ ପ୍ରସ୍ତୁତି ଲାଗି ସୁଖୋଉ ଅଲିମ୍ପିକ୍ ସ୍ପୋର୍ଟ୍ସ ସେଣ୍ଟର ଷ୍ଟାଡିୟମ୍‌ରେ ଭାରତ, ଚାଇନା ସହ ଖେଳିବ। ଦୀର୍ଘ ୮ ବର୍ଷର ବ୍ୟବଧାନ ପରେ ଭାରତ ଏହି ପ୍ରତିଯୋଗିତା ଲାଗି ଯୋଗ୍ୟତା ଅର୍ଜନ କରିଛି। ଭାରତୀୟ ଦଳ ଗ୍ରୁପ୍ ଏ'ରେ ଆୟୋଜକ ୟୁଏଇ, ଥାଇଲାଣ୍ଡ ଓ ବାହାରିନ ସହ ସ୍ଥାନ ପାଇଛି। ଗୁରୁତ୍ୱପୂର୍ଣ୍ଣ ଏସିଆ କପ୍ ପୂର୍ବରୁ ଭାରତୀୟ ଦଳ ପାଇଁ ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀ ଚାହୁଁଥିଲେ ଜାତୀୟ କୋଚ୍ ଷ୍ଟିଫେନ କନଷ୍ଟାଣ୍ଟିନ। ଏଣୁ ଚାଇନା ସହ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ହେବା ଆୟୋଜନ କରାଯାଇଛି। କିନ୍ତୁ ବଲୱନ୍ତଙ୍କ ପରିସ୍ଥିତି ଚିନ୍ତାରେ ପକାଇ ଦେଇଛି ବୋଲି କୋଚ୍ କହିଛନ୍ତି।

■ ବେଲ୍‌ଜିୟମ ଫୁଟ୍‌ବଲ ମ୍ୟାଚ ଫିକ୍ସିଂ

# ୭ ଦେଶରେ ପୋଲିସ ଚଢ଼ାଉ

ବ୍ରସେଲ୍ସ, ୧୦।୧୦ (ଏଏଫ୍‌ପି)

ବେଲଜିୟମର କେତେକ ବଡ଼ ବଡ଼ ଫୁଟ୍‌ବଲ କ୍ଲବ ଜାଲିଆତି ଓ ମ୍ୟାଚ ଫିକ୍ସିଂ କାର୍ଯ୍ୟରେ ସମ୍ପୃକ୍ତ। ଏହି ଅଭିଯୋଗର ତଦନ୍ତ କରିବାକୁ ଯାଇ ବେଲଜିୟମ ପୋଲିସ ପକ୍ଷରୁ ୭ଟି ଦେଶରେ ଚଢ଼ାଉ କରାଯାଇଛି। ଖବର ଅନୁସାରେ, ମୋଟ ୨୨୦ ଜଣ ପୋଲିସ ଅଫିସର ବେଲଜିୟମ ସମେତ ଫ୍ରାନ୍ସ, ଲକ୍ସେମବର୍ଗ, ସାଇପ୍ରସ, ମଣ୍ଟେନେଗ୍ରୋ, ସର୍ବିୟା ଓ ମାସିଡୋନିଆ ଅନ୍ତର୍ଗତ ୪୪ଟି ଘର ଉପରେ ଚଢାଉ କରିଥିବା ଜଣେ ବେଲଜିଆନ ପ୍ରସିକ୍ୟୁଟର ପ୍ରକାଶ କରିଛନ୍ତି। ଫେଡେରାଲ ପ୍ରସିକ୍ୟୁଟରମାନଙ୍କ ସୂଚନା ଅନୁସାରେ ଗିରଫ ହୋଇଥିବା ବ୍ୟକ୍ତିଙ୍କ ମଧରେ ଜଣେ ଜଣାଶୁଣା ଫୁଟ୍‌ବଲ ଏଜେଣ୍ଟ ତଥା ପୂର୍ବତନ ସ୍ପୋର୍ଟିଂ ଚାର୍ଲରୋଇର ପୂର୍ବତନ ମ୍ୟାନେଜର ମୋଗି ବାୟତ ଅନ୍ୟତମ। ୪୪ବର୍ଷୀୟ ବାୟତ ହେଉଛନ୍ତି ଜଣେ ଇରାନ ବଂଶୋଦ୍ଭବ ବେଲଜିଆନ ତଦନ୍ତ ବେଳେ ତାଙ୍କୁ ମୁଖ୍ୟତଃ ଟାର୍ଗେଟ କରାଯାଇଥିଲା। ସେ ଅନ୍ୟ ଜଣେ ଏଜେଣ୍ଟ ଏବଂ କବ୍ଲଗୁଡ଼ିକ ସହିତ ମିଶି ବ୍ୟବସାୟ ଚଳାଇଥିଲେ। ଆଣ୍ଡର ଲେଚେଟ, କ୍ଲବ ବ୍ରୁଗ୍ ଓ ଷ୍ଟାଣ୍ଡାର୍ଡ ଲିଗ୍ ସମେତ ୧୦ଟି କ୍ଲବ ପରିସରରେ ଚଢାଉ କାର୍ଯ୍ୟ ହୋଇଛି।




FEW SEATS LEFT
Hurry-Up !!
B.Ed, B.P.Ed, B.H.Ed.
10th, +2, +3 (UG, PG, All stream)
PGDCA, BCA, MCA, MSW, B.BA, MBA, BLib,MLib, MEd., MPhil, Ph.D
Regular & Distance at lower rate
Approved by UGC, NCTE & Equivalent to Odisha Board & University
ADHYAN INSTITUTE OF EDUCATION
Jharsuguda, Sundargarh, Sambalpur, Deogarh, Boudh
Mob: 9937693353, 7008624254, 9337325436




FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: SAMBALPUR: Kishore TVS, Ph.: 9778371171. BOLANGIR: Rajlaxmi TVS, Ph.: 918260437538. BARGARH: Subhamm TVS, Ph.: 8860625628. BHAWANIPATNA: Barun TVS, Ph: 8260430746; ROURKELA: Gurugobind TVS, Ph: 8260566699; JHARSUGUDA: Gunnu TVS, Ph: 8586977624; SONEPUR: Minerva TVS, Ph : 6370700730, 6370700734. Authorised Dealers: Rengali, Kalinga Automobiles, Ph.: 9437052831; Deogarh, Saswati Motors, Ph : 9437392892; Charbahal, RB Motors, Ph.: 9853406294; Junagarh, Indian Automobiles, Ph.: 9437092284, 9437939586; Nuapara, G K Motors, Ph.: 9937653638; Raj Khariar, Classic Auto, 9439144433; Muniguda, Bhagabati Motors, Ph : 9583860028; Dharmagarh, Gayatri Enterprises, Ph : 9938883405; Belpahar, Sova Automobiles, Ph.: 9238581791; Binka, Chandralata Motors, Ph : 7894255589; Attabira, Swati Auto, Ph : 9853157276; Barpali, Shree Krishna Motors, Ph.: 9777703149; Patnagarh, Samleshwari Motors, Ph.: 9938621078; Dungripally, Pabnee Motors, Ph.: 9937926986; Sundergarh, S. B. Automobiles, Ph.: 06622-274361, 9437139011; Rajgangpur, Bramha Motors, Ph : 9861265188 ; San Balichuan, Gayatri Motors, Ph : 8658502167; Khariar Road, Nanesh Auto, Ph.: 9938098888; Sohela, Khamari Auto, Ph.: 9938739550; Thuvapali, Goyal Auto, Ph : 9937452169 ; Bhatli, Saraswati Motors, Ph : 9090140103; Titlagarh, Maruti, 9438096285; Boudh, M.D. Motors, Ph.: 9439238768; Kantabanji, Nownit Auto Agency, Ph : 9437210599; Gaisilat, Akankshya Motors, Ph : 9937408645; Jaipatna, Kaveri Motors, Ph : 9178280401;Padampur, Alisha Motors, Ph : 9938110070; Sambalpur, Shakti Motors, Ph : 9337016000; Bamra, Regent Motors, Ph : 9437535172; Kuchinda, Jay Maa Automobiles, Ph : 9437058129; Tarbha : Deosar Motors, Ph : 9439135679 ; Redhakhol : Palak Trading Company, Ph : 7978349822; Saintala : Balaji Motors, Ph : 9853781372; Gaisilat, Akankshya Motors, Ph: 7683848645, A Kantapali, Hariom Automobiles, Ph: 8342939695; Paikmal, Mangal Motors, Ph : 9938119999; Laikera, Ritesh Automobiles, Ph : 9938465363 Narla Road, Niladri Motors, Ph : 7326933067; Bheden, Mohit Automobiles, Ph : 7008024042. McCann/Blr/Tvs/857/10/18



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ




ORISSA: SAMBALPUR: Central Honda, 7682857806, 7077732222, 0663-6550120; BHUBANESWAR: Highway Honda, 7873999819, 7873999907, Lewis Road 7873999881; Central Honda, 8599005859, 9078000333; CUTTACK: Highway Honda, 7873999977, 7873999603; JAJPUR: Highway Honda, 7873999614; ROURKELA: Krishna Honda, 7852941115, 7852941758; ANGUL: Central Honda, 8599005896; 8599005921







## ସଂକ୍ଷେପରେ



### ବିଦ୍ୟୁତ୍ ଗ୍ରୀଡ୍ ଉଦ୍‌ଘାଟିତ

**ତରଭା, ୧୦।୧୦(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ବଘିଆ ପଞ୍ଚାୟତର ଖୁଣ୍ଟବନ୍ଧ ଗ୍ରାମରେ ଏକ ବିଦ୍ୟୁତ୍ ଗ୍ରୀଡ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ପ୍ରାୟ ୫କୋଟି ଟଙ୍କା ବ୍ୟୟରେ ୩୩/୧୧ କେଭିର ଏହି ଗ୍ରୀଡ ସବଷ୍ଟେଶନକୁ ନଗର ଉନ୍ନୟନ ଓ ଜଳସମ୍ପଦ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ବଘିଆ ସରପଞ୍ଚ ଶଶୀ ବିଶିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ଜିଲାପାଳ ମଧୁସୂଦନ ମିଶ୍ର, ପିଡି ସୂର୍ଯ୍ୟନାରାୟଣ ଦାସ, ଜିଲା ପରିଷଦ ସଭ୍ୟ ସରୋଜ କୁମାର କମ୍ପ, ପ୍ରବୀଣ ନାଗ, ବ୍ଲକ ଅଧ୍ୟକ୍ଷା ସସ୍ମିତା ମଲ୍ଲିକ, ବିଡିଓ ନିହାର ରଞ୍ଜନ କହଁର,ଏକ୍‌ଜୁକ୍ୟୁଟିଭ ଇଞ୍ଜିନିୟର ଶ୍ରୀନିବାସ ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ମାନଭଞ୍ଜନ ମିଶ୍ର ପରିଚାଳନା କରିଥିଲେ।

### ୧୬୩୩ ହିତାଧିକାରୀଙ୍କୁ ଖାଉଟି କାର୍ଡ ବଣ୍ଟନ

**ସିଂଘିଯୁବା,୧୦।୧୦(ଡି.ଏନ୍.ଏ.):** ସୁବର୍ଣପୁର ଜିଲା ବିନିକା ସିଦ୍ଧାର୍ଥ ଡିଗ୍ରୀ କଲେଜ ଖେଳପଡ଼ିଆରେ ମଧୁବାବୁ ପେନସନ୍ ଓ ଖାଉଟି କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ଯୋଗଦେଇ ହିତାଧିକାରୀମାନଙ୍କୁ ପ୍ରାମାଣିକ ପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସର୍ବମୋଟ୍ ୧୬୩୩ଜଣ ହିତାଧିକାରୀଙ୍କୁ ଖାଉଟି କାର୍ଡ ବଣ୍ଟନ କରାଯାଇଥିଲା। ୬୮ଜଣଙ୍କୁ ବିଧବା ଭତ୍ତା, ୬୩ଜଣଙ୍କୁ ଦିବ୍ୟାଙ୍ଗ ଭତ୍ତା, ୧୩୬ଜଣଙ୍କୁ ନିଃସହାୟ ଭତ୍ତା ଏବଂ ୩୮୦ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଇଥିଲା। ସମ୍ମାନୀତ ଅତିଥି ଭାବେ ବିନିକା ବ୍ଲକ ଅଧ୍ୟକ୍ଷ ଅଶୋକ ନନ୍ଦ, ବିନିକା ନଗରପାଳ ମମତା ମିଶ୍ର, ଉପ ନଗରପାଳ ତପସ୍ୱିନୀ ମେହେର, ବିନିକା ସରପଞ୍ଚ ସଂଘ ସଭାପତି ଲକ୍ଷ୍ମଣ ସାହୁ, ଜିଲା ପରିଷଦ ସଭ୍ୟ ସୁଶାନ୍ତ ପଣ୍ଡା, ବିନିକା ନଗର କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଃଖିଶ୍ୟାମ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ବିଡିଓ ବିଶ୍ୱରଞ୍ଜନ ମଲ୍ଲିକ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ବେଳେ ସଂଯୋଜନା କରିଥିଲେ ଅଶ୍ୱିନୀ କୁମାର ପାଣ୍ଡେ। ବ୍ଲକ ଯୋଗାଣ ଅଧିକାରୀ ଦିବ୍ୟସିଂ ବଡମାଳି ଧନ୍ୟବାଦ ଅର୍ପଣ କରିଥିଲେ।

**ଆଜି କ'ଣ କେଉଁଠି** ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

# ପ୍ରତିଭା ପ୍ରଦର୍ଶନ କଲେ କୁନି ପ୍ରତିଯୋଗୀ

**ବୀରମହାରାଜପୁର,୧୦।୧୦ (ଡି.ଏନ୍.ଏ.)**

ବୀରମହାରାଜପୁର ବ୍ଲକ ହିଲୁଙ୍ଗ ପଞ୍ଚାୟତ ସଦର ମହକୁମା ଏବଂ କେନଝରିଆପାଲି ପଞ୍ଚାୟତ ଅଧୀନ ଖଇରମାଳଠାରେ ଶିକ୍ଷା ବିଭାଗ ପକ୍ଷରୁ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରାଥମିକସ୍ତରର କୁନି ଛାତ୍ରୀଛାତ୍ରମାନଙ୍କ ଅନ୍ତଃର୍ନିହିତ ପ୍ରତିଭାକୁ ବିକଶିତ କରିବା ପାଇଁ ଉଦ୍ଦିଷ୍ଟ ଏହି କାର୍ଯ୍ୟକ୍ରମ ଜରିଆରେ ପ୍ରବନ୍ଧ, ବିତର୍କ, ସଂଗୀତ, ସୃଜନାତ୍ମକ ଲିଖନ, କୁଇଜ, ହସ୍ତାକ୍ଷର ଓ ନୃତ୍ୟ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଏଥିରେ କ୍ଲଷ୍ଟର ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଶତାଧିକ ବିଦ୍ୟାର୍ଥୀ ଅଂଶ ଗ୍ରହଣ କରିଥିବା ବେଳେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ବରିଷ୍ଠ ଓ କନିଷ୍ଠ ବର୍ଗଙ୍କ ପାଇଁ ପୃଥକ ପ୍ରତିଯୋଗୀତା ଆୟୋଜନ କରାଯାଇ ଶ୍ରେଷ୍ଠ ବିବେଚିତ ପ୍ରତିଯୋଗୀମାନଙ୍କୁ ଜିଲାସ୍ତରୀୟ ସୁରଭି ପାଇଁ ପଠାଯାଇଥିବା ସୂଚନା ମିଳିଛି । ଏହି କ୍ରମରେ ହିଲୁଙ୍ଗ କ୍ଲଷ୍ଟର ଅଧୀନ କୁଇଜ ପ୍ରତିଯୋଗୀତାରେ କୃପାସିନ୍ଧୁ ମହାନନ୍ଦ, ଶୁଭେନ୍ଦୁ ଶେଖର ସିଂହ, ଚିତ୍ରାଙ୍କନରେ ଲକ୍ଷ୍ମୀପ୍ରିୟା ଦେହେରି ଓ ରୂପାଲି ଭୋଇ, ସଂଗୀତରେ ଅଲିଭା ଜଗଦଲା ଓ ବିଜୟନୀ ଭୋଇ ସୁନ୍ଦର ହସ୍ତାକ୍ଷରରେ ରାଜେଶ୍ୱରୀ ମହାକୁର, ବକ୍ତୃତାରେ ଲକ୍ଷ୍ମୀପ୍ରିୟା ଦେହେରି ଓ ଦିପ୍ତିମୟୀ ପଧାନ, ସୃଜନାତ୍ମକ ଲେଖନୀରେ ଲିଜାରାଣୀ ଲୁହା ଓ ଅନାମିକା ସୁନା, ପ୍ରବନ୍ଧରେ ଅଲିଭା ଜଗଦଲା ଏବଂ ଦଳଗତ ନୃତ୍ୟ ପ୍ରଦର୍ଶନରେ ମେଣ୍ଡାମାଳ ଉଚ୍ଚ ପ୍ରାଥମିକ ଶ୍ରେଷ୍ଠତ୍ୱ ବଜାୟ ରଖିଛି। ହିଲୁଙ୍ଗ ଆଞ୍ଚଳିକ ସାଧନକେନ୍ଦ୍ରଠାରେ ଆୟୋଜିତ ଉତ୍ସବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ଏବିଇଓ ଗରୁଡଧ୍ୱଜ ମୁଦୁଲି ଓ ସ୍କୁଲ ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ସିଂହ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସିଆର୍‌ସିସି ଅଭିମନ୍ୟୁ ବଗର୍ତ୍ତୀ ଏଥିରେ ପୌରହିତ୍ୟ କରିଥିଲେ। ଜୟନ୍ତୀ ମହାନନ୍ଦ ଓ ନଗେନ ନାଏକଙ୍କ ସଂଯୋଜନାରେ ସମ୍ପାଦିକ କାର୍ଯ୍ୟକ୍ରମ ଶେଷରେ ବରିଷ୍ଠ ଶିକ୍ଷକ ସ୍ୱାଧୀନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁରୂପ ଭାବେ ଖଇରମାଳଠାରେ ଅନୁଷ୍ଠିତ କେନଝରିଆପାଲି କ୍ଲଷ୍ଟରସ୍ତରୀୟ ସୁରଭି ଉତ୍ସବରେ ସମ୍ପୃକ୍ତ ସ୍କୁଲର ପ୍ରଧାନଶିକ୍ଷକ ପୌରହିତ୍ୟ କରିଥିବା ବେଳେ ସିଆର୍‌ସିସି ଅକ୍ଷୟ କୁମାର ରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶୁଭ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ପ୍ରତିଯୋଗୀତାରେ ମାମି ପୋଡ଼, ସୁଇଟି ପଧାନ, ରୀତିମୟୀ କ୍ଷେତି, ମୀନାରାଣୀ ପଧାନ, ସଞ୍ଜିବନୀ ପଧାନ, ସୋନାଲ ପଧାନ, ତୁଳସୀ ନାଏକ, ବିଶ୍ୱନାଥ ପଣ୍ଡା ଲିପୁନ ହରିପାଲ ପ୍ରମୁଖ କୃତୀତ୍ୱ ହାସଲ କରି ପୁରସ୍କୃତ ହୋଇଥିଲେ ।

**ବୀରମହାରାଜପୁର ବ୍ଲକ**
- ଅତିଥିଙ୍କ ଦ୍ୱାରା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ
- ଶ୍ରେଷ୍ଠ ବିବେଚିତ ପ୍ରତିଯୋଗୀଙ୍କୁ ଜିଲାସ୍ତରୀୟ ସୁରଭି ପାଇଁ ପଠାଯିବ
- କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ଅନ୍ତଃର୍ନିହିତ ପ୍ରତିଭାର ବିକଶିତ ହୋଇପାରିବ

## କଲେଜ ଛାତ୍ରୀଙ୍କୁ ଅସଦାଚରଣ, ନାବାଳକ ଗିରଫ

**ବେଲପଡ଼ା୧୦।୧୦(ଡି.ଏନ୍.ଏ.):** ଜଣେ ନାବାଳିକା କଲେଜ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ବେଲପଡ଼ା ଥାନା ପୋଲିସ ଜଣେ ନାବାଳକଙ୍କୁ ବୁଧବାର ଗିରଫ କରିଛି। ଅଭିଯୋଗ ମୁତାବକ, ନାବାଳିକା ଛାତ୍ରୀ ଜଣକ କଲେଜରୁ ସାଇକେଲ ଯୋଗେ ଘରକୁ ଫେରୁଥିଲେ। ସେତିକିବେଳେ ନାବାଳକ ଜଣକ ତାଙ୍କୁ ବାଟରେ ଅଟକାଇ ଅସଦାଚରଣ କରିଥିଲେ। ଛାତ୍ରୀଜଣକ ଚିତ୍କାର କରିବାରୁ ରାସ୍ତାରେ ଯାଉଥିବା ଲୋକେ ନାବାଳକଙ୍କୁ କାବୁ କରି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ନାବାଳକଙ୍କୁ ଧଥାନାକୁ ଆଣିଥିଲେ। ଏନେଇ ନାବାଳିକା ଜଣକ ଥାନାରେ ଏକ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା (ନଂ. ୧୮୨/୧୮) ରୁଜୁ କରିଛି।

## ଖାଦ୍ୟ ସୁରକ୍ଷା ଯୋଜନାର ରାଶନ କାର୍ଡ ବଣ୍ଟନ

**ତରଭା, ୧୦।୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ସରକାରୀ ବାଳକ ହାଇସ୍କୁଲ ଖେଳ ପଡିଆରେ ଖାଦ୍ୟ ସୁରକ୍ଷା ଯୋଜନାର ରାଶନ କାର୍ଡ ବଣ୍ଟନ କରାଯାଇଥିଲା। ବିଡିଓ ନିହାର ରଞ୍ଜନ କହଁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ନଗର ଉନ୍ନୟନ ଓ ଜଳସମ୍ପଦ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲାପାଳ ମଧୁସୂଦନ ମିଶ୍ର, ପିଡି ଡିଆରଡିଏ ସୂର୍ଯ୍ୟନାରାୟଣ ଦାଶ, ଏସ୍‌ପି ଦେବୀପ୍ରସାଦ ଦାଶ, ଜିଲା ପରିଷଦ ସଭ୍ୟ ସରୋଜ କୁମାର କମ୍ପ, ପ୍ରବୀଣ ନାଗ, ବ୍ଲକ ଅଧ୍ୟକ୍ଷା ସସ୍ମିତା ମଲ୍ଲିକ, ନଗରପାଳ ମୋନିକାଲାଲ ଅଗ୍ରୱାଲ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କନିକା ଚକ୍ରବର୍ତ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବ୍ଲକର ୨୧ଟି ପଞ୍ଚାୟତରୁ ଚୟନ କରାଯାଇଥିବା ୧୨୫୯ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଖାଉଟି କାର୍ଡ ପ୍ରଦାନ କରାଯାଇଥିଲା। ଏହା ସହ ମନ୍ତ୍ରୀ ପୂଝାରୀ ୭୪୪ ଜଣଙ୍କୁ ବାର୍ଦ୍ଧକ୍ୟ, ବିଧବା ଓ ଦିବ୍ୟାଙ୍ଗ ଭତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ବିଜ୍ଞାପିତ ଅଞ୍ଚଳ ପରିଷଦର ୧୩୨ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଖାଉଟି କାର୍ଡ ବଣ୍ଟନ କରାଯାଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଆବାସ ଘର ନିର୍ମାଣ କରିଥିବା ୨୭ ଜଣ ବ୍ୟକ୍ତିଙ୍କୁ ମନ୍ତ୍ରୀ ପୂଜାରୀ ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ। ତରଭା ପହଞ୍ଚିବା ପରେ ମନ୍ତ୍ରୀ ପ୍ରଥମେ ତରଭା ନିବୃତି ଯୋର ଦକ୍ଷିଣ ପାର୍ଶ୍ୱରେ ୩.୫ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ୧୧୧୮ ମିଟର ଦୈର୍ଘ୍ୟ ବିଶିଷ୍ଟ ବନ୍ୟା ପ୍ରତିରୋଧକ ଆଡିବନ୍ଧ ତଥା ରିଂରୋଡ ନିର୍ମାଣର ଶିଳାନ୍ୟାସ କରିଥିଲେ। ପରେ ଖାଉଟି କାର୍ଡ ବଣ୍ଟନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ସୋନପୁରରେ ଅଗ୍ରସେନ ଜୟନ୍ତୀ

**ସୋନପୁର,୧୦।୧୦(ନି.ପ୍ର.)**

ସୋନପୁର ମାରୱାଡି ଧର୍ମଶାଳା ପରିସରରେ ବୁଧବାର ମହାରାଜା ଅଗ୍ରସେନ ଜୟନ୍ତୀ ପାଳିତ ହୋଇଯାଇଛି। ସ୍ଥାନୀୟ ମାରୱାଡି ଯୁବମଞ୍ଚ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସକାଳେ ମହାରାଜା ଅଗ୍ରସେନଙ୍କ ରଥ ସହର ପରିକ୍ରମା କରିଥିଲା । ଏଥିରେ ଅଗ୍ରୱାଲା ସମାଜର ଶତାଧିକ ମହିଳା, ପୁରୁଷ ସାମିଲ ହୋଇ ସହର ପରିକ୍ରମା କରିଥିଲେ । ଏହି ଅବସରରେ ଅଗ୍ରକୂଳ ଶିରୋମଣି ଅଗ୍ରସେନଙ୍କ ପୂଜା ସହ ସନ୍ଧ୍ୟାରେ ବିଭିନ୍ନ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରତିଯୋଗିତା ମଧ୍ୟରେ ଫେନ୍ସି ଡ୍ରେସ, ନୃତ୍ୟ, ସୁନ୍ଦର ଲିଖନ, ମ୍ୟୁଜିକ୍ ଚେୟାର ଓ ସୁପରଡାନ୍ସର ଆଦିରେ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ମାରୱାଡି ସମାଜର ଅଧ୍ୟକ୍ଷ ଚମରୁଲାଲ ଅଗ୍ରୱାଲା ଅଗ୍ରସେନଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଅଗ୍ରସେନଙ୍କ ଚିନ୍ତାଧାରା, ସମାଜ ଓ ଦେଶ ପାଇଁ ଅଗ୍ରୱାଲା ସମାଜର ଭୂମିକା ଉପରେ ସେ ବକ୍ତବ୍ୟ ପ୍ରଦାନ କରିଥିଲେ । ମାରୱାଡି ଯୁବା ମଞ୍ଚର ପ୍ରାକ୍ତନ ଅଧ୍ୟକ୍ଷ ଗୋପାଲ ଭୂତ ଧନ୍ୟବାଦ ପ୍ରଦାନ କରିଥିଲେ । ଯୁବମଞ୍ଚ ଅଧ୍ୟକ୍ଷ ମନୋଜ ଅଗ୍ରୱାଲା ଓ ନନ୍ଦକିଶୋର କମାନି ମଞ୍ଚ ପରିଚାଳନା କରିଥିଲେ । ମାରୱାଡି ଯୁବମଞ୍ଚର ସଦସ୍ୟ ସଞ୍ଜୀବ କୁମାର ଅଗ୍ରୱାଲା, ଆନନ୍ଦ ଭୂତ, କାହ୍ନା ଅଗ୍ରୱାଲା, ଅମିତ ଅଗ୍ରୱାଲା, ଅଶୋକ ଭୂତ, ଗୋବିନ୍ଦ ଅଗ୍ରୱାଲା, ରମେଶ କମାନି, ମହେଶ ଅଗ୍ରୱାଲା, ମାରୱାଡି ସମାଜ ଓ ମହିଳା ସମିତିର କର୍ମକର୍ତ୍ତା ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସମାଜର ବୟସ୍କ ବ୍ୟକ୍ତିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଜୟନ୍ତୀ ପାଇଁ ମାରୱାଡି ସମାଜ ପକ୍ଷରୁ ବୁଧବାର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରଖା ଯାଇଥିଲା।



ଶୋଭାଯାତ୍ରାରେ ଅଗ୍ରୱାଲା ସମାଜର ମହିଳା ଓ ପୁରୁଷମାନେ।

## ବିଡିସିସି ବ୍ୟାଙ୍କ ସଭାପତିଙ୍କ ଉଲୁଣ୍ଡା ଗସ୍ତ

**ଉଲୁଣ୍ଡା୧୦।୧୦(ଡି.ଏନ.ଏ)**

ବଲାଙ୍ଗୀର-ସୋନପୁର ଜିଲା ବିଡିସିସି ବ୍ୟାଙ୍କ ସଭାପତି ଲକ୍ଷ୍ମଣ ମେହେର ବୁଧବାର ଉଲୁଣ୍ଡା ବ୍ଲକ ଅଧୀନ ନିମ୍ନା, ତେଲଣ୍ଡା, ପଞ୍ଚମହଲା, ଗୌଡଗାଁ, କୁମରକେଲି ଆଦି ଗ୍ରାମ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସଭାପତି ମେହେର ଚାଷୀ ଓ ବୁଣାକାରମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ୨୦୧୭ ଖରିଫ ଚାଷରେ ହୋଇଥିବା ମରୁଡି ଜନିତ ଫସଲବୀମା ସହାୟତା ଏବଂ ନୂତନ ଋଣ ଚାଷୀମାନେ ପାଇଛନ୍ତି କି ନାହିଁ ପଚାରି ବୁଝିଥିଲେ। ସେପ୍ଟେମ୍ବର ଓ ଅକ୍ଟୋବର ମାସରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଉଲୁଣ୍ଡା ବ୍ଲକ ଅଞ୍ଚଳରେ ଦେଖାଦେଇଥିବା ମରୁଡି ସମସ୍ୟା ଓ ଚକଡା ପୋକ ସଂକ୍ରମଣ ସମସ୍ୟାରୁ ମୁକୁଳିବା ପାଇଁ ସାମୁହିକ ଉଦ୍ୟମ କରିବା ନେଇ ସଭାପତି ମେହେର ଚାଷୀମାନଙ୍କୁ ଚେତନ କରାଇଥିଲେ। ଧାନ ବିକ୍ରି ସମସ୍ୟା ଯୋଗୁ ନିମ୍ନା ପେକ୍ସଠାରେ ଏକ ନୂତନ ମଣ୍ଡି ଖୋଲିବା ନେଇ ଆଲୋଚନା କରାଯାଇ ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ନିମ୍ନା ଓ ଦଶରାଜପୁରର ୪୫ଜଣ ବୁଣାକାରଙ୍କୁ ୩୦ହଜାର ଟଙ୍କା ଲେଖାଏଁ ଋଣ ପ୍ରଦାନ କରାଯାଇଥିଲା। ବିଭିନ୍ନ ଗ୍ରାମର ଗୋପାଳକମାନଙ୍କୁ ଆଗ୍ରହ ଅନୁସାରେ ଗାଈ ଋଣ ପ୍ରଦାନ କରାଯିବ ବୋଲି ସଭାପତି ମେହେର ପ୍ରକାଶ କରିଥିଲେ। ଗସ୍ତ ସମୟରେ ବ୍ୟାଙ୍କ ସୁପରଭାଇଜର ସିଦ୍ଧେଶ୍ୱର ଦନ୍ତା, ସମ୍ପାଦକ ହୃଦାନନ୍ଦ ପାଣ୍ଡିଆ, କ୍ଷୀରସିନ୍ଧୁ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

## ୫ ଫୁଟର ନାଗ ଉଦ୍ଧାର

**ରାଉରକେଲା ଅଫିସ,୧୦।୧୦**

ମଙ୍ଗଳବାର ବିଳମ୍ବିତ ରାତିରେ ଛେଣ୍ଡ ଅଞ୍ଚଳରୁ ଏକ ନାଗସାପ ଉଦ୍ଧାର କରାଯାଇଛି। ଏହାର ଲମ୍ବା ୫ଫୁଟ ହେବ ବୋଲି ଅନୁମାନ କରାଯାଇଛି। ସାପଟିକୁ ବୁଧବାର ବନବିଭାଗ ସହାୟତାରେ ଜଙ୍ଗଲରେ ଛାଡି ଦିଆଯାଇଛି। ସୂଚନାନୁସାରେ ଛେଣ୍ଡ ଅଞ୍ଚଳ ବାସିନ୍ଦା କେଦାରନାଥ ପାଢୀଙ୍କ ଖପର ଘର ଉପରେ ଏକ ନାଗ ସାପ ଚଢିଥିବା ବେଳେ ସେ ଏହାକୁ ଦେଖିଥିଲେ। ଏ ନେଇ ପାଢୀ ବନ କର୍ମଚାରୀଙ୍କୁ ଖବର ଦେବା ପରେ ସାପଟିକୁ ଧରିବାକୁ ଉଦ୍ୟମ କରାଯାଇଥିଲା। ନାଗ ସାପଟି ଖସିଯାଇ ସେହି ଘରେ ଲୁଚି ରହିଥିଲା। ପରେ ସ୍ନେକ ହେଲ୍ପ ଲାଇନ ସ୍ୱେଚ୍ଛାସେବୀ ଦେବାନନ୍ଦ ବେହେରା ସାପଟିକୁ ଧରି ବନ ବିଭାଗକୁ ହସ୍ତାନ୍ତର କରିଥିଲେ।

## ମୌଳିକ ତଥ୍ୟ ବିନା ଇତିହାସ ରଚନା ମୂଲ୍ୟହୀନ

### ଆଲୋଚନାଚକ୍ରରେ ଗବେଷକଙ୍କ ମତ

**ବୀରମହାରାଜପୁର, ୧୦।୧୦ (ଡି.ଏନ୍.ଏ.)**

ଭାରତର ଇତିହାସ ଲିଖନରେ ମୌଳିକ ତଥ୍ୟର ଅବଦାନ ଗୁରୁତ୍ୱପୂର୍ଣ୍ଣ । ଦେଶର ବିଭିନ୍ନ ସ୍ଥାନରୁ ବିଭିନ୍ନ ସମୟରେ ବହୁ ଶିଳାଲିପି ମୁଦ୍ରା, ତାମ୍ରପତ୍ର ଆଦି ଆବିଷ୍କୃତ ହୋଇଛି ଏବଂ ଏବେବି ଅନେକ କାରୁକାର୍ଯ୍ୟ ବିମଣ୍ଡିତ କୀର୍ତ୍ତିରାଜୀ ବିଦ୍ୟମାନ। ଏଗୁଡିକ ଇତିହାସ ରଚନାରେ ଅନନ୍ୟ ଭୂମିକା ନିର୍ବାହ କରିଛି । ଏହି ପରିପ୍ରେକ୍ଷୀରେ ମୌଳିକ ତଥ୍ୟବିନା ଇତିହାସ ରଚନା ମୂଲ୍ୟହୀନ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର କଲେଜର ଇତିହାସ ବିଭାଗ ପକ୍ଷରୁ ଆୟୋଜିତ ଭାରତୀୟ ଇତିହାସର ଆଧାର ଶୀର୍ଷକ ଆଲୋଚନା ଚକ୍ରରେ ଅଂଶ ଗ୍ରହଣ କରିଥିବା ଅତିଥି, ଆଲୋଚକ ତଥା ଗବେଷକ ଏଭଳି ମତବ୍ୟକ୍ତ କରିଛନ୍ତି । ତେଣୁ ଛାତ୍ରୀଛାତ୍ର ଓ ଗବେଷକମାନେ ମୌଳିକ ତଥ୍ୟ ସଂଗ୍ରହ ପ୍ରତି ଗୁରୁତ୍ୱ ଦେବା ଉଚିତ ବୋଲି କୁହାଯାଇଛି। କଲେଜ ପରିସରରେ ମଙ୍ଗଳବାର ଅନୁଷ୍ଠିତ ଆଲୋଚନାଚକ୍ରରେ ଇତିହାସ ବିଭାଗର ମୁଖ୍ୟ ଡ. ହିମାଂଶୁ ଶେଖର ପାଢୀ ପୌରହିତ୍ୟ କରିଥିଲେ। ବିଭାଗୀୟ ଅଧ୍ୟାପକ ସତ୍ୟନାରାୟଣ ଦାଶଙ୍କ ସଂଯୋଜନାକ୍ରମେ ଅନୁଷ୍ଠିତ ଆଲୋଚନା ସଭାରେ ଅଧ୍ୟକ୍ଷ ମୁରଲୀଧର ହୋତା ମୁଖ୍ୟଅତିଥି ଏବଂ ଅଧ୍ୟାପକ ଶିବକୁମାର ପୁରୋହିତ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ମଞ୍ଚାସୀନ ଅତିଥିମାନଙ୍କ ମଧ୍ୟରୁ ଅଧ୍ୟାପିକା ବନ୍ଦିତା ବିଶ୍ୱାଳ ପ୍ରସଂଗ ଭିତ୍ତିକ ଅଲୋଚନା କରିଥିଲେ। ସେହିପରି ଅଧ୍ୟୟନରତ ଇତିହାସ ଛାତ୍ର ଶୁଭଙ୍କର ମିଶ୍ର, ମୁକୁନ୍ଦ ସେଠୀ, ସଚ୍ଚିଦାନନ୍ଦ କର୍ଣ୍ଣ, ପ୍ରହ୍ଲାଦ କାରୁଆ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ଶେଷରେ ବନ୍ଦିତା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଉଲୁଣ୍ଡା ବ୍ଲକ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**ଉଲୁଣ୍ଡା,୧୦।୧୦(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସଦର ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ବୁଧବାର ଗଣ୍ଡାବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି ବିଜୟ କୁମାର ପୁରୋହିତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୧୩ଟି ବିଦ୍ୟାଳୟର ୧୦୫ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଚତୁର୍ଥରୁ ସପ୍ତମ କନିଷ୍ଠ ବିଭାଗ ଏବଂ ଅଷ୍ଟମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ବରିଷ୍ଠ ବିଭାଗରେ କୁଇଜ, ଓଡ଼ିଆ ବକ୍ତୃତା, ସଙ୍ଗୀତ, ଚିତ୍ରାଙ୍କନ, ଓଡ଼ିଆ ହସ୍ତାକ୍ଷର, ବିତର୍କ, ପ୍ରବନ୍ଧ, ସୃଜନଶୀଳ ଲିଖନ, ଦଳଗତ ନୃତ୍ୟ ପ୍ରଭୃତି ପ୍ରତିଯୋଗୀତା ହୋଇଥିଲା। ଏଥିରେ ବର୍ଷାରାଣୀ ପଧାନ, ପ୍ରିୟଙ୍କା ମହାନନ୍ଦ, ଖୁସୀ ସାହୁ, ଲକ୍ଷ୍ମୀ ସାହୁ, ସଙ୍ଗୀତା ତରାଇ, ନଳିନୀ ସୁନା, ତରଣି ସେନ ବାଘ, ରୋହିତ ପାତ୍ର, ପ୍ରଭାତି ପଧାନ, ଦିପ୍ତୀରେଖା ମହନ୍ତ, ଚନ୍ଦ୍ରମା ସୁନା, ଧରିତ୍ରୀ ଠେଲା ପ୍ରମୁଖ ଛାତ୍ରଛାତ୍ରୀ ବ୍ଲକସ୍ତରୀୟ ସୁରଭୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହୋଇଥିଲେ। ବିଭିନ୍ନ ପ୍ରତିଯୋଗୀତାରେ ବିଚାରକ ଭାବେ ପ୍ରଫୁଲ୍ଲ ପୁଜାହାରୀ, ଆଶୁତୋଷ ଆଚାର୍ଯ୍ୟ, ନିଳୀମା ମିଶ୍ର, ଦିଲ୍ଲିପ ପୁଜାହାରୀ, ଭିଶ୍ୱଜିତ ଆଚାର୍ଯ୍ୟ, ମନୋଜ କୁମାର କର୍ଣ୍ଣ, ନଳିନୀ ବାଦି, ସୁପ୍ରଭା ପାଣିଗ୍ରାହୀ, ସ୍ୱାଧୀନ ବିଶ୍ୱାଳ, ଶକ୍ତିଶିବାନୀ ମଲ୍ଲିକ, ଚିତ୍ତରଞ୍ଜନ ପୂଝାହାରୀ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ରଥ, ପ୍ରଧାନଶିକ୍ଷକ ହରିଚରଣ ପାଲ ଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷକ ଚିତ୍ତରଞ୍ଜନ ପୂଝାରୀ ଧନ୍ୟବାଦ ଅର୍ପଣ କରିଥିଲେ।

▪ ବର୍ଷା ଅଭାବୁ ମର୍‌ଡି ଆଶଁକା

# ରୋଗ୍‌ପୋକ ଦାଉ ସାଧୁଛନ୍, ଚିନ୍‌ତାରେ ଚାଷୀ

**ଲୋଇସିଂହା,୧୦।୧୦(ଡି.ଏନ୍.ଏ.)**

ଲୋଇସିଂହା,୧୦।୧୦(ଡି.ଏନ୍.ଏ.)- ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ୍ ଅଂଚଲରେ ଦୁଇ ହପ୍‌ତାରୁ ଅଧିକା ହେବା ବର୍ଷାର ଅଭାବ୍ ଦେଖାଦେଇଛେ। ଯେନ୍‌ଥିରଲାଗି ଚାଷ୍ ଜମିମାନ୍ ଶୁଖିଗଲାନ। ଆରଗୁଟେ ଆଡେ ବେଶି ଗରମ ହେବାର ଲାଗି ଚାଷ୍‌ଜମିରେ ରୋଗ୍‌ପୋକ ବଢ଼ବାରେ ଲାଗିଛନ୍। ଲୋଇସିଂହା ବ୍ଲକ୍‌ରେ ଶଢ଼ା, ପତରଛେଦା, ପତରପୁଡା ବାହାରେ ୭୦ ହେକ୍ଟର ଜମିରେ ଚକଡା ପୋକ୍ ଲାଗିଥିବାର କୃଷି ବିଭାଗ୍ ତର୍‌ଫୁ ଜନାଯାଇଛେ।

ବିଭାଗୀୟ ସୂଚ୍‌ନା ହିସାବେ, ଲୋଇସିଂହା ବ୍ଲକ୍‌ରେ ୧୦ ହଜାର ୬୫୦ ହେକ୍ଟର ଖରିପ୍ ଧାନ୍ ଚାଷ୍ କରାଯାଇଛେ। ସେପ୍ଟେମ୍ବର ପହେଲା ହପ୍‌ତା ତକ୍ ଚାଷ୍‌କାମ୍ ଶେଷ ହେଇଥିଲା। ୪ ହଜାର ହେକ୍ଟର ଜମିରେ ଧାନ୍ ରୁଆ ହେଇଥିଲା ବେଳେ ବାକି ଜମିରେ ଧାନ୍‌ବୁନା ହେଇଥିଲା। ଚଲ୍‌ତି ବଛର ଜୁନ୍‌ରେ ମଉସୁମୀ ବର୍ଷା ହେଲା ହେଲା ଉତାରୁ ଚାଷ୍‌କାମ୍ ମୂଲ୍ ହେଇଥିଲା। ହେଲେ ଜୁଲାଇରେ ବର୍ଷାର ଅଭାବ୍ ଲାଗି ଚାଷ୍‌କାମ୍ ଧିମେଇ ଯାଇଥିଲା। ଅଗଷ୍ଟ ପହେଲା ହପ୍‌ତାରେ ଚାଷ୍‌ବାସ ଲାଗି ଭଲ୍ ବର୍ଷା ହେଲାରୁ ଚାଷ୍‌କାମ୍ ଆଗ୍‌କେ ବଢ଼ିଥିଲା। ଅଗଷ୍ଟ ମାସ୍ ଶେଷମୁଡ୍ ତକ୍ ଚାଷ୍‌କାମ୍ ସରବା ବଲି ଆଶ୍ କରାଯାଉଥିଲା। ହେଲେ ଅଗଷ୍ଟ ୨୫, ୨୬ ତାରିଖ୍ ବେଳେ ଲଗାତାର ବର୍ଷା ଲାଗି ଚାଷକାମ୍ ଉଲଟ୍‌ପାଲଟ ହେଇଯାଇଥିଲା। ଚାଷ୍ ଜମିମାନ୍ ପାଏନ୍ ବୁଡ଼ି ରହେବାର ଲାଗି ଚାଷ୍‌କାମ୍ ପଛେଇ ଯାଇଥିଲା। ବିଭାଗୀୟ ରେକର୍ଡ ହିସାବେ, ଜୁନ ମାସେ ଲୋଇସିଂହା ବ୍ଲକ୍ ଅଂଚଲରେ ୨୦୨.୦୮ମି.ମି. ବର୍ଷାର ଦରକାର ଥିଲାବେଳେ ୮୨.୦୨ ମି.ମି. ବର୍ଷା ହେଇଥିଲା। ସେନ୍‌ତା ଜୁଲାଇରେ ୩୬୦.୦୫ ମି.ମି. ବର୍ଷା ଜାଗାରେ ୧୯୪.୦୨ମି.ମି. ବର୍ଷା ହେଇଥିଲା। ଅଗଷ୍ଟରେ ୩୩୩.୦୬ମି.ମି. ବର୍ଷା ଦରକାର ଥିଲାବେଳେ ୨୨୫.୦୮ ମି.ମି. ବର୍ଷା ହେଇଥିଲା। ସେପ୍ଟେମ୍ବରରେ ୨୩୭ ମି.ମି. ବର୍ଷା ଦରକାର ଥିଲାବେଳେ ୧୨୩ ମି.ମି. ବର୍ଷା ହେଇଛେ। କୃଷି ବିଭାଗ୍‌ର ସୂଚ୍‌ନା ହିସାବେ ସେପ୍ଟେମ୍ବର ୨୨ ତାରିଖ୍‌ରେ ୧.୮୮ମି.ମି. ବର୍ଷା ହେଇଥିଲା। ସେଦିନ୍‌ଠାନୁ ଆର୍ ବର୍ଷା ନାଇଁହେଇ। ଆଘ ଚାଷ୍ ହେଇଥିବାର ଜମିରେ ଏହେଦେ ଧାନ୍ କ୍ଷୀରଖାଇ ବତର ହେବାର ଅବସ୍‌ତାରେ ଅଛେ। ଏନ୍‌ତା ଅବସ୍‌ତାରେ ଜମି ପାଏନ୍ ଦରକାର କରୁଛେ। ହେଲେ ବର୍ଷା ଅଭାବୁ ଜମି ଫାଟି ଆଁ କଲାନ। ଆରଗୁଟେ ଆଡେ ଚାଷ୍‌ଜମିରେ ରୋଗ୍‌ପୋକ ଆର୍‌ଗୁଟେ କାରନ୍ ସାଜିଛେ। ଚାଷୀମାନେ ପୋକ୍‌ମରା ଉଷୋ ଝିଁଟ୍‌ଲେ ବି ଗରମ ପରିବେଶ ଲାଗି ପୋକ୍‌ମରା ଉଷୋ କାମ୍ ନାଇଁ କରୁଥିବାର ଅଭିଯୋଗ୍ ହେଉଛେ। ଇତାକେ ନେଇ ଚାଷୀ ଚିନ୍‌ତାରେ ପଡ଼ିଛନ୍। ଇ ବାବ୍‌ଦେ କୃଷି ଅଧିକାରୀ ସୌମିତ୍ରା ମହାନ୍ତିଙ୍କୁ ପଚରାଲାରୁ ୧୫ ଦିନ୍‌ରୁ ଅଧିକା ହେଲା ଅଂଚଲରେ ବର୍ଷା ନାଇଁହେଇ। ଗରମ ଲାଗି ୧୭୫ ଏକର ଜମିରେ ଚକଡା ପୋକ୍ ଲାଗିଛନ୍। ଉଷୋ ଝିଁଟ୍‌ଲେ ରୋଗ୍‌ପୋକ ଦମନ୍ ହେବେ। ବାତ୍ୟା ପର୍‌ଭାବ୍‌ରେ ଅଂଚଲରେ ଯଦି ବର୍ଷା ହେବା ସେଟା ଚାଷୀକୁଲ୍‌କେ ସୁହାବା, ନେହେଲେ ମର୍‌ଡି ଆଶଁକା ବି ଅଛେ ବଲି ସେ କହିଥିଲେ।



ଜମି ଶୁଖା ପଡ଼ିଥିଲା ବେଳେ ଧାନ୍‌ଗଛେ ରୋଗ୍‌ପୋକ ଲାଗିଛେ।

**ଲୋଇସିଂହା ବ୍ଲକ୍**
- ୧୦,୬୫୦ ହେକ୍ଟର ଖରିପ୍ ଧାନ୍ ଚାଷ୍ ହେଇଛେ
- ୭୦ ହେକ୍ଟର ଜମିରେ ଚକଡା ପୋକ୍ ଲାଗିଛନ୍
- ୧୫ ଦିନରୁ ଅଧିକା ହେଲା ଅଂଚଲରେ ବର୍ଷା ନାଁଇଁ



ମୃତ୍ୟୁ ସମୟରେ ଯଦି ଆମର ମନ ଇଷ୍ଟ ବା ଗୁରୁଙ୍କଠାରେ ଯୋଗ ହୋଇଥାଏ ତେବେ ମୁକ୍ତି ମିଳିଥାଏ।
- ଶିରିଡ଼ି ସାଇବାବା

## ସଂକ୍ଷେପରେ

### ଜିଲାପାଳଙ୍କ ଅଭିଯୋଗ ଶୁଣାଣି

**ପାଇକମାଳ,୧୦।୧୦(ଡି.ଏନ.ଏ):** ପାଇକମାଳ ବ୍ଲକ ପରିସରରେ ବରଗଡ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ, ଏସ୍‌ପି ମୁକେଶ କୁମାର ଭାମୁ, ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ କୃତ୍ତିବାସ ରାଉତ, ପଦ୍ମପୁର ଉପଜିଲାପାଳ ଦୌଲତ ଚନ୍ଦ୍ରକାର, ପାଇକମାଳ ବିଡିଓ ସଦାଶିବ ନାଏକ, ଏସ୍‌ଡିପିଓ ଲକ୍ଷ୍ମୀନାରାୟଣ ପଣ୍ଡା ପ୍ରମୁଖ ଅଭିଯୋଗ ଶୁଣାଣିରେ ଉପସ୍ଥିତ ଥିଲେ। ମୋଟ ୧୨ଟି ଅଭିଯୋଗ ଆସିଥିବା ବେଳେ ୭ଟି ବ୍ୟକ୍ତିଗତ ଓ ୫ଟି ସାମୂହିକ ଥିଲା । ଡଃ ବି ବି ମହନ୍ତ, ଅବକାରୀ ଅଧିକାରୀ ହେମକାନ୍ତ ସୁନା, ସିଡିପିଓ କାନ୍ତିଲତା ସାହୁ, ଅଶୋକ ପଣ୍ଡା, ଆରଡବ୍ଲ୍ୟୁଏସ୍‌ଏସ ଜେଇ ସତ୍ୟବ୍ରତ ମାଝୀ ଯୋଗ ଦେଇଥିଲେ ।

### ନବରାତ୍ର ଦୁର୍ଗାପୂଜା ଆରମ୍ଭ

**ପାଇକମାଳ,୧୦।୧୦(ଡି.ଏନ.ଏ):** ପାଇକମାଳ ଦୁର୍ଗା ମନ୍ଦିରରେ ନବରାତ୍ର ଦୁର୍ଗାପୂଜା ଆରମ୍ଭ ହୋଇଛି । ଏଥିପାଇଁ ମଙ୍ଗଳବାର କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା । ଗ୍ରାମର ଶତାଧିକ ମହିଳା ପୁରୁଷ ଶିବ ମନ୍ଦିର ଘାଟ ଝରଣାରୁ ୨୫୧ କଳସ ପାଣି ଆଣି ଏକ ଶୋଭାଯାତ୍ରାରେ ଆସି ଦୁର୍ଗାମଣ୍ଡପ ଠାରେ ସ୍ଥାପନ କରିଥିଲେ । ଚଳିତବର୍ଷ ପୂଜା କର୍ତ୍ତା ଭାବେ ପୁରନ୍ଦର ସାହୁ ଓ ତାଙ୍କ ସ୍ତ୍ରୀ ଜୋସ୍ନାରାଣୀ ସାହୁ ଦାୟିତ୍ୱ ତୁଲାଇଥିବା ବେଳେ ମନ୍ଦିର ପୂଜକ ଦିଗମ୍ବର ଦେବତା, ପଣ୍ଡିତ ଡିଗ୍ରୀଧର ଦେବତା, ଝସକେତନ ନନ୍ଦ ପ୍ରମୁଖ ପୂଜା କାର୍ଯ୍ୟ ତୁଲାଉଛନ୍ତି । ଆସନ୍ତା ୧୯ତାରିଖ ଯାଏଁ ଏହି ପୂଜା ଚାଲିବ । ଏଥିସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି ସଭାପତି ଧବଳେଶ୍ୱର ସାହୁ ଜଣାଇଛନ୍ତି ।

### ଭାଜପାର ନୂଆଖାଇ ଭେଟ୍‌ଘାଟ୍

**ପାଇକମାଳ,୧୦।୧୦(ଡି.ଏନ.ଏ):** ପଦ୍ମପୁର ନିର୍ବାଚନ ମଣ୍ଡଳୀ ଭାଜପା ପକ୍ଷରୁ ପାଇକମାଳ ବିନ୍ଧ୍ୟବାସିନୀ ମହାବିଦ୍ୟାଳୟ ନିକଟସ୍ଥ ହନୁମାନ ମନ୍ଦିର ପଡିଆଠାରେ ନୂଆଁଖାଇ ଭେଟଘାଟ ମଙ୍ଗଳବାର ଅନୁଷ୍ଠିତ ହୋଇଛି । ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସିନେ ତାରକା ମିହିର ଦାସ ଓ ପିଙ୍କି ପଧାନ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧରେ ଜିଲାପରିଷଦ ଅଧକ୍ଷ ମୁକ୍ତା ସାହୁ, ଡାଃ ରାମକୃଷ୍ଣ ପୁରୋହିତ, ଭାଜପା ଜିଲା ସାଧାରଣ ସମ୍ପାଦକ ଗୋବର୍ଦ୍ଧନ ଅଗ୍ରୱାଲ, ରାଜ୍ୟ ଆଦିବାସୀ ମୋର୍ଚ୍ଚା ଅଧକ୍ଷ ଗୋବର୍ଦ୍ଧନ ଭୋଇ, ପଦ୍ମପୁର ବ୍ଲକ ଅଧ୍ୟକ୍ଷ କୁମରମଣି ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ପଦ୍ମପୁର ନିର୍ବାଚନ ମଣ୍ଡଳୀର ପୁରୁଖା ୧୦୦ ଜଣ ଭାଜପା କର୍ମୀଙ୍କୁ ଅଟଳ ସମ୍ମାନରେ ସମ୍ମାନିତ କରାଯାଇଥିଲା ।



### ବିଜେପୁରରେ ସାର୍ବଜନୀନ ଦୁର୍ଗାପୂଜା

**ବିଜେପୁର, ୧୦।୧୦ (ଡି.ଏନ.ଏ):** ବରଗଡ ଜିଲା ବିଜେପୁର ଏନଏସି ସଦର ମହକୁମାର ବସ୍‌ଷ୍ଟାଣ୍ଡ ମଣ୍ଡପରେ ସାର୍ବଜନୀନ ନବଦୁର୍ଗା ପୂଜା ବୁଧବାର ଆରମ୍ଭ ହୋଇଛି । ମଙ୍ଗଳବାର ସନ୍ଧ୍ୟାରେ ଖଣ୍ଡାଧୁଆ, ବିଲ୍ୱବରଣ, କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ବୁଧବାର ରୀତିନୀତି ସହକାରେ ନବଦିନାତ୍ମକ ପୂଜା ଆରମ୍ଭ ହୋଇଛି। ଷଷ୍ଠୀରୁ ରାବଣରାଜ କାର୍ଯ୍ୟକ୍ରମ ଆରମ୍ଭ ହେବା ସହ ବିଜୟା ଦଶମୀ ଦିନ ହାଇସ୍କୁଲ ପଡିଆରେ ରାବଣପୋଡି ମୁଖ୍ୟଆକର୍ଷଣ ହେବ ବୋଲି ପୂଜା କମିଟି ସୂତ୍ରରୁ ଜଣାପଡିଛି। ସନତ କୁମାର ଗଡତିଆ କର୍ତ୍ତା, କିଶୋର ପୂଜାରୀ, ସୁରେନ୍ଦ୍ର ମହାପାତ୍ର, ସୁରେନ୍ଦ୍ର ଦାଶ, ପ୍ରଫୁଲ୍ଲ ଦାଶ ପୁରୋହିତ କାର୍ଯ୍ୟ ସମ୍ପାଦନ କରୁଛନ୍ତି । ପୁଷ୍ପରଞ୍ଜନ ଗଡତିଆ, ଜନାର୍ଦ୍ଦନ ପାଣିଗ୍ରାହୀ, ଯୁଗଳ କିଶୋର ପ୍ରଧାନ, ଯୋଗୀନ୍ଦ୍ର ମେହେର, ନବୀନ ସାହୁ, ମନୋଜ ପଣ୍ଡା, ପାଣ୍ଡବ ପଧାନ ପ୍ରମୁଖ ଖଣ୍ଡାଧୁଆ ସମାରୋହରେ ଯୋଗ ଦେଇଥିଲେ ।

## ଚିଚିଣ୍ଡାରେ ଦୁର୍ଗାପୂଜା ପ୍ରସ୍ତୁତି

# ରଣଜିତା ଶୋଭାଯାତ୍ରା ମୁଖ୍ୟ ଆକର୍ଷଣ

**ଭେଡ଼େନ,୧୦।୧୦(ଡ଼ି.ଏନ.ଏ)**

ଦୁର୍ଗା ଆରାଧନା ପାଇଁ ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ଚିଚିଣ୍ଡା ଗ୍ରାମବାସୀ ଚଳଚଞ୍ଚଳ ହୋଇ ପଡ଼ିଛନ୍ତି । ଗ୍ରାମ ମଧ୍ୟସ୍ଥଳରେ ଥିବା ଦୁର୍ଗାମଣ୍ଡପରେ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଜାରି ରଖିଛନ୍ତି ଗ୍ରାମର ଯୁବ ଶିଳ୍ପୀ ସର୍ବାନନ୍ଦ ରାଉତ । ମଞ୍ଚସଜ୍ଜା ତଥା ତୋରଣ ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲିଛି । ପାରମ୍ପରିକ ପୂଜା ସହ ମନୋରଞ୍ଜନ କାର୍ଯ୍ୟକ୍ରମ ପାଇଁ ପୂଜା କମିଟି ପ୍ରସ୍ତୁତି ଚଳାଇଛନ୍ତି । ଆସନ୍ତା ୧୫ ତାରିଖରେ କଳସ ଆବହନ, ୧୬ରେ ମହାସପ୍ତମୀ ପୂଜା, ୧୭ରେ ସନ୍ଧି ପୂଜା, ୧୮ରେ ମହାନବମୀ ପୂଜା ହୋଇ ୧୯ରେ ରଣଜିତା ଶୋଭାଯାତ୍ରା ସହ ଦଶହରା ପୂଜା କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି। ଦୁଲଦୁଲି ବାଜା ସହ ପାରମ୍ପରିକ ଡ଼ାଲଖାଇ ନାଚ, ରଣଜିତା ଶୋଭାଯାତ୍ରା ତଥା କସରତ ପ୍ରଦର୍ଶନ ଅନ୍ୟତମ ଆକର୍ଷଣ ହେବ । ଏହାସହ ମନୋରଞ୍ଜନ ପାଇଁ ବିଭିନ୍ନ ରାତିରେ ମେଲଛାମୁଣ୍ଡାର ମହିଳା ଦଣ୍ଡନୃତ୍ୟ, ନାଟକ ପରିବେଷଣ କରାଯିବ ବୋଲି ପୂଜା କମିଟି ସୂତ୍ରରୁ ପ୍ରକାଶ । ଚଳିତ ପୂଜା ସୁପରିଚାଳନା ପାଇଁ ଗଠିତ କମିଟିରେ ସଭାପତି ଭାବେ ହରିଶ୍ଚନ୍ଦ୍ର ରାଉତିଆ, ଉପସଭାପତି ରବି ମେହେର, ସମ୍ପାଦକ ତ୍ରିଲୋଚନ ଭୋଇ, ସହ ସମ୍ପାଦକ ମନବୋଧ ମେହେର ଏବଂ କୋଷାଧକ୍ଷ ଭାବେ ଆନନ୍ଦ ରାଉତ ରହିଛନ୍ତି। ପୂଜାରେ ଗ୍ରାମର ଗୌନ୍ତିଆ ପରିବାରର ମଳୟ ବାବୁ ଏବଂ ରାଜକିଶୋର ମେହେର ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ତୁଲାଇବେ ବୋଲି ଜଣାପଡିଛି ।



ଚିଚିଣ୍ଡାରେ ଦୁର୍ଗା ମୂର୍ତ୍ତି ନିର୍ମାଣ ଚାଲିଛି ।

### ଏମାନେ ଯାହା କୁହନ୍ତି...



"କ୍ରମାଗତ ପଞ୍ଚମ ବର୍ଷରେ ମୋ ନିଜ ଗାଁ ଦୁର୍ଗା ମଣ୍ଡପରେ ମାଁଙ୍କ ମୂର୍ତ୍ତି ତିଆରି କରିବାର ସୌଭାଗ୍ୟ ମିଳିଛି । ମୁଁ ଏବଂ ମୋର ସହଯୋଗୀମାନେ ମାଁଙ୍କ ପ୍ରତିମାକୁ ଆକର୍ଷଣୀୟ ଭାବେ ତିଆରି କରିବାକୁ ଚେଷ୍ଟା କରୁଛୁ । - **ସର୍ବାନନ୍ଦ ରାଉତ, ମୂର୍ତ୍ତି ଶିଳ୍ପୀ**



"ଚଳିତ ବର୍ଷ ଆମେ ସମସ୍ତ ଗ୍ରାମବାସୀଙ୍କ ସହଯୋଗରେ ସୁଚାରୁ ଭାବେ ଦୁର୍ଗାପୂଜା ପାଳନ କରିବାକୁ ଯାଉଛୁ । ପାଣିପାଗ ତଥା ବାତ୍ୟା ପରିସ୍ଥିତି ଉପରେ ନଜର ରଖାଯାଇ ପରବର୍ତ୍ତୀ କାର୍ଯ୍ୟକ୍ରମ ସ୍ଥିର କରାଯିବ ।- **ଆନନ୍ଦ ରାଉତ, ପୂଜା କମିଟି କୋଷାଧକ୍ଷ**



"ଆମେ ପାରମ୍ପରିକ ପୂଜାକୁ ଅଧିକ ଗୁରୁତ୍ୱ ଦେଉଛୁ । ଯେପରି ଠିକ୍ ସମୟରେ ମାଁଙ୍କ ପୂଜାବିଧି ହେବ ତାହା ଉପରେ ଦୃଷ୍ଟି ଦେଉଛୁ । ଏହାସହ ରଣଜିତା ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିବ । - **ବସୁଦେବ ଭୋଇ, ଗ୍ରାମବାସୀ**



"ପ୍ରତିବର୍ଷ ଦୁର୍ଗା ପୂଜାକୁ ସମସ୍ତ ଗ୍ରାମବାସୀ ଆଗ୍ରହର ସହ ଅପେକ୍ଷା କରିଥାନ୍ତି। ଗ୍ରାମର ଝିଅ ଭଉଣୀମାନେ ଆସି ଠିକ୍ ଭାବେ ଯାତ୍ରା ଦେଖିପାରିବେ ସେ ନେଇ ସମସ୍ତେ ଯତ୍ନବାନ ହେବୁ ।-**ଭୀମସେନ ମହାନନ୍ଦ, ଗ୍ରାମବାସୀ**

### ଦଶମ ଦିବସରେ ଚାଷୀଙ୍କ ତାଲାବନ୍ଦ ଆନ୍ଦୋଳନ

**ଭେଡ଼େନ,୧୦।୧୦(ଡ଼ି.ଏନ.ଏ)**

କ୍ଷତିଗ୍ରସ୍ତ ସମସ୍ତ ଚାଷୀଙ୍କୁ ସମ୍ପୂର୍ଣ୍ଣ ଭାବେ ନିର୍ଦ୍ଧାରିତ ବୀମା ରାଶି ପ୍ରଦାନ ଦାବିକୁ ନେଇ ବରଗଡ଼ ଜିଲା ଭେଡ଼େନରେ ଚାଲିଥିବା ଦ୍ୱିତୀୟ ପର୍ଯ୍ୟାୟ ଚାଷୀ ଆନ୍ଦୋଳନ ବୁଧବାର ଦଶମ ଦିନରେ ପହଞ୍ଚିଛି । ଚାଷୀମାନେ ଆଗରୁ ବନ୍ଦ କରିଥିବା ସମବାୟ ବ୍ୟାଙ୍କ କୃଷି ସମବାୟ ସମିତି, କୃଷି କାର୍ଯ୍ୟାଳୟ, ଆତ୍ମା ଅଫିସ, ଷ୍ଟେଟ ବ୍ୟାଙ୍କ, ଉତ୍କଳ ଗ୍ରାମୀଣ ବ୍ୟାଙ୍କ, ଉପଡ଼ାକଘର, ବ୍ଲକ ଅଫିସ ଓ ତହସିଲ ଅଫିସ ସହ ମଙ୍ଗଳବାର ଜାଣ୍ଡୋଲରେ ଥିବା ବିଇଓ ଅଫିସ୍‌କୁ ମଧ୍ୟ ପିକେଟିଂ କରି ବନ୍ଦ କରିଦେଇଥିଲେ । ଏହି ଆନ୍ଦୋଳନ ଫଳରେ ଭେଡ଼େନରେ ସମସ୍ତ ବ୍ୟାଙ୍କରେ ଆର୍ଥିକ କାରବାର ଓ ସରକାରୀ କାମ ବନ୍ଦ ରହିଛି । ସମବାୟ ନିବନ୍ଧକ କିମ୍ବା ଜିଲାପାଳ ନିଜେ ଆସି ଲିଖିତ ପ୍ରତିଶ୍ରୁତି ନ ଦେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲଇବ ବୋଲି ଚାଷୀମାନେ ନିଷ୍ପତ୍ତି ନେଇଛନ୍ତି । ଅନିରୁଦ୍ଧ ସାହୁ, ଅଶୋକ ବାଗ, ଉତ୍ପନ୍ନ ଭୋଇ, ମଧୁସୁଦନ ଭୁଏ, ରାଜ କୁମାର ପଧାନ, ବିଜୟ ଲହରିଆ, ସୌକିଲାଲ ସାହୁ, ହେମନ୍ତ ନାଇକ, କନିଷ୍ଠ ସାହୁ, ତ୍ରିବିକ୍ରମ ହୋତା, ମହାଜନ ସେଠ ପ୍ରମୁଖ ଚାଷୀ ମଙ୍ଗଳବାର ଆନ୍ଦୋଳନକୁ ନେତୃତ୍ୱ ନେଇଥିଲେ ।

## ବୁଗବୁଗା କ୍ଲଷ୍ଟରସ୍ତରୀୟ ସୁରଭି



ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

**ସରଣ୍ଡା, ୧୦।୧୦ (ଡି.ଏନ.ଏ)**

ଅତାବିରା ବ୍ଲକ ବୁଗବୁଗା କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଗରିଆଟିକ୍ରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୁଧବାର ଅନୁଷ୍ଠିତ ହୋଇଛି । ଏଥିରେ ସରପଞ୍ଚ ପୁଷ୍ପକାନ୍ତି ସେଠ ମୁଖ୍ୟଅତିଥି ଓ ନରେଶ କୁମାର ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବାଲା ପ୍ରଧାନଙ୍କ ସଭାପତିତ୍ୱ ଓ ସିଆରସିସି କଂସମଣି ଶତପଥିଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ମଧୁସୁଦନ ନାଏକ ଶିଶୁ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ । ସହକାରୀ ଶିକ୍ଷକ ନନ୍ଦିଘୋଷ ଭୁଏ ସହଯୋଗ କରିଥିଲେ ଓ ଦିନେଶ ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ ।

### ଆମ ଗାଁ ଆମ ବିକାଶ
## ୧୫୨ ପ୍ରକଳ୍ପ ପାଇଁ ୪.୩୫ କୋଟି ମଞ୍ଜୁର

**ପାଇକମାଳ,୧୦।୧୦(ଡି.ଏନ.ଏ)**

ପାଇକମାଳ ହାଇସ୍କୁଲ ଖେଳ ପଡିଆଠାରେ ବୁଧବାର ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସିଂ ଯୋଗେ ପାଇକମାଳ ବ୍ଲକ ୨୨ଟି ପଞ୍ଚାୟତର ୧୫୨ଟି ପ୍ରକଳ୍ପ ବାବଦକୁ ମୋଟ୍ ୪କୋଟି ୩୫ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ । ଏ ନେଇ ଅନୁଷ୍ଠିତ ସଭାରେ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ ପୂର୍ବତନ ମନ୍ତ୍ରୀ ବିଜୟ ରଞ୍ଜନ ସିଂ ବରିହା, ବ୍ଲକ ଅଧକ୍ଷ ଅଲତାପ ମହମ୍ମଦ, ଝାରବନ୍ଧ ବ୍ଲକ ଅଧକ୍ଷ ବିଜୟ କେତନ ପ୍ରଧାନ, ଡିଆର୍‌ଡିଏ ପିଡି କୃତିବାସ ରାଉତ, ପଦ୍ମପୁର ଉପଜିଲାପାଳ ଦୌଲତ ଚନ୍ଦ୍ରକାର, ବିଡିଓ ସଦାଶିବ ନାୟକ, ପଦ୍ମପୁର ତହସିଲଦାର ସରୋଜିନୀ ପ୍ରସନ କୁଲୁ, ଜିଲା ପରିଷଦ ସଭ୍ୟ ବିଶ୍ୱନାଥ ବାଗ, ସରପଞ୍ଚ ଧବଳେଶ୍ୱର ସାହୁଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ। ସମିତି ସଭ୍ୟା ନିରୂପମା ନାଗ ଧନ୍ୟବାଦ ଅର୍ପଣ କରିଥିଲେ ।

## ସେବା ଦିବସରେ ସଫେଇ କାର୍ଯ୍ୟକ୍ରମ



ତେନ୍ତୁଲିଟିକ୍ରାରେ ସଂଘ ତରଫରୁ ସଫେଇ କାର୍ଯ୍ୟକ୍ରମ ଚାଲିଛି ।

**ଭେଡ଼େନ,୧୦।୧୦(ଡ଼ି.ଏନ.ଏ)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅଏଁଲାପାଲି ଗ୍ରାମପଞ୍ଚାୟତର ତେନ୍ତୁଲିଟିକ୍ରାଠାରେ ପଣ୍ଡିତ ଗୋପବନ୍ଧୁ ଦାଶଙ୍କ ଜୟନ୍ତୀ ପାଳନ ଅବସରରେ ମଙ୍ଗଳବାର ସେବା ଦିବସ ପାଳିତ ହୋଇଛି। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସ୍ଥାନୀୟ ଶାଖା ଆନୁକୂଲ୍ୟରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଅମିତାଭ ଦେହେରୀ, ସୁରେନ୍ଦ୍ର ଦେହେରୀ, ରାଜୁ ଦନ୍ତା, ସୁରେନ୍ଦ୍ର ମହାକୁର, ସଞ୍ଜୀବ କରନ, କିଶୋର ଭୋଇ, ସୁଦାମ ବିଶ୍ୱାଳ, କୃଷ୍ଣଚନ୍ଦ୍ର ବିଶ୍ୱାଳ, ମହାଦେବ ଦେହେରୀଙ୍କ ସମେତ ବହୁ ସଦସ୍ୟ ଯୋଗଦେଇ ମୁଖ୍ୟଛକରୁ ଆର୍‌ଆଇ ଅଫିସ ପରିସର ତଥା ଶିଶୁମନ୍ଦିର ରାସ୍ତା ସଫେଇ କରିଥିଲେ ।



ବିଜେପୁରରେ ମୁଁ ହିରୋ, ମୁଁ ଓଡ଼ିଶା କାର୍ଯ୍ୟକ୍ରମରେ କୃତୀ ପ୍ରତିଭାଧାରୀଙ୍କୁ ପୁରସ୍କୃତ କରାଯାଉଛି ।

## ବେଲମତି, ସ୍ମୃତିସୁଧା ସମ୍ବର୍ଦ୍ଧିତ

**ବିଜେପୁର, ୧୦।୧୦ (ଡି.ଏନ.ଏ)**

ବରଗଡ଼ ଜିଲା ବିଜେପୁର କଲେଜ ପଡିଆରେ ମୁଁ ହିରୋ, ମୁଁ ଓଡିଶା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଛି। ବିଡିଓ ପଦ୍ମନାଭ ସାମନ୍ତରାୟଙ୍କ ଅଧକ୍ଷତାରେ ଏମ୍‌ପି ପ୍ରଭାସ କୁମାର ସିଂହ ମୁଖ୍ୟଅତିଥି, ବିଧାୟିକା ରୀତା ସାହୁ, ବରପାଲି ଏନଏସି ଅଧକ୍ଷା ମୀନା ସେଠ, ବିଜେଡି ଜିଲା ଉପସଭାପତି ଜନାର୍ଦ୍ଦନ ପାଣିଗ୍ରାହୀ, ବ୍ଲକ ଅଧକ୍ଷା ମାନିନୀ ଭୋଇ, କଲେଜ ଅଧକ୍ଷ ଅକ୍ଷୟ କୁମାର ଯୋଶୀ ଓ ପ୍ରଦୀପ କୁମାର ମିଶ୍ର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ସମାଜସେବୀ ବେଲମତି କୁମୁରା, କ୍ରିକେଟ ଖେଳାଳି ସ୍ମୃତିସୁଧା ବାରିକଙ୍କୁ ଟ୍ରଫି ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପ୍ରାରମ୍ଭରୁ ବ୍ଲକ ପରିସରରୁ ବିଜୁ ଯୁବ ବାହିନୀ ପକ୍ଷରୁ ନିଶାମୁକ୍ତ ଓଡିଶା ଗଠନ ପାଇଁ ଏକ ବିଶାଳ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ଜନସଚେତନତା ସୃଷ୍ଟି କରାଯାଇଥିଲା ।

### ୫୨ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ

**ବିଜେପୁର, ୧୦।୧୦ (ଡି.ଏନ.ଏ)**

ବିଜେପୁର ବ୍ଲକ ପଥର୍ଲା ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡତିଆ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନଶିକ୍ଷକ ଘନଶ୍ୟାମ ମହାନନ୍ଦଙ୍କ ଅଧ୍ୟକ୍ଷତାରେ ବିଜ୍ଞାନ ଶିକ୍ଷୟିତ୍ରୀ ଦୀପାଳି ମେହେର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ୪ର୍ଥ ଓ ୫ମ ଶ୍ରେଣୀରେ ଅଧ୍ୟୟନରତ ୯୨ ଜଣ ଶିକ୍ଷାର୍ଥୀଙ୍କ ୫୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଯଯାତି ମିଶ୍ର ଓ ଅନୀଲ କଲେଜ ବିଚାରକ ଦାୟିତ୍ୱ ତୁଲାଇଥିଲେ। ବାବୁଲାଲ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

# ଫୁଟବଲ ଟୁର୍ଣ୍ଣାମେଣ୍ଟ: ଫୁଲାପାଲି ଚାମ୍ପିୟନ

**ବିଜେପୁର, ୧୦।୧୦ (ଡି.ଏନ.ଏ)**

ବିଜେପୁର ବ୍ଲକ ତାଳପଦର ହାଇସ୍କୁଲ ପଡିଆରେ ତିନି ଦିନ ଧରି ଚାଲିଥିବା ରନିଂ ଫୁଟବଲ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି । କନାପାଲି ବନାମ ଫୁଲାପାଲି ମଧ୍ୟରେ ସଂଘର୍ଷପୂର୍ଣ୍ଣ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା । ଶେଷ ପର୍ଯ୍ୟନ୍ତ କେହି କାହାକୁ ଗୋଲ ଦେଇ ନ ପାରିବାରୁ ଟାଇବ୍ରେକର ମାଧ୍ୟମରେ ୫-୩ ଗୋଲରେ କନାପାଲିକୁ ହରାଇ ଫୁଲାପାଲି ଦଳ ଚାମ୍ପିୟନ ଘୋଷିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅଧାପକ ସୁଶାନ୍ତ କୁମାର ମିଶ୍ର, ସମିତି ସଭ୍ୟ ପ୍ରସାଦ ସେଠ, ପ୍ରାଣବନ୍ଧୁ ସାହୁ, ପୂର୍ବତନ ଖେଳାଳି ରସିକ ଦାଶ, ବିବେକାନନ୍ଦ ପଧାନ, ହୃଦମଣି ସାହୁ, ଅଧାପକ ଦେବାଶିଷ ପଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ମନୋଜ ସାହୁ ଉଦ୍‌ଯାପନୀ ସଭାକୁ ସଂଯୋଜନା କରିଥିଲେ । ଖେଳ ଶିକ୍ଷକ ହୃଦମଣି ସାହୁ, ଲାଲୁ ବିଶ୍ୱାଳ, ପ୍ରଶାନ୍ତ ପଧାନ ପ୍ରମୁଖ ଖେଳ ଗୁଡିକୁ ପରିଚାଳନା କରିଥିଲେ । ଉମେଶ ଭୋଇ, ଭୋଜରାଜ ପଧାନ, ସୁଶୀଲ ନେପାକ ଧାରା ବିବରଣୀ ପ୍ରଦାନ କରିଥିଲେ । କ୍ଷୀରୋଦ୍ର ପଧାନ, ଆଲୋକ ସାହୁ, ଗାଙ୍ଗୁଲି ବିଶ୍ୱାଳ, ଫିରୋଜ ସାହୁ, ସଞ୍ଜୟ ଭୋଇ, ମହେନ୍ଦ୍ର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ ।



ଉଦ୍‌ଯାପନୀ ସମାରୋହରେ ଅତିଥିଙ୍କ ଗହଣରେ ଖେଳାଳିବୃନ୍ଦ ।

### ବିଦ୍ୟୁତ୍ କାଟ ଅସହ୍ୟ

**ବରପାଲି, ୧୦।୧୦ (ଡି.ଏନ.ଏ)**

ବରପାଲି ସହରରେ ବିଦ୍ୟୁତ କାଟ ଅସହ୍ୟ ହେଲାଣି । ପୂର୍ବରୁ ସକାଳ ସାଢ଼େ ୭ଟାରୁ ୮ଟା ପର୍ଯ୍ୟନ୍ତ ମାତ୍ର ଅଧ ଘଣ୍ଟା ବିଦ୍ୟୁତ କାଟ ହେଉଥିଲା । ବର୍ତ୍ତମାନ ସକାଳ ୬ଟାରୁ ୭ଟା ପର୍ଯ୍ୟନ୍ତ ୧ଘଣ୍ଟା ବିଦ୍ୟୁତ କାଟ୍ କରାଯାଉଛି । ସେହିପରି ଅପରାହ୍ନରେ ବି ଅଘୋଷିତ ବିଦ୍ୟୁତ କାଟ ସହ ବାରମ୍ବାର ଲାଇନ ଯାଉଛି । ଏହାକୁ ନେଇ ସହରବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ଦଶହରାରୁ ପାର୍ବଣ ଋତୁ ଆରମ୍ଭ ହୋଇଯାଇଥିବାରୁ ଝିଅ, ବୋହୁଙ୍କ ଯିବା ଆସିବା ଲାଗିଗଲାଣି। ଏପରି ସ୍ଥଳେ ବିଦ୍ୟୁତ କାଟ ଅସହ୍ୟ ହେବାରୁ ଲୋକେ ଏହାକୁ ତାଚ୍ଛଲ୍ୟ କରି ୱେସ୍କୋର ଦଶହରା ଭେଟି ବୋଲି କହୁଛନ୍ତି । ଏ ସମ୍ପର୍କରେ ବିଭାଗୀୟ ଅଧିକାରୀ କୈଳାଶ ଚନ୍ଦ୍ର ବଳଙ୍କୁ ପଚାରିବାରୁ ଏହା ଆମ୍ଭେ କରୁନାହୁଁ, ଓପିଟିସିଏଲ କରୁଛି ବୋଲି କହିଛନ୍ତି ।



ସତ୍ୟର ଗ୍ରହଣ ଓ ଅସତ୍ୟର ତ୍ୟାଗରେ
ସର୍ବଦା ଉଦ୍ୟମଶୀଳ ହେବା ଉଚିତ୍।
- ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ଦଶହରା ପାଇଁ ଶୁଭଖମ୍ବ ସ୍ଥାପନ

**ଜମ୍ପାପଙ୍କ, ୧୦।୧୦ (ଡି.ଏନ.ଏ):** ବୌଦ୍ଧ ବ୍ଲକ ଅନ୍ତର୍ଗତ ଜମ୍ପାପଙ୍କ ମାରୁତି ଯୁବକ ସଂଘ ଓ ଗ୍ରାମବାସୀଙ୍କ ସହଯୋଗରେ ହେବାକୁ ଥିବା ଦଶହରା ପୂଜା ପାଇଁ ବୁଧବାର ଶୁଭସ୍ତମ୍ଭ ସ୍ଥାପନ ହୋଇଛି । ପୂଜାରୀ ବିଜୟ ବେହେରା ପୂଜାକାର୍ଯ୍ୟ ତୁଲାଇଥିବା ବେଳେ ମାରୁତି ଯୁବକ ସଂଘ ସଭାପତି ସୁଧାଂଶୁ ଶେଖର ମିଶ୍ର, ସମ୍ପାଦକ ଜଗଦୀଶ ବାରିକ, କୋଷାଧକ୍ଷ ସଞ୍ଜିତ ପ୍ରଧାନ, ସଭ୍ୟ ଗାର୍ଗବ ପ୍ରଧାନ, ଗଜେନ୍ଦ୍ର ପ୍ରଧାନ, ରବିନ୍ଦ୍ର ପ୍ରଧାନ, ପୃଥିରାଜ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଦଶହରା କିପରି ଶାନ୍ତି ଶୃଙ୍ଖଳା ସହିତ ସମ୍ପନ୍ନ ହେବ ସେଥିପାଇଁ ମାଁ ଦୁର୍ଗାଙ୍କଠାରେ ପ୍ରାର୍ଥନା କରିଥିଲେ ।

### କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**ବାଉଁଶୁଣୀ,୧୦।୧୦(ଡି.ଏନ୍.ଏ):** ବୌଦ୍ଧ ବ୍ଲକ୍ ଅନ୍ତର୍ଗତ ବହିରା ଆଞ୍ଚଳିକ ସାଧନ କେନ୍ଦ୍ର ତରଫରୁ ବହିରା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ କ୍ଲଷ୍ଟରସ୍ତରୀୟ ସୁରଭି-୨୦୧୮ ଅନୁଷ୍ଠିତ ହୋଇଛି । କେନ୍ଦ୍ର ସଂଯୋଜକ ଶଙ୍କର୍ଷଣ ହାତୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ହାଇସ୍କୁଲ ପ୍ରଧାନ ଶିକ୍ଷକ ଦେଶବନ୍ଧୁ ମହାକୁଳ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଆନନ୍ଦ ଚନ୍ଦ୍ର ରଥଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା । ବିଭିନ୍ନ କାର୍ଯ୍ୟାଳୟରୁ ଆସିଥିବା ଶିକ୍ଷୟିତ୍ରୀ ଶିକ୍ଷକ ରଘୁନାଥ ମେହେର, ଗଣ୍ଡାଧର ସାହୁ, ବିଶ୍ୱମୋହନ ନାୟକ, ହାଡିବନ୍ଧୁ ସାହୁ, ଗିରିଶ ଗାଇଗୌରିଆ, ତୋଷଣ ମହାକୁଳ, ଲାଲମଣୀ ଖଟୁଆ, ହିମାଂଶୁ ବିଶି, ନବୀନ ଦାସ, ପ୍ରଭାତ ବେହେରା ସହଯୋଗ କରିଥିଲେ । ଶେଷରେ ବିଶ୍ୱମୋହନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

### ଦୁର୍ଗାପୂଜା ବୈଠକ

**ପାଇକମାଳ,୧୦।୧୦(ଡି.ଏନ.ଏ):** ପାଇକମାଳ ତହସିଲ ଅଫିସ ନିକଟରେ ଜର୍ଜଗଡ ଦୁର୍ଗାପୂଜା ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୂଜା କମିଟି ସଭାପତି ଗୋପାଳ ସାହା, ସମ୍ପାଦକ ଭୁବନେଶ୍ୱର ସାହାଙ୍କୁ ସର୍ବସମ୍ମତି କ୍ରମେ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଚଳିତ ବର୍ଷ ଦୁର୍ଗାପୂଜା ପାଇଁ ବିଭୂତି ମୁଣ୍ଡ ଓ ତାଙ୍କ ସ୍ତ୍ରୀ ପୂଜାକର୍ତ୍ତା ଦାୟିତ୍ୱ ତୁଲାଇବେ ବୋଲି ଜଣାପଡିଛି ।

■ ଚାରିଛକକୁ ରାଜସ୍ୱ ଗ୍ରାମ ମାନ୍ୟତା ନ ଦେବାକୁ ଦାବି

# ତହସିଲଦାରଙ୍କୁ ଦେଲେ ଦାବିପତ୍ର

**ବୌଦ୍ଧ,୧୦।୧୦(ସ୍ୱ.ପ୍ର)**

ହରଭଙ୍ଗା ତହସିଲ




ତହସିଲଦାରଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ ।

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ବାଣିଭୂଷଣପୁର ଗ୍ରାମପଞ୍ଚାୟତର ୨୪ଖଣ୍ଡ ମୌଜାର ଅଧିବାସୀମାନେ ଚାରିଛକ ବଜାରକୁ ରାଜସ୍ୱ ଗ୍ରାମର ମାନ୍ୟତା ନ ଦେବାକୁ ଦାବି କରିଛନ୍ତି। କେତେକ ନ୍ୟସ୍ତସ୍ୱାର୍ଥ ଲୋକ ଉକ୍ତ ପଞ୍ଚାୟତରେ ଥିବା ୪ଟି ରାଜସ୍ୱ ଗ୍ରାମ ଖାଡରାଜିଙ୍ଗ, ଠିକିଆପୋର, ବାଣଭୂଷଣପୁର ଓ କଳାଖଣ୍ଡିକୁ ବର୍ତ୍ତମାନ ଭାଗ ଭାଗ କରି ଚାରିଛକ ନାମରେ ଏକ ନୂତନ ରାଜସ୍ୱ ଗ୍ରାମ ଗଠନ କରିବାକୁ ଚକ୍ରାନ୍ତ ଚଳାଇଥିବା ସେମାନେ ଅଭିଯୋଗ କରିଛନ୍ତି। ଏ ନେଇ ବୁଧବାର ୨୪ ଖଣ୍ଡ ମୌଜାର ଅଧିବାସୀ ଠିକିଆପୋର ଜଗନ୍ନାଥ ମନ୍ଦିର ଠାରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଚାରିଛକ ବଜାର ପରିକ୍ରମା କରି ହରଭଙ୍ଗା ତହସିଲଦାରଙ୍କୁ ଏକ ସ୍ମାରକପତ୍ର ଦେଇଥିଲେ । ଏହାସହ ସେମାନେ ଦକ୍ଷିଣାଞ୍ଚ ରାଜସ୍ୱ କମିଶନର, ବୌଦ୍ଧ ଜିଲାପାଳ ଓ ଉପଜିଲାପାଳ ବୌଦ୍ଧଙ୍କୁ ମଧ୍ୟ ଘଟଣା ସମ୍ପର୍କରେ ଜଣାଇଥିଲେ ।

ଚାରିଛକର ଅବସ୍ଥିତି କହିଲେ କେବଳ ୪ଟି ଛକକୁ ବୁଝାଏ । ଖାଡରାଜିଙ୍ଗ ଓ ଠିକିଆପୋର ମୌଜାରେ ବହୁ ଲୋକ ବସବାସ କରୁଛନ୍ତି । କିନ୍ତୁ ଏହି ମୌଜାରେ ଗୋଚର ଓ ଅନାବାଦି ଜମି ନ ଥିବାରୁ ଏଠାକାର ଲୋକମାନେ କିଛି କରୁପାରୁନାହାନ୍ତି। ଚାରିଛକ ବଜାରରେ ବସବାସ କରୁଥିବା କିଛି ବ୍ୟବସାୟୀ, ଚାକିରିଆ ଲୋକ ବାହାରୁ ଆସି ଏହି ମୌଜାର ଅନାବାଦି ଓ ଗୋଚର ଜମିରେ ଘର କରି ଚାରିଛକ ରାଜସ୍ୱ ଗ୍ରାମ କରିବାକୁ ପ୍ରୟାସ ଚଳାଇଛନ୍ତି । ଏପେଟ ସରକାରୀ ନିୟମକୁ ନ ମାନି ଚାକିରିଆ, ପୁଞ୍ଜିପତିମାନଙ୍କୁ ବେଆଇନ ଭାବେ ସରକାରୀ ଜାଗା ଦେବାରୁ ଜିଲାର ପ୍ରକୃତ ଗରିବ ଲୋକମାନେ ଜାଗା ପାଇପାରୁନାହାନ୍ତି। ବର୍ତ୍ତମାନ ଯେଉଁ ଗୋଚର ଓ ଅନାବାଦି ଜମି ଏମାନଙ୍କ ହାତକୁ ଦିଆଯାଇଛି ତାକୁ ପୁନର୍ବାର ସରକାରୀ ଖାତାକୁ ଫେରସ୍ତ କରିବାକୁ ୨୪ ଖଣ୍ଡ ମୌଜାର ଅଧିବାସୀ ଦାବି କରିଛନ୍ତି ।



■ ଭାଜପାର ଖବରଦାତା ସମ୍ମିଳନୀ

## ସ୍ଥାନୀୟ ସମସ୍ୟା ନେଇ ଲୋକଙ୍କ ପାଖକୁ ଯିବୁ

**ବୌଦ୍ଧ,୧୦।୧୦(ସ୍ୱ.ପ୍ର)**

ବୌଦ୍ଧ ଜିଲା ଭାଜପା ପକ୍ଷରୁ ବୁଧବାର ସନ୍ଧ୍ୟାରେ ପୂର୍ତ୍ତବିଭାଗ ଡାକ ବଙ୍ଗଳା ଠାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଜିଲା ସଭାପତି ସୌମିତ୍ରୀ କୁମାର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଦଳର ଆଗାମୀ କାର୍ଯ୍ୟକ୍ରମ ନେଇ ସୂଚନା ଦେଇଥିଲେ । ଦଳ ପକ୍ଷରୁ ୮୪ ଦିନିଆ କାର୍ଯ୍ୟସୂଚୀ ଘୋଷଣା କରାଯାଇଥିଲା । ଆଗାମୀ ଦିନରେ ରାଜ୍ୟ କିମିଟିର ଘୋଷଣା ଅନୁଯାୟୀ ସ୍ଥାନୀୟ ସମସ୍ୟା ଓ ରାଜ୍ୟ ସମସ୍ୟାକୁ ନେଇ ଜିଲାର ୩ଟି ବ୍ଲକ ଘେରାଉ କରାଯିବ । ଆୟୁଷ୍ମାନ ଯୋଜନାକୁ ରାଜ୍ୟରେ ଲାଗୁ କରାଯିବା ନିମନ୍ତେ ଦାବି କରି ଓ ଲୋକଙ୍କ ମଧ୍ୟରେ ଜନସଚେତନତା ସୃଷ୍ଟି କରାଯିବା ନେଇ ଜିଲାରେ ବିଗତ ଦିନରେ ଦଳ ପକ୍ଷରୁ କରାଯାଇଥିବା ପଥପ୍ରାନ୍ତ ସଭା ଓ ଅନ୍ୟାନ୍ୟ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା । ଆଗାମୀ ସାଧାରଣ ନିର୍ବାଚନ ପାଇଁ ବୁଥ୍ ଓ ମଣ୍ଡଳ ସ୍ତରରେ ସାଙ୍ଗଠନିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଗ୍ରାମସ୍ତରରେ ରହିଥିବା ସମସ୍ୟା ଗୁଡିକର ସମାଧାନ ଦାବି ନେଇ ଗ୍ରାମାଞ୍ଚଳ ଲୋକମାନଙ୍କ ସହିତ ମିଶି ଭାଜପା ସମାଧାନ ପାଇଁ ଦାବି କରିବ । ଚଳିତ ମାସ ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ ବ୍ଲକ ଘେରାଉ, ନଭେମ୍ବର ୧ରୁ ୩୦ ତାରିଖ ପର୍ଯ୍ୟନ୍ତ ଜନସମ୍ପର୍କ ଯାତ୍ରା ଓ ଡିସେମ୍ବର ୧ରୁ ୩୦ ପର୍ଯ୍ୟନ୍ତ ପରିବର୍ତ୍ତନ ଯାତ୍ରା କରାଯିବ ବୋଲି ସଭାପତି ନାଏକ ସୂଚନା ଦେଇଥିଲେ । ଏହି ସମ୍ମିଳନୀରେ ଜିଲା ଉପସଭାପତି ଚିତ୍ତରଞ୍ଜନ ପାଣିଗ୍ରାହୀ, ମିଡିଆ ସେଲ୍ ପ୍ରଭାରୀ ବିପ୍ରଚରଣ ମହାନ୍ତି ଓ ସାଧାରଣ ସମ୍ପାଦକ ଦେବାଶିଷ ମହାକୁଡ ଉପସ୍ଥିତ ଥିଲେ ।

## ସମଲେଶ୍ୱରୀଙ୍କ ବ୍ରହ୍ମଚାରିଣୀ ବେଶ



ମାଁ ସମଲେଶ୍ୱରୀ ବ୍ରହ୍ମଚାରିଣୀ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଉଛନ୍ତି ।

**ବରଗଡ଼ ଅଫିସ୍,୧୦।୧୦**

ଶାରଦୀୟ ନବରାତ୍ର ପୂଜାରେ ବରଗଡ଼ ସହର ଉତ୍ସବ ମୁଖର ହୋଇ ହୋଇପଡ଼ିଛି । ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀ, ମାଁ ଶ୍ୟାମାକାଳୀ, ନାୟକପଡ଼ା ଗୌରୀମଣ୍ଡପ ଆଦି ଶକ୍ତିପୀଠରେ ଭକ୍ତଙ୍କ ଗହଳି ଦେଖିବାକୁ ମିଳିଛି । ବୁଧବାର ଶକ୍ତିପୀଠ ଗୁଡ଼ିକରେ ଦେବୀଙ୍କୁ ବ୍ରହ୍ମଚାରିଣୀ ବେଶରେ ଦେଖିବାକୁ ମିଳିଥିଲା । ଦେବୀଙ୍କୁ ଏହି ବେଶରେ ଦର୍ଶନ ଓ ପୂଜାର୍ଚ୍ଚନା କଲେ ମନୁଷ୍ୟର ତପ, ତ୍ୟାଗ, ବୈରାଗ୍ୟ, ସଦାଚାର ଓ ସଂଯମ ବୃଦ୍ଧି ହୁଏ ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି । ଫଳରେ ଦେବୀଙ୍କୁ ଏହି ବେଶରେ ଦର୍ଶନ ପାଇଁ ଶକ୍ତିପୀଠ ଗୁଡ଼ିକରେ ଭକ୍ତଙ୍କ ସମାଗମ ହୋଇଥିଲା ।

## ଫୁଟବଲ ଟୁର୍ନାମେଣ୍ଟ: ବୋଡ଼ାସମ୍ବର ଚାମ୍ପିୟନ

**ବରଗଡ଼ ଅଫିସ୍,୧୦।୧୦**

ବରଗଡ଼ ବ୍ଲକ ଅନ୍ତର୍ଗତ ମାଲିପାଲି ଗ୍ରାମରେ ବୁଧବାର ଶହୀଦ ରଞ୍ଜନ ଦାଶଙ୍କ ସ୍ମୃତିରେ ମାଁ ମାଉଲି ଫୁଟବଲ କପ୍ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ । ବୋଡ଼ସମ୍ବର ଓ ଦେବଗଡ଼ ମଧ୍ୟରେ ଫାଇନାଲ ଖେଳ ହୋଇଥିଲା । ଫାଇନାଲରେ ଟାଇବ୍ରେକର ଜରିଆରେ ବୋଡ଼ାସମ୍ବର ଚାମ୍ପିୟନ ହୋଇଥିଲା। ବରଗଡ଼ ଏମ୍‌ପି ଡଃ ପ୍ରଭାସ ସିଂ ମୁଖ୍ୟଅତିଥି ଏବଂ ବିଧାୟକ ଦେବେଶ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ଯୁବନେତା ଅଶ୍ୱିନୀ ତ୍ରିପାଠୀ, ଉମେଶ ପଣ୍ଡା ଅତିଥି ଭାବେ ଉପସ୍ଥିତ ଥିଲେ । ଅଦୀପ୍ତ ସାହୁ, ମଦନ ଦାଶ ଖେଳ ପରିଚାଳନା କରିଥିବା ବେଳେ ନରୋତ୍ତମ ଭୋଇ, ଗିରିଧାରୀ ପ୍ରଧାନ, ଶ୍ୟାମ ଭୋଇ, ପ୍ରେମାନନ୍ଦ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

# ଆନନ୍ଦ କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ

**ସରଣ୍ଡା/ଅତାବିରା, ୧୦।୧୦(ଡି.ଏନ.ଏ)**

ବରଗଡ଼ ଜିଲା ଅତାବିରାରେ ବୁଧବାର ଆନନ୍ଦ କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ ହୋଇଛି । ସ୍ଥାନୀୟ କୋସଲ-ଆନ୍ଧ୍ର କଲଚରାଲ ଆସୋସିଏଶନ ପକ୍ଷରୁ ଆୟୋଜିତ ସମାରୋହରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ନିଜ ଭାଷଣରେ ସେ ସ୍ଥାନୀୟ ତେଲୁଗୁ ଲୋକଙ୍କ ଅବଦାନ ଉପରେ ଉଲ୍ଲେଖ କରିଥିଲେ । ସେହିପରି ବାଉଲସିଂହା ଇଥାନଲ ପ୍ରକଳ୍ପ ଉପରେ ସୂଚନା ଦେଇ ସେଥିରୁ ଚାଷୀମାନଙ୍କୁ ଲାଭ ମିଳିବ ବୋଲି ସେ କହିଥିଲେ । ଆନ୍ଧ୍ର-ଓଡ଼ିଶା ଉପକୂଳରେ ଆସୁଥିବା ବାତ୍ୟା ପ୍ରକୋପରୁ ରକ୍ଷା ପାଇଁ ମହାପ୍ରଭୁ ଜଗନ୍ନାଥ, ବାଲାଜୀ, ତିରୁପତି, ମାଁ ସମଲେଶ୍ୱରୀ ଏବଂ ରାମଚଣ୍ଡୀଙ୍କୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ପ୍ରାର୍ଥନା କରିଥିଲେ ।




ଉଦ୍‌ଘାଟନୀ ସମାରୋହରେ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ମାରକ ପ୍ରଦାନ କରାଯାଉଛି ।

ଅନ୍ୟମାନଙ୍କ ମଧ୍ୟରେ ଡି. ମୁରଲିକ୍ରୀଷ୍ଣା, କେ.ଏନ ମୂର୍ତ୍ତି, ଭାଜପା ରାଜ୍ୟ ଉପସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ଜିଲା ସଭାପତି ଡା. ଅରୂପାନନ୍ଦ ସାହୁ ମଞ୍ଚାସୀନ ଥିଲେ ।

# ରାଜ୍ୟପାଳଙ୍କ ବରଗଡ଼ ଗସ୍ତର ଏପାଖ ସେପାଖ

**ବରଗଡ଼ ଅଫିସ୍,୧୦।୧୦**

### ବକ୍ତବ୍ୟରେ ବଳ କଷାକଷି

ବକ୍ତବ୍ୟରେ ଭାଜପା-ବିଜେଡ଼ିର ବଳ କଷାକଷି ହୋଇଥିଲା। ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ, ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବକ୍ତବ୍ୟରୁ ଏହା ସ୍ପଷ୍ଟ ହୋଇଥିଲା । ରାଜନୈତିକ ଚଷମାକୁ ହଟାଇ ବିକାଶ ପାଇଁ ଆଗେଇ ଆସିବାକୁ ପ୍ରସନ୍ନ ଆହ୍ୱାନ କରିଥିବାବେଳେ ପ୍ରଥମେ ନିଜ ଦଳ ନେତାଙ୍କୁ ସେଭଳି ଶିକ୍ଷା ଦେବାକୁ ଧର୍ମେନ୍ଦ୍ର ତାଙ୍କୁ ଜବାବ ଦେଇଥିଲେ । ନିଯୁକ୍ତି ପାଇଁ ଯେଉଁସବୁ ଦକ୍ଷତା ଆବଶ୍ୟକ, ପ୍ରକଳ୍ପ କାର୍ଯ୍ୟକ୍ଷମ ଅବଧିରେ ସେଭଳି ପ୍ରଶିକ୍ଷଣ ଦେଇ ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ଦେବାକୁ ମନ୍ତ୍ରୀ ଛୁରିଆ କରିଥିବା ଦାବିର ଉତ୍ତରରେ ଧର୍ମେନ୍ଦ୍ର କହିଥିଲେ, ବରଗଡ଼ରେ ଯେଭଳି ଭିତ୍ତିଭୂମି ରହିଛି, ଆନ୍ତରିକତା ଥିଲେ ଏଠାରେ ସାରା ଓଡ଼ିଶାର ଯୁବକଙ୍କୁ ନିଯୁକ୍ତି ମିଳିପାରିବ । ମାତ୍ର ଏହି ଜିଲା ପ୍ରତି ଗାଁ ଗଣ୍ଡାରୁ ରାଜ୍ୟ ବାହାରକୁ ଶହ ଶହ ଯୁବକ କର୍ମ ଅନ୍ୱେଷଣରେ ଯାଉଛନ୍ତି ।

### ବିଧାୟକଙ୍କୁ ମିଳିଲାନି ଭାଷଣ ସୁଯୋଗ

ସଭା ମଞ୍ଚରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ ଉପସ୍ଥିତ ଥିଲେ । କିନ୍ତୁ ସଭା ଶେଷ ସୁଦ୍ଧା ଉଭୟ ବିଧାୟକଙ୍କୁ ଭାଷଣର ସୁଯୋଗ ମିଳି ନ ଥିଲା । ସେହିପରି ମଞ୍ଚାସୀନ ଜିଲା ପରିଷଦ ଉପାଧ୍ୟକ୍ଷ ମଦନ ଦୀପ ମଧ୍ୟ ଭାଷଣ ଦେବାରୁ ବାଦ୍ ପଡ଼ିଥିଲେ । ଅନ୍ୟପଟେ ନିମନ୍ତ୍ରୀତ ଅତିଥି ଭାବେ ମନ୍ତ୍ରୀ ସୁଶାନ୍ତ ସିଂ ଓ ବିଜେପୁର ବିଧାୟିକା ରୀତା ସାହୁ ରହିଥିଲେ ହେଁ ସଭାରେ ସେମାନଙ୍କ ଅନୁପସ୍ଥିତିକୁ ନେଇ ନାନା ଚର୍ଚ୍ଚା ଚାଲିଛି ।

### ରାଜ୍ୟକୁ ଦୋଷ ଦେଲେ ଧର୍ମେନ୍ଦ୍ର

ବରଗଡ଼ ଜିଲାରେ ପ୍ରଧାନମନ୍ତ୍ରୀ ଫସଲବୀମା ବିଭ୍ରାଟ ଲାଗି ରହିଛି। ଯୋଜନାଟି କେନ୍ଦ୍ର ସରକାରଙ୍କ ହୋଇଥିବାରୁ ରାଜ୍ୟ ସରକାର ଏଥିପାଇଁ କେନ୍ଦ୍ରକୁ ଦାୟୀ କରୁଛି। ଅନ୍ୟପଟେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ଏଥିପାଇଁ ରାଜ୍ୟ ଉପରେ ଦୋଷ ଲଦିଥିଲେ । ସେ କହିଥିଲେ, ବୀମା କମ୍ପାନୀ ସହିତ ରାଜ୍ୟ ସରକାର ଚୁକ୍ତି କରିଛନ୍ତି । ଫଳରେ ଯେଉଁ ୬୪ କୋଟି ବୀମା କ୍ଷତିପୂରଣ ବାକି ରହିଛି, ତାହା ତୁରନ୍ତ ପ୍ରଦାନ ପାଇଁ ବୀମା କମ୍ପାନୀ ଉପରେ ରାଜ୍ୟ ସରକାର ଚାପ ପକାନ୍ତୁ ବୋଲି ସେ ଆହ୍ୱାନ କରିଥିଲେ । ଏହି ପ୍ରସଙ୍ଗରେ ବିଧାନସଭା ସମ୍ମୁଖରେ ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତଙ୍କ ଅନଶନ ଏବଂ ରାଜ୍ୟସଭାରେ ପ୍ରସନ୍ନ ଆଚାର୍ଯ୍ୟ ଉଠାଇଥିବା ପ୍ରଶ୍ନକୁ ମଧ୍ୟ ସେ ମନେ ପକାଇଥିଲେ ।

### ସମ୍ବୋଧନକୁ ନେଇ ଚର୍ଚ୍ଚା

ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁଙ୍କ ଉଦ୍‌ବୋଧନରୁ ଆରମ୍ଭ ହୋଇଥିଲା ସଭା। ହେଲେ ଉଦବୋଧନ ଦେବାବେଳେ ମୁକ୍ତା ଯେଭଳି ଘାବରେଇ ଯାଇଥିଲେ ତାକୁ ନେଇ ଏବେ ଚର୍ଚ୍ଚା । ସମ୍ବୋଧନ ବେଳେ ରାଜ୍ୟପାଳ ପରିବର୍ତ୍ତେ କହୁ କହୁ କହି ଦେଇଥିଲେ ପ୍ରଧାନମନ୍ତ୍ରୀ । ସେହିପରି ପ୍ରସନ୍ନ ଆଚାର୍ଯ୍ୟଙ୍କୁ ଲୋକସଭା ସାଂସଦ ଏବଂ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ସିଂଘାଣୀ ଛୁରିଆ ବୋଲି କହିବା ନେଇ ହାସ୍ୟରୋଳ ସୃଷ୍ଟି ହୋଇଥିଲା । ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ବକ୍ତବ୍ୟ ରଖୁଥିବାବେଳେ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ପରିବର୍ତ୍ତେ ପ୍ରଫୁଲ୍ଲ ସାମଲ ବୋଲି ସମ୍ବୋଧନ କରିବା ଚର୍ଚ୍ଚାର ବିଷୟ ହୋଇଥିଲା ।

### ଗୁଣଗାନ କଲେ ଗଣେଶୀ ଲାଲ

ମଞ୍ଚ ପରିଚାଳନା କରୁଥିବା ବିପିସିଏଲର ଅଧିକାରୀ ଜଣକ ନ ଡାକୁଣୁ ସବାଶେଷରେ ନିଜେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମାଇକ୍ରୋଫୋନ ଧରି ନିଜ ବକ୍ତବ୍ୟ ଆରମ୍ଭ କରିଥିଲେ । ରାଜ୍ୟପାଳ ବକ୍ତବ୍ୟ ଦେବା ପାଇଁ ଯେଭଳି ତରତର ହୋଇ ମାଇକ୍ରୋଫୋନ ଧରିଲେ । ସେ କଣ କହିବେ ବୋଲି ଉପସ୍ଥିତ ଜନତା ଆଶା ବାନ୍ଧିଥିଲେ । ହେଲେ ତାଙ୍କ ବକ୍ତବ୍ୟରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଗୁଣଗାନ ଅପେକ୍ଷା ସେଭଳି ଅଧିକ ଅନ୍ୟ କିଛି ରହି ନ ଥିଲା । ବରଂ ଭାଷଣଟି କେବଳ କେନ୍ଦ୍ର ସରକାରଙ୍କୁ ସୁହାଇବା ଭଳି ଥିଲା ବୋଲି ଚର୍ଚ୍ଚା ହୋଇଥିଲା ।

### ଧନୁଯାତ୍ରାକୁ ରାଜ୍ୟପାଳଙ୍କୁ ଆମନ୍ତ୍ରଣ

ସାଧାରଣ ଜନତା କହି ନ ଥିଲେ । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ବକ୍ତବ୍ୟ ରଖିବାବେଳେ ରାଜ୍ୟପାଳଙ୍କ ଏହା ପ୍ରଥମ ବରଗଡ଼ ଗସ୍ତ ଥିଲା ଏବଂ ପୁଣିଥରେ ବରଗଡ଼କୁ ଆସିବେ ବୋଲି କହିଥିଲେ । ଏଭଳି କହିବା ଛଳରେ ବରଗଡ଼ ଧନୁଯାତ୍ରାକୁ ରାଜ୍ୟପାଳଙ୍କୁ ଆମନ୍ତ୍ରଣ କରିବା ନା ନାହିଁ ବୋଲି ଉପସ୍ଥିତ ଜନତାଙ୍କୁ ପଚାରିଥିଲେ । ଧନୁଯାତ୍ରାକୁ ଆଉ ମାତ୍ର ଦୁଇମାସ ବାକି ଏବଂ ଏହା ପରେ ସାଧାରଣ ନିର୍ବାଚନ । ଫଳରେ ସାଧାରଣ ନିର୍ବାଚନକୁ ଲକ୍ଷ୍ୟ ରଖି ରାଜ୍ୟପାଳଙ୍କୁ ବରଗଡ଼ ଧନୁଯାତ୍ରାକୁ ନିମନ୍ତ୍ରଣ ଭାଜପାର ଏକ ଚାଲ୍ ଛଡ଼ା ଅନ୍ୟ କିଛି ନୁହେଁ ବୋଲି ସାଧାରଣରେ ଆଲୋଚନା ହେଉଛି ।

(ରିପୋର୍ଟ: ପ୍ରେମାନନ୍ଦ ଖମାରୀ)




ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଜଣେ ଦିବ୍ୟାଙ୍ଗଙ୍କୁ ବ୍ୟବହାର ଉପକରଣ ପ୍ରଦାନ କରୁଛନ୍ତି ।

## ପ୍ରଦର୍ଶନୀ କ୍ରିକେଟ ମ୍ୟାଚ୍

**ପଦ୍ମପୁର, ୧୦।୧୦ (ଡି.ଏନ.ଏ)**

ବୁଧାପାଲି କ୍ରିକେଟ ସଂଘଦ୍ୱାରା ଏକ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ ବୁଧାପାଲିଠାରେ ଶିକ୍ଷକ ଏକାଦଶ ଓ ବୁଧାପାଲି ଏକାଦଶ ମଧରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଟସ ଜିତି ବୁଧାପାଲି ଏକାଦଶ ୧୦ ଓଭରରେ ୧୨୮ ରନ କରିଥିଲେ। ଶିକ୍ଷକ ଏକାଦଶ ୧୦ ଓଭରରେ ୫୧ ରନ କରି ୭୮ ରନରେ ପରାସ୍ତ ହୋଇଥିଲେ । ଶିକ୍ଷକ ନୃପରାଜ ବରିହା ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ଦ୍ରୋଣ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଲାଭ କରିଥିଲେ । ନବୀନ ଦାଶ ଧନ୍ୟବାଦ ଦେଇଥିଲେ ।

# ଫୁଟବଲ: ଅଇଁଠାପାଲି, ବରଗାଁ ବିଜୟୀ

**ବରଗଡ଼ ଅଫିସ୍,୧୦।୧୦**

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଜିଲାସ୍ତରୀୟ ନକ୍ ଆଉଟ୍ ଫୁଟବଲ ପ୍ରତିଯୋଗିତାର ବୁଧବାର ଅନୁଷ୍ଠିତ ମ୍ୟାଚରେ ଅଇଁଠାପାଲି ଓ ବରଗାଁ ପ୍ରତିପକ୍ଷକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ଅଇଁଠାପାଲି ଓ ଖଲିଆପାଲି ମଧ୍ୟରେ ପ୍ରଥମ ମ୍ୟାଚ୍ ହୋଇଥିଲା । ଏଥିରେ ଅଇଁଠାପାଲି ୩-୦ ଗୋଲରେ ବିଜୟୀ ହୋଇଥିଲା । ଅଇଁଠାପାଲିର ଜୀବର୍ଦ୍ଧନ ଭୋଇ, ସୁରେନ୍ଦ୍ର ଭୋଇ ଏବଂ ହେମନ୍ତ ଭୋଇ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ । ସେହିପରି ପଦ୍ମପୁର ଓ ବରଗାଁ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ବରଗାଁ ୨-୧ ଗୋଲରେ ବିଜୟୀ ହୋଇଥିଲା। ବରଗାଁର ପିଙ୍କୁ ଭୁଏ ଓ ସଂକୀର୍ତ୍ତନ କର୍ମୀ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିବାବେଳେ ପ୍ରତିପକ୍ଷ ପଦ୍ମପୁରର ଆଜିତ ନେଗୀ ଗୋଟିଏ ଗୋଲ ସ୍କୋର କରିଥିଲେ । ଅଶ୍ୱିନୀ ମେହେର, ଚିତ୍ତ ପାଣ୍ଡେ, ଅନୀଲ ବାଗ, ଗୋପାଳ ନାୟକ, ପଞ୍ଚାନନ ମହାପାତ୍ର, ନିରଞ୍ଜନ ମହାକୁର, ଶୁଭମ ପାତ୍ର ଖେଳ ପରିଚାଳନା କରିଥିଲେ । ଗୁରୁବାର ଫୁଲାପାଲି ଓ ପୁଟପୁଟପାଲି ଏବଂ ବରପାଲି ଓ କଳାପାଣି ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି ।



ଅତିଥିଙ୍କ ଗହଣରେ କୃତୀଦଳର ଖେଳାଳିମାନେ ।



ଯେଉଁ ବ୍ୟକ୍ତି ସର୍ବଦା କର୍ମରତ, ତା'କୁ ନିଜ ଦୁଃଖ ପାଇଁ କାନ୍ଦିବାକୁ ବେଳ ନ ଥାଏ।
- ଟମାସ କାର୍ଲାଇଲ



## ସଂକ୍ଷେପରେ

### ଯୋଗାଣ ସହାୟକଙ୍କୁ ଗାଳିଗୁଲଜ, ୪ ଗିରଫ

**ଝାରସୁଗୁଡା ଅଫିସ,୧୦।୧୦-** ଝାରସୁଗୁଡା ବଡମାଲ ଥାନା ଶ୍ରୀପୁରା ପଞ୍ଚାୟତର ଯୋଗାଣ ସହାୟକଙ୍କୁ ଗାଳିଗୁଲଜ କରିବା ଏବଂ ଟଙ୍କା ଝାମ୍ପି ନେବା ଅଭିଯୋଗରେ ପୋଲିସ ୪ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଶ୍ରୀପୁରାର ଜିତେନ୍ଦ୍ର ଗଡୁଆଲ, ସାନ ପେଟୁ, ସୁରତ କାଲୋ, ଚୂଡାଘନ ଭୋଇ। ଅନ୍ୟଜଣେ ଅଭିଯୁକ୍ତ ଫେରାର ଅଛନ୍ତି। ପ୍ରକାଶ ଯେ, ବୁଧବାର ଶ୍ରୀପୁରା ପଞ୍ଚାୟତରେ ଯୋଗାଣ ସହାୟକ ଉମେଶ ନାୟକ ସାଧାରଣ ବଣ୍ଟନ ସାମଗ୍ରୀ ବିତରଣ କରୁଥିବାବେଳେ ଅଭିଯୁକ୍ତମାନେ ପହଞ୍ଚି ତାଙ୍କୁ ଗାଳିଗୁଲଜ କରିଥିଲେ। ତାଙ୍କଠାରୁ ୧୦ ହଜାର ଟଙ୍କା ଝାମ୍ପି ନେଇ ଚାଲିଯାଇଥିଲେ। ଏ ନେଇ ଲକ୍ଷ୍ମଣଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରି ୪ଜଣଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ଅମିତାଭ ପଣ୍ଡା ସୂଚନା ଦେଇଛନ୍ତି।

### ଚୋରି ବାଇକ୍ ଉଦ୍ଧାର, ୨ ଗିରଫ

**ଝାରସୁଗୁଡା ଅଫିସ,୧୦।୧୦-** ବେଦାନ୍ତ କାରଖାନା ନିକଟରୁ ଏହାର ଜଣେ କର୍ମଚାରୀଙ୍କ ଚୋରି ହୋଇଥିବା ଗାଡି ବୁଧବାର ପୋଲିସ ଉଦ୍ଧାର କରିଛି। ଏହି ଘଟଣାରେ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ବିସ୍ଥାପନ କଲୋନୀର ପିଙ୍କୁ ଦେହେରିଆ ଏବଂ ଆଶିଷ ସାହୁ। ସୋମବାର ବେଦାନ୍ତ କର୍ମଚାରୀ ଯୁଧିଷ୍ଠିର ବେହେରାଙ୍କ ଗାଡି ଚୋରି ହୋଇଥିବା ବଡମାଲ ଥାନାରେ ଅଭିଯୋଗ ହୋଇଥିଲା।

### ଭାଜପାରେ ମିଶିଲେ ୪୨ ଯୁବକ

**ଝାରସୁଗୁଡା ଅଫିସ,୧୦।୧୦-** ଝାରସୁଗୁଡା ପୌରାଞ୍ଚଳର ୪୨ଜଣ ଯୁବକ ଭାଜପାରେ ଯୋଗଦେଇଛନ୍ତି। ବୁଧବାର ଜିଲା ସଭାପତି ରାଧାରାଣୀ ପଣ୍ଡାଙ୍କ ଉପସ୍ଥିତିରେ ଯୁବକମାନେ ଯୋଗଦେଇଥିଲେ। ଭାଜପା କାର୍ଯ୍ୟକର୍ତ୍ତା ସୁନୀଲ ପଣ୍ଡା ଏବଂ ଉମେଶ ଗୁପ୍ତାଙ୍କ ଉପସ୍ଥିତିରେ ବିଭିନ୍ନ ୱାର୍ଡର ୪୨ଜଣ ଯୁବକ ସାମିଲ ହୋଇଥିବା ଦଳ ତରଫରୁ ସୂଚନା ଦିଆଯାଇଛି।



ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ ଅବସରରେ ଉପସ୍ଥିତ ବିଚାରପତି ଓ ଅନ୍ୟମାନେ।

ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ

## ସ୍ନେହ, ଶ୍ରଦ୍ଧା ଓ ସେବା ଔଷଧୀୟ ଚିକିତ୍ସାଠାରୁ ଅଧିକ ଫଳପ୍ରଦ

**ସୁନ୍ଦରଗଡ଼, ୧୦।୧୦ (ଡି.ଏନ୍.ଏ)**

ଜିଲା ଆଇନ୍ ସେବା ପ୍ରାଧିକରଣ ଆନୁକୂଲ୍ୟରେ ସ୍ଥାନୀୟ ଆସ୍ଥା ଗୃହ ଠାରେ ବୁଧବାର ଅପରାହ୍ନରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଇଛି। ଏହି ଅବସରରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ବିଚାରପତି ଲକ୍ଷ୍ମୀ ନାରାୟଣ ରାୟ ଚୌଧୁରୀ ଏହି ଶିବିରରେ ଅଧ୍ୟକ୍ଷତା କରି ମାନସିକ ରୋଗର ଦୂର ପାଇଁ ଯୋଗ, ସଙ୍ଗୀତ ଓ ସୁସ୍ଥ ଜୀବନ ଶୈଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ପୀଡିତ ବ୍ୟକ୍ତିମାନଙ୍କୁ ସେମାନଙ୍କ ବ୍ୟବହାରିକ ପରିବର୍ତ୍ତନ ପାଇଁ ପରିବାର ଓ ସାମାଜିକ ସ୍ତରରେ ଉପଯୁକ୍ତ ସ୍ନେହ, ଶ୍ରଦ୍ଧା ଓ ସେବା, ସହାନୁଭୂତି ଔଷଧୀୟ ଚିକିତ୍ସାଠାରୁ ଅଧିକ ଫଳପ୍ରଦ ବୋଲି କହିଥିଲେ। ଜିଲା ଆଇନସେବା ପ୍ରାଧୀକରଣର ସଚିବ ମୀନାକ୍ଷୀ ପ୍ରିୟଦର୍ଶିନୀ, ବିଚାରପତି ଧନଞ୍ଜୟ ନାୟକ, ଅବିନାଶ ଚିନାରା ପ୍ରମୁଖ ଯୋଗଦେଇ ଏହି ଗୃହରେ ଥିବା ମାନସିକ ଗ୍ରସ୍ତ ଅନ୍ତେବାସୀଙ୍କୁ ସେମାନଙ୍କ ପାଇଁ ଥିବା ଆଇନଗତ ସୁବିଧା ସୁଯୋଗ ସମ୍ପର୍କରେ ବୁଝାଇଥିଲେ। ଆଶାଗୃହର ମୁଖ୍ୟ ସଞ୍ଚାଳିକା ଆଇନଜୀବୀ ସ୍ନେହଲତା ପଟେଲ ସଭା ସଞ୍ଚାଳନ କରିଥିଲେ। ଜିଲା ଆଇନ୍ ସେବା ପ୍ରାଧିକରଣର ଅଭିରାମ ବେହେରା ଧନ୍ୟବାଦ ଦେଇଥିଲେ।

## ଭାଇଙ୍କୁ ମାଡ଼ମାରି ଯୁବତୀଙ୍କୁ ଗଣବଳାତ୍କାର: ୫ ଯୁବକ ଅଟକ

**ଲହୁଣୀପଡା, ୧୦।୧୦ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବଣାଇ ଉପଖଣ୍ଡ କେ.ବଲାଙ୍ଗ ଥାନା ଅନ୍ତର୍ଗତ କାଲକାଟୁ ଜଙ୍ଗଲରେ ଗତ ସୋମବାର ରାତି ପ୍ରାୟ ସାଢ଼େ ୮ଟାବେଳେ ଅଭାବନୀୟ ଘଟଣା ଘଟିଛି। ମାମୁଁପୁଅ ଭାଇଙ୍କୁ ମାଡମାରି ଭଉଣୀଙ୍କୁ ଜଙ୍ଗଲ ଭିତରକୁ ଟେକିନେଇ ଗଣ ବଳାତ୍କାର କରାଯାଇଥିବା ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ କରି ବୁଧବାର ୫ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ମୋଟୁହନୁମାନ ଗ୍ରାମର ଜନୈକା ଯୁବତୀ ନିଜ ମାମୁଁ ପୁଅ ଭାଇଙ୍କ ସହିତ ଏକ ଶୁଦ୍ଧିକ୍ରିୟାରେ ଯୋଗଦେବା ପାଇଁ ରେଙ୍ଗାଡା ଗ୍ରାମକୁ ଯାଇଥିଲେ। ସେମାନେ ରାତି ପ୍ରାୟ ସାଢ଼େ ୮ଟାବେଳେ ବାଇକ୍‌ରେ ଫେରୁଥିଲେ। କାଲକାଟୁ ଜଙ୍ଗଲ ରାସ୍ତାରେ ବାଇକ୍ ଓଡି ୧୪ ଜେ-୭୩୭୦ ଯୋଗେ ତିନି ଜଣ ଯୁବକ ଆସି ଗାଡିକୁ ଅଟକାଇ ଥିଲେ। ମାମୁଁ ପୁଅ ଭାଇ ଗାଡି ଅଟକାଇବା ପରେ ଯୁବକମାନେ ତାଙ୍କୁ ନିସ୍ଥୁକ ମାଡ ମାରିଥିଲେ। ସେ ପ୍ରାଣ ବିକଳରେ ଜଙ୍ଗଲ ଭିତରକୁ ଦୌଡି ପଳାଇଥିଲେ। ଫଳରେ ତିନି ଜଣ ଯୁବକଙ୍କ ମଧ୍ୟରୁ ଦୁଇଜଣ ଯୁବତୀଙ୍କୁ ଜଙ୍ଗଲ ଭିତରକୁ ଟେକି ନେଇ ବଳାତ୍କାର କରିଥିଲେ। ଅନ୍ୟ ଯୁବକ ଜଣକ ଚାଲିଯାଇ ବାଇକ ଯୋଗେ ଆଉ ଦୁଇଜଣ ଯୁବକଙ୍କୁ ବସାଇ ଆଣିଥିଲେ। ପାଞ୍ଚ ଜଣ ଯାକ ଯୁବକ ଯୁବତୀଙ୍କୁ ବଳାତ୍କାର କରି ଚାଲିଯାଇଥିଲେ। ଯୁବତୀଙ୍କ ଭାଇ ଦୂରରେ ଜଙ୍ଗଲ ଭିତରେ ଲୁଚିସବୁ ଘଟଣା ଦେଖୁଥିଲେ। ଯୁବକମାନେ ଚାଲିଗଲା ପରେ ଭାଇଭଉଣୀ ବାଇକ୍‌ରେ ମୋଟୁହନୁମାନ ଗ୍ରାମକୁ ଯାଇଥିଲେ। ଘର ଲୋକଙ୍କ ସହ ଆଲୋଚନା କରି ମଙ୍ଗଳବାର ଘଟଣା ସମ୍ପର୍କରେ କେ. ବଲାଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ଯୁବତୀଙ୍କ ଡାକ୍ତରୀମାଇନା କରିଥିଲା। ବୁଧବାର ଘଟଣାରେ ସମ୍ପୃକ୍ତ ଥିବା ସନ୍ଦେହରେ ରେଙ୍ଗାଡା ଗ୍ରାମର ୫ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚାଲିଛି। ବ୍ୟବହୃତ ବାଇକ୍‌କୁ ମଧ୍ୟ ପୋଲିସ ଜବତ କରିଛି।

## ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ହିତାଧିକାରୀଙ୍କୁ କାର୍ଡ ବଣ୍ଟନ

**ଲହୁଣୀପଡା, ୧୦।୧୦ (ଡି.ଏନ.ଏ)-** ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକରେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ଯୋଗ୍ୟ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ପ୍ରଶାନ୍ତ ନନ୍ଦ, ବ୍ଲକ ଅଧକ୍ଷ ପଣ୍ଡିତ ମୁଣ୍ଡା, ପୂର୍ବତନ ଜିଲା ପରିଷଦ ଅଧକ୍ଷ ରଣଜିତ କିଷାନ, ଜିଲା ପରିଷଦ ସଦସ୍ୟା ଲକ୍ଷ୍ମୀ କିଷାନ, ଜିଲା ପରିଷଦ ସଦସ୍ୟ କେଦାର କୁମାର ମାହାନ୍ତ, ଜିଲା ଯୋଗାଣ ଅଧିକାରୀ ଆର୍ତ୍ତତ୍ରାଣ ବାରିକ, ଉପଖଣ୍ଡ ଯୋଗାଣ ଅଧିକାରୀ ଧର୍ମପଦ ଦାଶ, ବ୍ଲକ ଯୋଗାଣ ନିରୀକ୍ଷକ ବୁଦ୍ଧରାୟ ସରେନ ଉପସ୍ଥିତ ଥିଲେ। ବିଡିଓ ପ୍ରଶାନ୍ତ କୁମାର ପଣ୍ଡା ଅଧକ୍ଷତା କରିଥିଲେ। ବ୍ଲକ ସମ୍ପ୍ରସାରଣ ଅଧିକାରୀ ପ୍ରମୋଦ କୁମାର ପଣ୍ଡା ପରିଚୟ ପ୍ରଦାନ କରିଥିଲେ। ବ୍ଲକ ତରଫରୁ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ମହାତ୍ମାଗାନ୍ଧୀ ଓ ବିଜୁ ପଟ୍ଟନାୟକଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରାଯାଇଥିଲା। ଓଡିଶାର ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜାନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏହି ଯୋଜନା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ, ଏହା ଦ୍ୱାରା ପ୍ରତି ପଞ୍ଚାୟତର ଦାରିଦ୍ର ସୀମାରେଖା ତଳେ ଥିବା ଲୋକମାନେ ମାତ୍ର ଏକଟଙ୍କା ବିନିମୟରେ ଚାଉଳ ପାଇପାରିବେ। ଯଦ୍ୱାରା କି ଆଉ କେହି ଭୋକିଲା ରହିବେ ନାହିଁ ବୋଲି ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ।



ଲହୁଣୀପଡା ବ୍ଲକରେ ହିତାଧିକାରୀଙ୍କୁ ରାଶନ କାର୍ଡ଼ ବଣ୍ଟନ କରାଯାଉଛି।

ଲହୁଣୀପଡା ବ୍ଲକର ମୋଟ ୧୭ଟି ପଞ୍ଚାୟତରେ ୧୮୩୮ ଜଣ ରାଶନ କାର୍ଡ ପାଇବେ। ୬୧୬୫ ଜଣ ଉପକୃତ ହେବେ। ଲହୁଣୀପଡା ବ୍ଲକର ଶଶ୍ୟକଳା, ଭୁଢୁଡା ଓ ମଦୁଲପଦା ପଞ୍ଚାୟତର ହିତାଧିକାରୀ ଦୂରତା ଯୋଗୁ ବୁଧବାର ଆସି ନ ଥିଲେ। ଅନ୍ୟ ପଞ୍ଚାୟତର ହିତାଧିକାରୀ ସୂଚନା ପାଇ ଆସିଥିଲେ। ଆୟୋଜିତ ଉତ୍ସବରେ ପ୍ରତ୍ୟେକ ପଞ୍ଚାୟତର ୫ଜଣଙ୍କୁ ଅତିଥିମାନେ ରାଶନ କାର୍ଡ ପ୍ରଦାନ କରିଥିଲେ। ଅନ୍ୟ ହିତାଧିକାରୀଙ୍କୁ ପଞ୍ଚାୟତ ଓ ବ୍ଲକ କର୍ମଚାରୀମାନେ ପ୍ରଦାନ କରିଥିଲେ। ରାଶନ କାର୍ଡ ବଣ୍ଟନ ଉତ୍ସବରେ ଅନେକ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟମାନେ ଉପସ୍ଥିତ ଥିବା ଦେଖିବାକୁ ମିଳିଥିବା ବେଳେ ବ୍ଲକ କାର୍ଯ୍ୟାଳୟ କର୍ମଚାରୀମାନେ ସହାୟତା କରିଥିଲେ।

### ନଭେମ୍ବର ୧୦ରୁ ବଲାଙ୍ଗୀର ଲୋକ ଉତ୍ସବ

**ବଲାଙ୍ଗୀର ଅଫିସ, ୧୦।୧୦**

ନଭେମ୍ବର ୧୦ରୁ ୧୪ ପର୍ଯ୍ୟନ୍ତ ୪ଦିନ ଧରି ୧୯ତମ ବଲାଙ୍ଗୀର ଲୋକ ଉତ୍ସବ ଅନୁଷ୍ଠିତ ହେବ । ଜିଲାପାଳ ଅରିନ୍ଦମ ଡାକୁଆଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ଲୋକ ଉତ୍ସବ ପ୍ରସ୍ତୁତି ବୈଠକରେ ଏନେଇ ନିଷ୍ପତ୍ତି ହୋଇଛି । ୧୦ଟି କମିଟି ଗଠନ କରାଯାଇ ଅଧ୍ୟକ୍ଷ ଓ ହସଅଧ୍ୟକ୍ଷ ମନୋନୟନ କରାଯାଇଥିଲା । ଲୋକ ଉତ୍ସବ ଅବସରରେ ପଲ୍ଲୀଶ୍ରୀ ମେଳା, ଶିଳ୍ପମେଳା କରାଯିବାକୁ ନିଷ୍ପତ୍ତି ହୋଇଥିଲା। ରାଜ୍ୟ ଭିତରୁ ଓ ବାହାରୁ ବିଭିନ୍ନ ସାଂସ୍କୃତିକ ଦଳକୁ ଆମନ୍ତ୍ରଣ କରାଯିବା ସହ ଅତିଥି, ଅର୍ଥ ଆଦାୟ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଟିଟିଲାଗଡ଼ ଉପଜିଲାପାଳ ସୁଧାକର ନାଏକ, ପାଟଣାଗଡ଼ ଉପଜିଲାପାଳ ଯଦୁମଣି ମହଲା, ମ୍ୟୁନିସିପାଲିଟିଅଧ୍ୟକ୍ଷା ସନ୍ତୋଷିନୀ ବେହେରା, ଅତିରିକ୍ତ ଏସ୍‌ପି ସୁବାସ ଜମାଦାର, ନାଗରିକ କମିଟିସଭାପତିଭବାନୀ ଶତପଥୀ, ସମ୍ପାଦକ ବିଷ୍ଣୁ ପ୍ରସାଦ କେଡିଆ, ସିଭିଲ ସୋସାଇଟିର ନୀଳମଣି ମିଶ୍ର, ବରିଷ୍ଠ ନାଗରିକ ମଞ୍ଚର ପ୍ରଭାକର ମିଶ୍ର, ନାରାୟଣ ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ।


+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

SPOT ADMISSION
B.Ed
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
CT(D.El.Ed)
Equivalent to Board of Secondary Education Odisha
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

Jeevanjyoti Finance
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ
(କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538
8901770631

Vasundra Financial Services
(Govt. Registered)
(Regd. No.:- odhCPR0533821)
ଆଧାରକାର୍ଡ, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଗ୍ରୁପ୍ ଋଣ, କୃଷି ଏବଂ ସବୁ ପ୍ରକାର ଋଣ ସହଜ କିସ୍ତିରେ ସରକାରୀ ବ୍ୟାଙ୍କ ଦ୍ୱାରା ଘରେ ବସି ପାଆନ୍ତୁ 2% ସୁଧ 50% Govt. Subsidy. ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ ।
Mahatab Nagar, Bulandshahr, Sikandrabad, U.P.
8295842976
8295842985

TOWER VISION
(GOVT. APPROVED)
ଭାରତର ନଂ.1 କମ୍ପାନୀ
କମ୍ପାନୀ ଦ୍ୱାରା ସବୁ କମ୍ପାନୀର 3G/4G ଉପକରଣ ଲଗାନ୍ତୁ ।
ଅଗ୍ରିମ 60 ଲକ୍ଷ, ଭଡ଼ା 40,000/-, ଅନ୍ୟାନ୍ୟ ଲାଭ 20,000/- ପାଆନ୍ତୁ ନିଜ ଜମି, ଛାତ, ପ୍ଲଟ୍‌କୁ ଭଡ଼ାରେ ଦେଇ + ବାଇକ୍ + ବୀମା (ଏଜେଣ୍ଟ ଆମନ୍ତ୍ରିତ)
08818956614
09753490869
ରାମ ନଗର ନାରନୋର, ହରିୟାଣା

INDIA'S NO.1 Govt. Approved SLT Company
ଦ୍ୱାରା ଖାଲି ଜମି, ଛାତ, ପ୍ଲଟରେ ସବୁ କମ୍ପାନୀର ଡିଜିଟାଲ ଉପକରଣ ଲଗାନ୍ତୁ ।
ଅଗ୍ରିମ - 55 ଲକ୍ଷ, ଭଡ଼ା - 65000/- + ଅନ୍ୟାନ୍ୟ ସୁବିଧା + 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ + ବୀମା ମାଗଣା।
(ଦ୍ରଷ୍ଟବ୍ୟ- ସରକାରଙ୍କ ଦ୍ୱାରା 780 ଡିଜିଟାଲ ଉପକରଣ ଲଗାଇବାର ଅନୁମତି)
8750226673
9667741675
T-51, Gali No.8, Gautampuri, Delhi-110053

SMS JOB
SEND SMS, EARN MONEY
AITEL - GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାତ୍ର ୧୦୦ କରି SMS ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ !
କମ୍ପାନୀ ଦ୍ୱାରା Mobile + Laptop + Bike SIM + 5000/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
07367075431
07367075342

Dhanlaxmi Finance Services
ସରକାରଙ୍କ ଦ୍ୱାରା ପଞ୍ଜୀକୃତ
(Reg No.- od6789dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ଗ୍ରୁପ୍ ଋଣ 72 ଘଣ୍ଟାରେ ପାଆନ୍ତୁ ।
1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ ମାତ୍ର 1% ସୁଧ, 40% ରିହାତି।
For more details contact:
9193648139
SATAPADA, PURI, ODISHA - 752011

T.C.F. FINANCE
ଋଣ ମାତ୍ର 6 ଘଣ୍ଟାରେ ।
ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍, ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି।
08418002678
08859668547
39, Patel Nagar, Saharanpur Road, Dehradun - 248001

SAGAR FINANCE
ଋଣ ଟଙ୍କା ଡାଇରେକ୍ଟ ଟ୍ରାନ୍ସଫର୍ ହେବ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ୭୨ ଘଣ୍ଟା ମଧ୍ୟରେ । ପର୍ସନାଲ, ପ୍ରପର୍ଟି, ଏଗ୍ରିକଲଚର୍, ମାର୍କସିଟ ଭଳି ସମସ୍ତ ପ୍ରକାର ଋଣ ବର୍ଷକୁ 3% ସୁଧରେ ଉପଲବ୍ଧ । ( ଏଜେଣ୍ଟ ଆମନ୍ତ୍ରିତ )
34/5, 1st Floor, Palam Vihar, Gurugram, Haryana
8920535530
8826532451

CTL Digital Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - ୨୦ ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ବାଇକ୍ + ମାସିକ 30,000 ର ଅନ୍ୟାନ୍ୟ ସୁବିଧା। ମହିଳାଙ୍କ ପାଇଁ ବିଶେଷ ରିହାତି । ଏଗ୍ରୀମେଣ୍ଟ ଦେୟ 1750/-
ଠିକଣା:- ମୁଖ୍ୟ କାର୍ଯ୍ୟାଳୟ କି-୭୨, ଆଦର୍ଶ ନଗର, କ୍ରୋଲବାଗ
Contact :- 7894865978,7894865768

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free
18001214188
8556894339
Office Add.: 102, Dalamal House, 3rd Floor, Nariman Point, Mumbai

Urbasi Oil & Capsules
ନାରୀର ସୌନ୍ଦର୍ଯ୍ୟତା ପାଇଁ ବ୍ୟବହାର କରନ୍ତୁ ।
Bhaskar's semegra (Oil & Capsules)
ଶକ୍ତି ବଢ଼ାଇ ଉତ୍ତେଜନା ଆଣି ମସ୍ତିରେ ରଖେ
ସବୁଠାରୁ ଉତ୍ତମ ଓ ସବୁଠାରୁ ଶସ୍ତା
60 Capsul only Rs. 270/-
ସମସ୍ତ ଔଷଧ ଦୋକାନରେ ଉପଲବ୍ଧ ।
Stockist-Odisha Drug Distributor
Cell: 7873239883

BHARATI FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Business, Personal, Property, Home, କୃଷି, ଶିକ୍ଷା ଓ Marksheet ସମସ୍ତ ପ୍ରକାର Loan Bharati Finance ଯୋଗାଇ ଦେଉଛି। 2% ସୁଧ।
M : 7750921669
8337956019

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖୋଲା ଚ୍ୟାଲେଞ୍ଜ
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର 2 ଘଣ୍ଟାରେ ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଳେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ହଜରତ ଉସ୍‌ମାନ୍
21 ଦୈବିକ ବିଦ୍ୟାରେ ନିପୁଣ
9873361894, 9654673664

ଶୁଭ ଜନଲକ୍ଷ୍ମୀ ଫାଇନାନ୍ସ
ଆବଶ୍ୟକତା ଅଛି ଶୁଭ ଜନଲକ୍ଷ୍ମୀ ଫାଇନାନ୍ସ କମ୍ପାନୀକୁ ଓଡ଼ିଶାରେ ଏଜେଣ୍ଟ, ଡିଲର ପଏଣ୍ଟ, ମାଇକ୍ରୋ ଫାଇନାନ୍ସ, ଫିଲଡ୍ ଅଫିସରମାନଙ୍କର, Fixed Salary- 25,000 to 35,000 + କମିଶନ, ଲୋନ, ପର୍ସନାଲ ଲୋନ, ଲୋନ୍ ଏଗ୍ରେଷ୍ଟ ପ୍ରପର୍ଟି ସଂପର୍କ କରନ୍ତୁ।
D2/A, Ambedkar Bhawan Near Paribartan Square, Lucknow, Delhi
9958114799
9667313428

କଣ ଆପଣ ଅସୁବିଧାରେ ଅଛନ୍ତି କି?
ଅଲଇଣ୍ଡିଆ ଖୋଲା ଚାଲେଞ୍ଜ
୨ ଘଣ୍ଟାରେ ୧୦୦% ସମାଧାନ
କାମ ନହେଲେ ଟଙ୍କା ଫେରସ୍ତ
ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା ସଇତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି ରୋଗରେ ଔଷଧ ନ ଲାଗିବ କ୍ୟାରିୟରରେ ଅସଫଳତା।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି ?
କାନ୍ଦିଲେ ନୁହେଁ ଦେଖାକଲେ କଷ୍ଟ ଦୂରହେବ !
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
ମନଚାହିଁ ବିବାହ, ବ୍ୟବସାୟ, ଗୃହକ୍ଳେଶ, ବିଘ୍ନ କରାୟା, ବିବାହରେ ବାଧା, ସଉତୁଣୀ ଓ ଶତ୍ରୁ ମୁକ୍ତି, ରୋଗରେ ଔଷଧ ନ ଧରିବା, କ୍ୟାରିୟରରେ ଅସଫଳତା, ବଶୀକରଣ, ମୁଠକରଣୀ, ଯାଦୁଟୋଣା, ଭୂତପ୍ରେତ ଆଦି ଜଟିଳ ରୁ ଜଟିଳ ସମସ୍ୟାର ସମାଧାନ ।
(ସ୍ପେଶାଲିଷ୍ଟ- ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ )
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଛି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336

ଧନଲକ୍ଷ୍ମୀ ଫାଇନାନ୍ସ
!! ବିନା ଗ୍ୟାରେଣ୍ଟର !! ସ୍ୱରୋଜଗାର ପାଇଁ
୫ମ/ 10ମ ପାସ୍ ମହିଳା/ପୁରୁଷ
ମାର୍କଶିଟ୍, ବ୍ୟବସାୟ, ଦୋକାନୀ, ପ୍ରପର୍ଟି
2,00,000-25,00,000 ପର୍ଯ୍ୟନ୍ତ
1% ସୁଧ 25% ରିହାତି
20 ବର୍ଷରେ ଫେରସ୍ତ
8448812163
8130564846
Add : - 41/14, Sec-1 Pushp Vihar, Delhi

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |



"କ୍ଷମତାର ମୁକୁଟ ଭିତରେ କଣ୍ଟା ମଧ ଥାଏ, ଠିକ୍ ଭାବରେ ତାକୁ ପିନ୍ଧି ନ ଜାଣିଲେ ମୁଣ୍ଡ ଖଣ୍ଡିଆ ହୋଇଯାଏ।
- ଜେମ୍ସ କୁକ୍

## ସଂକ୍ଷେପରେ

### କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**ଲୋଇସିଂହା,୧୦।୧୦(ଡି.ଏନ୍.ଏ.):** ଆଗଲପୁର ବ୍ଲକ ନଅଗାଁ(କ) କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ସ୍ଥାନୀୟ ନୋଡାଲ ହାଇସ୍କୁଲଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରମାନଙ୍କୁ କନିଷ୍ଠ ଓ ବରିଷ୍ଠ ବିଭାଗରେ ବିଭକ୍ତ କରାଯାଇ ବିତର୍କ, ପ୍ରବନ୍ଧ ଲିଖନ, ସୃଜନଶୀଳ ଲିଖନ, ବାଗ୍ମୀତା, ସଂଗୀତ, କୁଇଜ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ସହ ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ହେମନ୍ତ କୁମାର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ସରପଞ୍ଚ ଆନନ୍ଦ ବିଶି ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ବିଶ୍ୱନାଥ ସାହୁ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସିଆରସି ଜୟଦେବ ମହାକୁର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

### ଗୋଁଡ ସମାଜର ନୂଆଁଖାଇ ଭେଟ୍‌ଘାଟ୍

**ଲୋଇସିଂହା,୧୦।୧୦(ଡି.ଏନ୍.ଏ.):** ଲୋଇସିଂହାସ୍ଥିତ ଆଦିବାସୀ ଭବନଠାରେ ଅଖିଳ ଭାରତୀୟ ଗୋଣ୍ଡୱାନା ଗୋଣ୍ଡ ସମାଜର ମହାସଭା ଓ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅତିଥିମାନେ ଗୋଁଡ ସମାଜର ବିକାଶ ପାଇଁ ସଂଗଠିତ ହେବାକୁ ମତବ୍ୟକ୍ତ କରିଥିଲେ। ଲୋଇସିଂହା ମଣ୍ଡଳ ସଭାପତି ମୋହନ ପୁଟାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା ସଭାପତି ଶ୍ୟାମସୁନ୍ଦର ଭୋଇ ମୁଖ୍ୟଅତିଥି, ଉପଦେଷ୍ଟା ବନବିହାରୀ ମଲ୍ଲିକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଜିଲା କମିଟି ସଭ୍ୟ ଗଣେଶ ମାଝି, ଆଦିକନ୍ଦ ଭୋଇ, କେଶରୀ କୁଅଁର, ଦେବରାଜ ଭୂଏଙ୍କ ସମେତ ପୁଇଁନ୍ତଳା, ପାଟଣାଗଡ଼, ଆଗଲପୁର ବ୍ଲକ ସଭାପତି ଭାଗବତ ଧରୁଆ, ଜଳଧର କୁଅଁର, ଚନ୍ଦ୍ରମଣୀ ଭୋଇ ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ଭୁବନେଶ୍ୱର ଧରୁଆ,ସତ୍ୟ ଦଳପତି,ରୁକ୍ମଣ ଧରୁଆ,ଲଳିତ ମୋହନ ପୁଟା,ଗୋବର୍ଦ୍ଧନ ଧରୁଆ,ମକୁନ୍ଦ ଧରୁଆ, ଗୋବିନ୍ଦ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

### କଲେଜ ଛାତ୍ରୀଙ୍କୁ ଅସଦାଚରଣ, ନାବାଳକ ଗିରଫ

**ବେଲପଡ଼ା୧୦।୧୦(ଡି.ଏନ୍.ଏ.):** ଜଣେ ନାବାଳିକା କଲେଜ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ବେଲପଡ଼ା ଥାନା ପୋଲିସ ଜଣେ ନାବାଳକଙ୍କୁ ବୁଧବାର ଗିରଫ କରିଛି। ଅଭିଯୋଗ ମୁତାବକ, ନାବାଳିକା ଛାତ୍ରୀ ଜଣକ କଲେଜରୁ ସାଇକେଲ ଯୋଗେ ଘରକୁ ଫେରୁଥିଲେ। ସେତିକିବେଳେ ନାବାଳକ ଜଣକ ତାଙ୍କୁ ବାଟରେ ଅଟକାଇ ଅସଦାଚରଣ କରିଥିଲେ। ଛାତ୍ରୀଜଣକ ଚିତ୍କାର କରିବାରୁ ରାସ୍ତାରେ ଯାଉଥିବା ଲୋକେ ନାବାଳକଙ୍କୁ କାବୁ କରି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ନାବାଳକଙ୍କୁ ଧଥାନାକୁ ଆଣିଥିଲେ। ଏନେଇ ନାବାଳିକା ଜଣକ ଥାନାରେ ଏକ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତି କରି ଦଫା ୩୪୧, ୨୯୪, ୩୨୩, ୩୫୪, ୫୦୬ ପକ୍ସୋ ଧାରାରେ ଏକ ମାମଲା(ନଂ. ୧୮୨/୧୮) ରୁଜୁ କରି ନାବାଳକଙ୍କୁ ଗିରଫ କରାଯାଇଥିବା ତଦନ୍ତକାରୀ ଅଫିସର ଘାସିନାଥ ବେହେରା ସୂଚନା ଦେଇଛନ୍ତି।

■ ପତିତପାବନ ଏକାଡେମୀ ଦୁର୍ଗାପୂଜା

# ନବରାତ୍ର ପୂଜା ମୁଖ୍ୟ ଆକର୍ଷଣ

**ବଲାଙ୍ଗୀର ଅଫିସ, ୧୦।୧୦**

ବଲାଙ୍ଗୀର ଟିକ୍ରାପଡ଼ା ପତିତପାବନ (ପି.ପି) ଏକାଡେମୀ ଛକ ଦୁର୍ଗାପୂଜା କମିଟି ପକ୍ଷରୁ ଚଳିତ ବର୍ଷ ନବରାତ୍ର ଦୁର୍ଗାପୂଜା ଆରମ୍ଭ ହୋଇଛି। ବଲାଙ୍ଗୀରର ପଣ୍ଡିତ ଦୁର୍ଗାପ୍ରସାଦ ମିଶ୍ର ଓ ପ୍ରଶାନ୍ତ ମିଶ୍ର ପୂଜା କାର୍ଯ୍ୟରେ ସହଯୋଗ କରୁଛନ୍ତି। ମୁଖ୍ୟକର୍ତ୍ତା ଭାବେ ପ୍ରଫୁଲ୍ଲ ମେହେର ଏବଂ ତାଙ୍କ ସ୍ତ୍ରୀ ରୀତା ମେହେର ଦାୟିତ୍ୱ ସମ୍ପାଦନ କରୁଛନ୍ତି। ମଙ୍ଗଳବାର କଳସ ଶୋଭାଯାତ୍ରା ସମ୍ପନ୍ନ ହୋଇଥିଲା। ବୁଧବାର ବ୍ରହ୍ମଚାରିଣୀ ପୂଜା, ଗୁରୁବାର ଚନ୍ଦ୍ରଘଣ୍ଟା ପୂଜା, ଶୁକ୍ରାବର କୁଷ୍ମାଣ୍ଡା ପୂଜା, ଶନିବାର ସ୍କନ୍ଦମାତା ପୂଜା ଓ ଚଣ୍ଡୀପାଠ, ରବିବାରର କତ୍ୟାୟନୀ ପୂଜା, ସୋମବାର କଳାରାତ୍ରୀ ପୂଜା ଅନୁଷ୍ଠିତ ହେବ। ମଙ୍ଗଳବାର ମହାଗୌରୀ ପୂଜା ଓ ଭାଇ ଜୀଉଁନ୍ତିଆ ପୂଜା ଅନୁଷ୍ଠିତ ହେବ। ବୁଧବାର ସନ୍ଧିପୂଜା, ସିଦ୍ଧିଦାତ୍ରୀ ପୂଜା, ଗୁରୁବାର ମହାନବମୀ ଓ ଶୁକ୍ରବାର ଦଶମୀରେ ଅପରାଜିତା ପୂଜା ଅନୁଷ୍ଠିତ ହେବ । ପୂଜା କାର୍ଯ୍ୟକୁ ଆଧ୍ୟାତ୍ମିକ ପରିବେଶରେ ପାଳନ କରାଯିବାକୁ କମିଟି ପକ୍ଷରୁ ନିଷ୍ପତ୍ତି ହୋଇଛି। ଏପରିକି ପୂଜା ଅବସରରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତ୍ତି ହୋଇଛି। ପୂଜାରମ୍ଭ ପରେ ଏଠାରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଛି। ୨୦୨୨ରେ ଦୁର୍ଗାପୂଜାର ୭୫ ବର୍ଷ ପାଳନ କରାଯିବାକୁ ଥିବାରୁ ଏବେଠୁ ପୂଜା କମିଟି ପକ୍ଷରୁ ବିଭିନ୍ନ ଯୋଜନା ପ୍ରସ୍ତୁତ କରାଯାଇଛି। ନୂତନ ପୂଜା ମଣ୍ଡପ ନିର୍ମାଣ ସହ ପୂଜାକୁ ଆକର୍ଷଣୀୟ କରାଯିବାକୁ ନିଷ୍ପତ୍ତି ହୋଇଛି। ଚଳିତବର୍ଷ ପୂଜା କମିଟି ପକ୍ଷରୁ ଆକର୍ଷଣୀୟ ମେଢ଼ ସହ ମୃଣ୍ମୟୀ ମୂର୍ତ୍ତି ତିଆରି କରାଯାଇଛି। କର୍ତ୍ତା ଭାବେ ପ୍ରକାଶ ଚନ୍ଦ୍ର ପୁରୋହିତ ଓ ତାଙ୍କ ସ୍ତ୍ରୀ ପଦ୍ମିନୀ ପୁରୋହିତ ଦାୟିତ୍ୱ ନିର୍ବାହ କରୁଛନ୍ତି। ନୀଳାଚଳ ନନ୍ଦ ପୂଜକ ଭାବେ ପୂଜା ପରିଚାଳନା କରୁଛନ୍ତି। ବୌଦ୍ଧ ଜିଲା ଦହ୍ୟାରୁ ଆସିଥିବା ଚଣ୍ଡୀପୂଜକ ପ୍ରାଣବନ୍ଧୁ ମିଶ୍ର ଚଣ୍ଡିପାଠ କରୁଛନ୍ତି। ପିପି ଏକାଡେମୀ ଛକ ଦୁର୍ଗା ପୂଜା କମିଟି ସଭାପତି ପ୍ରଦୋଷ କୁମାର ବିଶି, ସମ୍ପାଦକ ସନତ କୁମାର ପୁରୋହିତ ସମସ୍ତ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଚଳିତ ଦୁର୍ଗାପୂଜାକୁ ଆକର୍ଷଣୀୟ କରିବା ପାଇଁ ପୂଜା କମିଟି ପଦକ୍ଷେପ ଗ୍ରହଣ କରିଛି ଓ ଆସନ୍ତା ୨୦୨୨ରେ ଦୁର୍ଗା ପୂଜା ୭୫ ବର୍ଷରେ ପଦାର୍ପଣ କରୁଥିବାରୁ ସେନେଇ ଏବେଠୁ ପ୍ରସ୍ତୁତି ଆରମ୍ଭ ହୋଇଛି ବୋଲି ସଭାପତି ବିଶି ସୂଚନା ଦେଇଛନ୍ତି । ସମ୍ପାଦକ ପୁରୋହିତ ଆଧ୍ୟାତ୍ମିକ ପରିବେଶ ଓ ପୂଜା କାର୍ଯ୍ୟରେ ବିଶେଷ ଧ୍ୟାନ ଦିଆଯାଇଥିବା ସୂଚନା ଦେଇଛନ୍ତି। କମିଟି ସଦସ୍ୟ ଦିଲୀପ ସାମଲ, ସରୋଜ ପଟ୍ଟନାୟକ, ସରିନ୍ ପୁରୋହିତ, ତୀର୍ଥ ମିଶ୍ର, ରିଙ୍କୁ ତ୍ରିପାଠୀ, ଜ୍ଞାନ ରଞ୍ଜନ ମିଶ୍ର, ବୁଲୁ ତ୍ରିପାଠୀ ଓ ଅନ୍ୟମାନେ ସହଯୋଗ କରୁଛନ୍ତି।



ପିପି ଏକାଡେମୀ ଛକ ଦୁର୍ଗାପୂଜା କମିଟି ପକ୍ଷରୁ ଆରମ୍ଭ ହୋଇଥିବା ନବରାତ୍ର ପୂଜା।



ଶାନ୍ତି ସଦ୍‌ଭାବନା ଯାତ୍ରା ଅବସରରେ ଅନୁଷ୍ଠିତ ସଭା।

## ଗାନ୍ଧୀ ଶାନ୍ତି ସଦ୍‌ଭାବନା ଜ୍ୟୋତି ଯାତ୍ରାକୁ ଭବ୍ୟ ସମ୍ବର୍ଦ୍ଧନା

**ବଲାଙ୍ଗୀର ଅଫିସ, ୧୦।୧୦**

ମହାତ୍ମା ଗାନ୍ଧୀଙ୍କ ୧୫୦ ତମ ଜୟନ୍ତୀ ଉପଲକ୍ଷେ ଓଡ଼ିଶା ଗାନ୍ଧୀବାଦୀ ଫୋରମ ପକ୍ଷରୁ ଅକ୍ଟୋବର ୨ ତାରିଖରୁ ଭୁବନେଶ୍ୱରଠାରୁ ଆରମ୍ଭ ହୋଇଥିବା ଗାନ୍ଧୀ ଶାନ୍ତି ସଦ୍‌ଭାବନା ଜ୍ୟୋତି ଯାତ୍ରା ମଙ୍ଗଳବାର ଅପରାହ୍ନରେ ବଲାଙ୍ଗୀର ପହଞ୍ଚିବା ପରେ ବଲାଙ୍ଗୀର ଜିଲା ପ୍ରଶାସନ ଓ ବୁଦ୍ଧିଜୀବୀ ମହଲ ଭବ୍ୟ ସ୍ୱାଗତ କରିଥିଲେ। ଜ୍ୟୋତି ରଥ ଗାନ୍ଧୀନଗରପଡ଼ା ଗାନ୍ଧୀ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିବା ପରେ ସେଠାରେ ଏକ ସଭା ଆୟୋଜନ କରାଯାଇଥିଲା। ଓଡ଼ିଶା ଗାନ୍ଧୀବାଦୀ ଫୋରମ ଅଧ୍ୟକ୍ଷା ଡ. ରୀନା ରାଉତରାୟ, ଉପାଧ୍ୟକ୍ଷ ବିଶ୍ୱଜିତ ସୂର୍ଯ୍ୟବଂଶୀ ଗାନ୍ଧୀ ଶାନ୍ତି ସଦ୍‌ଭାବନା ଜ୍ୟୋତି ଯାତ୍ରାର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ମଞ୍ଚ ଅଭିନେତା ସତ୍ୟନାରାୟଣ ବେହେରା, ସମାଜିକ କର୍ମୀ ବିକ୍ରମାନନ୍ଦ ବହିଦାର, ନାଗରିକ କମିଟି ସଭାପତି ଭବାନୀ ଶଙ୍କର ଶତପଥୀ, ସମ୍ପାଦକ ବିଷ୍ଣୁ ପ୍ରସାଦ କେଡିଆ, ଲଳିତ କୁମାର ନାୟକ, ଜୟରାମ ମିଶ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ରାଇଜିଂ ଗାନ୍ଧୀନଗରର ସାମାଜିକ କର୍ମୀମାନେ ଉପସ୍ଥିତ ରହି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସଭାରେ ବହୁ ମାନ୍ୟଗନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସଭା ପରେ ବିକ୍ରମଛକସ୍ଥିତ ଗାନ୍ଧୀ ପାଠାଗାରକୁ ଯାଇ ସେଠାରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

ବିଡିଓଙ୍କୁ ଭେଟ୍‌ଲେ, ଘଟ୍‌ନାର ତଦନ୍ତ୍ ଦାବି କଲେ

## ୩୪ ପରିବାର ରାଶନ କାର୍ଡ ପାଏବାରୁ ବଂଚିତ୍

**ଦେଓଗାଁ,୧୦।୧୦(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ୍ ଅର୍ଜୁନପୁର ପଁନ୍‌ଚେତ ବ୍ରହ୍ମଣୀପଲା ଗାଁର ୩୪ଟା ପରିବାର ନୂତନ୍ ରାଶନକାର୍ଡ ପାଏବାରୁ ବଁଚିତ୍‌ହେଇଛନ୍।ଯେନ୍‌ଥିରଲାଗିବୁଧବାର ସେମାନେ ବିଡିଓଙ୍କୁ ଭେଟି ଯୋଜ୍‌ନାରେ ସାମିଲ କରବାକେ ଅନୁରୋଧ୍ କରିଛନ୍। ସରକାରକଁର ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ ଅନ୍‌ସାରେ ଯୋଜ୍‌ନାରୁ ବାଦ୍ ପଡିଥିବାର ହକ୍‌ଦାର ହିତାଧିକାରୀକୁଁ ନୂତନ୍ ହିସାବେ ଯୋଜ୍‌ନାରେ ସାମିଲ କରବାକେ ନିର୍‌ଦେଶ ଆସିଥିଲା। ତା'ପରେ ହିତାଧିକାରୀମାନେ ନୂତନ୍ ହିସାବେ ରାଶନ୍‌କାର୍ଡ ଲାଗି ଆବେଦନ କରିଥିଲେ। ଆବେଦନ୍‌କାରୀକର ଭିତ୍‌ରୁ ଯେ ହକ୍‌ଦାର ସେମାନ୍‌କୁ ବାଛ୍‌ବାର ଲାଗି ବ୍ଲକ୍‌ସ୍ତରରେ ନୋଡାଲ ଅଧିକାରୀ ନିୟୋଜିତ୍ କରାଯାଇ ତଦନ୍ତ୍ କରାଯାଇଥିଲା। ହେଲେ ବହୁତ୍‌ଟେ ଗାଁରେ ଇ ତଦନ୍ତ୍‌ରେ ବି ପାତରଅଁତର କରାଯାଇଥିବାର ଅଭିଯୋଗ୍ ହେଉଛେ। ଅଭିଯୋଗ୍ ହିସାବେ ଥିଲାବାଲାକୁ ଯୋଜ୍‌ନାରେ ସାମିଲ କରାଯାଇଥିଲା ବେଲେ ହକ୍‌ଦାର ଗରିବ୍ ହିତାଧିକାରୀମାନେ ବାଦ୍ ପଡ଼ିଛନ୍। ଏନ୍‌ତାଥି ବ୍ରାହ୍ମଣୀପଲା ଗାଁର ୩୪ ପରିବାର ଆବେଦନ କରି ଯୋଜ୍‌ନାରୁ ବାଦ୍ ପଡ୍‌ଲାରୁ ବିଡିଓ ଶଙ୍କର ପ୍ରସାଦ ସାହୁଙ୍କୁ ଭେଟି ଅଭିଯୋଗ୍ କରିଛନ୍। ଇତାର ସଂଗେ ସେମାନେ ଘଟ୍‌ନାର ତଦନ୍ତ୍ କରବାକେ ଦାବି କରିଛନ୍। ଇ ବାବ୍‌ଦେ ବିଡିଓ ଶଙ୍କର ପ୍ରସାଦ ସାହୁଙ୍କୁ ପଚରାଲାରୁ ଅଭିଯୋଗ୍ ପାଇଛେଁ, ଅଲପ୍ ଦିନ୍ ଭିତ୍‌ରେ ବିଭାଗୀୟ ଅଧିକାରୀକୁଁ ନେଇ ଇତାର ନିରପେକ୍ଷ ତଦନ୍ତ୍ କର୍‌ମି। ଯୋଜ୍‌ନାରେ ଯେନ୍‌ଥେଇ ହକ୍‌ଦାର କରିବ୍ ଲୋକ୍ ସାମିଲ ହେଇପାରବେ ସେ ଦିଗେ ପଦକ୍ଷେପ ନେମି ବଲି କହିଥିଲେ।



ବ୍ରାହ୍ମଣୀପଲାର ୩୪ ହିତାଧିକାରୀ ବିଡିଓଙ୍କୁ ଭେଟୁଛନ୍।

## ଅଭିଭାବକ ପ୍ରତିପାଳନ ଯତ୍ନ ସେବା କାର୍ଯ୍ୟକ୍ରମ

**ଦେଓଗାଁ,୧୦।୧୦(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ବଲାଙ୍ଗୀର ବିକଳ୍ପ ଶିଶୁ ଥଇଥାନ କେନ୍ଦ୍ର ପକ୍ଷରୁ ଅଭିଭାବକ ପ୍ରତିପାଳନ ଯତ୍ନ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମାଜିକ କର୍ମୀ ଅରୁଣ ଖୁଆସଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରୀନା ମେହେର, ସମ୍ମାନିତ ଅତିଥି ଭାବେ ଜିଲା ଶିଶୁମଙ୍ଗଳ କମିଟି ଅଧ୍ୟକ୍ଷ ଯୋଗେଶ୍ୱର ମହାନ୍ତି, ସଭ୍ୟା ସୁନୀତା ତ୍ରିପାଠି, ସଭ୍ୟ ଡ. ଗୋଦାବରୀଶ ରଥ, ନନ୍ଦିକିଶୋର ଷାଣ୍ଢ, ଜିଲା ଶିଶୁ ସୁରକ୍ଷା ୟୁନିଟର ସୁରକ୍ଷା ଅଧିକାରୀ ସୁଧାଂଶୁ ଶେଖର କୁମ୍ଭାର, ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ଚିତ୍ତ ରଞ୍ଜନ ମିଶ୍ର, ଆଇସିଡିଏସ୍ ସୁପରଭାଇଜର ଶୁଭଶ୍ରୀ ପାଢୀ, କଛାରପାଲି ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ମୋହନ ଦଲାଇ ପ୍ରମୁଖ ଯୋଗଦେଇ ସମାଜରୁ ଅବହେଳିତ ତଥା ଅନାଥ ଶିଶୁମାନଙ୍କ ଉପଯୁକ୍ତ ଯତ୍ନ ଓ ସେବା କିପରି ଭାବେ କରାଯାଇପାରିବ ଏବଂ ତାଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରାଯାଇପାରିବ ସେନେଇ ଆଲୋଚନା କରିଥିଲେ। ଏହି ଅବସରରେ ସିଡବ୍ଲୁସି, ଡିସିପିୟୁ, ୱାସିଡିଏର ମିଳିତ ଭାବେ ଚିହ୍ନଟ କରାଯାଇଥିବା ଲୋଇସିଂହା ବ୍ଲକ ନ'ଗାଁର ଶିଶୁ ଯୁବରାଜ ସାହୁଙ୍କୁ ଦେଓଗାଁ କଛାରପାଲିର ସ୍ୱେଚ୍ଛାସେବୀ ବିଦ୍ୟୁତଲତା ଖମାରୀ ଓ କାଶୀନାଥ ପଧାନଙ୍କୁ ପୋଷ୍ଟର କେୟାର ଅଭିଭାବକ ଭାବେ ହସ୍ତାନ୍ତର କରାଯାଇଥିଲା। ଶେଷରେ ସ୍ଥାନୀୟ ସରପଞ୍ଚ ନୀନା ଛତ୍ରୀୟା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ୱାଇସିଡିଏ ବଲାଙ୍ଗୀରର ପ୍ରୋଗ୍ରାମ ମ୍ୟାନେଜର ଅଜିତ ବସ୍ତିଆ, ଜିଲା ସଂଯୋଜିକା ଆନନ୍ଦିନି ରଥ, ରୁଦ୍ର ବଗର୍ତ୍ତୀ, ବିଲାସିନି ପାତ୍ର ପ୍ରମୁଖ ସହଯୋଗ କରିଥିଲେ।



ଦେଓଗାଁ ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ଅଭିଭାବକ ପ୍ରତିପାଳନ ଯତ୍ନସେବା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

### ବିଦ୍ୟୁତ୍ ଗ୍ରୀଡ୍ ଉଦ୍‌ଘାଟିତ

**ତରଭା, ୧୦।୧୦(ଡି.ଏନ୍.ଏ.)**

ତରଭା ବ୍ଲକ ବଘିଆ ପଞ୍ଚାୟତର ଖୁଣ୍ଟବନ୍ଧ ଗ୍ରାମରେ ଏକ ବିଦ୍ୟୁତ୍ ଗ୍ରୀଡ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ପ୍ରାୟ ୫କୋଟି ଟଙ୍କା ବ୍ୟୟରେ ୩୩/୧୧ କେଭିର ଏହି ଗ୍ରୀଡ ସବ୍‌ଷ୍ଟେଶନକୁ ନଗର ଉନ୍ନୟନ ଓ ଜଳସମ୍ପଦ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ବଘିଆ ସରପଞ୍ଚ ଶଶୀ ବିଶିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ଜିଲାପାଳ ମଧୁସୂଦନ ମିଶ୍ର, ପିଡି ସୂର୍ଯ୍ୟନାରାୟଣ ଦାସ, ଜିଲା ପରିଷଦ ସଭ୍ୟ ସରୋଜ କୁମାର କମ୍ପ, ବିଡିଓ ନିହାର ରଞ୍ଜନ କହଁର,ଏକ୍‌ଜୁକ୍ୟୁଟିଭ ଇଞ୍ଜିନିୟର ଶ୍ରୀନିବାସ ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ।

ପ୍ରଧାନମନ୍ତ୍ରୀ ଆବାସ ଯୋଜନା

## ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ବଣ୍ଟନ

**ଖପ୍ରାଖୋଲ,୧୦।୧୦(ଡି.ଏନ୍.ଏ.)**

ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ପରିସରରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିଥିବା ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ବଣ୍ଟନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଥିଲା। ବିଡିଓ ତରଣୀ ସୁନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାଟଣାଗଡ଼ ବିଧାୟକ କନକ ବର୍ଦ୍ଧନ ସିଂ ଦେଓ ଯୋଗଦେଇ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ। ଏହି ଅବସରରେ ୨୦୧୬-୧୭ ଆର୍ଥିକ ବର୍ଷରେ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାରେ ୪ମାସ ମଧ୍ୟରେ ଘର କାର୍ଯ୍ୟ ଶେଷ କରିଥିବା ୪୦ଜଣ ହିତାଧିକାରୀଙ୍କୁ ୨୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିବା ବେଳେ ୬ ମାସ ମଧ୍ୟରେ ଶେଷ କରିଥିବା ୧୭ଜଣ ହିତାଧିକାରୀଙ୍କୁ ୧୦ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି। ସେହିପରି ୨୦୧୭-୧୮ ଆର୍ଥିକ ବର୍ଷରେ ୪ମାସ ମଧ୍ୟରେ ଶେଷ କରିଥିବା ୯ଜଣ ହିତାଧିକାରୀ ଓ ୬ ମାସ ମଧ୍ୟରେ ଶେଷ କରିଥିବା ହିତାଧିକାରୀଙ୍କୁ ଯଥାକ୍ରମେ ୨୦ ଏବଂ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣମାସୀ ବରିହା, ଉପାଧ୍ୟକ୍ଷ ପ୍ରକାଶ ମେହେର, ଜିଲାପରିଷଦ ସଭ୍ୟା ଜ୍ୟୋତ୍ସ୍ନାମୟୀ ସାହୁ, ବିପ୍ର ବିଶି, ଏମ୍‌ପିଙ୍କ ପ୍ରତିନିଧି ଗୋବିନ୍ଦ ବାରିକ, ବିଧାୟକଙ୍କ ପ୍ରତିନିଧି ଫକିର ପଧାନ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୋମ୍ୟ କିଶୋର ଜଏପୁରିଆ, ବରିଷ୍ଠ କିରାଣି ବ୍ରଜବନ୍ଧୁ ଠାକୁର, ବ୍ଲକ ପ୍ରୋଜେକ୍ଟ କୋଡିନେଟର ବନବିହାରୀ ମହାନନ୍ଦ, ପିଏ ଅଶୋକ ପାଣିଗ୍ରାହୀ, ଶ୍ରୀୟାବଲ୍ଲଭ ପାଣିଗ୍ରାହୀ, ଉପେନ୍ଦ୍ର ଭୋଇ, କପିଲ ବୁଡେକଙ୍କ ସମେତ ସରପଞ୍ଚ, ପିଇଓ ଏବଂ ହିତାଧିକାରୀମାନେ ଉପସ୍ଥିତ ଥିଲେ।

## ଘୁନସର ମହାବିଦ୍ୟାଳୟରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ

**ସଇଁତଲା,୧୦।୧୦(ଡି.ଏନ୍.ଏ.)**

ସଇଁତଲା ବ୍ଲକ ଘୁନସର ପଞ୍ଚାୟତ ସମିତି ମହାବିଦ୍ୟାଳୟ ପରିସରରେ ତାଲୁକସ୍ତରୀୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ତାଲୁକସ୍ତରୀୟ ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷା ବିଶ୍ୱ କଲ୍ୟାଣୀ ମିଶ୍ର ଯୋଗ ଦେଇଥିଲେ। ଆଇନଜୀବୀ ହିଜକ୍ଷ ତାଣ୍ଡୀ, ଦେବରାଜ ପଣ୍ଡା, ଦ୍ରୋପଦୀ ପାତ୍ର, ମାସନ ରଣା, ଶିବ ପ୍ରସାଦ ବାରିକ, କୋର୍ଟ ନାଜିର କିରଣ ବାଗ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ। ଘୁନସର ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଭୋଜରାଜ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବର୍ତ୍ତମାନ ପରିସ୍ଥିତିରେ ଯୋଗାସନ ଦ୍ୱାରା ମାନସିକ ରୋଗର ନିରାକରଣ ସମ୍ଭବ ବୋଲି ଦେବରାଜ କହିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ, ଅଧ୍ୟାପକ, କର୍ମଚାରୀ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।




ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ।

■ ବର୍ଷା ଅଭାବୁ ମରଡ଼ି ଆଶଁକା

## ରୋଗ୍‌ପୋକ ଦାଉ ସାଧୁଛନ୍, ଚିନ୍‌ତାରେ ଚାଷୀ

**ଲୋଇସିଂହା,୧୦।୧୦(ଡି.ଏନ୍.ଏ.)**

ଲୋଇସିଂହା,୧୦।୧୦(ଡି.ଏନ୍.ଏ.)- ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ୍ ଅଂଚଲରେ ଦୁଇ ହପ୍‌ତାରୁ ଅଧିକା ହେବା ବର୍ଷାର ଅଭାବ୍ ଦେଖାଦେଇଛେ। ଯେନ୍‌ଥିରଲାଗି ଚାଷ୍ ଜମିମାନ୍ ଶୁଖିଗଲାନ। ଆରଗୁଟେ ଆଡେ ବେଶି ଗରମ ହେବାର ଲାଗି ଚାଷ୍‌ଜମିରେ ରୋଗ୍‌ପୋକ ବଢ଼ବାରେ ଲାଗିଛନ୍। ଲୋଇସିଂହା ବ୍ଲକ୍‌ରେ ଶଢ଼ା, ପତରଛେଦା, ପତରପୁଡା ବାହାରେ ୭୦ ହେକ୍ଟର ଜମିରେ ଚକଡା ପୋକ୍ ଲାଗିଥିବାର କୃଷି ବିଭାଗ୍ ତର୍‌ଫୁ ଜନାଯାଇଛେ।

ବିଭାଗୀୟ ସୂଚ୍‌ନା ହିସାବେ, ଲୋଇସିଂହା ବ୍ଲକ୍‌ରେ ୧୦ ହଜାର ୬୫୦ ହେକ୍ଟର ଖରିପ୍ ଧାନ୍ ଚାଷ୍ କରାଯାଇଛେ। ସେପ୍ଟେମ୍ବର ପହେଲା ହପ୍‌ତା ତକ୍ ଚାଷ୍‌କାମ୍ ଶେଷ ହେଇଥିଲା। ୪ ହଜାର ହେକ୍ଟର ଜମିରେ ଧାନ୍ ରୁଆ ହେଇଥିଲା ବେଲେ ବାକି ଜମିରେ ଧାନ୍‌ବୁନା ହେଇଥିଲା। ଚଲ୍‌ତି ବଛର ଜୁନ୍‌ରେ ମଉସୁମୀ ବର୍ଷା ହେଲା ହେଲା ଉତାରୁ ଚାଷ୍‌କାମ୍ ମୂଳ୍ ହେଇଥିଲା। ହେଲେ ଜୁଲାଇରେ ବର୍ଷାର ଅଭାବ୍ ଲାଗି ଚାଷ୍‌କାମ୍ ଧିମେଇ ଯାଇଥିଲା। ଅଗଷ୍ଟ ପହେଲା ହପ୍‌ତାରେ ଚାଷ୍‌ବାସ ଲାଗି ଭଲ୍ ବର୍ଷା ହେଲାରୁ ଚାଷ୍‌କାମ୍ ଆଗ୍‌କେ ବଢ଼ିଥିଲା। ଅଗଷ୍ଟ ମାସ୍ ଶେଷମୁଡ୍ ତକ୍ ଚାଷ୍‌କାମ୍ ସରବା ବଲି ଆଶ୍ କରାଯାଉଥିଲା। ହେଲେ ଅଗଷ୍ଟ ୨୫, ୨୬ ତାରିଖ୍ ବେଲେ ଲଗାତାର ବର୍ଷା ଲାଗି ଚାଷକାମ୍ ଉଲଟ୍‌ପାଲଟ ହେଇଯାଇଥିଲା। ଚାଷ୍ ଜମିମାନ୍ ପାଏନ୍ ବୁଡ଼ି ରହେବାର ଲାଗି ଚାଷ୍‌କାମ୍ ପଛେଇ ଯାଇଥିଲା। ବିଭାଗୀୟ ରେକର୍ଡ ହିସାବେ, ଜୁନ ମାସେ ଲୋଇସିଂହା ବ୍ଲକ୍ ଅଂଚଲରେ ୨୦୨.୦୮ମି.ମି. ବର୍ଷାର ଦରକାର ଥିଲାବେଲେ ୮୨.୦୨ ମି.ମି. ବର୍ଷା ହେଇଥିଲା। ସେନ୍‌ତା ଜୁଲାଇରେ ୩୬୦.୦୫ ମି.ମି. ବର୍ଷା ଜାଗାରେ ୧୯୪.୦୨ମି.ମି. ବର୍ଷା ହେଇଥିଲା। ଅଗଷ୍ଟରେ ୩୩୩.୦୬ମି.ମି. ବର୍ଷା ଦରକାର ଥିଲାବେଲେ ୨୨୫.୦୮ ମି.ମି. ବର୍ଷା ହେଇଥିଲା। ସେପ୍ଟେମ୍ବରରେ ୨୩୭ ମି.ମି. ବର୍ଷା ଦରକାର ଥିଲାବେଲେ ୧୨୩ ମି.ମି. ବର୍ଷା ହେଇଛେ। କୃଷି ବିଭାଗ୍‌ର ସୂଚ୍‌ନା ହିସାବେ ସେପ୍ଟେମ୍ବର ୨୨ ତାରିଖ୍‌ରେ ୧.୮୮ମି.ମି. ବର୍ଷା ହେଇଥିଲା। ସେଦିନ୍‌ଠାନୁ ଆର୍ ବର୍ଷା ନାଇଁହେଇ। ଆଘ ଚାଷ୍ ହେଇଥିବାର ଜମିରେ ଏହେଦେ ଧାନ୍ କ୍ଷୀରଖାଇ ବତର ହେବାର ଅବସ୍‌ତାରେ ଅଛେ। ଏନ୍‌ତା ଅବସ୍‌ତାରେ ଜମି ପାଏନ୍ ଦରକାର କରୁଛେ। ହେଲେ ବର୍ଷା ଅଭାବୁ ଜମି ଫାଟି ଆଁ କଲାନ। ଆରଗୁଟେ ଆଡେ ଚାଷ୍‌ଜମିରେ ରୋଗ୍‌ପୋକ ଆର୍‌ଗୁଟେ କାରନ୍ ସାଜିଛେ। ଚାଷୀମାନେ ପୋକ୍‌ମରା ଉଷୋ ଝିଁଚ୍‌ଲେ ବି ଗରମ ପରିବେଶ ଲାଗି ପୋକ୍‌ମରା ଉଷୋ କାମ୍ ନାଇଁ କରୁଥିବାର ଅଭିଯୋଗ୍ ହେଉଛେ। ଇତାକେ ନେଇ ଚାଷୀ ଚିନ୍‌ତାରେ ପଡ଼ିଛନ୍। ଇ ବାବ୍‌ଦେ କୃଷି ଅଧିକାରୀ ସୌମିତ୍ରା ମହାନ୍ତିଙ୍କୁ ପଚରାଲାରୁ ୧୫ ଦିନ୍‌ରୁ ଅଧିକା ହେଲା ଅଂଚଲରେ ବର୍ଷା ନାଇଁହେଇ। ଗରମ ଲାଗି ୧୭୫ ଏକର ଜମିରେ ଚକଡା ପୋକ୍ ଲାଗିଛନ୍। ଉଷୋ ଝିଁଚ୍‌ଲେ ରୋଗ୍‌ପୋକ ଦମନ୍ ହେବେ। ବାତ୍ୟା ପର୍‌ଭାବ୍‌ରେ ଅଂଚଲରେ ଯଦି ବର୍ଷା ହେବା ସେଟା ଚାଷୀକୁଲ୍‌କେ ସୁହାବା, ନେହେଲେ ମର୍‌ଡି ଆଶଁକା ବି ଅଛେ ବଲି ସେ କହିଥିଲେ।



ଜମି ଶୁଖା ପଡ଼ିଥିଲା ବେଲେ ଧାନ୍‌ଗଛେ ରୋଗ୍‌ପୋକ ଲାଗିଛେ।

**ଲୋଇସିଂହା ବ୍ଲକ୍**
- ୧୦,୬୫୦ ହେକ୍ଟର ଖରିପ୍ ଧାନ୍ ଚାଷ୍ ହେଇଛେ
- ୭୦ ହେକ୍ଟର ଜମିରେ ଚକଡା ପୋକ୍ ଲାଗିଛନ୍
- ୧୫ ଦିନରୁ ଅଧିକା ହେଲା ଅଂଚଲରେ ବର୍ଷା ନାଇଁ

**ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ**

ନୂଆପଡା ଜିଲା ବୋଡେନ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ରାନୀମୁଣ୍ଡା ପ୍ରଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି।



## ସଂକ୍ଷେପରେ

### ଶହୀଦ ଦେବେନ୍ଦ୍ର ଧରୁଆଙ୍କ ସ୍ମୃତିରେ କ୍ୟାଣ୍ଡେଲ ଶୋଭାଯାତ୍ରା

ବୋଡେନ,୧୦।୧୦(ଡି.ଏନ.ଏ.)- ନୂଆପଡା ଜିଲା ବୋଡେନ ବ୍ଲକ ବୋଡେନ ଥାନା ସହାୟତାରେ ବୁଧବାର ସନ୍ଧ୍ୟାରେ ଶହୀଦ ଦିବସ ସ୍ମୃତି ଉଦ୍ଦେଶ୍ୟରେ ବୋଡେନ ହାଇସ୍କୁଲର ଛାତ୍ରମାନଙ୍କୁ ନେଇ ନିରବ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଛି । ବୋଡେନ ଥାନା ଅଧିକାରୀ ବିଷ୍ଣୁ ନାଏକଙ୍କ ତତ୍ତ୍ୱାବଧାନରେ ଥାନା ସମ୍ମୁଖଠାରୁ ଶୋଭାଯାତ୍ରା ବାହାରି ବୋଡେନ ବସ୍ତି ପରିକ୍ରମା କରିଥିଲେ। ଶହୀଦ ଦେବେନ୍ଦ୍ର ଧରୁଆଙ୍କ ସ୍ମୃତି ଉଦ୍ଦେଶ୍ୟରେ କରାଯାଇଥିବା ଏହି କ୍ୟାଣ୍ଡେଲ ଶୋଭାଯାତ୍ରରେ ସ୍କୁଲ ଛାତ୍ର, ଶିକ୍ଷକ ଓ ପୋଲିସ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

### ଦେଢ଼ବର୍ଷ ସଜା କାଟିଲେ ନାବାଳକ

ଭବାନୀପାଟଣା ,୧୦।୧୦ (ଡି.ଏନ.ଏ.)- ନାବାଳକଙ୍କୁ ଜୁଭେନାଇଲ କୋର୍ଟକୁ ପଠାଯିବା ବଦଳରେ ପୋଲିସ ଜେଲକୁ ପଠାଇବାରୁ ଜଣେ ନାବାଳକ ଦେଢ ବର୍ଷ ସଜା କାଟିଲେ । ଏଭଳି ଏକ ଘଟଣା ଘଟିଛି କଳାହାଣ୍ଡି ଜିଲା ମଦନପୁର ରାମପୁର ଥାନା ଅଞ୍ଚଳର ଜଣେ ନାବାଳକ । ପୋଲିସର ଭୁଲ ପାଇଁ ଦେଢ ବର୍ଷ ଜେଲ ଦଣ୍ଡ ଭୋଗିବା ଘଟଣା ଏଠାରେ ଚାଞ୍ଚଲ୍ୟ ଖେଳିଯାଇଛି । କନ୍ଧମାଳ ଜିଲା ତୁମୁଡିବନ୍ଧ ଅଞ୍ଚଳର ଜଣେ ଛାତ୍ରୀ ମଦନପୁର ରାମପୁର ଥାନା ଅନ୍ତର୍ଗତ ଏକ ଆବାସିକ ବିଦ୍ୟାଳୟରେ ରହି ପାଠ ପଢୁଥିଲେ । ଏହି ସମୟରେ ମଦନପୁର ରାମପୁର ଥାନା ଅଞ୍ଚଳର ସମ୍ପୃକ୍ତ ବାଳକଙ୍କ ବିରୋଧରେ ଯୌନ ନିର୍ଯାତନା ନେଇ ସମ୍ପୃକ୍ତ ଛାତ୍ରୀ ପକ୍ଷରୁ ମଦନପୁର ରାମପୁର ଜେଏମଏଫସି କୋର୍ଟରେ ଓ୍ୱାନସିସି ମାମଲା ରୁଜୁ କରିଥିଲେ। କୋର୍ଟ ପକ୍ଷରୁ ଛାତ୍ର ଜଣକ ନାବାଳକ କି ନୁହେଁ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ତତ୍କାଳୀନ ମଦନପୁର ରାମପୁର ଥାନା ଏସଆଇ ଠିକ୍ ଭାବେ ତଦନ୍ତ ନ କରି ସମ୍ପୃକ୍ତ ବାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ । ଏହି ମାମଲା ବିରୋଧରେ ନାବାଳକଙ୍କ ପରିବାର ପକ୍ଷରୁ ଭବାନୀପାଟଣା ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ମକଦ୍ଦମା ଦାୟର କରିଥିଲେ । ଶୁଣାଣି ବେଳେ ପୋଲିସ ଗିରଫ କରିଥିବା ବାଳକଙ୍କ ବୟସ ୧୮ ବର୍ଷରୁ କମ୍ ଓ ଛାତ୍ରୀଙ୍କ ବୟସ ୧୮ ବର୍ଷରୁ ଅଧିକ ହୋଇଥିବା ସ୍କୁଲ ନାମଲେଖା ରେଜିଷ୍ଟାରରୁ ଜଣାପଡୁଛି । ନାବାଳକଙ୍କୁ ଜୁଭେନାଇଲ କୋର୍ଟକୁ ପଠାଯିବା ବଦଳରେ ତାଙ୍କୁ ପୋଲିସ ତାଙ୍କ ବୟସ ଅଧିକ ଦର୍ଶାଇ ତାଙ୍କୁ ଜେଲ ପଠାଇବା ଦେଇଥିଲେ। ପୋଲିସର ଏଭଳି କାର୍ଯ୍ୟକଳାପକୁ କୋର୍ଟ ଭର୍ତ୍ସନା କରିଥିଲେ । ପରେ ଏହି ମାମଲାକୁ ଜୁଭେନାଇଲ ଜଷ୍ଟିସ ବୋର୍ଡକୁ ପଠାଯାଇଥିଲା । ଜୁଭେନାଇଲ ଜଷ୍ଟିସ ବୋର୍ଡ ମୁଖ୍ୟ ବିଚାରପତି ସ୍ମିତିସ୍ନିଗ୍ଧା ଦାସ ୨୩ ଜଣଙ୍କ ସାକ୍ଷ୍ୟକୁ ଆଧାର କରି ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଥିଲେ । ପୋଲିସର ଭୁଲ ଯୋଗୁ ନାବାଳକ ଜଣକ ଦେଢବର୍ଷ ଜେଲ ଦଣ୍ଡ ଭୋଗିଥିବା ଦର୍ଶାଇ ତାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ । ଆଇନଜୀବୀ ନିହାର ରଞ୍ଜନ ମିଶ୍ର ଓ କୁନାଲ ବେହେରା ମାମଲା ପରିଚାଳନା କରିଥିଲେ।

ଶ୍ରମିକ ଇଟାଭାଟିରୁ ଉଦ୍ଧାର ହେବା ଘଟଣା

# ଅଢ଼େଇ ବର୍ଷ ପରେ ବି ମିଳିନି ସରକାରୀ ସହାୟତା

ଜୁନାଗଡ,୧୦।୧୦ (ଡି.ଏନ.ଏ./ସ୍ୱ.ପ୍ର.)



ସେତେବେଳେ ଉଦ୍ଧାର ହୋଇଥିବା ଶେଖପଡାର ଶ୍ରମିକମାନେ (ଫାଇଲ ଫଟୋ)।

**ମାଲିଗୁଡ଼ା (ଶେଖପଡ଼ା)**
- ପ୍ରଥମ କରି 'ଧରିତ୍ରୀ'ରେ ଖବର ପ୍ରକାଶ ପାଇଥିଲା
- ୨୦୧୫ ଡିସେମ୍ବରରେ ବାହାର ରାଜ୍ୟକୁ ଚାଲାଣ ହୋଇଥିଲେ

କଳାହାଣ୍ଡି ଜିଲାରେ ଦାଦନ ଶ୍ରମିକଙ୍କ ସମସ୍ୟା ଥମୁନି। ବର୍ତ୍ତମାନ ଜିଲାର ଶତାଧିକ ଗ୍ରାମର ଲୋକେ କାମ ନ ପାଇଁ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଚାଲିଯାଇଛନ୍ତି। ସେଠାରେ ଅନେକ ଶ୍ରମିକ ନିର୍ଯାତନା ସହିବା ସହିତ କେତେକ ଶବ ହୋଇ ଗାଁକୁ ଫେରୁଥିବା ବେଳେ ଅନେକ ଏବେ ବି ନିଖୋଜ ଥିବା ନଜିର ରହିଛି। ଏସବୁ ସତ୍ତ୍ୱେ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଉନାହିଁ। ଏପଟେ ସରକାର ଶ୍ରମିକମାନଙ୍କ ଉନ୍ନତି ଲାଗି ବିଭିନ୍ନ କଲ୍ୟାଣ ଯୋଜନା ମଧ୍ୟ କରିଛନ୍ତି। ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁ ଏହା ଶ୍ରମିକଙ୍କ ପାଖରେ ପହଞ୍ଚିପାରୁନାହିଁ । ଫଳରେ ସେମାନେ କାମ ନ ପାଇଁ ପୁଣି ଦାଦନ ଖଟିବାକୁ ବାହାରକୁ ଚାଲିଯାଉଛନ୍ତି। କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ମାଲିଗୁଡା ପଞ୍ଚାୟତ ଶେଖପଡାରେ ଏପରି ଏକ ପ୍ରବଞ୍ଚନାର କାହାଣୀ ଦେଖିବାକୁ ମିଳିଛି। ଗତ ଅଢେଇ ବର୍ଷ ତଳେ ତେଲେଙ୍ଗାନାର ପଞ୍ଚମଫୁଲି ଇଟାଭାଟିର ୨୯ ଜଣ ଓ କର୍ନାଟକ ରାଇଚୁର ନିକଟ ଉଡଡୁଲରୁ ୨୦ ସମୁଦାୟ ଶେଖପଡାର ୪୯ ଜଣ ଗୋତି ଶ୍ରମିକଙ୍କୁ କଳାହାଣ୍ଡି ଜିଲା ପ୍ରଶାସନ ପକ୍ଷରୁ ଉଦ୍ଧାର କରାଯାଇଥିଲା। ଇତିମଧ୍ୟରେ ଅଢେଇ ବର୍ଷ ବିତିଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସେମାନଙ୍କୁ ଟଙ୍କାଟିଏ ବି କ୍ଷତିପୂରଣ ମିଳି ନ ଥିବାବେଳେ ଗୋତିମୁକ୍ତି ପ୍ରମାଣପତ୍ର ମଧ୍ୟ ପାଇନାହାନ୍ତି।

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ମାଲିଗୁଡା ପଞ୍ଚାୟତ ଶେଖପଡାର ୪୯ ଜଣେ ଶ୍ରମିକଙ୍କୁ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିର ଜଣେ ଦାଦନ ସର୍ଦ୍ଦାର ବିନୋଦ ଭଲ ମଜୁରୀ ମିଳିବାର ଲୋଭ ଦେଖାଇ ଗତ ୨୦୧୫ ଡିସେମ୍ବରରେ ବାହାର ରାଜ୍ୟକୁ ଚାଲାଣ କରିଥିଲେ। ସେମାନଙ୍କ ମଧ୍ୟରୁ ଅର୍ଜୁନ କବାଟ, ଘାସିରାମ ନାଏକ, ହୃଦା ଗହୀର, କାଶୀରାମ ନାଏକ, ସୂର୍ଯ୍ୟକାନ୍ତି ନାଏକ, ଗୀତାଞ୍ଜଳି ନାଏକ, ଅମିତ ନାଏକ, ସିତାରାମ ନାଏକ, କନକ ନାଏକ, ଚନ୍ଦନ ନାଏକ, ରାଜିନ୍ଦ୍ର ନାଏକ, ଖିରମଣି ନାଏକ, ଟିକଚନ ନାଏକ, ଚୈତନ୍ୟ ନାଏକ, ଦୀପାଞ୍ଜଳି ନାଏକ, କିଶୋର ନାଏକ, ସୁଧାଂଶୁ ନାଏକ, ସଞ୍ଜୁ ନାଏକ, ମୁକେଶ ନାଏକ, ପଦମନ ରାଉତ, ତପନ ରାଉତ, କୁଗେ ରାଉତ, ରବି ରାଉତ, ପିଣ୍ଟୁ ନାଏକ, ମିଲି ନାଏକ, ଅକ୍ଷୟ ନାଏକ, ପ୍ରେମଲାଲ ନାଏକଙ୍କ ସମେତ ୨୯ ଜଣ ଶ୍ରମିକଙ୍କୁ ତେଲେଙ୍ଗାନା ନିକଟସ୍ଥ ପଞ୍ଚମଫୁଲି ଏଙ୍କଟ ରାଓ ଇଟା ଭାଟିରେ ବିକ୍ରି କରିଦେଇଥିଲେ।

ସେମାନଙ୍କ ମଧ୍ୟରୁ ୫ଜଣ ଶିଶୁ ଓ ଚୈତନ୍ୟ ନାଏକଙ୍କ ଗର୍ଭବତୀ ସ୍ତ୍ରୀ ଦିପାଞ୍ଜଳୀ ମଧ୍ୟ ସାମିଲ ଥିଲେ। ସେହିପରି ୨୦ଜଣ ଶ୍ରମିକଙ୍କୁ କର୍ନାଟକ ରାଜ୍ୟ ରାଇଚୁର ନିକଟସ୍ଥ ଉଡଡୁଲଠାରେ ଥିବା ଏସବିଏମ ବ୍ରିକ୍ସ ଇଟାଭାଟି ମାଲିକଙ୍କ ପାଖରେ ମେନକା ନାଏକ, ତିଲକର ନାଏକ, ତିଲୋତ୍ତମା ନାଏକ, ଦୁର୍ଦ୍ଦକ୍ଷ୍ୟ ନାଏକ, ବିକ୍ରମ ନାଏକ, ପ୍ରଶାନ୍ତ ନାଏକ, ଚଞ୍ଚଳା ନାଏକ, ହୃଦାନନ୍ଦ ନାଏକ, ଆରତୀ ନାଏକ, ଆଭା ନାଏକ, ଶୁଭ୍ରକେଶୀ ନାଏକ, ଇନ୍ଦ୍ରଜିତ ନାଏକ, ତୁରଣ ନାଏକ, କୁନି ନାଏକ, ପଦମନ ପୂଝାରୀ, ମଧୁ ମୂଝାରୀ ଓ କୋକସରା ବ୍ଲକ ଗୋଟୋମୁଣ୍ଡା ଗ୍ରାମର ଧନମତୀ ବାଗ, ତ୍ରିପୁରା ବାଗ, ଜଗନ୍ନାଥ ବାଗ, ବିନୋଦିନୀ ବାଗଙ୍କୁ ବିକ୍ରି କରିଦେଇଥିଲେ। ସେଠାରେ ଅନେକ ଶ୍ରମିକଙ୍କୁ ନିର୍ଯାତନା ଦିଆଯାଉଥିବାବେଳେ ମହିଳାମାନଙ୍କୁ ମଧ୍ୟ ଖରାପ ବ୍ୟବହାର ଦିଆଯାଉଥିଲା। ନୃଶଂସ ଭାଟି ମାଲିକମାନେ ଗୋଟିଏ ପରିବାରକୁ ଖାଇବା ଖର୍ଚ୍ଚ ବାବଦକୁ ସପ୍ତାହକୁ ମାତ୍ର ୩ ଶହ ଟଙ୍କା ଦେଉଥିଲେ। ନିଜ ଲୋକମାନଙ୍କୁ ଲଗାଇ ମାଡ ମାରିବା ସହ ଗାଳି ଦେଇ ରାତି ଅଧ ପର୍ଯ୍ୟନ୍ତ ସମସ୍ତଙ୍କୁ କଠିନ ପରିଶ୍ରମ କରାଉଥିଲେ। ଏପରିକି ଶିଶୁ ଓ ଗର୍ଭବତୀ ମହିଳା ମଧ୍ୟ ମାଡ ଗାଳିରୁ ବର୍ତ୍ତି ନ ଥିଲେ। ମାଡ ଖାଇ କଠିନ ପରିଶ୍ରମ କରିବା ଯୋଗୁ ଦୀପାଞ୍ଜଳୀଙ୍କ ଗର୍ଭ ନଷ୍ଟ ହୋଇଥିବ ଅଭିଯୋଗ ହୋଇଛି । ସେହିପରି ଏଏନଏମ ତାଲିମ ଗ୍ରହଣ କରୁଥିବା ମେନକା ନାଏକଙ୍କୁ ଭାଟି ମାଲିକ ନ ଛାଡିବାରୁ ସେ ତାଙ୍କର ଗୋଟିଏ ବର୍ଷର ପରୀକ୍ଷା ଦେଇ ପାରି ନ ଥିଲେ। ସେହିପରି ବିକ୍ରମ ନାଏକ ଓ ଶୁଭ୍ର ନାଏକ ମଧ୍ୟ ମାଟ୍ରିକ ପରୀକ୍ଷା ଦେଇ ପାରି ନ ଥିଲେ। ସବୁଠାରୁ ଦୁଃଖର ବିଷୟ ହେଲା କଷ୍ଟ ସହି ନ ପାରି ଅର୍ଜୁନ କବାଟଙ୍କ ଜୀବନ ମଧ୍ୟ ଚାଲିଯାଇଥିଲା। ତାଙ୍କ ସ୍ତ୍ରୀ ଯଶୋଦା ଏବେ ବେସାହାରା ହୋଇ ଛତିଶଗଡରେ ନିଜ ସମ୍ପର୍କୀୟମାନଙ୍କ ଭରସାରେ ଜୀବନ ବିତାଉଛନ୍ତି। ଏହି ଘଟଣା ସେତେବେଳେ ପ୍ରଥମ କରି 'ଧରିତ୍ରୀ'ରେ ପ୍ରକାଶିତ ହେବା ପରେ ଏହା ଲୋକଲୋଚନକୁ ଆସିଥିଲା। ଏହା ପରେ କଳାହାଣ୍ଡି ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ଦେଖାଇ ବନ୍ଧାପଡିଥିବା ଶ୍ରମିକମାନଙ୍କୁ ଏହାର ୩ ମାସ ପରେ ଅର୍ଥାତ ମାର୍ଚ୍ଚ ୨୦୧୬ରେ ଉଦ୍ଧାର କରାଯାଇଥିଲା। ଉଦ୍ଧାର ହୋଇଥିବା ଶ୍ରମିକମାନେ ଗାଁକୁ ଫେରିବା ପରେ ପ୍ରଶାସନିକ ଅଧିକାରୀଙ୍କ ସମେତ ନେତାମାନଙ୍କ ସୁଅ ଛୁଟିଥିଲା। ବିଭିନ୍ନ ସରକାରୀ ସହାୟତା ଯୋଗାଇଦେବା ପାଇଁ ସେମାନେ ପ୍ରତିଶ୍ରୁତି ଦେଇଥିଲେ। ଅଦ୍ୟାବଧି ଏହି ଘଟଣାର ଅଢେଇବର୍ଷ ପରେ ବି ସେମାନଙ୍କୁ କୌଣସି ସରକାରୀ ସହାୟତା ମିଳିପାରିନାହିଁ। ଏହାକୁ ନେଇ ଏବେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି । ଅନ୍ୟପକ୍ଷରେ ସେହି ଶ୍ରମିକମାନେ କାମଧନ୍ଦା ନ ପାଇ ପୁଣି ଦାଦନ ଯିବାକୁ ସଜବାଜ ହେଉଥିବା ଜଣାପଡିଛି। ଏ ନେଇ ଜିଲା ଶ୍ରମ ଅଧିକାରୀ ମହେଶ୍ୱର ନାଏକଙ୍କୁ ପଚାରିବାରୁ ଗୋତିଶ୍ରମିକ ପ୍ରମାଣପତ୍ର ସେମାନେ ଯେଉଁଠି ଉଦ୍ଧାର ହେଲେ ସେଠାକାର ସରକାର ଦେବାର କଥା। ଆମେ ଦେଇ ପାରିବୁନାହିଁ। ଗୋତି ଶ୍ରମିକ ପ୍ରମାଣ ପତ୍ର ନ ଥିଲେ ସରକାରୀ ସହାୟତା ମଧ୍ୟ ମିଳିପାରିବ ନାହିଁ ବୋଲି କହିଥିଲେ।

ନୂଆପଡ଼ା ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ

## ଶିଶୁ ଭିତର ନିଖୁଣତାକୁ ଉନ୍ମୋଚନ କରୁଛି ସୁରଭି

ନୂଆପଡା ଅଫିସ,୧୦।୧୦

ଶିଶୁମାନଙ୍କ ଭିତରେ ବହୁ ଶକ୍ତି ଭରି ରହିଛି । ଏସବୁକୁ ପଦାକୁ ଆଣିବାକୁ ସରକାରୀସ୍ତରରେ ଉଦ୍ୟମ ଜାରି ରହିଛି । ଏଥିରେ ସରକାରଙ୍କ ସର୍ବଶିକ୍ଷା ଅଭିଯାନ ତରଫରୁ ଚାଲିଥିବା ସୁରଭି କାର୍ଯ୍ୟକ୍ରମ ଅନ୍ୟତମ । ଶିଶୁ ଭିତରେ ଥିବା ନିଖୁଣତାକୁ ସୁରଭି ଉନ୍ମୋଚନ କରିଥାଏ ବୋଲି ସ୍ଥାନୀୟ ନୂଆପଡା ନ୍ୟାଶନାଲ ହାଇସ୍କୁଲ କ୍ୟାମ୍ପସରେ ଆୟୋଜିତ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଯୋଗଦେଇ ବକ୍ତାମାନେ ଏହା କହିଛନ୍ତି। ବୁଧବାର ପୂର୍ବାହ୍ନରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ । ଏଥିରେ ଦିନତମାମ ବିଭିନ୍ନ ପ୍ରତିଯୋଗୀତାରେ ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ । ଅପରାହ୍ନ ୫ଟାରେ ଉଦ୍‌ଯାପନୀ ଉତ୍ସବରେ ବ୍ଲକ ଶିକ୍ଷାଧିକାରୀ ରେଶମଲାଲ ନାଏକ ସଭାପତିତ୍ୱ କରିଥିବା ବେଳେ ଜିଲା କୋଷାଗାର ଅଧିକାରୀ ସଂଗ୍ରାମ କେଶରୀ ସାମନ୍ତରାୟ ମୁଖ୍ୟଅତିଥି, ଏବିଇଓ ଚୈତରାମ ନାଏକ, ରାଧେଶ୍ୟାମ ମେହେର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସୁରଭି କାର୍ଯ୍ୟକ୍ରମ ଏକ ମନୋରଞ୍ଜନ କାର୍ଯ୍ୟକ୍ରମ ହୋଇ ରହିନାହିଁ ବରଂ ଏହା ଶିଶୁ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ବାହାର କରିବାର ମାଧ୍ୟମ ବୋଲି କହିଥିଲେ । ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା। ଏଥିରେ ବିଭିନ୍ନ ପ୍ରତିଯୋଗୀତାରେ କୃତୀ ପ୍ରତିଯୋଗୀମାନଙ୍କୁ ସମ୍ମାନିତ କରାଯିବା ସହ ଜିଲାସ୍ତରୀୟ କାର୍ଯ୍ୟକ୍ରମ ପାଇଁ ତାଲିକା ପ୍ରସ୍ତୁତି କରାଯାଇଥିଲା । କାର୍ଯ୍ୟକ୍ରମରେ ସିଆରସିସି ଶଙ୍କର୍ଷଣ ପୁରୋହିତ ମଞ୍ଚ ପରିଚାଳନା କରିଥିବା ବେଳେ ଏଥିରେ ଅନ୍ୟମାନଙ୍କ ମଧ୍ୟରେ କିଶୋର ପରିଡା, ସିଆରସିସି ସରୋଜ ଅଗସ୍ତୀ, ଚୁରନଲାଲ ସାହୁ, ବିନୋଦ ଠାକୁର, ଶାନ୍ତନୁ ସାହୁ ପ୍ରମୁକ ସହଯୋଗ କରିଥିଲେ ।



ସୁରଭି କାର୍ଯ୍ୟକ୍ରମରେ ପ୍ରଦର୍ଶିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ

ବୋଡେନ,୧୦।୧୦ (ଡି.ଏନ.ଏ.)

ନୂଆପଡା ଜିଲା ବୋଡେନ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ରାନୀମୁଣ୍ଡା ପ୍ରଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି। ସୁରଭି କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଇନ୍ଦ୍ରମଣୀ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ପରିଚାଳିତ ହୋଇଥିବା ବେଳେ ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକରୀ ମନୋଜ ମହାନ୍ତି ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ତହସିଲଦାର ନବକିଶୋର ସାହୁ, ଡବ୍ଲ୍ୟୁଇଓ ହିମାଂଶୁ ଶେଖର କୁମ୍ଭାର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକରୀ ମକୁନ୍ଦ ମେହେର ଓ ରୁଦ୍ରେଶ୍ୱର ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ରୁଦ୍ରେଶ୍ୱର ମେହେର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସୁରଭି କାର୍ଯ୍ୟକ୍ରମରେ ଡିବେଟ, ପ୍ରବନ୍ଧ ଲିଖନ, ସୃଜନଶିଳ ଲିଖନ, ଚିତ୍ରାଙ୍କନ, ବକ୍ତୃତା, କୁଇଜ, ସଙ୍ଗୀତ, ଓଡିଆ ହସ୍ତାକ୍ଷର ଓ ଶୃତ ଲିଖନ ଓ ଦିବ୍ୟାଙ୍ଗମାନଙ୍କ ପାଇଁ ଚିତ୍ରକଳା ଓ ଶିଳ୍ପକଳା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ପ୍ରତିଯୋଗୀତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛତ୍ରୀମାନେ ଜିଲାସ୍ତରୀୟ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିବେ। ଏହି କାର୍ଯ୍ୟକ୍ରମରେ ୧୩ଟି କ୍ଲଷ୍ଟରର ସିଆରସିସି, ଗାଇଡ ଟିଚର ସହଯୋଗ କରିଥିଲେ।



କୁପାଗାଁ ଠାରେ ଅନୁଷ୍ଠିତ କଂଗ୍ରେସର କଳାହାଣ୍ଡି ବିକାଶ ଚିନ୍ତନ କାର୍ଯ୍ୟକ୍ରମ।

## କଂଗ୍ରେସର କଳାହାଣ୍ଡି ବିକାଶ ଚିନ୍ତନ କାର୍ଯ୍ୟକ୍ରମ

ଜୁନାଗଡ,୧୦।୧୦ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କୁପାଗାଁଠାରେ ବୁଧବାର କଂଗ୍ରେସର ଜୋନସ୍ତରୀୟ କଳାହାଣ୍ଡି ବିକାଶ ଚିନ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନାନ୍ଦୋଲ ଜୋନର ଶତାଧିକ କର୍ମକର୍ତ୍ତା ଯୋଗଦେଇଥିଲେ। ନାନ୍ଦୋଲ ଜୋନ ସଭାପତି ଆଲୋକ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜୁନାଗଡ ପୂର୍ବତନ ବିଧାୟକ ଗୋବର୍ଦ୍ଧନ ଦାଶ, ପୂର୍ବତନ ଏନଏସି ଅଧକ୍ଷ ସୁଧାଂଶୁ ଶେଖର ବରାଡ, ଜୁନାଗଡ ନିର୍ବାଚନ ମଣ୍ଡଳୀର ଯୁବ ସଭାପତି ସାଉଲ ମଙ୍ଗରାଜ, ଜୁନାଗଡ ନଗର ସଭାପତି ମଦନ ମୋହନ ସାହୁ, ଜିଲା ଯୁବ ସାଧାରଣ ସମ୍ପାଦକ ପ୍ରଭାତ ଦାଶ, ନାନ୍ଦୋଲ ଜୋନ ଉପସଭାପତି ଗୋପବନ୍ଧୁ ନାଏକ, ସମ୍ପାଦକ ଲିଙ୍ଗରାଜ ଛତ୍ରିଆ, କୋଷାଧକ୍ଷ ଆଦିତ୍ୟ ପ୍ରଧାନ, ପୂର୍ବତନ ସେନା ବାହିନୀ ଦୁଷ୍ମନ୍ତ ବାଗ, ଯୁବ ଆଇନଜୀବୀ ତଥା ଚାରବାହାଲ ଜୋନ ସଭାପତି ଚିତ୍ତ ରଞ୍ଜନ ନିଆଲ, ଆଟିଗାଁ ଜୋନ ସଭାପତି ସତ୍ୟ ସରାଫ, ଦାସିଗାଁ ଜୋନ ସଭାପତି ଅଶୋକ ନାଏକ, ସେବାଦଳର ସଭାପତି ଗୋକୁଲ ଚନ୍ଦ୍ର ନାଏକ, ଶୈଳେନ୍ଦ୍ର ପାତ୍ର ପ୍ରମୁଖ ଯୋଗଦେଇଥିଲେ।

ଆଗାମୀ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ଏବେଠୁ ତୃଣମୁଳସ୍ତରରେ କଂଗ୍ରେସର ସଙ୍ଗଠନକୁ କିପରି ମଜଭୁତ କରିହେବ ସେ ନେଇ ଆଲୋଚନା କରାଯାଇଥିଲା। ଏହାସହ ରାଜ୍ୟ ଓ କେନ୍ଦ୍ର ସରକାର ବିକାଶ ନାମରେ ସାଧାରଣ ଜନତାଙ୍କୁ ଭୁଆଁ ବୁଲାଉଥିବା ନେଇ ବିଭିନ୍ନ ଉଦାହରଣ ଦେଇ ସମାଲୋଚନା କରାଯାଇଥିଲା। ସେହିପରି ନାନ୍ଦୋଲ ଜୋନର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇ ଏହାର ପଦକ୍ଷେପ ଉପରେ ବିଭାଗୀୟ ଅଧିକାରୀଙ୍କୁ ଫୋନ ମାଧ୍ୟମରେ ଜଣାଯାଇଥିଲା। କାର୍ଯ୍ୟକ୍ରମରେ ପବିତ୍ର ରଣା, ସୁରେଶ ଛତ୍ରିଆ, ରବି ଦୁର୍ଗା, ଆର୍ତ୍ତ ମାଝି, ମୁକୁନ୍ଦ ଗହୀର, ବିପିନ ବାଗ, ସ୍ୱର୍ଣ୍ଣନନ୍ଦ ବାଗ, ବିକ୍ରମ ରଣା, ମଧୁସୁଦନ ନାଏକ,ସମବାରୀ ମାଝି, ବିପିନ ଭୋଇ ପ୍ରମୁଖ କଂଗ୍ରେସରେ ଯୋଗଦେଇଥିଲେ।

## ସମଲେଶ୍ୱରୀ, ରକ୍ତାମ୍ବରୀ ଦେବୀଙ୍କୁ ଆବାହନ

ଖଡିଆଳ,୧୦।୧୦ (ଡି.ଏନ.ଏ.)

ରାଜା ରାଜୁଡା ଅମଳରୁ ଖଡିଆଳ ଗଡଜାତ ଅଞ୍ଚଳର ଖଡିଆଳଠାରେ ମା' ସମଲେଶ୍ୱରୀଙ୍କୁ ଇଷ୍ଟଦେବୀ ଓ ରକ୍ତାମ୍ବରୀ ଦେବୀଙ୍କୁ ଗଡଦେବୀ ରୂପେ ପୂଜାର୍ଚ୍ଚନା କରାଯାଉଛି । ଦୁଇ ଦେବୀଙ୍କ ୧୨ ମାସରେ ୧୩ ପର୍ବ ଥିବା ବେଳେ ଦଶହରା ମୁଖ୍ୟପର୍ବ । ଦଶହରାର ୧୦ ଦିନ ଦେବୀଙ୍କୁ ସ୍ଥାପନା କରି ସ୍ୱତନ୍ତ୍ର ରୀତିନୀତି ଅନୁସାରେ ପୂଜା କରି ପାଳନ କରିଥାନ୍ତି । ଏହି ପରପେକ୍ଷୀରେ ସୋମବାର ମହାଳୟାରେ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ପଛପଟେ ଥିବା ଗଡଦେବୀ ରକ୍ତାମ୍ବରୀ ପୀଠସ୍ଥଳିରୁ ଯୁବରାଜ ଦେବଦେବ ସିଂଦେଓ ଦେବୀଙ୍କ ସେବାୟତମାନଙ୍କ ସହ ପୂଜାର୍ଚ୍ଚନା କରି ଆବାହନ କରି ଆଣି ରକ୍ତାମ୍ବରୀ ମନ୍ଦିରରେ ସ୍ଥାପନା କରାଯାଇଥିଲା । ମଙ୍ଗଳବାର ସନ୍ଧ୍ୟାରେ ଖଡିଆଳଠାରୁ ଭବାନୀପାଟଣା ଯିବାରାସ୍ତା ଗୋଶାଳା ନିକଟରେ ଥିବା ଇଷ୍ଟଦେବୀ ସମଲେଶ୍ୱରୀଙ୍କ ପୀଠ ସ୍ଥଳିରେ ପୂଜାର୍ଚ୍ଚନା କରିବା ସହ ମାନସିକଧାରୀଙ୍କ ପକ୍ଷରୁ ବୋଦା ବଳି ଦେବା ପରେ ଦେବୀ ସେବାୟତମାନଙ୍କ ସହ ବାଡି ଖଣ୍ଡା ଖେଳିବା ପରେ ଆବାହନ କରି ପ୍ରଥମେ ସାହୁପଡାଠାରେ ଥିବା ସମଲେଶ୍ୱରୀ ଛକରେ ପୂଜାର୍ଚ୍ଚନା ପରେ ରାଜାଙ୍କ ଘର ତାପରେ ରାଜପରିବାରର ଅନ୍ୟ ସଦସ୍ୟଙ୍କ ଘରେ ପୂଜା ପାଇବା ପରେ ସମଲେଶ୍ୱରୀ ମନ୍ଦିରରେ ସ୍ଥାପନା କରାଯାଇଥିଲା । ଆଜିଠାରୁ ୧୦ ଦିନ ଧରି ଦୁଇଦେବୀଙ୍କୁ ମନ୍ଦିରରେ ସ୍ୱତନ୍ତ୍ର ରୀତିନୀତି ଅନୁସାରେ ପୂଜା କରିବା ପରେ ଦୁଇ ଦେବୀଙ୍କୁ ଯୁଡା ଛତର ଯାତ୍ରା ଅନୁଷ୍ଠିତ ହୋଇ ସହରର ସମସ୍ତଙ୍କୁ ଦର୍ଶନ ଦେବା ସହ ଦଶହରା ପର୍ବର ସମାପନ ହେବ । ଏହି ସମୟ ମଧ୍ୟରେ ଦୁଇ ଦେବୀଙ୍କୁ ମାନସିକ କରି ପୂଜାର୍ଚ୍ଚନା କଲେ ଯେ କୌଣସି ମାନସିକ ପୂରଣ ହୋଇଥାଏ । ଏଣୁ ଏହାକୁ ବିଶ୍ୱାସ କରି ପୂଜାର୍ଚ୍ଚନା କରିଥାନ୍ତି ।



ଇଷ୍ଟଦେବୀ ମା' ସମଲେଶ୍ୱରୀଙ୍କୁ ଯୁବରାଜ ଦେବଦେବ ସିଂଦେଓ ଆବାହନ କରୁଛନ୍ତି ।

ମଦ ପାଇଁ ତାତିଲେ ମହିଳା

# ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

ନୂଆପଡା ଅଫିସ,୧୦।୧୦

**୭ଘଣ୍ଟାର ଧାରଣା ପରେ ରାସ୍ତାରୋକୋ**



ଜିଲାପାଳଙ୍କ ସହ ଆନ୍ଦୋଳନକାରୀମାନେ ଭେଟି ଆଲୋଚନା କରୁଛନ୍ତି ।

ଜିଲାବ୍ୟାପି ବିଭିନ୍ନ ଜାଗାରେ ବେଆଇନ ଭାବେ କୋଠିଗୁଡିକର ମଦ ବେପାର ଚାଲୁଥିବା ବେଳେ ଅବକାରୀ ବିଭାଗ ଶୋଇ ରହିଛି ବୋଲି ଅସନ୍ତୋଷ ମହିଳାମାନେ ରାଜରାସ୍ତାକୁ ଓହ୍ଲାଇଛନ୍ତି। ନୂଆପଡା ସହରରେ ରାଲି କରି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଘେରାଉ କରିଛନ୍ତି। ଦୀର୍ଘ ସମୟ ଧରି ପ୍ରଶାସନର କୌଣସି ଅଧିକାରୀ ନ ଆସିବାରୁ ଶେଷରେ ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ଜିଲାପାଳଙ୍କ ପ୍ରତିଶ୍ରୁତି ପରେ ରାସ୍ତାରୋକ ହଟିଥିଲା। ସ୍ଥାନୀୟ ପୋଲିସ ପଡିଆରେ ଶତାଧିକ ସଂଖ୍ୟାରେ ମହିଳାମାନେ ଠୁଳ ହୋଇଥିଲେ। ବୁଧବାର ପୂର୍ବାହ୍ନ ୧୧ଟାରେ ଏକ ରାଲିରେ ବାହାରିଥିଲେ । ଦୀର୍ଘ ପଥ ଧରି ଚାଲି ଚାଲି ମଦ ବିରୋଧି ସ୍ଲୋଗାନମାନ ଦେଇଥିଲେ। ଶେଷରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।

ଏଥିରେ ଭାଜପାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଯଦୁମଣୀ ପାଣିଗ୍ରାହୀ, ବିଜୁ ସେନାର ଜିଲା ଆବାହକ ସୁରେଶ ଆଚାରୀ, ନବ ନିର୍ମାଣ କୃଷକ ସଙ୍ଗଠନର ସଚିନ ମହାପାତ୍ର, ସମତା କ୍ରାନ୍ତି ଦଳର ରାମରାଜ ତ୍ରିପାଠୀ, ଦେବ ଦର୍ଶନ ତ୍ରିପାଠୀ, ସାରଦା ପ୍ରସନ୍ନ, ଭକ୍ତ ବନ୍ଧୁ ଧରୁଆ ପ୍ରମୁଖ ମଦ ବିରୋଧି ଭାଷଣ ଦେଇଥିଲେ । ଏହି କ୍ରମରେ ଜିଲା ଅବକାରୀ ବିଭାଗର ଜାଣତରେ ଜିଲାବ୍ୟାପି ଦେଶୀ ବିଦେଶୀ ମଦ ବିକ୍ରି ଚାଲିଛି । ଏଥିରେ ଗରିବ ଖଟିଖିଆ ଲୋକଙ୍କ ପରିବାର ଉଜୁଡିଯାଉଛି। ମହିଳାମାନେ ନିର୍ଯାତିତ ହେଉଛନ୍ତି। ଏଭଳି ସ୍ଥିତିରେ ସରକାର ଅବାଧ ମଦ ବିକ୍ରି ଉପରେ ଅଙ୍କୁଶ ଲଗାଇବା ଜରୁରୀ ବୋଲି କହିଥିଲେ। ଦୀର୍ଘ ୫ଘଣ୍ଟା କାଳ ଧାରଣା ଦେବା ପରେ ମଧ୍ୟ ଜିଲାପାଳ ଧାରଣାସ୍ଥଳକୁ ନ ଆସିବାରୁ ଆନ୍ଦୋଳନକାରୀମାନେ ଜାତୀୟ ରାଜପଥ ୩୫୩କୁ ଚାଲି ଆସି ଅବରୋଧ କରିଥିଲେ। ଜିଲାପାଳ ଏଠାକୁ ଆସି ନିର୍ଭର ପ୍ରତିଶ୍ରୁତି ନ ଦେଲେ ଉଠିବେ ନାହିଁ ବୋଲି ସେମାନେ ଅଡିବସିଥିଲେ। ଜିଲାପାଳ ସନ୍ଧ୍ୟା ୬ଟାରେ ତାଙ୍କ କାର୍ଯ୍ୟାଳୟକୁ ଆନ୍ଦୋଳନକାରୀମାନଙ୍କୁ ଡକାଇ ଆଲୋଚନା କରିଥିଲେ । ଦୀର୍ଘ ଅଧ ଘଣ୍ଟାକାଳ ଆଲୋଚନା କରିବା ପରେ ଦାବିଗୁଡିକ ଉପରେ ବିଚାର କରିବେ ବୋଲି ଜିଲାପାଳ କହିଥିଲେ। ଏହା ପରେ ସାଢେ ୬ଟାରେ ରାସ୍ତାରୋକୋ ହଟିଥିଲା ।

**ଜିଲାସ୍ତରୀୟ ବିଜୁ ମହିଳା ଜନତାଦଳର ସମାବେଶ**
କଳାହାଣ୍ଡି ଜିଲା କେସିଙ୍ଗା ଏନଏସି ଆରଏମସି ପ୍ରାଙ୍ଗଣଠାରେ ଜିଲାସ୍ତରୀୟ ବିଜୁ ମହିଳା ଜନତା ଦଳ ମହିଳା ସମାବେଶ ବୁଧବାର ଅନୁଷ୍ଠିତ ହୋଇଯାଇଛି।

## ସଂକ୍ଷେପରେ



### କଂଗ୍ରେସ କର୍ମୀଙ୍କ ଜନ ଜାଗରଣ ସଭା

**ପଲମ,୧୦।୧୦(ଡି.ଏନ.ଏ.)-** କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ଅଧୀନ ଗିଗିନା ପଞ୍ଚାୟତସ୍ଥିତ ଡମପଦର ମହୁଲତୋଟା ପଡିଆରେ କଂଗ୍ରେସ କର୍ମୀଙ୍କ ଜନ ଜାଗରଣ ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିରେନ୍ଦ୍ର ପାତ୍ର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଚିତ୍ତରଞ୍ଜନ ମଣ୍ଡଳ, ସମ୍ମାନିତ ଅତିଥି ଭାବେ ଗଜିନ୍ଦ୍ର ପଧାନ ଯୋଗଦେଇଥିଲେ। କାମରାଜ ନାଏକ, ରଜନୀ କୁମାର, ପର୍ଶୁରାମ କୁମାର, ତାରେଶ୍ୱର ଭୋଇ, ଗୋପାଳ ବିହାରୀ, ଭଗବାନ ସାହୁ ପ୍ରମୁଖ ବ୍ୟକ୍ତିମାନେ ଯୋଗଦାନ ଦେଇ ଦଳକୁ ମଜଭୁତ କରିବା ପାଇଁ ଆଶାୟୀ ପ୍ରାର୍ଥୀଙ୍କଠାରେ ପ୍ରକାଶ କରିଥିଲେ । ଦିଲୀପ କୁମାର ନାଏକ ମଞ୍ଚ ପରିଚାଳନା କରିଥିଲେ ।

### ଦୁର୍ଗାପୂଜା ପାଇଁ ଭବାନୀପାଟଣା ସହର ଚଳଚଞ୍ଚଳ

**ଭବାନୀପାଟଣା,୧୦।୧୦ (ଡି.ଏନ.ଏ.)-** ଶାରଦୀୟ ଦୁର୍ଗାପୂଜା ଅବସରରେ ଭବାନୀପାଟଣା ସହର ଚଳଚଞ୍ଚଳ ହାଇପଡିଛି । ଗତ ୯ ତାରିଖରେ ସହରର ମଧସ୍ଥଳୀ ଗାନ୍ଧିଚୌକ ଶ୍ରୀ ଶ୍ରୀ ଦୁର୍ଗାମନ୍ଦିରଠାରେ ନବରାତ୍ର ଦୁର୍ଗାପୂଜା ଆରମ୍ଭ ହୋଇଥିବା ବେଳେ ସହରର ଅନ୍ୟତମ ପୁରାତନ ଦୁର୍ଗାପୂଜା କମିଟି ବାହାଦୂରବଗିଚାପଡା ଓ ନକଟିଗୁଡା ପୂଜା କମିଟି ବିଶାଳ କଳସ ଯାତ୍ରା ବାହାରି ସହର ପରିକ୍ରମା କରିଥିଲା । ବାହାଦୂର ବଗିଚା ଦୁର୍ଗାପୂଜା ୩୨ ବର୍ଷରେ ପଦାର୍ପଣ କରିଥିବା ବେଳେ ନକଟିଗୁଡା ପୂଜା କମିଟି ୮ ବର୍ଷରେ ପଦାର୍ପଣ କରିଛି । ଏହି ଦୁଇ ପୂଜାମଣ୍ଡ ପରେ ନବରାତ୍ର ଦୁର୍ଗାପୂଜା ଆରମ୍ଭ ହୋଇଛି ଏବଂ ଆଲୋକମାଳାରେ ଝଲସି ଉଠୁଛି । ବାହାଦୂର ବଗିଚା ଦୁର୍ଗାପୂଜା କମିଟି ଅଧକ୍ଷ ଜିଲାରେ ବିଶିଷ୍ଟ ଆଇନଜୀବୀ ତଥା ସମାଜିକକ କର୍ମୀ ଗିରିଶଚନ୍ଦ୍ର ପୁରୋହିତଙ୍କ ତତ୍ତ୍ୱାବଧାନରେ ପୂଜା କାର୍ଯ୍ୟ ପରିଚାଳନା ହେଉଛି। ସେହିପରି ନକଟିଗୁଡା ଦୁର୍ଗାପୂଜା କମିଟି ଅଧକ୍ଷ ସାମନ୍ତ ଖମାରୀଙ୍କ ଅଧ୍ୟକ୍ଷତାରେ ନବରାତ୍ର ଦୁର୍ଗାପୂଜା ଧୂମଧାମରେ ଆରମ୍ଭ କରାଯାଇଛି । ଚଳିତବର୍ଷ ନକଟିଗୁଡା ଦୁର୍ଗାମଣ୍ଡପକୁ ଉତ୍ତର ପ୍ରଦେଶ ବୃନ୍ଦାବନ ଚନ୍ଦ୍ରଦ୍ୱୟ ମନ୍ଦିର (ମଥୁରା)ର ରୂପ ଦିଆଯାଇ ଚିତାକର୍ଷକ ମଣ୍ଡପ ତିଆରି କରାଯାଇଛି। ଏହି ମଣ୍ଡପ ନିକଟରେ ମୀନାବଜାର ଓ ସାଂସ୍କୃତିକ ସନ୍ଧ୍ୟାର ମଜା ମଧ ଭକ୍ତମାନେ ନେଉଥିବା ଦେଖାଯାଉଛି । ଦୁର୍ଗାପୂଜା ଅବସରରେ ଭବାନୀପାଟଣା ସହର ଆଲୋକ ମାଳାରେ ଝଲସି ଉଠୁଥିବା ସହ ଜନଗହଳି ଲାଗିରହିଛି । ଚଳିତବର୍ଷ ଲୁଗା ଦୋକାନ ଓ ଘରଉପକରଣ ବିକ୍ରୟ କରୁଥିବା ଦୋକାନଗୁଡିକରେ ବିଶେଷ ଭାବରେ ଗ୍ରାହକମାନଙ୍କ ଜନଗହଳି ଦେଖିବାକୁ ମିଳୁଛି ।

## ଭବାନୀପାଟଣା ନକଟିଗୁଡ଼ା ପୂଜା କମିଟି

# ମଥୁରା ବ୍ରିନ୍ଦାବନ ଚନ୍ଦ୍ରଦ୍ୱୟ ସଦୃଶ ମନ୍ଦିର ମୁଖ୍ୟ ଆକର୍ଷଣ

**ଭବାନାପାଟଣା,୧୦।୧୦ (ଡି.ଏନ.ଏ.)**

ଶାରଦୀୟ ଦୁର୍ଗାପୂଜାକୁ ନେଇ ଏବେ ଗାଁଠୁ ସହର ଯାଏ ସବୁଠି ଚଳଚଞ୍ଚଳ । ଏଥିପାଇଁ ବିଭିନ୍ନ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଜୋରସୋରରେ ଚାଲିଛି । ପୂଜାକୁ ସ୍ୱତନ୍ତ୍ର ଓ ନିଆରା ରଙ୍ଗରେ ପାଳନ କରିବା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାରେ ପହଞ୍ଚିଥିବା ବେଳେ ଆଉ କେତେକ ସ୍ଥାନରେ ନବରାତ୍ର ଦୁର୍ଗାପୂଜା ଆରମ୍ଭ ହୋଇଯାଇଛି। ଚଳିତବର୍ଷ ଭବାନୀପାଟଣା ସହରରେ ଶାରଦୀୟ ପୂଜା ଲାଗି ପ୍ରସ୍ତୁତି ଜୋର ଧରିଛି। ହାତରେ ଆଉ ମାତ୍ର ଦିନ କେଇଟି ସମୟ ଥିବାରୁ ପୂଜା ମଣ୍ଡପ କର୍ମକର୍ତ୍ତାମାନେ ସକ୍ରିୟ ହୋଇ ପଡ଼ିଛନ୍ତି। ଇତିମଧ୍ୟରେ ସହରରେ ତୋରଣ ବନ୍ଧା ଶେଷ ହୋଇଯାଇଥିବା ବେଳେ ବିଭିନ୍ନ ପୂଜା ମଣ୍ଡପରେ ମୂର୍ତ୍ତିମାନ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି । ବିଶେଷ କରି ଭବାନୀପାଟଣାର ୧୧ଟି ସ୍ଥାନରେ କୁଶଳୀ ଶିଳ୍ପୀମାନେ ବିଭିନ୍ନ ପୂଜା ମଣ୍ଡପରେ ମୂର୍ତ୍ତି ତିଆରି କରୁଛନ୍ତି। ଅପରପକ୍ଷରେ ବିଭିନ୍ନ ଦୁର୍ଗାପୂଜା ମଣ୍ଡପଗୁଡିକରେ ମୂର୍ତ୍ତି ନିର୍ମାଣ, ତୋରଣ ପ୍ରସ୍ତୁତିରେ ଅଘୋଷିତ ପ୍ରତିଯୋଗିତା ଚାଲିଥିବା ଦେଖାଯାଉଛି। ଭବାନୀପାଟନା ସହର ନକଟିଗୁଡା ପୂଜା କମିଟି ଦ୍ୱାରା ସ୍ଥାନୀୟ ଲାଖମରା ପଡିଆଠାରେ ଚଳିତବର୍ଷ ଅଷ୍ଟମ ବର୍ଷରେ ମା' ଦୁର୍ଗାଙ୍କ ନବରାତ୍ର ଆରମ୍ଭ ହୋଇଛି। ଚଳିତବର୍ଷ ମଙ୍ଗଳବାର ଆରମ୍ଭ ହୋଇଛି ନବରାତ୍ର ଦୁର୍ଗାପୂଜା। ଏଥିପାଇଁ ସକାଳେ ବିଲ୍ୱବରଣ ବିଲ୍ୱାଧିବାସ ପରେ ସନ୍ଧ୍ୟାରେ ଏକ ବିରାଟ କଳସ ଶୋଭାଯାତ୍ରା ପୂଜା ମଣ୍ଡପରୁ ବାହାରି ପୁରୁଷୋତ୍ତମ ସାଗରରୁ ଜଳପୂର୍ଣ୍ଣ କଳସ ଆଣି ଦୁର୍ଗାପୂଜା ମଣ୍ଡପରେ ସ୍ଥାପନ କରାଯାଇଛି । ଚଳିତବର୍ଷ ନକଟିଗୁଡା ପୂଜା କମିଟି ପକ୍ଷରୁ ଉତ୍ତରପ୍ରଦେଶ ମଥୁରାର ବ୍ରିନ୍ଦାବନ ଚନ୍ଦ୍ରଦ୍ୱୟ ମନ୍ଦିର ସଦୃଶ ମଣ୍ଡପ (ଉଚ୍ଚତା ୧୧୦ ଫୁଟ ଓ ୮୫ ଫୁଟ) କଲିକତା କାରିଗରଙ୍କ ଦ୍ୱାରା ଉଚ୍ଚ କୋଟିର ମେଢ ଓ ତୋରଣ ନିର୍ମାଣ ହୋଇଯାଇଛି । କଲିକତା କାରିଗରମାନଙ୍କ ଦ୍ୱାରା ବେଶ ଆକର୍ଷଣୀୟ ସାଜସଜ୍ଜା ହୋଇଥିବାରୁ ପ୍ରବଳ ଜନଗହଳି ହେଉଛି । ଚଳିତବର୍ଷ ଲୋକଙ୍କୁ ଆକର୍ଷିତ କରିବା ପାଇଁ ଉତ୍ତରପ୍ରଦେଶ ମଥୁରାର ବ୍ରିନ୍ଦାବନ ଚନ୍ଦ୍ରଦ୍ୱୟ ମନ୍ଦିର ସଦୃଶ ମଣ୍ଡପ ସହ ମିନା ବଜାର ବ୍ୟବସ୍ଥା ମଧ୍ୟ କରାଯାଇଛି। ମଣ୍ଡପ ସମ୍ମୁଖରେ ରଙ୍ଗ ବେରଙ୍ଗର ସଦୃଶ ଜଳପ୍ରପାତ ସଭା ପାଉଛି । ରାଜ୍ୟ ଓ ରାଜ୍ୟ ବହାରର ବ୍ୟବସାୟୀମାନଙ୍କ ଖୁବ ଭିଡ ଦେଖିବାକୁ ମିଳୁଛି । ଏଲ୍ଇଡି ଲାଇଟରୁ ମୁଖ୍ୟ ଗେଟକୁ ଲଣ୍ଡନ ଗେଟ୍ କରାଯାଇଥିବାରୁ ସଞ୍ଜ ହେଲେ ସମସ୍ତଙ୍କ ଦୃଷ୍ଟି ଟାଣି ହେଇଆସୁଛି। ଏତଦ୍ ବ୍ୟତିତ ଅନେକଗୁଡିଏ ସାଂସ୍କୃତିକ ଦଳ ସହ ଯୋଗାଯୋଗ କରାଯାଇଥିବା ନକଟିଗୁଡା ଦୁର୍ଗାପୂଜା କମିଟି ସଭାପତି ସାମନ୍ତ ଖମାରି କହିଛନ୍ତି । ଏଥିସହିତ ଜିଲା ତଥା ଜିଲା ବାହାରର ବହୁ ସାଂସ୍କୃତିକ ଦଳଙ୍କ ସହ ମହିଳା ଦଣ୍ଡନୃତ୍ୟ, ନୃତ୍ୟ ପ୍ରତିଯୋଗିତା, ମହିଳାଙ୍କ ମଧ୍ୟରେ ଝୋଟି ପ୍ରତିଯୋଗିତା, ଭକ୍ତ ଓ ଜନସାଧାରଣଙ୍କୁ ବେଶ ଆକୃଷ୍ଟ କରିବ ବୋଲି ଆଶା କରାଯାଉଛି । ପୂଜାକୁ ସ୍ୱତନ୍ତ୍ର ଓ ନିଆରି କରିବା ପାଇଁ କର୍ମକର୍ତ୍ତାମାନେ ମନପ୍ରାଣ ଦେଇ ଲାଗି ପଡିଛନ୍ତି। ଏହି ପୂଜା ମଣ୍ଡପ ନିକଟରେ ଲାଖମରା ପର୍ବ ଓ ରାବଣ ପୋଡି ଅନ୍ୟତମ ମୁଖ୍ୟ ଆକର୍ଷଣ ସାଜୁଛି । ଆର୍ଥିକ ବ୍ୟୟ ବହୁଳ ସତ୍ତ୍ୱେ ସମ୍ପୂର୍ଣ୍ଣ ରିତି ନିତୀରେ ତଥା ପୂଜା ମଣ୍ଡପ ଓ ତୋରଣ, ଆଲୋକ ସଜ୍ଜାକୁ ପୂଜା କମିଟି ଗୁରୁତ୍ୱର ସହ ନେଇଛି । ସନ୍ଧ୍ୟା ହେଲେ ଉକ୍ତ ତୋରଣ ମଥୁରାର ବୃନ୍ଦାବନ ଚନ୍ଦ୍ରଦ୍ୱୟ ମନ୍ଦିରର ଭ୍ରମ ସୃଷ୍ଟି କରିଛି ଓ ଲୋକଙ୍କ ବେଶ ଭିଡ ଜମୁଛି । ଚଳିତବର୍ଷର ବଜେଟ ପ୍ରାୟ ୨୦ରୁ ୨୫ ଲକ୍ଷ ଟଙ୍କା ହେବ ବୋଲି କମିଟି କୋଷାଧକ୍ଷ ଭବାନୀଶଙ୍କର ନାଏକ ପ୍ରକାଶ କରିଛନ୍ତି ।


ନକଟିଗୁଡା ପୂଜା କମିଟି ପକ୍ଷରୁ ନିର୍ମିତ ଉତ୍ତରପ୍ରଦେଶ ମଥୁରାର ବ୍ରିନ୍ଦାବନ ଚନ୍ଦ୍ରଦ୍ୱୟ ମନ୍ଦିର ସଦୃଶ ତୋରଣ ।

### ଦୁର୍ଗାପୂଜା କମିଟି ସଦସ୍ୟ ଯାହା କୁହନ୍ତି...


"ନକଟିଗୁଡା ଲାଖମରା ପଡିଆ ମା' ମାଣିକେଶ୍ୱରୀଙ୍କ ଶକ୍ତିପୀଠସ୍ଥଳ ହୋଇଥିବାରୁ ଆମେ ସର୍ବଧର୍ମ ସମନ୍ୱୟ ରକ୍ଷା କରି ଅକ୍ଳାନ୍ତ ପରିଶ୍ରମ କରି ଗତ ୫ ବର୍ଷ ହେଲା ମା' ଦୁର୍ଗାଙ୍କ ପୂଜା ମହାଆଡମ୍ବରରେ ରୀତିନିତିରେ କରି ଆସୁଛୁ। ପ୍ରଥମ ବର୍ଷ ପୁରୀ ଜଗନ୍ନାଥ ମନ୍ଦିର, ଦ୍ୱିତୀୟ ବର୍ଷ ଆୟ୍ୟାପା ମନ୍ଦିର ଓ ଗତ ବର୍ଷ ଗୁଜୁରାଟର ଅକ୍ଷରଧାମ ମନ୍ଦିର ତୋରଣ କରିଛୁ । ଏହା ସମସ୍ତଙ୍କ ମିଳିତ ସହଯୋଗ ଓ ପ୍ରଚେଷ୍ଟାରେ ପୂଜା କାର୍ଯ୍ୟ ଚାଲିଛି । ଚଳିତବର୍ଷ ପୂଜାକୁ ଶାନ୍ତି ଶୃଙ୍ଖଳା ବେଶ ଆଡମ୍ବର ସହକାରେ ପାଳନ କରିବା ପାଇଁ ବ୍ୟବସ୍ଥା କରିଛୁ ।
**- ସାମନ୍ତ ଖମାରୀ, ସଭାପତି, ନକଟିଗୁଡା ଦୁର୍ଗାପୂଜା କମିଟି**


"ଶକ୍ତି ପୀଠସ୍ଥଳ ଭାବରେ ଏଠାରେ ମା'ଙ୍କ ଆବିର୍ଭାବ ହେଲା । ତେଣୁ ଆମେ ସମସ୍ତେ ଚିନ୍ତା କରି ଗତ ୫ ବର୍ଷ ହେଲା ମା' ଜଗଜ୍ଜନନୀ ଦୁର୍ଗାଙ୍କର ପୂଜା କରି ଆସୁଛୁ। ଚଳିତବର୍ଷ ପୂଜା ଲାଗି ବ୍ୟାପକ ବ୍ୟବସ୍ଥା କରାଯାଇଛି । ଶ୍ରଦ୍ଧାଳୁମାନେ ଶାନ୍ତି ଶୃଙ୍ଖଳା ଓ ନିରାପଦରେ ମା'ଙ୍କ ଦର୍ଶନ କରିବା ପାଇଁ ବ୍ୟବସ୍ଥା କରାଯାଇଛି ।
**- ଅଙ୍କୁର ବାଗ, ଉପସଭାପତି, ଦୁର୍ଗାପୂଜା କମିଟି**


"ପ୍ରକୃତରେ ଆଶ୍ଚର୍ଯ୍ୟର କଥା ଏଠାରେ ମା' ଦୁର୍ଗାଙ୍କ ପୂଜା ସାଙ୍ଗରେ ପ୍ରତ୍ୟକ୍ଷରେ ମା' ମାଣିକେଶ୍ୱରୀଙ୍କ ପୂଜା ହେଉଛି । ବ୍ୟୟ ବହୁଳ ଏହି ପୂଜା ପାଇଁ ଏତେ ଅର୍ଥ କେଉଁଠୁ ଆସୁଛି ତାହା କହିବା ମୁସକିଲ, ଯେହେତୁ ମୁଁ କୋଷାଧକ୍ଷ ତଥାପି ମୁଁ ଜାଣିପାରୁନାହିଁ ।
**- ଭବାନୀଶଙ୍କର ନାଏକ, କୋଷାଧକ୍ଷ, ଦୁର୍ଗାପୂଜା କମିଟି**


ସରକାରୀ ପଞ୍ଜୀକୃତ ପ୍ରମାଣପତ୍ର ବିଧାୟକ ଦିବ୍ୟଶଙ୍କର ମିଶ୍ର ପ୍ରଦାନ କରୁଛନ୍ତି ।

## ଗୋପବନ୍ଧୁ ଜୟନ୍ତୀ ପାଳିତ

**ଜୁନାଗଡ,୧୦।୧୦(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଜୁନାଗଡ଼ସ୍ଥିତ ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣରେ ଉତ୍କଳମଣିଙ୍କ ଜୟନ୍ତୀ ଆଡମ୍ବରରେ ପାଳିତ ହୋଇଯାଇଛି। ଜୁନାଗଡ ଉତ୍କଳ ମଣୀ ସେବା ସଂସ୍ଥା ଦ୍ୱାରା ଜୟନ୍ତୀ ପାଳନ ଅବ୍ୟବହିତ ପୂର୍ବରୁ ଚମେଲିଦେବୀ ମହିଳା ମହାବିଦ୍ୟାଳୟଠାରେ ଛାତ୍ରୀଛାତ୍ରଙ୍କୁ ନେଇ ସୃଜନାତ୍ମକ ଚିତ୍ର, ତର୍କ, ରଚନା, ସାଧାରଣ ଜ୍ଞାନ ଓ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିଭଳି ମହିଳାମାନଙ୍କ ଦ୍ୱାରା ସଭା ସ୍ଥଳରେ ଝୋଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସଂସ୍ଥା ସଭାପତି କୈଳାସ ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର, ମୁଖ୍ୟବକ୍ତା ପ୍ରକୃତିବନ୍ଧୁ ରମେଶ ନାୟକ, ସମ୍ମାନିତ ଅତିଥି ଏନଏସି ଅଧକ୍ଷା ବିଜୟଲକ୍ଷ୍ମୀ କନ୍ଦପାନ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଈଶ୍ୱର ଚନ୍ଦ୍ର ପୂଝାରୀ ପ୍ରମୁଖ ମଞ୍ଚାସୀନ ଥିଲେ। ଅଧ୍ୟାପକ ଶାନ୍ତନୁ ପରିଡାଙ୍କ ପରିଚାଳନାରେ ଦାମୋଦର ବେହେରା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ସଙ୍ଗୀତଜ୍ଞ ଶାନ୍ତନୁ ନାୟକ ଏବଂ ସାଥୀଙ୍କ ଦ୍ୱାରା ମିଶୁମୋର ଦେହ ସଙ୍ଗୀତ ପରିବେଶଣ କରାଯାଇଥିଲା। ଉତ୍କଳମଣୀ ସେବା ସଂସ୍ଥାକୁ ପ୍ରତିଷ୍ଠା ଦିନରୁ ନିଷ୍ଠାପର ଭାବରେ ସମୟ ଦେଇ ଲୋକଙ୍କ ସୁଖ ଦୁଃଖରେ ସାହାଯ୍ୟ ସହଯୋଗ କରି ଆସୁଥିବା ମଧୁସୁଦନ ପଣ୍ଡା ଏବଂ ଭଗବାନ ସାହୁଙ୍କୁ ଉପଢୌକନ ଓ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ସଂସ୍ଥା ସମ୍ପାଦକ ଉଦ୍ଧବ ଚରଣ ସାହୁ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ପୂର୍ବତନ ବ୍ଲକ ଅଧକ୍ଷ ରଶ୍ମୀ ରଞ୍ଜନ ନାୟକ, ମନୋରଞ୍ଜନ ସାହାଣୀ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ବିଧାୟକ ସଂସ୍ଥାର ସରକାରୀ ପଞ୍ଜୀକୃତ ପ୍ରମାଣପତ୍ର କର୍ମକର୍ତ୍ତାମାନଙ୍କୁ ପ୍ରଦାନ କରିଥିଲେ।

## ଅଗ୍ରସେନ ଜୟନ୍ତୀ ପାଳିତ

**ଧର୍ମଗଡ,୧୦।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡଠାରେ ଅଗ୍ରସେନ ମହାରାଜଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମାରଓାଡି ଯୁବା ମଞ୍ଚ ଏବଂ ଅଗ୍ରେସନ ଜୟନ୍ତୀ ପାଳନ କମିଟିର ମିଳିତ ସହଯୋଗରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବରେ ଧର୍ମଗଡ ବିଧାୟକ ପୁଷ୍ପେନ୍ଦ୍ର ସିଂଦେଓ ଯୋଗଦେଇ ସମାଜ ଉପରେ ଅଗ୍ରେସନ ମହାରାଜଙ୍କ ଭୂମିକା ଏବଂ ତାଙ୍କ ପାଇଁ କିଭଳି ଭାବେ ଏହି ସମାଜ ଆଗକୁ ବଢି ପାରିଛି ସେ ଉପରେ ଆଲୋକପାତ କରିଥିଲେ। ଜୟନ୍ତୀ ପାଳନ ମକିଟି ଅଧ୍ୟକ୍ଷ ସୁବାଷ ଅଗ୍ରୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ମାରୱାଡି ମହିଳା ସମିତି ସଭାନେତ୍ରୀ ମୀନା ଗୁପ୍ତା, ଜୟନ୍ତୀ ପରିଚାଳନା ସମିତି ସଚିବ ସଚିନ ସିଂହଲ, ମାରୱାଡି ଯୁବା ମଞ୍ଚ ସଭାପତି ସଚିନ କୁମାର ଅଗ୍ରୱାଲ ଏବଂ ମୁଖ୍ୟବକ୍ତା ଭାବେ ବଲାଙ୍ଗୀର ମୋଗନଲାଲ ଅଗ୍ରୱାଲ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୭ଜଣ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମକୁ ଅରୁଣ ଟାୟଲ ଏବଂ ରାଜୀବ ପୁରି ପରିଚାଳନା କରିଥିଲେ। ଏହି ଉତ୍ସବ ଅବସରରେ ଏକ ବିଶାଳ ରାଲି ସହର ପରିକ୍ରମା କରିଥିଲା । ଏଥିରେ ବରିଷ୍ଟ ସଦସ୍ୟ ଗୁରୁ ପ୍ରସାଦ ଅଗ୍ରୱାଲ, ଜୟନ୍ତୀ ପାଳନ କମିଟି ଉପାଧ୍ୟକ୍ଷ କିଶୋର ଅଗ୍ରୱାଲ, ମୃତ୍ୟୁନ ଅଗ୍ରୱାଲ, ନବୀନ ଅଗ୍ରୱାଲ, ନରେଶ ଅଗ୍ରୱାଲ, ହରେଶ ଅଗ୍ରୱାଲ, କପିଲ ଅଗ୍ରୱାଲ, ରୁପେଶ ଅଗ୍ରୱାଲ, ଲଳିତ ଅଗ୍ରୱାଲଙ୍କ ସମେତ ମହିଳା ସମିତିର ସମସ୍ତ କର୍ମକର୍ତ୍ତା ଯୋଗଦେଇଥିଲେ ।

## ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ

**ଭବାନୀପାଟଣା,୧୦।୧୦(ଡି.ଏନ.ଏ.)**

ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ ଆନୁକୂଲ୍ୟରେ ବିଜୁ ଯୁବ ବାହିନୀ କଳାହାଣ୍ଡି ଶାଖା ପକ୍ଷରୁ ସ୍ଥାନୀୟ ପ୍ରଗତି ମହାବିଦ୍ୟାଳୟ ପରିସରରେ ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଦର ବିଧାୟକ ଅନାମ ନାଏକ, ପ୍ରଗତି ମହାବିଦ୍ୟାଳୟର ଅଧକ୍ଷ ଜଗନ୍ନାଥ ତ୍ରିପାଠୀ, ପ୍ରଗତି ଗ୍ରୁପର ଅଧକ୍ଷ ଅଜିତ ପଣ୍ଡା ଓ ଜିଲା କ୍ରୀଡା ଅଧିକାରୀ ଶୁଭାଶିଷ ନାୟକ ଅତିଥି ଭାବେ ଯୋଗଦେଇଥିଲେ। ବିଜୁ ଯୁବ ବାହିନୀ କଳାହାଣ୍ଡି ଶାଖା ଜିଲା ସଂଯୋଜକ ଅଭିନାଷ ଠାକୁର ଓ ଶ୍ରୀନିବାସ ରଥଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଭାର ଉତ୍ତୋଳନକାରୀ ତରନଦୀପ ସିଂହ, ଆଥେଲେଟ ସରୁନ ପାୟାସିଂ, ସାମାଜିକ କର୍ମୀ ରାଜେଶ ମହାରଣା, ଲୋକ ନୃତ୍ୟ ଶିଳ୍ପୀ ସୁନୀଲ ମହାନନ୍ଦ, ଗ୍ରିନିଜ୍ ବୁକ୍ ଅଫ୍ ୱାଲ୍ଡ ରେକର୍ଡଧାରୀ ସତ୍ୟପୀର ପଧାନ ଓ ବାଲ୍ୟ ବିବାହ ପ୍ରଥାକୁ ପ୍ରତିରୋଧ କରିଥିବା ସାହାସୀ ବାଳିକା ରଞ୍ଜିତା ମାଝିଙ୍କୁ ମୁଁ ହିରୋ ମୁଁ ଓଡିଶା ସମ୍ମାନରେ ସମ୍ମାନିତ କରାଯାଇଛି । ଏଥି ନିମନ୍ତେ ସଦର ବ୍ଲକର ସମୁଦାୟ ୩୫ ଜଣ ଯୁବ ପ୍ରତିଭା ମୁଁ ହିରୋ ମୁଁ ଓଡିଶା ସମ୍ମାନ ପାଇଁ ଆବେଦନ କରିଥିଲେ। ସେଥି ମଧ୍ୟରୁ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନଙ୍କ ଅଧକ୍ଷତାରେ ଗଠିତ ଚୟନ କମିଟି ଏହି ୬ ଜଣଙ୍କୁ ମୁଁ ହିରୋ ମୁଁ ଓଡିଶା ସମ୍ମାନ ନିମନ୍ତେ ଚୟନ କରିଥିଲେ । କାର୍ଯ୍ୟକ୍ରମରେ ଜିଲା କ୍ରୀଡା ଅଧିକାରୀ ଶୁଭାଶିଷ ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଜୁ ଯୁବ ବାହିନୀ ଜିଲା ସଂଯୋଜକ ଅଭିନାଷ ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ ।



ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପୁରସ୍କୃତ ବ୍ୟକ୍ତିବିଶେଷ ।

## ଜିଲାସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ

**ଭବାନୀପାଟଣା,୧୦।୧୦(ଡି.ଏନ.ଏ.)**

ଅଖିଳ ଭାରତୀୟ ଗୋଁଣ୍ଡ ସମାଜ କାଳାହାଣ୍ଡି ଶାଖା ପକ୍ଷରୁ ମଙ୍ଗଳବାର ଭବାନୀପାଟଣାର ସହଭାଗୀ ବିକାଶ ଅଭିଯାନ କାର୍ଯ୍ୟାଳୟ ପରିସରରେ ସମାଜର ଦ୍ୱିତୀୟ ବାର୍ଷିକ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମାଜର ଇଷ୍ଟଦେବ ଶ୍ରୀ ବୁଢାଦେଓଙ୍କ ପୂଜା ଉତ୍ସବ ପାରମ୍ପରିକ ରିତିରେ ଅନୁଷ୍ଠିତ ହୋଇଥିଲା । ଲବଣୀ କୁମାର ନାଏକଙ୍କ ସ୍ୱାଗତ ଭାଷଣ ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ନିଜ ମଧ୍ୟରେ ସ୍ନେହ ଓ ସୌହାର୍ଦ୍ଦ ବୃଦ୍ଧି କରି ସାମାଜିକ କର୍ମରେ ସମସ୍ତେ ଲିପ୍ତ ରହିଲେ ସମାଜର ସର୍ବବିଧ ମଙ୍ଗଳ ସାଧନ ହୋଇ ପାରିବ ବୋଲି ବକ୍ତାମାନେ ଆଶା ପ୍ରକାଶ କରିଥିଲେ । ଏହି ଅବସରରେ ସମାଜର ମହିଳାମାନଙ୍କ ମଧ୍ୟରେ ଝୋଟି ପ୍ରତିଯୋଗିତା ଓ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କଣ୍ଠ ସଙ୍ଗୀତ ଓ କୁଇଜ୍ ପ୍ରତିଯୋଗୀତ ଆନୁଷ୍ଠିତ ହୋଇଥିଲା । ସମାଜ ପକ୍ଷରୁ ବାସୁଦେବ ନାଏକ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ । କାର୍ଯ୍ୟକ୍ରମକୁ ଖଗେନ୍ଦ୍ର ମାଝି ପରିଚାଳନା କରିଥିବା ବେଳେ ପରମାନନ୍ଦ ମାଝି, ବାସୁଦେବ ନାଏକ, ନାରାୟଣ ନାଏକ, ମହେଶ୍ୱର ମାଝି, ଅଶୋକ କୁମାର ମାଝି, କୁରେସିନ ମାଝି, ବାସୁଦେବ ମାଝି, କାଶୀନାଥ ଦଣ୍ଡସେନା, ଧନୁର୍ଯ୍ୟୟ ମାଝି, ଲୋଚନ ଧରୁଆ, ମୀନିକେତନ ପୁଟା, ଶିବ ସମ୍ରାଟ, ନନ୍ଦକିଶୋର ଧରୁଆ, ରୁଦ୍ର ମୋହନ ନାଏକ, ନିରାକାର ପାତ୍ର, କବି ମାଝି, ହରିଶଙ୍କର ପାତ୍ର, ଦେବରାଜ ମାଝି, ଚୈତନ୍ୟ ମାଝି, ଶ୍ରୀଅକ୍ଷୟ କୁମାର ମାଝି ଓ ଭାରତ ଧରୁଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଖଗେନ୍ଦ୍ର ମାଝି ଧନ୍ୟବାଦ ଅର୍ପଣ କରିଥିଲେ ।


ଜିଲାସ୍ତରୀୟ ନୂଆଁଖାଇ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିବୃନ୍ଦ ।

**ଅଖିଳ ଭାରତୀୟ ଗୋଁଣ୍ଡ ସମାଜ**

## ଜିଲାସ୍ତରୀୟ ବିଜୁ ମହିଳା ଜନତାଦଳର ସମାବେଶ

**କେସିଙ୍ଗା,୧୦।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ଏନଏସି ଆରଏମସି ପ୍ରାଙ୍ଗଣଠାରେ ଜିଲାସ୍ତରୀୟ ବିଜୁମହିଳାଜନତାଦଳମହିଳାସମାବେଶ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଦର ବିଧାୟକ ଅନାମ ନାଏକଙ୍କ ନେତୃତ୍ୱରେ ହୋଇଥିବା ସମାବେଶରେ କଳାହାଣ୍ଡି ଜିଲା ଏମ୍‌ପି ଅର୍କକେଶରୀ ସିଂହଦେଓ, ମୁଖ୍ୟବକ୍ତା ଭାବରେ ହାଲସିଙ୍ଗ ବୋର୍ଡ ଅଧକ୍ଷ ଭୂପିନ୍ଦର ସିଂହ, ବିଜେଡି ଜିଲା ସଭାନେତ୍ରୀ କଲ୍ୟାଣ ନାଏକ, ଜିଲା ସାଧାରଣ ସମ୍ପାଦିକା ପ୍ରିୟଦର୍ଶନୀ ସାହୁ, ଜିଲା ବିଜେଡି ଅନୁସୂଚୀତ ଜାତି ସଭାପତି ସୁରେଶ ମହାନନ୍ଦ ପ୍ରମୁଖ ଯୋଗଦେଇଥିଲେ। ସମାବେଶରେ ନାରୀ ଜାତିର ଉନ୍ନତି, ନାରୀ ସଶକ୍ତିକରଣ, ସ୍ୱୟଂ ସହାୟିକା ଗୋଷ୍ଠୀର ବୃଦ୍ଧି, ନାରୀର ସୁରକ୍ଷା, ନାରୀ ନିର୍ଯାତନା, ମିଶନ ଶକ୍ତିର ଅଭିବୃଦ୍ଧି ଆଦି ବିଷୟରେ ଅତିଥିଗଣ ଆଲୋକପାତ କରିଥିଲେ । ବୁଢ଼ାଡଙ୍ଗର ମନ୍ଦିରଠାରୁ ଆରଏମସି ପଡିଆ ପର୍ଯ୍ୟନ୍ତ ପଦଯାତ୍ରା କରାଯାଇଥିଲା । ଏହି ସମାବେଶରେ ଜିଲା ସଭାପତି ପ୍ରଦୀପ ମୁଣ୍ଡ, ଉପସଭାପତି ଅଶ୍ୱେଶ୍ୱର ବାଗ, ଯୁବ ସଭାପତି ଆଦିତ୍ୟ ନନ୍ଦ ପ୍ରମୁଖ କର୍ମକର୍ତ୍ତା ଯୋଗଦେଇଥିଲେ । ଜିଲାର ବିଭିନ୍ନ ଅଞ୍ଚଳରୁ ହଜାର ହଜାର ମହିଳା, ଯୁବତୀମାନେ ଏହି ସମାବେଶରେ ଯୋଗଦେଇ ବିଭିନ୍ନ ସମସ୍ୟାଗୁଡିକ ବିଧାୟକଙ୍କ ସମ୍ମୁଖରେ ଉପସ୍ଥାପନା କରିଥିଲେ । କେସିଙ୍ଗା ବ୍ଲକ ବାଲସି ଗ୍ରାମର ମା' ତାରିଣୀ ମହିଳା ସଂକିର୍ତ୍ତନ ମଣ୍ଡଳୀ ଦ୍ୱାରା ଅତିଥିଗଣଙ୍କୁ ସ୍ୱାଗତ କରାଯାଇଥିଲା । ପରିଶେଷରେ ସଦର ବିଧାୟକ ଅନାମ ନାଏକ ନାରୀମାନଙ୍କ ବିଭିନ୍ନ ସମସ୍ୟାକୁ ଦୂର କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ।


ମହିଳା ସମାବେଶରେ ମଞ୍ଚାସୀନ ଅତିଥିଗଣ ।



ନିଜର ଦୁର୍ବଳତା କେଉଁଠି ଅଛି, ତାହା ଜାଣି ନ ପାରିବା ହେଉଛି ସବୁଠାରୁ ବଳି ଦୁର୍ଭାଗ୍ୟ।
- କାର୍ଲାଇଲ



## ସଂକ୍ଷେପରେ

### ହିତାଧିକାରୀଙ୍କୁ ଖାଉଟି କାର୍ଡ ବଣ୍ଟନ

ସିଂଘିଯୁବା,୧୦।୧୦(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ ଡିଗ୍ରୀ କଲେଜ ଖେଳପଡ଼ିଆରେ ମଧୁବାବୁ ପେନସନ୍ ଓ ଖାଉଟି କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ଯୋଗଦେଇ ହିତାଧିକାରୀମାନଙ୍କୁ ପ୍ରାମାଣିକ ପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସର୍ବମୋଟ୍ ୧୬୩୩ଜଣ ହିତାଧିକାରୀଙ୍କୁ ଖାଉଟି କାର୍ଡ ବଣ୍ଟନ କରାଯାଇଥିଲା। ୬୮ଜଣଙ୍କୁ ବିଧବା ଭତ୍ତା, ୬୩ଜଣଙ୍କୁ ଦିବ୍ୟାଙ୍ଗ ଭତ୍ତା, ୧୩୬ଜଣଙ୍କୁ ନିଃସହାୟ ଭତ୍ତା ଏବଂ ୩୮୦ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଇଥିଲା। ସମ୍ମାନୀତ ଅତିଥି ଭାବେ ବିନିକା ବ୍ଲକ ଅଧ୍ୟକ୍ଷ ଅଶୋକ ନନ୍ଦ, ବିନିକା ନଗରପାଳ ମମତା ମିଶ୍ର, ଉପ ନଗରପାଳ ତପସ୍ୱିନୀ ମେହେର, ବିନିକା ନଗର କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଃଖିଶ୍ୟାମ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ବିଡିଓ ବିଶ୍ୱରଞ୍ଜନ ମଲ୍ଲିକ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ବେଳେ ସଂଯୋଜନା କରିଥିଲେ ଅଶ୍ୱିନୀ କୁମାର ପାଣ୍ଡେ।

■ ରାଜେନ୍ଦ୍ର କଲେଜ ଛାତ୍ର ସଂସଦ ନିର୍ବାଚନ ବନ୍ଦ ଦାବି ତେଜିଲା

# ନକଲି ପ୍ରମାଣପତ୍ରରେ ମାର୍କ ହାତେଇବା ଅଭିଯୋଗ

**ବଲାଙ୍ଗୀର ଅଫିସ, ୧୦।୧୦**

ବଲାଙ୍ଗୀର ରାଜେନ୍ଦ୍ର କଲେଜ ଛାତ୍ର ସଂସଦ ନିର୍ବାଚନ ବିବାଦୀୟ ହୋଇପଡିଛି। ତୁରନ୍ତ ଛାତ୍ର ସଂସଦ ନିର୍ବାଚନ ବନ୍ଦ ଘୋଷଣା କରିବାକୁ ଦାବି ଜୋର ଧରିଛି। ଗତ ୩ ଦିନ ଧରି ଏହି ଦାବିକୁ ନେଇ କଲେଜ ପରିସର ଅଶାନ୍ତ ହୋଇପଡିଥିବା ବେଳେ ଜିଲା ଛାତ୍ର କଂଗ୍ରେସ ଏବଂ ଯୁବ କଂଗ୍ରେସ ମିଳିତ ଭାବେ ଏକ ଖବରଦାତା ସମ୍ମିଳନୀରେ ରାଜେନ୍ଦ୍ର ମହାବିଦ୍ୟାଳୟ ଅଧ୍ୟକ୍ଷ ଓ ନିର୍ବାଚନ କମିଟି ବିରୋଧରେ ଗୁରୁତର ଅଭିଯୋଗ କରିଛନ୍ତି। ଛାତ୍ର ସଂସଦ ନିର୍ବାଚନ ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା କରାଯାଇ ସରକାରୀ ଦଳ ସମର୍ଥିତ ପ୍ରାର୍ଥୀଙ୍କୁ ଅହେତୁକ ଅନୁକମ୍ପା ଦେଖାଯାଇଛି ବୋଲି ସେମାନେ ଅଭିଯୋଗ କରିଥିଲେ। ଯୁବ କଂଗ୍ରେସ ସଭାପତି ପ୍ରେମ ପ୍ରକାଶ ମିଶ୍ର ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନକୁ ନେଇ ଅନେକ ପ୍ରକାର ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଛି। ଗତ ବର୍ଷ ମଧ୍ୟ ମହାବିଦ୍ୟାଳୟରେ ନିର୍ବାଚନକୁ ନେଇ ପକ୍ଷପାତିତା ହୋଇଥିଲା। ଠିକ୍ ସେହିପରି ଚଳିତ ବର୍ଷ ମଧ୍ୟ କଲେଜ ନିର୍ବାଚନରେ ଅନେକ ଜାଲିଆତି ହୋଇଥିବା ଅଭିଯୋଗ କରିଛନ୍ତି। କଲେଜ ଶ୍ରେଣୀଗୃହରେ ଉପସ୍ଥାନ ଖାତାରେ ଛାତ୍ର ଉପସ୍ଥାନ ପକା ନ ଯାଇ ଘରେ ଉପସ୍ଥାନ ପକାଇ ଚଞ୍ଚକତା କରାଯାଇଥିବା ଅଭିଯୋଗ କରିଥିଲେ। ଏହାବାଦ୍ ନିର୍ବାଚନ ନାମାଙ୍କନ ବେଳେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ କରିଥିଲେ। ରାଜ୍ୟପାଳଙ୍କଠାରୁ ମିଳିଥିବା ପ୍ରମାଣପତ୍ରରେ ମାର୍କ ଦିଆ ନ ଯାଇ ଆର୍‌ଏନ୍ ସିଂଦେଓ ଟେବୁଲ ଟେନିସ୍ ଟୁର୍ନାମେଣ୍ଟ ପ୍ରତିଯୋଗୀ ପ୍ରମାଣପତ୍ରରେ ମାର୍କ ଦିଆଯାଇଥିବା ଅଭିଯୋଗ କରିଥିଲେ। ଆରଏନ୍ ସିଂଦେଓ ଟେବୁଲ ଟେନିସ ଟୁର୍ନାମେଣ୍ଟକୁ ରାଜ୍ୟସ୍ତରୀୟ ପ୍ରତିଯୋଗିତା କୁହାଯାଉଥିଲେ ମଧ୍ୟ ଏନେଇ ସେମାନେ ପ୍ରଶ୍ନ ଉଠାଇବା ସହ ଏଠାରୁ କିଛି ସରକାରୀ ଦଳ ସମର୍ଥିତ ଛାତ୍ର ନକଲି ପ୍ରମାଣପତ୍ର ଯୋଗାଡ କରିଥିବା ଅଭିଯୋଗ କରିଥିଲେ। କଲେଜ କମ୍ପ୍ୟୁଟରରୁ ନାମାଙ୍କନ ଚୁଡାନ୍ତ ଚିଠା ପ୍ରକାଶିତ ହେବା ପୂର୍ବରୁ କିଭଳି ଭାଇରାଲ ହେଲା ବୋଲି ପ୍ରଶ୍ନ କରିଥିଲେ। ଜାଣିଶୁଣି ମେଧାବୀ ଓ ଯୋଗ୍ୟ ଛାତ୍ରୀଛାତ୍ରଙ୍କୁ କଲେଜ ଛାତ୍ର ସଂସଦ ନିର୍ବାଚନରୁ ବାଦ୍ ଦିଆଯାଇ ଅଯୋଗ୍ୟ ସରକାରୀ ସମର୍ଥିତ ପ୍ରାର୍ଥୀଙ୍କୁ ଯୋଗ୍ୟ କରାଯାଇଥିବା ଅଭିଯୋଗ କରିଥିଲେ। ତୁରନ୍ତ ଏଦିଗରେ କାର୍ଯ୍ୟାନୁଷ୍ଠାନ ପୂର୍ବକ ଚଳିତବର୍ଷର କଲେଜ ନିର୍ବାଚନକୁ ବନ୍ଦ ଘୋଷଣା କରାଯିବାକୁ ଦାବି କରିଥିଲେ। ସମ୍ମିଳନୀରେ ପ୍ରେମ ପ୍ରକାଶ ମିଶ୍ରଙ୍କ ସହ ମୁନା ନନ୍ଦ, ବି.ସୁମିତ ପ୍ରଭାକର, କୃଷ୍ଣ ମୋହନ ସାହୁ, ଅଙ୍କିତ ସାହୁ, ଅଭିନାଶ ପ୍ରସାଦ ସାଏ, ମାନସ ଶତପଥି, ପ୍ରବୀଣ କୁମାର ମିଶ୍ର ଛାତ୍ରନେତା ମଞ୍ଚାସୀନ ଥିଲେ। ରାଜେନ୍ଦ୍ର କଲେଜ ଛାତ୍ର ସଂସଦ ନିର୍ବାଚନକୁ ନେଇ ୩ ଦିନ ହେଲା ଉତ୍ତେଜନା ଲାଗିରହିଛି। କଲେଜ କ୍ୟାମ୍ପସରେ ମଙ୍ଗଳବାର ପୋଲିସ ଉପସ୍ଥିତିରେ କିଛି ଉତ୍ୟକ୍ତ ଛାତ୍ର ଭଙ୍ଗାରୁଜା କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଗୁରୁବାର ନିର୍ବାଚନ ଚୁଡାନ୍ତ ଫଳାଫଳ ଘୋଷଣା ହେବାକୁ ଥିବା ବେଳେ ଏହାକୁ ତୀବ୍ର ବିରୋଧ କରାଯାଉଥିବାରୁ ସେଠାରେ ଉତ୍ତେଜନା ମୂଳକ ପରିସ୍ଥିତି ଉପୁଜିବା ଆଶଙ୍କା ରହିଛି।



ଛାତ୍ର ଓ ଯୁବ କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀ।

### ନଭେମ୍ବର ୧୦ରୁ ବଲାଙ୍ଗୀର ଲୋକ ଉତ୍ସବ

**ବଲାଙ୍ଗୀର ଅଫିସ, ୧୦।୧୦**

ନଭେମ୍ବର ୧୦ରୁ ୧୪ ପର୍ଯ୍ୟନ୍ତ ୪ଦିନ ଧରି ୧୯ତମ ବଲାଙ୍ଗୀର ଲୋକ ଉତ୍ସବ ଅନୁଷ୍ଠିତ ହେବ । ଜିଲାପାଳ ଅରିନ୍ଦମ ଡାକୁଆଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ଲୋକ ଉତ୍ସବ ପ୍ରସ୍ତୁତି ବୈଠକରେ ଏନେଇ ନିଷ୍ପତ୍ତି ହୋଇଛି । ବୈଠକରେ ସର୍ବସମ୍ମତିକ୍ରମେ ୧୦ଟି କମିଟି ଗଠନ କରାଯାଇ ଅଧ୍ୟକ୍ଷ ଓ ହସଅଧ୍ୟକ୍ଷ ମନୋନୟନ କରାଯାଇଥିଲା। ଲୋକ ଉତ୍ସବ ଅବସରରେ ପଲ୍ଲୀଶ୍ରୀ ମେଳା, ଶିଳ୍ପମେଳା କରାଯିବାକୁ ନିଷ୍ପତ୍ତି ହୋଇଥିଲା। ରାଜ୍ୟ ଭିତରୁ ଓ ବାହାରୁ ବିଭିନ୍ନ ସାଂସ୍କୃତିକ ଦଳକୁ ଆମନ୍ତ୍ରଣ କରାଯିବା ସହ ଅତିଥି, ଅର୍ଥ ଆଦାୟ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ସଭାରେ ଟିଟିଲାଗଡ଼ ଉପଜିଲାପାଳ ସୁଧାକର ନାଏକ, ପାଟଣାଗଡ଼ ଉପଜିଲାପାଳ ଯଦୁମଣି ମହଲା, ମ୍ୟୁନିସିପାଲିଟି ଅଧ୍ୟକ୍ଷା ସନ୍ତୋଷିନୀ ବେହେରା, ଅତିରିକ୍ତ ଏସ୍‌ପି ସୁବାସ ଜମାଦାର, ନାଗରିକ କମିଟି ସଭାପତି ଭବାନୀ ଶତପଥୀ, ସମ୍ପାଦକ ବିଷ୍ଣୁ ପ୍ରସାଦ କେଡିଆ, ସିଭିଲ ସୋସାଇଟିର ନୀଳମଣି ମିଶ୍ର, ବରିଷ୍ଠ ନାଗରିକ ମଞ୍ଚର ପ୍ରଭାକର ମିଶ୍ର, ନାରାୟଣ ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ।


ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅବସରରେ ବେଲପଡ଼ା ନୋଡାଲ ୟୁପି ସ୍କୁଲ ପ୍ରାଙ୍ଗଣରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

# ବେଲପଡ଼ା ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**ବେଲପଡ଼ା୧୦।୧୦(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୧୮ ବେଲପଡ଼ା ନେଡାଲ ୟୁପି ସ୍କୁଲ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ୧୩ଟି କ୍ଲଷ୍ଟରରେ ହୋଇଥିବା ସୁରଭି କାର୍ଯ୍ୟକ୍ରମରେ କୃତୀକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରମାନଙ୍କ ସହ ସମ୍ପୃକ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗ ଦେଇଥିଲେ। ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ବୈକୁଣ୍ଠ ଶବରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବେଲପଡ଼ା ବିଡିଓ ପ୍ରିୟଦର୍ଶିନୀ ମିର୍ଦ୍ଧା ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ହୃଦାନନ୍ଦ ବେହେରା, ଚତୁର୍ଭୁଜ ମିର୍ଦ୍ଧା, ଜଗବନ୍ଧୁ ମାଝି, ବେଲପଡ଼ା, ନୋଡାଲ ସ୍କୁଲ ପ୍ରଧାନ ଶିକ୍ଷକ ହରେକୃଷ୍ଣ ବାରିକ ପ୍ରମୁଖ ଯୋଗ ଦେଇ ମଞ୍ଚାସିନ ରହିଥିଲେ। ଶିଶୁମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ସହ ରହିଥିବା ଲୁକ୍କାୟିତ ପ୍ରତିଭାଙ୍କୁ ଚିହ୍ନଟ କରିବା ଶିଶୁ ମହୋତ୍ସବ ସୁରଭିର ଲକ୍ଷ ବୋଲି ଅତିରିକ୍ତ ଶିକ୍ଷା ଅଧିକାରୀ ବେହେରା ପ୍ରକାଶ କରିଥିଲେ। ଉଦ୍‌ଘାଟନୀ ସଭା ପରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବରିଷ୍ଠ ଓ କନିଷ୍ଠ ବିଭାଗରେ ପ୍ରବନ୍ଧ, ତର୍କ, ସଂଗୀତ, ନୃତ୍ୟ, ବକ୍ତୃତା, ସୃଜନ ଲିଖନ ପ୍ରତିଯୋଗୀତା ହୋଇଥିଲା। ବିଚାରକ ଭାବେ ଅଧାପକ ମନୋଜ ମହାଖୁଡ, ସୁରେଶ ମେହେର, ନିରଞ୍ଜନ ବେହେରା ରହିଥିଲେ। ଶିକ୍ଷକ ମନୋରଞ୍ଜନ ପୁରୋହିତ ଏବଂ ବଳଦେବ ପାଢୀଙ୍କ ପରିଚାଳନାରେ ପୁରସ୍କାର ବୀତରଣୀ ଉତ୍ସବରେ କୃତୀ ଛାତ୍ରୀଛାତଅମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ସିଆର୍‌ସିସି ସଭାପତି ଦିଲୀପ କୁମାର ପାଢୀଙ୍କ ସମେତ ସମସ୍ତ ସିଆର୍‌ସିସି ଶିକ୍ଷକ ସହଯୋଗ କରିଥିଲେ।

### ଚୋରି ବାଇକ୍ ଉଦ୍ଧାର, ୨ ଗିରଫ

ଝାରସୁଗୁଡା ଅଫିସ,୧୦।୧୦

ବେଦାନ୍ତ କାରଖାନା ନିକଟରୁ ଏହାର ଜଣେ କର୍ମଚାରୀଙ୍କ ଚୋରି ହୋଇଥିବା ଗାଡି ବୁଧବାର ପୋଲିସ ଉଦ୍ଧାର କରିଛି। ଏହି ଘଟଣାରେ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ବିସ୍ଥାପନ କଲୋନୀର ପିଙ୍କୁ ଦେହେରିଆ ଏବଂ ଆଶିଷ ସାହୁ। ସୋମବାର ବେଦାନ୍ତ କର୍ମଚାରୀ ଯୁଧିଷ୍ଠିର ବେହେରାଙ୍କ ଗାଡି ଚୋରି ହୋଇଥିବା ବଡମାଲ ଥାନାରେ ଅଭିଯୋଗ ହୋଇଥିଲା।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

# ପୋଲିସ ଅଧିକାରୀଙ୍କ ବଦଳି ଦାବିରେ ଏସ୍‌ପିଙ୍କୁ ଭେଟିଲେ ମହିଳା

**ବଲାଙ୍ଗୀର ଅଫିସ, ୧୦।୧୦**

ବେଲପଡ଼ା ଥାନା ସରମୁହାଣ ଗ୍ରାମର ସ୍ୱୟଂ ସହାୟକ ଦଳ (ଏସ୍‌ଏଚ୍‌ଜି)ର ମହିଳା ସଦସ୍ୟାମାନେ ବୁଧବାର ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଆସି ବେଲପଡ଼ା ଥାନା ଥାନା ଅଧିକାରୀ ଲୋକନାଥ ସାହୁ ଏବଂ କାଶୀନାଥ ବେହେରାଙ୍କୁ ତୁରନ୍ତ ବଦଳି କରିବା ପାଇଁ ଦାବି କରିଥିଲେ। ସରମୁହାଣ ଗାଁରେ ମହିଳାମାନେ ମଦମୁକ୍ତି ଅଭିଯାନ କରିଥିଲେ। ସେତେବେଳେ ପୋଲିସକୁ ସହଯୋଗ କରିବାକୁ ନିବେଦନ କରିଥିଲେ। ହେଲେ କୌଣସି ସହଯୋଗ ମିଳି ନ ଥିଲା। ଏପରି କି ମହିଳାମାନେ ଜଣେ କୁଚିଆ ମଦ ବେପାରୀକୁ ଧରି ଥାନାରେ ଜିମା ଦେଇ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ତେବେ ପୋଲିସ ସମ୍ପୃକ୍ତ ମଦ ବେପାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରିବା ପରିବର୍ତ୍ତେ ତାଙ୍କୁ ଛାଡି ଦେଇଥିଲା । ଏହାର ପ୍ରତିବାଦରେ ଗତ ସେପ୍ଟେମ୍ବର ମାସରେ ମହିଳାମାନେ ବେଲପଡ଼ା ଥାନା ସମ୍ମୁଖ ରାସ୍ତା ଅବରୋଧ କରି ତୁରନ୍ତ ଥାନା ଅଧିକାରୀ ସାହୁ ଓ ପୋଲିସ ଅଧିକାରୀ ବେହେରାଙ୍କ ବଦଳି ଦାବିକରିଥିଲେ। ସେତେବେଳେ ପାଟଣାଗଡ ଏସ୍‌ଡିପିଓ ଏବଂ କଣ୍ଟାବାଞ୍ଜି ଏସ୍‌ଡିପିଓ ଘଟଣାସ୍ଥଳରେ ପହଞ୍ଚି ଦାବି ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ରାସ୍ତାରୋକ ପ୍ରତ୍ୟାହାର କରାଯାଇଥିଲା। ମଙ୍ଗଳବାର ସରମୁହାଣ ଗାଁର ଜଣେ ମହିଳା ତାଙ୍କ ବ୍ୟକ୍ତିଗତ ସମସ୍ୟା ନେଇ ଥାନାକୁ ଯାଇଥିଲେ । ତେବେ ସେଠାରେ ପୋଲିସ କର୍ମଚାରୀମାନେ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦ ସ୍ୱରୁପ ଗ୍ରାମର ୨୪ଟି ମହିଳା ସ୍ୱୟ ସହାୟକ ଦଳର ସଦସ୍ୟାମାନେ ବୁଧବାର ବଲାଙ୍ଗୀର ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଆସି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ମହିଳାମାନେ ଚେତାବନୀ ଦେଇଛନ୍ତି।


ବଲାଙ୍ଗୀର ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଅଭିଯୋଗ କରିବାକୁ ଆସିଥିବା ବେଲପଡ଼ା ଥାନା ସରମୁହାଣ ଗ୍ରାମର ମହିଳାମାନେ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

SPOT ADMISSION
B.Ed
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
CT(D.El.Ed)
Equivalent to Board of Secondary Education Odisha
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

Jeevanjyoti Finance
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ
(କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538
8901770631

Vasundra Financial Services
(Govt. Registered)
(Regd. No.:- odhCPR0533821)
ଆଧାରକାର୍ଡ, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଗ୍ରୁପ୍ ଋଣ, କୃଷି ଏବଂ ସବୁ ପ୍ରକାର ଋଣ ସହଜ କିସ୍ତିରେ ସରକାରୀ ବ୍ୟାଙ୍କ ଦ୍ୱାରା ଘରେ ବସି ପାଆନ୍ତୁ 2% ସୁଧ 50% Govt. Subsidy. ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ ।
Mahatab Nagar, Bulandshahr, Sikandrabad, U.P.
8295842976
8295842985

TOWER VISION
(GOVT. APPROVED)
ଭାରତର ନଂ.1 କମ୍ପାନୀ
କମ୍ପାନୀ ଦ୍ୱାରା ସବୁ କମ୍ପାନୀର 3G/4G ଉପକରଣ ଲଗାନ୍ତୁ ।
ଅଗ୍ରିମ 60 ଲକ୍ଷ, ଭଡ଼ା 40,000/-, ଅନ୍ୟାନ୍ୟ ଲାଭ 20,000/- ପାଆନ୍ତୁ ନିଜ ଜମି, ଛାତ, ପ୍ଲଟ୍‌କୁ ଭଡ଼ାରେ ଦେଇ + ବାଇକ୍ + ବୀମା (ଏଜେଣ୍ଟ ଆମନ୍ତ୍ରିତ)
08818956614
09753490869
ରାମ ନଗର ନାରନୋର, ହରିୟାଣା।

INDIA'S NO.1 Govt. Approved SLT Company
ଦ୍ୱାରା ଖାଲି ଜମି, ଛାତ, ପ୍ଲଟରେ ସବୁ କମ୍ପାନୀର ଡିଜିଟାଲ ଉପକରଣ ଲଗାନ୍ତୁ । ଅଗ୍ରିମ - 55 ଲକ୍ଷ, ଭଡ଼ା - 65000/- + ଅନ୍ୟାନ୍ୟ ସୁବିଧା + 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ + ବୀମା ମାଗଣା।
(ଦ୍ରଷ୍ଟବ୍ୟ- ସରକାରଙ୍କ ଦ୍ୱାରା 780 ଡିଜିଟାଲ ଉପକରଣ ଲଗାଇବାର ଅନୁମତି)
8750226673
9667741675
T-51, Gali No.8, Gautampuri, Delhi-110053

SMS JOB
SEND SMS, EARN MONEY
AITEL - GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାତ୍ର ୧୦୦ କରି SMS ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ !
କମ୍ପାନୀ ଦ୍ୱାରା Mobile + Laptop + Bike SIM + 5000/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
07367075431
07367075342

Dhanlaxmi Finance Services
ସରକାରଙ୍କ ଦ୍ୱାରା ପଞ୍ଜୀକୃତ
(Reg No.- od6789dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ଗ୍ରୁପ୍ ଋଣ 72 ଘଣ୍ଟାରେ ପାଆନ୍ତୁ ।
1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ ମାତ୍ର 1% ସୁଧ, 40% ରିହାତି।
For more details contact:
9193648139
SATAPADA, PURI, ODISHA - 752011

T.C.F. FINANCE
ଋଣ ମାତ୍ର 6 ଘଣ୍ଟାରେ ।
ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍, ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି।
08418002678
08859668547
39, Patel Nagar, Saharanpur Road, Dehradun - 248001

SAGAR FINANCE
ଋଣ ଟଙ୍କା ଡାଇରେକ୍ଟ ଟ୍ରାନ୍ସଫର୍ ହେବ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ୭୨ ଘଣ୍ଟା ମଧ୍ୟରେ । ପର୍ସନାଲ, ପ୍ରପର୍ଟି , ଏଗ୍ରିକଲଚର୍, ମାର୍କସିଟ ଭଳି ସମସ୍ତ ପ୍ରକାର ଋଣ ବର୍ଷକୁ 3% ସୁଦରେ ଉପଲବ୍ଧ । ( ଏଜେଣ୍ଟ ଆମନ୍ତ୍ରିତ )
34/5, 1st Floor, Palam Vihar, Gurugram, Haryana
8920535530
8826532451

CTL Digital Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - ୨୦ ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ବାଇକ୍ + ମାସିକ 30,000 ର ଅନ୍ୟାନ୍ୟ ସୁବିଧା। ମହିଳାଙ୍କ ପାଇଁ ବିଶେଷ ରିହାତି । ଏଗ୍ରୀମେଣ୍ଟ ଦେୟ 1750/-
ଠିକଣା:- ମୁଖ୍ୟ କାର୍ଯ୍ୟାଳୟ କି-7୨, ଆଦର୍ଶ ନଗର, କ୍ରୋଲବାଗ
Contact :- 7894865978,7894865768

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free
18001214188
8556894339
Office Add.: 102, Dalamal House, 3rd Floor, Nariman Point, Mumbai

Urbasi Oil & Capsules
ନାରୀର ସୌନ୍ଦର୍ଯ୍ୟତା ପାଇଁ ବ୍ୟବହାର କରନ୍ତୁ ।
Bhaskar's semegra (Oil & Capsules)
ଶକ୍ତି ବଢ଼ାଇ ଉତ୍ତେଜନା ଆଣି ମସ୍ତିରେ ରଖେ
ସବୁଠାରୁ ଉତ୍ତମ ଓ ସବୁଠାରୁ ଶସ୍ତା
60 Capsul only Rs. 270/-
ସମସ୍ତ ଔଷଧ ଦୋକାନରେ ଉପଲବ୍ଧ ।
Stockist-Odisha Drug Distributor
Cell: 7873239883

BHARATI FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Business, Personal, Property, Home, କୃଷି, ଶିକ୍ଷା ଓ Marksheet ସମସ୍ତ ପ୍ରକାର Loan Bharati Finance ଯୋଗାଇ ଦେଉଛି। 2% ସୁଧ।
M : 7750921669
8337956019

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖୋଲା ଚ୍ୟାଲେଞ୍ଜ
ଯେଉଁଠି ଆନ ସେଠି ହେବ A to Z ସମସ୍ୟାର 2 ଘଣ୍ଟାରେ ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଟେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ହଜରତ ଉସ୍‌ମାନ୍
21 ଵୈଦିକ ବିଦ୍ୟାରେ ନିପୁଣ
9873361894, 9654673664

ଶୁଭ ଜନଲକ୍ଷ୍ମୀ ଫାଇନାନ୍ସ
ଆବଶ୍ୟକତା ଅଛି ଶୁଭ ଜନଲକ୍ଷ୍ମୀ ଫାଇନାନ୍ସ କମ୍ପାନୀକୁ ଓଡ଼ିଶାରେ ଏଜେଣ୍ଟ, ଡିଲର ପଏଣ୍ଟ, ମାଇକ୍ରୋ ଫାଇନାନ୍ସ, ଫିଲଡ୍ ଅଫିସରମାନଙ୍କର, Fixed Salary– 25,000 to 35,000 + କମିଶନ, ଲୋନ, ପର୍ସନାଲ ଲୋନ, ଲୋନ୍ ଏଗ୍ରେଷ୍ଟ ପ୍ରପର୍ଟି ସଂପର୍କ କରନ୍ତୁ।
D2/A, Ambedkar Bhawan Near Paribartan Square, Lucknow, Delhi
9958114799
9667313428

କଣ ଆପଣ ଅସୁବିଧାରେ ଅଛନ୍ତି କି?
ଅଲଇଣ୍ଡିଆ ଖୋଲା ଚାଲେଞ୍ଜ
୨ ଘଣ୍ଟାରେ ୧୦୦% ସମାଧାନ
କାମ ନହେଲେ ଟଙ୍କା ଫେରସ୍ତ
ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା ସଇତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି ରୋଗରେ ଔଷଧ ନ ଲାଗିବ କ୍ୟାରିୟରରେ ଅସଫଳତା।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି ?
କାନ୍ଦିଲେ ନୁହେଁ ଦେଖାକଲେ କଷ୍ଟ ଦୁରହେବ !
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
ମନଚାହିଁ ବିବାହ, ବ୍ୟବସାୟ, ଗୃହକ୍ଲେଶ, କିୟା କରାୟା, ବିବାହରେ ବାଧା, ସଉତୁଣୀ ଓ ଶତ୍ରୁ ମୁକ୍ତି, ରୋଗରେ ଔଷଧ ନ ଧରିବା, କ୍ୟାରିୟରରେ ଅସଫଳତା, ବଶୀକରଣ, ମୁଠକରନୀ, ଯାଦୁଟୋଣା, ଭୂତପ୍ରେତ ଆଦି ଜଟିଳ ରୁ ଜଟିଳ ସମସ୍ୟାର ସମାଧାନ ।
(ସ୍ପେଶାଲିଷ୍ଟ- ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ )
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଚି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବସରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336

ଧନଲକ୍ଷ୍ମୀ ଫାଇନାନ୍ସ
!! ବିନା ଗ୍ୟାରେଣ୍ଟର !! ସ୍ୱରୋଜଗାର ପାଇଁ
8ମ/ 10ମ ପାସ୍ ମହିଳା/ପୁରୁଷ
ମାର୍କଶିଟ୍, ବ୍ୟବସାୟ, ଦୋକାନୀ, ପ୍ରପର୍ଟି
2,00,000-25,00,000 ପର୍ଯ୍ୟନ୍ତ
1% ସୁଧ 25% ରିହାତି
20 ବର୍ଷରେ ଫେରସ୍ତ
8448812163
8130564846
Add : - 41/14, Sec-1 Pushp Vihar, Delhi


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |



ଅହଂଭାବଟି ତୁମକୁ ଟିକିଏ ଫୁଲେଇ ଦେଇପାରେ, କିନ୍ତୁ ତାହା ବୋଲି ତୁମକୁ ଉପରକୁ ଉଠାଇ ପାରିବ ନାହିଁ।
- ଜନ୍ ରସ୍କିନ୍



## ସଂକ୍ଷେପରେ



### ୫ ଫୁଟର ନାଗ ଉଦ୍ଧାର

**ରାଉରକେଲା ଅଫିସ,୧୦।୧୦-** ମଙ୍ଗଳବାର ବିଳମ୍ବିତ ରାତିରେ ଛେଣ୍ଡ ଅଞ୍ଚଳରୁ ଏକ ନାଗସାପ ଉଦ୍ଧାର କରାଯାଇଛି। ଏହାର ଲମ୍ବା ୫ଫୁଟ ହେବ ବୋଲି ଅନୁମାନ କରାଯାଇଛି। ସାପଟିକୁ ବୁଧବାର ବନବିଭାଗ ସହାୟତାରେ ଜଙ୍ଗଲରେ ଛାଡି ଦିଆଯାଇଛି। ସୂଚନାନୁସାରେ ଛେଣ୍ଡ ଅଞ୍ଚଳ ବାସିନ୍ଦା କେଦାରନାଥ ପାଢୀଙ୍କ ଖପର ଘର ଉପରେ ଏକ ନାଗ ସାପ ଚଢିଥିବା ବେଳେ ସେ ଏହାକୁ ଦେଖିଥିଲେ। ଏ ନେଇ ପାଢୀ ବନ କର୍ମଚାରୀଙ୍କୁ ଖବର ଦେବା ପରେ ସାପଟିକୁ ଧରିବାକୁ ଉଦ୍ୟମ କରାଯାଇଥିଲା। ଏହା ସତ୍ତ୍ୱେ ନାଗ ସାପଟି ଖସିଯାଇ ସେହି ଘରେ ଲୁଚି ରହିଥିଲା। ପରେ ସ୍ନେକ ହେଲ୍ପ ଲାଇନ ସ୍ୱେଚ୍ଛାସେବୀ ଦେବାନନ୍ଦ ବେହେରାଙ୍କୁ ଡକାଯିବାରୁ ସେ ସାପଟିକୁ ଧରି ବନ ବିଭାଗକୁ ହସ୍ତାନ୍ତର କରିଥିଲେ।

■ ସେକ୍ଟର-୮ ଦୁର୍ଗାପୂଜା ପଡ଼ିଆ

# ଶୋଭା ପାଇବ ଯୋଧପୁର ରାଜ ପ୍ରାସାଦ




**ରାଉରକେଲା ଅଫିସ,୧୦।୧୦**

ସାର୍ବଜନୀନ ଦୁର୍ଗା ପୂଜାକୁ ହାତରେ ଦିନ କେଇଟା ବାକି ରହିଛି। ଏପରି ଅବସ୍ଥାରେ ମୂର୍ତ୍ତି, ପେଣ୍ଡାଲ ଆଦିକୁ ଶେଷ ରୂପ ଦେବାରେ ଲାଗି ପଡିଛନ୍ତି ଶିଳ୍ପୀ, କାରିଗର। ଏଥରକୁ ମିଶାଇ ୫୫ବର୍ଷରେ ପହଞ୍ଚିଥିବା ସେକ୍ଟର-୮ ଦୁର୍ଗା ପୂଜା କମିଟି ପକ୍ଷରୁ ନୂଆ ଢଙ୍ଗରେ ଯୋଧପୁର ରାଜ ପ୍ରାସାଦ ପ୍ରତିକୃତି ନିଶ୍ଚିତ ଦର୍ଶକଙ୍କୁ ଆକର୍ଷଣ କରିବ ବୋଲି ଆଶା ବ୍ୟକ୍ତ କରାଯାଇଛି। ସମୁଦାୟ ୯ଲକ୍ଷ ବ୍ୟୟ ବରାଦ ରହିଛି ପୂଜା ଖର୍ଚ୍ଚ ପାଇଁ। ଦୀର୍ଘ ୧୪୦ଫୁଟ ଚଉଡା ଓ ୯୦ଫୁଟ ଉଚ୍ଚତା ବିଶିଷ୍ଟ ପ୍ରାସାଦକୁ ୧୧ହଜାର ଫୁଟ ଲମ୍ବ କପଡାରେ ସଜା ଯାଉଛି। ସାଢେ ୩ଟ୍ରକ ବାଉଁଶ ଓ ୮୫୦ସିଏଫଟି କାଠ ବଷ୍ଟନରେ ତୋରଣ ନିର୍ମାଣ କରାଯାଉଛି। ଏ ନେଇ କୋଲକାତାରୁ ଆସିଥିବା ୨୧ଜଣ କାରିଗର କାମରେ ଲାଗିଛନ୍ତି। ସେହିପରି ୧୮ଫୁଟ ଉଚ୍ଚ ଓ ୧୩ଫୁଟ ଚଉଡା ବିଶିଷ୍ଟ ମାଙ୍କ ମୂର୍ତ୍ତୀ ନିର୍ମାଣ କରିବାକୁ ଯାଜପୁରର ୬ଜଣ କାରିଗରଙ୍କୁ କାମରେ ଲଗା ଯାଇଛି। ଓଡିଏଣ୍ଟାଲ ମୂର୍ତ୍ତି କିପରି ଅନ୍ୟମାନଙ୍କଠୁ ଆକର୍ଷଣୀୟ ହେବ ସେ ଦିଗରେ ଶିଳ୍ପି ବିଶେଷ ଦୃଷ୍ଟି ଦେଉଥିବା କୁହାଯାଇଛି। ପୂର୍ବପରି ପୂଜା ଦାଣ୍ଡରେ ୨ଶହରୁ ଉର୍ଦ୍ଧ୍ୱ ବ୍ୟବସାୟୀ ମୀନା ବଜାର ଖୋଲିବେ। ଅର୍ଦ୍ଧ ଶତାବ୍ଦୀର ଏହି ପୂଜା ପେଣ୍ଡାଲର ଗାରିମା ବଜାୟ ରଖିବାକୁ କମିଟି ସମସ୍ତ ପ୍ରକାର ପ୍ରଯନ୍ନ କରିଛି। ପୂଜାବିଧି ପାଳନ ସହ ଶାନ୍ତିଶୃଙ୍ଖଳା, ପ୍ରସାଦ ସେବନ ନେଇ କର୍ମକର୍ତ୍ତାଙ୍କ ବ୍ୟସ୍ତତା ବଢି ଯାଇଛି।



ସେକ୍ଟର-୮ ଦୁର୍ଗା ପୂଜା କମିଟି ପକ୍ଷରୁ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଯୋରଦାର ପ୍ରସ୍ତୁତି ଚାଲିଛି।

### ପୂଜା କମିଟି କର୍ମକର୍ତ୍ତାଙ୍କ ମୁହଁରୁ..



ରିଂ ରୋଡ ପାର୍ଶ୍ୱ ସେକ୍ଟର-୮ ଦୁର୍ଗା ପୂଜା ପ୍ରତି ଶ୍ରଦ୍ଧାଳୁଙ୍କ ସ୍ୱତନ୍ତ୍ର ଆକର୍ଷଣ ରହି ଆସିଛି। ଆମେ ପ୍ରତିବର୍ଷ ନୂଆ ଡିଜଇନର ତୋରଣ ନିର୍ମାଣ ସାଙ୍ଗକୁ ମା' ଦୁର୍ଗାଙ୍କ ମୂର୍ତ୍ତି କିପରି ସରଶ ସୁନ୍ଦର ହେବ ସେ ଦିଗରେ ଧ୍ୟାନ ଦେଉ। ଏଥର ମଧ ଏ ନେଇ ପ୍ରଯନ୍ନ କରିଛୁ। ଶାନ୍ତି ଶୃଙ୍ଖଳାରେ ମହିଳାମାନେ କିପରି ମା'ଙ୍କୁ ଦର୍ଶନ କରିବେ ସେ ଦିଗରେ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। - **ସଞ୍ଜୟ ରାୟ, ସଭାପତି**



ପ୍ରତିବର୍ଷ ପରି ପୂଜା ପାଳନ ନେଇ ଆମ ଆୟୋଜକ ଗୋଷ୍ଠୀଙ୍କ ମଧରେ ବେଶ ଉତ୍ସାହ ରହିଛି। ସେହି ଅନୁସାରେ ମୂର୍ତ୍ତି ନିର୍ମାଣ ଠୁ ନେଇ ସାଜସଜ୍ଜା, ଆଲୋକୀକରଣ ପ୍ରତି ମଧ ବିଶେଷ ଦୃଷ୍ଟି ଦିଆଯାଇଛି। ଯୋଧପୁର ରାଜ ପ୍ୟାଲେସ ନିଶ୍ଚିତ ଭାବେ ଶ୍ରଦ୍ଧାଳୁଙ୍କୁ ପସନ୍ଦ ଆସିବ ବୋଲି ଆମର ବିଶ୍ୱାସ ରହିଛି।
- **ଶ୍ରୀକାନ୍ତ ମହାପାତ୍ର, ସାଧାରଣ ସମ୍ପାଦକ**

■ ନିଯୁକ୍ତିପ୍ରାପ୍ତ ବାସଚ୍ୟୁତଙ୍କ କାଗଜପତ୍ର ଯାଞ୍ଚ ପ୍ରସଙ୍ଗ

# ଶ୍ରମିକ ସଂଘର ଦୃଢ଼ ବିରୋଧ

**ରାଉରକେଲା ଅଫିସ,୧୦।୧୦**

ଆରଏସପିରେ ନିଯୁକ୍ତିପ୍ରାପ୍ତ ବାସଚ୍ୟୁତଙ୍କ ନଥିପତ୍ର ଯାଞ୍ଚ ଏକ ପ୍ରହସନ। ନିଯୁକ୍ତି ପାଇବାର ୨୦ବର୍ଷ ପରେ ଏଭଳି ଯାଞ୍ଚ କରାଯିବା ଘଟଣାକୁ ରାଉରକେଲା ଶ୍ରମକ ସଂଘ ଦୃଢ ବିରୋଧ କରିଛି। ରାଜନୈତିକ ମନ୍ଦ ଉଦ୍ଦେଶ୍ୟ ରଖି ବାସଚ୍ୟୁତଙ୍କୁ ନିନ୍ଦିତ କରିବାକୁ ଏଭଳି ହୀନ ଉଦ୍ୟମ କରାଯାଉଛି। ସେମାନଙ୍କ ପରିବାର ମନରେ ଏହା ଘୋର ଆଘାତ ଦେଇଥିବାବେଳେ ଏ ନେଇ ଅନେକ ମାନସିକ ଚାପରେ ଥିବା କହିଛି ଶ୍ରମିକ ସଂଘ। ଏହାକୁ କୌଣସି ପରିସ୍ଥିତିରେ ଗ୍ରହଣ କରାଯାଇ ପାରିବନି ବୋଲି କହିଛନ୍ତି ସଂଗଠନ ସଭାନେତ୍ରୀ ଡିଏସ ପାନିକର ଓ ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରା। ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ କର୍ମକର୍ତ୍ତାଙ୍କ ଇଙ୍ଗିତରେ ଏଭଳି ଭେରିଫିକେଶନ କରାଯିବା ଅତ୍ୟନ୍ତ ନିନ୍ଦନୀୟ ଘଟଣା। କେନ୍ଦ୍ର ଜନଜାତି କମିଶନଙ୍କ ରାଉରକେଲା ଗସ୍ତ ଅବସରରେ ସମ୍ପୃକ୍ତ ରାଜନୈତିକ ଦଳ କର୍ମକର୍ତ୍ତା ବାସଚ୍ୟୁତ ପରିବାରଙ୍କ ବିରୋଧରେ ଏଭଳି ଅଭିଯୋଗ କରିଥିଲେ। ଏହି ମର୍ମରେ ତାଙ୍କୁ ଜଣେ କେନ୍ଦ୍ରମନ୍ତ୍ରୀ ସହଯୋଗ କରିଥିଲେ ବୋଲି ଶ୍ରମିକ ସଂଘ ଅଭିଯୋଗ କରିଛି। ଘଟଣାର ପର୍ଯ୍ୟାପ୍ତ ତର୍ଜମା ନ କରି ହଠାତ ନିଯୁକ୍ତିପ୍ରାପ୍ତ ବାସଚ୍ୟୁତଙ୍କ ସମ୍ବନ୍ଧରେ ଯାଞ୍ଚ କରାଯିବା ସେମାନଙ୍କ ପ୍ରତି ଅସମ୍ମାନ ବୋଲି କହିଛି ଆରଏସଏସ। ଦୀର୍ଘ ୨୦ବର୍ଷ ପରେ ଜଣେ ଅନାମଧେୟ ବ୍ୟକ୍ତିଙ୍କ ଅଭିଯୋଗକ୍ରମେ ଆରଏସପିର ୪ଶହରୁ ଉର୍ଦ୍ଧ୍ୱ ନିଯୁକ୍ତିପ୍ରାପ୍ତ ବାସଚ୍ୟୁତଙ୍କ କାଗଜପତ୍ର ପୁନଃ ଯାଞ୍ଚ କାରଯିବା ଏକ ନିନ୍ଦନୀୟ ପଦକ୍ଷେପ। ଏ ନେଇ ଷଡଯନ୍ତ ରଚିଥିବା ଡାହାଣି ଏବେ ଗୁଣିଆ ଭୂମିକାରେ ବୋଲି ୟୁନିୟନ କଟାକ୍ଷ କରିଛି। ନିଜ ଲୋକଙ୍କୁ କହି କାଗଜପତ୍ର ଯାଞ୍ଚ ଆରମ୍ଭ କରିବା ଓ ପରେ ଏହାକୁ ଚାପି ଦେବାକୁ ପ୍ରସ୍ତୁତ ଏଭଳି ଘଟଣାର ସତ୍ୟତା ପ୍ରତିପାଦନ କରୁଛି ବୋଲି ଆରଏସଏସ ପକ୍ଷରୁ କୁହାଯାଇଛି। ଏପରି ଘୃଣ୍ୟ ଓ ଅଗଣତାନ୍ତ୍ରିକ କାର୍ଯ୍ୟକୁ ତୁରନ୍ତ ବନ୍ଦ କରାଯାଉ ବୋଲି ରାଉରକେଲା ଶ୍ରମିକ ସଂଘ ପକ୍ଷରୁ ଏକ ବିବୃତିରେ ଦାବି କରାଯାଇଛି। ଅନ୍ୟଥା ଯେଉଁ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ କର୍ତ୍ତୃପକ୍ଷ ଦାୟୀ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

# ନୂଆ ମତଦାତାଙ୍କୁ ଭୋଟର ତାଲିକାରେ ଯୋଡିବାକୁ ଉଦ୍ୟମ

**ରାଉରକେଲା ଅଫିସ,୧୦।୧୦**

ଭାରତୀୟ ଜନତା ଯୁବ ମୋର୍ଚ୍ଚା ପାନପୋଷ ସାଂଗଠନିକ ଜିଲା ପକ୍ଷରୁ ମିଲେନିୟମ ନୂତନ ଭୋଟର ସଂଯୋଗ ପାଇଁ ବୁଧବାର ଏକ ପ୍ରସ୍ତୁତ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୀରମିତ୍ରପୁର, ରାଉରକେଲା ଏବଂ ରଘୁନାଥପାଲ୍ଲୀ ବିଧାନସଭା କ୍ଷେତ୍ରର ପାର୍ଟି କାର୍ଯ୍ୟାଳୟ ସେକ୍ଟର-୩ଠାରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଭୋଟର ଲିଷ୍ଟରେ ଏମାନଙ୍କ ନାମ କିପରି ସଂଯୋଗ କରାଯିବ ସେ ନେଇ ଯୁବ ମୋର୍ଚ୍ଚା ପ୍ରୟାସ କରିବ ବୋଲି କୁହାଯାଇଥିଲା। ଅଧିକାଂଶ ନୂତନ ଭୋଟର ଏ ନେଇ କିପରି ଆଗ୍ରହୀ ହେବେ ସେ ଦିଗରେ ମୋର୍ଚ୍ଚା ଧ୍ୟାନ ଦେବ। ୧୮ରୁ ଉର୍ଦ୍ଧ୍ୱ ନୂତନ ଭୋଟରଙ୍କୁ ତଲିକାରେ ସଂଯୋଗ ପାଇଁ ଯୋଜନା କରାଯିବ ବୋଲି ସଭାପତି ଦେବେନ୍ଦ୍ର ବୀରଗଣ୍ଡିଆ ସୂଚନା ଦେଇଥିଲେ। ବିଭିନ୍ନ କଲେଜ ତଥା ଶିକ୍ଷାନୁଷ୍ଠାନ ଓ ଆଞ୍ଚଳିକ ସ୍ତରରେ ଯୋଗାଯୋଗ ଜାରି ରଖିବାକୁ ସେ ଉପସ୍ଥିତ ଯୁବ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଏଥିରେ ରାଜ୍ୟ କୋର୍ଅର୍ଡିନେଟର ବିଶ୍ୱଜିତ ଷଡଙ୍ଗୀ, ଜିଲା ଉପ ସଭାପତି ତପନ ସ୍ୱାଇଁ, ପୂର୍ବତନ ବିଧାୟକ ଶଙ୍କର ଓରାମ ପ୍ରମୁଖ ଉପସ୍ଥିତ ଥିଲେ।




ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ପାର୍ଟି କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

■ ଜଲଦା ସେବାଶ୍ରମରେ ରାଜ୍ୟପାଳ

# ଛାତ୍ରୀଛାତ୍ର ନିଜ ଲକ୍ଷ୍ୟ ସ୍ଥିର କରିବା ଉଚିତ

**ରାଉରକେଲା ଅଫିସ,୧୦।୧୦**

ରାଜ୍ୟପାଳ ପ୍ରଫେସର ଗଣେଷିଲାଲ ରାଉରକେଲା ଗସ୍ତ ସମୟରେ ମଙ୍ଗଳବାର ବିଳମ୍ବିତ ସନ୍ଧ୍ୟାରେ ରାଉରକେଲା ହାଉସଠାରେ ଜିଲାପାଳ ସୁରେନ୍ଦ୍ର ମୀନା, ଅତିରିକ୍ତ ଜିଲାପାଳ ମୋନିଷା ବାନାର୍ଜୀ ଓ ଆରଏମସି କମିଶନର ରଶ୍ମିତା ପଣ୍ଡା ପ୍ରମୁଖଙ୍କ ସହ ସରକାରଙ୍କ ବିଭିନ୍ନ ଯୋଜନା ନେଇ ଆଲୋଚନା କରିଥିଲେ। ଏହି ଅବସରରେ ତାଙ୍କୁ ଭାଜପାର କିଛି ବରିଷ୍ଠ ନେତା ସୌଜନ୍ୟମୂଳକ ସାକ୍ଷାତ କରି ବିଭିନ୍ନ ପ୍ରସଙ୍ଗରେ ମତ ବିନିମୟ କରିଥିଲେ। ବୁଧବାର ସେ ଲାଠିକଟା ବ୍ଲକ ଅନ୍ତର୍ଗତ ଜଲଦା ପଞ୍ଚାୟତର ସେବାଶ୍ରମ ସ୍କୁଲ ଗସ୍ତରେ ଆସି ସେଠାକାର ଛାତ୍ରୀଛାତ୍ରଙ୍କ ସହ ମନଖୋଲି କଥା ହୋଇଥିଲେ। ସେ କହିଥିଲେ ଜୀବନର ସବୁଠୁ ମୂଲ୍ୟବାନ ମୁହୂର୍ତ୍ତ ହେଉଛି ବାଲ୍ୟକାଳ। ପିଲା ହେଉଛନ୍ତି ଈଶ୍ୱରଙ୍କ ପ୍ରତିରୂପ। ଯେଉଁଠି ପାପ, ହିଂସା, ଅସୂୟା ପରିବର୍ତ୍ତେ ମନର ନିଷ୍ପାପ ଭାବକୁ ଅନୁଭବ କରାଯାଏ। ସମୟ ବଦଳିବା ସାଙ୍ଗକୁ ଏଥିରେ ପରିବର୍ତ୍ତନ ଆସେ। ବିଦ୍ୟାଳୟ ଜୀବନ ପ୍ରାରମ୍ଭରୁ ଛାତ୍ରୀଛାତ୍ର ନିଜ ଲକ୍ଷ୍ୟ ସ୍ଥିର କରି ନେବା ଉଚିତ ବୋଲି ଗଣେଷିଲାଲ କହିଥିଲେ। ପରିବାର, ସମାଜ ଓ ଦେଶ ପାଇଁ ଆମେ କିଛି ଭଲ କାମ କଲେ ମାନବ ଜୀବନର ସାର୍ଥକତା ରହିବ। ଭେଦଭାବ ଭୁଲି ପିଲାମାନେ ଆତ୍ମ ବିଶ୍ୱାସ ସହ ଆଗକୁ ବଢନ୍ତୁ ବୋଲି ରାଜ୍ୟପାଳ କହିଥିଲେ। ପରେ ସେ ସ୍ଥାନୀୟ ପଞ୍ଚାୟତକୁ ଆସି ଭିନ୍ନକ୍ଷମଙ୍କୁ ହୁଇଲ ଚେୟାର ଆଦି ବଣ୍ଟନ କରିଥିଲେ। ଏହି ଅବସରରେ ରାଜ୍ୟପାଳ ସମ୍ପୃକ୍ତ ଅଞ୍ଚଳର ପଞ୍ଚାୟତ ପ୍ରତିନିଧିଙ୍କ ସହ ଭାବ ବିନିୟମ କରିଥିଲେ। ନିଜ ଅଞ୍ଚଳ, ସମାଜ ଓ ଦେଶ ପାଇଁ ଉତ୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ଏଥିରେ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ସଚିବ ମଧୁସୂଦନ ପାଢୀ, ଜିଲାପାଳ ସୁରେନ୍ଦ୍ର ମୀନା, ପୋଲିସ ଆରକ୍ଷୀ ଅଧିକ୍ଷକ ଡଃ. ଉମାଶଙ୍କର ଦାସ ଓ ଆରଏମସି କମିଶନର ରଶ୍ମିତା ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ।




ସେବାଶ୍ରମ ସ୍କୁଲରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟପାଳ ଗଣେଷିଲାଲଙ୍କ ସମେତ ଅନ୍ୟମାନେ।

# ଷ୍ଟିଲ୍ ସିଟିରେ ଅନ୍ତର୍ଜାତୀୟ ହକି ମ୍ୟାଚ୍ ଆୟୋଜନ ଦାବି

**ରାଉରକେଲା ଅଫିସ,୧୦।୧୦**

ଆଉ କିଛି ଦିନର ବ୍ୟବଧାନ ପରେ ଭୁବନେଶ୍ୱରଠାରେ ୱାର୍ଲ୍ଡ କପ ହକି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏ ନେଇ ରାଜ୍ୟ ସରକାର ସମସ୍ତ ଶ୍ରେୟର ଅଧିକାରୀ। ଏହା ଦ୍ୱାରା ସମଗ୍ର ବିଶ୍ୱରେ ଓଡିଶାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହେବ। ତେବେ ସୁନ୍ଦରଗଡ ଜିଲାର ରାଉରକେଲାଠାରେ ୨ରୁ ୪ଟି ମ୍ୟାଚ୍ ଆୟୋଜନ କରାଗଲେ ଏହା ନିଶ୍ଚିତ ହକିର ଏନ୍ଥୁଡିଶାଳ ପ୍ରତି ଗୌରବ ଆଣି ଦେଇପାରନ୍ତା ବୋଲି ଜନଶକ୍ତି ମଜଦୁର ସଭାର ରାଜ୍ୟ ସଭାପତି ନୀରଞ୍ଜନ ନାୟକ ଏକ ବିବୃତ୍ତିରେ ପ୍ରକାଶ କରିଛନ୍ତି। ଏହି ମର୍ମରେ ସଂଗଠନ ପକ୍ଷରୁ କେନ୍ଦ୍ରମନ୍ତ୍ରୀ ରାମବିଳାସ ପାଶ୍ୱାନ ଓ କ୍ରୀଡାମନ୍ତ୍ରୀ ରାଜ୍ୟ ବର୍ଦ୍ଧନ ସିଂ ରାଠୋରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ସ୍ମାରକ ପତ୍ରରେ କୋଚ ମେରୀ ମିନାକ୍ଷୀ ପୂର୍ତ୍ତୀ, ଇଗ୍ନେଶ ଡୁଙ୍ଗଡୁଙ୍ଗ ଦିଲୀପ ସାମଲ, ଶିବନାଥ ଖାଖା, ଅମ୍ରିତା ଲୁଗୁନ ଓ ଜଗନ୍ନାଥ ଦାସ ପ୍ରମୁଖ ଏଭଳି ଦାବି କରିଛନ୍ତି।

## ଫଟୋରେ ଖବର



ଉଦିତ୍ ନଗର ଅଞ୍ଚଳର ଏକ କୋଠା ଉପରେ ୨ଜଣ ଶ୍ରମିକ ଅସୁରକ୍ଷିତ ଅବସ୍ଥାରେ ହୋର୍ଡିଂ ଲଗାଉଛନ୍ତି।

### ଗାୟତ୍ରୀ ପ୍ରଜ୍ଞାପୀଠରେ ନବରାତ୍ର ସଂକଳ୍ପ

**ରାଉରକେଲା ଅଫିସ,୧୦।୧୦**

ଆଶ୍ୱିନ ଶାରଦୀୟ ନବରାତ୍ର ଉପଲକ୍ଷେ ଫର୍ଟିଲାଇଜର ଟାଉନସିପଠାରେ ଥିବା ଗାୟତ୍ରୀ ପ୍ରଜ୍ଞାପୀଠରେ ମଙ୍ଗଳବାର ସଧ୍ୟାରେ ସାମୁହିକ ସଂକଳ୍ପ ପାଠ କରାଯାଇଛି। ଏଥିରେ ନବରାତ୍ର ସାଧନାର ମୂଳ ଉଦ୍ଦେଶ୍ୟ ଓ ଜପ ତପ ମାଧ୍ୟମରେ କିପରି ଆତ୍ମିକ ଉତ୍‌ଥାନ କରାଯାଇ ପାରିବ ସେ ନେଇ ପ୍ରଜ୍ଞାପୀଠ ମୁଖ୍ୟ ଡାକ୍ତର ରାହାସ ବିହାରି ମହାପାତ୍ର ବିଶେଷ ଭାବେ ଆଲୋଚନା କରିଥିଲେ। ଟ୍ରଷ୍ଟି ବିଚିତ୍ରାନନ୍ଦ ଦାସ ବକ୍ତବ୍ୟ ପ୍ରଦାନ କରି ନବରାତ୍ରର ମାହାତ୍ମ୍ୟ ସମ୍ବନ୍ଧରେ ଅଧିକ ଆଲୋଚନା କରିଥିଲେ। ପ୍ରତିଦିନ ସକାଳ ୬ରୁ ୯ଟା ଯାଏ ସାମୁହିକ ଅଖଣ୍ଡ ଗାୟତ୍ରୀ ଜପ କାରଯିବା ସହ ବୁଧବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ଯଜ୍ଞ, ଦିବସବ୍ୟାପି ଜପ ସାଧନା, ସନ୍ଧ୍ୟାରେ ଆରତୀ ଚାଳିଶା, ଯୁଗ୍ମ ସଙ୍ଗୀତ ଓ ଗୁରୁବାଣୀ ଶ୍ରବଣ ଆଦି କାର୍ଯ୍ୟକ୍ରମ ଜାରି ରହିବ ବୋଲି ଏଥିରେ ସୂଚନା ପ୍ରଦାନ କରାଯାଇଥିଲା। ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

# ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ

**ରାଉରକେଲା ଅଫିସ,୧୦।୧୦**

ତାଲୁକ ଆଇନ ସେବା ସମିତି, ଆଞ୍ଚଳିକ ପୁନର୍ବାସ ଓ ଗବେଷଣା କେନ୍ଦ୍ର(ଆରଆରଆରସି) ପରିଚାଳିତ ମାନସିକ ଅନଗ୍ରସର ଓ ମସ୍ତିଷ୍କ ପକ୍ଷାଘାତ ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର ବିଦ୍ୟାଳୟ ଆଶାଦୀପ ଆନୁକୂଲ୍ୟରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ବୁଧବାର ଛେଣ୍ଡ କଳିଙ୍ଗ ବିହାର ସାଂସ୍କୃତିକ ପରିଷଦଠାରେ ପାଳନ କରାଯାଇଛି। ରାଉରକେଲା ପ୍ରଥମ ଅତିରିକ୍ତ ଜିଲା ଦୌରାଜଜ ତଥା ତାଲୁକ ଆଇନସେବା ପ୍ରାଧିକରଣ ଅଧକ୍ଷ ରବୀନ୍ଦ୍ର କୁମାର ଦାସ ଏଥିରେ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ଦ୍ୱିତୀୟ ଅତିରିକ୍ତ ଜିଲା ଜଜ ହିମାଂଶୁଶେଖର ମଲ୍ଲିକ, ବରିଷ୍ଠ ବିଚାରପତି ନରେଶ ମହାନ୍ତି, ପାନପୋଷ ଏସଡିଜେଏମ ଅଭୟ ଦାସ, ପ୍ରଥମ ଶ୍ରେଣୀ ବିଚାରପତି ଲିଙ୍କିପ୍ରିୟା ସାହୁ, ରବିନ ମଣ୍ଡଳ, ସଦସ୍ୟା ବବିତା ମହାପାତ୍ର ଓ ପଶୁପତିନାଥ ଚାଟାର୍ଜୀ ଏଥିରେ ଅତିଥି ରୂପେ ଯୋଗଦେଇଥିଲେ। ବରିଷ୍ଠ ଚିକିତ୍ସକ ଡା. ପଙ୍କଜ ନନ୍ଦ ମଧ ସ୍ୱତନ୍ତ୍ର ଅତିଥି ରୂପେ ମଞ୍ଚାସୀନ ଥିଲେ। ଏହି ଅବସରରେ ଉପସ୍ଥିତ ଅତିଥିଗଣ ବକ୍ତବ୍ୟ ପ୍ରଦାନ କରି ମାନସିକ ବାଧିତଙ୍କ ବହୁବିଧ ସମସ୍ୟା ଓ ଏହାର ଚିକିତ୍ସା, ଲାଳନ ପାଳନ ଆଦି ନେଇ ସବିଶେଷ ଆଲୋଚନା କରିଥିଲେ। ମନ ଅସୁସ୍ଥ ରହିବା ଦ୍ୱାରା କିପରି ପାରିବାରିକ, ସାମାଜିକ ଓ ବୃତିଗତ ଜୀବନ ପ୍ରଭାବିତ ହୋଇଥାଏ ସେ ଦିଗରେ ଆଲୋକପାତ କରିଥିଲେ। ଆଶାଦୀପର ପୂର୍ବତନ ଅଧକ୍ଷ ରାମଚନ୍ଦ୍ର ବେହେରା କାର୍ଯ୍ୟକ୍ରମରେ ଅଧକ୍ଷତା କରି ସ୍ୱାସ୍ଥ୍ୟ ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ଓ ଲକ୍ଷ୍ୟ ନେଇ ଆଲୋଚନା କରିଥିଲେ। ଏଥିରେ ଛେଣ୍ଡ ଅଞ୍ଚଳର ବରିଷ୍ଠ ନାଗରିକ ସଂଘ ସମ୍ପାଦକ ଗିରିଜା ଗୋସ୍ୱାମୀ, ସ୍ନେହାଞ୍ଜଳି ଜେନା, ଜାହିଦ ଅଜିଜ, ଅଶୋକ ପଣ୍ଡା ଓ ପ୍ରକାଶ ପଣ୍ଡା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଭିନ୍ନକ୍ଷମ ଶିଶୁଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସବିତା ମହାନ୍ତି, ସସ୍ମିତ ଧଳସାମନ୍ତ, ଶାନ୍ତନୁ ପଲାଇ, ଅମିନା ଟିଗା, ଦମୟନ୍ତୀ ରାଉତ, ଲିତାଞ୍ଜଳି ପତି ଓ ମୁକେଶ ରାଉତ ପ୍ରମୁଖ ସହଯୋଗ କରିଥିଲେ।



ତାଲୁକ ଆଇନସେବା ଓ ଆଞ୍ଚଳିକ ପୁନର୍ବାସ ଗବେଷଣା କେନ୍ଦ୍ର ପକ୍ଷରୁ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ ଅବସରରେ ଉପସ୍ଥିତ ଛାତ୍ରୀଛାତ୍ର।



"ଭଗବାନ କାହାକୁ ପୂର୍ଣ୍ଣ ନିର୍ଭରଶୀଳ କରିନାହାନ୍ତି। ଦରିଦ୍ର କେବଳ ଧନୀ ଉପରେ ନିର୍ଭର କରେ ନାହିଁ। ଧନୀ ମଧ ଦରିଦ୍ର ଉପରେ ନିର୍ଭର କରେ।

- ପଣ୍ଡିତ ନୀଳକଣ୍ଠ ଦାସ



**ସଂକ୍ଷେପରେ**

## ଦୁର୍ଘଟଣାରେ ଆହତଙ୍କ ମୃତ୍ୟୁ

**ବଡ଼ଗାଁ, ୧୦।୧୦ (ଡି.ଏନ.ଏ)**– ସୁନ୍ଦରଗଡ଼ ଜିଲା ବଡ଼ଗାଁ ମହାବୀର ଛକଠାରେ ମଙ୍ଗଳବାର ସନ୍ଧ୍ୟା ସାଢ଼େ ୬ଟା ବେଳେ ବାଇକ୍ ଓ ସାଇକେଲ ମଧରେ ଧକ୍କା ହେବାରୁ ସାଇକେଲ ଚାଳକ ବଡ଼ଗାଁର ଆଲିରାମ ବାରିକ (୫୮) ଓ ବାଇକ ଆରୋହି ବାଲିଶଙ୍କରା ନିକଟ ସଉନାମୁରାର ପୁନମ କେର୍କେଟା ଗୁରୁତର ଆହତ ହୋଇଥିଲେ। ଉଭୟଙ୍କୁ ସୁନ୍ଦରଗଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ବିଳମ୍ବିତ ରାତ୍ରିରେ ଆଲିରାମଙ୍କ ମୃତ୍ୟୁ ହୋଇଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ରାଜଗାଙ୍ଗପୁରରେ ମହିଳା ସମାବେଶ

## ୨୦୧୯ ନିର୍ବାଚନରେ ବିଜେଡିକୁ ଜିତାଇବା ପାଇଁ ପ୍ରୟାସ

**ରାଜଗାଙ୍ଗପୁର, ୧୦।୧୦ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ସହର ପୂର୍ତ୍ତ ବିଭାଗର ଡାକବଙ୍ଗଳାଠାରେ ବୁଧବାର ବିଜେଡ଼ି ପକ୍ଷରୁ ମହିଳା ସମାବେଶ ଆୟୋଜିତ ହୋଇଯାଇଛି। ୨୦୧୯ ନିର୍ବାଚନରେ ବିଜେଡ଼ିକୁ ଜିତାଇବାକୁ ଏହା ହେଉଛି ପ୍ରୟାସ। ଏହି ସମାବେଶରେ ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀର କୁତ୍ରା ବ୍ଲକ, ରାଜଗାଙ୍ଗପୁର ବ୍ଲକ, ରାଜଗାଙ୍ଗପୁର ପୌରାଞ୍ଚଳ ଓ ଲାଠିକଟା ବ୍ଲକରୁ ଏକ ହଜାରରୁ ଊର୍ଦ୍ଧ୍ୱ ମହିଳା ଯୋଗଦେଇଥିଲେ। ସେମାନେ ହାତରେ ବିଜେଡି ପତକା ଧରି ବିଭିନ୍ନ ସ୍ଲୋଗାନ ଦେଇ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ପରେ ପୂର୍ତ୍ତ ବିଭାଗର ଡାକବଙ୍ଗଳାଠାରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ଜିଲା ବିଜେଡି ସଭାନେତ୍ରୀ ପଦ୍ମିନୀ ଶେଖର ଦେଓ, ଜିଲା ପରିଷଦ ଅଧକ୍ଷା ଏମା ଏକ୍କା, ନାରୀନେତ୍ରୀ ରଶ୍ମିବାଲା ମିଶ୍ର, ମେରିପୁଷ୍ପିକା ଆଇନ୍ଦ, ସୁରେନ୍ଦ୍ର ଷଡଙ୍ଗୀ, ପଦ୍ମିନୀ ବାଦୀ, ସୁକାନ୍ତି ମିଞ୍ଜ, ନମିତା ଦେବତା, କୁତ୍ରା ବ୍ଲକ ଅଧକ୍ଷା ପରାଗଲତା ଲାକଡା, ରାଜଗାଙ୍ଗପୁର ପୌରପରିଷଦର ଅଧକ୍ଷା ସୁଶ୍ରୀତ ପାଇକରାୟ, ବିଜେଡିର ଷ୍ଟେଟ କାଉନସିଲ ମେମ୍ବର ଜିତୁ ଦାଶ, ରାଜଗାଙ୍ଗପୁର ଟାଉନ ବିଜେଡି ସଭାପତି ଅମ୍ରେଶ ପଣ୍ଡା, ରାଜଗାଙ୍ଗପୁର ବ୍ଲକ ବିଜେଡି ସଭାପତି ରାମଚନ୍ଦ୍ର କୁଜୁର, ରାଜଗାଙ୍ଗପୁର ନଗର ପୌରପରିଷଦର ଉପାଧକ୍ଷ ଅଶୋକ ଦାଶ ପ୍ରମୁଖ ଉପସ୍ଥିତ ରହି ବିଜେଡି ସରକାରଙ୍କ ବିଭିନ୍ନ ଯୋଜନା ବାବଦରେ କହିଥିଲେ। ଆଗାମୀ ୨୦୧୯ରେ ହେବାକୁ ଥିବା ନିର୍ବାଚନରେ ରାଜଗାଙ୍ଗପୁର ବିଧାନସଭା ଆସନରୁ ପୁଣିଥରେ ବିଧାୟକ ମଙ୍ଗଳା କିଷାନଙ୍କୁ ଜିତାଇବା ପାଇଁ ଏବେଠୁ ଲାଗି ପଡିବାକୁ ମତ ଦେଇଥିଲେ। ସଭାରେ ବିଧାୟକ ମଙ୍ଗଳା କିଷାନ ନିଜେ ଉପସ୍ଥିତ ରହି ବିଜେଡି ସରକାରଙ୍କ ପକ୍ଷରୁ ଗରିବ ଲୋକଙ୍କ ପାଇଁ ବହୁ ଜନହିତକର ଯୋଜନା କାର୍ଯ୍ୟକାରୀ କରାଯାଉଥିବାରୁ ନବୀନ ପଟ୍ଟନାୟକଙ୍କ ହାତକୁ ଟାଣ କରିବା ପାଇଁ ଆଗାମୀ ନିର୍ବାଚନରେ ବିଜେଡିର ଶଙ୍ଖ ଚିହ୍ନରେ ମୋହର ମାରିବା ପାଇଁ ନିବେଦନ କରିଥିଲେ।



ରାଜଗାଙ୍ଗପୁରରେ ବିଜେଡ଼ିର ମହିଳା ସମାବେଶରେ କର୍ମକର୍ତ୍ତା ଓ ବିଭିନ୍ନ ଅଞ୍ଚଳରୁ ଆସିଥିବା ମହିଳା।

## ବାଲିଶଙ୍କରା ବ୍ଲକ : ହିତାଧିକାରୀ ବିଭିନ୍ନ ଯୋଜନାରୁ ବଞ୍ଚିତ

**ବାଲିଶଙ୍କରା, ୧୦।୧୦ (ଡି.ଏନ.ଏ)**

ସରକାର ଗରିବମାନଙ୍କୁ ଅନେକ ସୁବିଧା ଯୋଗାଇଦେଉଥିବାବେଳେ ଦାୟିତ୍ୱରେ ଥିବା ସାମାଜିକ ସୁରକ୍ଷା ଅଧିକାରୀଙ୍କ ଅବହେଳା ମନୋଭାବ ଯୋଗୁ ହିତାଧିକାରୀ ସରକାରୀ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ବାଲିଶଙ୍କରା ବ୍ଲକର ଅନେକ ହିତାଧିକାରୀ ଯୋଜନାର ସୁଫଳ ପାଇବାରୁ ବଞ୍ଚିତ ରହୁଥିବା ଗୁରୁତର ଅଭିଯୋଗ କରିଛନ୍ତି। ଜାତୀୟ ପରିବାର ମଙ୍ଗଳ ଯୋଜନାରେ ଗରିବ ବିପିଏଲ ହିତାଧିକାରୀମାନେ ଆବେଦନ କରିଥିଲେ ସୁଦ୍ଧା ୩୦ ଦିନ ଭିତରେ ୨୦ ହଜାର ଟଙ୍କା ସରକାରଙ୍କ ନିୟମ ଅନୁସାରେ ସହାୟତା ରାଶି ମିଳିବା କଥା ହେଲେ ବର୍ଷ ବର୍ଷ ଧରି ମିଳୁନାହିଁ। ସରପଞ୍ଚମାନେ ଉକ୍ତ ବିଷୟରେ ବୁଝିବା ପାଇଁ ଗଲେ ହେବ ହେବ କହି କଥାକୁ ଭୂଆଁ ବୁଲା ଯାଉଛି। ଜାତୀୟ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ଭିନ୍ନକ୍ଷମ ଭତ୍ତା ଓ ମଧୁବାବୁ ପେନସନ ଯୋଜନାରେ ଅନେକ ହିତାଧିକାରୀଙ୍କ ଦରଖାସ୍ତକୁ ଚାପିରଖିବାରୁ ପ୍ରକୃତ ହିତାଧିକାରୀ ଏହି ସବୁ ଯୋଜନାରୁ ବଞ୍ଚିତ ରହୁଛନ୍ତି । ଏହି ଅଧିକାରୀଙ୍କ କାର୍ଯ୍ୟକଳାପ ସମ୍ପର୍କରେ ଭିଜିଲାନ୍ସ ତଦନ୍ତ କରି ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବ୍ଲକବାସୀ ଦାବି କରିଛନ୍ତି।

# ଭାଇଙ୍କୁ ମାଡ଼ମାରି ଯୁବତୀଙ୍କୁ ଗଣବଳାତ୍କାର: ୫ ଯୁବକ ଅଟକ

**ଲହୁଣୀପଡା, ୧୦।୧୦ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବଣାଇ ଉପଖଣ୍ଡ କେ.ବଲାଙ୍ଗ ଥାନା ଅନ୍ତର୍ଗତ କାଲକାଟୁ ଜଙ୍ଗଲରେ ଗତ ସୋମବାର ରାତି ପ୍ରାୟ ସାଢ଼େ ୮ଟାବେଳେ ଅଭାବନୀୟ ଘଟଣା ଘଟିଛି। ମାମୁଁପୁଅ ଭାଇଙ୍କୁ ମାଡମାରି ଭଉଣୀଙ୍କୁ ଜଙ୍ଗଲ ଭିତରକୁ ଟେକିନେଇ ଗଣ ବଳାତ୍କାର କରାଯାଇଥିବା ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ କରି ବୁଧବାର ୫ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି।

ପୋଲିସ ସୂତ୍ରରୁ ପ୍ରକାଶ ଯେ, ମୋଟୁହନୁମାନ ଗ୍ରାମର ଜନୈକା ଯୁବତୀ ନିଜ ମାମୁଁ ପୁଅ ଭାଇଙ୍କ ସହିତ ଏକ ଶୁଦ୍ଧିକ୍ରିୟାରେ ଯୋଗଦେବା ପାଇଁ ରେଞ୍ଜଡା ଗ୍ରାମକୁ ଯାଇଥିଲେ। ସେମାନେ ରାତି ପ୍ରାୟ ସାଢ଼େ ୮ଟାବେଳେ ବାଇକ୍‌ରେ ଫେରୁଥିଲେ। କାଲକାଟୁ ଜଙ୍ଗଲ ରାସ୍ତାରେ ବାଇକ୍ ଓଡି ୧୪ ଜେ-୭୩୭୦ ଯୋଗେ ତିନି ଜଣ ଯୁବକ ଆସି ଗାଡିକୁ ଅଟକାଇ ଥିଲେ। ମାମୁଁ ପୁଅ ଭାଇ ଗାଡି ଅଟକାଇବା ପରେ ଯୁବକମାନେ ତାଙ୍କୁ ନିସ୍ତୁକ ମାଡ ମାରିଥିଲେ। ସେ ପ୍ରାଣ ବିକଳରେ ଜଙ୍ଗଲ ଭିତରକୁ ଦୌଡି ପଳାଇଥିଲେ। ଫଳରେ ତିନି ଜଣ ଯୁବକଙ୍କ ମଧ୍ୟରୁ ଦୁଇଜଣ ଯୁବତୀଙ୍କୁ ଜଙ୍ଗଲ ଭିତରକୁ ଟେକି ନେଇ ବଳାତ୍କାର କରିଥିଲେ। ଅନ୍ୟ ଯୁବକ ଜଣକ ଚାଲିଯାଇ ବାଇକ ଯୋଗେ ଆଉ ଦୁଇଜଣ ଯୁବକଙ୍କୁ ବସାଇ ଆଣିଥିଲେ। ପାଞ୍ଚ ଜଣ ଯାକ ଯୁବକ ଯୁବତୀଙ୍କୁ ବଳାତ୍କାର କରି ଚାଲିଯାଇଥିଲେ। ଯୁବତୀଙ୍କ ଭାଇ ଦୂରରେ ଜଙ୍ଗଲ ଭିତରେ ଲୁଚି ସବୁ ଘଟଣା ଦେଖୁଥିଲେ। ଯୁବକମାନେ ଚାଲିଗଲା ପରେ ଭାଇଭଉଣୀ ବାଇକ୍‌ରେ ମୋଟୁହନୁମାନ ଗ୍ରାମକୁ ଯାଇଥିଲେ। ଘର ଲୋକଙ୍କ ସହ ଆଲୋଚନା କରି ମଙ୍ଗଳବାର ଘଟଣା ସମ୍ପର୍କରେ କେ.ବଲାଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ଯୁବତୀଙ୍କ ଡାକ୍ତରୀମାଇନା କରିଥିଲା। ବୁଧବାର ଘଟଣାରେ ସମ୍ପୃକ୍ତ ଥିବା ସନ୍ଦେହରେ ରେଞ୍ଜଡା ଗ୍ରାମର ୫ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚାଲିଛି। ବ୍ୟବହୃତ ବାଇକ୍‌କୁ ମଧ୍ୟ ପୋଲିସ ଜବତ କରିଛି।

# ରାଜ୍ୟ ପ୍ରଦୂଷଣ ବିଭାଗ ପକ୍ଷରୁ ରୁଙ୍ଗ୍‌ଟା ଖଣିରେ ଜନଶୁଣାଣି

**ଟେନ୍‌ସା, ୧୦।୧୦ (ଡି.ଏନ.ଏ)**

ଭାରତ ସରକାରଙ୍କ ପରିବେଶ ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମେନ୍ତ ମେସର୍ସ ବଣାଇ ଇଣ୍ଡଷ୍ଟ୍ରିଆଲ କମ୍ପାନୀ ଲିମିଟେଡ ଓଡିଶାର ସୁନ୍ଦରଗଡ ଜିଲା କୋଇଡା ତହସିଲ ଅନ୍ତର୍ଗତ ନଦୀ କାଶୀରା ଏବଂ ରେଙ୍ଗାଲବେଡା ଗ୍ରାମଠାରେ ୩୨.୮୫୫ ହେକ୍ଟର ପରିମିତ ଅଞ୍ଚଳରେ ଅବସ୍ଥିତ । ନହୀଡିହି ଲୌହ ଏବଂ ମାଙ୍ଗାନିଜ ଖଣିର ବାର୍ଷିକ ଉତ୍ପାଦନ କ୍ଷମତା ୫.୩ ନିୟୁତ ଟନ୍ ଲୌହ ପଥର (୪.୩ ନିୟୁତ ଟନ/ ବର୍ଷ ଆରଓଏମ ପ୍ଲସ ଖଣି ପଟ୍ଟା ଭିତରେ ପୁରୁଣା ଡମ୍ପରୁ ୧ ନିୟୁତ ଟନ୍ ନିମ୍ନମାନର ଲୌହ ପଥର)ରୁ ବାର୍ଷିକ ଏକ ନିୟୁତ ଟନ ବୃଦ୍ଧି କରିବା ନିମେନ୍ତ ଆବଶ୍ୟକ ମୁତାବକ ସର୍ବ ସାଧାରଣଙ୍କ ଠାରୁ ଏକ ଜନଶୁଣାଣି ରୁଙ୍ଗ୍‌ଟା ଖଣି ପକ୍ଷରୁ ନଦୀଡିହି ପ୍ରାଥମିକ ବିଦ୍ୟାଳୟ ନିକଟ ଖେଳ ପଡିଆଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳଙ୍କ ପ୍ରତିନିଧି ଭାବେ ରାଉରକେଲା ଅତିରିକ୍ତ ଜିଲାପାଳ ଭାସ୍କର ଚନ୍ଦ୍ର ତୁରୁକ୍ତ, ରାଜ୍ୟ ପ୍ରଦୂଷଣ ବୋର୍ଡ ରାଉରକେଲାର ଆଞ୍ଚଳିକ ଅଧିକାରୀ ହେମେନ୍ଦ୍ର ନାଏକ ଉପସ୍ଥିତିରେ ଜନଶୁଣାଣି ବୁଧବାର ଅନୁଷ୍ଠିତ ହୋଇଯାଇଛି। ଖଣି ଖନନ ହେଲେ ପରିବେଶ ଉପରେ କି କି ପ୍ରଭାବ ପଡିବ। କମ୍ପାନୀ କିପରି ଏହାର ପ୍ରତିକାର କରିବ ଏସମ୍ପର୍କରେ ବିଆଇକୋ ଖଣିର ପରିଚାଳକ ଇନ୍ଦ୍ରଜିତ ସାହୁ ଜନସାଧାରଣମାନଙ୍କୁ ଜଣାଇବା ପରେ ଜନସାଧାରଣଙ୍କ ଠାରୁ ମତାମତ ନିଆଯାଇଥିଲା। ଜନସାଧାରଣଙ୍କ ପକ୍ଷରୁ ନନୀକାଶିରା ଗ୍ରାମ ପଞ୍ଚାୟତର ସରପଞ୍ଚ ରାଣି ଲୁହାର, ଜିଲାପରିଷଦ ସଭ୍ୟ ମିତାରାଣୀ ନାଏକ ନଦୀକାଶିରା ଗ୍ରାମର ଶ୍ରୁଗମଣି ପାତ୍ର, ବିରେନ୍ଦ୍ର ନାଏକ, ଶମ୍ଭୁ ନାଏକ, ସ୍ମୃତି ମୁଣ୍ଡା, ବିକାଶ ଲୁହାର, ବୈଶାଖୁ ନାଏକ ଜନ ଡୁଙ୍ଗଡୁଙ୍ଗ, ବଣାଇଁର ପୂର୍ବତନ ବିଧାୟକ ଭୀମସେନ ଚୌଧୁରୀ, ପୂର୍ବତନ ବିଧାୟକ ଜନାର୍ଦ୍ଦନ ଦେହୁରୀ, ଆନନ୍ଦ ବାରିକ, ପ୍ରମିଳା ନାଏକ, କୋଇଡାର ପୂର୍ବତନ ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ବିଭିନ୍ନ ଗ୍ରାମ ପଞ୍ଚାୟତର ୧୦୦୦ରୁ ଊର୍ଦ୍ଧ୍ୱ ଲୋକ ଉପସ୍ଥିତ ଥିଲେ। ରାସ୍ତା ଘାଟର ଉନ୍ନତି, ପାନୀୟ ଜଳ ଯୋଗାଣ, ସ୍ଥାନୀୟ ଲୋକଙ୍କୁ ଖଣିରେ ନିଯୁକ୍ତି, ସ୍କୁଲକୁ ପିଲାମାନେ ଯିବା ପାଇଁ ସ୍ୱତନ୍ତ୍ର ଗାଡିର ବ୍ୟବସ୍ଥା, ଗଛ ରୋପଣ ଆଦିକୁ ଜନସାଧାରଣ ଦାବି କରିଥିଲେ। ଖଣି ଉତ୍ପାଦନ ବୃଦ୍ଧି ହେଲେ ସମସ୍ତ ଦାବିକୁ ପୂରଣ କରାଯିବାକୁ କମ୍ପାନୀର ସହ ଉପସଭାପତି ଅନନ୍ତଶଙ୍କର ମହାପାତ୍ର ପ୍ରତିଶ୍ରୁତି ଦେଇଥିଲେ। ୩୭ରୁ ଊର୍ଦ୍ଧ୍ୱ ଲୋକ ବିଆଇକେ ଖଣି ସପକ୍ଷରେ ମତାମତ ଉପସ୍ଥାପନ କରିଥିଲେ। କମ୍ପାନୀ ପକ୍ଷରୁ ନିର୍ଦ୍ଦେଶକ ମହେଶ ଦତ୍ତ ରସ୍ତୋଗୀ, ବରିଷ୍ଠ ସଭାପତି ହିରକ ମଜୁମଦାର, ପ୍ରଶାସନ ବିଭାଗର ବରିଷ୍ଠ ପ୍ରବନ୍ଧକ ରାମୁ ଅଗ୍ରୱାଲ, କୋଇଡା ଅଞ୍ଚଳର ପ୍ରଶାସନିକ ଅଧିକାରୀ ଅଜୟ କୁମାର କର ପ୍ରମୁଖ ଉପସ୍ଥିତ ଥିଲେ।



ଜନଶୁଣାଣିରେ ଉପସ୍ଥିତ ଅଧିକାରୀ।

## ଜରଙ୍ଗଲୋଇ ଜିଏସକେକୁ ଆଜି ଆସିବେ ରାଜ୍ୟପାଳ

**ବଡ଼ଗାଁ, ୧୦।୧୦ (ଡି.ଏନ.ଏ)**

ବଡଗାଁ ବ୍ଲକ ଅନ୍ତର୍ଗତ ଜରଙ୍ଗଲୋଇ ଗ୍ରାମ ସ୍ଥିତ ଗ୍ରାମୋତ୍ଥାନ ସଂଶୋଧନ କେନ୍ଦ୍ର (ଜିଏସକେ)କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପୂର୍ବାହ୍ନ ୯ଟାରେ ଆସିବେ ବୋଲି ଜିଏସକେ ପ୍ରମୁଖଙ୍କଠାରୁ ସୂଚନା ମିଳିଛି। ଏକଲ ଗ୍ରାମୋତ୍ଥାନ ଫାଉଣ୍ଡେସନ ଦ୍ୱାରା ଚାଷୀଙ୍କୁ ବିଭିନ୍ନ ସମୟରେ ତାଲିମ ଦିଆଯାଉଛି। ଚାଷୀଙ୍କୁ ରାଜ୍ୟପାଳ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି ।



ବାଲିଶଙ୍କରାରେ ସୁରଭି କାର୍ଯ୍ୟକ୍ରମରେ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

# ମଣ୍ଡଳସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**ବାଲିଶଙ୍କରା, ୧୦।୧୦ (ଡି.ଏନ.ଏ)**

ବାଲିଶଙ୍କରା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସୁରଭି ଓ ମଧାହ୍ନ ଭୋଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଲିଶଙ୍କରା ବ୍ଲକ ଶିକ୍ଷା ଅଧିକାରୀ ଅଜୟ କୁମାର ଏକ୍କାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଚାଲିଥିଲା। ଏହି ଅବସରରେ ମୁଖ୍ୟଅତିଥି ଭାବେ ବାଲିଶଙ୍କରା ପଞ୍ଚାୟତ ସମିତି ଅଧକ୍ଷ କୁଳମଣି ସାହୁ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ସେ ତାଙ୍କ ଅଭିଭାଷଣରେ ଶିଶୁମାନଙ୍କର ଅର୍ନ୍ତନିହିତ ଲୁକ୍କାୟିତ କଳା ପ୍ରତିଭାକୁ ବିକଶିତ କରିବା ଦିଗରେ ଏହି କାର୍ଯ୍ୟକ୍ରମ ସହାୟକ ହୋଇଥାଏ ବୋଲି ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଏସ୍‌ଆଇ ଲିଙ୍ଗରାଜ ନାଏକ, ଧନେଶ୍ୱର ନାଏକ, ଜଳଧର ମାଝୀ, ବାଲିଶଙ୍କରା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବେଲି ସାଜଦା ଖାଲଖୋ, ଏବିଓ ସମ୍ପାରୀ କୁଜୁର, ସିଆରସିସି କୈଳାସ ଭିତ୍ରିଆ, ଦିଗମ୍ବର ରଣା ପ୍ରମୁଖ ଯୋଗଦେଇ ସୁରଭିର ଉପକାରିତା ଉପରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୧୪ଟି କ୍ଲଷ୍ଟର ୩୦୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ୫୦ରୁ ଅଧିକ ଶିକ୍ଷୟିତ୍ରୀ ଓ ଶିକ୍ଷକ ସହଯୋଗର ହାତ ବଢ଼ାଇଥିଲେ।

# ଜିଲା କ୍ରୀଡ଼ା ସଂସଦର ସାଧାରଣ ନିର୍ବାଚନ

## ଇମାମ୍ ହସନ୍ କାର୍ଯ୍ୟକାରୀ ସଭାପତି, ପ୍ରଭାତ ଭୋଳ ସାଧାରଣ ସମ୍ପାଦକ

**ସୁନ୍ଦରଗଡ଼, ୧୦।୧୦ (ଡି.ଏନ୍.ଏ)**



ଇମାମ୍ ହୁସେନ



ପ୍ରଭାତ କୁମାର ଭୋଳ



ଦୁର୍ଗା ମାଧବ ନାଏକ

ଜିଲା କ୍ରୀଡା ସଂସଦର ସାଧାରଣ ନିର୍ବାଚନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିକାଶ ଭବନଠାରେ ଅନୁଷ୍ଠିତ ଏହି ନିର୍ବାଚନର ଫଳାଫଳ ପ୍ରକାଶ ପାଇଛି। ଏଥିରେ କାର୍ଯ୍ୟକାରୀ ସଭାପତି ପଦବୀ ପାଇଁ ପୂର୍ବତନ ଜିଲା କ୍ରୀଡା ଅଧିକାରୀ ଅଭୟ କୁମାର ପଟ୍ଟନାୟକ ଓ ବରିଷ୍ଠ ଆଇନଜୀବୀ ଇମାମ୍ ହୁସେନ୍‌ଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହୋଇଥିଲା। ଏଥିରେ ଇମାମ ହୁସେନ୍ ୩୫ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ଅଭୟ ପଟ୍ଟନାୟକ ୨୩ ଖଣ୍ଡ ଭୋଟ ପାଇ ପରାଜିତ ହୋଇଛନ୍ତି। ସେହିପରି ସାଧାରଣ ସମ୍ପାଦକ ପଦବୀ ପାଇଁ ଆଡଭୋକେଟ ଦୁଷ୍ମନ୍ତ କୁମାର ନାଏକ ଓ ପ୍ରଭାତ କୁମାର ଭୋଳଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହୋଇଥିଲା। ପ୍ରଭାତ ଭୋଳ ୩୫ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ଦୁଷ୍ମନ୍ତ ନାଏକ ୨୩ଖଣ୍ଡ ଭୋଟ ପାଇ ପରାଜିତ ହୋଇଛନ୍ତି। କୋଷାଧ୍ୟକ୍ଷ ଭାବେ ପୂର୍ବତନ ଜିଲା ସାଧାରଣ ସମ୍ପାଦକ ଦୁର୍ଗା ମାଧବ ନାଏକ ନିର୍ଦ୍ୱନ୍ଦରେ ବିଜୟୀ ହୋଇଛନ୍ତି। ଜିଲା କ୍ରୀଡା ସଂସଦର ମୋଟ ୫୮ଜଣ ସଦସ୍ୟ ଭୋଟ ପ୍ରଦାନ କରିଥିଲେ। ସୁନ୍ଦରଗଡ଼ ସଦର ଉପଜିଲାପାଳ ବୀରସେନ ପ୍ରଧାନ, ନିର୍ବାଚନ ଅଧିକାରୀ ଦାୟିତ୍ୱ ତୁଲାଇଥିବାବେଳେ ଜିଲା କ୍ରୀଡା ଅଧିକାରୀ ତେଜ କୁମାର ଖେସ ପ୍ରିଜାଇଡିଂ ଅଫିସର ଦାୟିତ୍ୱ ନିର୍ବାହ କରିଥିଲେ। ଓଡ଼ିଶା ଅଲମ୍ପିକ ଆସୋସିଏଶନ୍‌ର ପର୍ଯ୍ୟବେକ୍ଷକ ଭାବେ ଦୁଲାଳ ଚନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ। ଏତଦ୍ ବ୍ୟତୀତ ପୌଷ ଚନ୍ଦ୍ର ପଟେଲ, ଚିତ୍ତରଞ୍ଜନ ବହିଦାର, କାର୍ତ୍ତିକ ବେରିହା, ରାଜେନ୍ଦ୍ର ମହାନ୍ତି, ଦିବାକର ମହାନ୍ତି, ରାଧାମୋହନ ନାଏକ ଓ ଅଶୋକ ଦାସ ଉପସଭାପତି ଭାବେ ଏବଂ ଜୟଦେବ ପାତ୍ର ସହ ସାଧାରଣ ସମ୍ପାଦକ, ନିତ୍ୟକୁମାର ବଳ ଫୁଟବଲ ସମ୍ପାଦକ, ଅକ୍ଷୟ କୁମାର ନଶଳ ଭଲିବଲ, ବାସ୍କେଟ ବଲ ସମ୍ପାଦକ, ଶିଶିର କୁମାର ପଟେଲ କ୍ରିକେଟ ସମ୍ପାଦକ, ସୁରଜ ଭୈଷାଁଲ ହକି ସମ୍ପାଦକ, ଅନୀଲ ବହିଦାର ବର୍କ୍ସିଂ ସମ୍ପାଦକ, ରବୀନ୍ଦ୍ର ରଣା ଭାରଉତ୍ତୋଳନ ଓ ଜିମ୍ନାନିଷ୍ଟିକ, କୁସ୍ତୀ ସମ୍ପାଦକମ୍, ପ୍ରସନ୍ନ କୁମାର ବେହେରା ଟେନିସ୍ ବ୍ୟାଡମିଣ୍ଟନ ସମ୍ପାଦକ, ଅଜୟ ବହିଦାର ଆଥଲେଟିକ ସମ୍ପାଦକ, ପ୍ରଶାନ୍ତ କୁମାର ପଟେଲ ଖୋଖୋ, କବାଡି ଓ ଇନଡୋର ଗେମ୍ ସମ୍ପାଦକ ଭାବେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି। ସେହିପରି କ୍ରୀଡା ସଂସଦର କାଉନସିଲ ସଭ୍ୟ ଭାବେ ୧୪ଜଣ ନିର୍ବାଚିତ ହୋଇଛନ୍ତି।

# ବଡ଼ଗାଁ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା

**ବଡ଼ଗାଁ, ୧୦।୧୦ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ବୁଧବାର ଜନସମ୍ପର୍କ ପଦଯାତ୍ରା ଆୟୋଜିତ ହୋଇଛି। ଏହି ପଦଯାତ୍ରାରେ ବିଜେଡି ଜିଲା ସାଧାରଣ ସମ୍ପାଦକ ବିନୟ ପଣ୍ଡା, ପଶ୍ଚିମ ଓଡିଶା ବିକାଶ ପରିଷଦର ଏକ୍ସପର୍ଟ ମେମ୍ବର ବିନୟ ଟପ୍ପୋ, ବଡ଼ଗାଁ ବ୍ଲକ ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ଷ୍ଟିଫେନ୍ ସୋରେଙ୍ଗ ଯୋଗଦେଇଥିଲେ। ପୂର୍ବାହ୍ନରେ ଦଳୀୟ ନେତା ଓ ଶତାଧିକ କର୍ମୀ ମହପଡା ନାଳ ନିକଟରେ ଥିବା ବଜରଙ୍ଗବାଲୀ ଆସ୍ଥାନଠାରେ ସମବେତ ହେଲା ପରେ ବ୍ଲକ ବିଜେଡି ସଭାପତି ତୁଳାରାମ ହୋତା ବଜରଙ୍ଗବଲୀଙ୍କ ଠାରେ ନଡିଆ ଅର୍ପଣ କରି ଶୁଭ ମନାଷି ଯାତ୍ରା ଆରମ୍ଭ କରିଥିଲେ। ଶତାଧିକ କର୍ମୀ ବାଇକରେ ମହପଡାରୁ ଫୁଲବାରୀ, ଭୋଇପାଲି, ଟିକିଲିପଡା, ଇଡମା, ଜରଙ୍ଗଲୋଇ ପଞ୍ଚାୟତର ବିଭିନ୍ନ ଗ୍ରାମରେ ପଦଯାତ୍ରା କଲା ପରେ ବେହେରାମାଲ ଗ୍ରାମରେ ସଭା କରିଥିଲେ। ସଭାରେ ଜିଲା ସାଧାରଣ ସମ୍ପାଦକ ପଣ୍ଡା ରାଜ୍ୟ ସରକାରଙ୍କ ବିକାଶର ଚିତ୍ର ଉପସ୍ଥାପନ କରିଥିଲେ। ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଅତ୍ୟାବଶ୍ୟକ ମୌଳିକ ସୁବିଧା ସରକାର ଯୋଗାଇଦେଉଥିବା, ଗରିବ ପରିବାରଙ୍କୁ ୧ଟଙ୍କାରେ ଚାଉଳ, ବିଜୁ ଖାଦ୍ୟ ସୁରକ୍ଷାରେ ୧୭ ଲକ୍ଷ ପରିବାରଙ୍କୁ ସାମିଲ, ନାରୀ ସଶକ୍ତିକରଣ, ନାରୀଙ୍କ ପାଇଁ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ୫୦ ପ୍ରତିଶତ ସଂରକ୍ଷଣ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ବିଜୁ ଏକ୍ସପ୍ରେସ ରାସ୍ତା ନିର୍ମାଣ, ୩୫ ପ୍ରତିଶତ ଜମିକୁ ଜଳସେଚନ ବ୍ୟବସ୍ଥା ଲକ୍ଷ୍ୟ, ଓଡିଆ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା, ନାରୀଙ୍କ ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୭ଲକ୍ଷ ଟଙ୍କାର ଚିକିତ୍ସା ସେବା ଆଦି ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଗୁଡିକ ଉପରେ ଆଲୋକପାତ କରିଥିଲେ। ବିଜେଡି ନେତା ଟପ୍ପୋ ଓ ସୋରେଙ୍ଗ ସରକାରଙ୍କ ସ୍ୱଚ୍ଛ ଶାସନ ପ୍ରତି ରାଜ୍ୟବାସୀଙ୍କ ବିଶ୍ୱାସ ଓ ଜନହିତକର ଯୋଜନାର ସୁଫଳ ଲୋକଙ୍କଠାରେ ପହଞ୍ଚିବାରୁ ବିଜେଡିରେ ଦୈନନ୍ଦିନ ଲୋକେ ଯୋଗଦେଉଛନ୍ତି। ବିଶେଷକରି ୧୮ ରୁ ୨୫ ବର୍ଷର ଯୁବତୀଯୁବକମାନେ ଦଳରେ ଯୋଡି ହେଉଛନ୍ତି। ନବୀନ ସରକାର ପ୍ରତି ଯୁବପିଢ଼ିଙ୍କ ଆସ୍ଥା ଓ ବିଶ୍ୱାସର ଏହା ଦୃଷ୍ଟାନ୍ତ। ସରକାର ସମସ୍ତ ବର୍ଗର ଲୋକଙ୍କ ପାଇଁ କଣ ସବୁ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ଆଲୋଚନା ଉପସ୍ଥାପନ କରିଥିଲେ। ପଦଯାତ୍ରାରେ ପୂର୍ବତନ ଜିଲା ପରିଷଦ ସଭ୍ୟ ଦେବେନ୍ଦ୍ର ସାହୁ, ପୂର୍ବତନ ସରପଞ୍ଚ ଯୋଗିନ୍ଦ୍ର କିଷାନ, ରାଜୁ ଦାସ, ଆଲୋକ ପଟ୍ଟନାୟକ, ହୀରାଧର ବେହେରା, ରାଜା ଦାସ, ସୋନୁ ଦାସ, ସମିତି ସଭ୍ୟ ପଞ୍ଚାନନ ନାଏକ, ମନୋଜ ସାହୁ, ଶେଖର ସାହୁ, ଅରୁଣ ଦିକ୍ଷିତ ପ୍ରମୁଖ କର୍ମୀମାନେ ଯୋଗଦେଇଥିଲେ।




ପଦଯାତ୍ରାରେ ସାମିଲ ହୋଇଛନ୍ତି ବିଜେଡି ନେତା ଓ କର୍ମୀ ।



ରୋଗ, ଶତ୍ରୁ ଓ ଋଣ ଏମାନଙ୍କୁ ସବୁବେଳେ ଶେଷ କରିବାକୁ ଚେଷ୍ଟା କରିବ। ପାପୀ, ହିଂସ୍ର ପ୍ରାଣୀ ଓ ହିଂସ୍ର ମନୁଷ୍ୟଙ୍କଠାରୁ ସର୍ବଦା ଦୂରରେ ରହିବ।

- ତୁଳସୀ ଦାସ



## ସଂକ୍ଷେପରେ

### ତୈଳ ଦର ହ୍ରାସ ଦାବି

**ଝାରସୁଗୁଡା ଅଫିସ,୧୦।୧୦-** ଗତ କିଛି ଦିନ ପୂର୍ବରୁ କେନ୍ଦ୍ର ସରକାର ପେଟ୍ରୋଲ ଏବଂ ଡିଜେଲ୍ ଦର ୨.୫୦ ଟଙ୍କା ହ୍ରାସ କରିଥିବାବେଳେ ରାଜ୍ୟ ସରକାର ମଧ ସମାନ ହ୍ରାସ କରିବାକୁ ଭାଜପା ଦାବି କରିଛି। ଏହି ଦାବିରେ ବୁଧବାର ଝାରସୁଗୁଡା ଭାଜପା କାର୍ଯ୍ୟକର୍ତ୍ତା ରେଲୱେ ଷ୍ଟେଶନ ଛକରେ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରି ପ୍ରତିବାଦ କରିଥିଲେ। ରାଜ୍ୟ ସରକାର ପେଟ୍ରୋଲ ଏବଂ ଡିଜେଲ୍ ଉପରୁ ଭାଟ୍ ହ୍ରାସ କରି ଅନ୍ୟୁନ ୨.୫୦ ଟଙ୍କା କମାଇବାକୁ ଦାବି କରିଥିଲେ। ଏହି ଅବସରରେ ଭାଜପାର ଦିନେଶ ଜୈନ, ସୁନୀଲ ପଣ୍ଡା, ରଘୁନନ୍ଦନ ପଣ୍ଡା, ବିମଳେନ୍ଦୁ ଭୋଳ, ଉତ୍ତମ ଗୁପ୍ତା, ଚିତରଞ୍ଜନ ପାତ୍ର, ସନ୍ଦୀପ ମିଶ୍ର, ଅଙ୍କିତ ଅଗ୍ରୱାଲ, ରାଜେଶ ଦାସ, ଅମରେନ୍ଦ୍ର ସିଂ, ରଘୁରାମ ପାଲ ପ୍ରମୁଖ ଉପସ୍ଥିତ ଥିଲେ।

### ସୁନାଚେନ୍ ଚୋରି ଅଭିଯୋଗ

**ଝାରସୁଗୁଡା ଅଫିସ,୧୦।୧୦-** ପୂଜା ଭିଡ଼କୁ ଚୋର, ପକେଟ୍‌ମାର ସକ୍ରିୟ। ସାମାନ୍ୟ ସୁଯୋଗ ପାଇଲେ ଝାମ୍ପି ନେଉଛନ୍ତି ଅଳଙ୍କାର। ଝାରସୁଗୁଡା ଟାଉନ ଦୁର୍ଗା ମନ୍ଦିରରେ ବୁଧବାର ସନ୍ଧ୍ୟା ଆଳତୀ ସମୟରେ ଦୁଇ ଜଣ ମହିଳାଙ୍କ ବେକରୁ ସୁନାଚେନ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଆଳତୀ ସମୟରେ କେହି ଦୁର୍ବୃତ୍ତ ଅତି ଚତୁରତାର ସହ ଭିଡର ଫାଇଦା ଉଠାଇଛି। ମହିଳାଙ୍କ ବେକରୁ ସୁନାଚେନ୍ ଲୁଟି ନେଇ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି। ଚେନ୍ ଲୁଟ୍‌ର ଶୀକାର ହୋଇଥିବା ମହିଳା ଦ୍ୱୟ ହେଲେ ପୁରୁଣାବସ୍ତିର ସୁକ୍ରିତି ତିୱାରୀ(୬୭) ଏବଂ ଡବଲିଂ କଲୋନୀର ଏ. କାଲେଶ୍ୱରୀ(୪୮)। ରିପୋର୍ଟ ଲେଖାଯିବା ସୁଦ୍ଧା ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନାହିଁ।




ନୂଆଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।



ମା'ଙ୍କ ଛତର ଶୋଭାଯାତ୍ରା।

■ ସମଲେଇ ମନ୍ଦିର କମିଟି ପକ୍ଷରୁ ନୂଆଁଖାଇ ଭେଟଘାଟ୍

# ଢୋଲ, ମୃଦଙ୍ଗରେ କମ୍ପିଲା ମା'ଙ୍କ ଛତରଯାତ୍ରା

**ଲଖନପୁର,୧୦।୧୦(ଡି.ଏନ୍.ଏ.)**

ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ବନ୍ଧବାହାଲ ମା'ସମଲେଇ ମନ୍ଦିର କମିଟି ତରଫରୁ ମଙ୍ଗଳବାର ୨୭ତମ ନୂଆଁଖାଇ ଭେଟଘାଟ୍ ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମା'ଙ୍କ ଛତରଯାତ୍ରା ଗ୍ରାମର ଗୌନ୍ତିଆ ଦୈତାରୀ ସିଂହଙ୍କ ଘରୁ ସକାଳ ୧୦ଟାରୁ ବାହାରି ସାଢେ ୧୨ଟାରେ ସମଲେଇ ମନ୍ଦିରରେ ପହଞ୍ଚିଥିଲା। ପାରମ୍ପରିକ ରୀତିନୀତିରେ ପୂଜା ଅର୍ଚ୍ଚନାପରେ ଛତରଯାତ୍ରା ମନ୍ଦିରରୁ ବାହାରି ଅପରାହ୍ନ ୪ଟାରେ ମଙ୍ଗଳା ମନ୍ଦିରରେ ପହଞ୍ଚିଥିଲା। ସେଠାରେ ମା'ମଙ୍ଗଳାଙ୍କ ପୂଜା ଅର୍ଚ୍ଚନା ପରେ ଛତରଯାତ୍ରା ଢୋଲ, ମୃଦଙ୍ଗ, ମାଦଳ ବାଦ୍ୟରେ କଲୋନୀ ପରିକ୍ରମା କରି ଧନୁଯାତ୍ରା ପଡିଆରେ ସନ୍ଧ୍ୟା ସାଢେ ୬ଟା ସମୟରେ ପହଞ୍ଚିଥିଲା। ତା'ପରେ ମଣ୍ଡପରେ ମା'ଙ୍କ ପ୍ରତିମା ସ୍ଥାପନ କରାଯାଇଥିଲା। ଏହି ଶୋଭାଯାତ୍ରାରେ ଶତାଧିକ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଛତରଯାତ୍ରା ପରିକ୍ରମା କଲାବେଳେ କଲୋନୀ ମଧରେ ଶ୍ରଦ୍ଧାଳୁମାନେ ମା'ଙ୍କ ପୂଜା ଅର୍ଚ୍ଚନା କରିଥିଲେ। ଗ୍ରାମର ଗୌନ୍ତିଆ ସଞ୍ଜୟ ସିଂହ ପୂଜାରେ କର୍ତ୍ତାଭାବେ ଦାୟିତ୍ୱ ତୁଲାଇଥିଲେ। ପୂଜକ ଲଖପତି ସେଠ୍ ପୂଜାକାର୍ଯ୍ୟ ତୁଲାଇଥିଲେ। ଏହି ଅବସରରେ ନୂଆଁଖାଇ ଭେଟଘାଟ୍ କମିଟି ସଭାପତି ସାଲେ ଗ୍ରାମ ନାୟକଙ୍କ ଅଧକ୍ଷତାରେ ଏକ ସଭା ଆୟୋଜନ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ପଶ୍ଚିମ ଓଡିଶାର ସିନେକଳାକାର ଅଟଳ ବିହାରୀ ପଣ୍ଡା, ମୁଖ୍ୟବକ୍ତା ସମ୍ବଲପୁରୀ କବି ଧନପତି ମହାପାତ୍ର, ସମ୍ମାନିତ ଅତିଥି ଏମସିଏଲ୍ ପ୍ରବନ୍ଧକ ପରିଚାଳକ ଅରୁଣ କୁମାର ସ୍ୱର୍ଣ୍ଣକାର, ଜିଲାପରିଷଦ ସଭ୍ୟ ସାମଲ ନାଏକ, ମନ୍ଦିର କମିଟି ସମ୍ପାଦକ ସୁବ୍ରତ ପ୍ରଧାନ, ନୂଆଁଖାଇ କମିଟି ସମ୍ପାଦକ ଦେବାନନ୍ଦ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ମଞ୍ଚ ପରିଚାଳନା କରିଥିଲେ କୁମ୍ଭାରବନ୍ଧ କଲେଜ ଅଧାପିକା ଡ. ସଞ୍ଜୁକ୍ତା ହୋତା। ଏହି ଅବସରରେ ମୁଖ୍ୟଅତିଥି ପଣ୍ଡା କହିଥିଲେ ନୂଆଁଖାଇ ପର୍ବ ପଶ୍ଚିମ ଓଡିଶାର ସବୁଠାରୁ ବଡ ଗଣପର୍ବ। ଏହି ପର୍ବ ଭ୍ରାତୃଭାବ, ସ୍ନେହ, ଏକତା, ଐତିହ୍ୟ, କଳାସଂସ୍କୃତି ଓ ପରମ୍ପରାର ପର୍ବ। ଏହି ପର୍ବ ଆଉ ଖାଲି ପଶ୍ଚିମ ଓଡିଶାରେ ସୀମିତ ହୋଇ ନାହିଁ ଦେଶ, ବିଦେଶରେ ଏହାକୁ ପାଳନ କରାଯାଉଛି। ଏଥିରୁ ପ୍ରମାଣ ହେଉଛି ଏହି କଳା, ସଂସ୍କୃତି କେତେ ମହାନ। ନିଜର କଳା, ସଂସ୍କୃତି ଓ ଭାଷାଙ୍କୁ ଭଲପାଇବା ସାଙ୍ଗକୁ ଯୁବପିଢୀଙ୍କୁ ଏହା ସନ୍ଦେଶ ଦେବା ଆମ ସମସ୍ତଙ୍କର ଗୁରୁଦାୟିତ୍ୱ ବୋଲି ମୁଖ୍ୟବକ୍ତା ମହାପାତ୍ର ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ଉପସ୍ଥିତ ଦର୍ଶକଙ୍କ ମନୋରଞ୍ଜନ ପାଇଁ ସମ୍ବଲପୁରର ହାଏରେ ଦିଲ୍ ରେକଡ୍ ଡ୍ୟାନ୍ସ ପରିବେଷଣ କରାଯାଇଥିଲା। ଏଥିରେ ସାନ୍ତନୁ ସାହୁ ତାଙ୍କ କଳାକାର ସାଥୀମାନେ ସାମିଲଥିଲେ। ସେହିପରି ପ୍ରଦୀପ ସେନାପତି, ଘନଶ୍ୟାମ ସିଂହ, ପ୍ରଦୀପ କରାଳୀ, ପ୍ରଫୁଲ୍ଲ ରାୟ, କିଶୋର ସିଂହ, କ୍ଷୀରୋଦ ଦୁବେ, ମନରଞ୍ଜନ କଣ୍ଟା, ଅଞ୍ଜନ ପସାୟତ, ସୁଭେନ୍ଦୁ ମହାପାତ୍ର, ବିଜୟ ପତି, ଅମରେନ୍ଦ୍ର ପ୍ରଧାନ, ମନୋଜ ସାହୁ, ଭକ୍ତ ପ୍ରସାଦ ବାବୁ ପ୍ରମୁଖ କମିଟି ସଦସ୍ୟ ସହଯୋଗ କରିଥିଲେ। ମନ୍ଦିର କମିଟି ସମ୍ପାଦକ ସୁବ୍ରତ ପ୍ରଧାନ ମନ୍ଦିର ନିର୍ମାଣର୍ଥେ ସାହାଯ୍ୟ ସହଯୋଗ କାମନା କରି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଭୁଜାଲି ମାଡ଼ରେ ଯୁବକ ଗୁରୁତର

**ଲଖନପୁର,୧୦।୧୦(ଡି.ଏନ୍.ଏ.)**

ଲଖନପୁର ଥାନା ଅଧୀନ ଅଢାପଡା ରେମଣ୍ଡା ରାସ୍ତାର ସମରିକାନୀ ନିକଟରେ ବୁଧବାର ରାତି ୮ଟା ସମୟରେ ଦୁର୍ବୃତ୍ତମାନେ ଏକ ବାଇକ୍‌ରେ ଆସି ଜଣେ ଯୁବକଙ୍କୁ ଭୁଜାଲି ମାଡ କରି ଫେରାର୍ ହୋଇଯାଇଛନ୍ତି। ଗୁରୁତର ଯୁବକ ଜଣଙ୍କ ରେମଣ୍ଡା ଗ୍ରାମର ଡୋଲାମଣି ରଣା(୪୫)ବୋଲି ଜଣାପଡିଛି। ଖବରପାଇ ଲଖନପୁର ଥାନା ପାଟ୍ରୋଲିଂ ଗାଡି ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ବେଲପାହାଡ ଟିଆର୍ଏଲ୍ ହସ୍ପିଟାଲ୍‌ରେ ଚିକିତ୍ସା ପାଇଁ ଭର୍ତ୍ତି କରିଛି। ଏବେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଘଟଣା ଘଟାଇ ଦୁର୍ବୃତ୍ତମାନେ ଫେରାର୍ ହୋଇଯାଇଛନ୍ତି। ପୋଲିସ୍ ଏ ନେଇ ତନାଘନା ଚଳାଇଛି। କିନ୍ତୁ ଫେରାର୍ ଅଭିଯୁକ୍ତମାନଙ୍କ ସନ୍ଧାନ ମିଳିପାରି ନାହିଁ। ଆହତ ଯୁବକ ରଣା ଜଣେ ରାଜମିସ୍ତ୍ରୀଭାବେ କାମ କରନ୍ତି। ବୁଧବାର ବନ୍ଧବାହାଲ ଅଞ୍ଚଳରେ ରାଜମିସ୍ତ୍ରୀ କାମ ସାରି ସନ୍ଧ୍ୟାରେ ସାଇକେଲ୍ ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ଏକ ବାଇକ୍‌ରେ ୩ଜଣ ଯୁବକ ରଣାଙ୍କୁ ଅଟକାଇ ଏକ ମାରଣାସ୍ତ୍ରରେ ମୁଣ୍ଡକୁ ଆକ୍ରମଣ କରି ତାଙ୍କ ନିକଟରୁ ଟଙ୍କା ଛଡାଇ ନେଇ ଫେରାର୍ ହୋଇଯାଇଥିଲେ। ରଣା ଗୁରୁତର ଆହତ ଅବସ୍ଥାରେ ବହୁକଷ୍ଟରେ ନିଜେ ସାଇକେଲ୍ ଚଲାଇ ରେମଣ୍ଡା ସ୍କୁଲପଡାରେ ପହଞ୍ଚି ଘଟଣା ସମ୍ପର୍କରେ ଲୋକଙ୍କୁ କହିଥିଲେ। ତାପରେ ସେଠାରେ ସେ ତଳେ ପଡିଯାଇଥିଲେ। ଗ୍ରାମବାସୀ ଘଟଣା ସମ୍ପର୍କରେ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ଆହତଙ୍କୁ ଚିକିତ୍ସା ପାଇଁ ନେଇଛି। ରଣାଙ୍କ ମୁଣ୍ଡପଛ ପାଖରେ ଗୁରୁତର ଆଘାତ ଲାଗିଛି।

# ୧୧ରୁ ସିଆଇଏସ୍‌ସିଇ ଜାତୀୟ ଥ୍ରୋବଲ୍ ପ୍ରତିଯୋଗିତା: ପଞ୍ଜାବ ଗଲେ ୧୯ଛାତ୍ରୀ

**ବେଲପାହାଡ଼,୧୦।୧୦(ଡି.ଏନ୍.ଏ.)**

ଆସନ୍ତା ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ପଞ୍ଜାବର ଲୁଧିଆନାଠାରେ ଭାରତୀୟ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ପରିଷଦ(ସିଆଇଏସ୍‌ସିଇ) ପକ୍ଷରୁ କାତୀୟ ଥ୍ରୋବଲ୍ ଚାମ୍ପିୟନଶିପ ଅନୁଷ୍ଠିତ ହେବ। ଏଥିରେ ଯୋଗ ଦେବା ପାଇଁ ଝାରସୁଗୁଡ଼ା ଜିଲା ବେଲପାହାଡ଼ସ୍ଥିତ ଇଂଲିଶ ମାଧମ ବିଦ୍ୟାଳୟର ୧୯ଜଣ ଛାତ୍ରୀ ଗତ ସୋମବାର ପଞ୍ଜାବ ଅଭିମୁଖେ ଯାତ୍ରା କରିଛନ୍ତି। ଏହି ଛାତ୍ରୀମାନେ ହେଲେ କୋମଲ ମହାପାତ୍ର, ଦୁତିକା ଭୋଇ, ଅଙ୍କିତା ବାର୍ଲା, ସିମରନ ସିଂ, ଅପରାଜିତା ଶୁକ୍ଲା, ପାୟଲ ଅଗ୍ରୱାଲ, ମୁସ୍କାନ ମହାକୁଡ଼, ମେଧା ଜୟସ୍ୱାଲ, ଲଭଲି କୁମାରୀ, ତନ୍ମୟୀ ନାୟକ, ଗଜାଲା ପରବିନ, ଇଶିକା ମୁଖାର୍ଜୀ, ଅଞ୍ଜଳି ମହାରାଜ, ଅଭିନୀତ କୌର, ଯୁକ୍ତା ମହାକୁଡ଼, ସୁରଭି ପଟ୍ଟନାୟକ, ଅଙ୍କିତା ସାହୁ, ଲିଶା ପଣ୍ଡା ଓ ନିତୁ କୁମାରୀ। ଏହି ଛାତ୍ରୀମାନଙ୍କ ସହିତ ବେଲପାହାଡ଼ର ଅନ୍ୟତମ ଶିକ୍ଷାନୁଷ୍ଠାନ ବିବେକାନନ୍ଦ ଇଣ୍ଟରନ୍ୟାଶନାଲ ବିଦ୍ୟାଳୟରୁ ଶ୍ରଦ୍ଧା ତିୱାରୀ ଓ ରାୟଗଡ଼ା କାରମେଲ ବିଦ୍ୟାଳୟରୁ ସଂସ୍କୃତି ଖାଲକୋ ପ୍ରତିଯୋଗିତାରେ ଭାଗ ନେବା ପାଇଁ ପଞ୍ଜାବ ଯାଇଛନ୍ତି। ଖେଳ ଶିକ୍ଷକ ହମିଦ ମହାପାତ୍ର ଓଡ଼ିଶା-ଛତିଶଗଡ଼ ରିଜନ ଦଳର କୋଚ୍ ଭାବରେ ଛାତ୍ରୀମାନଙ୍କ ସହିତ ପଞ୍ଜାବ ଯାଇଛନ୍ତି।



ଜାତୀୟ ସିଆଇଏସସିଇ ଥ୍ରୋବଲ୍ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଚୟନ ହୋଇଥିବା ଛାତ୍ରୀ।

# ୬ ଘଣ୍ଟା ଅଘୋଷିତ ବିଦ୍ୟୁତ୍ କାଟ

**ଝାରସୁଗୁଡା ଅଫିସ,୧୦।୧୦-**ବିଦ୍ୟୁତ ବିଭାଗର ଅପାରଗତା ପାଇଁ ଲୋକ ହନ୍ତସନ୍ତ। ଦୁଇ ଦିନ ପୂର୍ବରୁ ମରାମତି କରାଯିବାକୁ କହି ୮ଘଣ୍ଟା ବିଦ୍ୟୁତ କାଟ ହୋଇଥିଲା। ଏଥର ଲୋକ ନିରବଚ୍ଛିନ୍ନ ବିଦ୍ୟୁତ ସେବା ପାଇବେ ବୋଲି ଆଶା କରୁଥିଲେ। କିନ୍ତୁ ବୁଧବାର ପୁଣି ଥରେ ଅଘୋଷିତ ଭାବେ ୬ଘଣ୍ଟା ବିଦ୍ୟୁତ କାଟ ହୋଇଛି। ଅଘୋଷିତ ଏବଂ ଅକାରଣରେ ଘନ ଘନ ବିଦ୍ୟୁତ କାଟ ୱେସ୍କୋ ଅଧିକାରୀଙ୍କ ପାରିବାପଣିଆ ପ୍ରତି ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସହରାଞ୍ଚଳରେ ଦିନକୁ ଅନ୍ୟୁନ ୫ଥର ବିଦ୍ୟୁତ କାଟ ହେଉଥିବା ବେଳେ ଗ୍ରାମାଞ୍ଚଳ କଥା ନ କହିବା ଭଲ। ସେଠାରେ ଲୋକ ଦୁଇ ଘଣ୍ଟା ମଧ ନିରବଚ୍ଛିନ୍ନ ବିଦ୍ୟୁତ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। କେବଳ ଏହି କାରଣରୁ ଅନେକ ଥର ୱେସ୍କୋର ଅଫିସ ଘେରାଉ ଏବଂ ଅଫିସରେ ତାଲା ଦେବା ଭଳି ପରିସ୍ଥିତି ସୃଷ୍ଟି ହୋଇ ସାରିଛି। ତଥାପି ୱେସ୍କୋ ଅଧିକାରୀ ନିଜ ମନୋଭାବରେ ପରିବର୍ତ୍ତନ କରୁ ନାହାନ୍ତି। ନିଜ ଅବହେଳା ଏବଂ ଅପାରଗତାକୁ ଲୁଚାଇବାକୁ ଯାଇ କେତେବେଳେ କହୁଛନ୍ତି ବିଦ୍ୟୁତ ଉତ୍ପାଦନ କମ୍ ହେଉଛି ତ ଆଉ କେତେବେଳ ଗ୍ରୀଡରେ ସମସ୍ୟା ରହିଛି। ଏପରିକି ଅଧିକାଂଶ ସମୟରେ ବିଦ୍ୟୁତ କାଟ ପାଇଁ ଉପରୁ ନିର୍ଦ୍ଦେଶ ଆସିଥିବା ମଧ କହୁଛନ୍ତି। ଠିକ ସମୟରେ ଟାନ୍ସଫର୍ମର ମରାମତି କରାଯାଉନି, ବିଦ୍ୟୁତ ତାର ଉପରେ ଗଛ ଡାଳ ଲାଗି ରହିଥିବା ସ୍ଥାନରେ ଡାଳ କଟାଯାଉନି, ଯାହାର ପରିଣାମ ସ୍ୱରୂପ ଅକାରଣରେ ବିଦ୍ୟୁତ ବିଭ୍ରାଟ ଦେଖାଦେଉଛି। ବିଦ୍ୟୁତ କାଟ୍ ସମସ୍ୟାରେ ବେହେରାମାଲ, କକ୍ସକଲୋନୀ, କିଶାନଛକ, ବିଜୁନଗର ଅଞ୍ଚଳ ଲୋକ କେବଳ ହଇରାଣ ହେବା ସାର ହେଉଛି। ଏହାକୁ ନେଇ ସ୍ଥାନୀୟ ବାସିନ୍ଦା ରାଜ କୁମାର ଶର୍ମା ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପୂଜା ସମୟରେ ଦୈନିକ ୨ଘଣ୍ଟା ବିଦ୍ୟୁତ କାଟ ପାଇଁ ନିର୍ଦ୍ଦେଶ ଆସିଛି। ସେଥିପାଇଁ ମଙ୍ଗଳବାରଠାରୁ ୱେସ୍କୋର ଅଧିକାରୀ ବିଦ୍ୟୁତ କାଟ୍ ଆରମ୍ଭ କରିଦେଇଛନ୍ତି। ହେଲେ ପୂଜା ବଜାର ଚଳଚଞ୍ଚଳ ସମୟରେ ବିଦ୍ୟୁତ କାଟକୁ ବିଭିନ୍ନ ପୂଜା ମଣ୍ଡପ ବିରୋଧ କରିଛନ୍ତି। ସରବାହାଲ ପୂଜା ମଣ୍ଡପ କର୍ମକର୍ତ୍ତା ପିଣ୍ଟୁ ପାଢୀ ବିଦ୍ୟୁତ କାଟକୁ ନେଇ ନିଜର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସ୍ଥାନୀୟ ଲୋକ ୱେସ୍କୋର ଅପାରଗତାକୁ କଠୋର ଶବ୍ଦରେ ନିନ୍ଦା କରିଛନ୍ତି। ଏହାକୁ ନେଇ ଜନ ଅସନ୍ତୋଷ ଦେଖାଦେଲାଣି। କୌଣସି ମୁହୂର୍ତ୍ତରେ ୱେସ୍କୋ କର୍ତ୍ତୃପକ୍ଷ ଲୋକଙ୍କ ଆକ୍ରୋଶର ଶୀକାର ହୋଇପାରନ୍ତି। ବିଦ୍ୟୁତ ସମସ୍ୟା ଏବଂ ବିଦ୍ୟୁତ କାଟ୍ ସମ୍ପର୍କରେ ଜାଣିବା ଲାଗି ବିଭାଗୀୟ ଅଧିକାରୀଙ୍କୁ ଫୋନ୍ କରାଯାଇଥିଲା। ହେଲେ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ। ବିଭାଗୀୟ ଜଣେ କର୍ମଚାରୀଙ୍କ କହିବା ମୁତାବକ ଟ୍ରାନ୍ସଫର୍ମର ପରିବର୍ତ୍ତନ ପାଇଁ ବିଦ୍ୟୁତ କଟାଯାଇଥିଲା। କିନ୍ତୁ ଦୁଇ ଦିନ ଆଗରୁ ୮ଘଣ୍ଟା ବିଦ୍ୟୁତ କାଟ କରି ୱେସ୍କୋ କଣ କରୁଥିଲା ବୋଲି ଲୋକ ପ୍ରଶ୍ନ କରିଛନ୍ତି।

# ପାଇପ ଜଳ କର୍ମଚାରୀ ସଂଘର ଧାରଣା

**ଝାରସୁଗୁଡା ଅଫିସ,୧୦।୧୦**

ବିଭିନ୍ନ ଦାବି ନେଇ ପଶ୍ଚିମ ଓଡ଼ିଶା ପାଇପ ଜଳ କର୍ମଚାରୀ ସଂଘ ବୁଧବାର ଜନସ୍ୱାସ୍ଥ୍ୟ ଯାନ୍ତ୍ରୀକ ବିଭାଗ(ପିଏଚ୍ଇଡି)କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଦୈନନ୍ଦିନ କାମ କରୁଥିବା କର୍ମଚାରୀଙ୍କ ମଜୁରି ୨୦୦ଟଙ୍କାକୁ ବୃଦ୍ଧି କରିବା, ସପ୍ତମ ବେତନ କମିଶନ ଅନୁସାରେ କର୍ମଚାରୀଙ୍କୁ ୪୦%ଏରିଅର ପ୍ରଦାନ କରିବା, କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ଜମା ସଂକ୍ରାନ୍ତୀୟ ପ୍ରମାଣପତ୍ର ଦେବା, କର୍ମଚାରୀଙ୍କୁ ସୁରକ୍ଷା ଉପକରଣ ଭଳି ବିଭିନ୍ନ ଦଫା ଦାବି ଉପସ୍ଥାପନ କରି ଧାରଣା ଦେଇଥିଲେ। ସଂଘର ଗୌରାଙ୍ଗ ପ୍ରସାଦ ସ୍ୱାଇଁ, ଡି.କେ ବାଗ୍, ଆର.ବି.ପି ରାଓ, ଟିକନ ବେହେରା ପ୍ରମୁଖ ସମେତ ଅନ୍ୟମାନେ ଧାରଣା ଦେଇଥିଲେ। ଅପରାହ୍ନରେ ନିର୍ବାହୀ ଯନ୍ତ୍ରୀ କ୍ଷମାଶୀଳ ପଟେଲ ଧାରଣାରତ କର୍ମଚାରୀଙ୍କ ସହ ଆଲୋଚନା କରି ସମାଧାନର ପ୍ରତିଶ୍ରୁତି ଦେଇଥିଲେ।



କର୍ମଚାରୀ ଧାରଣାରେ ବସିଛନ୍ତି।

# ସରବାହାଲରେ ଝଲସିବ କୃଷ୍ଣ ସାରଥି ରଥ ତୋରଣ

**ଝାରସୁଗୁଡା ଅଫିସ,୧୦।୧୦**

ମା'ଙ୍କ ଆଗମନକୁ ନେଇ ଝାରସୁଗୁଡା ସହର ଉତ୍ସବମୁଖର ହୋଇପଡିଛି। ପୂଜାକୁ ନିରାଡମ୍ବର, ଆକର୍ଷଣୀୟ ଏବଂ ଶୃଙ୍ଖଳିତ କରିବା ପାଇଁ ପୂଜା କମିଟି ଗୁଡିକ ତତ୍ପର ହୋଇପଡ଼ିଛନ୍ତି। ତୋରଣ, ପେଣ୍ଡାଲ, ମା'ଙ୍କ ପ୍ରତିମା, ସାଜସଜ୍ଜା, ସୁରକ୍ଷା ବ୍ୟବସ୍ଥା, ପ୍ରତିଶେଧକ ବ୍ୟବସ୍ଥାର ଆୟୋଜନ ଜୋରସୋର ଚାଲିଛି। ମୁଖ୍ୟ ପୂଜା ପାଇଁ ହାତରେ ଆଉ ଗୋଟିଏ ସପ୍ତାହ ବି ନାହିଁ। ତେଣୁ କମ୍ ସମୟରେ ଲୋକଙ୍କୁ କିପରି ଆକର୍ଷଣୀୟ ମେଢ ଏବଂ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଉପହାର ଦିଆଯାଇପାରିବ ସେ ନେଇ ପୂଜା କମିଟି ଗୁଡିକ ମଧରେ ପ୍ରତିଯୋଗିତା ଲାଗି ରହିଛି। ଏହି ଦୌଡରେ ସାମିଲ ହୋଇ ଝାରସୁଗୁଡା ସରବାହାଲର ଓମ୍ ଶ୍ରୀ ପୂଜା କମିଟି ନିଜକୁ ସବୁ ଦିଗରୁ ପ୍ରସ୍ତୁତ କରୁଛି। ଚଳିତ ବର୍ଷ ୪୩ବର୍ଷରେ ପଦାର୍ପଣ କରିଥିବା ଏହି ପୂଜା କମିଟି ଲୋକଙ୍କୁ ସାରଥୀ ଭାବେ କୃଷ୍ଣ ରଥାରୁଢ ଦୃଶ୍ୟକୁ ମେଢରେ ପ୍ରତିଫଳିତ କରାଯାଉଛି। ଆକର୍ଷଣୀୟ ତୋରଣ ସାଙ୍ଗକୁ ସୁସଜ୍ଜିତ ଆଲୋକମାଳାରେ ଝଲସିବ ସରବାହାଲ ଅଞ୍ଚଳ। ଏଥି ସହିତ ଲୋକଙ୍କୁ ଆକର୍ଷିତ କରିବା ପାଇଁ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମର ବନ୍ଦୋବସ୍ତ ମଧ କରାଯାଇଛି। କଲିକତା କାରିଗରଙ୍କ ଦ୍ୱାରା ୬୦ଫୁଟ ସୁଉଚ୍ଚ ମେଢ, ୪୦ରୁ ଅଧିକ କର୍ମଚାରୀଙ୍କ ଅକ୍ଳାନ୍ତ ଉଦ୍ୟମରେ ଚତୁଃପାର୍ଶ୍ୱ ସାଜସଜ୍ଜା, କଟକ ବାଣ କାରିଗର ଦ୍ୱାରା ୭୦ଫୁଟର ରାବଣ ପ୍ରତିମା ଲୋକଙ୍କୁ ଆକର୍ଷିତ କରିବ ବୋଲି ପୂଜା କମିଟି କହିଛି।



ସରବାହାଲରେ ନିର୍ମାଣ ମେଢ।

ସପ୍ତମୀଠାରୁ ଦଶମୀ ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଲାଗି ରହିବ। କୃଷ୍ଣଗୁରୁ, ନୃତ୍ୟ ଏବଂ ସଙ୍ଗୀତ, ରାଜ୍ୟ ବାହାରର ଅର୍କେଷ୍ଟ୍ରା ଲୋକଙ୍କୁ ଆକର୍ଷିତ କରିବ। ଟ୍ରାଫିକ ନିୟନ୍ତ୍ରଣ ଏବଂ ଶୃଙ୍ଖଳିତ ଭାବେ ଭକ୍ତଙ୍କ ଦର୍ଶନକୁ ବ୍ୟବସ୍ଥିତ କରିବାକୁ ପୋଲିସ ଏବଂ ସାମାଜିକକର୍ମୀ ନିୟୋଜିତ ରହିବେ। ଏଥି ସହିତ ରାବଣପୋଡି ଏ ବର୍ଷ ପୂଜାର ମୁଖ୍ୟ ଆକର୍ଷଣ ହେବ। ଚଳିତ ବର୍ଷ ମା'ଙ୍କ ପୂଜା ଏବଂ ଅନ୍ୟାନ୍ୟ ଆୟୋଜନ ପାଇଁ କମିଟି ପକ୍ଷରୁ ପ୍ରାୟ ୩୦ଲକ୍ଷ ଟଙ୍କାର ବ୍ୟୟ ଅଟକଳ ରଖାଯାଇଛି।

### ଓମ୍ ଶ୍ରୀ ପୂଜା କମିଟି କର୍ମକର୍ତ୍ତାଙ୍କ ମୁହଁରୁ..

"ଏ ବର୍ଷ ପୂଜା ଜାକଜମକରେ ପାଳନ ହେବ। ଦର୍ଶକଙ୍କ ରୁଚିକୁ ସର୍ବଦା ପ୍ରାଧାନ୍ୟ ଦିଆଯାଉଛି। ସେଥିପାଇଁ ପ୍ରତିବର୍ଷ ନୂଆଁ ନୂଆଁ ତୋରଣ ନିର୍ମାଣ କରାଯାଉଛି। ସେହିପରି ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ ଏବଂ ଆଧୁନିକ କାର୍ଯ୍ୟକ୍ରମର ବନ୍ଦୋବସ୍ତ କରାଯାଇଛି। - **ରାଜୁ ପାଣିଗ୍ରାହୀ,ସଭାପତି, ପୂଜା କମିଟି**



"ସରବାହାଲ ପୂଜା ଏ ବର୍ଷ ୪୩ବର୍ଷରେ ପଦାର୍ପଣ କରୁଛି। ଏହା ଝାରସୁଗୁଡାର ପ୍ରମୁଖ ମେଢ ଭାବେ ପ୍ରସିଦ୍ଧି ମଧ ଲାଭ କରିଛି। ମେଢ ଦେଖିବାକୁ ପ୍ରତିଦିନ ହଜାର ହଜାର ଲୋକ ଆସିଥାନ୍ତି। ଦର୍ଶନ କରିବା ସମୟରେ ଲୋକଙ୍କୁ ଯେପରି ଅସୁବିଧା ନ ହୁଏ ସେଥିପ୍ରତି କମିଟି ସଜାଗ ରହିବ।

- **ରଘୁନନ୍ଦନ ପାଢୀ, କର୍ତ୍ତା, ପୂଜା କମିଟି**



